
# ଉତ୍କଳ ପ୍ରସଙ୍ଗ

ମାର୍ଚ୍ଚ. ୧୯୯୭





VOL. LIII, No. 7 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ଜନ୍ମ ସ୍ଥାନରୁ ଜୟହିନ୍ଦ୍ ଜ୍ୟୋତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ସାଂସଦ ଶ୍ରୀ ଅଶିର୍ କୁମାର ପାଂଡାଙ୍କୁ ନେତାଜୀଙ୍କ କର୍ମପୀଠ ଦିଲ୍ଲୀକୁ ନେବା ଉଦ୍ଦେଶ୍ୟରେ ଅର୍ପଣ କରୁଛନ୍ତି ।



ଭୁବନେଶ୍ୱର ରସୁଲଗଡ଼ ଛକଠାରେ ସ୍ଥାପନ କରାଯାଇ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି



ରାଜ୍ୟ ସୂଚନା ଭବନଠାରେ ଯାତିୟର ପରିସ୍ଥଳନା ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ 'ଜନଭେଣ୍ଟ-୯୭' ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି । ତା ୧୩.୨.୯୭.



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନ ଗୃହର ଶିଳାନ୍ୟାସ କରିଛନ୍ତି । ତା ୫.୨.୯୭.

# ଉତ୍କଳ ପ୍ରସଙ୍ଗ

୫୩ ଭାଗ ୮ମ ସଂଖ୍ୟା ଫାଲଗୁନ-ଚୈତ୍ର ୧୯୧୮ ଶକାବ୍ଦ ମାର୍ଚ୍ଚ ୧୯୯୭

**ଶ୍ରୀ ରାମ୍ ବେହେରା**

କମିଶନର ତଥା ଶାସନ ସଚିବ

**ଶ୍ରୀ ଶଶଧର ପାଣିଗ୍ରାହୀ**

ନିର୍ଦ୍ଦେଶକ

ସୂଚନା ଓ ଲୋକ ସମ୍ପର୍କ ବିଭାଗ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୁଳିଆ**

କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**

ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

**ଶ୍ରୀ ମାନସ ନାୟକ**

**ଡ଼ିଟିପି ଓ ଡ଼ିଜାଇନ୍**

**ସୂଚନା ଓ ଲୋକ ସମ୍ପର୍କ ବିଭାଗ**

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ: ଟ ୨.୦୦


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ **"ଉତ୍କଳ ପ୍ରସଙ୍ଗ"**ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ି ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।
**"ଉତ୍କଳ ପ୍ରସଙ୍ଗ"** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ବି ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ**

# ସୂଚୀ


ବିଧାନସଭା ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ..............................
ସମୃଦ୍ଧ ଓଡ଼ିଶା ଗଠନ ଆମର ସ୍ୱପ୍ନ ଓ ସଂକଳ୍ପ .............................. ୧
ଅର୍ଥମନ୍ତ୍ରୀଙ୍କ ବଜେଟ ଅଭିଭାଷଣ .............................. ୭
ବିଦେଶୀ ପୁଞ୍ଜି ନିବେଶରେ ଓଡ଼ିଶାରେ ଶିଳ୍ପର ବିପୁଳ ବିକାଶ .............................. ୧୧
ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାୟକ — ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .............................. ୧୯
ଜଳ ସମ୍ପଦ ବିଭାଗର କାର୍ଯ୍ୟାବଳୀ — ଡ଼ଃ. ବୃନ୍ଦାବନ ଚନ୍ଦ୍ର ପାଢ଼ୀ .............................. ୨୭
ନିର୍ମାଣ ବିଭାଗର ଅଗ୍ରଗତି .............................. ୩୧
ଆଦିବାସୀ ଉନ୍ନୟନରେ ଜଙ୍ଗଲ ପରିଚାଳନା .............................. ୩୫
ଓଡ଼ିଶାର ଜନଜାତି ଜନସଂଖ୍ୟା ତଥ୍ୟାଲୋଚନା — ଶ୍ରୀ ଜାନକୀ ବଲ୍ଲଭ ଦାଶ .............................. ୪୦
ଗ୍ରାମାଞ୍ଚଳ ବିକାଶରେ ପଞ୍ଚାୟତିରାଜ — ଶ୍ରୀ ଶରତ ଚନ୍ଦ୍ର ମହାନ୍ତି .............................. ୪୨
କୃଷି ଉନ୍ନୟନ କାର୍ଯ୍ୟକ୍ରମ .............................. ୪୩
ନଗର ଉନ୍ନୟନ ଯୋଜନା .............................. ୪୫
ସମ୍ବାଦ ପରିକ୍ରମା .............................. ୪୮
ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସଫଳତା .............................. ୫୧
ରାଜସ୍ୱ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ .............................. ୫୫
ସମବାୟର ପ୍ରଗତି .............................. ୫୭
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ .............................. ୬୩
ତୁଳ ବର୍ଗର କଲ୍ୟାଣ କାର୍ଯ୍ୟକ୍ରମ .............................. ୬୫
ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ .............................. ୬୮
ଓଡ଼ିଶାରେ ଇସ୍ପାତ କାରଖାନା ନିର୍ମାଣରେ ଅଗ୍ରଗତି .............................. ୬୯
ପରିବହନ କ୍ଷେତ୍ରରେ ପ୍ରଗତି .............................. ୭୦
ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟାବଳୀ .............................. ୭୨
.............................. ୭୩

# ଓଡ଼ିଶା ବିଧାନସଭା ଅଧିବେଶନରେ ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍‌ଙ୍କ ଅଭିଭାଷଣ



**ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,**

ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନ୍‌ସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇଥିବାରୁ ଅତୀବ ଆନନ୍ଦିତ ।

୨। ପ୍ରାରମ୍ଭରେ, ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ନୀଲମ୍ ସଞ୍ଜୀବ ରେଡ୍ଡି ଏବଂ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଯଜ୍ଞଦତ୍ତ ଶର୍ମାଙ୍କ ବିୟୋଗରେ ଆମର ଗଭୀର ଦୁଃଖ ଲିପିବଦ୍ଧ କରୁଛି । ମୁଁ ଏ ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତ ସନ୍ନ୍ୟାସୀ ପିଡିକାକା, ସ୍ୱର୍ଗତ କାନ୍‌ଗୋଇ ସିଂହ, ସ୍ୱର୍ଗତ ସକିଲା ସୋରେନ୍, ସ୍ୱର୍ଗତ ଅରୁଣ କୁମାର ପଟ୍ଟନାୟକ, ସ୍ୱର୍ଗତ ପ୍ରମୋଦ ଭଞ୍ଜଦେଓ ଏବଂ ସ୍ୱର୍ଗତ ସଚ୍ଚିଦାନନ୍ଦ ପାଢ଼ୀଙ୍କ ଦୁଃଖଦ ତିରୋଧାନରେ ଆମର ଶୋକକୁ ମଧ୍ୟ ଲିପିବଦ୍ଧ କରୁଛି । ଚଳିତ ବିଧାନ ସଭାରେ ଏ ଗୃହର ସଦସ୍ୟ ଥିବା ସ୍ୱର୍ଗତ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ବିୟୋଗ ମୁଁ ଦୁଃଖର ସହିତ ଉଲ୍ଲେଖ କରୁଛି । ଏହି ପ୍ରମୁଖ ବ୍ୟକ୍ତିମାନଙ୍କୁ ଏହି ଗୃହ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଆମ ଦେଶ ତଥା ଓଡ଼ିଶା ରାଜ୍ୟ ପ୍ରତି ସେମାନଙ୍କର ବିଶିଷ୍ଟ ସେବା ନିମନ୍ତେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ଗୃହ ମଧ୍ୟ ସେମାନଙ୍କର ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ।

୩। ମୋ ସରକାର ରାଜ୍ୟର ବିପୁଳ ପ୍ରାକୃତିକ ବିଭବର ତଥା କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଏହାର ପର୍ଯ୍ୟାପ୍ତ ଅଭିବୃଦ୍ଧି ଶକ୍ତିର ସଦୁପଯୋଗ କରି ରାଜ୍ୟର ସର୍ବାଙ୍ଗୀନ ବିକାଶ ଘଟାଇବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ବର୍ତ୍ତମାନର ରାଜନୈତିକ ସ୍ଥିରତା ଏବଂ ନୀତି ତଥା କାର୍ଯ୍ୟକ୍ରମଗୁଡ଼ିକର ଅନୁବର୍ତ୍ତୀକ୍ରମତା ରାଜ୍ୟର ପ୍ରଶାସନର ଏକ ଉଲ୍ଲେଖନୀୟ ଦିଗ ହୋଇ ରହିଛି । ବିରୋଧୀ ଦଳର ଗଠନମୂଳକ ସହଯୋଗରେ ରାଜ୍ୟକୁ ସୁଦୃଢ଼ ତଥା ଗତିଶୀଳ ରୂପେ ଏକବିଂଶ ଶତାବ୍ଦୀରେ ପ୍ରବେଶ କରାଇବା ପାଇଁ ସରକାରଙ୍କର ବିଶ୍ୱାସ ରହିଛି । ଆବଶ୍ୟକ ସ୍ଥଳେ, ସମୁଚିତ ନୀତି ନିର୍ଦ୍ଧାରଣ ତଥା ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି । ସେଗୁଡ଼ିକ ମଧ୍ୟରେ ଉଲ୍ଲେଖନୀୟ ହେଉଛି, ଶକ୍ତି କ୍ଷେତ୍ରରେ ସଂସ୍କାର ଓ ଏକ ଅଭିନବ ରାଜ୍ୟ କୃଷି ନୀତି । ଆମର ଆଶା ଓ ବିଶ୍ୱାସ, ଏ ସମସ୍ତ ପ୍ରଚେଷ୍ଟା ରାଜ୍ୟର ବିକାଶ ତଥା ଅଭିବୃଦ୍ଧି ପ୍ରକ୍ରିୟାକୁ ଅବ୍ୟାହତ ରଖିବା ପାଇଁ ସୁଦୃଢ଼ ଭିତ୍ତି ପ୍ରଦାନ କରିଛି ।

୪ । ରାଜ୍ୟରେ ଅନିୟମିତ ମୌସୁମୀ ପ୍ରବାହ ଯୋଗୁଁ ଜନସାଧାରଣଙ୍କର ମୁଖ୍ୟ ଅର୍ଥନୈତିକ କାର୍ଯ୍ୟକ୍ରମ ଯଥା : କୃଷି ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା । ଏହା ଫଳରେ, ରାଜ୍ୟରେ ଅଭୂତପୂର୍ବ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇ ଏହାର କରାଳଛାୟା ବିସ୍ତାର କରିବାକୁ ଲାଗିଲା । ସମୁଦାୟ ପାଞ୍ଚ ଭାଗ ଗ୍ରାମ-ପଞ୍ଚାୟତଗୁଡ଼ିକ ମଧ୍ୟରୁ ଚାରି ଭାଗ ଗ୍ରାମ ପଞ୍ଚାୟତର ଖରିଫ୍ ଫସଲ କ୍ଷତିଗ୍ରସ୍ତ ହେଲା । ଏହା ଏକ ଅଭୂତପୂର୍ବ ଧରଣର ଜାତୀୟ ବିପତ୍ତି ଏବଂ ସାହାଯ୍ୟ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଉଭୟ ସ୍ୱଳ୍ପ ମିଆଦ ଓ ଦୀର୍ଘ ମିଆଦ ଭିତ୍ତିରେ ପର୍ଯ୍ୟାପ୍ତ କେନ୍ଦ୍ରୀୟ ସାହାଯ୍ୟ ପାଇବାକୁ ହକ୍‌ଦାର । ପ୍ରଧାନମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଓ ଏକ କେନ୍ଦ୍ରୀୟ ଦଳ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରିଥିଲେ । ଯାହାହେଉ, ୫୭୭.୭୦ କୋଟି ଟଙ୍କା ପାଇଁ ରାଜ୍ୟର ଦାବୀ ଥିବା ସ୍ଥଳେ ଏଯାବତ୍ କେନ୍ଦ୍ର ସରକାରଙ୍କଠାରୁ ମାତ୍ର ୧୩ କୋଟି ଟଙ୍କା ମିଳିଛି । ସରକାର ଆଶାବାଦୀ ଯେ ଓଡ଼ିଶାର ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ବିମୋଚନ କରିବାପାଇଁ କେନ୍ଦ୍ର ସରକାର ଆମକୁ ସାହାଯ୍ୟ ଯୋଗାଇ ଦେବେ । ସରକାର ରାଜ୍ୟର ବିପତ୍ତି ପାଣ୍ଠିରେ ଥିବା ଅର୍ଥ ସମେତ ପାଖରେ ଥିବା ସୀମିତ ସମ୍ବଳ ସାହାଯ୍ୟରେ ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରଗାଢ଼ ଉଦ୍ୟମ ଚଳାଇଚନ୍ତି । ଖରିଫ ଫସଲର କ୍ଷତିକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ଭାବେ ଅଧିକ ରବି ଫସଲ କରିବାକୁ ପଦକ୍ଷେପ ନିଆଯାଇଛି । ପାନୀୟ ଜଳର ବ୍ୟବସ୍ଥା, ଭୂମିହୀନ ଓ ବେକାରଙ୍କ ପାଇଁ କାମ, ବୃଦ୍ଧ ଓ ଅକ୍ଷମଙ୍କ ପାଇଁ ମାଗଣା ଖାଉଟୀ କାର୍ଡ, ମରୁଡ଼ିଜନିତ ରୋଗଗୁଡ଼ିକରୁ ମନୁଷ୍ୟ ଓ ଗାଈ ଗୋରୁଙ୍କ ସୁରକ୍ଷା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସାହାଯ୍ୟ ବ୍ୟବସ୍ଥାକୁ ଗଭୀର ଭାବେ ସମୀକ୍ଷା ତଥା ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୋଟିଏ ଏବଂ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଉ ଗୋଟିଏ, ଏହିପରି ଦୁଇଟି ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ।





୫ । ଜଳସେଚନର ସାମର୍ଥ୍ୟ ବୃଦ୍ଧି କରି ଏବଂ ଇସ୍ରାଏଲର ବୈଷୟିକ କୌଶଳ ଦ୍ୱାରାରେ ବୈଜ୍ଞାନିକ ପଦ୍ଧତିରେ ଜଳ ଓ ମୃତ୍ତିକା ସଂରକ୍ଷଣକୁ ସଂଗଠିତ କରି କୃଷି ଉତ୍ପାଦନ ବଢ଼ାଇବା ଦିଗରେ ପଦକ୍ଷେପ ନେବା ଦ୍ୱାରା ଭବିଷ୍ୟତରେ ଓଡ଼ିଶାକୁ ମରୁଡ଼ିମୁକ୍ତ କରିବାକୁ ମୋ ସରକାର ସଂକଳ୍ପବଦ୍ଧ । ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଏବଂ ପୂର୍ବରୁ ସୃଷ୍ଟି କରାଯାଇଥିବା ସାମର୍ଥ୍ୟର ଏକୀକରଣ ପାଇଁ ଆନ୍ତର୍ଜାତିକ ପାଣି ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ସହାୟତା ମିଳିଛି । ଏହା ସରକାରଙ୍କର ଏକ ନୂଆ ଧରଣର କାର୍ଯ୍ୟ । ପ୍ରାୟ ୪୨ ହଜାର ହେକ୍ଟର ଚାଷ ଜମିକୁ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଅନୁଯାୟୀ ଚଳିତ ବର୍ଷ ନୂତନ ଭାବେ ଜଳସେଚନ ସୁବିଧାର ଅନ୍ତର୍ଭୁକ୍ତ କରାଯାଇଛି । ଆସନ୍ତା ବର୍ଷ ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ରହିଛି । ଉଠା ଜଳସେଚନ, ବିଶେଷତଃ ଚଳିତ ମରୁଡ଼ି ଭଳି ବିପତ୍ତିଜନକ ପରିସ୍ଥିତିରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଏହି ସୁବିଧା ନାବାର୍ଡର ଗ୍ରାମାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ମିଳିଥିବା ଆର୍ଥିକ ସହାୟତା ଯୋଗୁଁ ବୃଦ୍ଧି ପାଇଛି । ଚଳିତ ବର୍ଷର ମରୁଡ଼ିକୁ ସମ୍ଭାଳିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶ ସ୍ୱରୂପ ପ୍ରାୟ ୮୦ ହଜାର ହେକ୍ଟର ବିଶିଷ୍ଟ ରେକର୍ଡ ଅଞ୍ଚଳକୁ ଉଠା ଜଳସେଚନ ସୁବିଧାର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏହି ବ୍ୟବସ୍ଥା ଅନୁଯାୟୀ ଚାଷୀମାନଙ୍କୁ ଶତକଡ଼ା ୭୫ ଭାଗ ଜଳକର ଛିହାତି ଦିଆଯାଇଛି । ଅବବାହିକା ପ୍ରକଳ୍ପଗୁଡ଼ିକ ମୃତ୍ତିକା ଓ ଜଳ ସଂରକ୍ଷଣ ବ୍ୟବସ୍ଥାଗୁଡ଼ିକର ଏକ ଉଲ୍ଲେଖନୀୟ ଅଂଶ ହୋଇଛି । ସମ୍ପ୍ରତି ୮ ଟି ଜିଲ୍ଲାରେ ଏଭଳି ୧୮୬ ଟି ପ୍ରକଳ୍ପ ଆଗେଇ ଚାଲିଛି । ଆସନ୍ତା ବର୍ଷ ପାଇଁ ଅନୁରୂପ ସଂଖ୍ୟକ ପ୍ରକଳ୍ପର ବ୍ୟବସ୍ଥା ରହିଛି ।

୬ । ଗ୍ରାମାଞ୍ଚଳ ସଂଯୋଗତା ବର୍ଦ୍ଧିତ ଆର୍ଥିକ କାର୍ଯ୍ୟାବଳୀ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମିକ ସୁବିଧାର ବୃହତ୍ ଅନୁମାପ । ଚଳିତ ବର୍ଷ ୧୦ ହଜାର କିଲୋମିଟରରୁ ଅଧିକ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଏହି ଉଦ୍ୟମ ଆସନ୍ତା ବର୍ଷ ଅବ୍ୟାହତ ରଖିବା ପାଇଁ ପଦକ୍ଷେପ ନିଆଯାଇଛି । ଏକ ସମୟରେ, ରାଜପଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଯାନବାହାନ ଚଳାଚଳର ଆବଶ୍ୟକତା ପୂରଣ ନିମନ୍ତେ ରାଜ୍ୟର ଜାତୀୟ ରାଜପଥ ଓ ଅଧିକ ଯାନବାହାନ ଯାତାୟତ କରୁଥିବା ରାସ୍ତାଗୁଡ଼ିକର ସମ୍ପ୍ରସାରଣ ତଥା ଉନ୍ନତ କରାଯାଇଛି । ଭୁବନେଶ୍ୱର ଓ କଟକ ମଧ୍ୟରେ ଜାତୀୟ ରାଜପଥର ବିସ୍ତାରକୁ ଚାରିଧାଡ଼ିଆ ଯାନବାହାନ ଚଳାଚଳ ପାଇଁ ଉନ୍ନତ କରାଯାଉଛି । ଏହି କାର୍ଯ୍ୟ ନିର୍ଦ୍ଧାରିତ ୧୯୯୭ ମସିହା ମଧ୍ୟରେ ଶେଷ ହେବ । ସମ୍ବଲପୁର ଓ ରାଉରକେଲା ମଧ୍ୟରେ ଜାତୀୟ ରାଜପଥର ଉନ୍ନୟନ କାର୍ଯ୍ୟରେ ମଧ୍ୟ ଦ୍ରୁତ ଅଗ୍ରଗତି ଘଟିଛି । ଜାତୀୟ ରାଜପଥଗୁଡ଼ିକର ଉନ୍ନତି ନିମନ୍ତେ ହାତରେ ଥିବା ଏହି ସବୁ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ରାଜ୍ୟରେ ବାଣିଜ୍ୟ ବ୍ୟବସାୟ ନିଶ୍ଚିତ ପ୍ରସାର ଘଟାଇବା ସଙ୍ଗେ ସଙ୍ଗେ ଏହାର ବ୍ୟାପକ ଶିଳ୍ପାୟନ କାର୍ଯ୍ୟକ୍ରମକୁ ମଧ୍ୟ ସାହାଯ୍ୟ କରିବ ।

୭ । ଯୋଗାଯୋଗ ସୁବିଧାର ଉନ୍ନତି ତଥା ଅଭିବୃଦ୍ଧି ସଙ୍ଗେ ସଙ୍ଗେ ରାସ୍ତାରେ ଯାନବାହାନ ଚଳାଚଳ ବଢ଼ି ଯାଇଥିବା ବୃଦ୍ଧିରୁ ସାଧାରଣ ପରିବହନ ବ୍ୟବସ୍ଥାର ଅଗ୍ରଗତି ଘଟିଛି । ନୂତନ ବସ୍ କ୍ରୟ କରିବା ସଙ୍ଗେ ସଙ୍ଗେ କେତେକ ପୁରାତନ ବସ୍‌କୁ ମରାମତି କରି ଚଳନକ୍ଷମ କରାଇ ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ସଂଖ୍ୟା ବୃଦ୍ଧି ପାଇଁ କାର୍ଯ୍ୟାରମ୍ଭ ହୋଇଛି । ଘରୋଇ ବସ୍‌ଗୁଡ଼ିକର ଚଳାଚଳ ଓ ରାସ୍ତା ପରିବହନ ସମସ୍ୟାର ସମାଧାନ ପାଇଁ ଜାତୀୟକରଣ ହୋଇଥିବା କେତେକ ପଥ (ରୁଟ୍)କୁ ଜାତୀୟକରଣ ବିମୁକ୍ତ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ।

୮ । ଓଡ଼ିଶାର ୩ ଗୋଟି ଅତି ପୁରାତନ ତଥା ପଡ଼ି ରହିଥିବା ରେଳବାଇ ପ୍ରକଳ୍ପର କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯାଇଥିବା ଏକ ଉଲ୍ଲେଖନୀୟ ସଫଳତା । ବିଗତ ବର୍ଷଗୁଡ଼ିକର ଶାଣୁତା ଭଙ୍ଗ ହୋଇଥିବା ସଙ୍ଗେ ସଙ୍ଗେ ତାଳଚେର-ସମ୍ବଲପୁର, ଦଇତାରୀ-ବାଂଶପାଣି ଓ ଲାଞ୍ଜିଗଡ଼ ରୋଡ-ଜୁନାଗଡ଼ ରେଳପଥର ନିର୍ମାଣ କାର୍ଯ୍ୟରେ ସମ୍ୟକ୍ ପ୍ରଗତି ସାଧିତ ହୋଇଛି । ପ୍ରସ୍ତାବିତ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥର ସର୍ଭେ କାର୍ଯ୍ୟ ଶେଷ ହୋଇଛି । ଖୋର୍ଦ୍ଧାରୋଡ ସୀମାନ୍ତରୁ ପ୍ରସ୍ତାବିତ ରେଳପଥର ପ୍ରଥମ ପର୍ଯ୍ୟାୟ ପାଇଁ ଭୂ-ଅର୍ଜନ କାର୍ଯ୍ୟ ହାତକୁ ନିଆଯାଇଛି । ଭୁବନେଶ୍ୱର-ଖଡ଼ଗପୁର ଓ ପାରାଦ୍ୱୀପ-କଟକ-ତାଳଚେର ରେଳପଥ ସେକ୍ସନର ବିଦ୍ୟୁତୀକରଣ କାର୍ଯ୍ୟ ପ୍ରାୟତଃ ଚଳିତ ବର୍ଷ ଆରମ୍ଭ କରାଯିବ ।

୯ । ଗଞ୍ଜାମ ଜିଲ୍ଲାର ଗୋପାଳପୁର ତଥା ଏହାର ଚତୁଃପାର୍ଶ୍ୱ ଅଞ୍ଚଳର ଅନ୍ତର୍ନିହିତ ଅଭିବୃଦ୍ଧି ସାମର୍ଥ୍ୟ, ବେସରକାରୀ ଉଦ୍ୟୋଗରେ ଅନେକଗୁଡ଼ିଏ ଭାରୀ ଶିଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିଛି । ତେଣୁ, ଏହି ସବୁ ପ୍ରକଳ୍ପ ଓ ବନ୍ଦରର ଆଭ୍ୟନ୍ତର ଅଞ୍ଚଳ ଦ୍ୱାରା ସୃଷ୍ଟି ହେବାକୁ ଥିବା ସାମୁଦ୍ରିକ ଜାହାଜ ଚଳାଚଳର ଚାହିଦା ପୂରଣ ନିମନ୍ତେ ଗୋପାଳପୁର କ୍ଷୁଦ୍ର ବନ୍ଦରର ବିକାଶ ଘଟାଇ ଏକ ବୃହତ ବନ୍ଦରରେ ପରିଣତ କରିବାକୁ ଭାରତ ଖଣିଜ ଓ ଧାତବ ଦ୍ରବ୍ୟ ବାଣିଜ୍ୟ ନିଗମ (ଏମ୍.ଏମ୍.ଟି.ସି.) ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିପାଇଁ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ ହୋଇ ସାରିଛି । ପାଣି ଯୋଗାଣ ଓ ଅନ୍ୟାନ୍ୟ ପ୍ରସ୍ତୁତିକୁ ଅନୁସରଣ କରାଯାଉଛି । ଏହା ପରେ, ଚଳିତ ବର୍ଷ ଏହି କାର୍ଯ୍ୟ ଆରମ୍ଭ ହୋଇପାରିବ ଏବଂ ଏହି ବୃହତ୍ ବନ୍ଦରର ପ୍ରଥମ ପର୍ଯ୍ୟାୟ ୨୦୦୦ ମସିହା ସୁଦ୍ଧା ଜାହାଜ ଚଳାଚଳ ପାଇଁ ଉନ୍ମୁକ୍ତ ହେବ । ବେସରକାରୀ ଅର୍ଥ ବିନିଯୋଗକାରୀଙ୍କ ସାହାଯ୍ୟକ୍ରମେ ଚାନ୍ଦବାଲି ଓ ଚରଡ଼ିଆରେ ଥିବା ଦୁଇଟି ସାଟେଲାଇଟ୍ ବନ୍ଦର ସମେତ କ୍ଷୁଦ୍ର ଧାମରାର ବିକାଶ ଘଟାଇ ଏକ ବୃହତ୍ ବନ୍ଦରରେ ପରିଣତ କରିବାକୁ ମଧ୍ୟ ପଦକ୍ଷେପ ନିଆଯାଇଛି । ବନ୍ଦର ପ୍ରକଳ୍ପଗୁଡ଼ିକରେ ବେସରକାରୀ ଅର୍ଥ ବିନିଯୋଗ ପାଇଁ ନୀତିପ୍ରଣୟନ ତଥା ରୂପରେଖ ବିଷୟ କାର୍ଯ୍ୟକାରୀ କରାଯାଉଛି ।

୧୦ । ବର୍ତ୍ତମାନ ସୁଦ୍ଧା, ରାଜ୍ୟରେ ହାରାହାରି ୧୧୭୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଚାହିଦା ଥିବା ବେଳେ, ୧୪୯୧ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ହେଉଛି । ଶକ୍ତିର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ ଓ ସଂଚାରଣ ତଥା ବଣ୍ଟନରେ ଅଧିକ ଦକ୍ଷତା ଆଣିବା ପାଇଁ ବର୍ତ୍ତମାନର ଶକ୍ତି ସାମର୍ଥ୍ୟକୁ ପୁନର୍ବାର ବୃଦ୍ଧି କରିବାକୁ ରାଜ୍ୟର ଶକ୍ତି କ୍ଷେତ୍ରରେ

ଭାଣ୍ଡାଗତ ପରିବର୍ତ୍ତନ କରାଯାଇଥିବାରୁ ଆକାଙ୍କ୍ଷିତ ନୂତନ ଧରଣର କାର୍ଯ୍ୟ ପାଇଁ ସୁବିଧା ମିଳିଛି । ଭିତ୍ତିଭୂମିର ଏହି ଅତ୍ୟାବଶ୍ୟକ ବିଷୟଗୁଡିକ ପାଇଁ ଥିବା ସମ୍ବଳର ଅଭାବକୁ ଜାତୀୟ ତଥା ଅନ୍ତର୍ଜାତିକ ପାଣ୍ଠି ଯୋଗାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ବହୁ ପରିମାଣରେ ସମାଧାନ କରାଯାଇ ପାରିଛି । ଏହା ବ୍ୟତୀତ, ରାଜ୍ୟର ଶକ୍ତି ଶିଳ୍ପରେ ଅର୍ଥ ବିନିଯୋଗ କରିବା ପାଇଁ ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଫଳତଃ ସମସ୍ତ ଦିଗର କାର୍ଯ୍ୟ ହାତକୁ ନିଆ ଯାଇଥିବା ସଙ୍ଗେ ସଙ୍ଗେ ଆଗେଇ ଚାଲିଛି । ସରକାର ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟର ୩୨,୬୦୮ ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି ଏବଂ ବଳକା ଥିବା ୧୪,୨୯୯ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ପାଇଁ ଆନୁଷଙ୍ଗିକ କାର୍ଯ୍ୟ ହାତକୁ ନିଆଯାଇଛି । ଆଦିବାସୀ ଓ ହରିଜନ ବସ୍ତିକୁ ବିଦ୍ୟୁତୀକରଣ, କୁଟୀର-ଜ୍ୟୋତି ସଂଯୋଗ, ଗ୍ରାମ୍ୟ ରାସ୍ତାରେ ବିଦ୍ୟୁତ ଆଲୋକ, ଉଠା ଜଳସେଚନ ପମ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଇଦେବା ଇତ୍ୟାଦି କାର୍ଯ୍ୟ ସନ୍ତୋଷଜନକ ହୋଇପାରିଛି । ରାଜ୍ୟରେ ବିଭିନ୍ନ ଧରଣର ଶକ୍ତି ବ୍ୟବହାରକାରୀ ଖାଉଟିମାନେ ଉପକୃତ ହେବା ପାଇଁ ଏକ ସୁଷମ ତଥା ସୁଦକ୍ଷ ସଞ୍ଚାର ବ୍ୟବସ୍ଥା ସମେତ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ରାଜ୍ୟରେ ଅଧିକ ୧୬୦୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇପାରିବ ବୋଲି ଆଶା କରାଯାଏ ।

୧୧ । ମୋ ସରକାର ୧୯୯୬ ମସିହା ଅପ୍ରେଲ ମାସଠାରୁ ଏକ ନୂତନ ବିସ୍ତୃତ କୃଷିନୀତି ପ୍ରବର୍ତ୍ତନ କରିଛନ୍ତି । କୃଷି କାର୍ଯ୍ୟକ୍ରମକୁ ବିସ୍ତୃତ କରିବା ସଙ୍ଗେ ସଙ୍ଗେ କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସହିତ ଯୋଗସୂତ୍ର ରକ୍ଷା କରି କୃଷିର ବିକାଶ କରିବା ପାଇଁ ଏଥିରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି । ଏହି ନୀତିରେ କାର୍ଯ୍ୟକାରୀ ହେବାକୁ ଥିବା ବ୍ୟବସ୍ଥାଗୁଡିକ ହେଲା - ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ଏବଂ ଉତ୍ପାଦନର ବୈଜ୍ଞାନିକ କୌଶଳର ଅଭିବୃଦ୍ଧି, ଉଚ୍ଚମାନର ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରବର୍ତ୍ତାଇବା, ମୃତ୍ତିକା ତଥା ପାରିବେଶିକ ସଂରକ୍ଷଣ ପାଇଁ ସମନ୍ୱିତ ଏବଂ ସମନ୍ୱିତ ପରିଚାଳନା ବ୍ୟବସ୍ଥା, କୃଷି ପ୍ରକ୍ରିୟାକରଣ ଓ କୃଷିଶିଳ୍ପ କରିଥାରେ କୃଷିର ବାଣିଜ୍ୟକରଣ ଏହାର ଅନ୍ତର୍ଭୁକ୍ତ । ଯୁବକମାନେ ଯେପରି କୃଷିକୁ ଏକ ଜୀବିକା ତଥା ଫଳପ୍ରଦ ନିଯୁକ୍ତି ରୂପେ ଗ୍ରହଣ କରିବେ, ସେଥିପାଇଁ ପ୍ରୋତ୍ସାହନ ଦେବା ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ । ଏହି ପରିପ୍ରେକ୍ଷୀରେ କୃଷିକୁ ସ୍ଥାଣୁ ଅବସ୍ଥାରୁ ଊର୍ଦ୍ଧ୍ୱରେ ରଖି ଏଥିପାଇଁ ପର୍ଯ୍ୟାପ୍ତ ବିକ୍ରିବଟା ସୁବିଧା କରିବା ସମେତ ଅଧିକ ଉତ୍ପାଦନ କରି ରପ୍ତାନୀ ପାଇଁ ସମସ୍ତ ସୁଯୋଗ ସୃଷ୍ଟି କରିବା ଏହାର ଲକ୍ଷ୍ୟ । ରାଜ୍ୟର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏହାର ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ଏବଂ ଅନ୍ୟ ଗବେଷଣା କେନ୍ଦ୍ରଗୁଡିକ କରିଥାରେ ଆବଶ୍ୟକ ବୈଷୟିକ ସାହାଯ୍ୟ ଯୋଗାଇ ଦେଉଛନ୍ତି ।

୧୨ । ଏହା ମଧ୍ୟରେ ସାତଗୋଟି ଚିନିକଳକୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ସଙ୍ଗେ ସଙ୍ଗେ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ଛଅଟି ଚିନିକଳ ବ୍ୟତୀତ, ଆଉ ଏଗାରଟି ଚିନିକଳକୁ ଲାଇସେନ୍ସ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଆଖୁ ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ମଧ୍ୟରେ ଏହା ଅଧିକ ଆଦୃତ ହୋଇ ପାରିଛି । ନୂତନ କୃଷି ନୀତିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି । କୃଷି ଶିଳ୍ପର ବିକାଶ ଘଟିଲେ କୃଷିର ଗୁଣାତ୍ମକ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ପାଇଁ ଏହା ଲାଭଜନକ ହେବ ଏବଂ ଉନ୍ନତ ମାନର ବାଣିଜ୍ୟିକ ଫସଲ ଉତ୍ପାଦନ କରାଯାଇ ପାରିବ । ଖାଦ୍ୟଶସ୍ୟ ଉତ୍ପାଦନ ରାଜ୍ୟର ମୁଖ୍ୟ କୃଷି କାର୍ଯ୍ୟ । ସବୁ ବର୍ଷ ଅପେକ୍ଷା ଏ ବର୍ଷ ଅଧିକ ୭.୩ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବା ପାଇଁ ଏ ବର୍ଷରେ ରବି କାର୍ଯ୍ୟକ୍ରମକୁ ବୃଦ୍ଧି କରାଯାଇଛି । ଆସନ୍ତା ବର୍ଷ ଏହାର ଉଲ୍ଲେଖଯୋଗ୍ୟ ବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ସର୍ବାଧିକ ୯.୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ଅଟକଳ କରାଯାଇଛି । ସରକାରଙ୍କ ପକ୍ଷରୁ ଏ ସବୁ ବ୍ୟବସ୍ଥା ଗ୍ରହଣ କରାଯିବା ଫଳରେ ରାଜ୍ୟରେ ଚାଷୀମାନଙ୍କର ଆୟ ବୃଦ୍ଧି ଏବଂ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପଥ ସୁଗମ ହୋଇ ପାରିଛି ।

୧୩ । ସରକାର ୧୯୯୬ ମସିହା ଏପ୍ରିଲ ମାସରେ ରାଜ୍ୟ ମତ୍ସ୍ୟ ଉନ୍ନୟନ ଏବଂ ପଶୁସମ୍ପଦ ତଥା ଦୁଗ୍ଧନୀତି ଘୋଷଣା କରିଛନ୍ତି । ଏହି ନୀତି ଅନୁଯାୟୀ ମତ୍ସ୍ୟ ଚାଷୀମାନେ ବୈଜ୍ଞାନିକ କୌଶଳ ପ୍ରୟୋଗ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସଫଳତାର ସହିତ ମାଛଚାଷ କରିବାକୁ ମଧ୍ୟ ସହାୟତା ପ୍ରଦାନ କରାଯାଉଛି ।

୧୪ । ଦେଶରେ ଅନୁସୃତ ଉଦାରୀକରଣ ଶିଳ୍ପନୀତିର ସୁଯୋଗ ନେଇ ରାଜ୍ୟ ଶିଳ୍ପନୀତି ସଂଶୋଧିତ ହେବା ସଙ୍ଗେ ସଙ୍ଗେ ସମୟୋପଯୋଗୀ କରାଯାଇ ପାରିଛି । ଗତବର୍ଷ ମାର୍ଚ୍ଚ ମାସଠାରୁ ଏହି ସଂଶୋଧିତ ନୀତି କାର୍ଯ୍ୟକାରୀ କରାଯାଉଛି । ଫଳ ସ୍ୱରୂପ; କେତେକ ବୃହତ ଜାତୀୟ ତଥା ଆନ୍ତର୍ଜାତୀୟ ଉଦ୍ୟୋଗ ଦ୍ୱାରା ଅନେକଗୁଡ଼ିଏ ଶିଳ୍ପ ପ୍ରକଳ୍ପ ଯଥା : ଇସ୍ପାତ, ଆଲୁମିନିୟମ, ଶକ୍ତି, ତୈଳ ବିଶୋଧନାଗାର ପ୍ରତିଷ୍ଠିତ ହେବାକୁ ଯାଉଛି । ୧୫ଟି ଇସ୍ପାତ ପ୍ରକଳ୍ପ ମଧ୍ୟରୁ ଘରୋଇ କ୍ଷେତ୍ରରେ ଦୁବୁରିଠାରେ ପ୍ରତିଷ୍ଠିତ ଇସ୍ପାତ କାରଖାନାରୁ ଚଳିତ ବର୍ଷ ଏପ୍ରିଲ ମାସଠାରୁ ଉତ୍ପାଦନ ଆରମ୍ଭ ହେବ । ବିଭିନ୍ନ ଅବସ୍ଥାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ପ୍ରମୁଖ ହେଉଛି ଯୁଗ୍ମ କ୍ଷେତ୍ରରେ ନୀଳାଚଳ ଇସ୍ପାତ ନିଗମ, ଘରୋଇ କ୍ଷେତ୍ରରେ ଟାଟାଷ୍ଟିଲ୍ ଏବଂ ଲାରସନ୍ ଓ ଟୁବ୍ରୋ ଇତ୍ୟାଦି । ରାଜ୍ୟରେ ଅନେକ ଖଣିରେ ଗଚ୍ଛିତ ଥିବା ହୀରା ଏବଂ ସୁନାର ସନ୍ଧାନ ସମ୍ପ୍ରତି କରାଯାଇଥିବା ସର୍ବେରୁ ଜଣା ପଡିଛି । ଏଥିଯୋଗୁ ରାଜ୍ୟରେ ଭବିଷ୍ୟତରେ ମୂଲ୍ୟବାନ୍ ପଥର ଶିଳ୍ପ ପ୍ରତିଷ୍ଠିତ କରାଯାଇ ପାରିବ । କ୍ଷୁଦ୍ର ଏବଂ କୁଟୀର ଶିଳ୍ପଗୁଡିକର ସମସ୍ୟା ପ୍ରତି ନିରନ୍ତର ଧ୍ୟାନ ଦିଆଯିବା ସଙ୍ଗେ ସଙ୍ଗେ ଏହାର ବିଭିନ୍ନ ସମସ୍ୟାର ଯଥାସାଧ୍ୟ ସମାଧାନ କରାଯାଉଛି । ଓଡ଼ିଶାବାସୀଙ୍କ କାରୀଗରି କୁଶଳତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ଷୁଦ୍ର ଓ କୁଟୀର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଉଛି ।

୧୫ । ଗ୍ରାମାଞ୍ଚଳରେ ଉତ୍ପାଦନକ୍ଷମ କର୍ମ ନିଯୁକ୍ତି ଯୋଗାଇ ଦେବାର ତଥା ବସ୍ତ୍ର ରପ୍ତାନୀ କରି ବୈଦେଶିକ ମୁଦ୍ରା ଆମଦାନୀ କରିବାରେ ହସ୍ତତନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଉପଯୁକ୍ତ

ସମୟରେ ଗୁଣାତ୍ମକମାନର ସାମଗ୍ରୀ ତଥା ଋଣ ଯୋଗାଇବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ବିକ୍ରିବଜାର ନିଶ୍ଚିତ ସୁବିଧା ଦେବାଲାଗି ତନ୍ତଗୁଡିକର ଆଧୁନିକୀକରଣ ନିମନ୍ତେ ଏକ ପରିକଳ୍ପନା କାର୍ଯ୍ୟକାରୀ ହେଉଛି ।

୧୬ । ୩୬ଟି ରାଜ୍ୟ ସରକାରୀ ଉଦ୍ୟୋଗ ମଧ୍ୟରୁ ଚଳିତ ବର୍ଷ ୧୪ଟି ଉଦ୍ୟୋଗରେ ଲାଭ ହୋଇଛି । ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର କାର୍ଯ୍ୟକଳାପକୁ ସମୀକ୍ଷା କରିବା ଲାଗି ଗୋଟିଏ କ୍ୟାବିନେଟ୍ ସବକମିଟି ଗଠିତ ହୋଇଥିଲା ଏବଂ ଏହି କମିଟିର ସୁପାରିଶକ୍ରମେ ଉଦ୍ୟୋଗଗୁଡିକ ମୋ ସରକାରଙ୍କର ଆନ୍ତରିକ ବିଚାର ପରିସର ମଧ୍ୟକୁ ଆସିଛି ।

୧୭ । ଦେଶ ତଥା ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ଏକ ବିଶେଷ ଆକର୍ଷଣ ସ୍ଥଳୀ ହୋଇଛି । କର୍ମ ନିଯୁକ୍ତି ସୃଷ୍ଟି ପାଇଁ ପର୍ଯ୍ୟଟନ ଏକ ସମ୍ଭାବ୍ୟ କ୍ଷେତ୍ର ହୋଇଥିବାରୁ, ପର୍ଯ୍ୟଟନର ଧାରାବାହିକ ବିକାଶ ନିମନ୍ତେ ବ୍ୟବସ୍ଥା କରାଯାଉଛି । ଅଦ୍ୟାବଧି ରାଜ୍ୟରେ ୨୦୦ଟି ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ କରାଯାଇଛି । ଅଧିକ ପର୍ଯ୍ୟଟନ କେନ୍ଦ୍ର ଚିହ୍ନଟ କରିବା ଲାଗି ସର୍ଭେ କାର୍ଯ୍ୟ ମଧ୍ୟ ଅବ୍ୟାହତ ରହିଛି । ପର୍ଯ୍ୟଟକମାନଙ୍କ ଚାହିଦା ପୂରଣ କରିବା ପାଇଁ ଯାତ୍ରୀ ବଙ୍ଗଳା, ଯାତ୍ରୀ ନିବାସ, ପର୍ଯ୍ୟଟକ ଆବାସସ୍ଥଳୀ, ପଥପାର୍ଶ୍ୱ ଅବସର ବିନୋଦନ କେନ୍ଦ୍ର ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗମାନ ଯୋଗାଇ ଦିଆଯାଉଛି । ଏ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଅଧିକ ଆୟ ମିଳି ପାରିବ ।

୧୮ । ବିସ୍ତୃତ ଜନକଲ୍ୟାଣ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବିଭିନ୍ନ ପରିକଳ୍ପନା ଓ ପ୍ରକଳ୍ପର ନୀତି ନିର୍ଦ୍ଧାରଣ କରିବାବେଳେ ବୈଜ୍ଞାନିକ ଗବେଷଣା, ସଠିକ ଓ ନିର୍ଭରଯୋଗ୍ୟ ତଥ୍ୟ ହେଉଛି ଆବଶ୍ୟକ ଉପାଦାନ । ରାଜ୍ୟର ବିଭିନ୍ନ ପ୍ରତିଷ୍ଠାନ ଏହି ବୈଜ୍ଞାନିକ ଚାହିଦା ପୂରଣ କରୁଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରମୁଖ ହେଉଛି, ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (OREDA), ଓଡ଼ିଶା ସୁଦୂର ପର୍ଯ୍ୟବେକ୍ଷଣ ପ୍ରୟୋଗ କେନ୍ଦ୍ର, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ଏବଂ ଜୀବବିଜ୍ଞାନ ପ୍ରତିଷ୍ଠାନ । ଏହି ପ୍ରତିଷ୍ଠାନଗୁଡିକ ଜନସାଧାରଣ ବିଶେଷ କରି ଯୁବକମାନଙ୍କ ମଧ୍ୟରେ ବୈଜ୍ଞାନିକ ସଚେତନତା ଏବଂ ବିକାଶଶୀଳ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ସମେତ କମ୍ପ୍ୟୁଟର ପ୍ରୟୋଗର ବିକାଶ ତଥା ଆଧୁନିକ ସୂଚନା ବ୍ୟବସ୍ଥାର ସମ୍ପ୍ରସାରଣ ନିମନ୍ତେ କାର୍ଯ୍ୟ କରୁଛି ।

୧୯ । ଜଙ୍ଗଲ ସଂରକ୍ଷଣ ତଥା ବନୀକରଣ ବ୍ୟବସ୍ଥା ଦ୍ୱାରା ଜଙ୍ଗଲ ସମ୍ପଦ ଓ ପରିବେଶର ସୁରକ୍ଷା କରାଯାଇ ପାରୁଥିବାରୁ ସାମାଜିକ ବନୀକରଣ ଓ ଏହାର ଉପ ପ୍ରକଳ୍ପ ଅନ୍ତର୍ଗତ କୃଷି ଜଙ୍ଗଲ ସୃଷ୍ଟି କରିବାକୁ ଯଥାର୍ଥ ଗୁରୁତ୍ୱ ଆରୋପ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଅବ୍ୟାହତ ଓ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଜଙ୍ଗଲ ସୃଷ୍ଟି ନିମନ୍ତେ ଚାରା କେନ୍ଦ୍ରମାନ ପ୍ରତିଷ୍ଠା କରାଯାଉଛି । ପ୍ରଦୂଷଣ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଉଛି । ପାରିବେଶିକ କ୍ଷୟକ୍ଷତିକୁ ରୋକିବା ଲାଗି ଯେଉଁଠି କୌଣସି ବ୍ୟବସ୍ଥା ନାହିଁ ଓ ପରିବେଶର ବିଶେଷ ଅବକ୍ଷୟ ଘଟୁଛି, ସେ ସ୍ଥାନରେ ଗମ୍ଭୀରତାର ସହ ବିଭିନ୍ନ ଯୋଜନା ତଥା ବୈଧାନିକ ବ୍ୟବସ୍ଥାମାନ କାର୍ଯ୍ୟକାରୀ ହେଉଛି ।

୨୦ । ଯେଉଁ ଅଞ୍ଚଳଗୁଡିକରେ ବିଦ୍ୟାଳୟ ନାହିଁ, ତାହା ସରକାରଙ୍କ ଦୃଷ୍ଟିକୁ ଆସିଛି । ସେହି ସ୍ଥାନମାନଙ୍କରେ ନୂତନ କରି ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟମାନ ଖୋଲିବା ଦିଗରେ ବ୍ୟବସ୍ଥା କରାଯାଉଛି । ୨୦ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । ଅନ୍ୟାନ୍ୟ ଜିଲ୍ଲାଗୁଡିକରେ ମଧ୍ୟ ଏହି ଅଭିଯାନ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ରାଜ୍ୟରେ ମୌଳିକ ଶିକ୍ଷାକୁ ସାର୍ବଜନୀନ କରିବା, ମୁଖ୍ୟତଃ ଅଧାରୁ ପାଠପଢ଼ା ଛାଡି ଦେଉଥିବା ପିଲା, କର୍ମଜୀବୀ ପିଲା ଏବଂ ନବସାକ୍ଷର ହୋଇଥିଲେ, ସାକ୍ଷର ହେବା ପରେ ପିଲା ପଢ଼ିବା ପାଇଁ ଅନ୍ୟାନ୍ୟ ବିଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ବିଭିନ୍ନ ଆନ୍ତର୍ଜାତିକ ପାଣ୍ଠିଯୋଗାଣକାରୀ ସଂସ୍ଥା, ବିଶେଷ କରି ଆଦିବାସୀମାନଙ୍କୁ ପ୍ରକୃତ ସାକ୍ଷରତା ସ୍ତରକୁ ଆଣିବା ପାଇଁ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପରୀକ୍ଷାକୁ ବିଚାରକୁ ନେଇ ପ୍ରାଥମିକ ଛାତ୍ରମାନଙ୍କ ନିମନ୍ତେ ୨୦୦୦ଟି ଦାରିଦ୍ର୍ୟ ତଥା ମେଧା ବୃତ୍ତିର ବ୍ୟବସ୍ଥା କରାଯାଇଛି । ୪୨.ହଜାର ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୩୮ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି । ଏହା ବ୍ୟତୀତ, ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ କେନ୍ଦ୍ର ସରକାର ଏଥିନିମନ୍ତେ କେତେକ ମନୋନୀତ ବ୍ଲକରେ ମଧ୍ୟାହ୍ନ ଭୋଜନ ଲାଗି ମାଗଣାରେ ଚାଉଳ ଯୋଗାଇ ଦେଉଛନ୍ତି ।

୨୧ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୁଷ୍ଠାନ ଖୋଲିବା ବା ସମ୍ପ୍ରସାରଣ କରିବା ପରିବର୍ତ୍ତେ ରହିଥିବା ଶିକ୍ଷାନୁଷ୍ଠାନଗୁଡିକର ସ୍ଥିତି ସୁଦୃଢ଼ କରିବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ଉନ୍ନତି ବିଧାନ ନିମନ୍ତେ ଗୁରୁତ୍ୱ ଆରୋପ କରାଯାଉଛି । ଯେଉଁ ଅନୁନ୍ନତ ଅଞ୍ଚଳଗୁଡିକରେ ଗୋଟିଏ ହେଲେ ମହାବିଦ୍ୟାଳୟ ନାହିଁ, କେବଳ ଉକ୍ତ ଅଞ୍ଚଳଗୁଡିକରେ ମହାବିଦ୍ୟାଳୟ ଖୋଲାଯାଉଛି । ବୃତ୍ତିଗତ ଶିକ୍ଷାର ବିକାଶ ନିମନ୍ତେ ନୂତନ ଡିପ୍ଲୋମା ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯିବା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନମାନଙ୍କରେ ଅଧିକ ସ୍ଥାନ ସଂଖ୍ୟା ବୃଦ୍ଧି କରାଯାଉଛି । ଆମର ବାଳକବାଳିକାମାନେ ଜାତୀୟ କ୍ରୀଡା ପ୍ରଦର୍ଶନ କରି ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକମାନ ହାସଲ କରୁଛନ୍ତି ।

୨୨ । ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ''ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ'' ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ସ୍ୱାସ୍ଥ୍ୟ ସେବା ପଦକ୍ଷେପମାନ ଗ୍ରହଣ କରାଯାଉଛି । ପ୍ରତିଷେଧକ, ବିକାଶମୂଳକ ଏବଂ ଆରୋଗ୍ୟମୂଳକ ସ୍ୱାସ୍ଥ୍ୟସେବା ସୁବିଧାମାନ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଯୋଗାଇ ଦେବା ଏହି ବ୍ୟବସ୍ଥାର ମୁଖ୍ୟ ଅଂଶ ସ୍ୱରୂପ । ସଂକ୍ରାମକ ରୋଗର ନିୟନ୍ତ୍ରଣ ତଥା ନିରାକରଣ ଏବଂ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଉନ୍ନତମାନର ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଗୁରୁତ୍ୱ

ଆରୋପ କରାଯାଉଛି । ଅନ୍ତର୍ବାସୀ ସୁବିଧା ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ୪ ପ୍ରକାରର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଯଥା : - ସ୍ତ୍ରୀ ରୋଗ ତଥା ପ୍ରସୂତୀ, ଶିଶୁରୋଗ, ଶଲ୍ୟ ଚିକିତ୍ସା ଏବଂ ଭେଷଜ ବ୍ୟବସ୍ଥା ଯୋଗାଇ ଦିଆଯାଉଛି । ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ମାତୃ ମଙ୍ଗଳ ତଥା ଶିଶୁମାନଙ୍କର ଯତ୍ନ ପାଇଁ ସବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ଜାତୀୟ ସ୍ପନ୍ଦିତ ପୋଲିଓ ନିର୍ମୂଳନ କାର୍ଯ୍ୟକ୍ରମରେ ଜନସାଧାରଣଙ୍କଠାରୁ ପ୍ରଶଂସନୀୟ ସମର୍ଥନ ମିଳିଛି ଏବଂ ଏହା ଧାର୍ଯ୍ୟ ଲକ୍ଷ୍ୟକୁ ମଧ୍ୟ ଅତିକ୍ରମ କରିଛି । ୩ଟି ଚିକିତ୍ସା ମହାବିଦ୍ୟାଳୟରେ ପ୍ରାକ୍ ସ୍ନାତକ ଏବଂ ସ୍ନାତକୋତ୍ତର ଡାକ୍ତରୀ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଶିକ୍ଷା ଦିଆଯାଉଛି । ଏହି ମହାବିଦ୍ୟାଳୟଗୁଡିକ ସହ ସଂଶ୍ଳିଷ୍ଟ ଡାକ୍ତରଖାନାମାନଙ୍କରେ ଯେଉଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି, ତା'ର ଉନ୍ନତି ବିଧାନ କରାଯାଉଛି । ଅଧିକାଂଶ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥାର ସୁବିଧା ଥିବାରୁ ରାଜ୍ୟରେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ସରକାରୀ କିମ୍ବା ବେସରକାରୀ ପରିଚାଳନାରେ ଆୟୁର୍ବେଦ, ୟୁନାନୀ, ହୋମିଓପାଥିକ୍ ଚିକିତ୍ସା ଅନୁଷ୍ଠାନଗୁଡିକ ଖୋଲା ଯାଉଥିବା ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି ।

୨୩। ସମ୍ପ୍ରତି ପଞ୍ଚାୟତ ନିର୍ବାଚନଗୁଡିକ ସୁରୁଖୁରୁରେ ସମାହିତ ହୋଇଯାଇଛି । ନିର୍ବାଚିତ ସଂସ୍ଥା ଇତି ମଧ୍ୟରେ ସେମାନଙ୍କର ଦାୟିତ୍ୱ ବହନ କରିବେ । ପ୍ରଥମଥର ପାଇଁ ଭାରତୀୟ ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ଏହି ସବୁ ପଞ୍ଚାୟତରାଜ ସମ୍ବିଧାନର ଅଙ୍ଗ ହିସାବରେ ବିବେଚନା କରାଯାଉଥିବାରୁ ଏହା ଗ୍ରାମାଞ୍ଚଳର ବିକାଶ ପାଇଁ ନୂତନ ଦିଗ୍‌ଦର୍ଶନ ଦେବା ସଙ୍ଗେ ସଙ୍ଗେ ନୂତନ ଦିଗନ୍ତ ଅଧ୍ୟାୟ ସୃଷ୍ଟି କରିବ । ପଞ୍ଚାୟତ ସଂସ୍ଥାଗୁଡିକ ଯେଉଁଥିରୁ କି ପୁଞ୍ଜି ଆଦାୟ ହୋଇପାରିବ, ସେହି ସବୁ କାର୍ଯ୍ୟ ବ୍ୟତୀତ ଟିକସ ଆଦାୟ, ଶୁଳ୍କ ତଥା ଅନ୍ୟାନ୍ୟ ସୂତ୍ରରୁ ଅର୍ଥ ସଂଗ୍ରହ କରିଆସୁଛନ୍ତି । ଦଶମ ଅର୍ଥ କମିଶନ କେତେକ ଅସ୍ଥାୟୀ ବ୍ୟବସ୍ଥା ଜରିଆରେ ପଞ୍ଚାୟତ ସଂସ୍ଥାମାନଙ୍କୁ ସେମାନଙ୍କ ନିଜର ଇଚ୍ଛାନୁଯାୟୀ କିଛି କାର୍ଯ୍ୟକ୍ରମ ଗ୍ରହଣ କରିବା ଲାଗି ସକ୍ଷମ କରାଇ ପାରିଛନ୍ତି । ରାଜ୍ୟସ୍ତରୀୟ ଅର୍ଥ କମିଶନ ଏହି ସବୁ ବିଷୟ ପ୍ରତି ଦୃଷ୍ଟି ଦେଉଛନ୍ତି ଏବଂ ପଞ୍ଚାୟତ ଓ ପୌରାଞ୍ଚଳ ସଂସ୍ଥାଗୁଡିକୁ ପୁଞ୍ଜି ହସ୍ତାନ୍ତର କିପରି କରାଯାଇ ପାରିବ ସେ ବାବଦରେ ଶୀଘ୍ର ଏକ ନିଷ୍ପତ୍ତି ଗ୍ରହଣ କରୁଛନ୍ତି । ଏହି ସବୁ ବ୍ୟବସ୍ଥା ନୂତନ ପଞ୍ଚାୟତ ସଂସ୍ଥାଗୁଡିକର କାର୍ଯ୍ୟଧାରାକୁ ସହଜସାଧ୍ୟ କରିବାରେ ସହାୟକ ହୋଇପାରିବ । ଏହା ଫଳରେ ଗ୍ରାମାଞ୍ଚଳ ଲୋକମାନଙ୍କ ଉଚ୍ଚ ଆଶାକୁ ପୂରଣ କରିବାରେ ପଞ୍ଚାୟତ ସଂସ୍ଥାଗୁଡିକ ସଫଳ ହୋଇପାରିବ ।

୨୪ । ପୌରାଞ୍ଚଳବାସୀଙ୍କ ଜୀବନଧାରଣର ଗୁଣାତ୍ମକ ଉନ୍ନତି ବିଧାନ ନିମନ୍ତେ ରାଜ୍ୟର ସହରାଞ୍ଚଳଗୁଡ଼ିକର ସାନ୍ଦ୍ରତା ଅନୁଯାୟୀ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷମାନ ଗଠନ କରାଯାଇଛି । ଏହି ସବୁ ସଂସ୍ଥା ସରକାର ତଥା ପୌରାଞ୍ଚଳ ସଂସ୍ଥାଗୁଡ଼ିକ ସହିତ ସୁସମ୍ପର୍କ ରକ୍ଷା କରି କାର୍ଯ୍ୟ କରିଆସୁଛନ୍ତି । ଏଥି ସହିତ ପୌରାଞ୍ଚଳର ଗରିବ, ବିଶେଷ କରି ବସ୍ତିବାସିନ୍ଦାଙ୍କ ଉନ୍ନତି ନିମନ୍ତେ କେତେଗୁଡିଏ ପରିକଳ୍ପନା ମଧ୍ୟ କାର୍ଯ୍ୟକାରୀ ହେଉଛି । ନିର୍ବାଚନ ପରେ ସମ୍ବିଧାନର ୭୪ତମ ସଂଶୋଧନ ଅନୁଯାୟୀ ପଞ୍ଚାୟତ ସଂସ୍ଥାଗୁଡିକ ପରି ପୌରାଞ୍ଚଳ ସଂସ୍ଥାଗୁଡିକ ମଧ୍ୟ ସମାନ ଅଧିକାର ପାଇବେ ଏବଂ ଏହାଦ୍ୱାରା ପୌରାଞ୍ଚଳ ସଂସ୍ଥାଗୁଡିକ ଉକ୍ତ ଅଞ୍ଚଳର ଲୋକଙ୍କ ପାଇଁ ଫଳପ୍ରଦ ଭାବରେ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିପାରିବେ ।

୨୫ । ଇତି ମଧ୍ୟରେ ଆତ୍ମନିଯୁକ୍ତି ତଥା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ପରିକଳ୍ପନା ମାଧ୍ୟମରେ ଯେଉଁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେଗୁଡିକରେ ସନ୍ତୋଷଜନକ ଅଗ୍ରଗତି ହୋଇପାରିଛି । ଏହି ପରିକଳ୍ପନାଗୁଡିକ ମଧ୍ୟରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଏବଂ ଜବାହର ରୋଜଗାର ଯୋଜନା ତଥା ସେଗୁଡିକର ଉପ ପରିକଳ୍ପନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାଗୁଡିକ ପ୍ରମୁଖ ଅଟେ । ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ୨୭ ହଜାର ଲୋକଙ୍କ ସମେତ ୧୯ ହଜାର ମହିଳାଙ୍କୁ ଆତ୍ମ ନିଯୁକ୍ତି ଦିଆଯାଇ ପାରିଛି ଏବଂ କର୍ମ ସଂସ୍ଥାନ ସୃଷ୍ଟି ଜରିଆରେ ୫ କୋଟି ଶ୍ରମ ଦିବସ ମଧ୍ୟ ସୃଷ୍ଟି କରାଯାଇ ପାରିଛି । ଚଳିତ ବର୍ଷ ଶେଷ ସୁଦ୍ଧା ୭ଟି ମୁଖ୍ୟ ଅର୍ଥନୈତିକ କାର୍ଯ୍ୟକ୍ରମ ଦ୍ୱାରା ୬ ଲକ୍ଷ ଲୋକମାନଙ୍କ ପାଇଁ ଆତ୍ମ ନିଯୁକ୍ତି ସୃଷ୍ଟି କରାଯାଇ ପାରିବ ବୋଲି ଚିହ୍ନଟ କରାଯାଇଛି । ନିଶ୍ଚିତ କର୍ମ ନିଯୁକ୍ତି ପରିକଳ୍ପନା ୪୦ଟି ବ୍ଳକକୁ ସମ୍ପ୍ରସାରଣ କରାଯିବା ଫଳରେ ମୋଟ ୨୯୦ ବ୍ଳକ ଅଦ୍ୟାବଧି ଏହି ପରିକଳ୍ପନାର ଅନ୍ତର୍ଭୁକ୍ତ କରାଯାଇଛି । ୧୪ ହଜାରରୁ ଅଧିକ କୂପ ସହିତ ୨ ହଜାରରୁ ଅଧିକ ନଳକୂପ ଏବଂ ୨୭ ହଜାର ବାସଗୃହ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ପାଇଁ ନିର୍ମାଣ କରାଯାଇଛି ଏବଂ ଏହା ଦ୍ୱାରା ଗ୍ରାମାଞ୍ଚଳର ଗରିବ ଲୋକେ ଉପକୃତ ହୋଇ ପାରିବେ ।

୨୬ । ସିଲିଂ ବହିର୍ଭୂତ ବଳକା ଜମି ତଥା ପତିତ ଜମିଗୁଡିକୁ ତଫସିଲଭୁକ୍ତ ଜାତି ଓ ଉପଜାତି ସମେତ ଭୂମିହୀନ ପରିବାର ମଧ୍ୟରେ ବଣ୍ଟନ କରାଯାଉଛି । ପ୍ରତ୍ୟେକ ଜମି ପାଉଥିବା ବ୍ୟକ୍ତିଙ୍କୁ ଜମିର ଉପଯୁକ୍ତ ବିକାଶ ନିମନ୍ତେ ଓ କୃଷି କାର୍ଯ୍ୟ ଲାଗି ଯନ୍ତ୍ରପାତି କିଣିବା ନିମନ୍ତେ ମୋଟା ଆକାରରେ ଅନୁଦାନ ପ୍ରଦାନ କରାଯାଉଛି । ପ୍ରତ୍ୟେକ ଜିଲ୍ଲାରେ ବାସହୀନ ଲୋକମାନଙ୍କୁ ଚିହ୍ନଟ କରି ଯେତେ ଶୀଘ୍ର ବାସଗୃହ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

୨୭ । ମହିଳାମାନଙ୍କୁ କ୍ଷମତା ପ୍ରଦାନ ତଥା ସେମାନଙ୍କ କଲ୍ୟାଣ ନିମନ୍ତେ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରାଯାଉଛି ଏବଂ ଶାରୀରିକ ଅକ୍ଷମମାନଙ୍କୁ ମଧ୍ୟ ସାହାଯ୍ୟ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଯଥା :- କୌଣସି ବିପଜ୍ଜନକ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ ନକରି ସେମାନଙ୍କୁ ଅଣଆନୁଷ୍ଠାନିକ ଶିକ୍ଷା ତଥା ଧନ୍ଦାମୂଳକ ତାଲିମ ଦେଇ ଥଇଥାନ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି । ଏ ପର୍ଯ୍ୟନ୍ତ ପ୍ରାୟ ୨୦ ହଜାର ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଥଇଥାନ କରାଯାଇଛି ।

ଗତ ବର୍ଷ ଅଗଷ୍ଟ ୧୫ ତାରିଖଠାରୁ ସର୍ବନିମ୍ନ ମଜୁରି ଆଇନ୍ ଅନ୍ତର୍ଗତ ୮୨ଟି ସଂସ୍ଥାର ବିଭିନ୍ନ ଶ୍ରେଣୀର ଯଥା :- ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଅତିକୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିର ସଂଶୋଧନ କରାଯାଇଛି । ପରିବାର ପିଛା କିଲୋ ୨ ଟଙ୍କା ଦରରେ ୧୦ କେ.ଜି. ଚାଉଳ ପ୍ରାୟ ୧୪୩ ଟି ଅନୁନ୍ନତ ବ୍ଲକରେ ଯୋଗାଇ ଦିଆଯାଉଛି । ତପସିଲଭୁକ୍ତ ଜାତି ତଥା ଉପଜାତିର ଛାତ୍ରାବାସ ଏବଂ ଆବାସିକ ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ରିହାତି ମୂଲ୍ୟରେ ମୁଣ୍ଡପିଛା ୧୫ କେ.ଜି. ଚାଉଳ ଯୋଗାଇ ଦିଆଯାଉଛି ।

୨୮ । ତପସିଲଭୁକ୍ତ ଜାତି ତଥା ଉପଜାତିର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଶିକ୍ଷାର ମାନବୃଦ୍ଧି କରିବା ପାଇଁ ମୋ ସରକାର ବିଶେଷ ଧ୍ୟାନ ରଖି ଆସୁଛନ୍ତି । ଏହି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ପରିକଳ୍ପନା ଏବଂ ପ୍ରକଳ୍ପଗୁଡ଼ିକ ସମେତ କଡ଼ାକଡ଼ି ନିୟମମାନ କାର୍ଯ୍ୟକାରୀ କରାଯାଉଛି । ବୃଦ୍ଧ, ମହିଳା, ବିଧବା, ଭୂମିହୀନ ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାସିକ ଭତ୍ତା ଜରିଆରେ ସାମାଜିକ ସୁରକ୍ଷା ଦେବା କାର୍ଯ୍ୟ ଅବ୍ୟାହତ ରହିଛି ଓ ଏ ଦିଗରେ ସନ୍ତୋଷଜନକ ଅଗ୍ରଗତି ଘଟିଛି । ଅଦ୍ୟାବଧି, ଏହି ପରିକଳ୍ପନା ଜରିଆରେ ପାଞ୍ଚଲକ୍ଷ ବ୍ୟକ୍ତି ଉପକୃତ ହୋଇଛନ୍ତି । ଏହା ବ୍ୟତୀତ, ଏହାକୁ ପରିପୂରକ କରିବା ପାଇଁ ଆଉ ଏକ ପରିକଳ୍ପନା ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ମିଳିତ ଆର୍ଥିକ ସହାୟତାରେ ପ୍ରବର୍ତ୍ତନ କରାଯାଇଛି । ଉକ୍ତ ପରିକଳ୍ପନା ଜରିଆରେ ତିନିଲକ୍ଷ ବ୍ୟକ୍ତି ଉପକୃତ ହୋଇଛନ୍ତି । ଏହା ହେଉଛି, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କ ପାଇଁ ସମଷ୍ଟିଗତ ଜୀବନ ବୀମା କାର୍ଯ୍ୟକ୍ରମ ।

୨୯ । ମୁଖ୍ୟତଃ ପ୍ରଶାସନ ଜାଗରିତ ରହିଲେ, ଏହି ସବୁ ଯୋଜନା ତଥା କାର୍ଯ୍ୟକ୍ରମ ସଫଳତାର ସହିତ ରୂପାୟିତ ହୋଇ ପାରିବ । ସମ୍ପ୍ରତି ପ୍ରଶାସନରେ ଉଦାର ନୀତି ଯୋଗୁଁ ପ୍ରଶାସନ ଏକ ନୂତନ ମୋଡ଼ ନେଇଛି ଏବଂ ପୂର୍ବାପେକ୍ଷା ଏହା ଅଧିକ ଜନହିତୈଷୀ ହୋଇ ପାରିଛି । ପାରମ୍ପରିକ ତାଲିମ ପାଠ୍ୟକ୍ରମ ସହିତ ପଦାଧିକାରୀ ମାନଙ୍କ ଲାଗି ନୂତନ ତାଲିମ କାର୍ଯ୍ୟମାନ ମଧ୍ୟ ଚଳି କରାଯିବା ସଙ୍ଗେ ସଙ୍ଗେ ଏହି ନୂତନ ଭୂମିକା ଗ୍ରହଣ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରାଯାଉଛି । ପଞ୍ଚାୟତ ସଂସ୍ଥା ଏବଂ ପୌରାଞ୍ଚଳ ସଂସ୍ଥାମାନଙ୍କୁ ଅଧିକ କ୍ଷମତା ତଥା ଦାୟିତ୍ୱ ହସ୍ତାନ୍ତର କରିବା ଦ୍ୱାରା ଯେଉଁ ପ୍ରଶାସନିକ ବିକେନ୍ଦ୍ରୀକରଣ ହୋଇଥାଏ, ସେଥିପାଇଁ ଜନସେବାର ବିଭିନ୍ନ ଶାଖା ସହିତ ଅଧିକ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତୃଣ ସ୍ତରରେ ରହିଥିବା ଗ୍ରାମ ପଞ୍ଚାୟତ ଏବଂ ରାଜସ୍ୱ ମଣ୍ଡଳଠାରୁ ବ୍ଲକ ଏବଂ ରାଜସ୍ୱ ପ୍ରଶାସନ କିପରି ତାଳମେଳ ରଖି କାର୍ଯ୍ୟ କରି ପାରିବେ ସେ ଦିଗରେ ପଦକ୍ଷେପ ନିଆଯାଉଛି । ବିଶେଷ କରି, ରାଜସ୍ୱ ପ୍ରଶାସନକୁ ନୂତନ ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି । ଏହାଦ୍ୱାରା ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନର ଶାଖାକୁ ଲୋକମାନଙ୍କର ନିକଟତର କରିବା ପାଇଁ ଏବଂ ସେମାନଙ୍କୁ ଉତ୍ତମ ସେବା ଦେବା ନିମନ୍ତେ ଆଶା କରିବା ସ୍ୱାଭାବିକ ।

୩୦ । ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଆପାତତଃ ଶାନ୍ତିପୂର୍ଣ୍ଣ । ଆରକ୍ଷୀ ପଦାଧିକାରୀମାନେ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ସହିତ ସମସ୍ୟା ବିଷୟରେ ମୁକ୍ତଦ୍ୱାର ଆଲୋଚନା କରୁଛନ୍ତି ଏବଂ ନିରନ୍ତର ଭାବେ ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ପରିଚାଳନା କରୁଛନ୍ତି । ସାଧାରଣ ପ୍ରଶାସନ କ୍ଷେତ୍ରରେ ଏହି ସବୁ ପଦକ୍ଷେପ ସମେତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବା ଦ୍ୱାରା ସରକାର ପ୍ରଶାସନ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ପାଇଁ ସମର୍ଥ ହୋଇ ପାରିଛନ୍ତି ।

୩୧ । ମୋ ସରକାରଙ୍କର କେତେକ ମୁଖ୍ୟ କାର୍ଯ୍ୟ ପରିସର ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ତଥା କାର୍ଯ୍ୟକ୍ରମ ସମ୍ପର୍କରେ ମୁଁ ଉଲ୍ଲେଖ କରିଛି । ଉପରୋକ୍ତ ଯେଉଁ କେତେକ ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି, ତାହା ସୂଚାଇ ଦିଏ ଯେ ମୋ ସରକାର ଆହୁରି ଅଧିକ ଭିତ୍ତି କରିବା ପାଇଁ ସଚେତନ ରହିଛନ୍ତି । ଗୃହର ଚଳିତ ଅଧିବେଶନରେ ଏହି ବିଷୟରେ ତଥା ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ଆଲୋଚନା କରିବା ପାଇଁ ଆପଣମାନଙ୍କର ସୁଯୋଗ ରହିଛି । ଆପଣମାନଙ୍କର ଆଲୋଚନା ଫଳପ୍ରଦ ହେଉଏହାହିଁ ମୋର କାମନା । ପରିଶେଷରେ, ରାଜ୍ୟକୁ ପ୍ରଗତି ଓ ସମୃଦ୍ଧିର ଦ୍ୱାର ଦେଶରେ ଉପନୀତ କରାଇବା ନିମନ୍ତେ ଆପଣମାନେ ଅକୁଣ୍ଠ ସହଯୋଗ ପ୍ରଦାନ କରିଥିବାରୁ ମୋ ସରକାର ଆପଣମାନଙ୍କ ନିକଟରେ କୃତଜ୍ଞ ରହିବେ ।

ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି

ଜୟହିନ୍ଦ୍

## ପାରାଦ୍ୱୀପରେ ରନ୍ଧନଗ୍ୟାସ ଟର୍ମିନାଲ ହେବ

ରାଷ୍ଟ୍ରାୟତ୍ତ ଭାରତ ଓ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ପାରାଦ୍ୱୀପ ଠାରେ ୨୫୦ କୋଟି ଟଙ୍କା ବ୍ୟୟରେ ଏକ ରନ୍ଧନ ଗ୍ୟାସ ଆମଦାନୀ ଟର୍ମିନାଲ ସ୍ଥାପନ କରିବେ । ସଂସ୍ଥାର ବାଣିଜ୍ୟିକ ନିର୍ଦ୍ଦେଶକ ଶ୍ରୀ ବି.କେ.ରାଇନା କହିଛନ୍ତି ଯେ ଏଥିପାଇଁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ୮୫ ଏକର ଜମି କିଣାଯାଇଛି ।

ସେ କହିଲେ ଯେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଭାରତ ପେଟ୍ରୋଲିୟମ କର୍ପୋରେସନ ସମଗ୍ର ପୂର୍ବାଞ୍ଚଳରେ ୮୩୦ କୋଟି ଟଙ୍କା ବିନିଯୋଗ କରିବ । ପାରାଦ୍ୱୀପରେ ଯେଉଁ ରନ୍ଧନ ଗ୍ୟାସ ଟର୍ମିନାଲ ପ୍ରତିଷ୍ଠିତ ହେବ ତାହାର ବାର୍ଷିକ ଆମଦାନୀ କ୍ଷମତା ୬୦ ଲକ୍ଷ ଟନ୍ । ପାରାଦ୍ୱୀପ ଟର୍ମିନାଲ କାର୍ଯ୍ୟକ୍ଷମ ହେଲେ ସମଗ୍ର ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶର କେତେକ ଅଞ୍ଚଳର ରନ୍ଧନ ଗ୍ୟାସ ସମସ୍ୟା ଦୂର ହେବ ।

ସେ କହିଛନ୍ତି ଯେ ସମଗ୍ର ଦେଶରେ ଏବେ ଏକକୋଟି ୪୦ ଲକ୍ଷ ଲୋକ ରନ୍ଧନଗ୍ୟାସ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି । ପାରାଦ୍ୱୀପ ଓ ହଳଦିଆ ଏଲ୍‌ପିଜି ଟର୍ମିନାଲ କାର୍ଯ୍ୟକ୍ଷମ ହେଲେ ଏହି ସଂଖ୍ୟା ଶତାବ୍ଦୀ ଶେଷ ସୁଦ୍ଧା ଯଥେଷ୍ଟ ହ୍ରାସ ପାଇବ । ପାରାଦ୍ୱୀପ ଟର୍ମିନାଲ ଆସନ୍ତା ତିନିବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ।



# ସମୃଦ୍ଧ ଓଡ଼ିଶା ଗଠନ ଆମର ସ୍ୱପ୍ନ ଓ ସଂକଳ୍ପ

**ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ବୈପ୍ଳବିକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି । କୃଷି, ଶିଳ୍ପ, ଶିକ୍ଷା, ଜଳସେଚନ, ପରିବହନ, ଶକ୍ତି ଉତ୍ପାଦନ କ୍ଷେତ୍ରରେ ଗତ ଦୁଇବର୍ଷ ମଧ୍ୟରେ ଉଲ୍ଲେଖନୀୟ ପ୍ରଗତି ହାସଲ କରାଯାଇଛି । ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ, ଆଦିବାସୀ, ହରିଜନ, ଦୁର୍ବଳ ଓ ଦରିଦ୍ର ଜନସାଧାରଣଙ୍କ ଅର୍ଥନୈତିକ ଉନ୍ନତି ପାଇଁ ସରକାର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଆଗାମୀ ଶତାବ୍ଦୀରେ ଓଡ଼ିଶାକୁ ଭାରତର ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଓ ସଂକଳ୍ପ ନେଇ ସରକାର ବିଭିନ୍ନ କ୍ଷେତ୍ରରେ ଯେଉଁସବୁ ସଫଳତା ହାସଲ କରିଛନ୍ତି, ତାର ଏକ ଝଲକ ।**

## କୃଷି

କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି ।

ମରୁଡିଜନିତ ଖରିଫ୍ ଫସଲର କ୍ଷତିକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ଭାବେ ଅଧିକ ରବି ଫସଲ କରିବାକୁ ପଦକ୍ଷେପ ନିଆଯାଇଛି ।

ମରୁଡି ଅଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା, ଭୂମିହୀନ ଓ ବେକାରୀଙ୍କ ପାଇଁ କର୍ମ ଯୋଗାଣ, ବୃଦ୍ଧବୃଦ୍ଧା ଓ ଅକ୍ଷମଙ୍କ ପାଇଁ ମାଗଣା ଖାଉଟି କାର୍ଡ, ମରୁଡିଜନିତ ରୋଗଗୁଡ଼ିକର ନିରାକରଣ ନିମନ୍ତେ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

୮୦ ହଜାର ହେକ୍ଟର ବିଶିଷ୍ଟ ରେକର୍ଡ ଅଞ୍ଚଳ ଉଠାଜଳସେଚନ ସୁବିଧାର ଅନ୍ତର୍ଭୁକ୍ତ ଓ ଚାଷୀମାନଙ୍କୁ ଶତକଡା ୭୫ ଭାଗ ଜଳକର ରିହାତି ପ୍ରଦାନ କରାଯାଇଛି ।

ଅର୍ଥକରୀ ଆଖୁ, ଚିନାବାଦାମ, ତୈଳବୀଜ ଓ କପାଚାଷ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଆଗାମୀ ୫ ବର୍ଷ ମଧ୍ୟରେ ସାମୁଦ୍ରିକ ଓ ଆଭ୍ୟନ୍ତରୀଣ ମତ୍ସ୍ୟ ଉତ୍ପାଦନ ୨,୬୦,୦୦୦ ମେଟ୍ରିକ ଟନକୁ ବୃଦ୍ଧି କରାଯିବ ।

୪୦,୦୦୦ ଗ୍ରାମୀଣ ମହିଳାଙ୍କୁ ଗୋ-ପାଳନ ଜରିଆରେ କର୍ମନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି ।

ଭୁବନେଶ୍ୱର ଉପକଣ୍ଠରେ ଆଗ୍ରୋ ପାର୍କ ନିର୍ମାଣ କରାଯାଉଛି ।

## ଜଳସେଚନ

ରାଜ୍ୟର ୫୦ ପ୍ରତିଶତ ସେଚୋପଯୋଗୀ ଜମିକୁ ଆସନ୍ତା ୨୦୦୦ ମସିହା ସୁଦ୍ଧା ଜଳସେଚନର ସୁବିଧା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ଜଳସମ୍ପଦ ଏକୀକରଣ ଯୋଜନାରେ ୧୯୯୬-୨୦୦୨ ସୁଦ୍ଧା ୬୭ ହେକ୍ଟର ଜମିକୁ ସେଚକ୍ଷମ କରାଇବା ଏବଂ ୪୩୨୩୫୮ ହେକ୍ଟର ଜମିର ସେଚ ଦୃଢ଼ୀକରଣ କାର୍ଯ୍ୟ ଚାଲୁଅଛି ।

ବୈଜ୍ଞାନିକ ପଦ୍ଧତିରେ ଜଳ ପରିମାଣ ଆକଳନ କରାଯାଉଛି ।

ନାବାର୍ଡ ସହାୟତାରେ ୮ ଗୋଟି ଜଳସେଚନ ଯୋଜନା ଓ ୫ ଗୋଟି ସଂପ୍ରସାରଣ ଯୋଜନା କାର୍ଯ୍ୟର ଅଗ୍ରଗତି ହୋଇଛି ।

ରେଙ୍ଗାଲି ବାମପାର୍ଶ୍ୱ କେନାଲ କାର୍ଯ୍ୟର ଅଗ୍ରଗତି ପାଇଁ ଜାପାନ ଋଣ ସହାୟତା ପ୍ରାପ୍ତି ଦିଗରେ ସଫଳତା ହାସଲ କରାଯାଇଛି ।

ସୁବର୍ଣ୍ଣରେଖା ଜଳସେଚନ ଯୋଜନା ପାଇଁ ବିଶ୍ୱବ୍ୟାଙ୍କ୍ ସହାୟତାର ପ୍ରଚେଷ୍ଟା କରାଯାଉଛି ।

ଉପର ଇନ୍ଦ୍ରାବତୀ ଜଳସେଚନ ଯୋଜନାରେ ୩୦,୦୦୦ ହେକ୍ଟର ଜମିକୁ ଜଳଯୋଗାଣ ବ୍ୟବସ୍ଥା ହୋଇଛି ।

ବନ୍ୟା ନିୟନ୍ତ୍ରଣ ନିମନ୍ତେ ସମ୍ବଲପୁର, ଆସ୍କା, ଆନନ୍ଦପୁର ଓ କେନ୍ଦ୍ରାପଡ଼ା ପ୍ରଭୃତି ସହରମାନଙ୍କରେ ବନ୍ୟା ପ୍ରତିରୋଧକ ଘେରିବନ୍ଧ ନିର୍ମାଣ ଓ କଟକର ବିଡାନାସୀ ଘେରିବନ୍ଧର ସୁଦୃଢ଼ୀକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି ।

ନବମ ପଞ୍ଚବାର୍ଷିକ ଯୋଜନା କାଳରେ ମରୁଡି ପ୍ରପୀଡ଼ିତ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ଲୋଏର୍ ଇନ୍ଦ୍ର ଓ ଲୋଏର୍ ସୁକତେଲ ବୃହତ ପ୍ରକଳ୍ପ ଦ୍ୱୟର କାର୍ଯ୍ୟ ହାତକୁ ନେବାର ଲକ୍ଷ୍ୟ ରଖାଯାଇଛି ।

ଏ.ଆଇ.ବି.ପି କେନ୍ଦ୍ରୀୟ ସହାୟତା ଯୋଗେ ରେଙ୍ଗାଲୀ (ଆର.ବି.ସି. ୧) ଇନ୍ଦ୍ରାବତୀ (ଆର.ବି.ସି), ସୁବର୍ଣ୍ଣରେଖା ଓ ଆନନ୍ଦପୁର ବ୍ୟାରେଜର କାର୍ଯ୍ୟ ହାତକୁ ନିଆଯାଇଛି ।

## ମରୁଡ଼ିର ମୁକାବିଲା

ରାଜ୍ୟରେ ଦେଖା ଦେଇଥିବା ଗୁରୁତର ମରୁଡ଼ି ପରିସ୍ଥିତିକୁ ଦୃଢ଼ ଭାବରେ ମୁକାବିଲା କରାଯାଉଛି । ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଉଠାଜଳସେଚନ, ପାନୀୟ ଜଳ ପାଇଁ ନଳକୂପ ଖନନ କାର୍ଯ୍ୟ ଇତ୍ୟାଦି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି ।

## ପଞ୍ଚାୟତିରାଜ ଯୋଜନା

ରାଜ୍ୟରେ ଜିଲ୍ଲାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ନିର୍ବାଚନ କରାଯାଇ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇଛି ।

## ଗ୍ରାମାଞ୍ଚଳ ମହିଳା ଓ ଶିଶୁବିକାଶ

ଉକ୍ତ ଯୋଜନା ଜରିଆରେ ୧୫ ଜଣ ମହିଳା ବିଶିଷ୍ଟ ସଂଗଠନମାନ ଗଠନ କରାଯାଇଛି । ମୋଟ ୨୮୭୮ ଟି ମହିଳା ଗ୍ରୁପ୍ ଗଠନ କରାଯାଇ ୪୮୯୬୫ ଜଣ ହିତାଧିକାରୀଙ୍କ ପାଇଁ ୬୧୮୧୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଜବାହର ରୋଜଗାର ଯୋଜନା ମାଧ୍ୟମରେ ୧୯୯୫-୯୬ ଓ ୧୯୯୬-୯୭ ଫେବୃୟାରୀ ଶେଷ ସୁଦ୍ଧା ୮୪୪.୮୮ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୧୯୯୫-୯୬ ଆର୍ଥିକ ବର୍ଷରେ ୩୧୧.୦୬ ଲକ୍ଷ ଓ ୧୯୯୬-୯୭ ଫେବୃୟାରୀ ସୁଦ୍ଧା ୩୨୯.୬୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ଇନ୍ଦିରା ଆବାସ ଯୋଜନାରେ ମୋଟ ୮୯୧୦୬ ଜଣ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି ।

## ଶିଳ୍ପ ବିକାଶ

୧୯୯୬ ର ନୂତନ ପ୍ରଗତିଶୀଳ ଶିଳ୍ପନୀତି ଘୋଷଣା ଫଳରେ ଓଡ଼ିଶାରେ ନୂତନ ଶିଳ୍ପ ବିକାଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ପ୍ରାୟ ୧୦୦୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା କରାଯାଇଛି ।

## ଇସ୍ପାତ୍ କାରଖାନା

ଚାରୋଟି ଇସ୍ପାତ କାରଖାନା (ମିତିଭସ୍, ନୀଳାଚଳ ଇସ୍ପାତ, ଟାଟା ଷ୍ଟିଲ ଓ ଲାରସେନ୍ ଏଣ୍ଡ ଟୁବ୍ରୋ)ର କାର୍ଯ୍ୟ ଆଗେଇ ଚାଲିଛି ।

## ଚିନିକଳ

ଭଦ୍ରକ, ଗଞ୍ଜାମ, କୋରାପୁଟ ଓ ଦେବଗଡ ଜିଲ୍ଲାମାନଙ୍କରେ ନୂତନ ଚିନିକଳ ପ୍ରତିଷ୍ଠା ନିମନ୍ତେ ଆନୁଷଙ୍ଗିକ କାର୍ଯ୍ୟାରମ୍ଭ ହୋଇଛି । ଅନ୍ୟ ଜିଲ୍ଲାମାନଙ୍କରେ ଆଉ ୯ ଟି ନୂତନ ଚିନିକଳ ପ୍ରତିଷ୍ଠା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ଶିଳ୍ପପାର୍କ

ଭୁବନେଶ୍ୱରରେ ରପ୍ତାନୀ ପାର୍କ, ଇଲେକ୍‌ଟ୍ରୋନିକ୍ସ ପାର୍କ, ଖୋର୍ଦ୍ଧାଠାରେ ଆଲୁମିନିୟମ ପାର୍କ ଏବଂ ବିଦେଶୀ କମ୍ପାନୀ ସହଯୋଗରେ ପାରାଦୀପ ଓ ଝାରସୁଗୁଡ଼ାଠାରେ ଶିଳ୍ପପାର୍କ ପ୍ରତିଷ୍ଠା କରାଯାଉଛି ।

## ତୈଳ ବିଶୋଧନାଗାର

ପାରାଦୀପ ନିକଟରେ ତଥା ହରିଦାସପୁର ପାଖରେ ତିନୋଟି ତୈଳ ବିଶୋଧନାଗାର ପ୍ରତିଷ୍ଠା କରାଯିବ ଏବଂ ଏହା ସଙ୍ଗେ ସଙ୍ଗେ ପେଟ୍ରୋ କେମିକାଲ୍ କମ୍ପ୍ଲେକ୍ସ ମଧ୍ୟ ସ୍ଥାପନ କରାଯିବ ।

## ଆଲୁମିନିୟମ କାରଖାନା

ନାଲକୋର ଦାମନଯୋଡି ତଥା ଅନୁଗୁଳଠାରେ ଥିବା ପ୍ରକଳ୍ପଗୁଡ଼ିକର ବିସ୍ତୃତ ସଂପ୍ରସାରଣ କରାଯାଉଛି । କଳାହାଣ୍ଡି, କୋରାପୁଟ ଓ ବଲାଙ୍ଗୀର ଜିଲ୍ଲାରେ ତିନୋଟି ବୃହତ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି । ରାୟଗଡା ଜିଲ୍ଲାରେ ଉତ୍କଳର ଆଲୁମିନା କାରଖାନା ପ୍ରତିଷ୍ଠା କାର୍ଯ୍ୟ ଆଗେଇ ଚାଲିଛି ।

## ସାରକାରଖାନା

ପାରାଦୀପଠାରେ ବୃହତ ସାରକାରଖାନା ପ୍ରତିଷ୍ଠା ପାଇଁ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଛି ।

## ନୂତନ ବନ୍ଦରର ବିକାଶ

ଧାମରାଠାରେ ନୂତନ ବନ୍ଦର ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୋପାଳପୁର ବନ୍ଦର ନିର୍ମାଣ ପାଇଁ ପ୍ରାରମ୍ଭିକ ବ୍ୟବସ୍ଥା ନୂତନ ଓ ଆନ୍ତର୍ଜାତିକ ଟେଣ୍ଡର ଆହ୍ୱାନ କରାଯାଇଛି ।

## ଶକ୍ତି ଉତ୍ପାଦନ

ଶକ୍ତି ଉତ୍ପାଦନ ବୃଦ୍ଧି କରାଯିବା ଦିଗରେ ସୁବ୍ୟବସ୍ଥା କରାଯାଉଛି । ଉତ୍ପାଦିତ ଶକ୍ତିର ସୁବଣ୍ଟନ ତଥା ଶକ୍ତି ପ୍ରେରଣ କ୍ଷେତ୍ରରେ ନୂତନ ଧରଣର ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ୧୬୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଝାରସୁଗୁଡ଼ା ଜିଲ୍ଲାରେ ୩୯୦୦ ମେଗାୱାଟ ଶକ୍ତି ଉତ୍ପାଦନ କରିପାରୁଥିବା କାରଖାନା ପ୍ରତିଷ୍ଠା ନିମନ୍ତେ ହଂକଂର ଖ୍ୟାତନାମା ସେପା କମ୍ପାନି ସହିତ ଏମ୍. ଓ. ୟୁ. ସ୍ୱାକ୍ଷରିତ ହୋଇଛି ।

(କ) ଏନ୍.ଟି.ପି.ସି.ର ୨,୦୦୦ ମେଗାୱାଟର ସଂପ୍ରସାରଣ କାର୍ଯ୍ୟ ଚାଲିଛି ।

(ଖ) ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ-ଇବ୍ ଉପତ୍ୟକାରେ ଦୁଇଗୋଟି ନୂତନ ତାପଜ ବିଦ୍ୟୁତକେନ୍ଦ୍ର ସ୍ଥାପନ କରିବ ।

(ଗ) ରାଜ୍ୟରେ ବିଦ୍ୟୁତକାଟ ବ୍ୟବସ୍ଥା ବନ୍ଦ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

## ପରିବହନ

ପରିବହନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ କର୍ପୋରେସନର ଅଚଳ ହୋଇ ପଡିରହିଥିବା ୧୦୦ ଟି ବସକୁ ମରାମତି କରାଯାଇ ଚଳନକ୍ଷମ କରାଯାଇଛି ।

ପୂର୍ବରୁ ଜାତୀୟକରଣ କରାଯାଇଥିବା ପଥଗୁଡିକୁ ବିକେନ୍ଦ୍ରୀକରଣ କରାଯାଇ ବେସରକାରୀ ବସ୍ ଚଳାଚଳ ପାଇଁ ସୁବିଧା ଦେବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବ୍ୟବସ୍ଥା ଅନୁଯାୟୀ ଉଭୟ ବେସରକାରୀ ଓ ନିଗମର ପ୍ରାୟ ୪୦୦୦ ବସ୍ ଯାତ୍ରୀଙ୍କୁ ପରିବହନ କରିବ । ଖୋର୍ଦ୍ଧାରୋଡ -ବଲାଙ୍ଗିର ନୂତନ ଓସାରିଆ ରେଳପଥର ନିର୍ମାଣ କାର୍ଯ୍ୟ ଭାରତ ସରକାରଙ୍କ ଅନୁମୋଦନ ଲାଭ କରିଛି ଏବଂ ଏହାର ସର୍ଭେ କାର୍ଯ୍ୟ ସମାପ୍ତ ପ୍ରାୟ । ଏହି ରେଳପଥ ବଲାଙ୍ଗିର, ସୋନପୁର(କନ୍ଧମାଳ) ଫୁଲବାଣୀ ଓ ନୟାଗଡ ଭଳି କେତେକ ଆଦିବାସୀ ଓ ଅନଗ୍ରସର ଜିଲ୍ଲାଗୁଡିକୁ ଗମନାଗମନ ଏବଂ ମାଲ ପରିବହନର ସୁବିଧା ଯୋଗାଇ ଦେବ ।

ଲାଞ୍ଜିଗଡ ରୋଡ-ଜୁନାଗଡ ରେଳପଥ ନିର୍ମାଣ ନିମନ୍ତେ ଆନୁଷ୍ଠାନିକ କାର୍ଯ୍ୟ ଆରମ୍ଭ ହୋଇଛି । ନୂତନ ରେଳପଥ ତାଳଚେର-ଦଇତାରୀ ଓ ହରିଦାସପୁର (କେନ୍ଦ୍ରାପଡା) ଅନୁମୋଦନ ଲାଭ କରିଛି ।

ତାଳଚେର-ସମ୍ବଲପୁର, ଦଇତାରୀ-ବଂଶପାଣି ରେଳପଥ-ଗୁଡିକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

ଭୁବନେଶ୍ୱର ବିମାନ ବନ୍ଦରଠାରେ ଶୁଳ୍କ ଓ ମାଲପତ୍ର କାର୍ଯ୍ୟାଳୟ ଖୋଲାଯାଇଛି ।

ଭୁବନେଶ୍ୱର ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମର୍ଯ୍ୟାଦା ଦେବା ପାଇଁ ଆପ୍ରୋନ୍, ଟର୍ମିନାଲ ବିଲଡିଂ, ଟାକ୍ସି ଟ୍ରାକ୍ସ ଓ ରନୱେର ସଂପ୍ରସାରଣ ଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

ଓଡିଶା, ପଶ୍ଚିମ ବଙ୍ଗ ଓ ବିହାର ମଧ୍ୟରେ ଆନ୍ତଃ ରାଜ୍ୟ ପରିବହନ ନିମନ୍ତେ ଏକ ସହାୟକ ରାଜିନାମା ସ୍ୱାକ୍ଷରିତ ହୋଇଛି ।

## ନିର୍ମାଣ ବିଭାଗ

ରାଜ୍ୟରେ ଥିବା ୩୧୪ ଗୋଟି ବ୍ଲକ ମଧ୍ୟରୁ ୩୦୬ ଗୋଟି ବ୍ଲକର ସଦର ମହକୁମାକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ କରାଯାଇଛି ।

ମୁଣ୍ଡଳିଠାରେ ମହାନଦୀ ଉପରେ ୧୩୫୦ ମିଟର ଦୈର୍ଘ୍ୟ ବୃହତ ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ଜାତୀୟ ରାଜପଥ -୫ ଓ ଜାତୀୟ ରାଜପଥ -୪୨ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ କରାଯାଇଛି । କୁଆଖାଇ ନଦୀ ଉପରେ ସେତୁ ନିର୍ମାଣ ହୋଇ କଟକ ଓ ଭୁବନେଶ୍ୱରକୁ ବାରଙ୍ଗ ବାଟେ ଦ୍ୱିତୀୟ ସଂଯୋଗ ପଥ କରାଯାଇଛି ।

ନୂଆ ଜଗନ୍ନାଥ ସଡକର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

ଆସିକାଠାରେ ଋଷିକୁଲ୍ୟା ନଦୀ ଉପରେ ସଂଯୋଗ ସେତୁ ନିର୍ମିତ ହୋଇଛି ।

## ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ

ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ବଢ଼ାଇବା ତଥା ସେମାନଙ୍କର ପୁଷ୍ଟିହୀନତା ଦୂର କରିବା ନିମନ୍ତେ ୧.୭.୯୫ ତାରିଖ ଠାରୁ ପ୍ରବର୍ତ୍ତିତ ମଧ୍ୟାହ୍ନ ଭୋଜନ ଯୋଜନା ମାଧ୍ୟମରେ ୪୦୧୩୨ ଟି ବିଦ୍ୟାଳୟରେ ୪୧,୪୯,୧୮୨ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ପ୍ରତି ଆଦିବାସୀ ବ୍ଲକରେ ଅତିରିକ୍ତ ଗୋଟିଏ ସ୍କୁଲ ପ୍ରତିଷ୍ଠା କରିବାର ବ୍ୟବସ୍ଥା କରାଯାଇଛି ।

ମହିଳାମାନଙ୍କୁ ନିରାପଦ ଆଶ୍ରୟ ଦେବା ସହିତ ସେମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ୬୬୧ ଶଯ୍ୟା ବିଶିଷ୍ଟ ୧୧ଟି କର୍ମଜୀବୀ ମହିଳା ଆବାସ ନିର୍ମାଣ କରାଯାଇଛି ।

## ସାମାଜିକ ନ୍ୟାୟ

ସରକାରୀ ତଥା ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟଗୁଡିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଏବଂ ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କ ପାଇଁ ଚାକିରୀ କ୍ଷେତ୍ରରେ ଶତକଡା ୨୭ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ୫ ଲକ୍ଷ ୩୦,୦୦୦ ବୃଦ୍ଧବୃଦ୍ଧା, ନାମମାତ୍ର ଚାଷୀ ଓ କ୍ଷୁଦ୍ରଚାଷୀ, ଭୂମିହୀନ କୃଷି ଶ୍ରମିକ ଓ ବିଧବା ମହିଳାଙ୍କୁ ମାସିକ ୧୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଇଛି ।

## ବେକାର ଯୁବ-ସଂପ୍ରଦାୟ ନିମନ୍ତେ ଶିଳ୍ପାୟନ ଓ ଆତ୍ମନିଯୁକ୍ତି ବ୍ୟବସ୍ଥା

ସରକାରୀ କ୍ଷେତ୍ରରେ ଖାଲିଥିବା ୩୫,୦୦୦ (ପଞ୍ଚତିରିଶି ହଜାର) ପଦବୀ ପୂରଣ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ।

ହସ୍ତତନ୍ତ କାରିଗରମାନଙ୍କର ସମବାୟ ସମିତି ଗଠନ କରାଯାଇ ୨ ଲକ୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ସାରାବର୍ଷ କାମ ଯୋଗାଇ ଦିଆଯାଇଛି ।

## ଜଙ୍ଗଲ ବିଭାଗ

କେନ୍ଦ୍ରୀୟ ତଥା ରାଜ୍ୟ ପରିକଳ୍ପନାଗୁଡିକ ଅନୁଯାୟୀ ଅବକ୍ଷୟ ଜଙ୍ଗଲ ଗୁଡିକର ବିକାଶ ଓ ମୂଲ୍ୟବାନ୍ ବୃକ୍ଷରୋପଣ ନିମନ୍ତେ ୧୯୯୫-୯୬ ଓ ୧୯୯୬-୯୭ ବର୍ଷରେ ଯଥାକ୍ରମେ ୨୦୬.୭୪୬ ଓ ୧୫୧.୪୧୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଗତ ଦୁଇବର୍ଷ ମଧ୍ୟରେ ଜଙ୍ଗଲଜାତ ଦ୍ରବ୍ୟ ଗୁଡିକରୁ ମୋଟ ୧୧୦.୬୫ କୋଟି ଟଙ୍କା ରାଜସ୍ୱ ଆକାରରେ ମିଳିଛି ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ

"କ୍ଷୁଧାରୁ ମୁକ୍ତି" ଯୋଜନାରେ ୧୪୩ଟି ଆଦିବାସୀ ଅଧ୍ୟୁଷିତ ଓ ମରୁଡ଼ି ପ୍ରବଣ ବ୍ଲକରେ ଗତଆର୍ଥିକ ବର୍ଷରେ ୨,୭୨,୯୨୭ ମେଟ୍ରିକ ଟନ୍ ଚାଉଳ କେ.ଜି ପିଛା ୨ ଟଙ୍କା ଦରରେ ଯୋଗାଇ ଦିଆଯାଇଛି ।

ଚାଉଳ ଓ ଅଟାର ଦର ବୃଦ୍ଧିକୁ ରୋକିବା ପାଇଁ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଭ୍ରାମ୍ୟମାଣ ଗାଡ଼ି ଜରିଆରେ ଚାଉଳ ଓ ଅଟା ସରକାରୀ ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା କରାଯାଉଛି ।

ସାଧାରଣ ବଣ୍ଟନ ପ୍ରଣାଳୀରେ ଚାଉଳ ଓ ଗହମର ଆବଶ୍ୟକତା ପୂରଣ ପାଇଁ ଚାଉଳର ପରିମାଣ ଏକ ଲକ୍ଷ ମେଟ୍ରିକ ଟନ୍‌କୁ ଓ ଗହମର ପରିମାଣ ୫୦,୦୦୦ ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯାଇଛି ।

ଅସାଧୁ ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଗତ ଆର୍ଥିକ ବର୍ଷରେ ୧.୦୫,୩୬,୩୯୯ ଟଙ୍କା ଜୋରିମାନା ଆଦାୟ ହୋଇଥିବା ସ୍ଥଳେ ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧା ୬୩,୯୦,୬୮୨ ଟଙ୍କା ଆଦାୟ କରାଯାଇଛି ।

"ଖାଉଟି ସୁରକ୍ଷା ଅଧିନିୟମ" ଅନୁଯାୟୀ ରାଜ୍ୟ କମିଶନ ଓ ଜିଲ୍ଲା କମିଶନ ଜରିଆରେ ୧୯୯୭ ଜାନୁୟାରୀ ସୁଦ୍ଧା ଯଥାକ୍ରମେ ୨,୨୮୭ ଓ ୧୬,୫୩୨ ଟି ମକଦ୍ଦମା ଫଇସଲା କରାଯାଇଛି ।

ରାଜ୍ୟରେ ଚାଉଳ ସଂଗ୍ରହର ପରିମାଣ ବୃଦ୍ଧି ପାଇଁ ଲେଭି ହାର ଶତକଡ଼ା ୫୦ ରୁ ୭୫ କୁ ବୃଦ୍ଧି କରାଯାଇଛି ।

## ସମସ୍ତଙ୍କ ପାଇଁ ଶିକ୍ଷା

ସମ୍ବଲପୁର, ବ୍ରହ୍ମପୁର ଏବଂ ଭୁବନେଶ୍ୱରଠାରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ତିନୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରାଯାଇଛି ।

ଉତ୍ତର ଓଡ଼ିଶାରେ ଏକ ନୂତନ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସରକାରୀ ନିଷ୍ପତ୍ତି ହୋଇଛି ।

ପ୍ରଚଳିତ ଛାତ୍ରବୃତ୍ତି ସମେତ ବୈଷୟିକ ଓ ପରିଚାଳନା ଶିକ୍ଷା ଲାଭ କରୁଥିବା ଛାତ୍ରୀମାନଙ୍କୁ ମାସିକ ୧୦୦୦.ଟଙ୍କା ଛାତ୍ରୀବୃତ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି ।

ସରକାରୀ ବିଜ୍ଞାନ କଲେଜ ନଥିବା ତିନୋଟି ଜିଲ୍ଲାରେ ଯୁକ୍ତ ଦୁଇ ବିଜ୍ଞାନ କଲେଜ ପ୍ରତିଷ୍ଠା କରାଯାଇଛି ।

ଯେଉଁ ମେଧାବୀ ଛାତ୍ରଛାତ୍ରୀଙ୍କର ପିତାମାତାଙ୍କ ବାର୍ଷିକ ଆୟ ୨୪,୦୦୦ ବା ତା'ଠାରୁ କମ୍ ହୋଇଥିବ, ସେମାନଙ୍କୁ ଛାତ୍ରବୃତ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି । ଜାତୀୟ ଛାତ୍ରବୃତ୍ତି ପାଇଁ ଏହି ସୀମା ୩୫,୦୦୦ ଟଙ୍କା ରଖାଯାଇଛି ।

ଆଦିବାସୀ ଅଧ୍ୟୁଷିତ ବ୍ଲକମାନଙ୍କରେ ବିଗତ ଦୁଇ ବର୍ଷ ମଧ୍ୟରେ ୧୫ଟି ନୂତନ ସ୍କୁଲ ଖୋଲାଯାଇଛି । ୩୩ ଟି ସ୍କୁଲର ଉନ୍ନତି କରଣ କରାଯାଉଛି ଏବଂ ୨୧ ଟିକୁ ପରିବର୍ତ୍ତିତ କରାଯାଉଛି ।

## ଗ୍ରାମ୍ୟବିକାଶରେ ସମବାୟ

"ସୁଧ ପ୍ରୋତ୍ସାହନ ଯୋଜନା" ଅନୁଯାୟୀ ୩,୯୪ ଲକ୍ଷ କୃଷକ ପରିବାରକୁ ୩୧.୬୨ କୋଟି ଟଙ୍କାର ସୁଧ ସାହାଯ୍ୟ ଦିଆଯାଇ ଋଣମୁକ୍ତ କରାଯାଇଛି ।

ଚଳିତ ବର୍ଷ ୧୧୭ କୋଟି ଟଙ୍କା ଖରିଫ୍ ଋତୁରେ ଋଣ ଦିଆଯାଇଛି ଓ ରବି ଋତୁ ପାଇଁ ୬୩.୭୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି ।

କ୍ଷତିଗ୍ରସ୍ତ ୧,୦୯୧୩୬ ଜଣ ଚାଷୀଙ୍କୁ ଫସଲ ବୀମା ଅର୍ଥ ବାବଦରେ ୭.୫୯ କୋଟି ଟଙ୍କା ଦିଆଯାଇଛି ।

ଜଳସେଚନ, ମତ୍ସ୍ୟଚାଷ, ଫଳଚାଷ, ଗୋ-ପାଳନ ଏବଂ କୃଷି ଯନ୍ତ୍ରପାତି ନିମନ୍ତେ ଦୀର୍ଘ କାଳୀନ ଋଣ ଆକାରରେ ୫,୩୭ କୋଟି ଟଙ୍କା ଲଗାଣ କରାଯାଇଛି ।

ସମବାୟ ସମିତି ଗୁଡ଼ିକର ପରିଚାଳନା ପର୍ଷଦରେ ହରିଜନ, ଆଦିବାସୀ, ମହିଳା ଓ ଅନ୍ୟାନ୍ୟ ବର୍ଗର ସଭ୍ୟଙ୍କ ପ୍ରତିନିଧିତ୍ୱ ଜରିଆରେ ଗଣତାନ୍ତ୍ରିକ ଭାବଧାରାର ସଫଳ ରୂପାୟନ ନିମନ୍ତେ ଯୁଗୋପଯୋଗୀ ପଦକ୍ଷେପ ନିଆଯାଇଛି ଓ ଆଇନର ସଂଶୋଧନ କରାଯାଇଛି ।

ସମବାୟ ଅନୁଷ୍ଠାନଗୁଡ଼ିକରେ ସମୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟ ଗଠନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।

କୃଷିଜାତ ଦ୍ରବ୍ୟ କ୍ରୟ ବିକ୍ରୟର ସୁନିୟନ୍ତ୍ରଣ କରି ଉପଭୋକ୍ତା ତଥା ଉତ୍ପାଦନକାରୀ ଉଭୟଙ୍କ ହିତ ସାଧନ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରାଯାଇଛି ।

## ଓଡ଼ିଶା ପାଇଁ ୩୮୬.୭୯ କୋଟି ଟଙ୍କାର ବିଦେଶୀ ପୁଞ୍ଜି

ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସ ମଧ୍ୟରେ ରାଜ୍ୟରେ ୩୮୬ କୋଟି ୭୯ ଲକ୍ଷ ଟଙ୍କାର ୬ଟି ବିଦେଶୀ ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ସେଥି ମଧ୍ୟରେ ଦୈତାରୀ ଠାରେ ମେସ୍କୋ କଳିଙ୍ଗ ଇସ୍ପାତ କାରଖାନା ସ୍ଥାପନ ପାଇଁ ୩୩୦ କୋଟି ଟଙ୍କାର ବିଦେଶୀ ପୁଞ୍ଜି ବିନିଯୋଗ ଅନ୍ତର୍ଭୁକ୍ତ । ଶିଳ୍ପମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ ଗତ ମାର୍ଚ୍ଚ ୬ ତାରିଖରେ ବିଧାନସଭାରେ ସୂଚନା ଦେଇ କହିଛନ୍ତି ଯେ, ମେସ୍କୋ କଳିଙ୍ଗ ଇସ୍ପାତ କାରଖାନାରେ ପୁଞ୍ଜି ବିନିଯୋଗ ପାଇଁ ଜର୍ମାନୀର ମାନେସମାନ୍ ଡେମାଗ୍ ସଂସ୍ଥା ରାଜି ହୋଇଥିବା ବେଳେ ଓଡ଼ିଶାରୁ ହୀରା ଉତ୍ତୋଳନ ପାଇଁ ଅଷ୍ଟ୍ରେଲିଆର ମାଇନିଂ ଇଣ୍ଡିଆ ସଂସ୍ଥା ୫୦ କୋଟି ଟଙ୍କା ବିନିଯୋଗ କରିବାକୁ ସମ୍ମତ ହୋଇଛି । ମେଲବର୍ଣ୍ଣର ଏହି ସଂସ୍ଥା ମିଳିତ ଉଦ୍ୟୋଗରେ ହୀରା ଉତ୍ତୋଳନ କାର୍ଯ୍ୟ କରିବ । ଏହାଛଡ଼ା ଓଡ଼ିଶା ଖଣି ନିଗମର ସହଯୋଗରେ ଲଣ୍ଡନର ଏକ ଶିଳ୍ପଗୋଷ୍ଠୀ ଗୁହାଖଣିର ବିକାଶ ପାଇଁ ୬ କୋଟି ୩୦ ଲକ୍ଷ ଟଙ୍କା ବିନିଯୋଗ କରିବାକୁ ରାଜି ହୋଇଛି । ମତ୍ସ୍ୟ ବ୍ୟବସାୟ, ପ୍ଲାଷ୍ଟିକ୍ ଫିଲ୍ମ କାପାସିଟର ଉତ୍ପାଦନ ଏବଂ ରେଡ଼ିଓ ମେଟ୍ରିକ ମାପ ଯନ୍ତ୍ରପାତି ଉତ୍ପାଦନ ପାଇଁ ଅନ୍ୟ ୩ଟି ପରିକଳ୍ପନା ମଞ୍ଜୁରୀ ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୧୭ ଜଣିଆ ଦଳ ବିଦେଶ ଗସ୍ତରେ ଯାଇଥିବା ବେଳେ ଇସ୍ରାଏଲର ବିଭିନ୍ନ ସଂସ୍ଥା ସହ ୧୭ଟି ବୁଝାମଣାପତ୍ର, ଦକ୍ଷିଣକୋରିଆ ଜାପାନ ଓ ଅନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# ଉପମୁଖ୍ୟ ମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କର ବଜେଟ ଅଭିଭାଷଣ



**ଅଧ୍ୟକ୍ଷ ମହୋଦୟ,**

ଆଜି ଏହି ମହାନ ଗୃହରେ ୧୯୯୭-୯୮ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ଅବସରରେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଉଅଛି ।

୨. ୧୯୯୬-୯୭ ଆର୍ଥିକ ବର୍ଷର ଆରମ୍ଭରେ ନିଅଣ୍ଟର ପରିମାଣ ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ୫.୨୧ କୋଟି ଟଙ୍କା ଥିଲା । ୧୯୯୬-୯୭ ବର୍ଷର ସଂଶୋଧିତ ଅଟକଳରେ ସମୁଦାୟ ଆୟର ପରିମାଣ ୧୧୦୮୭.୧୭ କୋଟି ଟଙ୍କା ଓ ବ୍ୟୟର ପରିମାଣ ୧୧୦୮୭.୧୭ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଉଅଛି ।

୩. ୧୯୯୬-୯୭ ବର୍ଷର ମୂଳ ବଜେଟ୍‌ରେ କେନ୍ଦ୍ରୀୟ ଟିକସର ଅଂଶ, ରାଜ୍ୟର ଟିକସ, ଅଣଟିକସ ଏବଂ ଅଣଯୋଜନା ଅନୁଦାନକୁ ମିଶାଇ, ସମୁଦାୟ ରାଜସ୍ୱ ଆଦାୟର ପରିମାଣ ୩୭୮୬.୭୬ କୋଟି ଟଙ୍କା ହେବାର ଆକଳନ କରାଯାଇଥିଲା । ସଂଶୋଧିତ ଅଟକଳରେ ମଧ୍ୟ ତାହା ରଖାଯାଇଛି । କିନ୍ତୁ ଅଣଯୋଜନା କ୍ଷେତ୍ରରେ ମୂଳ ଅଟକଳର ରାଜସ୍ୱ ଖର୍ଚ୍ଚର ପରିମାଣ ୩୯୩୮.୪୭ କୋଟି ଟଙ୍କା ହେବାକୁ ଥିବା ବେଳେ ସଂଶୋଧିତ ଅଟକଳରେ ତାହାକୁ କମାଇ ୩୮୬୦.୪୭ କୋଟି ଟଙ୍କାରେ ରଖାଯାଇଛି । ଫଳରେ ଚଳିତ ରାଜସ୍ୱ ହିସାବରେ ମୂଳ ଅଟକଳରେ ନିଅଣ୍ଟର ପରିମାଣ ୧୫୧.୭୧ କୋଟି ଟଙ୍କା ଥିବା ସ୍ଥଳେ ସଂଶୋଧିତ ଅଟକଳରେ ଏହା କମାଇ ୭୩.୭୧ କୋଟି ଟଙ୍କାରେ ସୀମିତ କରାଯାଇଛି ।

୪. ଯୋଜନା କମିଶନଙ୍କ ସହିତ ଆଲୋଚନା ପୂର୍ବରୁ ୧୯୯୬-୯୭ ଆର୍ଥିକ ବର୍ଷର ରାଜ୍ୟ ଯୋଜନା ବଜେଟ୍ ଅଟକଳ ୨୧୯୭.୧୬ କୋଟି ଟଙ୍କାରେ ସ୍ଥିରୀକୃତ ହୋଇଥିଲା । ପରେ ଯୋଜନା କମିଶନଙ୍କ ସହିତ ଆଲୋଚନା କରି ଏହାକୁ ୨୨୦୧.୧୮ କୋଟି ଟଙ୍କାକୁ ନିର୍ଦ୍ଧାରଣ କରାଗଲା । ଏହି ଅଟକଳ ମଧ୍ୟରୁ ରାଜ୍ୟ ସରକାରଙ୍କ ବଜେଟ୍‌ରେ ୨୦୬୩.୩୧ କୋଟି ଟଙ୍କା ରଖାଯାଇଥିଲା ଏବଂ ରାଜ୍ୟର ପବ୍ଲିକ ସେକ୍ଟର ଅଣ୍ଡରଟେକିଂସ୍‌ଙ୍କ ପାଇଁ ୧୩୭.୮୭ କୋଟି ଟଙ୍କାର ଯୋଜନା ଅଟକଳ ସ୍ଥିର କରାଯାଇଥିଲା । ଏହା ବ୍ୟତୀତ ଅତିରିକ୍ତ ବ୍ୟୟ ମଂଜୁରୀଜନିତ ଖର୍ଚ୍ଚ ପାଇଁ ମଧ୍ୟ ବ୍ୟୟ ବରାଦ କରାଯାଇଅଛି । କିନ୍ତୁ ରାଜ୍ୟ ସରକାର ସମ୍ବଳ ସଂଗ୍ରହରେ ଓ.ପି.ଜି.ସି.ର Disinvestment ବାବଦରେ ଅଟକଳ କରିଥିବା ୩୦୦.୦୦ କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ସଂଗ୍ରହ କରିବା ଆଶା କ୍ଷୀଣ ଥିବା ଦୃଷ୍ଟିରୁ ସଂଶୋଧିତ ଯୋଜନା ଅଟକଳକୁ ୧୮୯୮.୮୧ କୋଟି ଟଙ୍କାରେ ସୀମିତ ରଖାଯାଇଛି ।

୫. ୧୯୯୭-୯୮ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳର ସାରାଂଶ ପରିଶିଷ୍ଟ 'କ' (ଚୁମ୍ବକରେ ଓଡ଼ିଶା ବଜେଟ୍ ୧୯୯୭-୯୮)ରେ ଉଲ୍ଲେଖ କରାଯାଇଛି । ଏହି ଅଟକଳ ଅନୁଯାୟୀ ସମୁଦାୟ ଆୟର ପରିମାଣ ୧୨୨୦୩.୬୭ କୋଟି ଟଙ୍କା ଓ ସମୁଦାୟ ବ୍ୟୟର ପରିମାଣ ୧୨୨୦୩.୬୭ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ତନ୍ମଧ୍ୟରୁ ରାଜସ୍ୱ ହିସାବରେ ୫୧୭୮.୮୯ କୋଟି ଟଙ୍କା ଆଦାୟ ଓ ୬୧୨୪.୮୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଅଛି । ପୁଞ୍ଜି ହିସାବରେ (Capital Account) ଆୟ ଓ ବ୍ୟୟ ପରିମାଣ ଯଥାକ୍ରମେ ୨୮୦୨.୩୪ କୋଟି ଓ ୨୩୪୩.୫୦ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ବାକି ଆୟ ଓ ବ୍ୟୟର ପରିମାଣ ସରକାରୀ ହିସାବରେ (Public Account) ଅନ୍ତର୍ଭୁକ୍ତ । ୧୯୯୭-୯୮ ଆର୍ଥିକ ବର୍ଷରେ ଅଟକଳ ଅନୁଯାୟୀ ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରେ ଆୟ ଓ ବ୍ୟୟକୁ ସମାନ ରଖି ଏହାକୁ ଏକ ସମତୁଲ ବଜେଟ୍ କରାଯାଇଅଛି ।

୬. ଅଣଯୋଜନା କ୍ଷେତ୍ରରେ ଦରମା ଓ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ୧୬୮୭.୫୯ କୋଟି ଟଙ୍କା, ବେସରକାରୀ ଅନୁଷ୍ଠାନମାନଙ୍କୁ ବେତନ ଅନୁଦାନ ୧୦୫.୮୩ କୋଟି ଟଙ୍କା, ସୁଧ ଦେୟ ବାବଦକୁ ୧୩୦୫.୮୪ କୋଟି ଟଙ୍କା, ସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ୩୧୫.୧୬ କୋଟି ଟଙ୍କା, ସରକାରୀ କର୍ମଚାରୀଙ୍କ ଅବସର କାଳୀନ

ପେନସନ୍‌ସହ ସ୍ୱାଧୀନତା ସଂଗ୍ରାମୀ, ବୃଦ୍ଧ, ବିଧବା, ଶାରୀରିକ ଅକ୍ଷମ ଇତ୍ୟାଦି ଲୋକମାନଙ୍କୁ ପେନ୍‌ସନ ବାବଦରେ ୩୩୩.୬୬ କୋଟି ଟଙ୍କା, ବିଭିନ୍ନ ସରକାରୀ ଉଦ୍ୟୋଗ ଓ ସମବାୟ ସଂସ୍ଥାମାନଙ୍କୁ ସବ୍‌ସିଡି ପାଇଁ ୯୫.୧୯ କୋଟି ଟଙ୍କା, ରିଲିଫ୍ ପାଇଁ ୫୭.୩୪ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୬୬୩.୬୫ କୋଟି ଟଙ୍କା ଅଟକଳ କରାଯାଇଛି । ଏହିପରି ସମୁଦାୟ ୪୫୬୪.୨୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । ୧୯୯୬-୯୭ର ସଂଶୋଧିତ ଅଟକଳ ଅନୁସାରେ ଏହି ଖର୍ଚ୍ଚ ଗୁଡିକର ସମଷ୍ଟି ୩୮୬୦.୪୭ କୋଟି ଟଙ୍କା ବରାଦ କରାଯାଇଛି । ଅତଏବ ୧୯୯୭-୯୮ ବଜେଟ୍‌ରେ ଏହି ବାବଦ ଖର୍ଚ୍ଚର ଅଟକଳ ୭୦୩.୭୯ କୋଟି ଟଙ୍କା ଅଧିକ ଅଟେ । ଉଲ୍ଲେଖ କରାଯାଇପାରେ ଯେ ୧୯୯୭-୯୮ ମସିହା ପାଇଁ ଅଣଯୋଜନା ଖର୍ଚ୍ଚ ମଧ୍ୟରେ ୨୨୦.୦୦ କୋଟି ଟଙ୍କା ଦରମା ରିଭିଜନ ପାଇଁ ଉଦ୍ଦିଷ୍ଟ ।

୭. ଯୋଜନା କମିଶନଙ୍କ ସହିତ ଆଲୋଚନା ପରେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାର ବ୍ୟୟ ଅଟକଳ ୨୫୦୦.୦୦ କୋଟି ଟଙ୍କାରେ ରଖା ଯିବା ପାଇଁ ସ୍ଥିର କରାଯାଇଥିଲା । ପରେ କେନ୍ଦ୍ର ସରକାରଙ୍କ ଠାରୁ ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାପାଇଁ ୧୧୦.୦୦ କୋଟି ଟଙ୍କା କେନ୍ଦ୍ରୀୟ ସମ୍ଭାବ୍ୟ ସାହାଯ୍ୟ ବିନିଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ଅନୁରୂପ ପାଣ୍ଠି ସହ ୨୨୦.୦୦ କୋଟି ଟଙ୍କା ଏହି ଯୋଜନା ପାଇଁ ଉଦ୍ଦିଷ୍ଟ କରାଯାଇଛି । ଏଥି ନିମନ୍ତେ ୨୦୦.୦୦ କୋଟି ଟଙ୍କା Disinvestment କରିଥାରେ ସଂଗ୍ରହ କରାଯାଇ ଉପରୋକ୍ତ ପ୍ରକଳ୍ପପାଇଁ ଓ ଓ.ପି.ଡି.ସି.ର ଅଂଶଧନରେ ବିନିଯୋଗ ପାଇଁ ବ୍ୟୟ ବରାଦ କରାଯାଇଛି । ଏହିପରି ହିସାବରେ ୧୯୯୭-୯୮ ବର୍ଷ ପାଇଁ ରାଜ୍ୟ ଯୋଜନାର ଚୂଡାନ୍ତ ପରିମାଣ ୨୮୧୦.୦୦ କୋଟି ଟଙ୍କାରେ ରଖାଯାଇଅଛି । ଏହା ମଧ୍ୟରୁ ରାଜ୍ୟ ସରକାରଙ୍କ ବଜେଟ୍‌ରେ ୨୩୧୭.୦୦ କୋଟି ଓ ସରକାରୀ ଉଦ୍ୟୋଗ ମାନଙ୍କ ବଜେଟ୍‌ରେ ୪୯୩.୦୦ କୋଟି ଟଙ୍କା ଖର୍ଚ୍ଚର ଅଟକଳ କରାଯାଇଛି ।

୮. ୧୯୯୭-୯୮ ରେ ରାଜ୍ୟ ଯୋଜନା ପାଇଁ ୫୭୯.୪୯ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଅଟକଳ କରାଯାଇଛି । ଏହା ଛଡା ବସ୍ତି ଉନ୍ନୟନ ପାଇଁ ୪.୫୦ କୋଟି ଟଙ୍କା, ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ ପାଇଁ ୧୧୦.୦୦ କୋଟି ଟଙ୍କା ଏବଂ ବହିଃସାହାଯ୍ୟପ୍ରାପ୍ତ ପ୍ରକଳ୍ପମାନଙ୍କର ଖର୍ଚ୍ଚ ଭରଣା ବାବଦକୁ ୬୭୩.୭୪ କୋଟି ଟଙ୍କା ଅତିରିକ୍ତ କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଅଟକଳ କରାଯାଇଛି । ଏତଦ୍‌ ବ୍ୟତୀତ ଆଦିବାସୀ ଅଞ୍ଚଳର ଉନ୍ନତି ପାଇଁ ୪୯.୫୮ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିବାର ଅନୁମାନ କରାଯାଇଛି । ନବମ ଯୋଜନାରେ ସମ୍ପୂର୍ଣ୍ଣ ହେବାକୁ ଥିବା କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ NABARD ଦ୍ୱାରା ସ୍ଥାପନ କରାଯାଇଥିବା ଗ୍ରାମାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (R.I.D.F.) ରୁ ୬୦.୦୦ କୋଟି ଟଙ୍କା ଋଣ ସହାୟତା ମିଳିବାର ଆଶା କରାଯାଏ । ଜୀବନ ବୀମା କରପୋରେସନଙ୍କ ଠାରୁ ଗୃହ ନିର୍ମାଣ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୪୨.୦୦ କୋଟି ଟଙ୍କା ମିଳିବାର ଅଟକଳ କରାଯାଇଛି । ଅବଶିଷ୍ଟ ପରିମାଣ ରାଜ୍ୟ ସରକାର ଖୋଲା ବଜାରରୁ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ପୁଞ୍ଜି ସଂଗ୍ରହକରି ବିନିଯୋଗ କରିବେ ।

୯. ରାଜ୍ୟ ଯୋଜନା ଅଟକଳର ସଫଳ ରୂପାୟନ ନିମନ୍ତେ ଏବଂ ନିଅଣ୍ଟିଆ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ବିଭିନ୍ନ ସୂତ୍ରରୁ ୧୦୦.୦୦ କୋଟି ଟଙ୍କା ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ସ୍ଥିର କରିଛନ୍ତି ।

୧୦. ରାଜ୍ୟ ଯୋଜନା ବ୍ୟୟ ପାଇଁ ନିମ୍ନଲିଖିତ ମତେ ପାଣ୍ଠି ସଂଗ୍ରହ କରାଯିବାର ଅଟକଳ କରାଯାଇଅଛି ।

*(କୋଟି ଟଙ୍କା ହିସାବରେ)*

| | |
|---|---|
| ୧) ଅତିରିକ୍ତ ସମ୍ବଳ | ୧୦୦.୦୦ |
| ୨) କ୍ଷୁଦ୍ର ସଞ୍ଚୟ ବାବଦ ଋଣ | ୨୬୦.୦୦ |
| ୩) ଭବିଷ୍ୟନିଧି ପାଣ୍ଠିରୁ ସମ୍ବଳ ସଂଗ୍ରହ | ୪୫୨.୦୦ |
| ୪) ଖୋଲା ବଜାରରୁ ଋଣ (ନିଟ୍) | ୪୧୬.୩୩ |
| ୫) ଅଣଯୋଜନା ପୁଞ୍ଜି | ୧୦.୭୩ |
| ୬) ବିଭିନ୍ନ ଅନୁଷ୍ଠାନମାନଙ୍କରୁ ଋଣ | ୧୧୬.୦୬ |
| ୭) ଦଶମ ଅର୍ଥ କମିଶନ ସୁପାରିଶ ଅନୁଯାୟୀ ଅନୁଦାନ | ୮୯.୪୮ |
| ମୋଟ ରାଜ୍ୟସରକାରଙ୍କ ନିଜସ୍ୱ ସମ୍ବଳ | ୧୪୪୪.୬୦ |
| କେନ୍ଦ୍ରୀୟ ସାହାଯ୍ୟ | ୧୪୧୭.୩୧ |
| ମୋଟ ସମ୍ବଳ ସଂଗ୍ରହ | ୨୮୬୧.୯୧ |
| ଅଣଯୋଜନା ରାଜସ୍ୱ ନିଅଣ୍ଟ | (-)୫୪୪.୯୧ |
| ମୋଟ : | ୨୩୧୭.୦୦ |

୧୧. ନବମ ଯୋଜନାରେ ଜାତୀୟ ସ୍ତରରେ ଅଭିବୃଦ୍ଧି ୭ ପ୍ରତିଶତ ରଖାଯିବାପାଇଁ ଲକ୍ଷ୍ୟ ରଖାଯାଇଛି । ୧୯୮୦-୮୧ ମୂଲ୍ୟସୂଚୀ ଅନୁଯାୟୀ ୧୯୯୪-୯୫ ବର୍ଷରେ ଆମ ରାଜ୍ୟରେ ମୁଣ୍ଡପିଚ୍ଛା ଆୟ ଜାତୀୟ ସ୍ତରରେ ମୁଣ୍ଡପିଚ୍ଛା ଆୟଠାରୁ ଟଂ୮୨୦/- କମ୍ ଥିବା ଜଣାଯାଏ । ଏହି ତାରତମ୍ୟ ଅପରିବର୍ତ୍ତିତ ରଖିବା ପାଇଁ ଆମକୁ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହାର ୯.୨୪ ପ୍ରତିଶତରେ ରଖିବାକୁ ହେବ । ଏହି

ଅଭିବୃଦ୍ଧି ହାର ହାସଲ କରିବାକୁ ହେଲେ ପ୍ରଚୁର ପରିମାଣରେ ପୁଞ୍ଜି ବିନିଯୋଗ କରିବାକୁ ହେବ ଯାହାକି ପ୍ରାୟ ୮୨୦୦୦ କୋଟି ଟଙ୍କା ହେବାର ଅଟକଳ କରାଯାଇଅଛି । ଏତେ ପ୍ରଚୁର ପରିମାଣରେ ପୁଞ୍ଜି ବିନିଯୋଗ କେବଳ ସରକାରୀ କ୍ଷେତ୍ରରେ କରିବା ସମ୍ଭବପର ନୁହେଁ । ତେଣୁ ବେସରକାରୀ ସ୍ତରରେ କିପରି ଅଧିକ ପୁଞ୍ଜି ବିନିଯୋଗ କରାଯାଇପାରିବ ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି ଏବଂ ସରକାରୀ ସ୍ତରରୁ କିପରି ଅଧିକ ପୁଞ୍ଜି ବିନିଯୋଗ କରାଯାଇପାରିବ ସେଥିପାଇଁ ମଧ୍ୟ ସରକାର ଚେଷ୍ଟା କରୁଛନ୍ତି । ଆବଶ୍ୟକ ହେଉଥିବା ପୁଞ୍ଜିର ଏକ ଚତୁର୍ଥାଂଶ ରାଜ୍ୟ ଯୋଜନା ଜରିଆରେ ବିନିଯୋଗ କରିବାକୁ ହେଲେ ଆମକୁ ଅତିରିକ୍ତ ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ ।

୧୨. ରାଜ୍ୟର ପ୍ରସ୍ତାବିତ ଯୋଜନାର ସଫଳ ରୂପାୟନ ନିମନ୍ତେ ୧୦୦.୦୦ କୋଟି ଟଙ୍କାର ଅତିରିକ୍ତ ସମ୍ବଳ ଆହରଣ କରିବା ପାଇଁ ଆମ ସରକାର କେତେକ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ରଖିଛନ୍ତି । ଯୋଜନା ଆୟୋଗଙ୍କ ସହିତ ଆଲୋଚନା ବେଳେ ବିକ୍ରିକର ବାବଦରେ ୧୦୩୫.୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଅଟକଳ କରାଯାଇଥିଲା । ବିକ୍ରିକର ହାରର ସମୀକରଣ ଓ ଟିକସ ଫାଙ୍କି କଡ଼ାକଡ଼ି ଭାବେ ପ୍ରତିହତ କରାଯାଇ ଅଧିକ ସମ୍ବଳ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ଅନେକ ରାଜ୍ୟରେ ବୃତ୍ତି ଟିକସ୍ (Tax on Profession) ର ବ୍ୟବସ୍ଥା ରହିଛି । ଆମ ରାଜ୍ୟରେ ଅନୁରୂପ ବ୍ୟବସ୍ଥା କରିବାପାଇଁ ସରକାର ପ୍ରସ୍ତାବ କରୁଛନ୍ତି । ଏଥି ନିମନ୍ତେ ବିଧାନସଭାର ଚଳିତ ଅଧିବେଶନରେ ଏକ ବିଲ୍ ଆଣିବାର ପ୍ରସ୍ତାବ ରହିଛି । ଏହାଛଡ଼ା ଜଳକର ବାବଦରେ ଏବଂ କୋଇଲା ବ୍ୟତୀତ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ରୟାଲଟି ବୃଦ୍ଧି ସୂତ୍ରରୁ ମଧ୍ୟ ଅଧିକ ସମ୍ବଳ ସଂଗ୍ରହର ଅଟକଳ କରାଯାଇଛି । କେତେକ କ୍ଷେତ୍ରରେ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ହାର ବୃଦ୍ଧି କରି ଅଧିକ ସମ୍ବଳ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ଭୁବନେଶ୍ୱରରେ ସରକାରୀ ଜମିକୁ ଦିଆଯାଇଥିବା ଲିଜ୍‌ହୋଲଡ ବ୍ୟବସ୍ଥାକୁ ଫ୍ରି ହୋଲଡ ବ୍ୟବସ୍ଥାରେ ପରିଣତ କରିବା ପାଇଁ ସରକାର ବିଚାର କରୁଛନ୍ତି । ଅନେକ କ୍ଷେତ୍ରରେ ଜମି ହସ୍ତାନ୍ତର ବେଳେ ଷ୍ଟାମ୍ପ ଖର୍ଚ୍ଚକୁ କମାଇବା ପାଇଁ ଜମିର ଅବମୂଲ୍ୟାୟନ କରାଯାଉଅଛି । ଏହା ଫଳରେ ରାଜସ୍ୱ କ୍ଷତି ଘଟୁଛି । ଜମି ମୂଲ୍ୟାୟନ ବ୍ୟବସ୍ଥାକୁ ପର୍ଯ୍ୟାପ୍ତ କରି କ୍ଷତିକୁ ଏଡ଼ାଇ ଅଧିକ ରାଜସ୍ୱ ଆୟର ବ୍ୟବସ୍ଥା କରାଯିବ । ଏସବୁ ସୂତ୍ରରୁ ମଧ୍ୟ ଅଧିକ ସମ୍ବଳ ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯିବ ।

୧୩. କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ୧୯୯୭-୯୮ ବର୍ଷର ବ୍ୟୟ ବରାଦ ଯଥାକ୍ରମେ ୩୪୭.୬୯ କୋଟି ଟଙ୍କା ଓ ୧୬୪.୬୬ କୋଟି ଟଙ୍କା ରଖା ଯାଇଛି । ଏହି ବ୍ୟୟ ବରାଦ ପାଇଁ ଅନୁରୂପ ପରିମାଣର କେନ୍ଦ୍ରୀୟ ସାହାଯ୍ୟ ଅନୁଦାନ ଓ ଋଣ ଆକାରରେ ମିଳିବ । ଏହାଛଡ଼ା N.C.D.C.ଙ୍କ ଠାରୁ ମଧ୍ୟ ଏହି ବାବଦରେ ୨.୦୦ କୋଟି ଟଙ୍କା ମିଳିବାର ଅଟକଳ କରାଯାଇଅଛି ।

୧୪. ମୁଁ ବର୍ତ୍ତମାନ ୧୯୯୭-୯୮ ବାର୍ଷିକ ଯୋଜନାର ମୁଖ୍ୟ ଅଂଶ ଉପରେ ଆଲୋକପାତ କରିବାକୁ ଯାଉଛି ।

ପ୍ରାକୃତିକ ସଂପଦ ତଥା ଚଳିତ ବର୍ଷ ପାଣିପାଗ ଅବସ୍ଥାକୁ ଲକ୍ଷ୍ୟ ରଖି, ଉପଲବ୍ଧ ସଂପଦର ସର୍ବାଧିକ ବିନିଯୋଗ କରି ଖାଦ୍ୟ ଶସ୍ୟ, ଡାଲିଜାତୀୟ ଓ ତୈଳବୀଜ ଫସଲ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ହାସଲ ନିମନ୍ତେ ଚଳିତ ବର୍ଷପାଇଁ ଏକ କୃଷି ଉତ୍ପାଦନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଅଛି । କୃଷିକୁ ଲାଭଜନକ ବ୍ୟବସାୟରେ ପରିଣତ କରିବା ପାଇଁ ୧୯୯୬ ମସିହା ଏପ୍ରିଲ ମାସରୁ ରାଜ୍ୟ ସରକାର ନୂଆ କୃଷି ନୀତି ଲାଗୁ କରିଛନ୍ତି । ୧୯୯୬-୯୭ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଧିକାଂଶ ଜିଲ୍ଲାରେ ଖରିଫ ଓ ରବି ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ମାତ୍ର ଅଧିକ ଅମଳକ୍ଷମ ଫସଲ ଚାଷ କରି ଓ ସୁଷମ ସାର ପ୍ରୟୋଗ କରି ଅଧିକ ଉତ୍ପାଦନ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଅଛି । ୧୯୯୬-୯୭ ସମୁଦାୟ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରାୟ ୭୨.୯୬ ଲକ୍ଷ ଟନ ହେବା ଆଶା କରାଯାଉଥିବା ବେଳେ ୧୯୯୭-୯୮ ରେ ଏହି ଉତ୍ପାଦନକୁ ୯୨.୬୫ ଲକ୍ଷ ଟନ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟରେ ଧାନ ଚାଉଳ ଉତ୍ପାଦନ ବୃଦ୍ଧି ନିମନ୍ତେ କେନ୍ଦ୍ରୀୟ ସହାୟତାରେ ସମନ୍ୱିତ ଧାନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଛି । ଡାଲି ଜାତୀୟ ଫସଲର ଅଭିବୃଦ୍ଧି ନିମନ୍ତେ ମଧ୍ୟ କେନ୍ଦ୍ରୀୟ ସହାୟତାରେ ଜାତୀୟ ଡାଲି ଉତ୍ପାଦନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଉଅଛି ଓ ୧୯୯୭-୯୮ ବର୍ଷ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ଅଂଶଧନ ସହ ମୋଟ ଏକ କୋଟି ଟଙ୍କା ସେଥିପାଇଁ ବ୍ୟୟ ବରାଦ କରାଯାଇଛି । ୧୯୯୬-୯୭ ବର୍ଷ ଡାଲି ଉତ୍ପାଦନ ୧୨ ଲକ୍ଷ ଟନ୍ ହେବା ଆଶା କରାଯାଉଥିବା ସ୍ଥଳେ ୧୯୯୭-୯୮ ବର୍ଷ ଉତ୍ପାଦନ ୧୩ ଲକ୍ଷ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଅଛି । ଏତଦ୍‌ବ୍ୟତୀତ ତୈଳବୀଜ ଚାଷର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ରୀୟ ସହାୟତାରେ ତୈଳବୀଜ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଅଛି ଓ ଏଥି ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ଅଂଶ ସହ ମୋଟ ଛଅ କୋଟି ଦୁଇ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୯୯୭-୯୮ ବର୍ଷ ୯.୮୬ ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଅଛି । ବ୍ୟବସାୟିକ ଦୃଷ୍ଟିରୁ ଆଖୁ ଚାଷ ରାଜ୍ୟରେ ଏକ ମୁଖ୍ୟ ଲାଭଜନକ ଚାଷରେ ପରିଣତ ହୋଇଅଛି । ରାଜ୍ୟରେ ବର୍ତ୍ତମାନ ୭ ଗୋଟି ଚିନିକଳ ଚାଲୁଛି ଓ ଆଉ ଅଧିକ ୬ ଗୋଟି ଚିନିକଳ ବସାଇବା ନିମନ୍ତେ ଆବଶ୍ୟକ ଲାଇସେନ୍‌ସ ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଆଉ ୧୧ ଗୋଟି ଚିନିକଳ ବସାଇବା ପାଇଁ ଯୋଜନା କରାଯାଇଛି । ୧୯୯୬-୯୭ ରେ ଆଖୁ ଉତ୍ପାଦନ ୬୦ ଲକ୍ଷ ଟନ୍ ହେବ ବୋଲି ଆଶା କରାଯାଉଥିବା ବେଳେ ଏହାକୁ ୧୯୯୭-୯୮ ରେ ୬୪ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସ୍ୱଳ୍ପ ଜଳ ଥିବା ଅଞ୍ଚଳରେ ଜଳର ସଦ୍‌ଉପଯୋଗ କରିବା ନିମନ୍ତେ ଜଳସେଚିତ ଜନ୍ତ୍ର ଓ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଯାଇଛି । ଉନ୍ନତ ଚାଷ କାର୍ଯ୍ୟକ୍ରମ ନିମନ୍ତେ ଅତ୍ୟାଧୁନିକ ଜ୍ଞାନ କୌଶଳ ଆହରଣ ଓ ପ୍ରୟୋଗ ନିମନ୍ତେ ଉଦ୍ୟୋଗୀ ଚାଷୀମାନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ

ବ୍ୟବସ୍ଥା କରାଯାଇଛି । କୃଷକ ମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯିବା ନିମନ୍ତେ କୃତୀ ଚାଷୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଅର୍ଥନୈତିକ ପ୍ରଗତି ନିମନ୍ତେ ଉଦ୍ୟାନ କୃଷି ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଅନୁକୂଳ ଜଳବାୟୁ ଫଳ, ଫୁଲ, ପନିପରିବା ଓ ମସଲା ଜାତୀୟ ଫସଲ ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ । ଏଥିନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ୧୯୯୭-୯୮ ମସିହାରେ ସମୁଦାୟ ୪୦,୦୦୦ ହେକ୍ଟର ଜମିରେ ଫଳ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟରେ ନଡ଼ିଆ ଚାଷର ପ୍ରସାର ନିମନ୍ତେ ଉନ୍ନତ ଚାଷୀ ପରିବାରମାନଙ୍କୁ ନଡ଼ିଆ ଚାରା ସହ କିଛି ସାର ଓ ଔଷଧ ଯୋଗାଇ ଦେବା ପାଇଁ ଯୋଜନା ରଖାଯାଇଛି । ଉନ୍ନତ କାଜୁ ବାଦାମ ଚାଷ ପାଇଁ ଚାରା ଯୋଗାଇ ୧୦,୦୦୦ ହେକ୍ଟର ଚକଡା ଭିତ୍ତିକ ଚାଷ କରାଯିବାର ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଆଳୁ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ଉନ୍ନତ ବିହନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଫୁଲ ଚାଷ ଅଧିକ ଅର୍ଥକରୀ ଓ ଲାଭଜନକ । ଏଥି ନିମନ୍ତେ ବ୍ୟବସାୟିକ ଜ୍ଞାନ କୌଶଳ ଓ ପ୍ରଶିକ୍ଷଣ ଦେବା ସହିତ ଚାଷ ସାମଗ୍ରୀ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଶିଳ୍ପ ପ୍ରଦୂଷଣ, ଜଳବାୟୁର ପରିବର୍ତ୍ତନ, ଅନିୟମିତ ବୃଷ୍ଟିପାତ ଓ ଦୈବୀ ଦୁର୍ବିପାକ ଇତ୍ୟାଦି କାରଣରୁ ଖାଦ୍ୟଶସ୍ୟ ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ । ଏଣୁ ମୃତ୍ତିକାର ଉର୍ବରତା, ଆର୍ଦ୍ରତା ଓ ଜମିର ଉତ୍ପାଦିକା ଶକ୍ତିର ସଂରକ୍ଷଣ ଜରୁରୀ ହୋଇପଡୁଛି । ଏଥିନିମନ୍ତେ ସରକାର ବିଭିନ୍ନ ପରିକଳ୍ପନା ମାଧ୍ୟମରେ କାର୍ଯ୍ୟକ୍ରମ କରୁଛନ୍ତି । ସର୍ବୋପରି ମରୁଡ଼ି ପ୍ରବଣ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ (Drought Prone Area Programme) ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ରୂପେ କାର୍ଯ୍ୟକାରୀ ହେଉଅଛି । ଏଥି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ସମାନ ଅନୁଦାନ ଦେଉଥାନ୍ତି । କୃଷି ବିଭାଗ ନିମନ୍ତେ ୧୯୯୭-୯୮ ର ରାଜ୍ୟ ଯୋଜନା ଅଟକଳରେ ୫୯.୭୦ କୋଟି ବ୍ୟୟ ବରାଦ କରାଯାଇଅଛି । ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଗୁଡ଼ିକ ନିମନ୍ତେ ୭୧.୨୭ କୋଟି ବ୍ୟୟ ବରାଦ କରାଯାଇଅଛି ।

୧୫. ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଜଳସେଚନର ବିକାଶ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଜଳସେଚନ ସାମର୍ଥ୍ୟ ବୃଦ୍ଧି କରି ଏବଂ ବୈଜ୍ଞାନିକ ପଦ୍ଧତିରେ ଜଳ ଓ ମୃତ୍ତିକା ସଂରକ୍ଷଣକୁ ସଂଗଠିତ କରି କୃଷି ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଓଡ଼ିଶାକୁ ଭବିଷ୍ୟତରେ ମରୁଡ଼ିମୁକ୍ତ କରିବାରେ ସଂକଳ୍ପ ରଖାଯାଇଛି । ରାଜ୍ୟର ମୋଟ ୬୫.୫୯ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମି ମଧ୍ୟରୁ ୫୯.୦୦ ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ । ୧୯୯୭ ଖରିଫ ଋତୁ (ଜୁନ୍ ମାସ) ସୁଦ୍ଧା ପ୍ରାୟ ୨୩.୫୦ ଲକ୍ଷ ହେକ୍ଟର ଜମିକୁ ଏହି ସୁବିଧା ମିଳିବ । ସମ୍ବଳର ଅଭାବ ଜଳସେଚନ କ୍ଷେତ୍ରରେ ଅଗ୍ରଗତିର ମୁଖ୍ୟ ପ୍ରତିବନ୍ଧକ ହୋଇଥିବାରୁ ସରକାର ବିଭିନ୍ନ ବୈଦେଶିକ ଓ ଦେଶୀୟ ଅର୍ଥ ଲଗାଣକାରୀ ସଂସ୍ଥା ତଥା କେନ୍ଦ୍ର ସରକାରଙ୍କ ଠାରୁ ଆର୍ଥିକ ସହାୟତା ଆଣିବା ନିମନ୍ତେ ପ୍ରଚେଷ୍ଟା ଚଳାଇଛନ୍ତି । ବିଶେଷକରି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ଅଧିକ ନିର୍ଭରଯୋଗ୍ୟ ସେଚ ସୁବିଧା ସୃଷ୍ଟି କରାଯାଇ ପାରୁଥିବାରୁ ସରକାର ବହୁ ପୂର୍ବରୁ ଆରମ୍ଭ କରାଯାଇ ଅସମ୍ପୂର୍ଣ୍ଣ ରହିଥିବା ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବାକୁ ଅଗ୍ରାଧିକାର ଦେଉଛନ୍ତି । ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଦ୍ୱାରା ୬୧୦୦୦ ହେକ୍ଟର ଜମିପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯାଇପାରିବ । ଏତଦ୍‌ବ୍ୟତୀତ ଜୀର୍ଣ୍ଣ ଅବସ୍ଥାରେ ଥିବା ୨୨ ଗୋଟି ପୁରାତନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ପ୍ରାୟ ୨,୬୫,୦୦୦ ହେକ୍ଟର ନିର୍ଭରଯୋଗ୍ୟ ସେଚ ସୁବିଧା ଯୋଗାଇ ଦିଆଯିବାକୁ କାର୍ଯ୍ୟକ୍ରମ ଚାଲୁରହିଛି । ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥା ପୁନର୍ବିନ୍ୟାସ କରାଯାଇ ଅଧିକ କର୍ମଦକ୍ଷ କରାଯିବା ପାଇଁ ସମସ୍ତ ପ୍ରଚେଷ୍ଟା ଚାଲିଛି । ବର୍ତ୍ତମାନ ଜଳ ସମ୍ପଦ ଏକୀକରଣ ପ୍ରକଳ୍ପର ସମସ୍ତ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଚାଲୁରହିଛି ।

ଓ.ଇ.ସି.ଏଫ୍., ଜାପାନଙ୍କ ସହାୟତାରେ ଅପର ଇନ୍ଦ୍ରାବତୀ ଓ ଅପର କୋଲାବ ଜଳସେଚନ ପ୍ରଣାଳୀର କାର୍ଯ୍ୟ ଦ୍ରୁତ ଗତିରେ ଅଗ୍ରସର ହେଉଅଛି । ଇନ୍ଦ୍ରାବତୀ ବନ୍ଧ ସମ୍ପୂର୍ଣ୍ଣ କରାଯାଇ ବିଦ୍ୟୁତ ଶକ୍ତି ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବାଇପାସ୍ ଟନେଲ୍-କାର୍ଯ୍ୟ କରାଯାଇ ୧୯୯୬ ଖରିଫ୍ ଫସଲ ପାଇଁ ଚିର ମରୁଡ଼ି ପ୍ରପୀଡ଼ିତ କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୩୧,୦୦୦ ହେକ୍ଟର ଜମିକୁ ଜଳଯୋଗାଇ ଦିଆଯାଇଛି । ଆସନ୍ତା ଖରିଫ୍ ଋତୁରେ ଆଉ ଅଧିକ ୧୧,୦୦୦ ହେକ୍ଟର ଜମିରେ ସେଚ ସୁବିଧା ଯୋଗାଇ ଦିଆଯିବ ଏବଂ କଳାହାଣ୍ଡି ଜିଲ୍ଲାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ମୋଟ ୪୨,୦୦୦ ହେକ୍ଟର ଚାଷଜମି ଜଳସେଚନ ପାଇପାରିବ ।

୧୯୯୭-୯୮ ରେ ନାବାର୍ଡ଼ ସଂସ୍ଥାଠାରୁ ପ୍ରାୟ ୧୧୦ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିବ । ତାହାଦ୍ୱାରା ୧୪ଟି ବୃହତ ଓ ମଧ୍ୟମ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ଉକ୍ତ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୫,୦୦୦ ହେକ୍ଟର ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇପାରିବ ।

କେନ୍ଦ୍ର ସରକାରଙ୍କ ଘୋଷିତ ତ୍ୱରାନ୍ୱିତ ଜଳସେଚନ ସୁବିଧା କାର୍ଯ୍ୟକ୍ରମ (Accelarated Irrigation Benefit Programme) ମାଧ୍ୟମରେ ୪ ଗୋଟି ପ୍ରକଳ୍ପ ଯଥା ଇନ୍ଦ୍ରାବତୀର ଦକ୍ଷିଣ ପାର୍ଶ୍ୱ କେନାଲ, ରେଙ୍ଗାଲିର ଦକ୍ଷିଣ ପାର୍ଶ୍ୱ କେନାଲ, ସୁବର୍ଣ୍ଣରେଖା ପ୍ରକଳ୍ପ, ଜମ୍ବୀରା ଓ ବେତନଟୀ କେନାଲ, ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଓ ଆନନ୍ଦପୁର ବ୍ୟାରେଜର ସଂପ୍ରସାରଣ କାର୍ଯ୍ୟ ୧୯୯୬-୯୭ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏ ବାବଦରେ ୯୨.୧୦ କୋଟି ଟଙ୍କା ଋଣ ମଞ୍ଜୁର କରିଛନ୍ତି । ଆସନ୍ତା ୧୯୯୭-୯୮ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଠାରୁ ପ୍ରାୟ ୧୧୦ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଏ । ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମାପ୍ତ ହେଲେ ପ୍ରାୟ ୬୨,୧୯୦ ହେକ୍ଟର ଜମିପାଇଁ ସେଚ ସୁବିଧା ସୃଷ୍ଟି କରାଯାଇପାରିବ ।

ଏତଦ୍ବ୍ୟତୀତ ଓଡ଼ିଶାର ସର୍ବବୃହତ୍ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ କେନାଲର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମିତ୍ତ ଜାପାନର ଓ.ଇ.ସି.ଏଫ୍. ଠାରୁ ପ୍ରାୟ ୭୫୦ କୋଟି ଟଙ୍କା ଏଥିପାଇଁ ମିଳିବ ବୋଲି ଆଶା କରାଯାଏ ।

୧୯୯୭-୯୮ ଆର୍ଥିକ ବର୍ଷରେ ବୃହତ୍ ଓ ମଧ୍ୟମ ଜଳସେଚନ ସେକ୍ଟରରେ ୬୪୯.୬୦ କୋଟି ଟଙ୍କା ବ୍ୟୟରେ ଅତିରିକ୍ତ ୬୯,୩୦୦ ହେକ୍ଟର ଜମିପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି ।

କ୍ଷୁଦ୍ର ଓ ଉଠା ଜଳସେଚନ କାର୍ଯ୍ୟକ୍ରମ ପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ୬୭.୪୦ କୋଟି ଟଙ୍କା ବ୍ୟୟରେ ଅତିରିକ୍ତ ୪୩,୩୧୮ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମିତ୍ତ ନାବାର୍ଡ, K.F.W. ଜର୍ମାନୀ ଇତ୍ୟାଦି ସଂସ୍ଥାଙ୍କଠାରୁ ଆର୍ଥିକ ସାହାଯ୍ୟ ନିଆଯାଇଛି । ସେହିପରି କେନ୍ଦ୍ରୀୟ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପୋଟେରୁ ଜଳସେଚନ ଯୋଜନା ପ୍ରକଳ୍ପ ପାଇଁ ୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ଅତିରିକ୍ତ ୧୨,୦୦୦ ହେକ୍ଟର ଖରିପ ଜମିପାଇଁ ଜଳସେଚନ ସୁବିଧା ସୃଷ୍ଟିର ଲକ୍ଷ୍ୟ ରହିଛି । ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ଯୋଜନା ଅଟକଳରୁ ୭୧୭.୦୦ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଅଛି ।

୧୬. ସାମାଜିକ ଓ ଅର୍ଥନୈତିକ ପ୍ରଗତିପାଇଁ ଶକ୍ତି ଅପରିହାର୍ଯ୍ୟ । ଅବିରତ ପ୍ରଚେଷ୍ଟା ଫଳରେ ଆମ ରାଜ୍ୟ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇସାରିଛି । ବର୍ତ୍ତମାନ ରାଜ୍ୟ ଗ୍ରିଡର ହାରାହାରି ବିଦ୍ୟୁତ ଚାହିଦା ୧୧୬୦ ମେଗାୱାଟ୍ ଥିବା ବେଳେ ଲବ୍ଧ ଶକ୍ତିର ପରିମାଣ ୧୪୯୧ ମେଗାୱାଟ୍ ଅଟେ । ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଅତିରିକ୍ତ ୧୬୦୦ ମେଗାୱାଟ ବିଦ୍ୟୁତ ଚାହିଦାକୁ ଲକ୍ଷ୍ୟ ରଖି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ଏବଂ ହୀରାକୁଦ ଜଳବିଦ୍ୟୁତ ପ୍ରକଳ୍ପର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ ନିଆଯାଇଛି । ଶକ୍ତି ବିଭାଗ ପାଇଁ ୧୯୯୭-୯୮ ଯୋଜନାରେ ୮୦୪.୬୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଅଛି । OPGC, OHPC ଏବଂ GRIDCO ଋଣ ସୂତ୍ରରୁ ୪୯୨.୧୦ କୋଟି ଟଙ୍କା ଏବଂ ନିଜସ୍ୱ ସମ୍ବଳରୁ ଏବଂ ବିଭିନ୍ନ ଯୋଜନାରେ ବିନିଯୋଗ କରିବେ । ତୃତୀୟ ଏବଂ ଚତୁର୍ଥ ୟୁନିଟ ସ୍ଥାପନ ନିମନ୍ତେ OPGCକୁ ସରକାର ୧୦୦ କୋଟି ଟଙ୍କା ଦେବାର ବ୍ୟବସ୍ଥା କରାଯାଇଅଛି । ODA ଏବଂ ବିଶ୍ୱବ୍ୟାଙ୍କ ଶକ୍ତି କ୍ଷେତ୍ରରେ ପୁନର୍ବିନ୍ୟାସ ଏବଂ ସଂସ୍କାର ନିମନ୍ତେ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯାଇଅଛି । ଏଥିପାଇଁ ୨୧୦.୭୦ କୋଟି ବ୍ୟୟ ବରାଦ କରାଯାଉଛି । ଶକ୍ତି କ୍ଷେତ୍ରରେ ପୁନର୍ବିନ୍ୟାସ ଓ ସଂସ୍କାର ଆଣିବା ଲକ୍ଷ୍ୟ ନେଇ ବିଦ୍ୟୁତ ଉତ୍ପାଦନ, କ୍ରୟ, ସରବରାହ ଓ ଆବଣ୍ଟନ କାର୍ଯ୍ୟ ସଂପାଦନ ନିମନ୍ତେ ଭିନ୍ନ ଭିନ୍ନ ନିଗମ ଗଠନ କରାଯାଉଛି । ଶୁଳ୍କ ନିର୍ଦ୍ଧାରଣ ନୀତି ପ୍ରଣୟନ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ପାଇଁ ଓଡ଼ିଶା ବିଦ୍ୟୁତ ରେଗୁଲେଟରୀ କମିଶନ ଗଠନ କରାଯାଉଛି । ଗ୍ରାମାଞ୍ଚଳ ବିଦ୍ୟୁତକରଣ ଉପରେ ସରକାର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟର ୩୨,୬୪୮ ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି ଏବଂ ବାକି ୧୪୫୦ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଆଦିବାସୀ ଓ ହରିଜନ ବସ୍ତିର ବିଦ୍ୟୁତକରଣ, କୁଟୀର-ଜ୍ୟୋତି ସଂଯୋଗ, ଗ୍ରାମ୍ୟ ରାସ୍ତାରେ ବିଦ୍ୟୁତ୍ ଆଲୋକ, ଉଠାଜଳସେଚନ ପମ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ।

୧୭. ୧୯୯୭-୯୮ ଆର୍ଥିକ ବର୍ଷପାଇଁ ଶିଳ୍ପ ବିଭାଗ ଯୋଜନା ନିମନ୍ତେ ୩୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥି ମଧ୍ୟରେ ବୃହତ ଓ ମଧ୍ୟମ ଶିଳ୍ପର ବିକାଶ ନିମନ୍ତେ ୧୨.୯୦ କୋଟି, ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପନିମନ୍ତେ ୯.୯୪ କୋଟି ଏବଂ ବୈଷୟିକ ଶିକ୍ଷା, ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ଅବଶିଷ୍ଟ ବ୍ୟବସ୍ଥା କରାଯାଇଛି । ବଳିଷ୍ଠ ଶିଳ୍ପନୀତି ଏବଂ ଉଦାରୀକରଣ ଅର୍ଥନୀତିର ଫଳ ସ୍ୱରୂପ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରୁ ପୁଞ୍ଜି ଲଗାଣ ପ୍ରସ୍ତାବମାନ ଆମ ରାଜ୍ୟକୁ ଆସୁଅଛି । ତନ୍ମଧ୍ୟରେ ଅନେକ ଗୁଡ଼ିଏ ଇସ୍ପାତ କାରଖାନା, ଆଲୁମିନିୟମ ପ୍ରକଳ୍ପ ଏବଂ ତୈଳ ବିଶୋଧନାଗାର ଅନ୍ତର୍ଭୁକ୍ତ । ଏ ସବୁର ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି ।

୧୮. ମହିଳାମାନଙ୍କୁ ସାମାଜିକ ନିର୍ଯ୍ୟାତନା ଓ ଶୋଷଣରୁ ରକ୍ଷା କରି ଆର୍ଥିକ ସ୍ୱାବଲମ୍ବୀ କରିବା, ଶାରୀରିକ ଅକ୍ଷମ ଓ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ଉପଯୁକ୍ତ ଥଇଥାନ କରିବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାଜ୍ୟର ୪୨,୧୩୨ ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ କରାଯାଇ ସେମାନଙ୍କର ପୁଷ୍ଟିହୀନତା ହ୍ରାସ କରିବା ସଙ୍ଗେ ସଙ୍ଗେ ପାଠପଢ଼ା ପ୍ରତି ସେମାନଙ୍କୁ ଆକୃଷ୍ଟ କରାଯାଉଛି । ଶିଶୁ ମୃତ୍ୟୁହାର ହ୍ରାସ କରିବା, ଗର୍ଭବତୀ ଓ ପ୍ରସୁତି ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା, ମହିଳାମାନଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରାଇବା, ଅସାମାଜିକ କାର୍ଯ୍ୟରେ ଲିପ୍ତ କିଶୋର କିଶୋରୀମାନଙ୍କୁ ସଂଶୋଧିତ କରିବା, ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ମହିଳାମାନଙ୍କୁ ସୁରକ୍ଷିତ ବାସଗୃହ ଯୋଗାଇଦେବା, ଜରାଜୀର୍ଣ୍ଣ ଓ ନିଃସହାୟ ବ୍ୟକ୍ତି ବିଶେଷ ତଥା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତ୍ତା ଦେବାର ବ୍ୟବସ୍ଥା କରାଯାଉଛି । ରାଜ୍ୟ ଯୋଜନାରେ ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୧୧୮ କୋଟି ବ୍ୟୟ ବରାଦ କରାଯାଉଛି । ଏହା ବ୍ୟତୀତ କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ନିମନ୍ତେ ପ୍ରାୟ ୮୧ କୋଟି ଟଙ୍କା ବ୍ୟବସ୍ଥା କରାଯାଉଛି ।

୧୯. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିମନ୍ତେ ୧୯୯୭-୯୮ ଯୋଜନା ବଜେଟ୍‌ରେ ୩୮.୨୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି । ଗ୍ରାମାଞ୍ଚଳରେ ୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୧୮ଟି

ଆୟୁର୍ବେଦ ଚିକିତ୍ସାଳୟ ଓ ୧୮ଟି ହୋମିଓପାଥି ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ମାତୃ ମଙ୍ଗଳ ତଥା ଶିଶୁମାନଙ୍କର ସ୍ୱାସ୍ଥ୍ୟପାଇଁ ସବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । "ପଲ୍‌ସ ପୋଲିଓ" କାର୍ଯ୍ୟକ୍ରମ ଓଡ଼ିଶାରେ ଆଶାତୀତ ସଫଳତା ଲାଭ କରିଛି । ସଂକ୍ରାମକ ରୋଗର ନିୟନ୍ତ୍ରଣ ତଥା ନିରାକରଣ ଏବଂ ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନତ ମାନର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ।

୨୦. ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଓ ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ୧୯୯୭-୯୮ ବଜେଟ୍‌ରେ ଜଙ୍ଗଲ ଏବଂ ପରିବେଶ ବିଭାଗର ଯୋଜନା ନିମନ୍ତେ ୨୭.୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ପରିବେଶ ସହ ଜଙ୍ଗଲର ସମ୍ପର୍କ ଥିବାରୁ ସାମାଜିକ ବନୀକରଣ ଓ ଏହାର ଉପ ପ୍ରକଳ୍ପ ଅନ୍ତର୍ଗତ କୃଷି ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ ୧୨ ଦଫା କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଜଙ୍ଗଲ ଚାରା କେନ୍ଦ୍ର ସ୍ଥାପନ କରିବାର ବ୍ୟବସ୍ଥା ରହିଛି । ପ୍ରଦୂଷଣ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଉଛି । ଭାରତ ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟରେ ଏକ ଜାତୀୟସ୍ତରର ପରିବେଶ ଶିକ୍ଷା କେନ୍ଦ୍ର ସ୍ଥାପନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି । ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ବିକାଶ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଏତଦ୍ ବ୍ୟତୀତ ଚିଲିକାହ୍ରଦର ସମନ୍ୱିତ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ।

୨୧. ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପଦକ୍ଷେପ ନିଆଯାଇ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟର ବିକେନ୍ଦ୍ରୀକରଣ କରାଯାଇ ସମ୍ବଲପୁର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ଠାରେ ତିନୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ସ୍ଥାପନ କରାଯିବାର ନିଷ୍ପତ୍ତି ନିଆଯାଇ ପ୍ରଥମେ ସମ୍ବଲପୁର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଛି । ଧନ୍ଦାମୂଳକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇ ଯୋଜନା ଅଟକଳରେ ବ୍ୟବସ୍ଥା କରାଯାଉଛି । ଉଚ୍ଚ ଶିକ୍ଷା ବିଭାଗର ଯୋଜନା ନିମନ୍ତେ ୫୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

୨୨. ପ୍ରାଥମିକ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ "ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ" ପାଞ୍ଚଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଅଛି । ଏଥିନିମନ୍ତେ ୧୯୯୭-୯୮ ବଜେଟ୍‌ରେ ରାଜ୍ୟ ସରକାରଙ୍କର ଅଂଶ ବାବଦକୁ ବ୍ୟୟ ବ୍ୟବସ୍ଥା କରାଯାଉଛି ଓ ଆଉ ଶ୍ଚଟି ଜିଲ୍ଲାକୁ ଏହି କାର୍ଯ୍ୟକ୍ରମର ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି । ଦଶମ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ସାକ୍ଷରତାର ନିମ୍ନସ୍ତରରେ ଥିବା ଅଞ୍ଚଳମାନଙ୍କରେ ବାଳିକାମାନଙ୍କ ଶିକ୍ଷାର ଅଭିବୃଦ୍ଧି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପାନୀୟ ଜଳ ଯୋଗାଣ ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷରେ ୧୬୮୪.୭୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଉଛି । ଅଧିକ ଶିକ୍ଷକଙ୍କୁ ତାଲିମ ଦେବା ଲକ୍ଷ୍ୟ ରଖାଯାଉଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୋଜନା ନିମନ୍ତେ ମୋଟ ୨୭୦ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଉଅଛି ।

୨୩. ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଚାଉଳ କିଲୋପ୍ରତି ୨ ଟଙ୍କା ଦରରେ ୧୪୩ଟି ଆଦିବାସୀ ଅଧ୍ୟୁଷିତ ଓ ମରୁଡ଼ି ପ୍ରବଣ ବ୍ଲକରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି । ରାଜ୍ୟରେ ୨୪୯୯୨ ଟି ସୁଲଭ ମୂଲ୍ୟ ଦୋକାନ, ୩୬ଟି ଆଦର୍ଶ ସୁଲଭ ମୂଲ୍ୟ ଦୋକାନ (ମୈତ୍ରୀ) ଖୋଲାଯାଇଛି । ରାଜ୍ୟର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୯୩ଟି ଭ୍ରାମ୍ୟମାଣ ଭ୍ୟାନ୍ କରିଆରେ ସାପ୍ତାହିକ ହାଟମାନଙ୍କରେ ଅତ୍ୟାବଶ୍ୟକୀୟ ପଦାର୍ଥମାନ ଯୋଗାଇ ଦିଆଯାଉଛି । ଏକ ବଳିଷ୍ଠ ଏବଂ ଦାୟିତ୍ୱସଂପନ୍ନ ଓ ଖାଉଟି ଆନ୍ଦୋଳନ ପାଇଁ ରାଜ୍ୟରେ ୩୧ଟି ଜିଲ୍ଲା ଖାଉଟି ଫୋରମ୍ ଗଠନ କରାଯାଇଅଛି । ବିଭିନ୍ନ ସମୟରେ ସେମିନାର ଓ କର୍ମଶାଳାମାନ କରାଯାଇ ଖାଉଟିମାନଙ୍କୁ ସେମାନଙ୍କର ଅଧିକାର ସଂପର୍କରେ ସଚେତନ କରାଯାଉଛି । ୧୯୯୭-୯୮ ବର୍ଷ ଏହି କାର୍ଯ୍ୟକ୍ରମକୁ ଚାଲୁରଖିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଉଛି ।

୨୪. ରାଜ୍ୟରେ ଯୋଗାଯୋଗ ସୁବିଧାର ଉନ୍ନତି ତଥା ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପୁନର୍ବିନ୍ୟାସ ତଥା ଘରୋଇ ବସ୍ ଚଳାଚଳ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଉଛି । ଉଭୟ ନିଗମ ଓ ଘରୋଇ ବସ୍ ମଧ୍ୟରେ ଏକ ମିଶ୍ରିତ ତଥା ପ୍ରତିଯୋଗିତାମୂଳକ ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଉଦ୍ଦେଶ୍ୟରେ ରାଜ୍ୟରେ ଅଧିକ ୪୦୦୦ ଘରୋଇ ଓ ପରିବହନ ନିଗମର ବସ୍ ଚଳାଚଳ କରିବାର ଲକ୍ଷ୍ୟ ରଖାଯାଉଛି । ଏହାଦ୍ୱାରା ୧୦,୦୦୦ରୁ ଅଧିକ ଲୋକ କର୍ମ ସଂସ୍ଥାନ ପାଇବେ । ଗୋପାଳପୁର ବନ୍ଦରକୁ ଏକ ସବୁଦିନିଆ ବନ୍ଦରରେ ପରିଣତ କରିବାପାଇଁ ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ଜନସାଧାରଣଙ୍କୁ ଯାତାୟାତ ଓ ପରିବହନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ସରକାର ଚିଲିକା, ଚାନ୍ଦବାଲି ଓ ଅସ୍ତରଙ୍ଗ ସେକ୍ଟରରେ ଲଞ୍ଚ ଚଳାଚଳର ବ୍ୟବସ୍ଥା କରିଛନ୍ତି ।

୨୫. ହରିଜନ ଓ ଆଦିବାସୀମାନଙ୍କର ସାମାଜିକ ଓ ସମନ୍ୱିତ ଉନ୍ନତି ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାବୃତ୍ତି, ଜାତୀୟକରଣ ପାଠ୍ୟ ପୁସ୍ତକ ଏବଂ ଆବାସିକ ବିଦ୍ୟାଳୟମାନଙ୍କରେ ପୋଷାକ ପରିଚ୍ଛଦ, ଲେଖନ ପଠନ ସାମଗ୍ରୀ ଯୋଗାଇ ଦେଉଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା, ଅଣୁପରିଯୋଜନା, ପରିବର୍ତ୍ତିତ ଆଞ୍ଚଳିକ ଉନ୍ନୟନ ଆଭିମୁଖ୍ୟ ଯୋଜନା, ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ୍‌ର ସୁଚାରୁ ପରିଚାଳନା ନିମନ୍ତେ ପଦକ୍ଷେପ ନିଆଯାଉଅଛି । କଲ୍ୟାଣ ବିଭାଗର ବିଭିନ୍ନ ଯୋଜନା ନିମନ୍ତେ ବଜେଟ୍‌ରେ ୮୬ କୋଟି ବ୍ୟୟ ବରାଦ କରାଯାଇଅଛି ।

୨୬. ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ନେହେରୁ ଯୋଜନା ମାଧ୍ୟମରେ ବିଭିନ୍ନ ଧନ୍ଦାରେ ତାଲିମ ଦିଆଯାଉଛି ଓ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବ୍ୟାଙ୍କ ଋଣ ଓ ରିହାତି ପ୍ରଦାନ କରାଯାଉଛି । କଳିଙ୍ଗ କୁଟୀର ଯୋଜନା ମାଧ୍ୟମରେ ଆଶ୍ରୟ ସହୀତ ବ୍ୟବସ୍ଥା କରିବାପାଇଁ ଗୃହ ନିର୍ମାଣ

ବୋର୍ଡ, ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମ ଉରିଆରେ ସହଜ ଉପାୟରେ ଅର୍ଥ ବ୍ୟବସ୍ଥା, ଜ୍ଞାନ କୌଶଳ ଇତ୍ୟାଦି ଯୋଗାଇ ଦେଇ 'ସହାୟକ' ର ଭୂମିକା ନିର୍ବାହ କରାଯାଉଛି । ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ଗୃହ ପ୍ରତି ୩ ହଜାର ଟଙ୍କା ଅନୁଦାନ ଦିଆଯାଉଛି । କଟକ ସହରରେ ବସ୍ତି ଉନ୍ନୟନ ପ୍ରକଳ୍ପ ୧୯୯୭-୯୮ ବର୍ଷ ଠାରୁ ୫ ବର୍ଷ ଚାଲୁ ରଖିବା ବ୍ୟବସ୍ଥା କରାଯାଉଛି ।

ପୌରାଞ୍ଚଳବାସୀଙ୍କ ଉନ୍ନତିମୂଳକ ଆଶା ଆକାଂକ୍ଷାକୁ ସଫଳ ରୂପାୟନ କରିବା ନିମନ୍ତେ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷମାନ କାର୍ଯ୍ୟରତ ଅଛନ୍ତି । ଏଥି ସହିତ ପୌରାଞ୍ଚଳର ଗରିବ, ବିଶେଷ କରି ବସ୍ତି ବାସିନ୍ଦାଙ୍କ ଉନ୍ନତି ନିମନ୍ତେ କେତେଗୁଡିଏ ସରକାରୀ ପରିକଳ୍ପନା ମଧ୍ୟ କାର୍ଯ୍ୟକାରୀ ହେଉଅଛି । ବିଭିନ୍ନ ସହରରେ ନିର୍ମାଣାଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରିବାପାଇଁ ବ୍ୟବସ୍ଥା କରାଯାଉଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିମନ୍ତେ ୧୯୯୭-୯୮ ଯୋଜନା ବଜେଟ୍‌ରେ ୬୪.୦୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି ।

୨୭. ଗ୍ରାମାଞ୍ଚଳରେ ବସବାସ କରୁଥିବା ବେକାର ଓ ଅର୍ଦ୍ଧ ବେକାର ପୁରୁଷ ଓ ମହିଳାମାନଙ୍କ କର୍ମ ଯୋଗାଣ ନିମିତ୍ତ ୧୯୯୭-୯୮ ଆର୍ଥିକ ବର୍ଷରେ ଜବାହର ରୋଜଗାର ଯୋଜନା, ଶ୍ରମ ପ୍ରତିଶ୍ରୁତି ଯୋଜନା ମାଧ୍ୟମରେ କାର୍ଯ୍ୟକ୍ରମଗୁଡିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା କରାଯାଉଅଛି । ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ୩୧୬୫୦ ଗୃହ ନିର୍ମାଣ କରାଯାଇ ବାସହୀନମାନଙ୍କୁ ଯୋଗାଇ ଦେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଉଅଛି । ଆର.ଆର.ଡି.ପି. ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟୟ ବ୍ୟବସ୍ଥା କରାଯାଉଅଛି । ପଞ୍ଚାୟତରାଜ ବିଭାଗର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ୧୭୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଅଛି ।

୨୮. ସମ୍ପ୍ରତି ପଞ୍ଚାୟତ ନିର୍ବାଚନ ସୁରୁଖୁରୁରେ ସମାହିତ ହୋଇଯାଇଛି । ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର ସାମ୍ବିଧାନିକ କ୍ଷମତା ପ୍ରୟୋଗ କରି ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ନୂତନ ଦିଗନ୍ତ ସୃଷ୍ଟି କରିବେ । ରାଜ୍ୟ ସ୍ତରୀୟ ଅର୍ଥ କମିଶନ ବିଭିନ୍ନ ପଞ୍ଚାୟତରାଜ ସଂସ୍ଥା ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାର ଆୟ ବ୍ୟୟ ଦିଗ ଏବଂ ଅନ୍ୟାନ୍ୟ ଅର୍ଥ ସଂଗ୍ରହ ସୂତ୍ର ଉପରେ ପରୀକ୍ଷା ନିରୀକ୍ଷା କରି ସେମାନଙ୍କୁ ପୁଞ୍ଜି ହସ୍ତାନ୍ତରର ଉପାୟ ନିର୍ଦ୍ଧାରଣ କରିବେ । ଫଳରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ରୂପାୟିତ ହେବ ଏବଂ ତଦ୍ୱାରା ଲୋକମାନଙ୍କର ଆଶାଆକାଂକ୍ଷା ପୂରଣ ହେବ ।

୨୯. ୧୯୯୭-୯୮ ଆର୍ଥିକ ବର୍ଷରେ ୮୨୦୦ ନୂତନ ନଳକୂପ, ୫୦ଟି ପରିମଳ କୂପ ଖନନ, ୧୦୦ଟି ନୂତନ ପାଇପ୍ ଜଳଯୋଗାଣ ପ୍ରକଳ୍ପ ସହ ପୁରାତନ ଜଳଯୋଗାଣ ପ୍ରକଳ୍ପର ପୁନର୍ନିର୍ମାଣ ଏବଂ ଅଚଳ ନଳକୂପଗୁଡିକର ନବୀକରଣ ପାଇଁ ରାଜ୍ୟ ଯୋଜନାରେ ୪୬.୫୪ କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୪୫.୦୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି । ନଳକୂପଗୁଡିକର ରକ୍ଷଣାବେକ୍ଷଣ ଓ ସମୟୋପଯୋଗୀ ମରାମତି ପାଇଁ ତ୍ରିସ୍ତରୀୟ ନୂତନ କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରେ ଆସନ୍ତା ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ । ଏହା ବ୍ୟତୀତ ଗ୍ରାମ୍ୟ ପରିମଳ କାର୍ଯ୍ୟକ୍ରମ ଜରିଆରେ ୧୩୧୨୦ ଟି ଘରୋଇ ପାଇଖାନା, ୧୨୮ଟି ମହିଳା ଶୌଚାଳୟ ଓ ୪୦୦ଟି ଗ୍ରାମରେ ନିଷ୍କାସନ ନାଳୀ, କଂପୋଷ୍ଟ ଖାତ ଓ ନଳକୂପ ନିକଟରେ ଶୋଷକ ଖାତ ନିର୍ମାଣ ନିମନ୍ତେ ରାଜ୍ୟ ଯୋଜନାରୁ ୧ କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରୁ ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି । ୧୯୯୭-୯୮ ଆର୍ଥିକ ବର୍ଷରେ ୫୦ ଟି ସେତୁ, ୨୬୦ କି.ମି. ପିଚୁରାସ୍ତା, ୬୦୦ କି.ମି. ମୋରମ ରାସ୍ତା, ୯୨୦ କି.ମି. ମାଟିରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୪୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି । ଗ୍ରାମ୍ୟ ସଂଯୋଗକୁ ଗୁରୁତ୍ୱ ଆରୋପ କରି ଅନ୍ୟୁନ ୧୦୦ଟି ଗ୍ରାମପଞ୍ଚାୟତ ମହକୁମା ସହ ବ୍ଲକ ମହକୁମାକୁ ରାସ୍ତା ନିର୍ମାଣ ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପଦକ୍ଷେପ ନିଆଯାଉଛି ।

୩୦. ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ପ୍ରକ୍ରିୟା ଅବ୍ୟାହତ ରଖିବାକୁ ହେଲେ ସାମାଜିକ ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତିରେ ଯେପରି ବ୍ୟାଘାତ ନ ହେବ ସେଥିପ୍ରତି ସରକାର ସର୍ବଦା ଯତ୍ନବାନ ଅଛନ୍ତି । ରାଜ୍ୟ ପୋଲିସ୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ଆମ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ଚଳିତ ବର୍ଷ ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଏବଂ ରାଜଧାନୀରେ ଚୋରି ଓ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦୁଇଟି ନୂତନ ଥାନା ସ୍ଥାପନ କରାଯାଉଛି । ପାଞ୍ଚ ନମ୍ବର ଜାତୀୟ ରାଜପଥରେ ମଞ୍ଚେଶ୍ୱର ଛକଠାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ଭ୍ରାମ୍ୟମାଣ ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ କରିବାପାଇଁ ଅଧିକ ସଂଖ୍ୟକ ପୋଲିସ୍ ବ୍ୟବସ୍ଥା କରାଯାଉଛି । ଭୁବନେଶ୍ୱର ସହର ମଧ୍ୟରେ ଯାନବାହାନ ବ୍ୟବସ୍ଥା ନିୟନ୍ତ୍ରଣକୁ ଦୃଢ଼ୀକରଣ କରିବାପାଇଁ ଅଧିକ ପଦବୀ ସୃଷ୍ଟି କରାଯାଉଛି । ସରକାର ଚଳିତ ବର୍ଷ ୨୦୦୦ ଗ୍ରାମରକ୍ଷୀ ପଦବୀ ସୃଷ୍ଟି କରିବା ପାଇଁ ମଞ୍ଜୁର ଦେଇଛନ୍ତି । ୪୨୮ ଗୋଟି ଥାନାରେ ୪୨୮ ଗୋଟି ଅଧିକ କନେଷ୍ଟବଳ ପଦବୀ ସୃଷ୍ଟି କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି । ୧୪ ଗୋଟି ନୂତନ ସଶସ୍ତ୍ର ପୋଲିସ୍ ପ୍ଲାଟୁନ୍ ଜିଲ୍ଲା ସ୍ତରରେ ସ୍ଥାପନ କରିବା ନିମନ୍ତେ ମଞ୍ଜୁର ଦିଆଯାଉଛି । ବାଲେଶ୍ୱର ସହର ଶିଳ୍ପାଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ଦୃଷ୍ଟିରୁ ବାମପଟାଠାରେ ଏକ ନୂତନ ଥାନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ଦିଆଯାଉଛି । ରାଜ୍ୟର ଆର୍ଥିକ ଅବସ୍ଥାର ଦୁର୍ବଳତା ସତ୍ତ୍ୱେ ସରକାର ପୋଲିସ୍ ବାହିନୀକୁ ଅଧିକ ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅଣ ଯୋଜନା ବ୍ୟୟ ବ୍ୟବସ୍ଥାରେ ୧୯୯୫-୯୬ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ଟ ୩୭.୦୦ କୋଟି ଅଧିକ ବ୍ୟବସ୍ଥା କରିଛନ୍ତି । ଓଡ଼ିଶାର ଆଇନ୍ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବରେ ଶାନ୍ତ ଓ ନିୟନ୍ତ୍ରିତ ରହିଛି । ରାଜ୍ୟରେ ଜନସାଧାରଣଙ୍କ ଜୀବନ ଯାତ୍ରାକୁ ବ୍ୟାହତ କଲାଭଳି କୌଣସି ବଡ଼ ଧରଣର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନାହିଁ । ତା ୧୭.୧.୯୬ ରିଖରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନବକଳେବର ମହୋତ୍ସବରେ ଅଭୂତପୂର୍ବ

ଜନସମାଗମ ହୋଇଥିଲେ ମଧ୍ୟ ସରକାରଙ୍କର ସମୟୋଚିତ ପଦକ୍ଷେପ ଗ୍ରହଣ ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ଲୋକସଭା ନିର୍ବାଚନ, ରାଜ୍ୟ ବିଧାନସଭା ଉପ-ନିର୍ବାଚନ ଏବଂ ପଞ୍ଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ରାଜ୍ୟର ବିଭିନ୍ନ କାରାଗାରରେ ବିଭିନ୍ନ ସଂସ୍କାରମୂଳକ ପନ୍ଥା ଗ୍ରହଣ କରାଯାଇ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏହି ଶିଳ୍ପଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଁ କଏଦିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସେମାନଙ୍କୁ ଦୈନିକ ପ୍ରୋତ୍ସାହନ ଭତ୍ତା ଦିଆଯାଉଛି । ଚଳିତ ବର୍ଷ କୁଜଂଗ ଠାରେ ଏକ ଉପକାରାଗାର ପ୍ରତିଷ୍ଠା କରାଯାଉଛି । ଆସନ୍ତା ବର୍ଷ ଆରକ୍ଷୀ ସଂସ୍ଥାର ପୁରାତନ ଯାନବାହାନଗୁଡ଼ିକ ବଦଳାଇ ନୂତନ ଯାନବାହାନ ବ୍ୟବସ୍ଥା କରିବାପାଇଁ ବ୍ୟୟ ବରାଦ କରାଯାଉଛି । କଏଦିମାନଙ୍କୁ କାରାଗାରରୁ ନ୍ୟାୟାଳୟକୁ ନେବା ଆଣିବା ନିମନ୍ତେ ନୂତନ କୋର୍ଟ ଭ୍ୟାନ୍ ପାଇଁ ଅର୍ଥ ବ୍ୟବସ୍ଥା କରାଯାଉଛି ।

୩୧. ଯୋଜନା ଅଟକଳରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଁ ୧୯୯୭-୯୮ ବର୍ଷର ବଜେଟ୍ ଏହି ମହାନ ଗୃହରେ ଉପସ୍ଥାପନ କଲି । ସମୟ ଅଭାବରୁ ସମସ୍ତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଦେବା ସମ୍ଭବ ହେଉନାହିଁ । ମାନ୍ୟବର ସଦସ୍ୟମାନେ ବିଭିନ୍ନ ବିଭାଗୀୟ ଦାବୀ ଆଲୋଚନା ସମୟରେ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ କିପରି ଅର୍ଥ ବିନିଯୋଗ କରାଯାଇଛି ତାହାର ସବିଶେଷ ଆଲୋଚନାର ସୁଯୋଗ ପାଇବେ । ମୋର ଅନୁରୋଧ, ମାନ୍ୟବର ସଦସ୍ୟମାନେ ଅକୁଣ୍ଠିତ ଚିତ୍ତରେ ଯୋଜନାର ବିଭିନ୍ନ ଦିଗ ଉପରେ ବିଚାର ଆଲୋଚନା କରି ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ନିମନ୍ତେ ସେମାନଙ୍କର ସୁଚିନ୍ତିତ ଏବଂ ମୂଲ୍ୟବାନ ପରାମର୍ଶ ଦେଇ ରାଜ୍ୟର ପ୍ରଗତିରେ ସହାୟକ ହେବେ ।

ଜୟହିନ୍ଦ୍ !

## ପରିଶିଷ୍ଟ

### ତୁମ୍ବକରେ ଓଡ଼ିଶା ବଜେଟ୍ ୧୯୯୭-୯୮

(କୋଟି ଟଙ୍କାରେ)

| | ଆୟ | ବ୍ୟୟ |
|---|---|---|
| **୧. ସଂଗଠିତ ପାଣ୍ଠି** | | |
| **(କ) ରାଜସ୍ୱ ହିସାବ** | | |
| (୧) ଅଣ ଯୋଜନା | ୪୦୨୩.୮୮ | ୪୫୬୪.୨୬ |
| (୨) ରାଜ୍ୟ ଯୋଜନା | ୬୫୪.୩୧ | ୧୦୮୯.୫୧ |
| (୩) କେନ୍ଦ୍ରୀୟ ଯୋଜନା | ୩୩୯.୧୪ | ୩୨୬.୫୫ |
| (୪) କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା | ୧୬୧.୫୬ | ୧୪୪.୪୮ |
| ମୋଟ | ୫୧୭୮.୮୯ | ୬୧୨୪.୮୦ |
| **(ଖ) ପୁଞ୍ଜି ହିସାବ** | | |
| (୧) ଅଣ ଯୋଜନା | ୧୦୭୧.୧୮ | ୧୦୬୯.୭୬ |
| (୨) ରାଜ୍ୟ ଯୋଜନା | ୧୭୧୯.୫୧ | ୧୨୩୨.୪୨ |
| (୩) କେନ୍ଦ୍ରୀୟ ଯୋଜନା | ୮.୫୫ | ୨୧.୧୪ |
| (୪) କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା | ୩.୧୦ | ୨୦.୧୮ |
| ମୋଟ | ୨୮୦୨.୨୩ | ୨୩୪୩.୫୦ |
| ମୋଟ ସଂଗଠିତ ପାଣ୍ଠି | ୭୯୮୧.୨୩ | ୮୪୬୮.୩୦ |
| **୨. ଆକସ୍ମିକ ପାଣ୍ଠି** | ୬୦.୦୦ | ୬୦.୦୦ |
| **୩. ସରକାରୀ ହିସାବ** | | |
| (୧) ଋଣ ଓ ପାଣ୍ଠି | ୯୦୩.୧୦ | ୪୫୧.୧୦ |
| (୨) ଅନ୍ୟାନ୍ୟ ପାଣ୍ଠି ଓ ଜମା | ୩୨୫୯.୩୪ | ୩୨୨୪.୨୬ |
| ମୋଟ | ୪୧୬୨.୪୪ | ୩୬୭୫.୩୬ |
| ମୋଟ ରାଜ୍ୟ ବଜେଟ୍ | ୧୨୨୦୩.୬୭ | ୧୨୨୦୩.୬୭ |
| ବର୍ଷର କାରବାର | | |
| ପ୍ରାରମ୍ଭିକ ଅବଶେଷ | (-) ୫.୨୧ | |
| ଅନ୍ତିମ ଅବଶେଷ | (-) ୫.୨୧ | |

# ବିଦେଶୀ ପୁଞ୍ଜି ନିବେଶରେ ଓଡ଼ିଶାରେ ଶିଳ୍ପର ବିପୁଳ ବିକାଶ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

**ଆ**ଜି ଏହି ସମ୍ମିଳନୀକୁ ଆସିଲାବେଳକୁ ମୋର ମନେ ପଡୁଛି, ୧୯୮୦ ମସିହାରେ ମୁଁ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଅନୁଷ୍ଠିତ ଅର୍ଥନୀତି ସମ୍ମିଳନୀରେ ଭାଷଣ ଦେଇଥିଲି । ସେତେବେଳେ ମୁଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇନଥିଲି କିନ୍ତୁ କେନ୍ଦ୍ରରେ ମନ୍ତ୍ରୀ ଥିଲି । ସେ ସମୟରେ ମୁଁ ଆଶା କରିଥିଲି ଯେ ଓଡ଼ିଶାର ଅର୍ଥନୀତିଜ୍ଞମାନେ ଓଡ଼ିଶାକୁ ଉଠାଇବାରେ ସରକାରଙ୍କ ସହିତ ମିଶି ଏକ ବଳିଷ୍ଠ କାର୍ଯ୍ୟକ୍ରମ ଗ୍ରହଣ କରିବେ, ଯେପରିକି ସରକାର ଓ ଜନସାଧାରଣଙ୍କର ସହଯୋଗରେ ଓଡ଼ିଶାର ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇପାରିବ । ପରେ ଦାୟିତ୍ୱ ନେବା ପରେ ମୁଁ ମଝିରେ ମଝିରେ ସେମାନଙ୍କ ସହିତ ପରାମର୍ଶ କରିଛି । ଆମର ବିଶ୍ୱବିଦ୍ୟାଳୟ ବା କଲେଜରେ ବୁଦ୍ଧିଜୀବୀ ଅଧ୍ୟାପକ ଏବଂ ସରକାରଙ୍କ ଭିତରେ ଯେଉଁଭଳି ଭାବ ବିନିମୟ ହେବାର କଥା ସେଭଳି ସମ୍ଭବ ହୋଇପାରି ନାହିଁ । ଏପରି ଗୋଟିଏ ରୀତିରେ ପଡିଯାଇଛି ଯେ ସରକାରଙ୍କ କାର୍ଯ୍ୟକ୍ରମ ଗ୍ରହଣ କରିବେ, ଯୋଜନା କରିବେ, ବିଭିନ୍ନ ନୀତି ଘୋଷଣା କରିବେ, ସରକାରୀ କଳଦ୍ୱାରା ସେ ସବୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ । କିନ୍ତୁ ଭାରତବର୍ଷରେ ୧୯୪୭ ମସିହାଠାରୁ ୧୯୯୧ ମସିହା ପର୍ଯ୍ୟନ୍ତ ଆମେ ପରୀକ୍ଷା କରି ଦେଖିଲେ ଯଦିଓ ବିଭିନ୍ନ କ୍ଷେତ୍ରରେ ବିକାଶ ଘଟିଛି, କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ହୋଇଛି ଏବଂ ଜନସାଧାରଣଙ୍କର ଜୀବନ ଧାରଣର ମାନ ବଢ଼ିଛି, ତଥାପି ଯେଉଁ ସବୁ ସମସ୍ୟା ବର୍ତ୍ତମାନ ଦେଖାଦେଉଛି, ତାହା ଅତ୍ୟନ୍ତ ଉତ୍କଟ । କୋଟି କୋଟି ଲୋକ ଏବେ ମଧ୍ୟ ଘୋର ଦାରିଦ୍ର୍ୟ ଭିତରେ ରହିଛନ୍ତି । କୋଟି କୋଟି ଲୋକ ଅତ୍ୟନ୍ତ ନିରକ୍ଷର ଅବସ୍ଥାରେ ରହିଛନ୍ତି । ଆମେ ଯେତେବେଳେ ଆମର ପ୍ରଗତିର ଚିତ୍ର ଆଙ୍କୁଚେ, ଦେଖୁଚେ ଯେ ଭାରତବର୍ଷରେ ଶତକଡା ୫୪ ଭାଗ ଲୋକ ହାରାହାରି ସାକ୍ଷର ହୋଇଛନ୍ତି । ଯଦି ୪୬ ଭାଗ ଲୋକଙ୍କୁ ଆମେ ହିସାବକୁ ନେବା ଭାରତବର୍ଷର ଲୋକସଂଖ୍ୟା ଯେଉଁଭଳି ଭାବରେ ବଢ଼ିବାରେ ଲାଗିଛି, ସେଥିରେ ଆମେ ଦେଖିବାକୁ ପାଇବା ଏବେ ମଧ୍ୟ ୪୦ କୋଟି ଲୋକ, ସ୍ୱାଧୀନତା ହେବା ପୂର୍ବରୁ ଯେତିକି ଲୋକ ଭାରତବର୍ଷରେ ଥିଲେ ସେତିକି ଲୋକ ନିରକ୍ଷର ଅବସ୍ଥାରେ ରହିଛନ୍ତି । ଆମେ ଯଦି ଦାରିଦ୍ର୍ୟର ଚିତ୍ର ଦେଖିବାକୁ ଯିବା, ତା'ହେଲେ ଦେଖିବା ସ୍ୱାଧୀନତା ବେଳେ ଯେତିକି ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ, ଆଜି ଦାରିଦ୍ର୍ୟର ହିସାବ ଅନୁସାରେ ଶତକଡା ୪୦କୁ କମି ଯାଇଛି ତଥାପି ଆମେ ଯାହା ଦେଖିବାକୁ ପାଉଛେ, କୋଟି କୋଟି ଲୋକ ଏବେ ମଧ୍ୟ ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତ । ଓଡ଼ିଶା କଥା ବିଚାର କରାଯାଉ । ୧୯୨୦ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ପ୍ରଥମେ ଓଡ଼ିଶାକୁ ଆସିଲେ, ଏଠାରେ ଗରିବ ଲୋକଙ୍କୁ ଦେଖି ସେ ଯେଉଁ କୁର୍ତ୍ତା ପିନ୍ଧୁଥିଲେ ତାକୁ ଛାଡିଦେଲେ । ଖାଲି ଗୋଟିଏ ଧୋତି ପିନ୍ଧିଲେ । ସେତେବେଳେ ଲଙ୍ଗଳା ଫକୀର ବୋଲି ତାଙ୍କୁ କୁହାଗଲା । ସେ ସମୟରେ ସେ ଓଡ଼ିଶାର ଚିତ୍ରକୁ ବର୍ଣ୍ଣନା କରି କହିଥିଲେ, ଓଡ଼ିଶା ହେଉଛି ଭାରତର ଦାରିଦ୍ର୍ୟର ପ୍ରତୀକ (ଇପିଟମ୍ ଅଫ ଇଣ୍ଡିଆ'ସ୍ ପଭର୍ଟି) ଆଜି ସଭାପତି ତାଙ୍କର ଭାଷଣରେ କହିଲେ ଏବେ ମଧ୍ୟ ଓଡ଼ିଶା ଭାରତବର୍ଷରେ ଦାରିଦ୍ର୍ୟର ପ୍ରତୀକ । ଏବେ ମଧ୍ୟ ଆମେ ଦାରିଦ୍ର୍ୟ ସୀମାରେଖାର ସବାତଳ ପାହାଚରେ ବସିଚେ । ବଡ ଆଶ୍ଚର୍ଯ୍ୟ ଲାଗୁଛି, ଏ କଥା ଶୁଣି । ତା'ହେଲେ ଏ ସବୁ ଯେଉଁ ଉନ୍ନତି ହେଉଛି, ଏତେ କୋଟି କୋଟି ଟଙ୍କା ଆମେ ଖର୍ଚ୍ଚ କରୁଚେ, ଯୋଜନା କରୁଚେ, କାର୍ଯ୍ୟକ୍ରମ କରୁଚେ, ଏ ସବୁ ଯୋଜନା ଓ କାର୍ଯ୍ୟକ୍ରମର କ'ଣ ମୂଲ୍ୟ ରହୁଛି । ଯଦି ଆରମ୍ଭବେଳେ ଯାହା ଥିଲା, ଏବେ ମଧ୍ୟ ସେ ଲାଞ୍ଛନା ଆମକୁ ଭୋଗ କରିବାକୁ ପଡିଲା, ଏବେ ମଧ୍ୟ ଭାରତବର୍ଷ ପୃଥିବୀରେ ଦରିଦ୍ରତମ ଦେଶମାନଙ୍କ ଭିତରେ ଅନ୍ୟତମ ଏବଂ ଓଡ଼ିଶା ହେଉଛି ଭାରତବର୍ଷରେ ସବୁଠାରୁ ଦରିଦ୍ର, ତା'ହେଲେ କେତେଦିନ ଆମେ ଆମର କଳଙ୍କର ରେଖା ଧରି ପୃଥିବୀରେ ବୁଲିବା ? ଏସିଆର ଛୋଟ ଛୋଟ ଦେଶ, ଜାପାନକୁ ଛାଡିଦେଲେ ସେ ସବୁ ଦେଶର ଅବସ୍ଥା କ'ଣ ଥିଲା ଭାରତବର୍ଷ ତୁଳନାରେ ? ୧୯୬୦ ମସିହାରେ ଉନ୍ନୟନ କ୍ଷେତ୍ରରେ କୋରିଆ, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଆମଠାରୁ ତଳେ ଥିଲା । କିନ୍ତୁ ଆଜି ସେଠାରେ ଯେଉଁଭଳି ଭାବରେ ଅଭୂତପୂର୍ବ ଉନ୍ନତି ସାଧିତ ହୋଇଛି, ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ । ଆର୍ଥିକ କ୍ଷେତ୍ରରେ ସେମାନେ ଏତେ ଉନ୍ନତ କରିଛନ୍ତି, ଏତେ ପ୍ରଗତି କରିଛନ୍ତି ଯେ ଆଜି 'ଏସିଆନ ଟାଇଗରସ୍' ହିସାବରେ ସେମାନଙ୍କୁ ଅଭିହିତ କରାଯାଉଛି । କିନ୍ତୁ ପ୍ରକୃତରେ ଦିନେ ଇତିହାସରେ ସିଂହ ବୋଲି କଥିତ ହେଉଥିଲା ଭାରତବର୍ଷ । ଏହି ଭାରତବର୍ଷରେ ପ୍ରଥମେ କୃଷିରେ ବିପ୍ଳବ ସୃଷ୍ଟି ହୋଇଥିଲା ବୋଲି ସବୁ ଅର୍ଥନୀତିଜ୍ଞ ଓ ଐତିହାସିକମାନେ କହନ୍ତି । ସେହିପରି ଶିଳ୍ପ ଏବଂ ବାଣିଜ୍ୟ ବିଭିନ୍ନ କ୍ଷେତ୍ରରେ । ଅର୍ଥନୀତିଜ୍ଞମାନେ Economics History of India ରେ ଲେଖିଛନ୍ତି ଯେ ବ୍ରିଟିଶମାନେ ଆସିବା ପୂର୍ବରୁ ମଧ୍ୟ ଭାରତ ଆର୍ଥିକ କ୍ଷେତ୍ରରେ ପୃଥିବୀର ଏକ ଅଗ୍ରଗଣ୍ୟ ଦେଶରୂପେ ବିବେଚିତ ହେଉଥିଲା । ଆଜି ସେ ଭାରତବର୍ଷର ହେଉଛି ଏଭଳି ଦୁରବସ୍ଥା । ଯିପରି

ପଦକ୍ଷେପ ନେବା ଯାହା ଫଳରେ ଆଗାମୀ ଶତାବ୍ଦୀ ବେଳକୁ ସେସବୁ ସମସ୍ୟାର ସମାଧାନ ହୋଇପାରିବ । ଆଉ ଚାରି ବର୍ଷ ପରେ ଆମେ ଏକବିଂଶ ଶତାବ୍ଦୀରେ ପହଞ୍ଚିବା । କ୍ୟାଲେଣ୍ଡର ବଦଳି ଯିବ । ଗୋଟିଏ ମସିହା ଯାଉ ଆଉ ଗୋଟିଏ ମସିହା ଆସିବ । ତାର ବିଶେଷତ୍ୱ କ'ଣ? ଆମେ ଯଦି ପ୍ରକୃତରେ ଭାବୁଚେ ଯେ ଏକବିଂଶ ଶତାବ୍ଦୀ ବେଳକୁ ଆମେ ଆମର ସମସ୍ୟା ସମାଧାନ କରିପାରିଥିବା ବା ସମସ୍ୟା ସମାଧାନ କରିବା ପାଇଁ ଏକ ଗଭୀର ଆଶାର ଜାଗରଣ ସୃଷ୍ଟି କରିପାରିଥିବା, ତା'ହେଲେ ଆମେ ଏପରି କେତେକ ବୈପ୍ଳବିକ ପଦକ୍ଷେପ ନେବା ଦରକାର, ଆମର ଚିନ୍ତାର ପରିବର୍ତ୍ତନ ଓ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆସିବା ଦରକାର, ଯାହା ଫଳରେ ଯାହା ଆମେ କହୁଚେ ତାହା ସମ୍ଭବ ହୋଇପାରିବ ।

୧୯୯୧ ଭାରତୀୟ ଅର୍ଥନୀତିର କ୍ଷେତ୍ରରେ, ରାଷ୍ଟ୍ରନୀତିର କ୍ଷେତ୍ରରେ ଗୋଟିଏ ଅତି ଉଲ୍ଲେଖନୀୟ ମସିହା । ସେହି ବର୍ଷ ଭାରତ ସରକାର ନିଷ୍ପତ୍ତି କଲେ ଯେ ଆମେ ଅର୍ଥନୀତିର ଉଦାରୀକରଣ କରିବୁ । ଲିବରାଲାଇଜେସନ୍ ଅଫ ଇକୋନୋମିକ୍, ଗ୍ଲୋବାଲାଇଜେସନ୍ ଅଫ ଇକୋନୋମିକ । ଏ ଯେଉଁ ନୀତି ନିର୍ଦ୍ଧାରଣ ଆମେ କଲେ, ତାର ଚିନ୍ତା ମଧ୍ୟ ବହୁ ଦିନରୁ କରାଯାଉଥିଲା । ରାଜୀବ ଗାନ୍ଧୀଙ୍କ ଯେଉଁ ନିର୍ବାଚନ ଇସ୍ତାହାର ପ୍ରକାଶ ପାଇଥିଲା, ସେଥିରେ ମଧ୍ୟ ଏହା କୁହାଯାଇଥିଲା । କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ୧୯୯୧ ମସିହାରେ । ଏ ହେଉଛି ଗୋଟିଏ ବଡ଼ ମାଇଲଖୁଣ୍ଟ । ଏହା ଦ୍ୱାରା ଗୋଟିଏ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଯେଉଁ ବଡ଼ ବଡ଼ ରାଷ୍ଟ୍ରାୟତ୍ତ ଶିଳ୍ପ ରହିଛି, ଯେଉଁ ଇସ୍ପାତର କଥା, ବିଦ୍ୟୁତର କଥା, ବନ୍ଦରର କଥା, ବିଭିନ୍ନ ବଡ଼ ବଡ଼ ଶିଳ୍ପର କଥା ଆମେ କହୁଛେ, ସେହିସବୁ ଶିଳ୍ପ ଆଉ ରାଷ୍ଟ୍ରାୟତ୍ତ ହୋଇ ରହିବାର କୌଣସି କାରଣ ନାହିଁ । ରାଷ୍ଟ୍ର ପକ୍ଷରୁ ଏସବୁ ଶିଳ୍ପ ହେବାର କୌଣସି କାରଣ ନାହିଁ । ଏଥିରେ ଯେଉଁ ହଜାର ହଜାର କୋଟି ଟଙ୍କା ବିନିଯୋଗ ହେଉଛି ଏବଂ ଯେଉଁ କାରଖାନା ହେଉଛି, ସେ କାରଖାନା କେବଳ ସରକାରୀ ଅଫିସରମାନଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ସେଥିରେ ବହୁତ କ୍ଷତି ହେଉଛି । ଏହି କ୍ଷତିର ଭରଣା କରିବା ପାଇଁ ରାଜକୋଷରୁ ଅନେକ ଅଂଶ ଚାଲିଯାଉଛି । ଲୋକଙ୍କ ଉନ୍ନତି ପାଇଁ ତାହା ଖର୍ଚ୍ଚ ହୋଇପାରୁ ନାହିଁ । ଗରିବ ଲୋକଙ୍କ ପାଖରେ କିଛି ପହଞ୍ଚି ପାରୁନାହିଁ । ଗରିବ ଲୋକଙ୍କ ନାଁରେ ଆମେ ସମାଜବାଦ କଥା କହୁଛୁ ।

ରାଷ୍ଟ୍ରାୟତ୍ତ ଶିଳ୍ପ ସମାଜବାଦର ଅଂଶବିଶେଷ ବୋଲି ଆମେ କହୁଛୁ । କିନ୍ତୁ ଏ ଯେଉଁ ରାଷ୍ଟ୍ରାୟତ୍ତ ଶିଳ୍ପ ସେ ରାଷ୍ଟ୍ରାୟତ୍ତ ଶିଳ୍ପ ପ୍ରକୃତରେ ଗରିବ ଲୋକଙ୍କ ପାଇଁ ବିଶେଷ କିଛି କରିପାରୁନାହିଁ । ଆମେ ରେଳ ରାସ୍ତାର କଥା କହୁଛୁ, ସଡ଼କର କଥା କହୁଛୁ, ବନ୍ଦରର କଥା କହୁଛୁ, ସବୁ ସରକାର କରିବା ପାଇଁ ଆମେ କହୁଛୁ । କିନ୍ତୁ ସରକାର ଯେଉଁ ଅର୍ଥ ସେଥିରେ ବିନିଯୋଗ କରୁଛି କାଳକ୍ରମେ ତାହା ଏକ ଅମଲାତାନ୍ତ୍ରିକ କାର୍ଯ୍ୟକ୍ରମରେ ପରିଣତ ହେଉଛି । ସେଥିରେ ଗରିବ ଲୋକମାନଙ୍କର କୌଣସି ଲାଭ ହେଉ ନାହିଁ । ପ୍ରକୃତ ଉନ୍ନତି ଦେଖାଯାଉନାହିଁ । ତେଣୁ ଏହାର ପରିବର୍ତ୍ତନ ଦରକାର । ସେଥିପାଇଁ ଉଦାରୀକରଣ କଥା କୁହାଗଲା । ଅର୍ଥାତ ଦେଶୀୟ ପୁଞ୍ଜିହେଉ, ବୈଦେଶିକ ପୁଞ୍ଜି ହେଉ, ଯେଉଁମାନେ ଚାହିଁବେ ଏସବୁ କଳକାରଖାନା କରିବାକୁ, ସେମାନଙ୍କୁ ସେ ସ୍ୱାଧୀନତା ଦିଆଯିବା ଦରକାର । ଏ ସମ୍ପର୍କରେ ଯେଉଁ ସବୁ ବାଧାବିଘ୍ନ ରଖାଯାଇଛି, ଆମ ନୀତି ନିୟମ ଭିତରେ, ସରକାରୀ କାର୍ଯ୍ୟ ପଦ୍ଧତି ଭିତରେ, ତାହାକୁ ଦୂର କରାଯିବା ଦରକାର ଏବଂ ପୂରା ସୁବିଧା ସୁଯୋଗ ଦିଆଯିବା ଦରକାର ଯେପରିକି ବୈଦେଶିକ ପୁଞ୍ଜି ବିନିଯୋଗ ହୋଇପାରିବ ।

ଗୋଟିଏ ଉଦାହରଣ ଆପଣମାନଙ୍କୁ ମୁଁ ଦେବା ପାଇଁ ଚାହେଁ । ଚୀନ ଦେଶ । ଏ ଗୋଟିଏ କମ୍ୟୁନିଷ୍ଟ ଦେଶ । କମ୍ୟୁନିଷ୍ଟ ଦେଶ ହୋଇ ଚୀନ ୮୦ ରୁ ୯୦ ମସିହା ଭିତରେ ଯେତେ ଆମେରିକାନ ପ୍ରଗତି ଆଣି ପାରିଥିଲା, ଭାରତବର୍ଷ ତା'ର ଏକ ଦଶମାଂଶ ମଧ୍ୟ ଆଣି ପାରି ନ ଥିଲା । କମ୍ୟୁନିଷ୍ଟ ପ୍ରଣାଳୀ ରଖି ସେମାନେ ଦେଶରେ ଏକ ବିରାଟ ଅଞ୍ଚଳ ଗଠନ କଲେ । ସ୍ଥିର କଲେ ଯେ ବୈଦେଶିକ ପୁଞ୍ଜି ଏଠିକି ଆସି ପାରିବ, ବ୍ୟକ୍ତିଗତ ପ୍ରଚେଷ୍ଟାରେ କଳକାରଖାନା ହୋଇପାରିବ, ରାସ୍ତା ହୋଇପାରିବ, ରେଳପଥ ହୋଇପାରିବ, ବନ୍ଦର ହୋଇପାରିବ, ବ୍ୟବସାୟ ବାଣିଜ୍ୟର ଅଭିବୃଦ୍ଧି ହୋଇପାରିବ । ତାଙ୍କ ଦେଶ ଯାହା ଲାଭ କରିବା କଥା, ସେଥିପାଇଁ ଗୋଟିଏ ନୀତି ଓ ନିୟମ ସ୍ଥିର କରି ପାରିବ । କାରଣ କେହି ଲୋକ ପୁଞ୍ଜି ଖଟେଇବନି ବଦାନ୍ୟତା ଦେଖାଇକରି । ସେ ନିଶ୍ଚୟ ଲାଭ କରିବ । ଏ ନୀତି ଗ୍ରହଣ କରି ଆଜି ଚୀନ ଦେଶର ସବୁ ଅଞ୍ଚଳରେ ଅଭୂତପୂର୍ବ ଉନ୍ନତି ସମ୍ଭବ ହୋଇ ପାରିଛି । ନିଜକୁ ଆମେ ବେଶୀ ପ୍ରଗତିଶୀଳ କହି କହି ବହୁତ ପଛରେ ୧୯୯୧ ମସିହାରେ ସେ ନୀତିକୁ ଗ୍ରହଣ କଲେ । ଯେଉଁମାନେ ଏହାକୁ କାର୍ଯ୍ୟକାରୀ କଲେ ସେମାନଙ୍କୁ ମୁଁ ବିଶେଷ ସମ୍ମାନ ଓ ଧନ୍ୟବାଦ ଦେବା ପାଇଁ ଚାହେଁ । କାରଣ ଏ କାର୍ଯ୍ୟକ୍ରମଟି ଡକ୍ଟର ମନମୋହନ ସିଂହ ଯେ କି ଜଣେ ଅର୍ଥନୀତିଜ୍ଞ, ତାଙ୍କରି ନେତୃତ୍ୱରେ ଏ ଦେଶରେ କାର୍ଯ୍ୟକାରୀ କରାଗଲା । ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ସବୁବେଳେ ଗୋଟିଏ ନୂତନ ଚିନ୍ତାଧାରା ଥିଛି । ଜର୍ମାନୀର ଅର୍ଥମନ୍ତ୍ରୀ, ଯିଏ କି ଜଣେ ଅର୍ଥନୀତିଜ୍ଞ, ତାଙ୍କରି ସମୟରେ ହିଁ ଜର୍ମାନୀରେ ପରିବର୍ତ୍ତନ ସମ୍ଭବ ହୋଇଥିଲା ।

ଭାରତବର୍ଷରେ ମନମୋହନ ସିଂହ ସେ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରେଇଥିଲେ । ଏହା ସେ କାର୍ଯ୍ୟକାରୀ ହୋଇଛି ତା'ନୁହେଁ; କିନ୍ତୁ ଗୋଟିଏ ବାଟ ଫିଟିଲା ଯେ ଏ ବୈଦେଶିକ ପୁଞ୍ଜି ବହୁ ପରିମାଣରେ ଆମର ଓଡ଼ିଶାରେ ଲାଗିପାରିବ, ଭାରତବର୍ଷରେ ଲାଗିପାରିବ ।

୧୯୮୦ ମସିହା କଥା ମୁଁ କହୁଛି । ସେତେବେଳେ ମୁଁ ଗୋଟିଏ ସ୍ଲୋଗାନ୍ ଦେଇଥିଲି, ୧୦୦୦ ଦିନରେ ୧୦୦୦ କୋଟି ଟଙ୍କାରେ ୧୦୦୦ ଶିଳ୍ପ । ଯାହା ମୁଁ କହିଥିଲି ବିଭିନ୍ନ କଳକାରଖାନା ମିଶିକରି ତାହା ହୋଇଗଲା । ତା' ଭିତରେ ବହୁ କ୍ଷୁଦ୍ର ଶିଳ୍ପ ଅଛି । ହୋଟେଲକୁ ଶିଳ୍ପ ବୋଲି ଆମେ ଘୋଷଣା କଲୁ । ଭାରତବର୍ଷରେ ପ୍ରଥମେ ଓଡ଼ିଶା ଏହା କଲା ।

କିନ୍ତୁ ଓଡ଼ିଶାର ଯେଉଁ ବିପୁଳ ବିଭବ ଅଛି, ବିପୁଳ ପ୍ରାକୃତିକ ସମ୍ପଦ ଅଛି, ତାର ସଦୁପଯୋଗ କରିବା ପାଇଁ ଯେଉଁ ବିପୁଳ ପରିମାଣର ଅର୍ଥ ଦରକାର, ତାହା ଆସିବା ସମ୍ଭବ ହେଲା ନାହିଁ । କାରଣ ଭାରତ ସରକାରଙ୍କ ନୀତି ଯୋଗୁଁ । ଗୋଟିଏ ଇସ୍ପାତ କାରଖାନା ହୋଇପାରିଲା ନାହିଁ । ବହୁ ଚେଷ୍ଟା ଇନ୍ଦିରା ଗାନ୍ଧୀ କରିଛନ୍ତି ସେତେବେଳେ କିନ୍ତୁ ଇସ୍ପାତ୍ କାରଖାନାଟିଏ ଓଡ଼ିଶାରେ ହୋଇପାରିଲାନି । ସେତେବେଳେ ମୁଁ ବମ୍ବେ ଯାଇଥିଲି । ବମ୍ବେ ହେଉଛି ଭାରତର ଫାଇନାନ୍ସିଆଲ କାପିଟାଲ । ପୁଞ୍ଜିର ରାଜଧାନୀ । ସେଠାରେ ଚେମ୍ବର ଅଫ କମର୍ସ ପକ୍ଷରୁ ଗୋଟିଏ ବଡ ଧରଣର ସଭା ହୋଇଥିଲା । ସେ ସଭାରେ ଓଡ଼ିଶାର ଯେଉଁ ସବୁ ସମ୍ଭାବନା ଅଛି ମୁଁ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲି । କିନ୍ତୁ ଯାହା ଦେଖାଗଲା କାଲା ଆଗରେ ମୂଳା ଚୋବାଇଲା ଭଳିଆ । ମୁଁ ସବୁକଥା କହି ସାରିଲା ପରେ ଜଣେ ବିଶିଷ୍ଟ ଶିଳ୍ପପତି କହିଲେ, ଆପଣ ଠିକ୍ କହୁଛନ୍ତି ଯେ, ଏତେ ବାଟ ଓଡ଼ିଶା, କିଏ ଯିବ ? ମୁଁ କହିଲି, ମୁଁ ବହୁତ ବାଟରୁ ଆସି ଏଠି ଆପଣଙ୍କୁ କହୁଛି । କିନ୍ତୁ ଏତିକି ମୁଁ କହିଦେବା ପାଇଁ ଚାହେଁ, ଦିନ ଆସିବ ଯେତେବେଳେ ମୁଁ ଏଠିକି ଆସିବିନି, ଆପଣମାନେ ଯିବେ । କାରଣ ଯେ ମହୁ ସଂଗ୍ରହ କରିବାକୁ ଯାଏ, ମହୁମାଛି ସେତେବେଳେ ତା' ପାଖକୁ ମହୁ ଆଣେ ନାହିଁ । ସେ ବୁଲି ବୁଲି କରି ସଂଗ୍ରହ କରେ । ଆପଣମାନେ ଯେତେବେଳେ ପୁଞ୍ଜି ବିନିଯୋଗ କରିବାକୁ ଚାହିଁବେ, ଏପରି ସମୟ ଆସିବ ସେତେବେଳେ ଆପଣମାନେ ଯିବେ ଓଡ଼ିଶା । ଓଡ଼ିଶା ଛଡ଼ା ଆପଣଙ୍କର ଅନ୍ୟ ରାସ୍ତା ନାହିଁ । ଗୋଟିଏ କଥା ଆପଣମାନଙ୍କୁ ଏଠି ସୂଚନା ଦେବାକୁ ଚାହୁଁଛି ଯେ ଏହି ନୀତିର ପରିବର୍ତ୍ତନ ଫଳରେ ଆଜି ଓଡ଼ିଶା ପାଇଁ ଏକ ବାଟ ଫିଟି ଗଲା । ଭାରତବର୍ଷ ପାଇଁ ଯେମିତି ଦୁନିଆରେ ଗୋଟିଏ ବାଟ ଫିଟିଯାଇଛି । ତଥାପି ଭାରତରେ ଅମଲାତନ୍ତ୍ର ବହୁ ବାଧାବିଘ୍ନ ସୃଷ୍ଟି କରୁଛି । ବହୁ ବଡ଼ ବଡ଼ ଶିଳ୍ପୋଦ୍ୟୋଗୀ ଆସୁଛନ୍ତି । ବହୁ ବାଧା ସୃଷ୍ଟି ହେଉଛି । ସେମାନେ କହୁଛନ୍ତି, ଅନ୍ୟ ସବୁ ଦେଶରେ ଆମେ ଏଭଳି ବାଧା କେବେହେଲେ ପାଉନୁ । ଭାରତରେ କାହିଁକି ହେଉଛି ? କାହିଁକି ଏଠୁଅଭ ଆମକୁ ଫେରିବାକୁ ପଡୁଛି । ଗୋଟିଏ ଗୋଟିଏ ଜିନିଷର ସିଦ୍ଧାନ୍ତ ହୋଇ ପାରୁନାହିଁ, ନିଷ୍ପତ୍ତି ନିଆଯାଇ ପାରୁନାହିଁ, ବାରମ୍ବାର ଫାଇଲ୍ ଏପାଖ ସେପାଖ ହେଉଛି । ଏ ସବୁ କଥା କାହିଁକି ହେଉଛି ମୁଁ ମଧ୍ୟ ତାକୁ ବୁଝିବା ପାଇଁ ଅକ୍ଷମ । କାରଣ ପ୍ରକୃତି ନୈବ ମୁଚ୍ୟତେ । ପ୍ରକୃତି ସହଜରେ ଛାଡେନି । ଗୋଟିଏ ଅଭ୍ୟାସ ହୋଇଯାଇଛି ଆମ ବ୍ୟୁରୋକ୍ରାସିର । ଇଂରେଜମାନଙ୍କ ସମୟରେ ଥିଲା, ଯାହା ଫାଇଲ୍‌ରେ ଆସିବ ଚେଷ୍ଟା କରିବ ଯେମିତି ନ ହେବା ପାଇଁ । ଏ ଗୋଟିଏ ଅଭ୍ୟାସ ରହିଯାଇଛି ସେତେବେଳେ । ସେ ଅଭ୍ୟାସ ବଦଳି ବଦଳି ବର୍ତ୍ତମାନ ଲିବରାଲାଇଜେସନ୍ ବା ଉଦାରୀକରଣ ନୀତି ଗ୍ରହଣ କରାଯାଇଛି । ଏହାର ଅର୍ଥ ହେଉଛି ପୁରା କେମିତି ସାହାଯ୍ୟ କରାଯିବ । ଶୀଘ୍ର କାମ ହାସଲ କରିବା ପାଇଁ ଭାରତବର୍ଷକୁ କେହି ମାସ ମାସ ଧରି ଦୌଡ଼ିବେନି । କାରଣ ପୁଞ୍ଜି ଖଟେଇବା ପାଇଁ ବର୍ତ୍ତମାନ ପୁଞ୍ଜିପତିମାନେ ଆସୁଛନ୍ତି ଚାରିଆଡୁ । ଏ ଗୋଟିଏ ଶୁଭ ସୂଚନା । ଓଡିଶାକୁ ସେମାନେ ଏହି ଦୃଷ୍ଟିରୁ ଆସିବା ପାଇଁ ରାଜି, କାରଣ ଯେଉଁ ଯେଉଁ କ୍ଷେତ୍ରରେ ସେମାନେ ପୁଞ୍ଜି ବିନିଯୋଗ୍ କରିବାକୁ ଚାହୁଁଛନ୍ତି, ସେହିସବୁ କ୍ଷେତ୍ର ପାଇଁ ଓଡ଼ିଶା ପ୍ରଶସ୍ତ । ଆଜି ଯିଏ ଖଦାନରେ ପୁଞ୍ଜି ବିନିଯୋଗ କରିବାକୁ ଚାହିଁବେ, ଯିଏ ଇସ୍ପାତ କାରଖାନା, ଆଲୁମିନା କାରଖାନା, ସିମେଣ୍ଟ କାରଖାନା, କ୍ରୋମାଇଟ୍ କାରଖାନା କରିବାକୁ ଚାହିଁବେ ସେ ଓଡ଼ିଶାକୁ ଆସିବା ପାଇଁ ବାଧ୍ୟ । କାରଣ ଓଡ଼ିଶାରେ ଯେଉଁ ଲୌହ ସଂପଦ ରହିଛି, ଭାରତବର୍ଷରେ ଖୁବ୍ କମ୍ ରାଜ୍ୟରେ ଅଛି । ଓଡ଼ିଶାରେ ଯେଉଁ କ୍ରୋମାଇଟ୍ ଅଛି, ଭାରତର ଆଉ କେଉଁଠି ନାହିଁ । ଏ ରାଜ୍ୟରେ ଶତକଡା ୯୭ ଭାଗ କ୍ରୋମାଇଟ୍, ୭୦ ଭାଗ ବକ୍ସାଇଟ୍ ମହଜୁଦ ରହିଛି । ଯିଏ ଆଲୁମିନିୟମ, ଆଲୁମିନା କାରଖାନା କରିବ, ସେ ଓଡ଼ିଶାକୁ ଆସିବା ପାଇଁ ବାଧ୍ୟ । କାରଣ କୌଣସି ରାଜ୍ୟରେ ସେ ବକ୍ସାଇଟ୍ ପାଇବନି, କେବଳ ମଧ୍ୟପ୍ରଦେଶ ଏବଂ ଆଉ ଗୋଟିଏ ଦୁଇଟି ରାଜ୍ୟକୁ ଛାଡିଦେଲେ । ତେଣୁ ବକ୍ସାଇଟ୍ ହେଉ, ସିମେଣ୍ଟ ହେଉ, ଯେଉଁ କ୍ଷେତ୍ରରେ ହେଉ ନା କାହିଁକି, ଯେଉଁମାନେ ଖଣି ଭିତ୍ତିକ କାରଖାନା କରିବାକୁ ଚାହିଁବେ ସେମାନେ ଓଡ଼ିଶାକୁ ଆସିବେ । ସେହିପରି ଓଡ଼ିଶାରେ ବିଦ୍ୟୁତଶକ୍ତି ଉତ୍ପାଦନ କରିବା ପାଇଁ ଯେଉଁ କ୍ଷେତ୍ର ଅଛି, ଭାରତବର୍ଷରେ କମ୍ ରାଜ୍ୟରେ ଅଛି । କାରଣ ଆମର ଯେଉଁ କୋଇଲା ଏଠି ମିଳୁଛି, ଆଗରୁ କୁହାଯାଉଥିଲା, ଏ କୋଇଲା ଗୁଡିକ କିଛି ନୁହେଁ, ନ୍ୟୂନ ଧରଣର, ଏ କୋଇଲା ବିଶେଷ କାମରେ ଲାଗି-ପାରିବନି । ଝରିଆଲ କୋଇଲା, ରାଣୀଗଞ୍ଜ କୋଇଲା ବହୁତ କାମରେ ଲାଗିପାରିବ । ଓଡ଼ିଶାର କୋଇଲା ସେ ଦୃଷ୍ଟିରୁ ନିକୃଷ୍ଟ । କିନ୍ତୁ ଆଜି ପ୍ରମାଣିତ ହୋଇଛି ଯେ ଯଦି ବିଦ୍ୟୁତ ଉତ୍ପାଦନ କରିବାକୁ ହୁଏ, ତା'ହେଲେ ଓଡ଼ିଶାର ଏ କୋଇଲାର ସମକକ୍ଷ କୋଇଲା ଭାରତବର୍ଷରେ ଖୁବ୍ କମ୍ ଅଛି । ଖଣି ପରେ ଖଣି ବର୍ତ୍ତମାନ ଆବିଷ୍କାର ହେବା ପାଇଁ ଯାଉଛି । ନିକଟରେ ସୁନ୍ଦରଗଡ଼ ଜିଲ୍ଲାର ଗୋପାଳପୁରରେ ବିଶାଳ କୋଇଲା ଖଣି ଆବିଷ୍କୃତ ହୋଇଛି । ତାଳଚେରଠାରୁ ଆରମ୍ଭ କରି ଗୋପାଳପୁର ପର୍ଯ୍ୟନ୍ତ ସମଗ୍ର ଇବ୍ ଉପତ୍ୟକା ଏବଂ ତାଳଚେରର ବ୍ରାହ୍ମଣୀ ଉପତ୍ୟକା କୋଇଲାରେ ଭରପୁର । ଯଦି ଆମେ ବିଜୁଳି ଶକ୍ତି ଉତ୍ପାଦନ କରିବାକୁ ଚାହିଁବା ତା'ହେଲେ କେବଳ ଏହି ଚାରି ବର୍ଷ ଭିତରେ ଆମେ ୧୦,୦୦୦ ମେଗାୱାଟ ବିଜୁଳିଶକ୍ତି ଉତ୍ପାଦନ କରିପାରିବା । କିଛି ଅସୁବିଧା ନାହିଁ । ୧୦,୦୦୦ ବିଜୁଳି ଶକ୍ତି ଉତ୍ପାଦନ କରିବାକୁ ହେଲେ ଦରକାର ୧ ଲକ୍ଷ କୋଟି ଟଙ୍କା । କିନ୍ତୁ ସେଥିପାଇଁ ପୁଞ୍ଜି ବିନିଯୋଗ କରିବା ପାଇଁ ଲୋକ ଅଛନ୍ତି । ଖୋଜିବାକୁ ଯିବାକୁ ପଡ଼ିବନି ସେମାନଙ୍କୁ । ସେମାନେ ଆଜି ଉପସ୍ଥିତ । ଗଡମ ଯୁ ପୃଥିବୀର ଜଣେ ଏକ ନମ୍ବର ପୁଞ୍ଜିପତି । ସେ ଇବ୍ ଉପତ୍ୟକାରେ କରିବାକୁ ଯାଉଛନ୍ତି ୩,୬୦୦ ମେଗାୱାଟ୍‌ର ଏକ ବିଜୁଳି କାରଖାନା । ଏଥିରେ ୧୫୦୦୦ କୋଟି ଟଙ୍କା ବିନିଯୋଗ ହେବ । ଓଡ଼ିଶା ସରକାରଙ୍କ ସହିତ ଆଲୋଚନା ସରିଛି । ଏ ସବୁ ବିଜୁଳିକୁ କାହାକୁ ବିକ୍ରି କରିବେ ସେଥିପାଇଁ ସେ ଚିନ୍ତିତ । ଏ ସମସ୍ୟାର ସମାଧାନ କରିବା ପାଇଁ ସେ ରାଜସ୍ଥାନ , ମଧ୍ୟପ୍ରଦେଶ ଓ ଅନ୍ୟ ସରକାର ସହିତ ବର୍ତ୍ତମାନ ଚୁକ୍ତି ସଂପାଦନ କରୁଛନ୍ତି । ଆମର ଯୋଜନାରେ କେତେକ ଅସାମଞ୍ଜସ୍ୟ ରହିଯାଉଛି । ଆମେ ଯେତେବେଳେ ବିଜୁଳି ଉତ୍ପାଦନ କରିବାର ଯୋଜନା କଲେ,

ସେତେବେଳେ ସେ ବିଜୁଳି ବାହାରିବା ପରେ ତାର ସରବରାହ ହେବ କେମିତି, ଲାଇନ୍ ଠିକ୍ ଅଛି କି ନାହିଁ, ଗ୍ରୀଡ୍ ଠିକ୍ ଅଛି କି ନାହିଁ ତା'ର ବ୍ୟବସ୍ଥା କରିବା ଦରକାର । ସବୁ ଯୋଜନାରେ ଆମର ଲାଇନ୍, ଗ୍ରୀଡ୍ ଏ ସବୁ ବିଷୟରେ କିଛି ହେଲା ନାହିଁ । ଖାଲି କେତେ ଅଧିକ ବିଜୁଳିଶକ୍ତି ଆମେ ଉତ୍ପାଦନ କରିବା । ଯାହା ଫଳରେ ଓଡ଼ିଶାରେ ଆମେ ଗୋଟିଏ ଅଦ୍ଭୁତ ପରିସ୍ଥିତିର ସମ୍ମୁଖୀନ ହେଲେ । ଶାସନକୁ ଆସିବା ପରେ ପରେ ମୁଁ ହିସାବ କରି ଦେଖିଲି ଯେ ଓଡ଼ିଶାରେ ବିଜୁଳିକାଟ ହେବାର କୌଣସି କାରଣ ନାହିଁ । ୧୯୯୫ ମାର୍ଚ୍ଚ ୧୫ରେ ଆମେ କ୍ଷମତାକୁ ଆସିଲୁ । ତାର ପରଦିନ ଠିକ୍ କଲୁ ଏ ବିଜୁଳିକାଟ ବନ୍ଦ କରିବାକୁ ହେବ । ମୁଁ ଘୋଷଣା କଲି ଯେ ଆଜିଠୁ ବିଜୁଳିକାଟ ବନ୍ଦ ହେବ ଏବଂ ତାକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବାରେ ନିଷ୍ପତ୍ତି ଗ୍ରହଣ କଲି । ଦେଖାଗଲା ଅନେକ ଜାଗାରେ ଯେଉଁ ଟ୍ରାନ୍ସଫରମର୍ ପୋଡ଼ି ଯାଇଛି, ସେଠାରେ ନୂଆ ଟ୍ରାନ୍ସଫରମର ବସୁନାହିଁ । ଯେଉଁ ଲାଇନ୍ ସବୁ ଦୁର୍ବଳ ଅଛି, ତାହା ମରାମତି ହେଉନାହିଁ । ଯେଉଁଠି ଯେଉଁ ଲାଇନ୍ ରହିବା କଥା ରହୁନାହିଁ । ଗ୍ରୀଡ ଅତି ଦୁର୍ବଳ ଅବସ୍ଥାରେ ରହିଛି । ସେ ଦିଗରେ କୌଣସି ପୁଞ୍ଜି ବିନିଯୋଗ ଆମର ହେଉନାହିଁ । ଆମର ଯାହା, ସାରା ଭାରତବର୍ଷରେ ସେଇଆ । ତେଣୁ ଆମେ ଯେତେବେଳେ ଯୋଜନା କରୁଛେ, ସେତେବେଳେ ଏକ ସଂପୂର୍ଣ୍ଣ ଯୋଜନା କରିବା ଦରକାର । ବିଜୁଳି ଉତ୍ପାଦନ ଥର୍ମାଲ ହେଉ କିମ୍ବା ଜଳବିଦ୍ୟୁତ ହେଉ, ସେଥିରେ ଖର୍ଚ୍ଚ ବିଶେଷ କିଛି ନାହିଁ । ଜଳ ବିଦ୍ୟୁତର ଆମର ପ୍ରସେସିଂ କ୍ଷେତ୍ର ଅଛି । କିନ୍ତୁ ଯେଉଁ ବିଦ୍ୟୁତ ଉତ୍ପାଦନ ହେଉ ତା'ର ଲାଇନ୍ ଯଦି ଠିକ୍ ନରହିବ, ଗ୍ରୀଡ୍ ଯଦି ଠିକ୍ ନରହିବ ଏବଂ ତା'ର ମଜଭୁତ ସରବରାହ ବ୍ୟବସ୍ଥା ଯଦି ନରହିବ ସେ ବିଜୁଳିଶକ୍ତି ଉତ୍ପାଦନ କରି କୌଣସି ଲାଭ ନାହିଁ । ସେଥିପାଇଁ ଏ ନିଷ୍ପତ୍ତିରେ ମୁଁ ପହଞ୍ଚିଥିଲି ଯେ ଓଡ଼ିଶାରେ ଏ ଗ୍ରୀଡ, ଏ ଲାଇନ୍ ଠିକ ରଖିବାକୁ ହେବ । ଜଣେ ଗ୍ରାହକ ବର୍ଷେ ଦୁଇବର୍ଷ ସମୟ ଭିତରେ ତା'ର ଯଦି କିଛି ଅସୁବିଧା ହେଲା, ସେ କହିବା ମାତ୍ରକେ ସାଙ୍ଗେ ସାଙ୍ଗେ ତା' ଘରେ ଆସି ଯେମିତି ବିଜୁଳି ଯୋଗାଣ କର୍ମଚାରୀ ପହଞ୍ଚିଯିବ ଏବଂ ତା'ର ଯାହା ଅସୁବିଧା ଅଛି ତାହା ଦୂର କରିବ । ସେ ଗାଁ ହେଉ, ବ୍ୟକ୍ତି ବିଶେଷ ହେଉ, ଅଞ୍ଚଳ ହେଉ, ସମସ୍ତଙ୍କର ସମସ୍ୟାର ସମାଧାନ କରିବାକୁ ହେବ । ବର୍ତ୍ତମାନ ଅନେକ ଜାଗାରେ ଏସବୁ ଗୋଳମାଳ ଚାଲିଛି । ବିଦ୍ୟୁତ ସଂସ୍କାର ଓଡ଼ିଶାରେ ପ୍ରଥମେ ହେଉଛି । ଭାରତବର୍ଷରେ କେଉଁଠି ଏହା ହୋଇନାହିଁ । ବିଦ୍ୟୁତ ସଂସ୍କାରର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିକ୍ କର୍ପୋରେସନ ହେଉ, କଂପାନୀ ହେଉ ବା ଓଡ଼ିଶା ସରକାର ହେଉ, ସରକାରୀ ସଂସ୍ଥା ଯାହା ସେ ସଂସ୍ଥା ସେଇଆ । ତା ଦ୍ୱାରା କାମ କରି ହବନାହିଁ । ପୁଣି ସେହି ଲାଲ ଫିତା, ପୁଣି ସେହି ଅସୁବିଧା । ତେଣୁ ଯଦି ଘରୋଇ ବଣ୍ଟନକାରୀ ନେବ, ଯଦି ସେ ଘରୋଇ ଭାବରେ ବିଦ୍ୟୁତ ଯୋଗାଇବ, ତା'ହେଲେ ସେ ବାଧ୍ୟ ହେବ ଲୋକଙ୍କ ପାଖରେ । କାରଣ ଲୋକଙ୍କ ପାଖକୁ ବିଲ୍ ନେଇ ସେ ଯେତେବେଳେ ଯିବ ସେତେବେଳେ ଲୋକ ତା'ର ବେକକୁ ଧରିବେ । ଆମର ଏଠି 'ସରକାରରା ମାଲ୍ ଦରିଆମେ ଡାଲ୍' । କେହି କିଛି କହିବାକୁ ନାହିଁ । ଲାଇନ ନିଅ ନ ନିଅ, ଲାଇନ୍ କଟୁ, ମୋର ସେଥିରେ କ'ଣ ଅଛି । କାରଣ ଦରମାଟା ଥୁଆ ହୋଇକରି ରହିଛି । ଏ କ୍ଷେତ୍ରରେ ତାହା ହେବନି ।

ଅନେକ ବିଶ୍ୱାସ କରିବେନି ଏବେ ବି ଆମର ୫୦% ବିଲ୍ ହେଉନାହିଁ । ବିଜୁଳି ଦିଆଯାଉଛି । ସରକାରକୁ ତାରିଫ କରିବା ପାଇଁ ମୁଁ ଏଠି ଠିଆ ହୋଇନି । ଯାହା ଘଟୁଛି ତାହା କହିବାକୁ ଚାହୁଁଛି ଆପଣମାନଙ୍କ ଆଗରେ । ଏମିତି ଗୋଟେ ପରିସ୍ଥିତିର ପରିବର୍ତ୍ତନ କରିବା ପାଇଁ କ'ଣ ବାଟ ତାହା ବାହାର କରିବା ଦରକାର । ବିଦ୍ୟୁତ ସଂସ୍କାର ଦ୍ୱାରା ଆମେ ଯଥେଷ୍ଟ ବିଜୁଳି ଶକ୍ତି ଓଡ଼ିଶାରେ ଉତ୍ପାଦନ କରିପାରିବା । ଓଡ଼ିଶାରେ ଏହାର ଆଦର୍ଶସ୍ଥାନୀୟ ବଣ୍ଟନ କରି ଆମେ ଦେଖେଇ ଦେଇ ପାରିବା ଯେ ଏହା ହେଉଛି ଲାଭଜନକ । କ୍ଷତିଗ୍ରସ୍ତ ହେବାର କୌଣସି ପ୍ରଶ୍ନ ଉଠୁ ନାହିଁ ।

ଯେଉଁ କମ୍ପାନୀମାନେ ଆସିବେ ତାଙ୍କ ସାଙ୍ଗରେ ଆମର ଠିକ୍ କଥାବାର୍ତ୍ତା କରିବା ଦରକାର । ଆମକୁ ପୁଞ୍ଜି ଖୋଜିବାକୁ ଯିବାକୁ ପଡିବନି । ସରକାରୀ ରାଜକୋଷରୁ ଅର୍ଥ ଖର୍ଚ୍ଚ କରିବାକୁ ପଡିବନି । ସେମାନେ ଆସି ନିଜେ ବିଜୁଳିଶକ୍ତି ଉତ୍ପାଦନ କରିବେ, ବିଜୁଳି ଶକ୍ତିର ବଣ୍ଟନ ଦାୟିତ୍ୱ ମଧ୍ୟ ସେମାନେ ନେବେ । ବିଜୁଳି ହେଉଛି ପ୍ରଧାନ, ଯାହାକି ଶିଳ୍ପକୁ ଆକର୍ଷଣ କରିବ, କୃଷିର ବିକାଶରେ ସାହାଯ୍ୟ କରିବ । ଲେଲିନ୍ କହିଥିଲେ, ଇଲେକ୍ଟ୍ରିସିଟି + ସୋଭିଏତ୍ ପାୱାର = ସୋସିଆଲିଜିମ୍ । ଜବାହରଲାଲ ନେହେରୁ ପ୍ରଥମରୁ ଏକଥା କହିଆସୁଥିଲେ ଯେ ବିଜୁଳିଶକ୍ତି ଯଦି ଯଥେଷ୍ଟ ପରିମାଣରେ ଉତ୍ପାଦନ କରା ନ ଯାଏ, ତା'ହେଲେ ଭାରତବର୍ଷର ଉନ୍ନତି ହେବନାହିଁ । ଆଜି ଆମେ ଓଡ଼ିଶାରେ ଏ ଅବସ୍ଥାରେ ଅଛେ ଯେ ହରିଆନାର ମୁଖ୍ୟମନ୍ତ୍ରୀ ଆମଠାରୁ ବିଜୁଳି ନେବାକୁ ଚାହୁଁଛନ୍ତି । ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ନେବାକୁ ଚାହୁଁଛନ୍ତି, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ନେବାକୁ ଚାହୁଁଛନ୍ତି । ମୁଁ ସମସ୍ତଙ୍କୁ କହୁଛି ତୁମେ ନ୍ୟାସନାଲ୍ ଗ୍ରୀଡ୍ ଠିକ କର । ଆମର ବିଜୁଳି ଶକ୍ତି ଅଛି, ଆମେ ତୁମକୁ ଦେଇପାରିବୁ ।

ଆଜି ଓଡ଼ିଶାର ଯେଉଁ ବିକାଶର କଥା ମୁଁ କହୁଛି, ତା ଭିତରେ ଖଣିଜ ସଂପଦର ବିକାଶ ପାଇଁ ଆଜି ଗୋଟିଏ ଅତି ସୁଯୋଗପୂର୍ଣ୍ଣ ମୁହୂର୍ତ୍ତ ଆମ ପାଖେ ଆସିଛି । ଏଭଳି ଏକ ଶୁଭକ୍ଷଣ ଆସିଛି ଯେ ଯାହା ଆବଶ୍ୟକ କରିବା, ତାକୁ ଆମେ ପାଇ ପାରିବା । ବର୍ତ୍ତମାନ ଓଡ଼ିଶାରେ ବିଭିନ୍ନ କାରଖାନା କରିବାକୁ ପୁଞ୍ଜି ବିନିଯୋଗ କରିବା ପାଇଁ ଭାରତ ଏବଂ ଭାରତ ବାହାରୁ ପୁଞ୍ଜି ଯୋଗାଣକାରୀମାନେ ପ୍ରସ୍ତୁତ ଅଛନ୍ତି । ଗୋଟିଏ ଇସ୍ପାତ କାରଖାନା ପାଇଁ ଆମେ ଏତେ ଲାଗିଥିଲେ । ଆଜି ଓଡ଼ିଶାରେ ୧୩ଟି ଇସ୍ପାତ କାରଖାନା ପାଇଁ ପୁଞ୍ଜି ବିନିଯୋଗ କରିବା ପାଇଁ ଲୋକ ପ୍ରସ୍ତୁତ ଅଛନ୍ତି । ସମସ୍ତେ ଅପେକ୍ଷା କରି ରହିଛନ୍ତି । ନୀଳାଚଳ ଇସ୍ପାତ କାରଖାନା, ଟିସ୍କୋ ଇସ୍ପାତ କାରଖାନା, ମେସ୍କୋ ଇସ୍ପାତ କାରଖାନା ଏ ତିନୋଟି ଇସ୍ପାତ କାରଖାନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବା ପାଇଁ ଯାଉଛି । ଟିସ୍କୋ

ପ୍ରାୟ କୋଟିଏ ଟନ୍ ଇସ୍ପାତ ଉତ୍ପାଦନ କରିବ ୨୦୧୦ ମସିହା ସୁଦ୍ଧା । ୧୯୯୯/୨୦୦୦ ମସିହା ସୁଦ୍ଧା ସେମାନେ ଉତ୍ପାଦନ କରିବେ ପ୍ରାୟ ୨୫ ଲକ୍ଷ ଟନ୍, ନୀଳାଚଳ ୧୦ ଲକ୍ଷ ଟନ୍, ମେସ୍କୋ ୧୦ ଲକ୍ଷ ଟନ୍ ଇସ୍ପାତ ଉତ୍ପାଦନ କରିବେ । ଏହାଛଡ଼ା ଆହୁରି ଅନେକ ଇସ୍ପାତ କାରଖାନା ହେବ ବିଭିନ୍ନ ସ୍ଥାନରେ- ଦଇତାରୀରେ, କେନ୍ଦୁଝରରେ ଏବଂ ଗୋପାଳପୁରରେ । ୧୩ ଟି ଇସ୍ପାତ କାରଖାନା ଛଡ଼ା ଆଲୁମିନିୟମ, ଆଲୁମିନା କାରଖାନା ହେବ । କେନ୍ଦ୍ର ସରକାର ବହୁ କଷ୍ଟରେ ଦାମନଯୋଡିରେ ଆଲୁମିନା କାରଖାନା ଏବଂ ଅନୁଗୁଳରେ ଅଲୁମିନିୟମ୍ କାରଖାନା କଲେ । ସେ ସମୟରେ ଲାଗିଲା ପ୍ରାୟ ୨ ହଜାର ୬ ଶହ କୋଟି ଟଙ୍କା, ଯାହାକି ବର୍ତ୍ତମାନ ସମୟରେ ୧୦,୦୦୦ କୋଟି ଟଙ୍କା ସଙ୍ଗେ ସମାନ । ବର୍ତ୍ତମାନ ୪ଟି ଆଲୁମିନିୟମ ଆଲୁମିନା କାରଖାନା ଓଡ଼ିଶାରେ ହେବ- ଗୋଟିଏ ଝାରସୁଗୁଡା ପାଖରେ, ଗୋଟିଏ କଳାହାଣ୍ଡିରେ, ଯୋଡିଏ କୋରାପୁଟର ରାୟଗଡା ପାଖରେ । ଚାରୋଟି ଆଲୁମିନିୟମ କାରଖାନା ଇସ୍ପାତ କାରଖାନା ସହିତ ସମାନ । ଶିଳ୍ପପତିମାନେ ଏଥିରେ ବିପୁଳ ପୁଞ୍ଜି ବିନିଯୋଗ କରିବା ପାଇଁ ଯାଉଛନ୍ତି । କେବଳ ଓଡ଼ିଶାରେ ୭୦% ବକ୍ସାଇଟ ଅଛି, ମଧ୍ୟପ୍ରଦେଶ ଭଳି ଅନ୍ୟ କେତୋଟି ରାଜ୍ୟରେ ପ୍ରାୟ ୩୦% ଅଛି । ସେହିପରି ଭାବରେ ବନ୍ଦର ଭିତ୍ତିକ କାରଖାନା । ଆମ ଓଡ଼ିଶାରେ ଯେଉଁ ଉପକୂଳ ଅଛି, ଅନେକ ସମୟରେ ଆମେ କହୁ ଏ ଉପକୂଳରେ ଆମେ କ'ଣ କରିପାରିବା ? ଏ ଉପକୂଳ ନିମନ୍ତ୍ରଣ କରୁଛି, ଏଠି ବନ୍ଦର ଭିତ୍ତିକ କଳ କାରଖାନା କରିବା ପାଇଁ କିନ୍ତୁ ବନ୍ଦର କାହିଁ ଆମର ? ବନ୍ଦର କହିଲେ ଗୋଟିଏ ପ୍ରଥମ ଶ୍ରେଣୀର ପାରାଦୀପ ବନ୍ଦର । ସେଠି କ୍ଲିଅରାନ୍ସ ହେବାକୁ ମାସ ମାସ ଲାଗୁଛି । ଜାହାଜ ଆସି ଅପେକ୍ଷା କରି ରହୁଛି ସମୁଦ୍ର ପାଖରେ । ତେଣୁ ସେଠିକି କିଏ ଆସିବ ? ତାକୁ କିପରି ଅଧିକ ଦକ୍ଷ କରାଯାଇ ପାରିବ ? ବର୍ତ୍ତମାନ ତାହା ସରକାରୀ ନିୟନ୍ତ୍ରିତ ବନ୍ଦର । ସାଧାରଣ ବନ୍ଦର ନୁହେଁ । ଆମେ ସିଙ୍ଗାପୁର ବନ୍ଦର ଯାଇ ଦେଖିଲୁ । ଶହ ଶହ ଜାହାଜ କିପରି ଦିନକ ଭିତରେ ଖଲାସ କରିପାରୁଛନ୍ତି । କିପରି ଦକ୍ଷତାର ସହିତ ସେମାନେ କାର୍ଯ୍ୟ କରି ପାରୁଛନ୍ତି । ଆମେ ଆଜି ନିଷ୍ପତ୍ତି ଗ୍ରହଣ କରିଛେ ଗୋପାଳପୁରରେ ପ୍ରଥମ ଶ୍ରେଣୀର ବନ୍ଦର ହେବ । ସେ ବନ୍ଦର ସିଙ୍ଗାପୁର ବନ୍ଦରଠାରୁ ନ୍ୟୁନ ହେବା ଉଚିତ ନୁହେଁ । ତାହା ଭାରତବର୍ଷରେ ଏକ ଅତୁଳନୀୟ ଶ୍ରେଷ୍ଠ ବନ୍ଦର ହେବା ଦରକାର । ସେଥିପାଇଁ ଯେଉଁ ପୁଞ୍ଜି ବିନିଯୋଗ ଦରକାର, ସେ ପୁ ଞ୍ଜିତ ଓଡ଼ିଶା ସରକାରର ନାହିଁ କିନ୍ତୁ ଯେଉଁମାନେ ପୁଞ୍ଜି ବିନିଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି, ମୁଁ ଆଜି ଭାରତ ସରକାରଙ୍କ ସହିତ ସେଥିପାଇଁ ଲଢୁଛି ଯେ ସେମାନଙ୍କୁ ସୁଯୋଗ ଦିଆଯିବା ଦରକାର । ସେମାନେ ଯେପରି ଆସି ଏ ବନ୍ଦର ନିର୍ମାଣ କରିବେ । ନିଶ୍ଚିତ ଭାବରେ ଏହା କାର୍ଯ୍ୟକାରୀ ହେବ । ତା'ପରେ ବନ୍ଦରରେ ଯେଉଁ ସବୁ କାରଖାନା ହେବାର କଥା, ସେ ଇସ୍ପାତ କାରଖାନା ହେଉ ବା ସାରକାରଖାନା ହେଉ, ବିଭିନ୍ନ କଳକାରଖାନା ହେଉ, ସେ ସବୁ କଳକାରଖାନା ସେଠି ହେବ । ଶିଳ୍ପର କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ପାଇଁ ଏକ ନୂଆ ସୁଯୋଗର ସମୟ ଆସି ପହଞ୍ଚିଛି ଏବଂ ସେ ସମୟର ପୂର୍ଣ୍ଣ ସୁବିଧା ଆମେ ନିଶ୍ଚିତ ଭାବରେ ହାସଲ କରିବା । କଣ ସୁଯୋଗ ଅଛି ଓଡ଼ିଶାରେ, କାହିଁକି ଓଡ଼ିଶାକୁ ଶିଳ୍ପପତିମାନେ ଆସିବେ କଳକାରଖାନା କରିବା ପାଇଁ ? କେତେଗୁଡିଏ କାରଣ ଆଜି ମୁଁ ଆପଣଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ଚାହୁଁଛି । ଓଡ଼ିଶାରେ ଗୋଟିଏ ରାଜନୈତିକ ସ୍ଥିରତା । ଆମେ ଯେତେବେଳେ ବାହାର ଦେଶମାନଙ୍କୁ ଗଲୁ, ସେମାନେ ପ୍ରଶ୍ନ କଲେ ଯେ ଭାରତରେ ଯେଉଁ ସରକାର ଅଛି କେତେ ଦିନ ରହିବ ? ଆମର ବହୁତ ସନ୍ଦେହ ହେଉଛି । ମୁଁ ସେମାନଙ୍କୁ କହିଲି, ଭାରତରେ ଯେଉଁ ୧୩ ଦଳର ସରକାର, ସେ ସରକାର ହୁଏତ୍ ରହିପାରେ ନ ରହି ପାରେ ସେ ବିଷୟରେ ମୁଁ ଆପଣମାନଙ୍କୁ ନିଶ୍ଚିତ ଭାବରେ କିଛି କହିପାରିବିନି; କିନ୍ତୁ ଗୋଟିଏ କଥା ମୁଁ ନିଶ୍ଚିତ ଭାବରେ କହିପାରିବି ଓଡ଼ିଶାରେ ଯେଉଁ ସରକାର ଅଛି ସେ ସରକାର ପାଞ୍ଚ ବର୍ଷ ରହିବ । ରାଜନୈତିକ ସ୍ଥିରତା ଯଦି ଆପଣମାନେ ଚାହାନ୍ତି, ଓଡ଼ିଶାରେ ରାଜନୈତିକ ସ୍ଥିରତା ଅଛି । ଆପଣମାନେ ପୁଞ୍ଜି ବିନିଯୋଗ କରିବାକୁ ଆସିଲେ ସମସ୍ତ ସୁବିଧା ସୁଯୋଗ ଆମେ ଆପଣମାନଙ୍କୁ ଯୋଗାଇ ଦେଇ ପାରିବୁ । ଓଡ଼ିଶାରେ ଆଉ ଗୋଟିଏ ସୁବିଧା ଅଛି । ଦକ୍ଷିଣ ପୂର୍ବ ଏସିଆ ଓ ପୂର୍ବ ଏସିଆର ଦେଶମାନଙ୍କ ପାଇଁ ବମ୍ବେ ହେଉଛି ଦୂର, ଓଡ଼ିଶା ହେଉଛି ପାଖ । ସେମାନେ କାହିଁକି ମହାରାଷ୍ଟ୍ର ଯିବେ, ସେମାନେ କାହିଁକି ଗୁଜୁରାଟ ଯିବେ ? ଓଡ଼ିଶା ହେଉଛି ଏସିଆର ଭବିଷ୍ୟତ ବନ୍ଦର, ଗୋପାଳପୁର ହେଉଛି ଏସିଆର ଭବିଷ୍ୟତ ବନ୍ଦର । ସେମାନେ କାହିଁକି ଏଠାକୁ ଆସିବେନି ? ଏଠି କାହିଁକି ସେମାନେ ପୁଞ୍ଜି ବିନିଯୋଗ କରିବେନି ? ଏଠୁ ଆମଦାନୀ-ରପ୍ତାନୀ ବାଣିଜ୍ୟର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେନି ?

ଏହାଛଡ଼ା ଆହୁରି ଗୋଟିଏ ପ୍ରଶ୍ନ ହେଉଛି ଯେ ଖୋଜା ଯିବ ଆମର ଯଥେଷ୍ଟ ପରିମାଣରେ ଶିକ୍ଷିତ ଲୋକ ଅଛନ୍ତି ନା ନାହିଁ । କାରିଗର ଅଛନ୍ତି କି ନାହିଁ । ଓଡ଼ିଶାରେ ଆମର ଯେତେ ଇଂଜିନିୟରିଂ କଲେଜ ହୋଇଛି, ଏକ ସମୟରେ ଆମେ ଭାବୁଥିଲେ ଏତେ ଇଂଜିନିୟର ହେଲେ କ'ଣ ହେବ ? କେତେକ ଇଂଜିନିୟର ସେତେବେଳେ ଜୋତା ସଫା କରିବାକୁ ଆରମ୍ଭ କରିଥିଲେ । କେବେ ତ ଏମାନଙ୍କ ଦରକାର ପଡିବନି ବୋଲି ଆମେ ଭାବୁଥିଲୁ । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ଏସବୁ କଳକାରଖାନା ପାଇଁ ହଜାର ହଜାର ସଂଖ୍ୟାରେ ଇଂଜିନିୟର ଦରକାର ହେବେ । ହଜାର ହଜାର ସଂଖ୍ୟାରେ କାରିଗର ଦରକାର ହେବେ । ଗୋଟିଏ ଜାଭିଅରସ୍ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱରରେ ହେଲା । ସେ ଜାଭିଅର ଇନ୍ଷ୍ଟିଚ୍ୟୁଟ୍ ପାଇଁ ୧୯୮୨ ମସିହାରେ ମୁଁ ଜାମସେଦପୁରରୁ ସେମାନଙ୍କୁ ନିମନ୍ତ୍ରଣ କରିଥିଲି ସେମାନେ ଆସି ପ୍ରଥମେ ମନାକରି ଚାଲିଗଲେ । ଓଡ଼ିଶାରେ ସୁବିଧା ନାହିଁ । ପରେ ସେମାନଙ୍କୁ ଆମେ ଜମି ଦେଲେ । ସେମାନଙ୍କୁ କର୍ପୋରେସନ୍‌ମାନଙ୍କ ଜରିଆରେ ଆର୍ଥିକ ସାହାଯ୍ୟ ଦେଲେ । କିନ୍ତୁ ଆଜି ଯେଉଁ ଜାଭିୟର ଇନଷ୍ଟିଚ୍ୟୁଟ୍ ହୋଇଛି, ସେଠି ଯେଉଁ ପିଲାମାନେ ପଢୁଛନ୍ତି, ସେମାନଙ୍କୁ ଶିଳ୍ପପତି, କଳକାରଖାନା ମାଲିକ ଓ ସଂସ୍ଥାମାନେ ଆସି ସେଇଠୁ ନେଇଯାଉଛନ୍ତି । ବାହାରେ କାହାକୁ ବସିବାର ପ୍ରଶ୍ନ ଉଠୁନାହିଁ । ବର୍ତ୍ତମାନ ଭାରତବର୍ଷର ପ୍ରଧାନ ଅନୁଷ୍ଠାନ ଭିତରେ ତାହା ହେଉଛି ଗୋଟିଏ । ଓଡ଼ିଶାରେ ଯଥେଷ୍ଟ ସଂଖ୍ୟାରେ କାରିଗର,

ଇଂଜିନିୟର, ଡାକ୍ତର ସୃଷ୍ଟି ହୋଇ ଅଛନ୍ତି ଏବଂ ସୃଷ୍ଟି ହେବା ପାଇଁ ଅଛନ୍ତି । ସେଥିରେ କୌଣସି ଅସୁବିଧା ହେବ ନାହିଁ । ଶିକ୍ଷିତ ବେକାରଙ୍କ ସମସ୍ୟା ଯାହା ଜଣାପଡୁଛି ସେ ସମସ୍ୟା ନିଶ୍ଚିତ ଭାବରେ ଅଳ୍ପକାଳ ଭିତରେ ଦୂରୀଭୂତ ହେବ ଯଦି କଳକାରଖାନାର ଦ୍ରୁତ ବିକାଶ ସମ୍ଭବ ହୁଏ ଏବଂ ତାହା ସମ୍ଭବ ହେବା ପାଇଁ ଯାଉଛି । ତାକୁ କେହି ଅଟକାଇ ପାରିବେ ନାହିଁ । ଆଉ ଗୋଟିଏ କଥା ଗ୍ରାଜୁଏଟମାନେ ଖାଲି ବସିଛନ୍ତି । ସେମାନେ କ'ଣ କରିବେ ? ସଫଟୱେର ପାର୍କ ଆମେ ଭୁବନେଶ୍ୱରରେ କରିବା ପାଇଁ ଯାଉଛୁ । ସଫଟୱେର ପାର୍କ ବାଙ୍ଗାଲୋରରେ ହୋଇଛି । ସେ ସଫଟୱେର ପାର୍କରେ ବର୍ତ୍ତମାନ ଭିଡ଼ ହୋଇଗଲାଣି । ସେମାନେ ଚାହୁଁଛନ୍ତି ଆଉ କୋଉଠିକୁ ଆସିବା ପାଇଁ । ଭୁବନେଶ୍ୱର ସହର ସେଥିପାଇଁ ଉତ୍କୃଷ୍ଟ ବୋଲି ସେମାନେ ଅନୁଭବ କରୁଛନ୍ତି । ଭୁବନେଶ୍ୱରରେ ଆମେ ସଫଟୱେର ପାର୍କ କରିବୁ ବୋଲି ନିଷ୍ପତ୍ତି ଗ୍ରହଣ କରିଛୁ । ଗୋଟିଏ ନୁହେଁ ଏକାଧିକ । ଏଠାରେ ଆସି ସେମାନେ କାମ କରିପାରିବେ । ବିଭିନ୍ନ ସ୍ଥାନରେ ଯେଉଁ ସବୁ ମୂଲ୍ୟବାନ ପଥର ମିଳୁଛି, ସେଥିରେ ରାଜସ୍ଥାନର ହଜାର ହଜାର ଲୋକ କାମ ପାଇ ରହି ପାରିବେ । ଏ ପଥରର କାମ ଓଡ଼ିଶାର କାରିଗରମାନେ ରାଜସ୍ଥାନରେ ଯାଇ କରୁଛନ୍ତି । ସୌରାଷ୍ଟ୍ରରେ ଯାଇ କରୁଛନ୍ତି । ରାଜ୍ୟ ସରକାର ସାଉଦ୍ଧ ପାର୍କ କରିବେ ବୋଲି ଏକ ଭୁଲ ନୀତି ଗ୍ରହଣ କରାଯାଇଥିଲା । ସେଥିରେ ସାଧାରଣ ଲୋକଙ୍କୁ ଆମେ ସୁଯୋଗ ଦେଲେ ନାହିଁ । ଯାହା ଫଳରେ ଚୋରି ହେଲା ସବୁ । ଲୋକେ ଯେଉଁ ସବୁ ମୂଲ୍ୟବାନ ପଥର କାଟିରୁ ପାଇଲେ, ତାକୁ ଚୋରିକରି ବିକେ ଉଥିଲେ । କାହାକୁ ଅଳ୍ପଦାମରେ ବିକ୍ରି କଲେ । ରାଜସ୍ଥାନରୁ ଲୋକ ଆସି ତାକୁ କିଣି ନେଲେ । ଯାହାର ଦାମ ୧୦୦୦ ଟଙ୍କା ହେବାର କଥା ତାକୁ ୧୦ ଟଙ୍କାରୁ ୨୦ ଟଙ୍କାରେ ସେ ନେଇ ଚାଲିଗଲା । ବର୍ତ୍ତମାନ ଆମେ ସେ ନୀତି ପରିବର୍ତ୍ତନ କରିଛୁ । ଯିଏ ତାକୁ ପାଇଲା ସେ ତାର । ସେ ବିକ୍ରି କରୁ । ଖୋଲା ଖୋଲି ବିକ୍ରି କରୁ । ପୋଲିସକୁ ଲୁଚାଇ କରି ରଖିବାର କିଛି କାରଣ ନାହିଁ । ଏହି ନୀତି ରାଜସ୍ଥାନ ଆଦି ଗ୍ରହଣ କରିଛି । ଅନ୍ୟ କେତେକ ରାଜ୍ୟ ଗ୍ରହଣ କରିଛନ୍ତି । ଏହା ଫଳରେ ସେଇଠି ଲୋକ ଆସି ବର୍ତ୍ତମାନ ପାର୍କ କରୁଛନ୍ତି, ଫାକ୍ଟ୍ରୀ କରୁଛନ୍ତି, ହଜାର ହଜାର ଲୋକ ନିଯୁକ୍ତ କରୁଛନ୍ତି । ସେମାନେ ମଧ୍ୟ ଏଠି ହଜାର ହଜାର ଲୋକ ନିଯୁକ୍ତ କରିପାରିବେ । ଆମର କାରିଗରମାନେ ଏଥିରେ ନିଯୁକ୍ତି ପାଇପାରିବେ । ଯଥେଷ୍ଟ ସୁବିଧା ସୁଯୋଗ ଆମ ଓଡ଼ିଶାରେ ଅଛି । ଆମର ରାସ୍ତା ଓ ରେଳପଥ ବହୁ ସଂକୁଚିତ ଅବସ୍ଥାରେ ରହିଛି । ତେଣୁ ଆମର କାର୍ଯ୍ୟକ୍ରମ ହେବା ଦରକାର ଯେ ବୈତରଣୀ- ବାଂଶପାଣି ଅଞ୍ଚଳରେ ଯେଉଁ ସବୁ କଳକାରଖାନା ହେବ ସେମାନେ ଯେପରି ସବୁ ସୁବିଧା ସୁଯୋଗ ପାଇ ପାରିବେ । ରେଳରାସ୍ତା ଗୋପାଳପୁର ପର୍ଯ୍ୟନ୍ତ ମଧ୍ୟ ଯାଇପାରିବ । ଏ ରେଳପଥ ଆମ ପାଇଁ ଏକାନ୍ତ ଜରୁରୀ । ସମ୍ବଲପୁର-ତାଳଚେର ରେଳପଥ ଆମପାଇଁ ଏକାନ୍ତ ଜରୁରୀ । କାରଣ ଏହାଦ୍ୱାରା ଆମେ ପଶ୍ଚିମ ଓଡ଼ିଶା ସହିତ କେବଳ ସାଂସ୍କୃତିକ ସଂପର୍କ ନୁହଁ, ବାଣିଜ୍ୟିକ ସଂପର୍କ ପୁଣି ପ୍ରତିଷ୍ଠା କରିପାରିବା । ଦୁଇଟି ଯାକ ହେଉଛି ଓଡ଼ିଶାର ଜୀବନ ଧାରା । ଏଣୁ ବୈତରଣୀ- ବାଂଶପାଣି, ସମ୍ବଲପୁର- ତାଳଚେର

ରେଳପଥକୁ ଯେମିତି ୨୦୦୦ ମସିହା ସୁଦ୍ଧା ଆମେ ଶେଷ କରିବା । ଏକବିଂଶ ଶତାବ୍ଦୀରେ ପଦାର୍ପଣ କଲା ବେଳକୁ ଏକାର୍ଯ୍ୟ ଯେପରି ଶେଷ ହୋଇଥିବ । ଓଡ଼ିଶାରେ ଯେଉଁ ଡବଲ ଲାଇନ୍ ଅଛି, ତାକୁ ବିଦ୍ୟୁତୀକରଣ କରିବାକୁ ପଡ଼ିବ । ତାଳଚେର-ପାରାଦୀପ ଲାଇନ୍‌କୁ କେବଳ ଡବଲ ନୁହେଁ, ତାକୁ ବିଦ୍ୟୁତୀକରଣ କରିବାକୁ ପଡ଼ିବ । ସେଥିପାଇଁ ଆମର ବିଦ୍ୟୁତ ଶକ୍ତିର ଅଭାବ ନାହିଁ । ବିଦ୍ୟୁତ କରଣ କରିବା ପାଇଁ ବର୍ତ୍ତମାନ ସବୁଠାରୁ ଅଧିକ ଜୋର ଆମେ ରେଳବାଇ ଉପରେ ଦେଉଛେ । ରେଳବାଇ ତାର ଦାୟିତ୍ୱ ନ ନେଲେ ଅନ୍ୟମାନେ ନେବା ପାଇଁ ପ୍ରସ୍ତୁତ ଅଛନ୍ତି । ଏହାଛଡ଼ା ସଡ଼କ ପଥ । ରାଉରକେଲାରୁ ସମ୍ବଲପୁର ପର୍ଯ୍ୟନ୍ତ ସଡ଼କ ପଥ ବର୍ତ୍ତମାନ ଆମେ ବୈଦେଶିକ ସାହାଯ୍ୟରେ କରିବା ପାଇଁ ଯାଉଛେ । ଖୁବ୍ ଶୀଘ୍ର ଭଲଭାବରେ ସେ କାର୍ଯ୍ୟ ହୋଇପାରୁଛି । ଓଡ଼ିଶାର ଚାରିଆଡ଼େ ସେହିଭଳି ରାସ୍ତା ବିଶେଷ ଭାବରେ ଯାହାକୁ କୁହାଯାଏ ସିନ୍‌ଲଭ ବୋଲି, ଉପକୂଳର ପ୍ରଧାନ ରାସ୍ତା, ଜାତୀୟ ରାଜପଥଗୁଡ଼ିକୁ ସେହି ଶ୍ରେଣୀର ଯଦି ହୋଇପାରିବ ତା ହେଲେ ବୈଦେଶିକ ପୁଞ୍ଜିକୁ ସେ ଆକର୍ଷଣ କରିପାରିବ । ଅନ୍ୟ ଦେଶରେ ଯେମିତି ହୋଇଛି ଏ ଦେଶରେ ସେହିପରି ଫୋରଲେନ୍ ହେବ । ସେଥିପାଇଁ ଯେଉଁ ବିପୁଳ ଅର୍ଥ ଦରକାର, ତାହା ଆମର ନାହିଁ, କେନ୍ଦ୍ର ସରକାରଙ୍କର ନାହିଁ । କିନ୍ତୁ ସେ ଦିଗରେ ବିନିଯୋଗ ହେବା ପାଇଁ ବୈଦେଶିକ ପୁଞ୍ଜି ମଧ୍ୟ ଆସିବାକୁ ପ୍ରସ୍ତୁତ । ଯେପରି ଅନ୍ୟ ଦେଶରେ ହୋଇଛି, ଥାଇଲ୍ୟାଣ୍ଡରେ ହୋଇଛି, ମ୍ୟାଲେସିଆରେ ହୋଇଛି, ଆମର ମଧ୍ୟ ଏଠି ହେବାର କୌଣସି ଅସୁବିଧା ନାହିଁ । ଗୋପାଳପୁର ବନ୍ଦର ଛଡ଼ା ଧାମରାରେ ଏକ ବଡ଼ ବନ୍ଦର ହେବା ପାଇଁ ସ୍ଥିର ହୋଇଛି । ସିଙ୍ଗାପୁର କମ୍ପାନୀ ଆସି ଓଡ଼ିଶା ସରକାରଙ୍କ ସହିତ ଆଲୋଚନା କରିଛନ୍ତି । ଖୁବ୍ ଶୀଘ୍ର ସେମାନଙ୍କ ଦ୍ୱାରା ସେ ବନ୍ଦର ହେବା ପାଇଁ ଯାଉଛି । ବନ୍ଦର ଦରକାର, ରେଳପଥ ଦରକାର, ସଡ଼କପଥ ଦରକାର, ବିଜୁଳିଶକ୍ତି ଦରକାର, ପାଣି ଦରକାର । ପାଣି ପାଇଁ ଯେଉଁ ସୁବିଧା ଓଡ଼ିଶାରେ ଅଛି, ଭାରତର ଖୁବ୍ କମ୍ ରାଜ୍ୟରେ ଅଛି । କାରଣ ଏଠି ମହାନଦୀ, ବୈତରଣୀ, ଋଷିକୁଲ୍ୟା ଆଦି ନଦୀ ଅଛି ଏବଂ ସେ ନଦୀର ଜଳ ସଦୁପଯୋଗ କରିବା ପାଇଁ ମଧ୍ୟ ଆମର କାର୍ଯ୍ୟକ୍ରମ ପ୍ରସ୍ତୁତି ଚାଲିଛି । ତେଣୁ ଜଳ, ବିଜୁଳି, ରାସ୍ତା, ରେଳପଥ, ବନ୍ଦର, କାରିଗର, ଶ୍ରମଶକ୍ତି, ଏ ସବୁର ପୂର୍ଣ୍ଣ ସଦୁପଯୋଗ ଯଦି ଆମେ କରି ନ ପାରିବା, ତା'ହେଲେ ଓଡ଼ିଶାର ବିପୁଳ ବିକାଶ ସମ୍ଭବ ହୋଇପାରିବ ନାହିଁ । ଏଥର ଶାସନ କ୍ଷେତ୍ରରେ ଆସିବା ପରେ ଏ ହେଉଛି ମୋର ଏକ ପ୍ରଧାନ କାର୍ଯ୍ୟକ୍ରମ । ଯୁଗର ଆହ୍ୱାନ ଅନୁସାରେ ଯଦି ଓଡ଼ିଶାର ବିପୁଳ ବିକାଶ କରିପାରିବା ଏବଂ ବିଭିନ୍ନ କ୍ଷେତ୍ରରେ ଯଦି ଓଡ଼ିଶାକୁ ଆମେ ଉଠେଇ ପାରିବା, ତା'ହେଲେ କିଛି କାର୍ଯ୍ୟ ସାଧିତ ହେଲା ବୋଲି ସନ୍ତୋଷ ମିଳିବ ।

ଏହାଛଡ଼ା ଆଉ ଗୋଟିଏ ହେଉଛି କୃଷି । ମରୁଡ଼ି ଆଉ ଓଡ଼ିଶାରେ ହେବ ନାହିଁ ସେଥିପାଇଁ ଆମର ବିସ୍ତୃତ କାର୍ଯ୍ୟକ୍ରମ ଦରକାର । ବର୍ଷା ପାଣି ଗଡ଼ି କରି ଚାଲିଯାଉଛି । ଆମେ ତା'ର ସଦୁପଯୋଗ

କରିପାରିବା । ଅପର ଇନ୍ଦ୍ରାବତୀ ଯୋଜନା ଭଳି ବଡ ବଡ ଯୋଜନା ୧୦,୧୨ ବର୍ଷ ଧରି ଚାଲିଛି । ଛୋଟ ଛୋଟ ଯୋଜନା କରି ଭୂତଳ ଜଳର ସଦ୍‌ବ୍ୟବହାର କରିବା ଦରକାର । ମହାନଦୀର କେତେକ ଜାଗା ଅଛି ଯେଉଁଠି ପାଣି ମୋଟେ ଶୁଖିବାର ପ୍ରଶ୍ନ ଉଠୁନାହିଁ । ମହାନଦୀର ତ୍ରିକରପଡାରେ କେତେ ପାଣି ଅଛି । ସେ ପାଣିକୁ ବଡ ବଡ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ସାହାଯ୍ୟରେ ଛୋଟ ଛୋଟ ରିଜର୍ଭର ଭିତରେ ରଖିପାରିବା । ଯେଉଁଠି ସବୁ ଛୋଟ ଛୋଟ ନଈ ଚାଲିଛି ତାକୁ କେନାଲ ଭଳି ବ୍ୟବହାର କରି ବନ୍ଧସବୁ କରିପାରିବୁ । ଗଞ୍ଜାମରେ ବର୍ଷାଦିନେ ଯେଉଁ ବଢ଼ିପାଣି ଆସେ, ସେ ବଢ଼ି ପାଣିକୁ ସେମାନେ ନଈରୁ ଛୋଟ ଛୋଟ ନାଳ ସାହାଯ୍ୟରେ ନେଇ ପୋଖରୀରେ ପକେଇ କରି ରଖନ୍ତି । ପୋଖରୀ ସବୁ ଭରପୂର କରି ରଖିଥାନ୍ତି, ଜଳସେଚନରେ ତାକୁ ନିୟୋଜିତ କରାଯାଏ । ଅନେକ ଜିଲ୍ଲାରେ ଭୂତଳ ଜଳର ବହୁତ ସୁବିଧା ଅଛି । ବିଶେଷ ଭାବରେ ପଶ୍ଚିମ ଓଡ଼ିଶାରେ । ତେଣୁ ସେଠି ଆମେ ଭୂତଳଜଳ ସାହାଯ୍ୟରେ ଜଳସେଚନର ସମସ୍ୟା ସଂପୂର୍ଣ୍ଣ ଭାବରେ ଦୂର କରିପାରିବା । ସରକାର ନୂତନ କୃଷିନୀତି ଘୋଷଣା କରିଛନ୍ତି । ସେଥିରେ କୃଷିକୁ ଶିଳ୍ପ ଭଳି ବିଚାର କରାଯିବ । ଶତକଡା ୫୦ ଭାଗ ସାହାଯ୍ୟ ଦିଆଯିବ । ଯଦି ଜଣେ ଲୋକ ନିଜର ଘରେ ଗୋଟିଏ କୂଅ ଖୋଳିବାକୁ ଚାହିଁବ ୫୦ ଭାଗ ସବସିଡ୍ ପାଇବ ଏବଂ ୫୦ ଭାଗ ସେ ବ୍ୟାଙ୍କରୁ ଲୋନ୍ ନେଇ ପାରିବ । ଯଦି ଶୀତଳ ଭଣ୍ଡାର କରିବାକୁ ଯିବ, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତାକୁ ସାହାଯ୍ୟ ଦିଆଯାଇ ପାରିବ । ପ୍ରଥମ ହୋଇ ଏ କୃଷିନୀତି ଓଡ଼ିଶାରେ କରାଯାଇଛି । ତା'ପରେ କର୍ଣ୍ଣାଟକରେ କରାଗଲା । ଏହି କୃଷିନୀତିର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ଚାଷ କ୍ଷେତ୍ରରେ ବିପ୍ଳବ ପରିବର୍ତ୍ତନ । ଆମର ଲକ୍ଷ୍ୟ ହେଉଛି ଯେ ଯାହା ଆଜି ଆମେ ଉତ୍ପାଦନ କରୁଛେ, ଦୁଇ ହଜାର ମସିହା ସୁଦ୍ଧା ତା'ର ଦୁଇଗୁଣ ଉତ୍ପାଦନ କରିବା । ଆଳୁ କ୍ଷେତ୍ରରେ ପ୍ରଥମ ପରୀକ୍ଷା ଆରମ୍ଭ ହେଲା । ଆମେ ଆଳୁ କ୍ଷେତ୍ରରେ ବାହାର ରାଜ୍ୟ ଉପରେ ନିର୍ଭର କରୁଥିଲେ । ୩ ଲକ୍ଷ ଟନ୍ ଆଳୁ ବାହାରୁ ନ ଆସିଲେ ଆମର ଚାହିଦା ମେଣ୍ଟିବନି । ବିହାରରୁ, ବଙ୍ଗଳାରୁ ଏହି ଆଳୁ ଆସୁଥିଲା, ଏବେ ମଧ୍ୟ ଆସୁଛି, କିନ୍ତୁ ଆମର ଏଠାରେ କଇଁବାଲିରେ ଆଜି ଉତ୍କୃଷ୍ଟ ଆଳୁ ଚାଷ କରାଯାଇ ପାରୁଛି । ଭଲ ବିହନ ଆଣି ବର୍ଷେ ଦୁଇ ବର୍ଷ ଭିତରେ ୨୦/୩୦ ହଜାର ଏକର ଜମିରେ ଆଳୁଚାଷ କରିବା । ୩ ବର୍ଷ ପରେ ୩ ଲକ୍ଷ ଟନ୍ ଆଳୁ ଆମେ ଏଠି ଆମଦାନୀ କରିବା ଏବଂ ପରେ ପରେ ବାହାରକୁ ମଧ୍ୟ ପଠେଇ ପାରିବା । କୋରାପୁଟ ଏବଂ ଫୁଲବାଣୀ ଜିଲ୍ଲାରେ କୋବି ଚାଷ, ବିଲାତି ବାଇଗଣ ଚାଷ ହୋଇପାରିବ, ଫଳ ଫୁଲ ମଧ୍ୟ କରାଯାଇ ପାରିବ । ତେଣୁ ଯେଉଁ ଯେଉଁ ଜିଲ୍ଲାରେ ଏ ସୁବିଧା ଅଛି ସେ ସୁବିଧାର ପୂର୍ଣ୍ଣ ସଦୁପଯୋଗ ହେବାର କଥା । ସଜ ପନିପରିବା ବିଶାଖା ପାଟଣା ବଜାରକୁ ଯାଇ ପାରିବ । ଭୁବନେଶ୍ବର, ରାଉରକେଲା ମାର୍କେଟକୁ ଆସି ପାରିବ । ସେଥିପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ନିର୍ଦ୍ଦିଷ୍ଟ ସମୟ ଭିତରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଭିନ୍ନ ପ୍ରଦର୍ଶନୀ ଦ୍ୱାରା ଆମ ଦେଶର ଚାଷୀମାନଙ୍କ କୃଷି କ୍ଷେତ୍ରରେ ପାରଦର୍ଶିତା ପ୍ରମାଣିତ ହୋଇଯାଇଛି । ଯେଉଁ ଉତ୍କୃଷ୍ଟ ଧରଣର ଧାନ ବିହନ ବର୍ତ୍ତମାନ ବାହାରିଲାଣି, ତାହା ସାହାଯ୍ୟରେ ୩/୪ ଗୁଣ ଅଧିକ ଧାନ ଉତ୍ପାଦନ ହେଉଛି । ଅଳ୍ପ ପାଣିରେ ଯେଉଁଠି ଯେଉଁ ଫସଲ ହୋଇପାରିବ, ଚାଷୀମାନଙ୍କୁ ତାହା ଶିକ୍ଷା ଦେବା ଆବଶ୍ୟକ । ଏ କ୍ଷେତ୍ରରେ ଯେଉଁମାନେ ଅଛନ୍ତି, ସେମାନେ ସେ ଦିଗରେ କାର୍ଯ୍ୟ କରିବା ଦରକାର, ଯେମିତି, ସେଇ ଫସଲର ପ୍ରଚାର ହୋଇପାରିବ । ଚିନାବାଦାମ, ଧାନ ସହିତ କପା ଚାଷ କରାଯିବା ଉଚିତ । କପାଚାଷ ଆଗରୁ କେବେ ହେଉ ନ ଥିଲା, ଆମେ ପ୍ରଥମେ ତାକୁ ଆରମ୍ଭ କଲୁ କଳାହାଣ୍ଡି ଜିଲ୍ଲାରେ । ଏଥର ୧୭୦୦୦ ଏକର ଜମିରେ ଭଲ କପାଚାଷ ହୋଇଛି ଏବଂ ଆରବର୍ଷ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ ଜିଲ୍ଲାର ପ୍ରଧାନ ଅଂଶରେ କପାଚାଷ କରାଯିବ । କପା ଉତ୍ପାଦନ କ୍ଷେତ୍ରରେ ଆମେ ବାହାରକୁ ରପ୍ତାନୀ କରିପାରିବା । ଏଠାରେ ବହୁତ ସ୍ପିନିଂ ମିଲ୍ କରିପାରିବା । ଲୋକଙ୍କୁ କାମ ଦେଇ ପାରିବା । ଲୋକେ ବାହାରକୁ ଯିବା ଦରକାର ନାହିଁ । ମଧ୍ୟପ୍ରଦେଶର ଛତିଶଗଡ ସୋୟାବିନ ଚାଷରେ ଖ୍ୟାତି ଅର୍ଜନ କରିଛି । ଓଡ଼ିଶାରେ ସମ୍ବଲପୁର ଓ ପଦ୍ମପୁରରେ ସୋୟାବିନ୍ ଚାଷ ହୋଇପାରିବ । ଏହିସବୁ କରି ଚାଷର ପରିବର୍ତ୍ତନ କରିବାକୁ ପଡିବ । କେଉଁଠି ଧାନଚାଷ ହେବ, କେଉଁଠି ଅନ୍ୟ ଚାଷ ହେବ । ଚାଷୀକୁ ଉପଯୁକ୍ତ ମୂଲ୍ୟ ମିଳିବ । ତାର ପ୍ରାପ୍ୟ ତା ପାଖକୁ ଯାଇ ଦେବାକୁ ହେବ । ଚାଷୀଙ୍କୁ ଦୌଡିବାକୁ ବାରମ୍ବାର ପଡିବନି । ତା'ଫଳରେ ଚାଷର ଉନ୍ନତି ସମ୍ଭବ ହୋଇ ପାରିବ । ନୂତନ କୃଷିନୀତି ହେଉଛି କୃଷି କ୍ଷେତ୍ରରେ ଓଡ଼ିଶାକୁ ଭାରତବର୍ଷରେ ଏକ ପ୍ରଧାନ କୃଷି ଅଞ୍ଚଳ ରୂପେ ପରିବର୍ତ୍ତନ କରିବା । ପଞ୍ଜାବର ଚାଷୀଙ୍କ କଥା କୁହାଯାଉଛି । ମୁଁ ଗଞ୍ଜାମ, ସମ୍ବଲପୁର, ବରଗଡ ଚାଷୀମାନଙ୍କୁ ଦେଖିଛି, କୌଣସି ଗୁଣରେ ସେମାନେ ପଞ୍ଜାବ ଚାଷୀଙ୍କ ଠାରୁ ନ୍ୟୁନ ନୁହନ୍ତି-ବୁଦ୍ଧିରେ, କୌଶଳରେ, ପରିଶ୍ରମରେ କୌଣସିଥିରେ । ଚାଷୀକୁ ଯଦି ଶ୍ରମର ହାର ଯଥେଷ୍ଟ ପରିମାଣରେ ଦେଇପାରିବା, ଆକୃଷ୍ଟ କରିପାରିବା, ତା'ହେଲେ ଅନ୍ୟ ରାଜ୍ୟରେ ଚାଷୀମାନେ ଯାହା କରି ପାରିଛନ୍ତି, ଆମ ରାଜ୍ୟରେ ମଧ୍ୟ ଚାଷୀମାନେ ତାହା ସମ୍ଭବ କରିପାରିବେ ।

ତାପରେ ପର୍ଯ୍ୟଟନ । ଏହାର ବିରାଟ ସମ୍ଭାବନା ଆମର ଅଛି । କେତେ ଗୋଟିଏ ହୋଟେଲ ହେଲେ ଲୋକଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷରେ କାମ ଦେବ । ଛୋଟ ହେଉ ବା ମଧ୍ୟମ ହେଉ ଗୋଟିଏ କାରଖାନା ସେତେକାମ ଯୋଗାଇ ପାରିବ ନାହିଁ । ପର୍ଯ୍ୟଟନରେ ଯେବେ ଉପାର୍ଜନ ହେବ, ଅନ୍ୟ କ୍ଷେତ୍ରରେ ସମ୍ଭବ ନୁହଁ । ଆଜି ପୃଥିବୀର କେତେକ ଦେଶର ପ୍ରଧାନ ଆୟ ହେଉଛି ପର୍ଯ୍ୟଟନ । ସ୍ବିଜରଲାଣ୍ଡର ପ୍ରଧାନ ଆୟ ପର୍ଯ୍ୟଟନ । ତେଣୁ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ପାଇଁ ଆମର ଏକ କାର୍ଯ୍ୟକ୍ରମ ରହିଛି । ପୁରୀ, ଭୁବନେଶ୍ବର ଏବଂ କୋଣାର୍କକୁ ନେଇ ଏକ ସୁବର୍ଣ୍ଣ ତ୍ରିଭୁଜ କରାଯାଉଛି । ଯୋଗାଯୋଗ, ଅବସ୍ଥାନ ଓ ପରିଭ୍ରମଣର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା ହେବ । ବାହାରର ପର୍ଯ୍ୟଟକ ଆକୃଷ୍ଟ ହୋଇ ଆସିବେ । ଦେଶର ଯେତେ ପର୍ଯ୍ୟଟକ ଆସୁଛନ୍ତି ତା'ର ୧୦ ଗୁଣ ଆସିବେ । ସେ ଦିଗରେ ଏକ





ନୀତି, କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଯାହା ଫଳରେ ବହୁ ଲୋକ ନିଯୁକ୍ତି ପାଇ ପାରିବେ । ଥାଇଲ୍ୟାଣ୍ଡରେ ବାଲିଦିବ୍, ତେଲୋ ସିବିଚ ଭଳି ପୁରୀରେ ମଧ୍ୟ ସେହିପରି ଏକ ବେଳାଭୂମି ଆମେ କରିପାରିବା । ସେଥିପାଇଁ ପୁରୀର ଚିଲିକା ଠାରୁ ଆରମ୍ଭ କରି ପୁରୀ ସହର ଭିତର ପର୍ଯ୍ୟନ୍ତ ୨୦୦୦ ଏକର ଜମି ବର୍ତ୍ତମାନ ନିଆଯାଇଛି । ସେଠି ଗୋଟିଏ ନୂଆ ଟୁରିଷ୍ଟ କମ୍ପ୍ଲେକ୍ସ କରାଯିବ, ଏହାଛଡା ଇଣ୍ଡଷ୍ଟ୍ରିଆଲ୍ କମ୍ପ୍ଲେକ୍ସ କରାଯିବ । ଯେପରି ୧୦୦ଟି ବୃହତ୍ ଓ ମଧ୍ୟମ ଶିଳ୍ପ ହୋଇପାରିବ । ପର୍ଯ୍ୟଟନ ସହିତ ଶିଳ୍ପ ନଗରୀ କରିବା ପାଇଁ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଉଛି । ଏସବୁ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପୁଞ୍ଜିର ଅଭାବ ନାହିଁ, ମନୋବଳର ଅଭାବ ନାହିଁ, ଶାସନଗତ ସ୍ଥିରତାର ଅଭାବ ନାହିଁ କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ହେଲେ ସରକାରୀ କର୍ମଚାରୀ, ସାଧାରଣ ସଂସ୍ଥା, ବୁଦ୍ଧିଜୀବୀ, ଅଧ୍ୟାପକ ସେମାନେ ସରକାରଙ୍କ ସହିତ ସହଯୋଗ କରିବା ଆବଶ୍ୟକ । ତା'ଛଡା ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଠିକ୍ କରିବାକୁ ପଡିବ । ବାହାରୁ ଯିଏ କାରଖାନା କରିବାକୁ ଆସିବ, ସାଙ୍ଗେ ସାଙ୍ଗେ ସେ ଯଦି ଘେରାଉର ସମ୍ମୁଖୀନ ହେବ, ହିଂସାର ସମ୍ମୁଖୀନ ହେବ, ସେ କେବେ ଏଠିକୁ ଆସିବନି ।

**(୧୯୯୭ ମାର୍ଚ୍ଚ ୮ ତାରିଖ ରାଉରକେଲାଠାରେ ଅନୁଷ୍ଠିତ ୨୯ ତମ ଅର୍ଥନୈତିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଅଭିଭାଷଣରୁ)**

# ୨୦୦୦ ମସିହା ସୁଦ୍ଧା ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ

**ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ**

ଜଳସେଚନର ସାମର୍ଥ୍ୟ ରାଜ୍ୟରେ ବୃଦ୍ଧି କରିବା ପାଇଁ ବର୍ତ୍ତମାନ ନିର୍ମାଣାଧୀନ ଥିବା ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୦୦ ମସିହା ମଧ୍ୟରେ ସଂପୂର୍ଣ୍ଣ କରିବା ଓ ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ତଥା ଜଳସଂପଦ, ଅର୍ଥ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ମାର୍ଚ୍ଚ, ୧୭ ତାରିଖରେ ଶ୍ରୀ ବିଶ୍ୱାଳ ଭୁବନେଶ୍ୱରସ୍ଥ ନୂଆପଲ୍ଲୀଠାରେ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଉଠା ଜଳସେଚନ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରି ସଂପ୍ରତି ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ନାବାର୍ଡ଼ରୁ ୪୦୦ କୋଟି ଟଙ୍କା, ଜାପାନର ଓ.ଇ.ସି. ଏଫ୍.ରୁ ୬୦୦ କୋଟି ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ଏ.ଆଇ.ବି.ପି. ଯୋଜନାରୁ ୧୨୦ କୋଟି ଟଙ୍କା ମିଳିବାର ରହିଛି ବୋଲି ସୂଚନା ଦେଇଥିଲେ । ସବୁଠାରୁ କମ୍ ଖର୍ଚ୍ଚରେ ଉଠାଜଳସେଚନ ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇବାର ସମ୍ଭାବନା ରହିଥିବାରୁ ରାଜ୍ୟ ସରକାର ଏହା ଉପରେ ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ଜଳ ସଂପଦ ବିଭାଗ ଶାସନ ସଚିବ ଶ୍ରୀ ରବିନାରାୟଣ ସେନାପତି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଠାଜଳସେଚନ ନିଗମର ବିକାଶ ସହିତ ବିଭାଗୀୟ କର୍ମକର୍ତ୍ତାଙ୍କ ଦକ୍ଷତା, ନିଷ୍ଠାପରତା ଏବଂ ତତ୍ପରତା ବୃଦ୍ଧି ଘଟିଲେ ଚାଷୀ, ସର୍ବୋପରି ରାଜ୍ୟର ଉନ୍ନତି ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଠାଜଳସେଚନ ନିଗମର ଅଧ୍ୟକ୍ଷ ଶ୍ରୀ ରାଜନ ସାହୁ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ ଏହି ନିଗମ ଜଳସଂପଦ ବିଭାଗ ଅଧୀନକୁ ଆସିବା ଫଳରେ ପୁନର୍ଜୀବିତ ହୋଇପାରିଛି । ଚଳିତ ବର୍ଷ ଉତ୍କଟ ମରୁଡ଼ି ପରିସ୍ଥିତିରେ ୭୬୬୦ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୮୦ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଥିବା ବେଳେ ରବି ଋତୁରେ ୧୦,୫୦୦ ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୧୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ ।

# ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାୟକ

ଡକ୍ଟର ବୃନ୍ଦାବନ ଚନ୍ଦ୍ର ପାଢ଼ୀ



ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସମଗ୍ର ଭାରତରେ ସ୍ୱାଧୀନତା ଆନ୍ଦୋଳନର ବହ୍ନି ପ୍ରଜ୍ୱଳିତ ହୋଇ ଉଠିଥିଲା । ଭାରତବର୍ଷର କୋଣେ କୋଣେ ଓ ପୁରପଲ୍ଲୀରେ ଲୋକେ ନିଜ ନିଜ ଜୀବନ ଝାସ ଦେଇଥିଲେ ଏହି ମହାନ ସ୍ୱାଧୀନତା ସଂଗ୍ରାମରେ । ସମସ୍ତଙ୍କର ସଂକଳ୍ପ ପ୍ରାୟ ୨୦୦ ବର୍ଷର ସ୍ୱେଚ୍ଛାଚାରୀ ଇଂରେଜ ଶାସନର ବିଲୋପ । ସାରା ଭାରତରେ ସ୍ୱାଧୀନତା ସଂଗ୍ରାମର ଦୁନ୍ଦୁଭି ବାଜି ଉଠିଲା ।

ପ୍ରାକୃତିକ ସଂପଦରେ ଭରପୂର, ବଣ ପାହାଡ଼ ଘେରା କୋରାପୁଟ ଜିଲ୍ଲାରେ ମଧ୍ୟ ଏହି ସଂଗ୍ରାମର ବିଶେଷ ପ୍ରଭାବ ପଡ଼ିଥିଲା । ସରଳ ତଥା ନିରାଡମ୍ବର ଜୀବନଯାପନ କରୁଥିବା ଆଦିବାସୀମାନେ ମଧ୍ୟ ଏହି ଜାତୀୟ ଆନ୍ଦୋଳନରେ ନିଜକୁ ଆତ୍ମବଳୀ ଦେଇ ଥିଲେ । ୧୯୩୭ ମସିହାରେ ରାଧାକୃଷ୍ଣ ବିଶ୍ୱାସ ରାୟଙ୍କ ସଭାପତିତ୍ୱରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ଗଠନ କରାଗଲା । ଜୟପୁରଠାରେ ଥିବା କୋରା ପ୍ରସାଦ ପଟ୍ଟନାୟକଙ୍କ ''ଖଦଡ଼ ଭଣ୍ଡାର'' କୁ ମୁଖ୍ୟ କେନ୍ଦ୍ର ରୂପେ ଗ୍ରହଣ କରାଗଲା । ଏହି ଠାରୁ ହିଁ ସାରା କୋରାପୁଟ ଜିଲ୍ଲାର ପୁରପଲ୍ଲୀକୁ ସ୍ୱାଧୀନତା ଆନ୍ଦୋଳନର ପ୍ରଚାରିତ ହେଉଥିଲା । ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ସଦାଶିବ ତ୍ରିପାଠୀ ସମଗ୍ର ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମକୁ ସକ୍ରିୟ କରିବାକୁ ଲାଗିଲେ ।

କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଜଣେ ବଳିଷ୍ଠ ସାହସୀ ନେତା ହେଉଛନ୍ତି ଲକ୍ଷ୍ମଣ ନାୟକ । ମାଲକାନ୍‌ଗିରି ସବଡିଭିଜନ୍ ଦୁର୍ଗମ ଓ ଭୟାବହ ଅରଣ୍ୟରେ ପରିପୂର୍ଣ୍ଣ । ଏହି ଅଞ୍ଚଳ ହେଉଛି ରାମାୟଣରେ ବର୍ଣ୍ଣିତ ଦଣ୍ଡକାରଣ୍ୟ, ଯେଉଁଠି ପ୍ରଭୁ ଶ୍ରୀ ରାମଚନ୍ଦ୍ର ବନବାସ କରିଥିଲେ । ଏହି ଅଞ୍ଚଳରେ ବିଶାଳ କୋଲାବ ନଦୀର ପ୍ରାୟ ଦେଢ଼ ମାଇଲ ଦୂରରେ ଅବସ୍ଥିତ ଗୋଟିଏ ପଲ୍ଲୀ । ଏହି ଗ୍ରାମରେ ୧୮୯୯ ସାଲ ନଭେମ୍ବର ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ କୋରାପୁଟ ଜିଲ୍ଲାର ଏହି ବୀର ଓ ସାହସୀ ନେତା ଶହୀଦ ଲକ୍ଷ୍ମଣ ନାୟକ ।

ଲକ୍ଷ୍ମଣଙ୍କ ବାପାଙ୍କ ନାମ ପଦ୍‌ଲାମ୍ ନାୟକ । ଜାତିରେ ଭୂମିଆ । ଜୟପୁର ରାଜା ତାଙ୍କୁ ତେନ୍ତୁଳି ଗୁମ୍ମା ସହିତ ଚାରୋଟି ଗ୍ରାମର (ବେକୁଣି ଗୁଡ଼ା, ଲେଡି ଗୁଡ଼ା ଓ ଅଁଳା ଗୁଡ଼ା) ମୁସ୍ତାଦାର ନିଯୁକ୍ତ କରିଥିଲେ । ସେ ଜଣେ ଲୋକପ୍ରିୟ ନେତା ଥିଲେ । ନିଜର ବୁଦ୍ଧି ଓ କର୍ମଠତା ଯୋଗୁଁ ସେ ରାଜାଙ୍କର ପ୍ରିୟପାତ୍ର ଥିଲେ । ତାଙ୍କର ତିନି ପୁଅ । ବଡ଼ ସନିଆ, ତା ତଳକୁ ଲକ୍ଷ୍ମଣ ଓ ଧନନାୟକ । ଲକ୍ଷ୍ମଣ ମୁସ୍ତାଦାରଙ୍କ ପୁଅ ହେଲେ ସୁଦ୍ଧା ଅୟସରେ ବାଲ୍ୟକାଳ ବିତାଇ ନଥିଲେ । ନିଜ କାମ ନିଜେ କରୁଥିଲେ । ପିଲାଦିନରୁ ବିଲକୁ ଯାଉଥିଲେ । ଗୋରୁ ଗାଈ ଚରାଉଥିଲେ । ଗାଁରେ ଅନ୍ୟ ପିଲାଙ୍କ ସହ ମିଶି ଖେଳୁଥିଲେ ଓ ବୁଲୁଥିଲେ । ତେନ୍ତୁଳି ଗୁମ୍ମାଠାରୁ ସାଲିମ ଯାଏ ବିସ୍ତୃତ ଅଞ୍ଚଳରେ ସ୍କୁଲଟିଏ କିମ୍ବା ଡାକ୍ତରଖାନାଟିଏ ନଥିଲା । ତେଣୁ ଲକ୍ଷ୍ମଣ ନାୟକ ପାଠ ପଢ଼ିପାରି ନଥିଲେ । ୧୨ ବର୍ଷ ବୟସରେ ବାପା ପଦ୍‌ଲାମ୍ ତାଙ୍କୁ ବାଲିପଟା ଉପରେ ଅକ୍ଷର ଶିଖାଇ ଥିଲେ । ସେତିକିରେ ପାଠ ପଢ଼ା ବନ୍ଦ । ସେ ନିଜ ନାଁ ଲେଖି ପାରୁ ଥିଲେ ଓ ବହି ଦେଖି ପଢ଼ି ପାରୁ ଥିଲେ । ତେନ୍ତୁଳି ଗୁମ୍ମାର ଲୋକେ ଦେଶିଆ ଭାଷା କହନ୍ତି । ଏହା ପରଜା, ଗାଦବା, ଓଡ଼ିଆ ମିଶା ମିଶି । ଏହିପରି ଭାବରେ ଲକ୍ଷ୍ମଣଙ୍କ ପିଲା ଦିନଟି ହସଖୁସିରେ ବିତି ଯାଉଥିଲା । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖାଲି ଖେଳ, ଶିକାର, ଗଛ ଚଢ଼ା, ନଦୀ ପହଁରା, ଦୌଡ଼ାଦୌଡ଼ି ଓ କୁସ୍ତି କସରତ ଇତ୍ୟାଦି । ଏମିତିରେ ୧୨ ବର୍ଷ କଟିଗଲା ।

୧୬ ବର୍ଷ ବେଳକୁ ଲକ୍ଷ୍ମଣ ଜଣେ ତରୁଣ ଯୁବକ । ଦେଖିବାକୁ ଉଚ୍ଚ, ରଙ୍ଗ ମାଟିଆ, ସାମାନ୍ୟ ଦୁଣ୍ଡି କୁଣ୍ଡି ବାଳ । ଦେହରେ ଶକ୍ତ ମାଂସ ପେଶୀ । ଗାମୁଛାରେ ମୁଣ୍ଡ ବନ୍ଧା । ଖୋଲା ଦେହ । ବେଳେବେଳେ ଛୋଟ ଅଙ୍ଗି । ସାନ ଗୁମାର ପାର୍ଶ୍ୱ ଭୂମିଆଙ୍କ ଝିଅ ମଙ୍ଗୁଡିଙ୍କୁ ୧୯ ବର୍ଷରେ ଲକ୍ଷ୍ମଣ ବିବାହ କରିଥିଲେ । ବିବାହର ଦେଢ଼ ବର୍ଷପରେ ଲକ୍ଷ୍ମଣଙ୍କର ପୁଅଟିଏ ହୋଇଥିଲା । ତାର ନାମ ରଘୁନାଥ । ୨୪ ବର୍ଷ ବୟସରେ ମଙ୍ଗୁଡିଙ୍କର ଏକ କନ୍ୟା ଜାତ ହୋଇଥିଲା । ସେ ତାହାର ନାମ ରଖିଥିଲେ କୌଶଲ୍ୟା ।

୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେବା ଫଳରେ ସରକାରଙ୍କ ଦମନ ବଢ଼ିବାରେ ଲାଗିଲା । ବିଭିନ୍ନ କ୍ଷେତ୍ରରେ ଟିକସ ବୃଦ୍ଧି କରାଗଲା । କେତେକ ନୂଆ କଟକଣା ପ୍ରୟୋଗ ହେଲା । ଫଳରେ ଆଦିବାସୀଙ୍କୁ ଜଙ୍ଗଲ ପାଇଁ, ହାଟପାଇଁ ଆଦି ନାନା ଟିକସ୍ ଦେବାକୁ ପଡ଼ିଲା । ପାହାଡ଼ ଅରଣ୍ୟରେ ଲୋକେ ମାତି ଉଠିଲେ । ବିଭିନ୍ନ ଅଞ୍ଚଳରେ "ମେଳି"ଗଠନ କରି ଲୋକେ ବ୍ରିଟିଶ୍ ଆଧିପତ୍ୟ ବିରୁଦ୍ଧରେ ଲଢ଼ୁଥିଲେ । ଆନ୍ଧ୍ର ପ୍ରଦେଶର 'ଆଲ୍ଲୁରୀ ସୀତାରାମ ରାଜୁ'ଙ୍କ ରମ୍ପାବିଦ୍ରୋହୀ ବା ମେଳି ଲକ୍ଷ୍ମଣ ନାୟକଙ୍କ ଇଲାକା ମାଲକାନଗିରିରେ ମଧ୍ୟ ଦେଖାଯାଉଥିଲା । କୋୟାମାନେ ଏଥିରେ ବିଶେଷ ଭାବରେ ସଂପୃକ୍ତ ଥିଲେ । ଏହି ମେଳି ନିପୀଡିତ ଆଦିବାସୀଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରାଇ ଥିଲା । ରମ୍ପାବିଦ୍ରୋହରେ ଯୋଗ ଦେଇଥିବା ଜଣେ କୋୟା ଯୁବକ ଚନ୍ଦ୍ର କୁଟିଆଙ୍କ ସହ ମିଶି ଲକ୍ଷ୍ମଣ ମାତିଲି ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଏକ ନୂତନ ବିଦ୍ରୋହ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିଦ୍ରୋହରେ ଯୋଗ ଦେବା ତାଙ୍କର ଅଭିପ୍ରାୟ ନଥିଲା ।

ଲକ୍ଷ୍ମଣଙ୍କ ପିତା ଗ୍ରାମର ମୁରବୀ ପଦ୍‌ଲାମ୍ ନାୟକ ବୃଦ୍ଧହୋଇ ଆସିଲେ । ସେ କୌଣସି କ୍ଷେତ୍ରରେ ବଡ଼ ପୁଅ ସନିଆର ସହଯୋଗ ପାଇ ପାରିଲେ ନାହିଁ । ତେଣୁ ଲକ୍ଷ୍ମଣଙ୍କୁ ତାଙ୍କ ପାଖରେ ବସାଇ ଗାଁର ସୁଖ ଦୁଃଖରେ ଭାଗୀଦାର କରାଇବାରେ ଲାଗିଲେ । ୧୯୩୦ ମସିହାରେ ପଦ୍‌ଲାମ ଅବସର ନେଲେ ଏବଂ ଗ୍ରାମବାସୀମାନେ ଲକ୍ଷ୍ମଣଙ୍କୁ ମୁଖିଆର ଭାବେ ମନୋନୀତ କଲେ । ଅଳ୍ପ ସମୟ ମଧ୍ୟରେ ସେ ଲୋକପ୍ରିୟତା ଅର୍ଜନ କରିପାରିଥିଲେ । କାରଣ ସେ ଜଣେ ନିର୍ଭୀକ ଓ ପରୋପକାରୀ ନେତା ଥିଲେ । ସେ ମୁଖିଆର ଥିବା ସମୟରେ ଗାଁର କେତେକ ଗ୍ରାମୋନ୍ନତି କାର୍ଯ୍ୟକ୍ରମ ହାତକୁ ନେଇଥିଲେ ।

ଗୁଣୁପୁରର ଜନପ୍ରିୟ କଂଗ୍ରେସନେତା ଜାନକୀ ପାତ୍ରଙ୍କ ସହିତ ଲକ୍ଷ୍ମଣ ଭଲ ସଂପର୍କ ରଖିଥିଲେ । ବେଳେବେଳେ ଅତ୍ୟାଚାରୀ ଇଂରେଜ ଶାସନ ବିରୁଦ୍ଧରେ ଆଲୋଚନା ହେଉଥିଲା । ଦିନେ କଂଗ୍ରେସ ପ୍ରଚାର କାର୍ଯ୍ୟ ପାଇଁ ଗୁଣୁପୁରର ଜାନକୀ ପାତ୍ରଙ୍କ ଘରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା । ସେହି ସଭାରେ ରାଧାମୋହନ ସାହୁ ଉପସ୍ଥିତ ଥିଲେ । ଲକ୍ଷ୍ମଣ ନାୟକଙ୍କ ସମେତ ମାଲକାନଗିରି ଅଞ୍ଚଳର ବିଶିଷ୍ଟ ନାୟକ ଓ ମୁଖିଆମାନେ ନିମନ୍ତ୍ରିତ ହୋଇ ଯାଇଥିଲେ । ଲକ୍ଷ୍ମଣ ନାୟକଙ୍କ ଲୋକପ୍ରିୟତା ଓ ପ୍ରଭାବ ଚାରିଆଡେ ବ୍ୟାପିଥିଲା । ଅନେକ ଗାଁର ନାୟକମାନେ ଆସି ତାଙ୍କ ସହିତ ମନ୍ତ୍ରଣା କରୁଥିଲେ ଓ ଉପଦେଶ ନେଇ ଯାଉଥିଲେ । ଏହି ଗୁଣୁପୁରର ସଭାରେ ସମସ୍ତେ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ଶପଥ ଗ୍ରହଣ କଲେ । ଲକ୍ଷ୍ମଣ ନାୟକଙ୍କୁ ମଧ୍ୟ ଗୋଟିଏ ଚାରିଅଣା ସଭ୍ୟ କରାଗଲା । ସେ ଦିନ ଲକ୍ଷ୍ମଣ ନାୟକ ପ୍ରଥମ ଥର ପାଇଁ ସମସ୍ତଙ୍କ ସହିତ ରାମଧୁନ ଗାଇଲେ, ଖଦଡ଼ ପିନ୍ଧିଲେ । ନୂତନ ଉତ୍ସାହ ଓ ପ୍ରେରଣା ପାଇଲେ ।

୧୯୩୭-୩୮ ମସିହାରେ ରାଧାକୃଷ୍ଣ ବିଶ୍ୱାସ ରାୟ ଜୟପୁର ନିକଟସ୍ଥ ନୂଆପୁଟଠାରେ ଏକ ତାଲିମ କେନ୍ଦ୍ର ଖୋଲିଲେ । ସମଗ୍ର ଜିଲ୍ଲାରୁ ପ୍ରାୟ ୪୦୦ ଜଣ କର୍ମୀ ନୂଆପୁଟରେ ତାଲିମ ପାଇଲେ । ଲକ୍ଷ୍ମଣ ନାୟକ ମଧ୍ୟ ଏହି ତାଲିମରେ ଯୋଗ ଦେଇଥିଲେ । ଓଡ଼ିଶା ରାଜଧାନୀର କେତେକ ବିଶିଷ୍ଟ ବ୍ୟକ୍ତି ଏହି ତାଲିମ କେନ୍ଦ୍ରକୁ ଆସିଥିଲେ । ସେମାନଙ୍କ ଭିତରେ ଆଚାର୍ଯ୍ୟ ହରିହର ଦାସ, ଗୋପବନ୍ଧୁ ଚୌଧୁରୀ ଓ ଗୋଦାବରୀଶ ମିଶ୍ର ପ୍ରମୁଖ ଉଲ୍ଲେଖଯୋଗ୍ୟ । ସେମାନେ କର୍ମୀମାନଙ୍କ ମଧ୍ୟରେ ରାଜନୈତିକ ଓ ସାମାଜିକ ଚେତନା ଆଣିବାରେ ସାହାଯ୍ୟ କରୁଥିଲେ । କର୍ମୀମାନଙ୍କୁ ସୂତାକଟା, ଲୁଗାବୁଣା ଇତ୍ୟାଦିରେ ତାଲିମ ଦିଆଯାଉ ଥିଲା । କର୍ମୀମାନଙ୍କର ସ୍ଲୋଗାନ ଥିଲା - 'କାଟି ପିନ୍ଧ, କୁଟି ଖାଅ' । 'ତକଲି ମୁନରୁ ସ୍ୱାଧୀନତା ଆସିବ' । 'ଚରଖା ହେଉଛି ସୁଦର୍ଶନ ଚକ୍ର' । ଏହିପରି ଭାବେ ସ୍ୱାବଲମ୍ବନଶୀଳ ହେବା ପାଇଁ କର୍ମୀମାନଙ୍କୁ ଶିକ୍ଷା ଦିଆଯାଉଥିଲା ।

ଲକ୍ଷ୍ମଣ ନାୟକ ଗାଁ ଗାଁ ବୁଲି ସଭା ସମିତିରେ ଭାଷଣ ଦେଉ ଥିଲେ । ବେଗାରି, ସବାରି ରହିବ ନାହିଁ । ପାଲୁ ଦିଅ ନାହିଁ ଇତ୍ୟାଦି କହି ଲୋକଙ୍କୁ ନିଜ ଦଳଭୁକ୍ତ କରିପାରୁ ଥିଲେ । ସେ ଅଞ୍ଚଳରେ ସମସ୍ତେ ତାଙ୍କ ପଛରେ ଥାଇ । ଗୁଣୁପୁରର ଜାନକୀ ପାତ୍ରଙ୍କଠାରୁ ଲକ୍ଷ୍ମଣଙ୍କ ନିକଟକୁ ଗୁଡ଼ାଏ ଚିଠିପତ୍ର ଆସେ । ଲକ୍ଷ୍ମଣ ପଢ଼ି ପାରନ୍ତି କିନ୍ତୁ ଲେଖାଲେଖି ବିଶେଷ କରିପାରନ୍ତି ନାହିଁ । ଏଥିରେ ତାଙ୍କୁ ସାହାଯ୍ୟ କରନ୍ତି ବଳରାମ ପୂଜାରୀ, ତାଙ୍କ ଶାଳକ । ଲକ୍ଷ୍ମଣ ଗାଁ ଗାଁ ବୁଲି କଂଗ୍ରେସ ପ୍ରଚାର କରିବା ସହିତ ଲୋକଙ୍କ ଅନ୍ୟାନ୍ୟ ସମସ୍ୟା ମଧ୍ୟ ବୁଝି ଥାନ୍ତି । ସେ ଦିନକେ ୩୦ ମାଇଲ ଚାଲି ପାରନ୍ତି । ଥରେ ଘରୁ ଗୋଡ କାଢ଼ିଲେ ଦଶ ଦିନଯାଏ ଗସ୍ତ ଚାଲେ । କାନ୍ଧରେ ଗୋଟିଏ କନା ବ୍ୟାଗ୍ ଝୁଲୁଥାଏ । ତା ଭିତରେ ଥାଏ ଗୋଟିଏ ଲୋଟା, ଗାମୁଛା ଟିଏ, କଲମ୍ ଓ କଂଗ୍ରେସ ରସିଦ । ଏତିକି ମାତ୍ର ସମ୍ବଳକୁ ନେଇ ସେ ଶହ ଶହ ଗ୍ରାମ ଗସ୍ତ କରିଥାନ୍ତି । ଗୋଟିଏ ସଭାରେ ସେ କହିଥିଲେ, "ଗାନ୍ଧୀ ମହାପ୍ରଭୁ କହିଲେ, ଗାଁ ଗାଁ ର ଆମର ଲୋକ ସରକାର କଥା ବି ଶୁଣ । ପାଲୁ ନାହିଁ ଦିଅ । ବେଠି, ଗଞ୍ଜିମ ନାହିଁ କର । ଗୋଟେକ୍ ଲୋକ କାହିଁ ଦେବେ ସିନା ଫୁଟିବାଏ ! ପିଟେଦେ, ମାଡ଼ର ଛାଡ଼ିଦେବେ । ଭଲ ଜମର ମନକେ ପାଇଲା କି ? ଲୋକେ ମନ ଭିତରେ ଏ ପ୍ରସ୍ତାବକୁ ସ୍ୱୀକୃତି ଦିଅନ୍ତି । କିନ୍ତୁ ପାଟି ଫିଟାଇ ହଁ କହିବାକୁ କେହି ସାହସ କରିପାରନ୍ତି ନାହିଁ । ଏହା ସଙ୍ଗେ ସଙ୍ଗେ ସେ କଂଗ୍ରେସ ଆଦେଶ ମାନିବାକୁ ଓ ନିଜନିଜ ମଧ୍ୟରେ ସୁସମ୍ପର୍କ ରଖିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ ।

୧୯୩୯ ମସିହାରେ ବ୍ରିଟେନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହେଲା ଏବଂ କଂଗ୍ରେସ ନେତା ଓ କର୍ମୀମାନେ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କଲେ । କୋରାପୁଟ ଜିଲ୍ଲାରେ ମଧ୍ୟ ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ତାଲିକା ପ୍ରସ୍ତୁତ ହେଲା । ଲକ୍ଷ୍ମଣ ନାୟକଙ୍କୁ ମାତିଲି ଅଞ୍ଚଳର ନେତାଭାବେ ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ମନୋନୀତ କରାଗଲା । ସତ୍ୟାଗ୍ରହ ଚାଲିଲା । ମାତିଲି ଠାରେ ସତ୍ୟାଗ୍ରହ କରି ଲକ୍ଷ୍ମଣ ନାୟକ ଜେଲ ବରଣ କଲେ । ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ବନ୍ଦୀ ହୋଇ କର୍ମୀମାନେ କୋରାପୁଟ ଜେଲକୁ ପ୍ରେରିତ ହେଲେ । ଜେଲ ଗୃହଟି ଭର୍ତ୍ତି ହୋଇଗଲା । ଚାରି ପାଞ୍ଚ ମାସ ଜେଲ ଦଣ୍ଡ ପରେ ସମସ୍ତେ ଗୋଟି ଗୋଟି ହୋଇ ଖଲାସ ହେଲେ । ସ୍ୱାଧୀନତା ଆନ୍ଦୋଳନ ତୀବ୍ର ବେଗରେ ଚାଲିଥାଏ । ଲୋକେ ସରକାରଙ୍କ ସହିତ ଅସହଯୋଗ କରୁଥାନ୍ତି । ପୋଲିସ୍‌ର ଦମନଲୀଳା ମଧ୍ୟ ବଢ଼ି ଚାଲିଥାଏ । କେତେ ଜାଗାରେ ହିଂସାର ପ୍ରତିବାଦ ହିଂସାରେ ଦିଆଗଲା । କିନ୍ତୁ ମାଲକାନ୍‌ଗିରିର ବିସ୍ତୃତ ଅଞ୍ଚଳରେ ମହାତ୍ମାଗାନ୍ଧୀଙ୍କ ଅହିଂସା ନୀତି ଅକ୍ଷର ଅକ୍ଷରରେ ପାଳିତ ହୋଇଥିଲା । ମାତିଲି ଅଞ୍ଚଳରେ ପୋଲିସ ଓ ଅମିନଙ୍କ ଅତ୍ୟାଚାର ବହୁ ଗୁଣରେ ବଢ଼ିଯାଇଥିଲେ ମଧ୍ୟ ସେଠାରେ ଗୋଟିଏ ହେଲେ ହିଂସା କାଣ୍ଡ ଘଟି ନ ଥିଲା ।

୧୯୪୨ ମସିହା ଅଗଷ୍ଟ ନ'ଅ ତାରିଖରେ ବମ୍ବେଠାରେ କଂଗ୍ରେସ ଅଧିବେଶନ ବସିଲା । ସେଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ଦେଶଭକ୍ତମାନେ ଯୋଗ ଦେଇଥିଲେ । ବ୍ରିଟିଶ୍ ସରକାର 'ଭାରତ ଛାଡ଼' ପ୍ରସ୍ତାବ ପାଶ୍ ହେଲା । କଂଗ୍ରେସ କାର୍ଯ୍ୟକ୍ରମ ତୀବ୍ରତର ହେଲା । ଗାନ୍ଧିଜୀ ଡାକରା ଦେଲେ 'କର ବା ମର' । ୧୯୪୨ ମସିହା ଅଗଷ୍ଟ ନଅ ତାରିଖ ରାତିରୁ କଂଗ୍ରେସକୁ ବେଆଇନ ଘୋଷଣା କରାଗଲା । କଂଗ୍ରେସ କାର୍ଯ୍ୟକ୍ରମମାନ ଜିଲ୍ଲାର ସମସ୍ତ ଗୁପ୍ତ କେନ୍ଦ୍ରକୁ ପ୍ରେରିତ ହେଲା ଓ ଗାଁ ଗଣ୍ଡାରେ ପ୍ରଚାରିତ ହେଲା । କର୍ମୀମାନେ ୨୧ ତାରିଖରେ ବିକ୍ଷୋଭ କରିବା ପାଇଁ ପ୍ରସ୍ତୁତ ହୋଇ ରହିଲେ । ଘୁମୁସରର ନୀଳକଣ୍ଠ ପାତ୍ର ଲକ୍ଷ୍ମଣ ନାୟକଙ୍କୁ ନିର୍ଦ୍ଦେଶ ପଠାଇଲେ । ବଳରାମଙ୍କ ସହିତ ନିଜେ ଲକ୍ଷ୍ମଣ ଏ ଗାଁରୁ ସେ ଗାଁ ବୁଲି ନିର୍ଦ୍ଦେଶର ତାତ୍ପର୍ଯ୍ୟ ବୁଝାଇବାରେ ଲାଗିଲେ । ଏହି ପ୍ରସ୍ତୁତି ଚାଲିଲା ଅଗଷ୍ଟ ୧୬ ତାରିଖରୁ ୨୦ ତାରିଖ ଯାଏ । ୧୭ ତାରିଖରେ ମାତିଲି ଥାନା ଇନ୍‌ସପେକ୍ଟର ଜାଣି ପାରିଲେ ଯେ ୨୧ ତାରିଖରେ ମାତିଲି ଥାନା ଉପରେ ଚଢ଼ାଉ ହୋଇ ପାରେ । ୨୧ ତାରିଖରେ ସତ୍ୟାଗ୍ରହକୁ ପଣ୍ଡ କରିବା ପାଇଁ ସରକାରୀ ଓ ପୁଲିସ ସ୍ତରରେ ଯୋଜନା ଚାଲିଲା ।

୧୯୪୨ ମସିହା, ଅଗଷ୍ଟ ୨୧ ତାରିଖ, ଶୁକ୍ରବାର । ଶ୍ରାବଣ ମାସ ବର୍ଷାଦିନ । କୃଷ୍ଣ ପକ୍ଷ । ଦିନ ଦଶଟା ବେଳକୁ ସମସ୍ତେ ହାଜର ହେଲେ ମାତିଲି ହାଟରେ । ଶହ ଶହ କର୍ମୀ । ମୁଣ୍ଡ ଗଣି ହେଉ ନାହିଁ । ତ୍ରିରଙ୍ଗା ପତାକାର ଜୁଆର ଖେଳୁଛି । ମଧ୍ୟେ ମଧ୍ୟେ ପାଟିରୁ ବାହାରି ପଡୁଛି ମହାତ୍ମାଗାନ୍ଧୀ କୀ ଜୟ'' । ସମସ୍ତଙ୍କୁ ମୁହାଁ କରି ଲକ୍ଷ୍ମଣ ନାୟକ ଠିଆହେଲେ । ହାତରେ ଧରିଥିବା ତ୍ରିରଙ୍ଗା ପତାକାକୁ ତଳେ ପୋତି ତାକୁ ନମସ୍କାର କରି ନିଜ ଡାହାଣ ପାଦ ଆଗକୁ ପକାଇ କହିଲେ, ''ତୁମେମାନେ ସମସ୍ତେ ତୁମର ଡାହାଣି ଗୋଡ ଆଗରେ ପକାଅ । ଏହି ଯେଉଁ ପାଦ ଆମେ ଆଗକୁ ପକାଇଲେ, ସ୍ୱରାଜ୍ୟ ଆସିଲା ପର୍ଯ୍ୟନ୍ତ ତାହା ଆଉ ପଛକୁ ଲେଉଟିବ ନାହିଁ । ଆଗରେ କଣ୍ଟା, ଲଟା, ବାଘ, ବନ୍ଧୁକ ଯାହା ପଡୁ, ଗୋଡ଼ ଯୋଡ଼ିକ ଆଗକୁ ହିଁ ଆଗଭର ଥିବ । ମଲେ ମରିଯିବା ପଛେ ହଟିବାର ପ୍ରଶ୍ନ ଉଠୁନାହିଁ । କଣ ରାଜି ତ ? ଲୋକେ ଏକ ସ୍ୱରରେ ପାଟି କଲେ 'ହଁ, ରାଜି' । ଲକ୍ଷ୍ମଣ ପୁଣି କହିଲେ, ' ଦେଖ ଭାଇମାନେ ! ଡରୁଆ ଲୋକେ କେବେ ଲଢ଼ି ପାରିବେ ନାହିଁ । ତେଣୁ ଯାହାର ମନରେ ଟିକିଏ ହେଲେ ଡ଼ର ଅଛି, ସେ ଏଠାରୁ ଚାଲିଯାଉ । ତା ପ୍ରତି ଆମର ମୋଟେ ଖରାପ ଧାରଣା ହେବ ନାହିଁ' । ଲକ୍ଷ୍ମଣ ଏତିକି କହି ଚାରିଆଡ଼କୁ ଚାହିଁଲେ । କେହି ହେଲେ ନିଜ ସ୍ଥାନରୁ ହଟିଲେ ନାହିଁ ।

ମାତିଲି ଥାନା ସବ୍‌ଇନ୍‌ସପେକ୍ଟର କେ. ଜଗାନାୟକଙ୍କୁ ବୋରା ମହା ଅଡୁଆରେ ପଡ଼ିଲେ । ମାଲକାନଗିରି ଓ ରେଙ୍କଟ ପାଲମ୍‌ର ପୋଲିସ୍ ବାହିନୀ ଓ ସବ୍‌ଇନ୍‌ସପେକ୍ଟର ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ମାତିଲିଠାରେ ଉପସ୍ଥିତ ରହିବା କଥା । କିନ୍ତୁ ସେ ବିଚଳିତ ହେଲେ ନାହିଁ । ତାଙ୍କୁ କେବଳ ଗୋଟାଏ ଘଣ୍ଟା ଦରକାର ଥିଲା ଖବର ଦେଇ ପୋଲିସ ବାହିନୀକୁ ଆଣିବାକୁ । ତେଣୁ ସେ ଏକ ଉପାୟ ପାଞ୍ଚିଲେ । ଅଳ୍ପ ସମୟ ଭିତରେ ସଂଗ୍ରାମୀମାନେ ଆସି ପହଞ୍ଚିଲେ ଥାନା ସାମନାରେ ଏବଂ ଅଡ଼ି ବସିଥିଲେ ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ । ପ୍ରଥମେ ହାଟରେ ସଭାକରି ଅଧିକ ଜନସମର୍ଥନ ହାସଲ କରି ଆସି ପତାକା ଉଡାଇବା ଉଚିତ ହେବ ବୋଲି ଜଗାନାୟକଙ୍କୁ ସେମାନଙ୍କୁ ପ୍ରବର୍ତ୍ତାଇଲେ । ତାଙ୍କରି ଭିତର ଉଦ୍ଦେଶ୍ୟ କେହି ବୁଝି ନ ପାରି ଲକ୍ଷ୍ମଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ହାଟରେ ସଭା କରିବାକୁ ଚାଲିଗଲେ । ଏହି ସଭାରେ ଲକ୍ଷ୍ମଣ ନାୟକ ଦେଶିଆ ଭାଷାରେ ସମସ୍ତଙ୍କୁ ବୁଝିଲା ପରି କହିଥିଲେ— ''ଭାଇମନ୍ । ଗାନ୍ଧୀ ମହାପୁରୁ କଇଲା ଅବେ ଗୋରା ସାଇବ୍ ମନ୍ ଆଜିଲେ ଚାଲିଯିବାକୁ ପଡବି । ଜୟପୁରର ବୁଢ଼ା ରଜା ମିଶା (ମଧ୍ୟ) ଆଜିଲେ ଯାଇସି । ଏଥର ଆମର ଗାଁ, ବଣ, ଡଙ୍ଗର ସବୁ ଆମର । ଆଜିଲେ ବେଠି, ବଗାରି ନାହିଁ । ଗଛ, ମାଛ ଆମର ହବ୍ । ପୁଲିସ୍ ଥାନା ରିବିନି ଅଫିସ୍, ଆଉରି ସବୁ ଅଫିସ ଆମର'' । ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଶୁଣି ସ୍ଲୋଗାନ୍ ଦେଉଥାନ୍ତି, ''ବ୍ରିଟିଶ୍ ସରକାର ପେରିଯାଅ'' ।

ସଭା ଭଙ୍ଗପରେ ସମସ୍ତ କର୍ମୀ ମାତିଲି ଥାନା ଆଡକୁ ମୁହାଁଇଲେ । ମାତିଲି ଥାନା ପୋଲିସ୍ ଘେରାଉ ମଧ୍ୟରେ ଥିବା ଦେଖି ଆଶ୍ଚର୍ଯ୍ୟ ହେଲେ । ସମାବେଶକୁ ବେଆଇନ ଘୋଷଣା କରି ଫେରିଯିବାକୁ କୁହାଗଲା । କିନ୍ତୁ ସମସ୍ତେ ଥାନା ଆଡକୁ ମାଡି ଚାଲିଲେ । ପୋଲିସ୍ ଫାଙ୍କା ଗୁଳି ଚାଳନା କଲାପରେ ଲାଠି ଚାଳନା ଆରମ୍ଭ ହେଲା । ଲିଙ୍ଗ ଭୂମିଆ ଓ ନକୁଳ ମାଡକାମୀ ନାମକ ଦୁଇଜଣ ସାହାସୀ କର୍ମୀ ଥାନା ଉପରେ ପତାକା ଉଡାଇବାକୁ ଯାଇ ପୋଲିସ୍ ଗୁଳିରେ ନିହତ ହେଲେ ।

ପୋଲିସ୍ ଲକ୍ଷ୍ମଣଙ୍କୁ ଟାଣି ନେଇ ବହୁତ ବାଡେଇଲେ । ସେ ତଳେ ପଡ଼ିଗଲେ । ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଲେ । ପୋଲିସ୍ ତାଙ୍କୁ ଅଚେତ ଅବସ୍ଥାରେ ଟାଣି ଟାଣି ନେଇ ମୃତ ବୋଲି ଭାବି ନର୍ଦ୍ଦମାରେ

ଫୋପାଡି ଦେଲେ । ଫରେଷ୍ଟ ଗାର୍ଡ ଜି.ରାମେୟା ବହୁତ ମଦ୍ୟପାନ କରିଥିବାରୁ ମୁଣ୍ଡରେ ଆଘାତ ପାଇ ଟଳି ପଡ଼ିଲେ । ଭାରତୀୟ ସ୍ୱାଧୀନତା ପାଇଁ ଅନ୍ୟ ଉପରେ ହାତ ସୁଦ୍ଧା ନ ଉଠାଇ ତୁଣ୍ଡରେ ଜନ୍ମ ଭୂମିର ଜୟଗାନ କରି ଶହୀଦତ୍ୱ ବରଣ କରିନେଲେ ଏହି ବୀର କର୍ମୀ ଗଣ । ଏତେ ଦିନର ଉଦ୍‌ବେଗ୍ ଓ ଉତ୍ତେଜନା ଘଣ୍ଟାକ ମଧ୍ୟରେ ଶେଷ ହୋଇଗଲା । ଖାଲି ଥାନା କାହିଁକି, ସମଗ୍ର ମାତିଲି ଶୁନ୍ ଶାନ୍ ହୋଇଗଲା । ମାତିଲି ହାଟ ବନ୍ଦ ହୋଇଗଲା । ଚାରିଆଡେ ନିରବତା, କୋଳୁଆଉଣ ଘୋଟି ଗଲା ।

ବହୁ ସମୟ ଅଚେତ ରହିବା ପରେ ଲକ୍ଷ୍ମଣ ଚେଇଁ ଉଠିଲେ । ନିଜେ ଜଣେ ବୈଦ୍ୟ ହୋଇଥିବାରୁ ବଣର ଔଷଧ ଚେର ପତ୍ର ଇତ୍ୟାଦି ଖାଇ ଯେ କୌଣସି ମତେ ୨୨ ତାରିଖ ନିଶା ରାତ୍ରରେ ଜୟପୁରରେ ପହଞ୍ଚିଲେ । ସେଠାରେ ଜାଣିଲେ ଯେ, ତାଙ୍କୁ ଆତ୍ମଗୋପନ କରିବାକୁ ହେବ କାରଣ ସରକାର ତାଙ୍କୁ ପିତୁରିଦାର (ବିପ୍ଳବୀ) ବୋଲି ବନ୍ଦୀ କରିବାକୁ ଘୋଷଣା କରିସାରିଛନ୍ତି । ବହୁ କଷ୍ଟରେ ତାଡାତାଡିରେ ନିଜ ଗାଁ ଟେଣ୍ଟୁଳି ଗୁଡ଼ା ଆସି ପହଞ୍ଚିଲେ । ଜି. ରାମୟାଙ୍କ ହତ୍ୟା ଅଭିଯୋଗରେ ତାଙ୍କୁ ଖୋଜା ଚାଲିଛି । ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖ । ସେ ସକାଳୁ ଉଠି ଦେଖିଲେ ଯେ ତାଙ୍କ ଘର ପୋଲିସ୍ ଘେର ମଧ୍ୟରେ । ସେ ସକାଳୁ ଜଳଖିଆ ମଧ୍ୟ ଖାଇ ନ ଥିଲେ । ପୋଲିସ୍ ତାଙ୍କୁ ଓ ତାଙ୍କ ପୁଅ ରଘୁନାଥଙ୍କୁ ବନ୍ଦୀ କରିନେଲେ । ତାଙ୍କ ସଙ୍ଗେ ବହୁତ କର୍ମୀଙ୍କୁ ବନ୍ଦୀ କରି ନିଆଗଲା । ୫୪ ଜଣଙ୍କ ବିରୁଦ୍ଧରେ କେଶ ଦାୟର ହେଲା ଓ ଏମାନଙ୍କୁ କୋରାପୁଟ ଜେଲକୁ ପଠାଗଲା । ଲକ୍ଷ୍ମଣ ନାୟକଙ୍କ ତରଫରୁ କେହି ସାକ୍ଷୀ ନ ଥିଲେ କି କୋର୍ଟରେ ତାଙ୍କ ପକ୍ଷଭୁକ୍ତ ହୋଇ ଲଢ଼ିବାକୁ ସେ କୌଣସି ଓକିଲ ନିଯୁକ୍ତ କରି ନ ଥିଲେ । ଶେଷରେ ବିଚାରପତି ରାମନାଥନ୍ ଜି. ରାମେୟାର ମୃତ୍ୟୁ ପାଇଁ ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଧାରା ଅନୁସାରେ ଲକ୍ଷ୍ମଣ ନାୟକଙ୍କୁ ଫାସି ଦଣ୍ଡ ଦେଇଥିଲେ ।ଏହି ସମୟରେ ଲକ୍ଷ୍ମଣ ନାୟକଙ୍କୁ ୧୯୪୨ ମସିହା ନଭେମ୍ବର ୧୬ ତାରିଖରେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତରିତ କରାଗଲା ।୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖରେ ଲକ୍ଷ୍ମଣଙ୍କୁ ଫାଶି ଦିଆଗଲା । ଫାଶି ଆଗରୁ ନିଜର ଅନ୍ତିମ ଇଚ୍ଛା ବ୍ୟକ୍ତ କରି ଲକ୍ଷ୍ମଣ କହିଥିଲେ—''ସୂର୍ଯ୍ୟ ଯଦି ସତ୍ୟ ହୋଇଥାଏ, ଚନ୍ଦ୍ର ଯଦି ସତ୍ୟ ହୋଇଥାଏ, ତେବେ ଭାରତମାତା ଯେ ସ୍ୱାଧୀନ ହେବ ତାହା ମଧ୍ୟ ସେହିପରି ସତ୍ୟ ହେବ'' । ବୀର ଲକ୍ଷ୍ମଣ ନାୟକ ଦେଶ ପାଇଁ ଆତ୍ମବଳୀ ଦେଇ କାଳ କାଳ ଧରି ଅମର ହୋଇ ରହିଛନ୍ତି ।

ଇତିହାସ ବିଭାଗ
ନବରଙ୍ଗପୁର ମହାବିଦ୍ୟାଳୟ
ନବରଙ୍ଗପୁର

## ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଆସନ୍ତାବର୍ଷ ଶେଷ ହେବ

ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ବିଧାନ ସଭାରେ କହିଛନ୍ତି ଯେ, ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଭୁବନେଶ୍ୱର-ଜଗତପୁର ପାଞ୍ଚନମ୍ବର ଜାତୀୟ ରାଜପଥକୁ ଚାରିଲେନ କରାଯିବା କାର୍ଯ୍ୟ ଆସନ୍ତା ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ବିଶ୍ୱବ୍ୟାଙ୍କ ସହାୟତାରେ ଉତ୍ତରପ୍ରଦେଶ ବ୍ରିଜ କନ୍‌ଷ୍ଟ୍ରକସନ କର୍ପୋରେସନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ କାର୍ଯ୍ୟ ବେଶ୍ ସନ୍ତୋଷଜନକଭାବେ ଅଗ୍ରଗତି କରୁଛି । ତେଣୁ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ନିଶ୍ଚିତ ଶେଷ ହେବ ବୋଲି ଆଶା କରାଯାଉଛି । ଚାରି ତରଫା ଏହି ରାସ୍ତାରେ ୬ଟି ବୃହତ୍ ସେତୁର ମଧ୍ୟ ନିର୍ମାଣ କରାଯାଉଛି । ସେହିପରି ଓଇସିଏଫ ସହାୟତାରେ ଜଗତପୁର-ଚଣ୍ଡିଖୋଲ ରାସ୍ତାକୁ ଚାରିତରଫା କରିବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏ ବାବଦରେ ୨୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏହା ଆସନ୍ତା ଦୁଇ ହଜାର ମସିହା ସୁଦ୍ଧା ଶେଷ ହେବ ।

ଏହି ସଂସ୍ଥାର ଆର୍ଥିକ ସହାୟତାରେ ପାଣି କୋଇଲି-ରାଜମୁଣ୍ଡା ରାସ୍ତାର ଆଧୁନିକୀକରଣ ଓ ପୁରୀ-ଭୁବନେଶ୍ୱର ରାସ୍ତାକୁ ଚାରିତରଫା କରିବା ପ୍ରସ୍ତାବ କେନ୍ଦ୍ର ସରକାର ସୁପାରିଶ କରିଛନ୍ତି । ଖୁବ୍‌ଶୀଘ୍ର ଏହା ଅନୁମୋଦିତ ହୋଇଯିବ ବୋଲି ଆଶା କରାଯାଉଛି ।

ପୂର୍ତ୍ତମନ୍ତ୍ରୀ କହିଲେ ଯେ, ଏସିଆ ଉନ୍ନୟନ ବ୍ୟାଙ୍କ ସହାୟତାରେ ନିର୍ମାଣ ହେଉଥିବା ସମ୍ବଲପୁର-ରାଉରକେଲା ମଧ୍ୟରେ ୧୬୨ କିମି ଦୈର୍ଘ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି । ରାଜ୍ୟରେ ୩ମାଟି ସେତୁ ଓ ୨ଟି ରାସ୍ତାର ନିର୍ମାଣପାଇଁ ନାବାର୍ଡ ୬୮ କୋଟି ଟଙ୍କା ଋଣମଞ୍ଜୁର କରିଛନ୍ତି । ପୂର୍ତ୍ତମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଥିବା ଜାତୀୟ ରାଜପଥର ଦୈର୍ଘ୍ୟ ବୃଦ୍ଧି କରିବା ନିମନ୍ତେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାସ୍ତାକୁ ଜାତୀୟ ରାଜପଥରୂପେ ଘୋଷଣା କରିବାପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି । ସେଗୁଡ଼ିକ ହେଲା, ଗୋପାଳପୁର-ରାୟପୁର, ପାଣିକୋଇଲି-ରାଉରକେଲା, ଭୁବନେଶ୍ୱର-ପୁରୀ ଓ ବାଲେଶ୍ୱର-ଲକ୍ଷ୍ମଣନାଥ ରାସ୍ତା ।

# ଜଳ ସମ୍ପଦ ବିଭାଗର କାର୍ଯ୍ୟାବଳୀ

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଶତକଡ଼ା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ଜଳସେଚନର ବିକାଶ ରାଜ୍ୟର କୃଷି ତଥା ଅର୍ଥନୈତିକ ବିକାଶ ପାଇଁ ନିତାନ୍ତ ଅପରିହାର୍ଯ୍ୟ । ସେଥିପାଇଁ ବିଭିନ୍ନ ଯୋଜନାରେ ଜଳସେଚନର ବିକାଶ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ରାଜ୍ୟର ମୋଟ ୫୯ ଲକ୍ଷ ହେକ୍ଟର ସେଚୋପଯୋଗୀ ଜମି ମଧ୍ୟରୁ ୧୯୯୫-୯୬ ଜୁନ୍ ସୁଦ୍ଧା ପ୍ରାୟ ୨୨.୭୬ ଲକ୍ଷ ହେକ୍ଟର ଜମିପାଇଁ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଛି । ତାହାର ବିବରଣୀ ନିମ୍ନରେ ଦିଆଯାଇଛି ।

| | |
|---|---|
| ୧. ବୃହତ୍ ଓ ମଧ୍ୟମ ଜଳସେଚନ | ୧୦.୨୮ ଲକ୍ଷ ହେକ୍ଟର |
| ୨. କ୍ଷୁଦ୍ର ଜଳସେଚନ | ୪.୧୬ ଲକ୍ଷ ହେକ୍ଟର |
| ୩. ଉଠା ଜଳସେଚନ | ୩.୦୨ ଲକ୍ଷ ହେକ୍ଟର |
| ୪. ଅନ୍ୟାନ୍ୟ (ଜଳ ଅମଳ ପ୍ରକଳ୍ପ ଗଭୀର ତଥା ଅଗଭୀର ନଳକୂପ ନଳକୂପ ଇତ୍ୟାଦି) | ୫.୩୦ ଲକ୍ଷ ହେକ୍ଟର |
| | ୨୨.୭୬ ଲକ୍ଷ ହେକ୍ଟର |

ଆସନ୍ତା ଜୁନ୍ ୧୯୯୭ ଖରିଫ୍ ଋତୁ ସୁଦ୍ଧା ଜଳ ସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବୃହତ୍, ମଧ୍ୟମ କ୍ଷୁଦ୍ର ଓ ଉଠାଜଳସେଚନ ମାଧ୍ୟମରେ ଆଉ ଅଧିକ ୬୭,୩୦୦ ହେକ୍ଟର ସେଚନ ସାମର୍ଥ୍ୟ ସୃଷ୍ଟି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏତଦ୍‌ବ୍ୟତୀତ କୃଷି (ମୃତ୍ତିକା ସଂରକ୍ଷଣ) ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଡଗ୍‌ୱେଲ୍ ଓ ନଳକୂପ ଜରିଆରେ ଆଉ ଅଧିକ ୧୫,୦୦୦ ହେକ୍ଟର ଜମିକୁ ଜଳସେଚନକ୍ଷମ କରାଯିବ ବୋଲି ଆଶା କରାଯାଏ । ଉପରୋକ୍ତ ହିସାବ ଅନୁଯାୟୀ ୧୯୯୬ ଜୁନ୍ ମାସ ସୁଦ୍ଧା ପ୍ରାୟ ୨୩ ଲକ୍ଷ ୫୮ ହଜାର ହେକ୍ଟର ଜମି ପାଇଁ ସେଚ ସୁବିଧା ସୃଷ୍ଟି କରାଯାଇପାରିବ । ଯାହାକି ମୋଟ ସେଚୋପଯୋଗୀ ଜମିର ଶତକଡ଼ା ୩୯.୯୭ ଭାଗ । ଅତଏବ୍ ରାଜ୍ୟ ସରକାରଙ୍କ ଘୋଷିତ ଶତକଡ଼ା ୫୦ ସେଚ କ୍ଷମତା ସୃଷ୍ଟି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମିତ୍ତ ଆଉ ପ୍ରାୟ ୬ ଲକ୍ଷ ହେକ୍ଟର ଜମିକୁ ସେଚକ୍ଷମ କରାଯିବା ଆବଶ୍ୟକ । ଏହି କାର୍ଯ୍ୟର ସଫଳ ରୂପାୟନ ନିମିତ୍ତ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।

## (କ) ରାଜ୍ୟ ଯୋଜନା

### ୧. ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ

୧୯୯୫-୯୬ ସୁଦ୍ଧା ରାଜ୍ୟ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ମୋଟ ୯,୯୦,୦୦୦ ହେକ୍ଟର ଖରିଫ ଓ ୪,୪୩,୭୦୦ ହେକ୍ଟର ରବି ଜମି ପାଇଁ ସେଚ ସୁବିଧା ସୃଷ୍ଟି କରାଯାଇଛି । ୧୯୯୬-୯୭ ମସିହା ପାଇଁ ଅତିରିକ୍ତ ୩୫,୨୪୦ ହେକ୍ଟର ଖରିଫ୍ ଓ ୮,୯୦୦ ହେକ୍ଟର ରବି ଜମି ପାଇଁ ସେଚ ସୁବିଧା ସୃଷ୍ଟି କରାଯିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୯୬-୯୭ ଆର୍ଥିକ ବର୍ଷପାଇଁ ରାଜ୍ୟ ଯୋଜନା ବ୍ୟୟବରାଦ ୪୧୨.୦୫ କୋଟି ଟଙ୍କା କରାଯାଇଥିଲା । ତନ୍ମଧ୍ୟରୁ ୬୯.୦୫ କୋଟି ଟଙ୍କା କେନ୍ଦ୍ରୀୟ ଋଣ ସହାୟତା । ୧୯୯୭-୯୮ ଆର୍ଥିକ ବର୍ଷରେ ଏହି ବ୍ୟୟ ବରାଦ ୬୩୧.୬୦ କୋଟି ଟଙ୍କାକୁ ବୃଦ୍ଧି କରାଯିବାର ପ୍ରସ୍ତାବ ଅଛି । ୧୯୯୭-୯୮ ବର୍ଷରେ ଅତିରିକ୍ତ ୫୭,୩୦୦ ହେକ୍ଟର ଖରିଫ୍ ଓ ୩୧,୩୩୦ ହେକ୍ଟର ରବି ଜମି ପାଇଁ ସେଚ ସାମର୍ଥ୍ୟ ସୃଷ୍ଟି କରାଯିବା ନିମିତ୍ତ ପ୍ରସ୍ତାବ ଅଛି । ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ବ୍ୟୟ ବରାଦ ହୋଇଥିବା ୬୩୧.୬୦ କୋଟି ଟଙ୍କା ମଧ୍ୟରୁ ଓ.ଇ.ସି. ଏଫ୍. (ଜାପାନ) ଋଣ ସହାୟତାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ୫୫ କୋଟି ଟଙ୍କା, ବିଶ୍ୱବ୍ୟାଙ୍କ୍ ସାହାଯ୍ୟ ପ୍ରାପ୍ତ ବନ୍ଧ ନିରାପତ୍ତା ଓ ଉତ୍ଥାନ ପ୍ରକଳ୍ପ ନିମନ୍ତେ ୫୪ କୋଟି ଟଙ୍କା, ଜଳ ବିଜ୍ଞାନ ପ୍ରକଳ୍ପ ନିମନ୍ତେ ୬ କୋଟି ଟଙ୍କା, ଜଳ ସମ୍ପଦ ଏକୀକରଣ ପ୍ରକଳ୍ପ ନିମନ୍ତେ ୨୫୩.୫୦ କୋଟି ଟଙ୍କା, ନାବାର୍ଡ ସାହାଯ୍ୟପ୍ରାପ୍ତ ପ୍ରକଳ୍ପଗୁଡ଼ିକ ନିମନ୍ତେ ୨୫ କୋଟି ଟଙ୍କା, କେନ୍ଦ୍ର ସରକାରଙ୍କଠାରୁ ଋଣ ସହାୟତା ପ୍ରାପ୍ତ ଏ.ଆଇ.ବି.ପି. ପ୍ରକଳ୍ପଗୁଡ଼ିକ ନିମନ୍ତେ ୨୨୦ କୋଟି ଟଙ୍କା ଓ ଅନ୍ୟାନ୍ୟ ରାଜ୍ୟ ସମ୍ବଳରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ୧୮.୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ଯଦିଓ ଅଷ୍ଟମ ଯୋଜନା (୧୯୯୨-୯୭) କାଳରେ ୨.୮୩ ଲକ୍ଷ ହେକ୍ଟର ଜମିକୁ ସେଚକ୍ଷମ କରିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ସମ୍ବଳ ଅଭାବରୁ ଅଷ୍ଟମ ଯୋଜନାର ପ୍ରାରମ୍ଭରୁ ୩ ବର୍ଷ ପର୍ଯ୍ୟନ୍ତ ଜଳସେଚନ କ୍ଷେତ୍ରରେ ଅଗ୍ରଗତି ମନ୍ଥର ହୋଇଥିଲା । ଏହି-

ଆର୍ଥିକ ଦୁରବସ୍ଥାକୁ ଦୃଢ଼ କରିବା ନିମିତ୍ତ ରାଜ୍ୟ ସରକାର ଯଥାସମ୍ଭବ ବୈଦେଶିକ ତଥା ଅନ୍ତର୍ଦେଶୀୟ ସହାୟତା ଲାଭ କରିବା ନିମିତ୍ତ ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି । ଏହି ପ୍ରଚେଷ୍ଟା ଫଳରେ ଜଳ ସମ୍ପଦ ଏକୀକରଣ ପ୍ରକଳ୍ପ (ଡବ୍ଲ୍ୟୁ. ଆର.ସି.ପି) ନିମନ୍ତେ ୧,୪୦୯ କୋଟି ଟଙ୍କା, ଜଳ ବିଜ୍ଞାନ ପ୍ରକଳ୍ପ (ହାଇଡ୍ରୋଲୋଜି) ନିମନ୍ତେ ୩୪ କୋଟି ଟଙ୍କା, ନାବାର୍ଡଙ୍କଠାରୁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମିତ୍ତ ୧୧୦.୬୦ କୋଟି ଟଙ୍କା ମିଳିବାପାଇଁ ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କଠାରୁ ଏ.ଆଇ.ବି.ପି ଯୋଜନା ନିମିତ୍ତ ଯଥେଷ୍ଟ କେନ୍ଦ୍ରୀୟ ଋଣ ସହାୟତା କରିବା ପାଇଁ କାର୍ଯ୍ୟକ୍ରମ ରହିଛି ।

ଅପର କୋଲାବ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ, ଅପର ଇନ୍ଦ୍ରାବତୀ ଜଳ-ସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କାର୍ଯ୍ୟ ଯଥାକ୍ରମେ ୩,୭୬୯.୦୦ ଓ ୩,୭୪୪.୦୦ ନିୟୁତ ଜାପାନୀ ୟେନ (ମୋଟ ପ୍ରାୟ ୨୫୦ କୋଟି ଟଙ୍କା) ଓ ଇ.ସି.ଏଫ୍., ଜାପାନଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଅଛି । ଉପରୋକ୍ତ ଆର୍ଥିକ ସହାୟତା ଦ୍ୱାରା ଅପର କୋଲାବର କାର୍ଯ୍ୟ ୧୯୯୮ ମସିହା ଜୁଲାଇ ସୁଦ୍ଧା ଓ ଅପର ଇନ୍ଦ୍ରାବତୀ ବାମପାର୍ଶ୍ୱ କେନାଲର କାର୍ଯ୍ୟ ୧୯୯୯ ମସିହା ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବା ନିମିତ୍ତ କାର୍ଯ୍ୟ ଅବ୍ୟାହତ ରହିଛି ।

ବିଶ୍ୱବ୍ୟାଙ୍କ ସହାୟତାରେ ୮ ଗୋଟି ସମ୍ପୂର୍ଣ୍ଣ ହୋଇଥିବା ବନ୍ଧର ନିରାପତ୍ତା ଓ ଉତ୍ଥାନ କାର୍ଯ୍ୟ (ଡି.ଏସ.ଏ.ଆର.ପି.) ଚାଲୁରହିଛି । ବିଶ୍ୱବ୍ୟାଙ୍କଠାରୁ ପ୍ରାୟ ୧୧୬.୦୦ କୋଟି ଟଙ୍କା ଏହି ବାବଦରେ ମିଳିବ ବୋଲି ଆଶା କରାଯାଏ । ଚୁକ୍ତି ଅନୁସାରେ ଏହି କାର୍ଯ୍ୟକ୍ରମ ଜୁଲାଇ ୧୯୯୭ ମସିହା ସୁଦ୍ଧା ସମାପ୍ତ ହେବା କଥା । କିନ୍ତୁ ଏହା ସମ୍ପୂର୍ଣ୍ଣ ହେଉ ନ ଥିବା ଦୃଷ୍ଟିରୁ ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚୁକ୍ତିର ଅବଧି ଆଉ ଏକବର୍ଷ ବୃଦ୍ଧି କରିବା ନିମିତ୍ତ ଅନୁରୋଧ କରାଯାଇଛି ।

ଭୂପୃଷ୍ଠ ଓ ଭୂଗର୍ଭସ୍ଥ ଜଳର ସର୍ବେକ୍ଷଣ ଓ ଅନୁସନ୍ଧାନ କରି ପ୍ରକୃଷ୍ଟ ତଥ୍ୟାବଳୀ ସଙ୍କଳନ କରିବା ନିମିତ୍ତ ଜଳ ବିଜ୍ଞାନ (ହାଇଡ୍ରୋଲୋଜି) ପ୍ରକଳ୍ପ ବିଶ୍ୱବ୍ୟାଙ୍କ ସହାୟତାରେ ୧୯୯୫-୯୬ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଅଛି । ଏ ବାବଦରେ ବିଶ୍ୱବ୍ୟାଙ୍କ ୨୦୦୦-୨୦୦୧ ମସିହା ପର୍ଯ୍ୟନ୍ତ ଭୂପୃଷ୍ଠ ପ୍ରକଳ୍ପ ନିମିତ୍ତ ୨୮.୭୪ କୋଟି ଏବଂ ଭୂଗର୍ଭସ୍ଥ ଜଳ ସର୍ବେକ୍ଷଣ ନିମିତ୍ତ ୧୪.୦୨ କୋଟି ଟଙ୍କା ଋଣ ପ୍ରଦାନ କରିବେ ବୋଲି ଚୁକ୍ତି ହୋଇଛି ।

ସମ୍ବଳ ଅଭାବ ଯୋଗୁଁ କେତେକ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ବହୁ ପୂର୍ବରୁ ଆରମ୍ଭ କରାଯାଇଥିଲେ ହେଁ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା । ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମିତ୍ତ ବିଶ୍ୱବ୍ୟାଙ୍କ ସହାୟତାରେ ଡବ୍ଲ୍ୟୁ.ଆର. ସି.ପି. ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ୧୪୦୯ କୋଟି ଟଙ୍କା ଋଣ ସହାୟତା ପ୍ରଦାନ କରିବା ନିମିତ୍ତ ବିଶ୍ୱବ୍ୟାଙ୍କ ସହିତ ୧୯୯୬ ମସିହା ଜାନୁଆରୀ ୫ ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଡବ୍ଲ୍ୟୁ.ଆର.ସି.ପି. ଅଧୀନରେ ବଡ଼ନଦୀ, ହରିହରଜୋର୍, ଅପରଜଙ୍କ, ବାଘୁଆ ୨ୟ ପର୍ଯ୍ୟାୟ ଓ ହରଭଙ୍ଗୀ ମଧ୍ୟମ ଜଳସେଚନ ପ୍ରକଳ୍ପ, ମହାନଦୀ—ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଓ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ବାମପାର୍ଶ୍ୱ କେନାଲ (୩୦ କି.ମି. ଦୈର୍ଘ୍ୟ) ଓ ନରାଜ ବ୍ୟାରେଜ୍‌ର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଛି । ଏତଦ୍‌ବ୍ୟତୀତ ୬ ଗୋଟି ବୃହତ୍ ଓ ୧୬ ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପର ଜୀର୍ଣ୍ଣ ଅବସ୍ଥାରେ ଥିବା କେନାଲଗୁଡ଼ିକର ଉନ୍ନତିକରଣ ସମେତ ଜଳ ବଣ୍ଟନ ପରିଚାଳନା କାର୍ଯ୍ୟ ଜଳ ବ୍ୟବହାରକାରୀ ସଂସ୍ଥାମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଅଛି । ଜଳକର ଆଦାୟ କରିବା ଦାୟିତ୍ୱ ରାଜସ୍ୱ ବିଭାଗରୁ ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ସଘନ କୃଷି ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଅଛି । ଉକ୍ତ କାର୍ଯ୍ୟଗୁଡ଼ିକରେ କୃଷକମାନଙ୍କର ସକ୍ରିୟ ଅଂଶଗ୍ରହଣ ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧିପାଇବ । ଏତଦ୍‌ବ୍ୟତୀତ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ସଂସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରାଯିବା ନିମିତ୍ତ ପୁନର୍ବିନ୍ୟାସ କରାଯାଇଛି ।

ନାବାର୍ଡ ସହାୟତାରେ ସୁବର୍ଣ୍ଣରେଖା ପ୍ରକଳ୍ପର ଜମ୍ବୀରାବନ୍ଧ, ସାପୁଆ-ବଡ଼ଯୋର୍, ବିରୂପା-ଗେଙ୍ଗୁଟି ଦ୍ୱୀପାଞ୍ଚଳ, ଜଳସେଚନ ପ୍ରକଳ୍ପ, ବରଜଙ୍ଗ ୨ୟ ପର୍ଯ୍ୟାୟ, ମନଜୋର୍, ବାଘଲଟି, ଟିଟିଲାଗଡ଼, ଗୋବର୍ଦ୍ଧନପୁର ବ୍ୟାରେଜର ନିର୍ମାଣ କାର୍ଯ୍ୟ ସହିତ ଧନେଇ, ହୀରାଧରବାଟି, କଂସାରୀ, ସୁନେଇ ଓ ସାଳିଆର ସଂପ୍ରସାରଣ କାର୍ଯ୍ୟ ସହିତ ଧନେଇ, ହୀରାଧରବାଟି, କଂସାରୀ, ସୁନେଇ ଓ ସାଳିଆର ସଂପ୍ରସାରଣ କାର୍ଯ୍ୟ ୧୯୯୫-୯୬ ଓ ୧୯୯୬-୯୭ ଆର୍ଥିକ ବର୍ଷରୁ ଆରମ୍ଭ କରାଯାଇଛି । ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆସନ୍ତା ୨/୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ଏଥିନିମିତ୍ତ ନାବାର୍ଡ କର୍ତ୍ତୃପକ୍ଷ ୧୧୦.୬୦ କୋଟି ଟଙ୍କା ଋଣ ମଞ୍ଜୁର କରିଛନ୍ତି ।

କେନ୍ଦ୍ର ସରକାରଙ୍କ ଘୋଷିତ ତ୍ୱରିତ ଫଳପ୍ରଦ ଜଳସେଚନ କାର୍ଯ୍ୟକ୍ରମ (ଏ.ଆଇ.ବି.ପି) ମାଧ୍ୟମରେ ୪ ଗୋଟି ବୃହତ୍ ଜଳସେଚନ ପ୍ରକଳ୍ପ, ଯଥା-ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱ କେନାଲ, ରେଙ୍ଗାଲି ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱ କେନାଲ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ କାର୍ଯ୍ୟ ଓ ଆନନ୍ଦପୁର ବ୍ୟାରେଜ୍‌ର ସଂପ୍ରସାରଣ କାର୍ଯ୍ୟ ୧୯୯୬-୯୭ ବର୍ଷରୁ କାର୍ଯ୍ୟକାରୀ ହେଉଅଛି । କେନ୍ଦ୍ର ସରକାର ଏ ବାବଦରେ ୧୯୯୬-୯୭ ଆର୍ଥିକ ବର୍ଷରେ ୯୨.୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

୧୯୯୬-୯୭ ଆର୍ଥିକ ବର୍ଷରେ ଯୋଜନା କମିଶନ୍ ୬ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମିତ୍ତ ୩ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତା ପାଇଁ ଅନୁମୋଦନ ଦେଇଛନ୍ତି ।

ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କାର୍ଯ୍ୟ ଓ.ଇ.ସି.ଏଫ୍., ଜାପାନଙ୍କ ସହାୟତାରେ କାର୍ଯ୍ୟକାରୀ କରାଯିବା ନିମନ୍ତେ କଥାବାର୍ତ୍ତା ଚାଲୁ ରହିଛି ।

ଉପରୋକ୍ତ ପ୍ରକଳ୍ପଗୁଡିକ ବ୍ୟତୀତ କାନୁପୁର, ଦେଓ, ବାଘ ବ୍ୟାରେଜ, ତେଲେଂଗିରୀ ଓ ରୁକୁରା ଇତ୍ୟାଦି ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ରାଜ୍ୟ ଯୋଜନା ସମ୍ବଳରୁ କାର୍ଯ୍ୟକାରୀ କରାଯାଉଅଛି । ୧୯୯୭-୯୮ ଆର୍ଥିକ ବର୍ଷରେ ଲୋଅର ଇନ୍ଦ୍ର, ଲୋଅର ସୁକ୍ତେଲ ଓ ଅଙ୍ଗ ବନ୍ଧର କାର୍ଯ୍ୟ ରାଜ୍ୟ ଯୋଜନା ସମ୍ବଳରୁ ଆରମ୍ଭ କରାଯିବା ନିମିତ୍ତ ପ୍ରସ୍ତାବ ଅଛି ।

ଜଳ ସମ୍ପଦ ବିଭାଗର ଇଞ୍ଜିନିଅର ଓ କୃଷି ବିଭାଗ ଅଧିକାରୀମାନଙ୍କୁ ଜମିର ସୁବ୍ୟବହାର ଓ ଜଳସେଚନର ସଦୁପଯୋଗ ଉଦ୍ଦେଶ୍ୟରେ ତାଲିମ ଦେବାକାଇଁ କଟକ ଜିଲ୍ଲାର ପ୍ରତାପ ନଗରୀଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର (ୱାଲମୀ) ୧୯୮୪ ମସିହାଠାରୁ ପ୍ରତିଷ୍ଠା କରାଯାଇଛି । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଜଳ ସମ୍ପଦ ଏକୀକରଣ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ତାଲିମ୍ ଦିଆଯାଉଛି ।

## ୨. କ୍ଷୁଦ୍ର ଜଳସେଚନ (ପ୍ରବାହ)

କ୍ଷୁଦ୍ର ଜଳସେଚନ ସଂସ୍ଥା ୧୯୬୨ ମସିହାଠାରୁ ଗଠନ କରାଯାଇ ଏହାଦ୍ୱାରା ୧୦ ଲକ୍ଷ ହେକ୍ଟର ଚାଷ ଜମିକୁ ସେଚ ସୁଯୋଗ ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ୧୯୯୫-୯୬ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୪.୧୬ ଲକ୍ଷ ହେକ୍ଟର ଚାଷ ଜମିକୁ ସେଚ ସୁବିଧା ଯୋଗାଇ ଦିଆଯାଇଅଛି ।

୧୯୯୬-୯୭ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ (ପ୍ରବାହ) କାର୍ଯ୍ୟପାଇଁ ରାଜ୍ୟଯୋଜନା ଅଧୀନରେ ୩୯ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇ ୭,୪୧୦ ହେକ୍ଟର ଖରିଫ ଓ ୧,୫୯୨ ହେକ୍ଟର ରବି ଚାଷ ପାଇଁ ସେଚ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଅଛି ।

୧୯୯୭-୯୮ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ପାଇଁ ୧୯ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଅଧିକ ୧୨,୩୧୮ ହେକ୍ଟର ଖରିଫ ଓ ୩,୬୫୮ ହେକ୍ଟର ରବିଚାଷ ପାଇଁ ସେଚ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି । ତନ୍ମଧ୍ୟରୁ ବହିଃ ଅନୁଦାନ ସହାୟତାରେ ବନ୍ଧ ନିରାପତ୍ତା ଓ କ୍ଷୁଦ୍ର ଜଳପ୍ରକଳ୍ପ ଅନ୍ତର୍ଭୁକ୍ତ ୨୦ ଗୋଟି ପ୍ରକଳ୍ପ ପାଇଁ ୫ କୋଟି ୪୦ ଲକ୍ଷ ଟଙ୍କା ଓ ନାବାର୍ଡ ଅର୍ଥ ସହାୟତାରେ ୨୭ ଗୋଟି ପ୍ରକଳ୍ପ ପାଇଁ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## ୩. ଉଠା ଜଳସେଚନ

ଉଠା ଜଳସେଚନ ମାଧ୍ୟମରେ ରାଜ୍ୟର ପ୍ରାୟ ୮,୮୭,୦୦୦ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇ ପାରିବ ବୋଲି ଆକଳନ କରାଯାଇଅଛି । ତନ୍ମଧ୍ୟରୁ ୧୯୯୫-୯୬ ସୁଦ୍ଧା ୧୩,୮୪୯ ଉଠାଜଳ ସେଚନ ପ୍ରକଳ୍ପ ସ୍ଥାପିତ ହୋଇ ୩.୦୨ ଲକ୍ଷ ହେକ୍ଟର ଖରିଫ ଓ ୧.୮୧ ଲକ୍ଷ ହେକ୍ଟର ରବି ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରିଛି । ୧୯୯୬-୯୭ ଆର୍ଥିକ ବର୍ଷରେ ୭୬.୦୬ କୋଟି ଟଙ୍କା ବ୍ୟୟରେ ୬୧୪ ଗୋଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ୧୪,୬୫୦ ହେକ୍ଟର ଖରିଫ ଓ ୮,୭୯୦ ହେକ୍ଟର ରବି ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ଜାନୁୟାରୀ ୧୯୯୭ ସୁଦ୍ଧା ୪୪୪ ଗୋଟି ପ୍ରକଳ୍ପ ସ୍ଥାପିତ ହୋଇ ୫,୯୨୭ ହେକ୍ଟର ଖରିଫ ଜମି ପାଇଁ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଅଛି ।

୧୯୯୭-୯୮ ଆର୍ଥିକ ବର୍ଷରେ ୪୮.୦୦ କୋଟି ଟଙ୍କା ବ୍ୟୟରେ ୧,୩୪୨ ଟି ନୂତନ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ୨୦୦ ଟି କେ.ଏଫ୍. ଡବ୍ଲ୍ୟୁ., ଜର୍ମାନୀ ସହାୟତାରେ ଓ ଅବଶିଷ୍ଟ ପ୍ରକଳ୍ପ ଡି.ଆର.ଡି.ଏ. ନାବାର୍ଡ ତଥା ରାଜ୍ୟ ଯୋଜନା ବ୍ୟୟ ସହାୟତାରେ ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପଗୁଡିକ ନିର୍ମାଣ ହେଲେ ଖରିଫ୍ ଋତୁରେ ୩୧,୦୦୦ ଓ ରବି ଋତୁରେ ୧୮,୬୦୦ ହେକ୍ଟର ଅଧିକ ଜମି ଜଳସେଚିତ ହୋଇପାରିବ ।

## ୪. ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ

ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ୧୯୯୬ ମସିହା ଜାନୁୟାରୀ ମାସଠାରୁ ଜଳ ସମ୍ପଦ ବିଭାଗ ଅଧୀନକୁ ଆସିଅଛି । ଏହି କାର୍ଯ୍ୟକ୍ରମ ଜରିଆରେ ଭୂତଳ ଜଳ ସମ୍ପଦ ସର୍ବେକ୍ଷଣ ଓ ଅନୁସନ୍ଧାନ ସହିତ ଏହାର ଗୁଣାତ୍ମକମାନ ନିର୍ଣ୍ଣୟ କରାଯାଉଥାଏ । ଜାନୁୟାରୀ ୧୯୯୭ ସୁଦ୍ଧା ୪୨ ଟି ବ୍ଲକରେ ୧୪,୮୭୪.୫୬ ବର୍ଗ କି.ମି. ପରିମିତ ଅଞ୍ଚଳରେ ସର୍ବେକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ଏବଂ ୨୭୨ ଗୋଟି ପରୀକ୍ଷାମୂଳକ ଗର୍ଭକୂପ ଖନନ କରାଯାଇଛି । ବୈଜ୍ଞାନିକ ପଦ୍ଧତିରେ ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ସମ୍ପାଦନ ନିମିତ୍ତ ୧୪.୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ଜଳ ବିଜ୍ଞାନ ପ୍ରକଳ୍ପ (ହାଇଡ୍ରୋଲୋଜି ପ୍ରୋଜେକ୍ଟ) ବିଶ୍ୱ ବ୍ୟାଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଅଛି । ୧୯୯୭-୯୮ ଆର୍ଥିକ ବର୍ଷରେ ୫,୦୦୦ ବର୍ଗ କି.ମି. ଅଞ୍ଚଳରେ ଏହି କାର୍ଯ୍ୟ ସହିତ ୧୦୦ଟି ପରୀକ୍ଷାମୂଳକ ଗର୍ଭକୂପ ଖନନର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ୧୯୯୭-୯୮ ଆର୍ଥିକ ବର୍ଷରେ ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ ପାଇଁ ୨ କୋଟି ଟଙ୍କା ଓ ଭୂତଳ ଜଳ ବିଜ୍ଞାନ ପ୍ରକଳ୍ପ ନିମନ୍ତେ ୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ୫. ବନ୍ୟା ନିୟନ୍ତ୍ରଣ

ବନ୍ୟା, ବାତ୍ୟା ମରୁଡି ଓ ସାମୁଦ୍ରିକ ଜୁଆର ଆଦି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଓଡ଼ିଶା ପ୍ରତିବର୍ଷ କ୍ଷତିଗ୍ରସ୍ତ ହୋଇଥାଏ । ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ବନ୍ୟା ଦାଉରୁ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକ ସାମୁଦ୍ରିକ ଜୁଆର ପ୍ରକୋପରୁ ରକ୍ଷା କରିବା ପାଇଁ ୧୯୯୬-୯୭ ଆର୍ଥିକ ବର୍ଷରେ ୧୫ କୋଟି ଟଙ୍କା ରାଜ୍ୟ ଯୋଜନା ଅଧୀନରେ ବ୍ୟୟ ବରାଦ କରାଯାଇଥିଲା । ୧୯୯୬-୯୭ ବର୍ଷରେ ୨୮୦ ଟି ସ୍ଲୁଇସ୍, ୧,୭୭୨ ଟି ସ୍ପର ଏବଂ ୨୩୭ କି.ମି. ବନ୍ଧର ପଥର ପ୍ୟାଚିଙ୍ଗ ରକ୍ଷଣାବେକ୍ଷଣ କରାଯାଇଛି । ସେହିପରି ୧୯୯୭-୯୮ ଆର୍ଥିକ ବର୍ଷର ନଦୀବନ୍ଧ ଜଳ ନିଷ୍କାସନ ଓ ସାମୁଦ୍ରିକ କ୍ଷୟର ପ୍ରତିରୋଧ ପାଇଁ ୧୦.୦୦ କୋଟି ଟଙ୍କା

ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଛି । ଉପରୋକ୍ତ ଅର୍ଥରୁ ବନ୍ୟା ନିୟନ୍ତ୍ରଣ ପାଇଁ ୬.୧୦ କୋଟି, ଜଳ ନିଷ୍କାସନ ପାଇଁ ୦.୬୦ କୋଟି ଏବଂ ସାମୁଦ୍ରିକ କ୍ଷୟର ପ୍ରତିରୋଧ ପାଇଁ ୩.୩୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ଏହା ଫଳରେ ୬୪,୧୦୦ ହେକ୍ଟର ଭୂମି ବନ୍ୟା କ୍ଷୟକ୍ଷତିରୁ ରକ୍ଷା ପାଇପାରିବ । ୧୯୯୭-୯୮ ଆର୍ଥିକ ବର୍ଷରେ ସମ୍ବଲପୁର ସହରର ସୁରକ୍ଷା ପାଇଁ ଘେରିବନ୍ଧ କାର୍ଯ୍ୟ ଚାଲୁ ରହିବ । ଏତଦ୍‌ବ୍ୟତୀତ ଆସ୍କା, ଆନନ୍ଦପୁର, କେନ୍ଦ୍ରାପଡା ସହରକୁ ବନ୍ୟା କବଳରୁ ରକ୍ଷା କରିବା ନିମିତ୍ତ ଘେରିବନ୍ଧ, ଗୋବରୀ ନଦୀ ଉପରେ ଗଣ୍ଡାଗିଆ ସେତୁ ନିର୍ମାଣ, ଅସଂପୂର୍ଣ୍ଣ ଗଙ୍ଗକୁଣ୍ଡ କଟର କାର୍ଯ୍ୟକୁ ସଂପୂର୍ଣ୍ଣ କରିବା, ଭୁବନେଶ୍ୱର ସହରର ଜଳ ନିଷ୍କାସନ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଭାର୍ଗବୀ ନଦୀର ବାମପାର୍ଶ୍ୱ ବନ୍ଧର ଉନ୍ନତିକରଣ କାର୍ଯ୍ୟମାନ ହାତକୁ ନେବାର ପ୍ରସ୍ତାବ ଅଛି । ୧୯୯୭-୯୮ ଆର୍ଥିକ ବର୍ଷରେ ଭୁବନେଶ୍ୱର ସହରର ବର୍ଷା ଜଳ ନିଷ୍କାସନ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗକୁ ପ୍ରାପ୍ତ ୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ୬. ସେଚାଞ୍ଚଳ ଉନ୍ନୟନ ଯୋଜନା (CAD)

କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ସେଚନର ଜଳର ସୁବିନିଯୋଗ ଓ ସୁକ୍ଷମ ବଣ୍ଟନ ମାଧ୍ୟମରେ ସେଚ ଜଳକୁ ଅଧିକ ଜମିରେ ଉପଯୋଗ କରିବା ନିମନ୍ତେ ରାଜ୍ୟରେ ସେଚାଞ୍ଚଳ ଉନ୍ନୟନ ଯୋଜନା କାର୍ଯ୍ୟକ୍ରମ ୧୯୭୬-୭୭ ମସିହାରୁ ଆରମ୍ଭ କରାଯାଇଛି । ଉକ୍ତ ଯୋଜନା ବର୍ତ୍ତମାନ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଗଞ୍ଜାମ, ସମ୍ବଲପୁର, ବରଗଡ, ସୋନପୁର, ମାଲକାନଗିରି ଓ ନୁଆପଡ଼ା ଜିଲ୍ଲାର ୮୩ ଟି ବ୍ଲକରେ ୫ ଟି ଆଞ୍ଚଳିକ CAD ଜରିଆରେ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଶତକଡା ୫୦ ଭାଗ ଅର୍ଥ ଅନୁଦାନ ଆକାରରେ ଦିଅନ୍ତି ଏବଂ ରାଜ୍ୟ ସରକାର ଅବଶିଷ୍ଟ ୫୦ ଭାଗ ଅର୍ଥ ବହନ କରନ୍ତି । କେବଳ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟକ୍ରମ ଜନଜାତିଙ୍କ ଉପଯୋଜନା ଅନ୍ତର୍ଗତ ହୋଇଥିବାରୁ କେନ୍ଦ୍ର ସରକାର ଉକ୍ତ ଜିଲ୍ଲା ପାଇଁ ଖର୍ଚ୍ଚର ଶତକଡା ୭୫ ଭାଗ ବହନ କରନ୍ତି । ଅବଶିଷ୍ଟ ୨୫ ଭାଗ ରାଜ୍ୟ ସରକାର ବହନ କରନ୍ତି ।

୧୯୯୭-୯୮ ଆର୍ଥିକ ବର୍ଷରେ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ନିମନ୍ତେ ୮.୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । ତନ୍ମଧ୍ୟରୁ ୪.୩୦ କୋଟି ଟଙ୍କା କେନ୍ଦ୍ର ସରକାର ଅନୁଦାନ ଆକାରରେ ପ୍ରଦାନ କରିବେ ଏବଂ ଅବଶିଷ୍ଟ ୪.୦୦ କୋଟି ଟଙ୍କା ରାଜ୍ୟ ସରକାର ବହନ କରିବେ ।

## ୭. ଓଡ଼ିଶା ନିର୍ମାଣ ନିଗମ

ଓଡ଼ିଶା ନିର୍ମାଣ ନିଗମ ୧୯୬୨ ମସିହା ମଇ ୨୩ ତାରିଖରେ ପ୍ରତିଷ୍ଠିତ ହୋଇ ୧ କୋଟି ଟଙ୍କା ସ୍ୱୀକୃତିପ୍ରାପ୍ତ ମୂଳଧନରେ କାର୍ଯ୍ୟ ଆରମ୍ଭ କରିଥିଲା । ବର୍ତ୍ତମାନ ଏହି ନିଗମର ସ୍ୱୀକୃତିପ୍ରାପ୍ତ ମୂଳଧନ ୧୦ କୋଟି ଟଙ୍କାରେ ପହଞ୍ଚିଲାଣି । ୧୯୯୭-୯୮ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଅଂଶଧନ ବାବଦକୁ ୫୦ ଲକ୍ଷ ଟଙ୍କା ଦେବା ପାଇଁ ବ୍ୟୟ ବରାଦ କରାଯାଇଛି ।

ଏହି ନିଗମ ରାଜ୍ୟ ସରକାରଙ୍କର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ । ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବିଭିନ୍ନ ନିର୍ମାଣ କାର୍ଯ୍ୟ ବ୍ୟତୀତ ନାଲକୋ, ପାରାଦ୍ୱୀପ ବନ୍ଦର, ଦକ୍ଷିଣ-ପୂର୍ବ ରେଳପଥ, ଇବ୍ ତାପଜ ବିଦ୍ୟୁତ, ରାଉରକେଲା ଇସ୍ପାତ୍ କାରଖାନା ଓ ଜାତୀୟ ତାପଜ ବିଦ୍ୟୁତ୍ ନିଗମର ଅନେକ ଗୁଡ଼ିଏ କାର୍ଯ୍ୟ କରି ସୁନାମ ଅର୍ଜନ କରିଛି ।

ଓଡ଼ିଶା ନିର୍ମାଣ ନିଗମକୁ ଅଧିକ କାର୍ଯ୍ୟ ଦେବାପାଇଁ ସରକାର ବିହିତ ପଦକ୍ଷେପ ନେଉଛନ୍ତି ।

## (ଖ) କେନ୍ଦ୍ରୀୟ ଯୋଜନା

ମାଲକାନଗିରି ଜିଲ୍ଲାର ପୋଟରୁ ଜଳସେଚନ ପ୍ରକଳ୍ପ ୧୯୭୨-୭୩ ମସିହାଠାରୁ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ସହାୟତାରେ କାର୍ଯ୍ୟକାରୀ କରାଯାଉଅଛି । ଏହି ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେଲେ ୬୧,୩୦୪ ହେକ୍ଟର ଜମି ଜଳସେଚିତ ହୋଇପାରିବ । ୧୯୯୭-୯୮ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୧୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## (ଗ) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା

ରାଜ୍ୟର ସେଚାଞ୍ଚଳ ଉନ୍ନୟନ ଯୋଜନା (CAD) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଅନ୍ତର୍ଭୁକ୍ତ । ଉକ୍ତ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଶତକଡା ୫୦ ଭାଗ ଅର୍ଥ ଦେଉଥାନ୍ତି । ୧୯୯୬-୯୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏ ବାବଦରେ ୪.୩୦ କୋଟି ଟଙ୍କା ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷରେ ମଧ୍ୟ କେନ୍ଦ୍ର ସରକାରଙ୍କ ଦେୟ ବାବଦକୁ ୪.୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## (ଘ) ଆଦିବାସୀ ଉପଯୋଜନା

୧୯୯୫-୯୬ ମସିହା ଶେଷ ସୁଦ୍ଧା ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ଯୋଜନା ଦ୍ୱାରା ସେଚ ସାମର୍ଥ୍ୟ ସୃଷ୍ଟି ହୋଇଥିବା ମୋଟ ୧୦,୨୮,୧୭୦ ହେକ୍ଟର ଖରିଫ ଓ ୪,୪୫,୯୭୦ ହେକ୍ଟର ରବି ଜମି ମଧ୍ୟରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧,୪୫,୯୭୦ ହେକ୍ଟର ଖରିଫ ଓ ୬୮,୨୯୦ ହେକ୍ଟର ରବି ଜମି ପାଇଁ ସେଚ ସୁବିଧା ସୃଷ୍ଟି କରାଯାଇପାରିଛି । ୧୯୯୬-୯୭ ବର୍ଷରେ (୧୯୯୭ ଜୁନ୍ ସୁଦ୍ଧା) ଉଭୟ କେନ୍ଦ୍ର ଓ ରାଜ୍ୟ ଯୋଜନାଦ୍ୱାରା ଆଦିବାସୀ ବହୁଳ ଅଞ୍ଚଳରେ ପ୍ରାୟ ୨୭,୦୦୦ ହେକ୍ଟର ଖରିଫ୍ ଓ ୬,୫୦୦ ହେକ୍ଟର ରବି ଜମିରେ ସେଚ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ୧୯୯୭-୯୮ ବର୍ଷରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୮୧.୬୬ କୋଟି ଟଙ୍କା ବ୍ୟୟରେ ୩୩,୫୮୦ ହେକ୍ଟର ଖରିଫ ଓ ୩୮,୭୫୦ ହେକ୍ଟର ରବି ପାଇଁ ଅତିରିକ୍ତ ସେଚ ସୁବିଧା ସୃଷ୍ଟି କରାଯିବାର ପ୍ରସ୍ତାବ ଅଛି ।

# ନିର୍ମାଣ ବିଭାଗର ଅଗ୍ରଗତି



ରାଜ୍ୟର ପ୍ରାୟ ୧୫,୦୦୦ କି.ମି. ରାଜ୍ୟ ରାଜପଥ, ମୁଖ୍ୟ ଜିଲ୍ଲା ରାସ୍ତା ଓ ଅନ୍ୟାନ୍ୟ ଜିଲ୍ଲା ରାସ୍ତାଗୁଡିକର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ମାଣ ବିଭାଗ ଉପରେ ନ୍ୟସ୍ତ ଅଛି । କେନ୍ଦ୍ର ସରକାରଙ୍କ ଭୂତଳ ପରିବହନ ମନ୍ତ୍ରଣାଳୟ ତରଫରୁ ଏହି ବିଭାଗ ୧,୬୨୪ କି.ମି. ଦୀର୍ଘ ଜାତୀୟ ରାଜପଥର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ସଂପାଦନ କରି ଆସୁଅଛି । ଏହା ସହିତ ଦଇତାରିଠାରୁ ବଣ୍ଡିଖୋଲ ପର୍ଯ୍ୟନ୍ତ ତ୍ୱରିତ ରାଜପଥର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ନିର୍ମାଣ ବିଭାଗ ଦାୟିତ୍ୱରେ ଅଛି । ରାଜ୍ୟର ଅନ୍ୟ ପ୍ରଶାସନିକ ବିଭାଗଗୁଡିକର ରାଜ୍ୟ ମହକୁମା, ଜିଲ୍ଲା ସଦର ମହକୁମା ଓ ଅନ୍ୟାନ୍ୟ ସ୍ଥାନରେ କୋଠାବାଡି ନିର୍ମାଣର କାର୍ଯ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାନୁଯାୟୀ ଏହି ବିଭାଗ ସଂପାଦନ କରେ । ରାଜ୍ୟର ପ୍ରାୟ ୪୬ ଲକ୍ଷ ବର୍ଗମିଟର ମେଜିଆ ବିଶିଷ୍ଟ ଅଣଆବାସିକ କୋଠାବାଡି (ଯଥା ସରକାରୀ କାର୍ଯ୍ୟାଳୟ, ପ୍ରୟୋଗଶାଳ ଇତ୍ୟାଦି)ର ରକ୍ଷଣାବେକ୍ଷଣ କରେ । ଏହିସହିତ ପ୍ରାୟ ୪୮ ଲକ୍ଷ ବର୍ଗମିଟର ମେଜିଆ ବିଶିଷ୍ଟ ଆବାସିକ କୋଠାବାଡିର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ନିର୍ମାଣ ବିଭାଗ ଉପରେ ନ୍ୟସ୍ତ କରାଯାଇଛି । ମୁଖ୍ୟ ଯନ୍ତ୍ରୀ (ରାସ୍ତା), ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ) ଓ ମୁଖ୍ୟଯନ୍ତ୍ରୀ (କୋଠାବାଡି)ଙ୍କ ଉପରେ ଯଥାକ୍ରମେ ରାଜ୍ୟର ରାସ୍ତା, ଜାତୀୟ ରାଜପଥ ଓ କୋଠାବାଡିର କାର୍ଯ୍ୟ ନ୍ୟସ୍ତ କରାଯାଇଛି ।

ଅଧିକନ୍ତୁ, ମୁଖ୍ୟ ଯନ୍ତ୍ରୀ, ସେତୁ ଏବଂ ମୁଖ୍ୟ ଯନ୍ତ୍ରୀ, ବିଶ୍ୱବ୍ୟାଙ୍କ ପରିଯୋଜନା ଯଥାକ୍ରମେ ବିଶ୍ୱବ୍ୟାଙ୍କ ସହାୟତରେ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ ଓ ୪ ଆକ ବିଶିଷ୍ଟ ଭୁବନେଶ୍ୱର, କଟକ ରାସ୍ତା (ଜାତୀୟ ରାଜପଥ ନଂ ୫)ର ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି ।

ମୁଖ୍ୟ ଯନ୍ତ୍ରୀ (ନକ୍ସା, ଯୋଜନା ଓ ଅନୁସନ୍ଧାନ) ଓ ମୁଖ୍ୟ ଯନ୍ତ୍ରୀ (ଗବେଷଣା, ଉନ୍ନୟନ ଓ ମାନ ଉନ୍ନତି) ନିର୍ମାଣାଧୀନ ପ୍ରକଳ୍ପଗୁଡିକର ଗୁଣାତ୍ମକ ମାନ ନିର୍ଦ୍ଧାରଣ ନିମିତ୍ତ ରାସ୍ତା, ସେତୁ ଏବଂ କୋଠାବାଡିର କାରିଗରୀ ଜ୍ଞାନ କୌଶଳ ଚୂଡାନ୍ତ ହେବା ପର୍ଯ୍ୟନ୍ତ ଆବଶ୍ୟକ ସହାୟତା ପ୍ରଦାନ କରନ୍ତି ।

**ରାଜ୍ୟ ରାସ୍ତା**

ରାଜ୍ୟ ଯୋଜନା

ରାସ୍ତା ଉନ୍ନୟନ କାର୍ଯ୍ୟକ୍ରମ

୧୯୯୨-୯୩ ମସିହାଠାରୁ ଆରମ୍ଭ ହୋଇଥିବା ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କାଳରେ ରାସ୍ତା ଓ ସେତୁର ଉନ୍ନତିକରଣ ନିମିତ୍ତ ୨୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟୟ ଲକ୍ଷ୍ୟ ରଖାଯାଇଥିଲା ଏବଂ ସେଥିପାଇଁ ନିମ୍ନୋକ୍ତ ବାସ୍ତବ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

| | |
|---|---|
| (କ) ସେତୁ ନିର୍ମାଣ | ୧୩୫ ଗୋଟି |
| (ଖ) (ରାସ୍ତା) ଉନ୍ନତିକରଣ ସହିତ | |
| ୧. ମେଟାଲ ବିଛାଇବା | ୧,୧୨୪ କି.ମି. |
| ୨. ପିଚୁ କାମ | ୧,୧୨୪ କି.ମି. |
| ୩. ପ୍ରଶସ୍ତିକରଣ ଓ ଦୃଢ଼ୀକରଣ | ୨୨୪ କି.ମି. |

ଉପରୋକ୍ତ କାର୍ଯ୍ୟ ସଂକ୍ରାନ୍ତରେ ୧୯୯୫-୯୬ ମସିହାରେ ଶେଷ ପର୍ଯ୍ୟନ୍ତ ପ୍ରଥମ ଚାରିବର୍ଷର ବର୍ଷଓ୍ୱାରୀ ହାସଲ କରାଯାଇଥିବା ବାସ୍ତବ ଓ ଆର୍ଥିକ ସାଫଲ୍ୟ ସମ୍ବନ୍ଧେ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| କ୍ରମିକ | ଏକକ | ୧୯୯୨-୯୩ ପ୍ରଥମ ବର୍ଷ | ୧୯୯୩-୯୪ ଦ୍ୱିତୀୟ ବର୍ଷ | ୧୯୯୪-୯୫ ତୃତୀୟ ବର୍ଷ | ୧୯୯୫-୯୬ ଚତୁର୍ଥ ବର୍ଷ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୧. ରାସ୍ତା ଉନ୍ନୟନ କାର୍ଯ୍ୟକ୍ରମ ସହିତ ବହିଃ ସାହାଯ୍ୟ ପରିଯୋଜନାପାଇଁ ଯୋଜନା ଆବଣ୍ଟନ । | କୋଟି ଟଙ୍କା | ୪୧.୫୧ | ୬୮.୨୩ | ୯୫.୪୫ | ୧୦୩.୪୩ |
| ୨. ସେତୁ ସମାପ୍ତି ସଂଖ୍ୟା | | ୨୬ | ୩୧ | ୪୦ | ୧୮ |
| ୩. ମେଟାଲ ବିଛାଇବା (ସମାପ୍ତି) | କି.ମି | ୨୨୩.୦୦ | ୨୧୦.୪୯ | ୧୬୪.୦୬ | ୫୫.୧୮ |
| ୪. ପିଚୁକାର୍ଯ୍ୟ (ସମାପ୍ତି) | କି.ମି. | ୪୩୨.୦୦ | ୨୮୬.୨୨ | ୨୮୬.୫୪ | ୬୬.୫୧ |
| ୫. ପ୍ରଶସ୍ତିକରଣ ଓ ଦୃଢ଼ୀକରଣ | କି.ମି. | ୮୨.୧୯ | ୨୨.୦୬ | ୨୮.୦୧ | ୨.୬୧ |

**ଜନଜାତୀୟ ଉପଯୋଜନା**

୧୯୯୫-୯୬ ମସିହାରେ ସଂଶୋଧିତ ରାଜ୍ୟ ଯୋଜନା ବଜେଟ ଅଟକଳର ମୋଟ ପରିମାଣ ୧୦୩.୦୩ କୋଟି ଟଙ୍କା ମଧ୍ୟରୁ ୨୮.୯୨ କୋଟି ଟଙ୍କା ରାସ୍ତା ଉନ୍ନୟନ ପ୍ରକଳ୍ପ ନାବଦରେ ଆଦିବାସୀ/ଜନଜାତି

ଉପଯୋଜନା ଖର୍ଚ୍ଚ ପାଇଁ ବରାଦ କରାଯାଇଥିଲା । ଏହି ବରାଦ ପରିମାଣ ରାଜ୍ୟ ଯୋଜନା ଅଟକଳ (ସଡ଼କ ଉନ୍ନୟନ ପରିଯୋଜନା) ର ଶତକଡ଼ା ୨୮.୦୭ ପ୍ରତିଶତ ଅଟେ ।

### ବହିଃ ସାହାଯ୍ୟ ପରିଯୋଜନା

୧. ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତା ପରିଯୋଜନା

ଏ.ଡି.ବି.ର ସହାୟତାରେ ସମ୍ବଲପୁର-ରାଉରକେଲା ରାସ୍ତା (ରାଜ୍ୟ ରାଜପଥ ନଂ ୧୦)ର ଉନ୍ନତିକରଣ କରାଯାଉଛି । ଏହି ପରିଯୋଜନାରେ ସମୁଦାୟ ଅଟକଳ ୧୮୯.୩୫୩ କୋଟି ଟଙ୍କାରୁ ଓଡ଼ିଶା ସରକାରଙ୍କ ଅଂଶଧନ ସ୍ୱରୂପ ୮୨.୭୫୮ କୋଟି ଟଙ୍କା ଓ ଅବଶିଷ୍ଟ ୧୦୬.୫୯୫ କୋଟି ଟଙ୍କା ଏ.ଡି.ବି. ଠାରୁ ଋଣ ହିସାବରେ ମିଳିବ । ଆମେରିକା ଡଲାରର ଟଙ୍କା ସହିତ ବିନିମୟ ମୂଲ୍ୟରେ ବୃଦ୍ଧି ଘଟିଲେ ଉପରୋକ୍ତ ଟଙ୍କା ପରିମାଣରେ ପରିବର୍ତ୍ତନ ଘଟିପାରେ ।

ବର୍ତ୍ତମାନ ଏହି ପରିଯୋଜନା କାର୍ଯ୍ୟକାରୀ ହେଉଅଛି ଓ ଏହା ଅକ୍ଟୋବର ୧୯୯୬ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ ଅଛି । ଏହି କାର୍ଯ୍ୟରେ ୧୯୯୫-୯୬ ମସିହା ସୁଦ୍ଧା ୧୩୬.୨୯ କୋଟି ଟଙ୍କା ଖର୍ଚ୍ଚ ହୋଇଅଛି ।

୨. ବିଶ୍ୱବ୍ୟାଙ୍କ ସହାୟତା ପରିଯୋଜନା

୧୯୯୦ ମସିହା ନଭେମ୍ବର ମାସ ବନ୍ୟାରେ ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ହୋଇଥିବା ୬ ଟି ସେତୁର ପୁନଃ ନିର୍ମାଣ ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ କରାଯାଉଛି । ବିଶ୍ୱବ୍ୟାଙ୍କ ଦେବାକୁ ଥିବା ମୋଟ ୧୮.୧ ନିୟୁତ ଆମେରିକୀୟ ଡଲାର ସହାୟତାରେ ଏହି ପରିଯୋଜନାର ସଂଶୋଧିତ ଅଟକଳ ଅନୁସାରେ ୪୮.୯୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି ଓ ୧୯୯୫-୯୬ ମସିହା ଶେଷ ସୁଦ୍ଧା ୧୫.୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

### ୧୯୯୬-୯୭ ବାର୍ଷିକ ଯୋଜନା ଓ ଲକ୍ଷ୍ୟ

ନିମ୍ନଲିଖିତ ପରିଯୋଜନାଗୁଡ଼ିକର ବାସ୍ତବ ରୂପାୟନ ପାଇଁ ୧୯୯୬-୯୭ ବାର୍ଷିକ ଯୋଜନାରେ ସମୁଦାୟ ୧୨୩.୭୬ କୋଟି ଟଙ୍କା (ଏ.ଡି.ବି. ଓ ବିଶ୍ୱବ୍ୟାଙ୍କ ସହାୟତାକୁ ମିଶାଇ) ବ୍ୟୟ ବରାଦ କରାଯାଇଛି ।

(କ) ଚାଲୁରହିଥିବା ୧୪୧ ଟି ସେତୁ ଓ ଚଳିତ ବର୍ଷର ୫୭ଟି ନୂତନ ସେତୁ ମଧ୍ୟରୁ ୪୫ଟିର କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ।

(ଖ) ୨୯୫.୦୦ କି.ମି. ରାସ୍ତାର ପିଚୁ କାର୍ଯ୍ୟ;

(ଗ) ୨୯୫.୦୦ କି.ମି. ରାସ୍ତାରେ ମେଟାଲ୍ ବିଛା କାର୍ଯ୍ୟ;

(ଘ) ୩୬.୦୦ କି.ମି ରାସ୍ତାର ସଂପ୍ରସାରଣ ।

୧୯୯୬-୯୭ ବାର୍ଷିକ ଯୋଜନାରେ ମୋଟ ୧୨୩.୭୬ କୋଟି ଟଙ୍କା ଅଟକଳର ସଂପୂର୍ଣ୍ଣ ହିସାବ ପରିଶିଷ୍ଟ 'କ' ରେ ଦିଆଯାଇଛି ।



ଗତ ୧୯୯୫-୯୬ ବର୍ଷରେ ସଂପୂର୍ଣ୍ଣ ହୋଇଥିବା ସେତୁଗୁଡ଼ିକର ବିବରଣୀ ପରିଶିଷ୍ଟ 'ଖ' ରେ ଓ ଚଳିତ ବର୍ଷ ଶେଷ ହେବାକୁଥିବା ସେତୁଗୁଡ଼ିକର ବିବରଣୀ ପରିଶିଷ୍ଟ 'ଗ' ରେ ଦିଆଯାଇଛି ।

### କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା

(କ) ଆନ୍ତଃରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ପରିକଳ୍ପନା

ଏହି ପରିକଳ୍ପନା ଅଧୀନରେ ତିନୋଟି ପ୍ରକଳ୍ପ ହାତକୁ ନିଆଯାଇଥିଲା । ତନ୍ମଧ୍ୟରୁ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ବ୍ରାହ୍ମଣୀ ନଦୀ ଉପରେ ସେତୁ ଓ ଗୁଣୁପୁର-ବିଷମକଟକ ରାସ୍ତାରେ ବଂଶଧାରା ସେତୁ ଏବଂ ମହାନଦୀର ମୁଣ୍ଡଳିଠାରେ ଥିବା ଆନିକଟ ଉପରେ ଏକ ସେତୁ ନିର୍ମାଣ ଶେଷ ହୋଇଛି, ଯାହାକି ଭୁବନେଶ୍ୱରଠାରୁ ଜାତୀୟ ରାଜପଥ ୪୨ ର ଖୁର୍ଦ୍ଧାକୁ ଏକ ବିକଳ୍ପ ସଂଯୋଗକାରୀ ହେବ । ତନ୍ମଧ୍ୟରୁ ରେଢ଼ାଖୋଲ ବୌଦ୍ଧ ରାସ୍ତାର କିଆକଟା ଠାରେ ମଧ୍ୟ ମହାନଦୀ ଉପରେ ସେତୁ ନିର୍ମାଣ ପାଇଁ ଅନୁମୋଦିତ ହୋଇଛି । ଏହି କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ ଦ୍ୱାରା ଆରମ୍ଭ କରାଯାଇଛି ଓ ଏହା ୧୯୯୮-୯୯ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

(ଖ) କେନ୍ଦ୍ରୀୟ ସଡ଼କ ପାଣ୍ଠି ପରିଯୋଜନା

ଏହି ପରିଯୋଜନା ଅଧୀନରେ ନିମ୍ନୋକ୍ତ ତିନିଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

୧. ସମ୍ବଲପୁର-ରାଉରକେଲା ରାସ୍ତାରେ ସପେଇ ଉପରେ ସେତୁ ନିର୍ମାଣ ।

୨. ସେରଗଡ଼-ନୀଳଗିରି-କପ୍ତିପଦା-ଉଦଳା-ବାରିପଦା-ମେଦିନୀପୁର ସୀମା ରାସ୍ତାର ମାଧବଠାରେ କ୍ଷତିଗ୍ରସ୍ତ ହୋଇଥିବା ସେତୁର ପୁନଃ ନିର୍ମାଣ ।

୩. ସମ୍ବଲପୁର-ସୋନପୁର ରାସ୍ତାର ମହାନଦୀ ଉପରେ ସୋନପୁରଠାରେ ସେତୁ ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

(ଗ) ରେଳରାସ୍ତା ଉପରେ ଓଭର ବ୍ରିଜ୍

ନିର୍ମାଣ ବିଭାଗ ସାତଟି ଓଭର ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ତନ୍ମଧ୍ୟରୁ କଟକ, ବାଲେଶ୍ୱର, ସମ୍ବଲପୁର, ସତ୍ୟନଗର ଓ ବାପୁଜିନଗର (ଭୁବନେଶ୍ୱର) ଠାରେ ପାଞ୍ଚଟି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଯାଜପୁର ରୋଡ଼ ଏବଂ ରାୟଗଡ଼ା ଠାରେ ଅବଶିଷ୍ଟ ୨ କୋଟି ଓଭର ବ୍ରିଜ୍ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ।

ଏତଦ୍‌ବ୍ୟତୀତ କେସିଙ୍ଗା ଓ ଟିଟିଲାଗଡ଼ଠାରେ ନୂତନ ଓଭର ବ୍ରିଜ୍ ନିର୍ମାଣ ପାଇଁ ଶୀଘ୍ର ଆରମ୍ଭ କରାଯିବ ।

ଖାଉସୁରୁଡ଼ା ବାଇପାସ୍‌ଠାରେ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଓଭର ବ୍ରିଜ୍ ନିର୍ମାଣ ପାଇଁ ଓଡ଼ିଶା ସରକାର ସମୁଦାୟ ଅର୍ଥ ଜମା କରିଛନ୍ତି । ବର୍ତ୍ତମାନ ଏହି କାର୍ଯ୍ୟ ଚାଲୁରହିଅଛି ।

(ଘ) ଷ୍ଟ୍ରାଟେଜିକ୍ ଅପ୍‌ସନ୍ ଷ୍ଟଡି

ବିଶ୍ୱ ବ୍ୟାଙ୍କ ଋଣ ପ୍ରାପ୍ତି ନିମିତ୍ତ ଯାତାୟତ ଦୃଷ୍ଟିରୁ ଘନ ସାନ୍ଦ୍ରତା ଥିବା ରାସ୍ତାର ଉନ୍ନତିକରଣ ପାଇଁ ପରାମର୍ଶଦାତା ସଂସ୍ଥା ଦ୍ୱାରା ରାସ୍ତା ଚିହ୍ନଟକରଣ କାର୍ଯ୍ୟ କରାଯାଇଛି ଏବଂ ଆବଶ୍ୟକ ରିପୋର୍ଟ ବିଶ୍ୱ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କପାଖରେ ଦାଖଲ ହୋଇଛି । ବିଶ୍ୱ ବ୍ୟାଙ୍କ ଦ୍ୱାରା ଉକ୍ତ ରିପୋର୍ଟ ଗୃହୀତ ହେବା ପରେ ପରାମର୍ଶଦାତାଙ୍କ ମାଧ୍ୟମରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ହେବ ଏବଂ ପରିଶେଷରେ ଏକ ହଜାର କି.ମି. ଦୈର୍ଘ୍ୟର ରାସ୍ତା ବିଶ୍ୱ ବ୍ୟାଙ୍କ ଋଣ ସହାୟତା ପାଇଁ ଚିହ୍ନଟ ହେବ ।

## ଜାତୀୟ ରାଜପଥ

ଓଡ଼ିଶାରେ ସମୁଦାୟ ୧୬୨୪ କି.ମି. ଦୀର୍ଘ ଜାତୀୟ ରାଜପଥ ଅଛି ଏବଂ ବିଗତ ୨୦ ବର୍ଷ ହେଲା ଏଥିରେ ବୃଦ୍ଧି ଘଟିନାହିଁ । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାକାଳରେ ନିମ୍ନୋକ୍ତ ରାସ୍ତାଗୁଡ଼ିକୁ ଜାତୀୟ ରାଜପଥ ରୂପେ ବିବେଚନା କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହି ପରିପ୍ରେକ୍ଷିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କେନ୍ଦ୍ରର ଭୂତଳ ପରିବହନ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରସ୍ତାବିତ ରାସ୍ତାଗୁଡ଼ିକର ନାମ ନିମ୍ନରେ ଉଲ୍ଲେଖ କରାଗଲା ।

(୧) ଗୋପାଳପୁର ବନ୍ଦରଠାରୁ ରାୟପୁର ଭାୟା ବ୍ରହ୍ମପୁର-ଆସ୍କା-ଦାରିଙ୍ଗବାଡ଼ି-ବାଲିଗୁଡ଼ା-ତୁମୁଡ଼ିବନ୍ଧ-ରାମପୁର-ଅମତ-ନୂଆପଡ଼ା - ସମୁଦାୟ ୪୩୬ କି.ମି. ରାସ୍ତାରେ ୧୯୬.୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ ।

(୨) ପାଣିକୋଇଲିରୁ ରାଉରକେଲା ଭାୟା କେନ୍ଦୁଝର-ବଡ଼ବିଲ-କୋଇରା-ରାଜାମୁଣ୍ଡା- ସମୁଦାୟ ୨୮୫ କି.ମି. ରାସ୍ତାରେ ୧୦୨.୨୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ ।

(୩) ଭୁବନେଶ୍ୱର ଠାରୁ ପୁରୀ, ସମୁଦାୟ ୬୦ କି.ମି. ରାସ୍ତାରେ ୮୫.୨୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ ।

(୪) ବାଲେଶ୍ୱରଠାରୁ ଲକ୍ଷ୍ମଣନାଥ (କେବଳ ଓଡ଼ିଶା ସୀମା ପର୍ଯ୍ୟନ୍ତ), ସମୁଦାୟ ୫୨ କି.ମି. ରାସ୍ତାରେ ୬୮.୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ । (ପଶ୍ଚିମବଙ୍ଗ ସରକାର ତାଙ୍କ ସରହଦଠାରୁ କାର୍ଯ୍ୟ କରିବେ) ।

ଭୁବନେଶ୍ୱର-କଟକ-ଜଗତପୁର ସେକ୍‌ସନ୍‌କୁ ଚାରିଲେନ୍ ବିଶିଷ୍ଟ କରିବା ସହିତ ଏହି ରାସ୍ତାରେ ଛଅଟି ବୃହତ ସେତୁର ନିର୍ମାଣ କାର୍ଯ୍ୟ ବିଶ୍ୱ ବ୍ୟାଙ୍କ ସହାୟତାରେ ଆଗେଇ ଚାଲିଛି ।

ଜଗତପୁର ଚଣ୍ଡିଖୋଲ ଦୁଇ ଲେନ୍ ରାସ୍ତାକୁ ଚାରିଲେନ ବିଶିଷ୍ଟ କରିବା ପାଇଁ ଭାରତ ସରକାରଙ୍କ ଅନୁମୋଦନ ଲାଭ କରିଛି । ଏଥିପାଇଁ ପ୍ରକଳ୍ପ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକୁ ଜାପାନର ଓ.ଇ.ସି.ଏଫ୍. ମିଶନ୍ ଆର୍ଥିକ ସହାୟତା ଯୋଗାଇବେ । ଏଥିରେ ୧୨୩.୭୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି ।

## ଅଣଯୋଜନା

ରାସ୍ତା ଓ ଗୃହର ମରାମତି ଓ ରକ୍ଷଣାବେକ୍ଷଣର ଖର୍ଚ୍ଚ ଅଣଯୋଜନା ବ୍ୟୟ ବରାଦରୁ କରାଯାଇଥାଏ ।

ରାଜ୍ୟର ପୂର୍ତ୍ତ ବିଭାଗ ୧୩,୫୮୪ କି.ମି. ରାସ୍ତାର ରକ୍ଷଣାବେକ୍ଷଣ କରନ୍ତି । ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

| | ଦୈର୍ଘ୍ୟ (କି.ମି.) |
|---|---|
| ରାଜ୍ୟ ରାଜପଥ | ୪,୦୮୩ |
| ମୁଖ୍ୟ ଜିଲ୍ଲା ରାସ୍ତା | ୫,୦୩୨ |
| ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୪,୪୬୯ |
| ମୋଟ | ୧୩,୫୮୪ |

ଦଶମ ଅର୍ଥ କମିଶନମାନଙ୍କ (Norm) ଅନୁସାରେ ଉପରୋକ୍ତ ରାସ୍ତାଗୁଡ଼ିକର ରକ୍ଷଣବେକ୍ଷଣ ପାଇଁ ୧୦୪.୮୪ କୋଟି ଟଙ୍କା ଆବଶ୍ୟକ ଥିବା ସ୍ଥଳେ ୫୬.୧୪ କୋଟି ଟଙ୍କା ପାଇଁ ୧୯୯୬-୯୭ ବଜେଟ ଅଟକଳରେ ପ୍ରସ୍ତାବ ଦିଆଯାଇଛି । ଏହା ମୋଟ ଆବଶ୍ୟକତାର ୫୩.୫ ପ୍ରତିଶତ ଅଟେ ।

### କୋଠା ମରାମତି

ନିର୍ମାଣ ବିଭାଗ ପ୍ରାୟ ୪୭ ଲକ୍ଷ ବର୍ଗମିଟର ମେଜିଆ ବିଶିଷ୍ଟ ଅଣଆବାସିକ ଓ ପ୍ରାୟ ୪୮ ଲକ୍ଷ ବର୍ଗମିଟର ମେଜିଆ ବିଶିଷ୍ଟ ଆବାସିକ କୋଠାବାଡ଼ିର ଉପଯୁକ୍ତ ରକ୍ଷଣାବେକ୍ଷଣ କରୁଛନ୍ତି । ଅର୍ଥ କମିଶନମାନଙ୍କ ଅନୁଯାୟୀ ଏହି କୋଠାବାଡ଼ିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ୮୦.୦୦ କୋଟି ଟଙ୍କା ଆବଶ୍ୟକ ହେଉଥିବା ସ୍ଥଳେ ୧୯୯୬-୯୭ ଆର୍ଥିକ ବର୍ଷରେ ନିର୍ମାଣ ବିଭାଗର ବ୍ୟୟ ଅଟକଳରେ ୩୮.୨୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଆବଶ୍ୟକତାର ୪୮ ପ୍ରତିଶତ ମାତ୍ର ।

### ପରିଶିଷ୍ଟ 'ଚ'

(ଟଙ୍କା ଲକ୍ଷରେ)

| | | |
|---|---|---|
| (କ) ସେତୁ | | |
| ରାଜ୍ୟ ରାଜପଥ | ୨୩୪୦.୮୦ | ୨୮୧୩.୦୦ |
| ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୫୪୭୨.୨୦ | |
| (ଖ) ରାସ୍ତା | | |
| ରାଜ୍ୟ ରାଜପଥ | ୩୭୮୩.୦୦ | [illegible] |
| ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୭୫୦.୦୦ | |
| (ଗ) ବିବିଧ ବ୍ୟୟ | | |
| ୧. ସର୍ବେକ୍ଷଣ ଓ ଅନୁସନ୍ଧାନ | ୧୦.୦୦ | |
| ୨. ଡାକ ବଙ୍ଗଳାଗୁଡ଼ିକର ପୁନରୁଦ୍ଧାର | ୧୫.୦୦ | |
| ୩. କୋର୍ଟ ଫଏସଲା ବାବଦ ଦେୟ | ୨.୦୦ | |
| ୪. ଯଥାନୁପାତ ଅଂଶ | | |

| | | |
|---|---|---|
| (କେନ୍ଦ୍ର ଯୋଜନା/କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା) | ୧୦.୦୦ | |
| ୫. ବିଭାଗୀୟ କୋଠାବାଡ଼ି | ୫୫.୦୦ | |
| ୬. ଯୋଜନା ଓ ଗବେଷଣା | ୧୦.୦୦ | |
| ୭. ଯନ୍ତ୍ରାଂଶ ଓ ସାମଗ୍ରୀ | ୫.୦୦ | |
| ୮. ରେଳ ନିରାପତ୍ତା ନିର୍ମାଣ ପାଇଁ (ପ୍ରହରୀବିହୀନ ଲେଭଲକ୍ରସିଂ) | ୩.୦୦ | |
| ୯. ବନ୍ୟା କ୍ଷତିଗ୍ରସ୍ତ ସେତୁର ପୁନଃସ୍ଥାପନ | ୨୫.୦୦ | |
| ୧୦. ବିଭାଗୀୟ ଆବାସିକ କୋଠାବାଡ଼ି | ୧୦.୦୦ | |
| ୧୧. ଷ୍ଟ୍ରାଟେଜିକ୍ ଅପ୍‌ସନ ଷଡି | ୩୦.୦୦ | |
| ୧୨. ଅନ୍ୟାନ୍ୟ ସେତୁ ପ୍ରକଳ୍ପ | ୫୦.୦୦ | |
| ମୋଟ | ୨୩୦.୦୦ | ୨୩୦.୦୦ |
| ସର୍ବମୋଟ (କ, ଖ ଓ ଗ) | ୧୨,୩୭୬.୦୦ | |

## ପରିଶିଷ୍ଟ 'ଖ'

୧୯୯୫-୯୬ ମସିହାରେ ସଂପୂର୍ଣ୍ଣ ହୋଇଥିବା ସେତୁର ବିବରଣୀ

| କ୍ରମିକ ସଂଖ୍ୟା (୧) | ସଂପୂର୍ଣ୍ଣ ହୋଇଥିବା ସେତୁର ନାମ (୨) |
|---|---|
| ୧. | କୁସୁମୀ-ବଡବାହାଲ-ଖୁଣ୍ଟୁଗୁଡା ରାସ୍ତାରେ ଖରଲା ନାଳ ଉପରେ ସେତୁ ନିର୍ମାଣ (ଦେଓଗଡ଼) । |
| ୨. | ମାଧପୁର-ବୌଦ-ମନମୁଣ୍ଡା ରାସ୍ତାରେ ଲକ୍ଷ୍ମୀ ନାଳ ଉପରେ ସେତୁ ନିର୍ମାଣ (ଫୁଲବାଣୀ) । |
| ୩. | ବୀରମିତ୍ରପୁର ବାଦାବାଡି ପୁରୁଣାପାଣି ନୂଆଗାଁ ରାସ୍ତାରେ ଦେଓ ନଦୀ ଉପରେ ସେତୁ ନିର୍ମାଣ (ସୁନ୍ଦରଗଡ) । |
| ୪. | ତାରପୁରରେ ମହାନଦୀ ଉପରେ ସେତୁ ନିର୍ମାଣ (ଜଗତସିଂହପୁର) । |
| ୫. | ଯାଜପୁର-ଚଂପୁଆ ରାସ୍ତାରେ ୫୧.୦୦ କି.ମି. ଠାରେ ମୁହାଣ ସେତୁ ନିର୍ମାଣ(କେଉଁଝର) । |
| ୬. | ଅନୁଗୁଳ-ଟିକରପଡା ରାସ୍ତାରେ ୫୧.୦୦ ୨୮ କି.ମି.ଠାରେ ଭାଲପଡା ନାଳ ଉପରେ ଉଚ୍ଚସେତୁ (ଏଚ୍.ଏଲ୍.ବ୍ରିଜ୍) ନିର୍ମାଣ (ଅନୁଗୁଳ) । |
| ୭. | ନିମାପଡା-ବଲଙ୍ଗା-ସାତଶଙ୍ଖ ରାସ୍ତାରେ ଧନୁଆ ନଦୀ ଉପରେ ସେତୁ ନିର୍ମାଣ (ପୁରୀ) । |
| ୮. | ବୀରହରେକୃଷ୍ଣପୁର-କାଳିଗୁଆଳି ରାସ୍ତାର କାଂଚିକଟ୍ଠାରେ ସେତୁ ନିର୍ମାଣ (ପୁରୀ) । |
| ୯. | ବୀରହରେକୃଷ୍ଣପୁର-କାଳିଗୁଆଳି ରାସ୍ତାରେ ଗଦାଧର ସେତୁ ନିର୍ମାଣ (ପୁରୀ) । |
| ୧୦. | ମହୁଲପାଲୀ-କୁରେଇ ରାସ୍ତାରେ ଘୋଡାପେଟା ନାଳ ଉପରେ ସେତୁ ନିର୍ମାଣ (ଦେବଗଡ) । |
| ୧୧. | ଅସନଯୋଡି-ଯାଇବଣୀ ରାସ୍ତାରେ ସରକୀଠାରେ ସେତୁ ନିର୍ମାଣ (ମୟୂରଭଞ୍ଜ) । |
| ୧୨. | ମହାନଦୀ ଉପରେ ମୁଣ୍ଡଳୀଠାରେ ସେତୁ ନିର୍ମାଣ (କଟକ) । |
| ୧୩. | ଖଇରା ରାସ୍ତାର ଗୋବରୀ ଡ୍ରେନଲକ୍‌କଟ୍ଠାରେ ସେତୁ ନିର୍ମାଣ (ଜଗତସିଂହପୁର) । |
| ୧୪. | ବଡପୋଖରୀଆ-କମାଗୁରୁ-ହଲ୍ ରାସ୍ତାରେ ଟାଂକୋଲଠାରେ ମଲାଗୁଣୀ (ମହାକିନୀ) ନଦୀ ଉପରେ ଉଚ୍ଚସେତୁ (ଏଚ୍.ଏଲ୍.ବ୍ରିଜ୍) ନିର୍ମାଣ (ଖୋର୍ଦ୍ଧା) । |
| ୧୫. | ବସ୍ତା-ବାଲିଆପାଳ ରାସ୍ତାର ୧୦ କି.ମି. ଠାରେ ସିଂଗଲାନାଳ ଉପରେ ସେତୁ ନିର୍ମାଣ (ବାଲେଶ୍ୱର) । |
| ୧୬. | କେ.ଏଲ୍. ଆର. ରାସ୍ତାର ୬୨ କି.ମି. ଠାରେ ବୁରୁଜନାଳ ଉପରେ ସେତୁ ନିର୍ମାଣ (କୋରାପୁଟ) । |
| ୧୭. | ରାଉରକେଲା-ବଡବିଲ ରାସ୍ତାରେ ଅଣଓସାରିଆ ସେତୁର ପୁନଃସ୍ଥାପନ (ସୁନ୍ଦରଗଡ) । |
| ୧୮. | ଚିତ୍ରକୋଣ୍ଡା-ଜାନବୀ ରାସ୍ତାର ସରେଭପାଲ ନାଳ ଉପରେ କ୍ଷୁଦ୍ର ସେତୁ ନିର୍ମାଣ (ମାଲ୍‌କାନଗିରି) । |

## ପରିଶିଷ୍ଟ 'ଗ'

୧୯୯୬-୯୭ ବର୍ଷରେ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖିଥିବା ସେତୁଗୁଡିକର ନାମ :

| ଜିଲ୍ଲା (୧) | କ୍ରମିକ ସଂଖ୍ୟା (୨) | କାର୍ଯ୍ୟର ନାମ (୩) |
|---|---|---|
| ବାଲେଶ୍ୱର | ୧ | ରେମୁଣା-ଦୁର୍ଗାଦେବୀ ରାସ୍ତାରେ ସୋନୋ ନଦୀ ଉପରେ ଉଚ୍ଚ ସେତୁ(ଏଚ୍.ଏଲ୍.ବ୍ରିଜ୍) ନିର୍ମାଣ । |
| | ୨ | ମିତ୍ରପୁର-ବର୍ଣ୍ଣିତା ରାସ୍ତାରେ ଘାଗରା ନଦୀ ଉପରେ ସେତୁ ନିର୍ମାଣ । |
| | ୩ | ଓଡ଼ିଶା ଟ୍ରଙ୍କ ରୋଡ଼ରେ ବର୍ଣ୍ଣିକା ନାଳ ଉପରେ ସେତୁ ପୁନଃ ନିର୍ମାଣ । |
| କଟକ | ୪ | କଟକ-ଗୋବିନ୍ଦପୁର-ବାଙ୍କି ରାସ୍ତାରେ ରଣା ନଦୀ ଉପରେ ସେତୁ ନିର୍ମାଣ । |
| | ୫ | କଇଁଥ-ଚମ୍ପାପୁର ନିକଟସ୍ଥ ଛତିଆ-ସାଲେପୁର ରାସ୍ତାରେ ସାଳଗେଗୁଟି ନଦୀ ଉପରେ ସେତୁ ନିର୍ମାଣ । |
| | ୬ | କଟକ-ଗୋବିନ୍ଦପୁର-ବାଙ୍କୀ ରାସ୍ତାର ବାଲିକୁଦାଠାରେ କୁଆଖାଇ ନଦୀ ଉପରେ ସେତୁ ନିର୍ମାଣ । |
| | ୭ | ନରସିଂହପୁର-ହିନ୍ଦୋଳ ରାସ୍ତାର ବିତଆଡ଼ି ନାଳ ଉପରେ ସେତୁ ନିର୍ମାଣ । |
| | ୮ | ନରସିଂହପୁର-ହିନ୍ଦୋଳ ରାସ୍ତାର ହାତୁଆ ନାଳ ଉପରେ ସେତୁ ନିର୍ମାଣ । |
| | ୯ | ବାଗଲପୁର-ସାଇଲୋ-ଝାରପଡା ରାସ୍ତାର ଟେଲିଯୋଡ଼ି ନାଳ ଉପରେ ସେତୁ ନିର୍ମାଣ । |
| ଗଜପତି | ୧୦ | ଅଡବା-ପାଣିଗଣ୍ଡା ରାସ୍ତାର ୧୨/୦ କି.ମି. ଠାରେ ନନ୍ଦୀନି ନାଳ ଉପରେ ସେତୁ ନିର୍ମାଣ । |
| ଯାଜପୁର | ୧୧ | ଯାଜପୁର-କେନ୍ଦୁଝର ସଂଯୋଗକାରୀ ରାସ୍ତାର ରେଳରାସ୍ତା ଉପରେ ଓଭରବ୍ରିଜ୍ ନିର୍ମାଣ । |

୧୨ ବଡଚଣା-ଦର୍ପଣୀ ରାସ୍ତାର ଖରରାଗାଁ ନିକଟସ୍ଥ ଏଚ.ଏଲ. କେନାଲ ଉପରେ ଥିବା କାଠ ପୋଲ ସ୍ଥାନରେ କଂକ୍ରିଟ ସେତୁର ପୁନଃ ସ୍ଥାପନ ।

କେନ୍ଦ୍ରାପଡା ୧୩ ଗରଦପୁର ଡାକବଙ୍ଗଳାଠାରୁ କେନ୍ଦ୍ରାପଡା ରାସ୍ତାରେ ଥିବା ସାତ ଭଉଁରିଆ ଘାଟଠାରେ ଗୋବରୀ ନଦୀ ଉପରେ ଉଚ୍ଚ ସେତୁ (ଏଚ.ଏଲ୍. ବ୍ରିଜ୍) ନିର୍ମାଣ ।

କେନ୍ଦୁଝର ୧୪ ଯାଜପୁର-ଚମ୍ପୁଆ ମୁଖ୍ୟରାସ୍ତାର ୫୮ କି.ମି. ଠାରେ ମୁସଳ ନଦୀ ଉପରେ ଭଗ୍ନ ସେତୁର ପୁନଃ ନିର୍ମାଣ ।

ଜଗତସିଂହପୁର ୧୫ ଏରସମା-ଅମ୍ବିକି ରାସ୍ତାର ନଗରୀଘାଟ ଠାରେ ବୁଡା ସେତୁର ନିର୍ମାଣ ।

୧୬ ଜଗତ୍‌ସିଂହପୁର-ରଘୁନାଥପୁର-ସିର୍‌ଲୋ ନୂଆଗାଁ ରାସ୍ତାର ହଂସୁଆ ନଦୀ ଉପରେ ସେତୁ ନିର୍ମାଣ ।

୧୭ ଗଳୁପଡା-ମହାସାଣୀ ରାସ୍ତାର ୪ କି.ମି. ଠାରେ ଗୋବରୀ ନାଳ ଉପରେ ସେତୁ ନିର୍ମାଣ ।

୧୮ ନୂଆଗାଁ -ତେଲସରା ରାସ୍ତାରେ ଗୋବରୀ ଡ୍ରେନେଜ୍ କଟର କୋରିକ୍ ଉପରେ ସେତୁ ନିର୍ମାଣ ।

୧୯ ଖଇରା ରାସ୍ତାର ଗୋବରୀ ଡ୍ରେନେଜ୍ ଉପରେ ଗୋପାଳପୁର ସେତୁ ନିର୍ମାଣ ।

କଳାହାଣ୍ଡି ୨୦ ନରଲା-ରୂପରା-ପାଲମ ରାସ୍ତାର ୨୬ କି.ମି. ଠାରେ ମଲାଣ୍ଡି ଯୋର ଉପରେ ଭେଣ୍ଟେଡ୍ କଜ୍‌ୱେ ନିର୍ମାଣ ।

ଖୋର୍ଦ୍ଧା ୨୧ ବଡପୋଖରିଆ-କମାଗୁରୁ-ହବ ରାସ୍ତାର ୧୦ କି.ମି. ଠାରେ ମନ୍ଦାକିନୀ (ମଲାଗୁଣୀ ନାଳ) ଉପରେ ଟାଙ୍ଗୋଳ ଠାରେ ଉଚ୍ଚ ସେତୁ ନିର୍ମାଣ ।

୨୨ ସରପାରୀ-ଛଣଗିରୀ ରାସ୍ତାର ମନ୍ଦାକିନୀ ନାଳ ଉପରେ ଉଚ୍ଚ ସେତୁ ନିର୍ମାଣ ।

୨୩ ଭୁବନେଶ୍ୱରସ୍ଥ ୫ ନମ୍ବର ଜାତୀୟ ରାଜପଥଠାରୁ ସୈନିକ ସ୍କୁଲ ରାସ୍ତାରେ ପ୍ରୁଫ୍‌ଡ୍ରାଫ୍ଟ ଇନଷ୍ଟିଚ୍ୟୁଟ ନିକଟରେ ଭଗ୍ନ ସେତୁର ପୁନଃ ନିର୍ମାଣ ।

ନୟାଗଡ ୨୪ ଗଣିଆ-ସଦାମୂଳ-କୁଟୁରି ରାସ୍ତାର ୪ କି.ମି. ଠାରେ ଖଳଖଳା ନାଳ ଉପରେ ସେତୁ ନିର୍ମାଣ ।

ପୁରୀ ୨୫ ନୂଆ ଜଗନ୍ନାଥ ସଡକରେ ଲୁଣା ନଦୀ ଉପରେ ସେତୁ ନିର୍ମାଣ ।

ମୟୂରଭଞ୍ଜ ୨୬ ବହଳଦା-ଦୁଣ୍ଡୁଚପଟା ରାସ୍ତାରେ ଖଡକାଇ ଉପରେ ସେତୁ ନିର୍ମାଣ ।

୨୭ ଗୋରୁ ମହିଷାଣି-ରାଇରଙ୍ଗପୁର ରାସ୍ତାରେ ସୁନନ ନଦୀ ଉପରେ ସେତୁ ନିର୍ମାଣ ।

୨୮ ପାଇଡଣୀ-ଅସନଯୋଡି ରାସ୍ତାରେ ଚରାଚୀ ନଦୀ ଉପରେ ସେତୁ ନିର୍ମାଣ ।

୨୯ କେ. ଟି.ଏସ୍.ଏ. ରାସ୍ତାର ୫୨ କି.ମି. ଠାରେ ଡ୍ରେନ୍ନାନାଳ ଉପରେ ସେତୁ ନିର୍ମାଣ ।

ରାୟଗଡା ୩୦ ରାୟଗଡା ଜିଲ୍ଲାର ରାୟଗଡାଠାରେ ରେଳ ରାସ୍ତା ଉପରେ ଓଭରବ୍ରିଜ୍ ନିର୍ମାଣ ।

ସମ୍ବଲପୁର ୩୧ ସିନ୍ଦୁରପଙ୍କ-ସମାସିଂଘ ରାସ୍ତାରେ ଭେଡେନ୍ ନଦୀ ଉପରେ ସେତୁ ନିର୍ମାଣ ।

୩୨ ରାମପୁର-ବାମରା ରାସ୍ତାର ୩୧ କି.ମି. ଠାରେ ଟିକରା ନାଳ ଉପରେ ସେତୁ ନିର୍ମାଣ ।

ବୌଦ୍ଧ ୩୩ ଫୁଲବାଣୀ-ଟିକରପଡା ରାସ୍ତାରେ ବାଇସିପଡା ନାଳ ଉପରେ ବୁଡାସେତୁ ନିର୍ମାଣ ।

୩୪ ଏମ୍.ବି.ଏମ. ରାସ୍ତାର ୭/୪-୬ କି.ମି. ଠାରେ ଆଁଡନିଗଡ ନାଳ ଉପରେ କ୍ଷୁଦ୍ର ସେତୁ ନିର୍ମାଣ ।

୩୫ ଫୁଲବାଣୀ-ଟିକରପଡା ରାସ୍ତାର ୩୭/୨ କି.ମି. ଠାରେ ବାଘ ଛାପରା ନାଳ ଉପରେ ବୁଡା ସେତୁ ନିର୍ମାଣ ।

ଗଞ୍ଜାମ ୩୬ କୋଦଲା-ଛଷିପଡା ରାସ୍ତାର ୦/୨-୩ କି.ମି. ଠାରେ ଜଗତ ନାଳ ଉପରେ ସେତୁ ନିର୍ମାଣ ।

୩୭ କେ.ବି.ଏ. ରାସ୍ତା (ଜଗତନାଳ)ର ୨୦/୧ କି.ମି. ଠାରେ କ୍ଷୁଦ୍ର ସେତୁ ପୁନଃ ନିର୍ମାଣ ।

୩୮ ଇଛାପୁର-ସାର୍ଙ୍ଗିଆପଲ୍ଲୀ-ଯୋରଣ୍ଡା ରାସ୍ତାର ୩/୦ କି.ମି. ଠାରେ କ୍ଷୁଦ୍ର ସେତୁ ନିର୍ମାଣ ।

୩୯ - ବାଲିପଦର-ବେଲଗୁଣ୍ଠା ରାସ୍ତାର ୨ କି.ମି. ଠାରେ କ୍ଷୁଦ୍ର ସେତୁ ପୁନଃ ନିର୍ମାଣ ।

୪୦ ବାଲିପଦର-ବେଲଗୁଣ୍ଠା ରାସ୍ତାର ୧ କି.ମି ଠାରେ ସ୍ଲାପ୍ ପ୍ଲେଟ୍ ଡେକ୍ କି ଦ୍ୱାରା କ୍ଷୁଦ୍ର ସେତୁର ପୁନଃ ନିର୍ମାଣ ।

୪୧ ବୁଢାମ୍ବ-ବୁଗୁଡା ରାସ୍ତାର ୨ କି.ମି.ଠାରେ କ୍ଷୁଦ୍ର ସେତୁର ନିର୍ମାଣ ।

୪୨ ସୁବଳୟା ଦେଇ ଏ.କେ. ରାସ୍ତାଠାରୁ ପୋଲସରା ଯାଉଥିବା ରାସ୍ତାର ୧୩ କି.ମି. ଠାରେ ଭଗ୍ନ ଭେଣ୍ଟେଡ୍ କଜ୍‌ୱେର ପୁନଃ ନିର୍ମାଣ ।

୪୩ ରମ୍ଭା-ଖଣ୍ଡଦେଉଳି ରାସ୍ତାର ୮/୯ କି.ମି. ଠାରେ କ୍ଷୁଦ୍ର ସେତୁର ପୁନଃ ନିର୍ମାଣ ।

୪୪ ଭେଜିପୁଟ-କଣ୍ଟଣା ରାସ୍ତାର ୨୩/୦ କି.ମି. ଠାରେ କ୍ଷୁଦ୍ର ସେତୁର ପୁନଃ ନିର୍ମାଣ ।

୪୫ ଦିଗପହଣ୍ଡି-ଘୋଡାହାଡ ରାସ୍ତାର ୧୬/୯୫୦ କି.ମି. ଠାରେ ଭଗ୍ନ ସେତୁର ପୁନଃ ନିର୍ମାଣ ।

—0—

# ଆଦିବାସୀ ଉନ୍ନୟନରେ ଜଙ୍ଗଲ ପରିଚାଳନା

ଶ୍ରୀ ଜାନକୀ ବଲ୍ଲଭ ଦାଶ

**ଖ୍ରୀ**ଷ୍ଟପୂର୍ବ ୫୦୦୦ ବେଳକୁ ସମଗ୍ର ଭାରତୀୟ ଉପମହାଦେଶଟି ଶିକାରୀ ଏବଂ ଖାଦ୍ୟ ସଂଗ୍ରହକାରୀ ଅଧ୍ୟୁଷିତ ଅଂଚଳରେ ପରିଣତ ହୋଇଥିଲା । ସେଇମାନେହିଁ ଆଜିର ଆଦିବାସୀ ନାମରେ ପରିଚିତ । ସେମାନଙ୍କର ଧର୍ମ, ପ୍ରଥା, ପରଂପରା, ଚାଲିଚଳଣ ଏବଂ ଲୋକକଥା ଗୁଡ଼ିକ ପ୍ରକୃତି ସହ ଜଡ଼ିତ । ପ୍ରକୃତିର ତାଳେ ତାଳେ ଆଦିବାସୀମାନେ ନିଜର ଜୀବନ ବିତାଉଥାନ୍ତି । ଜଙ୍ଗଲ ଓ ଆଦିବାସୀଙ୍କ ମଧ୍ୟରେ ଥିବା ଯୁଗଯୁଗର ମଧୁର ସମ୍ପର୍କ ବିଭିନ୍ନ କାରଣରୁ ଆଜି ଛିନ୍ନବିଛିନ୍ନ । ଆଦିବାସୀମାନଙ୍କ ଜୀବନ ଜୀଇଁବାର ସର୍ବଶ୍ରେଷ୍ଠ ସମ୍ବଳ ଜଙ୍ଗଲ ସମ୍ପଦକୁ ଉନ୍ନୟନ ନାମରେ ଧ୍ୱଂସ କରାଯାଉଥିଲେ ମଧ୍ୟ ସେମାନଙ୍କର ଜୀବନଧାରଣର ସୁବିଧା ନିମନ୍ତେ କୌଣସି ବିକଳ୍ପ ପନ୍ଥା କରାଯାଇ ନାହିଁ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ହାରାହାରି ୨୦୦ ପ୍ରକାର ବନ୍ୟ ଜାତି ବୃକ୍ଷକୁ ଆଦିବାସୀମାନେ ଔଷଧ ଭାବରେ ଓ ଅନ୍ୟାନ୍ୟ ୨୫୦କୁ ଖାଦ୍ୟ ଭାବରେ ବ୍ୟବହାର କରିଥାନ୍ତି । ବୃକ୍ଷ ବ୍ୟତୀତ ଜଙ୍ଗଲର ପଶୁ ପକ୍ଷୀମାନେ ମଧ୍ୟ ଆଦିବାସୀମାନଙ୍କ ଜୀବନ ଧାରଣ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି । ଉଦାହରଣ ସ୍ୱରୂପ ସଂପୂର୍ଣ୍ଣ ଏକ କଳତା ବିଲାକୁ ଖାଣ୍ଟି ସୋରିଷ ତେଲରେ ସିଝାଇ ସେହି ତେଲକୁ ଛାଣି ତାହାକୁ ଆଣ୍ଠୁଗଣ୍ଠି ବାତ ପାଇଁ ଭଲ ଭାବରେ ମାଲିସ୍ କଲେ ଅବିଳମ୍ବେ ବ୍ୟଥା ଉପଶମ ହୋଇଥାଏ । ସାଧାରଣତଃ ଥଣ୍ଡା ପାଇଁ ଅବ୍ୟାବଧି ଔଷଧ ବାହାରି ନାହିଁ । ସେଥିପାଇଁ ଆମେ କହୁ "ଔଷଧ ନ ଖାଇଲେ ୭ ଦିନରେ, ଖାଇଲେ ଏକ ସପ୍ତାହରେ ଥଣ୍ଡା ଭଲ ହୁଏ ।" ମାତ୍ର ୧ (ଏକ) ଚାମଚ୍ ମହୁ ସହିତ ତୁଳସୀ ରସ ମିଶାଇ ଦିନକୁ ୩ ଥର ସେବନ କଲେ ଥଣ୍ଡା ଅବିଳମ୍ବେ ଦୂର ହୁଏ । ଯଦିଓ ଯନ୍ତ୍ର ସଭ୍ୟତାର ଅଗ୍ରଗତି ଆଦିବାସୀ ପୁରୁଷମାନଙ୍କୁ କିଛି ପରିମାଣରେ କର୍ମଯୋଗାଣର ବ୍ୟବସ୍ଥା କରିଛି ତଥାପି ଆଦିବାସୀ ମହିଳାମାନେ କର୍ମ ବିଚ୍ୟୁତି ସହ ଏକାନ୍ତତା ହରାଇଛନ୍ତି । ଅର୍ଥନୀତିର ସ୍ୱଚ୍ଛଳତା ହେତୁ ଆଦିବାସୀ ପୁରୁଷମାନଙ୍କ ମଧ୍ୟରେ ମଦ୍ୟପାନର ବହୁଳ ପ୍ରସାର ଦ୍ୱାରା ଆଦିବାସୀ ମହିଳାମାନେ ବିଶେଷ ନିର୍ଯ୍ୟାତିତ ହେଉଛନ୍ତି । ଜଙ୍ଗଲ ଧ୍ୱଂସ ହେତୁ ସାଧାରଣ ଲଘୁ ଜଙ୍ଗଲଜାତ ଦ୍ରବ୍ୟଗୁଡିକର ପରିମାଣ ଦିନକୁଦିନ ହ୍ରାସ ପାଉଛି । ଏହି ଲଘୁ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ କରିବାରେ ଆଦିବାସୀ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । କ୍ରମଶଃ ଜନବସତିଠାରୁ ଜଙ୍ଗଲ ଦୂରେଇ ଯିବା ଫଳରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ଆଦିବାସୀ ମହିଳାମାନଙ୍କୁ ଦୂରଦୂରାନ୍ତକୁ ଯାଇ କଠିନ ପରିଶ୍ରମ କରିବାକୁ ପଡ଼ୁଛି । ତେଣୁ ଆଦିବାସୀମାନେ ସେମାନଙ୍କ ଆବଶ୍ୟକତାର ପରିପୂରଣ ନିମନ୍ତେ ଜାଳେଣୀ କାଠ ଉପରେ ନିର୍ଭର କରୁଛନ୍ତି । ଦଲାଲଙ୍କ ଦ୍ୱାରା ଆଦିବାସୀମାନେ ଶୋଷିତ ହେଉଛନ୍ତି । ଆସନ୍ତା କାଲି ଅପେକ୍ଷା ଆଜି ଦିନଟି କିପରି ଭଲରେ କଟି ଯାଉ ଏହାହିଁ ସେମାନଙ୍କ ମୁଖ୍ୟ ଅନୁଚିନ୍ତା ହୋଇଛି । ୱାଲ୍ଟର ଫର୍ଣ୍ଣାଣ୍ଡିସ୍‌ଙ୍କ ମତରେ ଏହାକୁ କୁହାଯାଏ "ଧ୍ୱଂସ ସାଧନରୁ ଆଶ୍ରୟ" (Destructive dependence) ଏହା ଆଦିବାସୀଙ୍କ ଜୀବନ ପ୍ରବୃତ୍ତିକୁ ଧ୍ୱଂସ କରୁଛି । ଜଙ୍ଗଲ ଅବକ୍ଷୟ ଫଳରେ ଆଦିବାସୀମାନଙ୍କ ଜୀବନଧାରା ବିଭିନ୍ନ ରୂପରେ ରୂପାନ୍ତରିତ ହେବାକୁ ଲାଗିଛି ।

ବିଭିନ୍ନ ସଂସ୍ଥାଦ୍ୱାରା ବର୍ତ୍ତମାନର ବନୀକରଣନୀତି ଆଦିବାସୀମାନଙ୍କୁ ମହଡ଼ାରୁ ଆଣି କାନ୍ଥାରରେ ପକାଇଛି । ଯେକୌଣସି ମତେ କେବଳ ଜାଳେଣୀ କାଠ ପାଇଁ ବ୍ୟବହୃତ ହେଉଥିବା ବୃକ୍ଷରୋପଣକୁ ବ୍ୟାହତ କରିବାକୁ ହେବ । ଯେଉଁଠି ବନୀକରଣ ପଦ୍ଧତି ଆଦିବାସୀ ଜୀବନସହ ସଂପୃକ୍ତ ନୁହେଁ ତାର ମୂଳୋତ୍ପାଟନ କରିବାକୁ ହେବ । ପ୍ରାକୃତିକ ଜଙ୍ଗଲ ସମ୍ପଦ ସ୍ଥାନରେ ବିଦେଶାଗତ ବୃକ୍ଷରାଜିର ସଂସ୍ଥାନ ଆଦିବାସୀମାନଙ୍କୁ ସେମାନଙ୍କ ସୁଖ ସମୃଦ୍ଧିରୁ ବଞ୍ଚିତ କରୁଛି । ସେମାନଙ୍କ ଖାଦ୍ୟ ଓ ଔଷଧର ମୂଳଉତ୍ସ ନଷ୍ଟ ହୋଇଯାଉଛି । ସୁତରାଂ ଆଦିବାସୀ ଜୀବନ ସହ ନିବିଡ଼ ଭାବରେ ସମ୍ପର୍କ ଥିବା ବୃକ୍ଷଗୁଡିକୁ ରୋପଣ କରିବାକୁ ହେବ । ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣ କାର୍ଯ୍ୟରେ ଆଦିବାସୀମାନେ ମୁଖ୍ୟ ଭୂମିକା ନେବା ଉଚିତ । ଆଦିବାସୀ ଜନବହୁଳ ଅଞ୍ଚଳରେ ସମସ୍ତ ପ୍ରକାର ଜଙ୍ଗଲ ସଂପର୍କୀୟ ବାଣିଜ୍ୟ ଓ ବ୍ୟବସାୟିକ ଫାଇଦା ଉଠାଇବା ବନ୍ଦ କରିବାକୁ ପଡ଼ିବ ଜାଳେଣୀ କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାଦିଗରେ ଆଦିବାସୀମାନଙ୍କ ପ୍ରତି ଲାଗୁ ହେଉଥିବା ବିଧି ସମ୍ମତ ପ୍ରତିବନ୍ଧକ ସମୂହର ପ୍ରତିକାର ଏକାନ୍ତଭାବେ ବାଞ୍ଛନୀୟ । ପ୍ରଚଳିତ ଜଙ୍ଗଲ ନିୟମର ସମୀକ୍ଷା ଆବଶ୍ୟକ । ମୟୂରଭଞ୍ଜର ଜଙ୍ଗଲ ନିୟମାବଳୀ ଅନୁଯାୟୀ ମୁକ୍ତ ଜଙ୍ଗଲ ଆଦିବାସୀମାନଙ୍କ ବ୍ୟବହାର ନିମନ୍ତେ ବିନିଯୋଗ ହେଉଥିଲା । କାଠ ଗଣ୍ଡି ଓ ଜାଳେଣୀ କାଠ ସଂଗ୍ରହ ନିମନ୍ତେ ସେମାନେ ରିହାତି ଦରରେ ଉପଯୁକ୍ତ ରାଜଭାଗ ପଇଠ କରୁଥିଲେ । ଆଦିବାସୀମାନଙ୍କ ଗୋରୁ ଗାଈ ମୁକ୍ତ ଜଙ୍ଗଲ ମଧ୍ୟରେ ଅବାଧରେ ବିଚରଣ କରୁଥିଲେ । ସଂରକ୍ଷିତ ଜଙ୍ଗଲରୁ ଆଦିବାସୀମାନେ ଅସଂରକ୍ଷିତ କରାଯାଇଥିବା (୪') ଚାରିଫୁଟିଆ ଗଣ୍ଡିର ଗଛଗୁଡିକୁ ମାଗଣାରେ ଏବଂ ଆରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଗଛଗୁଡିକୁ ରିହାତି ଦରରେ ରାଜଭାଗ ଦେଇ ନିଜ କାମରେ ଲଗାଉଥିଲେ । ସେହିପରି ଧାରା ୬୨ ଅନୁଯାୟୀ ଆଦିବାସୀମାନେ ଲଘୁ ବନଜାତ ପଦାର୍ଥ, ଫଳ,

ବୃକ୍ଷ, ମୂଳ, ପତ୍ର, ଇତ୍ୟାଦି ସଂରକ୍ଷଣ ଜଙ୍ଗଲରୁ ମାଗଣାରେ ଓ ଆରକ୍ଷିତ ଜଙ୍ଗଲରୁ ଅନୁମତି ନେଇ ସଂଗ୍ରହ କରୁଥିଲେ । ସେଥିପାଇଁ ସେମାନେ ଜଙ୍ଗଲ ବିଭାଗର କର୍ମଚାରୀମାନଙ୍କୁ ସର୍ବେକ୍ଷଣ, ଜଙ୍ଗଲ ସୀମା ନିର୍ଦ୍ଧାରଣ ଓ ନିଆଁ ଲିଭାଇବା କାମରେ ସାହାଯ୍ୟ କରୁଥିଲେ । ଶିମିଳି ପାହାଡର ଚତୁଃପାର୍ଶ୍ୱରେ ଆଦିମ ଅଧିବାସୀ ଜାତି ଲୋଧା ଓ ଖଡିଆମାନେ ବସବାସ କରୁଛନ୍ତି । ଶିକ୍ଷାଗତ ଯୋଗ୍ୟତାକୁ ବାଦ ଦେଇ ଏହିମାନଙ୍କୁ ଜଙ୍ଗଲ ରକ୍ଷକ ଭାବରେ ନିଯୁକ୍ତି ଦେବା ପାଇଁ ବିଚାର କରିବାର ସମୟ ଆସିଛି । ସେମାନଙ୍କର ଶାରୀରିକ ଗଠନ ଜଙ୍ଗଲ ରକ୍ଷକ ନିମନ୍ତେ ଉପଯୁକ୍ତ । ସେମାନେ ହରିଣପରି ନିବିଡ ଜଙ୍ଗଲରେ ଦୌଡିପାରିବେ ଓ ଅତି ସହଜରେ ଜଙ୍ଗଲ ବିନାଶକାରୀଙ୍କ ପ୍ରତିରୋଧ କରିପାରିବେ । କଥାପ୍ରସଙ୍ଗରେ ଜଣେ ଲୋଧା କହିଥିଲେ—''ସେମାନଙ୍କୁ ଯଦି ଜଙ୍ଗଲ ରକ୍ଷକଭାବେ ନିଯୁକ୍ତି ଦିଆଯିବ, ତେବେ ଭୟରେ କେହି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବେ ନାହିଁ ।'' ଜଙ୍ଗଲ ପରିଚାଳନାରେ ଆଦିବାସୀମାନଙ୍କୁ ସଂପୃକ୍ତ କରିବାକୁ ପଡିବ । ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ବାବଦକୁ ଜଙ୍ଗଲ ଆୟରୁ କିଛି ଲାଭ ସେମାନଙ୍କ ମଧ୍ୟରେ ମଧ୍ୟ ବାଣ୍ଟି ଦେବାକୁ ହେବ । ଗୁଜୁରାଟ ରାଜ୍ୟରେ ଜଙ୍ଗଲ ଶ୍ରମିକମାନଙ୍କୁ ଜଙ୍ଗଲ ପରିଚାଳନାର ଏକ ଅଂଶବିଶେଷ ରୂପେ ଗ୍ରହଣ କରାଯାଇ ଜଂଗଲରୁ ଆୟ ହେଉଥିବା ଅଂଶ ସେମାନଙ୍କୁ ଦିଆ ଯାଏ । ଆନ୍ଧ୍ରପ୍ରଦେଶର ଆଦିବାସୀମାନେ ଲଘୁ ଜଙ୍ଗଲଜାତ ପଦାର୍ଥମାନ ସଂଗ୍ରହ କରି ନିଜେ ତାର କିଣାବିକା କରନ୍ତି । ଏହି ରାଜ୍ୟମାନଙ୍କରେ ଦଲାଲମାନଙ୍କର ମୂଳୋତ୍ପାଟନ କରାଯାଇ ଆଦିବାସୀମାନଙ୍କୁ ଜଙ୍ଗଲ ପରିଚାଳନାରେ ସଂପୃକ୍ତ କରାଯାଇ ଅଛି । ସେମାନଙ୍କ ବିନା ଜଙ୍ଗଲର ଉନ୍ନତି କିମ୍ବା ରକ୍ଷା ହୋଇପାରିବ ନାହିଁ ।

ଜଙ୍ଗଲ ଏବଂ ଆଦିବାସୀଙ୍କ ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବାପାଇଁ ନିମ୍ନଲିଖିତ ପ୍ରସ୍ତାବଗୁଡିକୁ ବିଚାରକୁ ନିଆଯାଇପାରେ ।

(୧) ଅତିସାବଧାନତାର ସହ ପ୍ରାକୃତିକ୍ ସମ୍ପଦ ଯଥା- ଜଙ୍ଗଲ ଇତ୍ୟାଦିର ଉତ୍ସଗୁଡିକର ଉପଯୁକ୍ତ ବ୍ୟବହାର, ପରିଚାଳନା ଓ ରକ୍ଷଣାବେକ୍ଷଣ ।

(୨) ଲଘୁବନଜାତ ଦ୍ରବ୍ୟଗୁଡିକ କଞ୍ଚାମାଲଭାବେ ବ୍ୟବହାର କରି କ୍ଷୁଦ୍ର ଶିଳ୍ପମାନ ପ୍ରତିଷ୍ଠା ।

(୩) ଅଣଆଦିବାସୀଙ୍କର ଜଙ୍ଗଲ ମଧ୍ୟକୁ ପ୍ରବେଶ ନିଷେଧ ସହ ଶୋଷଣ ବନ୍ଦ କରିବା ।

(୪) ମିଳୁଥିବା ଜଙ୍ଗଲ ଜାତ ପଦାର୍ଥକୁ ସମବାୟ ସମିତି ମାଧ୍ୟମରେ ଉତ୍ତମଭାବେ ବଣ୍ଟନ କରିବା, ଆଦିବାସୀମାନଙ୍କର ସ୍ୱାସ୍ଥ୍ୟର ପ୍ରଯତ୍ନ ନେବା, ସେମାନଙ୍କର ସାମାଜିକ ଚଳଣି, ଶିକ୍ଷା ଓ ସଂସ୍କୃତିର ଉନ୍ନତି ସାଧନ କରିବା ।

(୫) ଆଦିବାସୀ ବସତିମାନଙ୍କୁ ଉନ୍ନତ ଯୋଗାଯୋଗର ବ୍ୟବସ୍ଥା ।

(୬) ଜଙ୍ଗଲ ପରିଚାଳନାରେ ସେମାନଙ୍କୁ ଅଂଶୀଦାର କରିବା ଓ ଶିକ୍ଷାଗତ ଯୋଗ୍ୟତାକୁ ବାଦ୍ ଦେଇ ଜଙ୍ଗଲ ରକ୍ଷକ ଭାବେ ନିଯୁକ୍ତି ଦେବା ।

*ମାର୍ଫତ- ଶ୍ରୀ ରାମଚାନ୍ଦ୍ର*

*ଦେଉଳିସାହୀ, ବାରିପଦା- ୭୫୭୦୦୧*

## ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଘରୋଇ ଶିଳ୍ପପତିମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ

ବିଧାନସଭାରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ କହିଛନ୍ତି ଯେ, ଓଡ଼ିଶାରେ ପର୍ଯ୍ୟଟନ ସ୍ଥଳଗୁଡିକ ଆମ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ରହିଥିବାରୁ ଏହି ଦୁଇଟିଯାକ ବିଭାଗର ସମନ୍ୱୟରେ ପର୍ଯ୍ୟଟନର ବିକାଶ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଅଂଚଳରେ ୨୧୫ ଟି ପର୍ଯ୍ୟଟନ ସ୍ଥଳ ଚିହ୍ନଟ କରିଛନ୍ତି । ସେଥିମଧ୍ୟରୁ ୮୦ଟି ପୂର୍ବତନ ଗଡ଼ଜାତ ଅଂଚଳରେ ରହିଛି । ଏହି ସମସ୍ତ ସ୍ଥାନର ବିକାଶ କରାଯାଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି । ଏହି କାର୍ଯ୍ୟକ୍ରମ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଥିବାରୁ ଘରୋଇ ସଂସ୍ଥାଗୁଡ଼ିକୁ ଏହି କାର୍ଯ୍ୟରେ ନିୟୋଜିତ କରିବାକୁ ସ୍ଥିର କରାଯାଉଛି । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ବିମାନ ଚଳାଚଳର ବ୍ୟବସ୍ଥା କରିବାକୁ ସରକାର ବିଭିନ୍ନ ବିମାନ ଚଳାଚଳ ସଂସ୍ଥା ସହିତ ଯୋଗାଯୋଗ କରାଯାଉଛି ।

ସେ କହିଲେ ଯେ, ରାଜ୍ୟରେ ବୌଦ୍ଧ କୀର୍ତ୍ତି ରହିଥିବା ଅଞ୍ଚଳଗୁଡ଼ିକ ସମଗ୍ର ବିଶ୍ୱ ପାଇଁ ଆକର୍ଷଣୀୟ ସ୍ଥାନରେ ପରିଣତ ହେବାକୁ ଯାଉଛି । ଲଳିତଗିରି, ରତ୍ନଗିରି ଓ ଧର୍ମଶାଳା ଥାନାର ଲୁଙ୍ଗୁଡ଼ି ପାହାଡ଼ ଅଞ୍ଚଳରେ ବିଶ୍ୱବିଖ୍ୟାତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ରହିଥିଲା ବୋଲି ବିଚାର କରାଯାଉଛି ଏବଂ ସେଥିପାଇଁ ଗବେଷଣା ଚାଲିଛି । ଲଳିତଗିରି ଓ ରତ୍ନଗିରି ଅଞ୍ଚଳରେ ବୌଦ୍ଧକୀର୍ତ୍ତିର ସଂରକ୍ଷଣ ପାଇଁ ଏକ ସଂରକ୍ଷଣାଗାର ସ୍ଥାପନ କରାଯାଇଛି । ଏହି ପ୍ରାଚୀନ କୀର୍ତ୍ତିଗୁଡ଼ିକ ମାନବ ସଭ୍ୟତାର ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଭାରତ ସରକାର ସଂପୂର୍ଣ୍ଣ ରୂପେ ଏହାର ତତ୍ତ୍ୱାବଧାନ କରୁଛନ୍ତି । ପ୍ରତ୍ନତତ୍ତ୍ୱ ବିଭାଗ ଏହାର ବିକାଶ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଛି ।

# ଓଡ଼ିଶାର ଜନଜାତି ଜନସଂଖ୍ୟା ତଥ୍ୟାଲୋଚନା

ଶ୍ରୀ ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଶା ରାଜ୍ୟ ଓ ଏହାର ଜିଲ୍ଲାମାନଙ୍କରେ ୧୯୯୧ ଜନଗଣନା ଅନୁଯାୟୀ ଜନସଂଖ୍ୟାର ଘନତ୍ୱ ପ୍ରତି ଲକ୍ଷ୍ୟ କଲେ ଦେଖାଯାଏ ଯେ ସମଗ୍ର ରାଜ୍ୟରେ ବର୍ଗକିଲୋମିଟର ପ୍ରତି ହାରାହାରି ୨୦୮ ଜଣ ବ୍ୟକ୍ତି ବାସ କରନ୍ତି । କିନ୍ତୁ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କର ଜନସଂଖ୍ୟାର ଘନତ୍ୱ ଆଭ୍ୟନ୍ତରୀଣ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କର ଜନସଂଖ୍ୟାର ଘନତ୍ୱ ଅପେକ୍ଷା ଅଧିକ । ନୂତନ ଜିଲ୍ଲାମାନଙ୍କ ମଧ୍ୟରେ ସର୍ବାଧିକ ଜନସଂଖ୍ୟା ଘନତ୍ୱ ଉପକୂଳବର୍ତ୍ତୀ ଜିଲ୍ଲା ଜଗତସିଂହପୁରରେ ଦେଖାଯାଏ । ଏହି ଜିଲ୍ଲାରେ ପ୍ରତି ବର୍ଗ କିଲୋମିଟର ଲାଗାରେ ୫୭୭ ଜଣ ବ୍ୟକ୍ତି ରହିଛନ୍ତି । ଏହି କ୍ରମରେ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାମାନ ଯଥା ଖୋର୍ଦ୍ଧା (୫୨୧), କଟକ (୫୦୪), ବାଲେଶ୍ୱର (୪୮୨), ଯାଜପୁର (୪୮୦), ପୁରୀ (୪୨୭), କେନ୍ଦ୍ରାପଡା (୪୧୧) ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଛନ୍ତି । ଜନସଂଖ୍ୟାର ଘନତ୍ୱ ଦୃଷ୍ଟିରୁ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ସ୍ଥାନରେ ରହିଛି । ଏଠାରେ ବର୍ଗ କିଲୋମିଟରେ ପ୍ରତି ହାରାହାରି ମାତ୍ର ୭୦ ଜଣ ବ୍ୟକ୍ତି ବାସ କରୁଛନ୍ତି । ରାଜ୍ୟର ଆଭ୍ୟନ୍ତରୀଣ ଭାଗରେ ଅବସ୍ଥିତ ଏବଂ ଆଦିବାସୀ ଅଧ୍ୟୁଷିତ ଉପଯୋଜନା ଅଞ୍ଚଳରେ ଅବସ୍ଥିତ ୧୨ ଗୋଟି ଜିଲ୍ଲାରେ ଜନସଂଖ୍ୟାର ଘନତ୍ୱ ଉପରୋକ୍ତ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳର ଜନବହୁଳ ଜିଲ୍ଲାମାନଙ୍କର ଜନସଂଖ୍ୟାର ଘନତ୍ୱ ତୁଳନାରେ ବହୁତ କମ୍ । ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଜନସଂଖ୍ୟାର ଘନତ୍ୱ ୪୦୦ ରୁ ଅଧିକ ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଜନସଂଖ୍ୟାର ଘନତ୍ୱ ଏହାର ଅଧାରୁ ମଧ୍ୟ କମ୍ ଅର୍ଥାତ ୨୦୦ ରୁ କମ୍ ଓ କେତେକ କ୍ଷେତ୍ରରେ ୧୦୦ରୁ ବି କମ୍ । ଆଦିବାସୀ ଅଧ୍ୟୁଷିତ ମୁଖ୍ୟ ୧୨ ଗୋଟି ଜିଲ୍ଲା ଭିତରେ ଜନସଂଖ୍ୟାର ଘନତ୍ୱ ୪ ଗୋଟି ଜିଲ୍ଲା ଅର୍ଥାତ୍ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଓ ନବରଙ୍ଗପୁରରେ ୧୬୫ ରୁ ୧୮୧ ଭିତରେ । କଳାହାଣ୍ଡି, ନୂଆପଡା, ଗଜପତି, କୋରାପୁଟରେ ଏହା ୧୦୦ରୁ ୧୫୦ ମଧ୍ୟରେ । ଅବଶିଷ୍ଟ ୩ ଗୋଟି ଅର୍ଥାତ୍ ମାଲକାନଗିରି, ରାୟଗଡା ଓ ଫୁଲବାଣୀ ଜିଲ୍ଲାରେ ଏହା ୧୦୦ରୁ ବି କମ୍ ।

### ଅନୁସୂଚିତ ଜନଜାତି ଜନସଂଖ୍ୟାର ଅନୁପାତ ଓ ବୃଦ୍ଧିହାର

ବିଗତ ଦଶନ୍ଧିମାନଙ୍କରେ ରାଜ୍ୟର ଅନୁସୂଚିତ ଜନଜାତିମାନଙ୍କର ଜନସଂଖ୍ୟାର ରାଜ୍ୟର ମୋଟ ଜନସଂଖ୍ୟା ମଧ୍ୟରେ ଅନୁପାତ ଓ ତୁଳନାତ୍ମକ ଜନସଂଖ୍ୟା ବୃଦ୍ଧିହାର କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ୧୯୬୧ ଜନଗଣନାରେ ଓଡ଼ିଶାର ମୋଟ ଅନୁସୂଚିତ ଜନଜାତି ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ୨୪.୦୭ ଶତାଂଶ ଥିବା ବେଳେ ପରବର୍ତ୍ତୀ ଜନଗଣନାମାନଙ୍କରେ ଅର୍ଥାତ ୧୯୭୧ ରେ ୨୩.୧୧ ଶତାଂଶ, ୧୯୮୧ ରେ ୨୨.୪୩ ଶତାଂଶ ଏବଂ ଏହିପରି କ୍ରମାଗତ ଭାବେ ହ୍ରାସ ପାଇ ପାଇ ଶେଷରେ ୧୯୯୧ ରେ ୨୨.୨୧ ଶତାଂଶରେ ପହଞ୍ଚିଛି । ଏହାର ଅର୍ଥହେଲା ରାଜ୍ୟର ସମଗ୍ର ଜନସଂଖ୍ୟାର ବୃଦ୍ଧିହାର ଜନଜାତିମାନଙ୍କ ବୃଦ୍ଧିହାରଠାରୁ ଅଧିକ ହୋଇଥିବା ବେଳେ ଜନଜାତିମାନଙ୍କ ବୃଦ୍ଧିହାର ତୁଳନାତ୍ମକ ଭାବେ କମି କମି ଆସିଛି ।

ବିଭିନ୍ନ ଜନଗଣନା ସମୟରେ ବୃଦ୍ଧିହାର ସମ୍ପର୍କୀୟ ତଥ୍ୟରୁ ଏହାର ପ୍ରମାଣ ମିଳେ । ୧୯୬୧-୭୧ ଦଶନ୍ଧି ମଧ୍ୟରେ ରାଜ୍ୟର ସାଧାରଣ ଜନତାଙ୍କ ବୃଦ୍ଧିହାର ୨୫.୦୫ ଶତାଂଶ ଥିଲା ବେଳେ ଜନଜାତିମାନଙ୍କର ବୃଦ୍ଧିହାର ଏହାଠୁ କମ୍ ଅର୍ଥାତ୍ ୨୦.୦୮ ଶତାଂଶ ଥିଲା । ୧୯୭୧-୮୧ ଦଶନ୍ଧିରେ ଉଭୟ ସାଧାରଣ ଜନତା ଓ ଅନୁସୂଚିତ ଜନଜାତିମାନଙ୍କର ବୃଦ୍ଧିହାର ୧୯୬୧-୭୧ ଦଶନ୍ଧି ଅପେକ୍ଷା କମିଯାଇ ଯଥାକ୍ରମେ ୨୦.୧୭ ଶତାଂଶ ଓ ୧୬.୬୨ ଶତାଂଶ ରେ ପହଞ୍ଚିଲା । ଶେଷରେ ପରବର୍ତ୍ତୀ ଦଶନ୍ଧି ଅର୍ଥାତ ୧୯୮୧-୯୧ ମଧ୍ୟରେ ଏହା କ୍ରମଶଃ ହ୍ରାସ ପାଇ ସାଧାରଣ ଜନତା କ୍ଷେତ୍ରରେ ବୃଦ୍ଧିହାର ୨୦.୦୬ ଶତାଂଶ ହେଲା ମାତ୍ର ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ଏହା ପୂର୍ବ ଦଶନ୍ଧି (୧୯୭୧-୮୧) ର ବୃଦ୍ଧିହାର ଠାରୁ ସାମାନ୍ୟ ଅଧିକ ହେଲା ଅର୍ଥାତ ୧୮.୮୯ ଶତାଂଶକୁ ବୃଦ୍ଧି ପାଇଲା ।

ଉପରୋକ୍ତ ତଥ୍ୟକୁ ପର୍ଯ୍ୟାଲୋଚନା କଲେ ଏହା ପରିଷ୍କାର ଭାବେ ଜଣାପଡେ ଯେ ଯଦିଓ ସାଧାରଣ ଜନତାଙ୍କ ବୃଦ୍ଧିହାର ୧୯୬୧ ଦଶନ୍ଧି ଠାରୁ ୧୯୯୧ ଦଶନ୍ଧି ମଧ୍ୟରେ ହ୍ରାସ ପାଇ ଆସିଛି ତଥାପି ଅନୁସୂଚିତ ଜନଜାତିମାନଙ୍କ ବୃଦ୍ଧିହାର ତୁଳନାରେ ଅଧିକ ହୋଇଛି । ଅନ୍ୟ ଭାଷାରେ କହିବାକୁ ଗଲେ ବିଗତ ଦଶନ୍ଧିମାନଙ୍କ ମଧ୍ୟରେ ଜନଜାତିମାନଙ୍କ ବୃଦ୍ଧିହାର ସାଧାରଣ ଜନତାଙ୍କ ବୃଦ୍ଧିହାରଠାରୁ କମ୍ ରହିଆସି ଥିବାରୁ ରାଜ୍ୟର ମୋଟ ଜନସଂଖ୍ୟା ମଧ୍ୟରେ ଜନଜାତିମାନଙ୍କ ଜନସଂଖ୍ୟାର ଅନୁପାତ କ୍ରମଶଃ କମି କମି ଆସିଛି । ୧୯୬୧ ମସିହାର ୨୪.୦୭ ଶତାଂଶ ଅନୁପାତରୁ ୧୯୯୧ ମସିହାର ୨୨.୨୧ ଶତାଂଶ ଅନୁପାତରେ ପହଞ୍ଚିଛି ।

ରାଜ୍ୟର ଅନୁସୂଚିତ ଜନଜାତିମାନଙ୍କର ଏହି କ୍ଷୟ ବର୍ଦ୍ଧିଷ୍ଣୁ ବୃଦ୍ଧିହାରର କାରଣ ସମ୍ବନ୍ଧରେ ଅବଗତ ହେବାପାଇଁ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ବୈଜ୍ଞାନିକ ଗବେଷଣା ବା ଅନୁସନ୍ଧାନ କରାଯାଇ ନାହିଁ । ତଥାପି ମୋଟାମୋଟି ଭାବେ ଏକଥା କୁହାଯାଇ ପାରେ ଯେ, ସେମାନଙ୍କର ଖାଦ୍ୟ, ସ୍ୱାସ୍ଥ୍ୟ, ପୁଷ୍ଟିଗତ, ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ସମସ୍ୟା ଓ ବିଶେଷତଃ ସେମାନଙ୍କର ଦାରିଦ୍ର୍ୟ ଏଥି ନିମନ୍ତେ ଦାୟୀ । ଏହି ସମସ୍ୟାଗୁଡିକର ନିରାକରଣ ପ୍ରତି ଲକ୍ଷ୍ୟ ରଖି ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ବିଧାନ ନିମନ୍ତେ ସ୍ୱାଧୀନୋତ୍ତର ଭାରତରେ ବିଭିନ୍ନ ଆଦିବାସୀ ବିକାଶ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଅଛି ।

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନ,
ସି.ଆର.ପି. ଭୁବନେଶ୍ୱର - ୭୫୧ ୦୦୩

# ଗ୍ରାମାଞ୍ଚଳ ବିକାଶରେ ପଞ୍ଚାୟତିରାଜ



ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ପରିକଳ୍ପନା ଅନୁଯାୟୀ ବିଗତ ୧୯୯୫-୯୬ ବର୍ଷରେ ୧୨୦୬୬୯ ଟି ପରିବାରଙ୍କୁ ମୋଟ ୭୨୬୬.୨୯ ଲକ୍ଷ ଟଙ୍କା ସାହାଯ୍ୟ ଯୋଗାଇ ଦିଆଯାଇଛି । ୧୯୯୭ ମସିହା ଜାନୁଆରୀ ସୁଦ୍ଧା ମୋଟ ୩୭୩୭.୨୫ ଲକ୍ଷ ଟଙ୍କା ସାହାଯ୍ୟ ଦିଆଯିବା ଦ୍ୱାରା ମୋଟ ୪୯୬୩୭ ଟି ପରିବାର ଉପକୃତ ହୋଇଛନ୍ତି । ୧୯୯୬-୯୭ ମସିହା ଡ଼ିସେମ୍ବର ସୁଦ୍ଧା କଳାହାଣ୍ଡି ଜିଲ୍ଲାରେ ମୋଟ ୩୨୬୮୭୬ ଟଙ୍କା ଯୋଗାଇ ଦିଆଯାଇ ୩୨ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

ଆତ୍ମନିଯୁକ୍ତି ପାଇଁ ଗ୍ରାମାଞ୍ଚଳର ଯୁବକମାନଙ୍କୁ ବୈଷୟିକ ଓ ଔଦ୍ୟୋଗିକ ତାଲିମ୍ ଦେବା ନିମନ୍ତେ ୧୯୯୫-୯୬ ମସିହାରେ ୧୬୫୮୯ ଜଣ ଯୁବକଙ୍କୁ ତାଲିମ ଦିଆଯାଇଛି । ଆତ୍ମନିଯୁକ୍ତି ଜରିଆରେ ୭୭୦୧ ଜଣ ଯୁବକଙ୍କୁ ଏବଂ ୫୪୮୧ ଜଣ ଗ୍ରାମ୍ୟ ଯୁବକଙ୍କୁ ମଜୁରୀ ଭିତ୍ତିକ ନିଯୁକ୍ତି ଯୋଗାଇ ଥଇଥାନ କରାଯାଇଛି । ୧୯୯୬-୯୭ ଜାନୁୟାରୀ ସୁଦ୍ଧା ୧୧୫୬୫ ଜଣ ଯୁବକଙ୍କୁ ତାଲିମ ଦିଆଯାଇଛି । ୪୬୧୫ ଜଣଙ୍କୁ ଆତ୍ମନିଯୁକ୍ତି ଯୋଜନାରେ ଓ ୩୨୯୭ ଜଣଙ୍କୁ ମଜୁରୀ ଭିତ୍ତିକ ନିଯୁକ୍ତି ଜରିଆରେ ଥଇଥାନ କରାଯାଇଛି ।

ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ ବିକାଶ ପରିକଳ୍ପନା ଜରିଆରେ ୧୯୯୫-୯୬ ବର୍ଷରେ ମୋଟ ୧୭୩୦ଟି ମହିଳା ଗ୍ରୁପ ଗଠନ କରାଯାଇ ୨୩୯୮୯ ଜଣ ହିତାଧିକାରୀଙ୍କ ପାଇଁ ୩୩୨.୭୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ୧୯୯୬-୯୭ ବର୍ଷରେ ମୋଟରେ ୧୧୪୮ ଟି ମହିଳା ଗ୍ରୁପ ଗଠନ କରାଯାଇ ୨୪୯୮୬ ଜଣ ହିତାଧିକାରୀଙ୍କ ପାଇଁ ୨୭୮.୯୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଜବାହର ରୋଜଗାର ଯୋଜନା ଜରିଆରେ ୧୯୯୫-୯୬ ବର୍ଷରେ ୩୦ଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ୨୭୫୧୭.୮୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଏହିବର୍ଷ ୨୪୬୮୩.୯୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୫୮୬.୦୪ ଲକ୍ଷ ଶ୍ରମଦିବସ ମଧ୍ୟ ସୃଷ୍ଟି କରାଯାଇଥିଲା । ୧୯୯୬-୯୭ ଜାନୁଆରୀ ଶେଷସୁଦ୍ଧା ୧୦୧୬୪.୦୩ ଲକ୍ଷ ଟଙ୍କା ବ୍ୟୟରେ ୨୨୪.୮୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ନିଶ୍ଚିତ କର୍ମନିଯୁକ୍ତି ପରିକଳ୍ପନା ୧୯୯୬-୯୭ ସୁଦ୍ଧା ମୋଟ ୨୯୦- ବ୍ଲକରେ କାର୍ଯ୍ୟକାରୀ ହେଉଛି । ୧୯୯୫-୯୬ ବର୍ଷରେ ୧୩୧୩୩.୮୦ ଲକ୍ଷ ଟଙ୍କା ବ୍ୟୟରେ ୧୯୧୧.୦୬ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ୧୯୯୬-୯୭ ବର୍ଷରେ ୧୨୫୯୮.୨୩ ଲକ୍ଷ ଟଙ୍କା ବ୍ୟୟରେ ୨୭୬.୧୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ଇନ୍ଦିରା ଆବାସ ଯୋଜନା ଜରିଆରେ ୧୯୯୫-୯୬ ଆର୍ଥିକ ବର୍ଷରେ ୭୪୯୫.୮୮ ଲକ୍ଷ ଟଙ୍କା ବ୍ୟୟରେ ୫୧୩୩ ଜଣ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି । ୧୯୯୬-୯୭ ବର୍ଷରେ ୫୫୫୯.୨୦ ଲକ୍ଷ ଟଙ୍କା ବିନିଯୋଗରେ ୩୩୨୨୯ ଜଣ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି ।

ନିୟୁତ କୂପ ଯୋଜନା ଜରିଆରେ ୧୯୯୫-୯୬ ମସିହାରେ ୪୩୨୨.୨୯ ଲକ୍ଷ ଟଙ୍କା ବିନିଯୋଗରେ ୨୪୨୬୩ଟି କୂପ ଖନନ କରାଯାଇଥିଲା । ୧୯୯୬-୯୭ ମସିହା ଜାନୁଆରୀ ମାସ ସୁଦ୍ଧା ୨୯୨୩-୨୯ ଲକ୍ଷ ଟଙ୍କା ବିନିଯୋଗରେ ୧୩୭୨୩ ଟି କୂପ ଖନନ କରାଯାଇଛି ।

ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ୧୯୯୫-୯୬ ଆର୍ଥିକ ବର୍ଷରେ ଗ୍ରାମପଞ୍ଚାୟତ/ପଞ୍ଚାୟତ ସମିତି ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ରାଜ୍ୟ ଯୋଜନା ଜରିଆରେ ୨୦୦.୦୦ ଲକ୍ଷ ଟଙ୍କା, ଅଣଯୋଜନା ଜରିଆରେ ୫୭୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ବ୍ଲକ ଅଫିସ ଓ କର୍ମଚାରୀମାନଙ୍କ ବାସଗୃହଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ୧୯୯୫-୯୬ ଆର୍ଥିକ ବର୍ଷରେ ଯୋଜନା ଓ ଅଣଯୋଜନା ଜରିଆରେ ଯଥାକ୍ରମେ ୯୦.୦୦ ଲକ୍ଷ ଏବଂ ୪୪.୦୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇ ଥିଲା । ୧୯୯୬-୯୭ ମସିହାରେ ରାଜ୍ୟ ଯୋଜନା ଓ ଅଣଯୋଜନା ଜରିଆରେ ଯଥାକ୍ରମେ ୮୦.୦୦ ଲକ୍ଷ ଟଙ୍କା ଏବଂ ୪୪.୦୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

ପ୍ରାଥମିକ ବିଦ୍ୟାଳୟ ଗୃହଗୁଡ଼ିକର ମରାମତି ନିମନ୍ତେ ବର୍ଷରେ ୧୧୦.୦୦ ଲକ୍ଷ ଟଙ୍କା ଅଣଯୋଜନା ଜରିଆରେ ଯୋଗାଇ ଦିଆଯାଇଛି ।

ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ଅଧୀନରେ ଥିବା କଲଭର୍ଟ, ଛୋଟ ପୋଲର ମରାମତି ନିମନ୍ତେ ୧୯୯୫-୯୬ ବର୍ଷରେ ମୋଟ ୮୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା ।

ଛୋଟ ଛୋଟ ପୋଲ, ବନ୍ଧ, ନାଳୀ ନିର୍ମାଣଲାଗି ସରକାର ୧୯୯୪-୯୬ ମସିହା ସୁଦ୍ଧା ୮୫ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ । ଏହାଦ୍ୱାରା ୪୭ ଟି ବନ୍ଧନାଳୀ ଓ ପୋଲ ନିର୍ମାଣ କରାଯାଇଥିଲା ।

୧୯୯୬-୯୭ ବର୍ଷରେ ଗ୍ରାମାଞ୍ଚଳର ଉନ୍ନୟନ ଲାଗି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନଠାରେ ୨୨ଟି ପାଠ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପାଠ୍ୟକ୍ରମରେ ମୋଟ ୬୦୦ ଜଣ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ ଅନ୍ୟ ୮ଟି ତାଲିମ ପାଠ୍ୟକ୍ରମରେ ୨୮୫ ଜଣ ଭାଗ ନେଇଥିଲେ ।

୧୯୯୬-୯୭ ବର୍ଷରେ ଭୁବନେଶ୍ୱରସ୍ଥ ସଂପ୍ରସାରଣ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ୬ଟି ତାଲିମ୍ ପାଠ୍ୟକ୍ରମରେ ମୋଟ ୭୩ ଜଣ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

ସରକାର ଲୋକମାନଙ୍କର ଅଧିକ ସକ୍ରିୟ ସହଯୋଗ ପାଇବା ନିମନ୍ତେ ପଞ୍ଚାୟତରାଜ ସଂସ୍ଥାର ନିର୍ବାଚନ ନିକଟରେ ସମାପନ କରିଛନ୍ତି । ଏଥିରେ ୮୧୦୭୨ ଜଣ ୱାର୍ଡମେମ୍ବର, ୫୨୬୧ ଜଣ ସରପଞ୍ଚ ୫୨୬୧ ସମିତି ସଭ୍ୟ, ୩୧୪ ଜଣ ପଞ୍ଚାୟତ ସମିତି ଚେୟାରମ୍ୟାନ, ୮୫୪ଜଣ ଜିଲ୍ଲା ପରିଷଦ ସଭ୍ୟ ଓ ୩୦ଜଣ ଜିଲ୍ଲା ପରିଷଦ ସଭାପତି ନିର୍ବାଚିତ ହୋଇଛନ୍ତି ।

ଗ୍ରାମପଞ୍ଚାୟତଗୁଡ଼ିକର ଆୟବୃଦ୍ଧି କରିବା ନିମନ୍ତେ ମାର୍କେଟ ଗୃହ ନିର୍ମାଣ, ମତ୍ସ୍ୟଚାଷ ଓ ପୁଷ୍କରିଣୀ ଖନନ ଲାଗି ୫.୦୦ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇଛି ।

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ରୂପାୟନ ନିମନ୍ତେ ଗ୍ରାମପଞ୍ଚାୟତଗୁଡ଼ିକ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟିକରିବା ଲାଗି ପ୍ରତିଦ୍ୱନ୍ଦିତା ପୁରସ୍କାର ବିତରଣ ନିମନ୍ତେ ୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ବର୍ଷ ପାଇଁ ମୋଟ ୨୨୮ ପୁରସ୍କାର ବାବଦରେ ୪୯.୦୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

ଗ୍ରାମାଞ୍ଚଳ ଲୋକମାନଙ୍କୁ ସାକ୍ଷର କରିବା ନିମନ୍ତେ ୫୦୦ରୁ ଅଧିକ ଲୋକ ବାସକରୁଥିବା ଗ୍ରାମଗୁଡ଼ିକରେ ମୋଟ ୩୧.୪୦ ଲକ୍ଷ ଟଙ୍କା ବ୍ୟୟରେ ୩୧୪ଟି ପାଠାଗାର ପ୍ରତିଷ୍ଠା କରାଯାଇଛି ।

୬୦ ବର୍ଷ ବୟସ ଭିତରେ ଥିବା ଲୋକମାନଙ୍କୁ ଜୀବନବୀମା ସୁରକ୍ଷା ଯୋଗାଇ ଦେବା ନିମନ୍ତେ ୩୦ଟି ଜିଲ୍ଲାକୁ ୨୮.୦୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

ମାସିକ ଆୟ ୧୦,୦୦୦ ଟଙ୍କା କିମ୍ବା ୧୦,୦୦୦ରୁ ୨୦,୦୦୦ ଟଙ୍କା ମଧ୍ୟରେ କିମ୍ବା ୨୦,୦୦୦ ଟଙ୍କା ତଦୁର୍ଦ୍ଧ ଆୟ ଥିବା ଗ୍ରାମପଞ୍ଚାୟତଗୁଡ଼ିକୁ ମାସିକ ଯଥାକ୍ରମେ ୬୦୦.୪୦୦ ଓ ୨୦୦ ଟଙ୍କା ରିହାତି ଦେବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥିପାଇଁ ୧୯୯୬-୯୭ ବର୍ଷରେ ୨୫୧.୬୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

୧୯୯୬-୯୭ ବର୍ଷରେ ୩,୧୯,୮୦୦ ଟଙ୍କା ବ୍ୟୟରେ, ୧୦୦ ଟି ଗ୍ରାମ ପଞ୍ଚାୟତ ଗୃହ ନିର୍ମାଣ ଲାଗି ପ୍ରସ୍ତାବ ରହିଛି ।

ପଞ୍ଚାୟତ ସଞ୍ଚାର ସେବା ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ୧୦୬ଟି ସାଧାରଣ ଗ୍ରାମପଞ୍ଚାୟତ ଅଞ୍ଚଳ ଓ ୧୭ଟି ଆଦିବାସୀ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ପଞ୍ଚାୟତ ସମିତି ସଞ୍ଚାର କେନ୍ଦ୍ର ସ୍ଥାପନ ଲାଗି ଚିହ୍ନଟ କରିଛନ୍ତି । ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୦ ଟି କେନ୍ଦ୍ର ସ୍ଥାପନ ଲାଗି ସରକାରୀ ମଞ୍ଜୁରୀ ଦିଆଯାଇଛି । ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ବେକାର ଯୁବକଙ୍କୁ ସଞ୍ଚାର କେନ୍ଦ୍ର ଏଜେଣ୍ଟ ରୂପେ ନିଯୁକ୍ତି ଦିଆଯିବ । ୧୯୯୬-୯୭ ବର୍ଷରେ ଏଭଳି ଅଧିକ ୧୦ଟି କେନ୍ଦ୍ର ସ୍ଥାପନ କରିବା ଲାଗି ମଞ୍ଜୁରୀ ଦିଆଯାଇଛି ।

## ଦୁଇ ହଜାର ମସିହା ସୁଦ୍ଧା ବାରଟି ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ

ଜଳସେଚନର ସାମର୍ଥ୍ୟ ରାଜ୍ୟରେ ବୃଦ୍ଧି କରିବା ପାଇଁ ବର୍ତ୍ତମାନ ନିର୍ମାଣଧୀନ ଥିବା ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକ ମଧ୍ୟରୁ ବାରଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦୁଇ ହଜାର ମସିହା ମଧ୍ୟରେ ସମ୍ପୂର୍ଣ୍ଣ କରିବା ଓ ଏଥିପାଇଁ ଆବଶ୍ୟକ ଟଙ୍କା ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ, ଅର୍ଥ ଏବଂ ସଂସଦୀୟ ମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ୧୭ ତାରିଖ ଦିନ ଶ୍ରୀ ବିଶ୍ୱାଳ ନୂଆପଲ୍ଲୀଠାରେ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଉଠାଜଳସେଚନ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରି ନିର୍ମାଣଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ନାବାର୍ଡ଼ରୁ ଚାରିଶହ କୋଟି ଟଙ୍କା, ଜାପାନର ଓ.ଇ.ସି.ଏଫ୍.ରୁ ସାତଶହ କୋଟି ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ଏ.ଆଇ.ବି.ପି. ଯୋଜନାରୁ ଶହେ କୋଡ଼ିଏ କୋଟି ଟଙ୍କା ମିଳିବାର ରହିଛି ବୋଲି ସୂଚନା ଦେଇଥିଲେ ।

# କୃଷି ଉନ୍ନୟନ କାର୍ଯ୍ୟକ୍ରମ



ଓଡ଼ିଶାର ଅର୍ଥନୀତି କୃଷି ଉପରେ ପର୍ଯ୍ୟବେଶିତ ଏକଥା ସମସ୍ତେ କହୁଥିଲେବି ପ୍ରଥମ ଥର ପାଇଁ ୧୯୯୫-୯୬ ଆର୍ଥିକ ବର୍ଷରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ନିଜେ ମୁଖ୍ୟମନ୍ତ୍ରୀ କୃଷି ବିଭାଗକୁ ନିଜ ଅଧୀନରେ ରଖିଲେ । କୃଷିକୁ ଅଧିକ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟରେ ଏକ ନୂତନ କୃଷିନୀତି ପ୍ରଣୟନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଶାସନଗତ ଅଦଳ ବଦଳ, ବିଭିନ୍ନ କମିଟି ଗଠନ, ବିଚାର ଆଲୋଚନା, ଏପରକି ଇସରାଏଲ ପରିଦର୍ଶନ ଇତ୍ୟାଦି ପରେ ଦୀର୍ଘ ଏକ ବର୍ଷର ସମୀକ୍ଷାପରେ ୧.୪.୯୬ ଠାରୁ ରାଜ୍ୟରେ ଏକ ନୂତନ କୃଷି ନୀତି ଘୋଷଣା କଲେ ।

କୃଷି ନୀତିରେ ଯେଉଁ, କେତୋଟି ବିଷୟ ପ୍ରତି ଅଧିକ ଦୃଷ୍ଟି ଦିଆଯାଉଛି ସେ ଗୁଡ଼ିକ ହେଲା -

୧. କୃଷିକୁ ଶିଳ୍ପର ମର୍ଯ୍ୟାଦା

୨. ଅଧିକ ବିହନ, ଚାରା ଓ ବୃକ୍ଷରୋପଣ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଘରୋଇ ସଂସ୍ଥାର ବିନିଯୋଗ ।

୩. ରାସାୟନିକ ସାର ବଣ୍ଟନରେ ଆବଶ୍ୟକ ପରିବହନ ରିହାତି ବ୍ୟବସ୍ଥା ।

୪. ଜୈବିକସାର ବ୍ୟବହାର, ପ୍ରସ୍ତୁତି ଓ ପ୍ରସାର ପାଇଁ ଅଧିକ ବ୍ୟବସ୍ଥା

୫. ଜଳସେଚନକୁ ଘରୋଇ ବ୍ୟକ୍ତିଗତ କ୍ଷେତ୍ରରେ କରିବା ପାଇଁ ପ୍ରୋତ୍ସାହନ ।

୬. କୃଷି ଯନ୍ତ୍ରୀକରଣର ପ୍ରସାର ।

୭. ଆଗ୍ରହୀ କୃଷି ଉଦ୍ୟୋଗୀମାନଙ୍କୁ କୃଷି ସହାୟକ କେନ୍ଦ୍ରମାଧ୍ୟମରେ ପରାମର୍ଶ, ପ୍ରୋତ୍ସାହନ, ତାଲିମ ବ୍ୟବସ୍ଥା ।

୮. ଗୋପାଳନ, ମତ୍ସ୍ୟଚାଷରେ ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ।

୯. ବିଭିନ୍ନ କୃଷି ଯନ୍ତ୍ରପାତି, ଜୈବିକ ସାର ଉପରେ ପର୍ଯ୍ୟାପ୍ତ ବିକ୍ରିକର ରିହାତି ।

୧୦. କୃଷି ଶିଳ୍ପ ପ୍ରତିଷ୍ଠା ଓ ଆତ୍ମ ନିଯୁକ୍ତି ପାଇଁ ତାଲିମ ।

ଏଇ ନୀତିକୁ ଆଖିରେ ରଖି ଗତ ଦୁଇ ବର୍ଷ ମଧ୍ୟରେ ଯାହା ପ୍ରାରମ୍ଭିକ ସ୍ତରରେ ସଫଳତା ହାସଲ କରାଯାଇ ପାରିଛି ସେଗୁଡ଼ିକ ହେଲା-

**ବିହନ ଯୋଗାଣ** - ୧୯୯୪-୯୫ ମସିହାରେ ମୋଟ ୧.୦୪ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଣ ହୋଇଥିଲା ବେଳେ ୯୫-୯୬ ରେ ଏହା ୧.୪୩ ଓ ୯୬-୯୭ ରେ ଏହା ୧.୯୦ ଲକ୍ଷ କୁଇଣ୍ଟାଲ୍ ହୋଇପାରିଛି । ଅଧିକ ଅମଳକ୍ଷମ ଧାନ ବିହନ ଯୋଗାଣ ୫୦.୬୦ ହଜାର କୁଇଣ୍ଟାଲ ହେଉଥିବା ସ୍ଥଳେ ଗତ ଦୁଇବର୍ଷ ହେଲା ଏହା ୧ ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ୍ୱହୋଇଛି । ସେହିପରି ଚିନା ବାଦାମ ବିହନ ଯୋଗାଣ ୧୫ ରୁ ୧୭ ହଜାର କୁଇଣ୍ଟାଲ ହେଉଥିବା ସ୍ଥଳେ ଚଳିତ ରବି ଋତୁରେ ଏହା ୪୫ ହଜାର କୁଇଣ୍ଟାଲ ହୋଇପାରିଛି । ରାଜ୍ୟରେ ୫୦୦୦ ହେକ୍ଟର ଜମିରେ ୧୯୯୪-୯୫ ରେ ବିହନ ଉତ୍ପାଦନ ହୋଇଥିଲା ବେଳେ ଚଳିତ ବର୍ଷ ୧୫୦୦୦ ହେକ୍ଟର ଜମିରେ ବିଭିନ୍ନ ପ୍ରାମାଣିକ ବିହନ ଚାଷ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୧.୫ ଲକ୍ଷ କୁଇଣ୍ଟାଲ ପ୍ରାମାଣିକ ଅଧିକ ଅମଳ କ୍ଷମ ଧାନ ବିହନ ଓ ୩ ହଜାର କୁଇଣ୍ଟାଲ ମୁଗ ବିରି ବିହନ ରାଜ୍ୟ ମଧ୍ୟରୁ ଆମଦାନୀ ହୋଇ ସାରିଲାଣି । ପ୍ରଥମ ଥରପାଇଁ ରାଜ୍ୟମଧ୍ୟରୁ ୩୦ ହଜାର କୁଇଣ୍ଟାଲ ଚିନାବାଦାମ ବିହନ ସଂଗ୍ରହ ହୋଇ ପାରିଛି, ଯାହା ପୂର୍ବେ ୫-୬ ହଜାରରୁ ଅଧିକ ହୋଇ ପାରୁନଥିଲା ।

୧୯୯୪-୯୫ ସୁଦ୍ଧା ରାଜ୍ୟରେ କୃଷି ବିଭାଗ, ବିହନ ନିଗମ ଓ ଘରୋଇ ଭାବେ ୨୫ ଗୋଟି ବିହନ ପ୍ରକ୍ରିୟାକରଣ ଯନ୍ତ୍ର ସରକାରୀ ଫାର୍ମମାନଙ୍କରେ ପ୍ରତିଷ୍ଠା କରିଛନ୍ତି- ଏହା ଫଳରେ ରାଜ୍ୟମଧ୍ୟରେ ଆବଶ୍ୟକ ବିହନ ଉତ୍ପାଦନ ଓ ପ୍ରକ୍ରିୟା କରଣ ଯନ୍ତ୍ର ହୋଇପାରିବ । ଏଥିପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯାଉଛି ।

ରାଜ୍ୟମଧ୍ୟରେ ଅଧିକ ଅମଳକ୍ଷମ ଓ ଶଙ୍କର ବିହନ ଉତ୍ପାଦନ ପାଇଁ ଦୁଇଟି ଘରୋଇ ଉଦ୍ୟୋଗ ସହିତ ଚୁକ୍ତିନାମା ସ୍ୱାକ୍ଷର ହୋଇଛି ଓ ତୃତୀୟ ସଂସ୍ଥାସହିତ କଥାବାର୍ତ୍ତା ଚାଲିଛି । ଏହା ଫଳରେ ବିହନ ଗାଁ ଗହଳରେ ମିଳିବା ସୁବିଧା ହେବ ଓ ସେଥିରେ ସରକାରୀ ଅଂକୁଶ ରହିବ ନାହିଁ ।

**ସାରଯୋଗାଣ** - ସାର ଯୋଗାଣକାରୀ ସଂସ୍ଥାମାନଙ୍କୁ ଜିଲ୍ଲା ସଦର ମହକୁମାରେ ସାର ରଖିବାପାଇଁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଫଳରେ ସାରର କଳାବଜାରର ସଂପୂର୍ଣ୍ଣ ବନ୍ଦ ହୋଇପାରିଛି । ନିଜେ ମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କ ଠାରେ ଦାବୀ କରିବା ଫଳରେ

ଓଡ଼ିଶାକୁ ସାର ଯୋଗାଣ ପରିମାଣ ଓ ରେକ ଯୋଗାଣ କ୍ଷେତ୍ରରେ ସମୟାନୁବର୍ତ୍ତିତା ରକ୍ଷା କରାଯାଇ ପାରୁଛି । ଏହା ବ୍ୟତୀତ ରାଜ୍ୟର ୧୧୫ କୋଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାର ଯୋଗାଣ ଅବ୍ୟାହତ ରଖିବା ପାଇଁ ରାଜ୍ୟ ସରକାର ଟନ ପିଛା ଟ ୧୦୦/୦ ରିହାତି ଦେବା ଫଳରେ ୧୯୯୪-୯୫ରେ ସମୁଦାୟ ସାରଖର୍ଚ୍ଚ ୨୦୭.୭ ଲକ୍ଷ ଟନ ହୋଇଥିବା ବେଳେ ୧୯୯୫-୯୬ ରେ ଏହା ୨୧୯.୯୯ ଓ ୧୯୯୬-୯୭ ରେ ଏହା ୨୩୭.୫୩ ଲକ୍ଷ ମେଟ୍ରିକ୍ ଟନ ହେବ ବୋଲି ଆଶା କରାଯାଏ । ଓ ମାନେ ୧୯୯୪-୯୫ରେ ହେକ୍ଟର ପ୍ରତି ସାରଖର୍ଚ୍ଚ ୨୨.୭ କେଜି ଥିଲା ବେଳେ ଏହା ୯୫-୯୬ ରେ ୨୫ କେଜି ଓ ୯୬-୯୭ରେ ୩୫ କେ.ଜି ହେବ ବୋଲି ଆଶାକରାଯାଉଛି । ଖାଲି ସେତିକି ନୁହେଁ ସମାନୁପାତିକ ସାର ବ୍ୟବହାର କ୍ଷେତ୍ର ସଫଳ ସଂପ୍ରସାରଣ ହେତୁ ୧୯୯୪-୯୫ ଖରିଫ ଋତୁରେ ରାଜ୍ୟରେ ୧୭.୭୦ ଲକ୍ଷ ମେଟ୍ରିକ ଟନ ଫସଫେଟ୍ ସାର ଖର୍ଚ୍ଚ ହୋଇଥିବା ସ୍ଥଳେ ୯୫.୯୬ ଖରିଫରେ ଏହା ୧୯.୨୯ ଲକ୍ଷ ମେଟ୍ରିକଟନ ଓ ୯୬-୯୭ ରେ ଏହା ୩୦.୩ ଲକ୍ଷ ମେଟ୍ରିକ ଟନ ହୋଇଛି ।

**କୃଷିଯାନ୍ତ୍ରୀ କରଣ** - କୃଷି କ୍ଷେତ୍ରରେ ଉଭୟ ହସ୍ତଚାଳିତ ଓ ଯନ୍ତ୍ର ଚାଳିତ କୃଷି ଉପକରଣର ବ୍ୟବହାର ବୃଦ୍ଧି କରି ମୂଳ ଖର୍ଚ୍ଚ କମାଇବା ଓ ସମୟ ଉପଯୋଗୀ ଚାଷ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଶତକଡ଼ା ୫୦ ଭାଗ ରିହାତି ବା ସର୍ବୋଚ୍ଚ ୧୫୦୦ ଟଙ୍କା ରିହାତି ଦେଇ ଧାନ ଅମଳ, ଧାନଉଡ଼ାଇବା ହସ୍ତ ଓ ପଦ ଚାଳିତ ପମ୍ପ ଇତ୍ୟାଦି ସମସ୍ତ କିସମ ଚାଷୀଙ୍କୁ ଦିଆଯିବାର ବ୍ୟାପକ ପ୍ରବନ୍ଧ କରିବା ଫଳରେ ୧୯୯୪-୯୫ ରେ ୧୮୧.୬୪ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିବା ସ୍ଥଳେ ୯୫-୯୬ ରେ ଏହା ୫୯୦.୨୪ ଓ ଚଳିତ ବର୍ଷ (୯୬-୯୭) ଫେବୃଆରୀ ଶେଷସୁଦ୍ଧା ୯୩୨.୩୨ ଲକ୍ଷ ଟଙ୍କା, କୃଷି ଯନ୍ତ୍ରପାତି ବିକ୍ରୟ କରା ସରିଲାଣି । ଏ ସମସ୍ତ ଯନ୍ତ୍ର ରାଜ୍ୟର କ୍ଷୁଦ୍ର ଶିଳ୍ପ ସଂସ୍ଥାମାନେ ହିଁ ପ୍ରସ୍ତୁତ କରୁଛନ୍ତି । ୧୯୯୪-୯୫ ରେ ରାଜ୍ୟରେ ମାତ୍ର ୪୮ ଗୋଟି କ୍ଷୁଦ୍ରଶିଳ୍ପ ସଂସ୍ଥା କୃଷି ଯନ୍ତ୍ର ଉତ୍ପାଦନ କରୁଥିଲା ବେଳେ ୯୫-୯୬ ରେ ଏହା ୮୨ କୁ ବୃଦ୍ଧି ପାଇଥିଲା ଓ ଚଳିତ ବର୍ଷ ୧୬୫ ଗୋଟି କ୍ଷୁଦ୍ର ଶିଳ୍ପ ସଂସ୍ଥା ଏଇ ଯନ୍ତ୍ରପାତି ତିଆରିରେ ବ୍ୟାପୃତ ଅଛନ୍ତି । ଏହା ଦ୍ୱାରା କର୍ମନିଯୁକ୍ତି ମଧ୍ୟ ଅଧିକ ସୃଷ୍ଟି କରାଯାଇ ପାରିଛି । ଏହା ବ୍ୟତୀତ ୧୯୯୬-୯୭ ରେ ୨୭୩ ଗୋଟି ଟ୍ରାକ୍ଟର ଓ ୩୮୫ ଗୋଟି ପାୱାର ଟିଲର ଗୋଟି ଟ ୩,୦୦୦୦- ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେବା ପାଇ ବ୍ୟବସ୍ଥା କରାଯାଇଛି । ରାଜ୍ୟ ମଧ୍ୟରେ ପ୍ରଥମ ଥର ପାଇଁ ଏକ ବଳଦ ଶକ୍ତି ଚାଳିତ ଲଙ୍ଗଳ ଉଦ୍ଭାବନ କରାଯାଇଛି ଓ ଏହା ଉପରେ ରାଜ୍ୟ ସରକାର ୫୦୦୦/- ରିହାତି ଦେବା ବ୍ୟବସ୍ଥା କରିଛନ୍ତି ।

**ଜଳସେଚନ** - ଜଳସେଚନର ପ୍ରସାର ଉତ୍ପାଦନରେ ସ୍ଥିରତା ଆଣେ, ରାଜ୍ୟର ୬୪ ଲକ୍ଷ ହେକ୍ଟର ଜମିର ୫୦ ଭାଗକୁ ଜଳସେଚନ ଯୋଗାଣ ଚଳିତ ଶତାବ୍ଦୀର ଶେଷସୁଦ୍ଧା କରାଯିବା ପାଇଁ କୃଷି ନୀତିରେ ଘୋଷଣା କରାଯାଇଛି । ଯେ କୌଣସି ଚାଷୀ ବ୍ୟକ୍ତିଗତ ବା ସମଷ୍ଟିଗତ ଭାବେ ଯେ କୌଣସି ଅନୁଷ୍ଠାନ ପ୍ରବାହ ବା ଭୂତଳ ଜଳର ବିନିଯୋଗ କରି ଜଳସେଚନ ବ୍ୟବସ୍ଥା ଚାଷ ପାଇଁ କଲେ ଶତକଡ଼ା ୫୦ ଭାଗ ବା ସର୍ବୋଚ୍ଚ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ନୂତନ କୃଷି ନୀତିରେ କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୪୭୨୪ ଜଣ ଆଗ୍ରହୀ ଚାଷୀ ତାଙ୍କ ଜମିରେ ଭୂତଳ ଜଳ ବିନିଯୋଗ କରି ଜଳସେଚନ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଓ ତା ମଧ୍ୟରୁ ଫେବୃଆରୀ ଶେଷସୁଦ୍ଧା ୫୯୦ ଗୋଟି ପ୍ରକଳ୍ପର ଖନନ କାର୍ଯ୍ୟ ସମାପ୍ତ ହେଲାଣି । ଏଇ ଖନନ କାର୍ଯ୍ୟପାଇଁ ଉଭୟ କୃଷି ଶିଳ୍ପ ନିଗମ ଓ ଘରୋଇ ସଂସ୍ଥାମାନଙ୍କୁ ବ୍ୟବହାର କରାଯାଉଛି, ଯାହାଫଳରେ କି କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଆତ୍ମ ନିଯୁକ୍ତି ସୃଷ୍ଟି ହେବ । ବିଭିନ୍ନ ଘରୋଇ ଓ ସମବାୟ ଆଣ୍ଠୁକଳ ବୃହତ୍ ବା କ୍ଷୁଦ୍ର ପ୍ରବାହ ହେଉ ବା ଭୂତଳହେଉ ଚାଷୀଙ୍କ ସମଷ୍ଟି ଗତ ସୁବିଧା ପାଇଁ କଲେ କୃଷିନୀତି ଅନୁଯାୟୀ ୫୦ ଭାଗ ବା ଉପକୃତ ଅଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଚାଷୀମାନଙ୍କ ଅଂଶ ବାବଦକୁ ୫୦ ଭାଗ ରିହାତି DRDA ଜରିଆରୁ ଦିଆଯିବାର ବ୍ୟବସ୍ଥା କରାଯାଉଛି । ଏହା ଫଳରେ ଚଳିତ ବର୍ଷ ଶେଷ ସୁଦ୍ଧା ଏଇ ଆଣ୍ଠୁକଳମାନେ ରାଜ୍ୟରେ ପ୍ରାୟ ୧୬୪୨୧ ଏକର ଜମିରେ ଏବଂ ଆସନ୍ତା ଜୁନ ଶେଷ ପୂର୍ବରୁ ୨୮୪୧୮ ଏକର ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବା ପାଇଁ କାର୍ଯ୍ୟରତ ଅଛନ୍ତି । ଜଳର ଉପଯୁକ୍ତ ବିନିଯୋଗ ପାଇଁ ମହିଳା, ଆଦିବାସୀ ହରିଜନ ଚାଷୀଙ୍କୁ ୯୦ଭାଗ ରିହାତି ଓ ସାଧାରଣ ଚାଷୀଙ୍କୁ ୭୦ ଭାଗ ବା ସର୍ବୋଚ୍ଚ ୨୫୦୦୦ ହଜାର ଟଙ୍କା ରିହାତି ଦିଆଯାଇ ସିଞ୍ଚନ ଯନ୍ତ୍ର ବା ବୁନ୍ଦାଜଳସେଚନ ବ୍ୟବସ୍ଥାରେ ବ୍ୟାପକତା ଆଣିବ ପାଇଁ ଚେଷ୍ଟା କରାଯାଉଛି ।

**କୃଷିସହାୟକ କେନ୍ଦ୍ର** - ଆଗ୍ରହୀ କୃଷି ଉଦ୍ୟୋଗୀ ଓ କୃଷି ଶିଳ୍ପର ବିକାଶ ଉଦ୍ଦେଶ୍ୟରେ ରାଜ୍ୟର ୪୮ ଗୋଟି ସବଡ଼ିଭିଜନରେ ଗତ ନଭେମ୍ବର ୯୬ ଠାରୁ କୃଷି ସହାୟକ କେନ୍ଦ୍ର ସ୍ଥାପନ କରାଯାଇଛି । ଏହା ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ନିର୍ଦ୍ଦିଷ୍ଟ ସମୟରେ ଜିଲ୍ଲା କୃଷି ଅଫିସରେ କାର୍ଯ୍ୟକରେ । ଏଥିରେ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନବିତ, କୃଷିଯନ୍ତ୍ରୀ, ବରିଷ୍ଠ ଭେଟେରାନାରୀ ଓ ମତ୍ସ୍ୟ ବିଭାଗ ଅଧିକାରୀ ଓ ସେଇ ଅଂଚଳର ସବୁଠାରୁ ଅଧିକ ଶାଖାଥିବା ବ୍ୟାଙ୍କ ଅଧିକାରୀ ସଭ୍ୟ ଅଟନ୍ତି । ଏମାନେ ଏଠାକୁ ଆସୁଥିବା ଆଗ୍ରହୀ କୃଷି ଉଦ୍ୟୋଗୀଙ୍କୁ ପରାମର୍ଶ, ପ୍ରକଳ୍ପ ତଥ୍ୟ, ପ୍ରକଳ୍ପ ପ୍ରସ୍ତୁତି, ପ୍ରକଳ୍ପ ସ୍ଥାନ ପରିଦର୍ଶନ ଇତ୍ୟାଦିରେ ସହଯୋଗ କରନ୍ତି । ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ତାଲିମ ଓ ବ୍ୟାଙ୍କରଣ ବ୍ୟବସ୍ଥା କରନ୍ତି ଓ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ପ୍ରକଳ୍ପ ଖର୍ଚ୍ଚର (ଜମି ବ୍ୟତୀତ) ୨୦ ଭାଗ ରିହାତି (ସର୍ବୋଚ୍ଚ ୨୦ ଲକ୍ଷ ଟଙ୍କା) ପ୍ରଦାନ ବ୍ୟବସ୍ଥା କରନ୍ତି । ଚଳିତ ଫେବୃଆରୀ ଶେଷସୁଦ୍ଧା ବିଭିନ୍ନ କୃଷି ସହାୟକ କେନ୍ଦ୍ର ମାଧ୍ୟମରେ ଗୋପାଳନ, ମତ୍ସ୍ୟଚାଷ, ଫଳଚାଷ, କୃଷିସେବାସଂସ୍ଥା ମିଶ୍ରିତ ଚାଷ ପଦ୍ଧତିରେ, କୁକୁଡ଼ାଚାଷ ଇତ୍ୟାଦି ପାଇଁ ୧୪୪୩ ଜଣ କୃଷି ଉଦ୍ୟୋଗୀ ବିଚାର ଯୋଗ୍ୟ ହୋଇଛନ୍ତି ଏବଂ ୧୩୭ ଜଣଙ୍କର ପ୍ରକଳ୍ପ ଅନୁମୋଦିତ ହୋଇ ବ୍ୟାଙ୍କରଣ ପାଇଁ ବ୍ୟବସ୍ଥା କରାଯାଉଛି ।

**ଏପିକଲ** - କୃଷି ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ନୀତିର ଏକ ଅଂଶବିଶେଷ ଭାବେ ଏହା ଜୁନ ୯୬ ରେ ସ୍ଥାପନ କରାଯାଇଛି । ରାଜ୍ୟରେ କୃଷି ଶିଳ୍ପର ଭିତ୍ତି ଭୂମି ସୁଦୃଢ଼ କରିବା ଏଇ ସଂସ୍ଥାର ଲକ୍ଷ୍ୟ । କୃଷି ଶିଳ୍ପର ବିକାଶ ପାଇଁ ବର୍ତ୍ତମାନ ସୁଦ୍ଧା ଏଇ ସଂସ୍ଥା ନିମ୍ନ କାର୍ଯ୍ୟ ଗୁଡ଼ିକ ସଂପାଦନ କରିଛି ।

୧. ପ୍ରାୟ ୨୨୦ ଗୋଟି ପ୍ରକଳ୍ପ ତଥ୍ୟ ଏହା କୃଷି ସହାୟକ କେନ୍ଦ୍ରମାନଙ୍କୁ ଯୋଗାଇ ଦେଇଛନ୍ତି ।

୨. ୨୨ଗୋଟି ମଡ଼େଲ ପ୍ରକଳ୍ପ ଅଟକଳ ପ୍ରସ୍ତୁତ କରାଯାଇ ଉଦ୍ୟୋଗୀମାନଙ୍କ ଆବଶ୍ୟକତାକୁ ଆଖିରେ ରଖି ଏହା ବିଭିନ୍ନ କୃଷି ସହାୟକ କେନ୍ଦ୍ରମାନଙ୍କରେ ମହଜୁଦ ରଖାଯାଇଛି ।

୩. ରାଜ୍ୟରେ ଆଳୁ ଗଚ୍ଛିତ ରଖିବା ପାଇଁ ସ୍ଥାନ ନିର୍ବାଚନ ଓ ୧୬ ଜଣ କୃଷି ଉଦ୍ୟୋଗୀଙ୍କୁ ଚିହ୍ନଟ କାର୍ଯ୍ୟ ସମାପ୍ତ କରାଯାଇଛି ।

୪. ୨୫ ଲକ୍ଷରୁ ଅଧିକ ତିନିଗୋଟି ପ୍ରକଳ୍ପ ଯାହା କୃଷି ସହାୟକ କେନ୍ଦ୍ର କରିଆରେ ଏଠାକୁ ଆସିଥିଲା, ତାର ଅନୁଧ୍ୟାନ କରାଯାଇ ଅନୁମୋଦନ ହୋଇ ବ୍ୟାଙ୍କମାନଙ୍କୁ ପଠାଯାଇଛି ।

୫. ଏପିକଲ ସହାୟତାରେ କୋରାପୁଟର ଉମରକୋଟ ଠାରେ ୨୦ ହଜାର କୁଇଣ୍ଟାଲ ତୁଳା ଭିଣିବା ଉଦ୍ୟୋଗ ଘରୋଇ କ୍ଷେତ୍ରରେ ୩.୦୪ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇ ସାରିଲାଣି ।

୬. ଭୁବନେଶ୍ୱର ଠାରେ ଏକ ଘରୋଇ ପ୍ରଚେଷ୍ଟାରେ ଫଳରସ ପାନୀୟ କୃଷିଶିଳ୍ପ ପ୍ରତିଷ୍ଠା କାର୍ଯ୍ୟ ଆଗେଇ ଚାଲିଛି ଏବଂ ଏହା ଆସନ୍ତା ୩-୪ ମାସରେ କାର୍ଯ୍ୟକାରୀ ହେବା ଆଶା କରାଯାଏ ।

ଢ଼େଙ୍କାନାଳ ଠାରେ ଏକ ଆଗ୍ରୋ ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟସରକାର, ଏପିକଲ ଓ WISE ନାମକ ଏକ ସଂସ୍ଥା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଓ ନିକଟରେ ଏହାର କାର୍ଯ୍ୟ ଆରମ୍ଭ ହେବ । ଏହା ବ୍ୟତୀତ କୃଷି ଜାତ ଫଳ, ପନିପରିବା, ମସଲା ଓ ଖୋଟ ଶିଳ୍ପର ବିକାଶ ପାଇଁ ଏହି ସଂସ୍ଥା ବର୍ତ୍ତମାନ କାର୍ଯ୍ୟରତ ଅଛି ।

**ଅର୍ଥକରୀ ଫସଲ** - ରାଜ୍ୟରେ ୧୯୯୪-୯୫ ସୁଦ୍ଧା ୭ ଗୋଟି ଆଖୁକଳ କାର୍ଯ୍ୟ କରୁଥିଲେ ୧୯୯୫-୯୬ ରେ ୪ ଗୋଟି ନୂତନ ଆଖୁକଳ ପ୍ରତିଷ୍ଠା ପାଇଁ ସ୍ୱୀକୃତି ପ୍ରାପ୍ତ ସଂସ୍ଥା ସେମାନଙ୍କ କଳ ପ୍ରତିଷ୍ଠା ପାଇଁ ଭଦ୍ରଖ, ରଙ୍ଗନଗର, ଜୟପୁର (ଜଗତସିଂପୁର) ଓ ବାରକୋଟ ଠାରେ କାର୍ଯ୍ୟ ଆରମ୍ଭ କଲେଣି । ଚଳିତ ବର୍ଷ କେନ୍ଦ୍ର ସରକାର ରାଜ୍ୟରେ ଆଉ ୮ ଗୋଟି ନୂତନ ଆଖୁକଳ ବସାଇବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହାଫଳରେ ଆଖୁଚାଷର ପ୍ରସାର ହୋଇପାରିବ ।

ତୁଳା ଉତ୍ପାଦନକୁ ପ୍ରାଧାନ୍ୟ ଦେବା ଫଳରେ ୯୪-୯୫ ରେ କପା ୬୫୮୮ ହେକ୍ଟର ଜମିରେ ହେଉଥିବା ବେଳେ ୯୫-୯୬ ରେ ୧୦୯୦୦ ହେକ୍ଟର ଓ ୯୬-୯୭ରେ ୧୫୭୬୦ ହେକ୍ଟର ଜମିରେ ଏହା କରାଯାଉଛି । ରାଜ୍ୟ କପାଚାଷର ବିକାଶ ପାଇଁ CCI Cotted ଘରୋଇ ସଂସ୍ଥାମାନଙ୍କ ସାହାଯ୍ୟ ନିଆଯାଉଛି । ରାଜ୍ୟରେ କପା ଭିଣିବାର ଆବଶ୍ୟକତାକୁ ଆଖିରେ ରଖି ଘରୋଇ କ୍ଷେତ୍ରରେ ଏକ କପା ଭିଣା ପ୍ରକଳ୍ପ ଉମରକୋଟରେ ପ୍ରତିଷ୍ଠା କରାଯାଇଛି ଓ କେସିଙ୍ଗାସ୍ଥିତ Cotted ର ଭିଣା ଶକ୍ତି ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଉଛି ।

ଅର୍ଥକରୀ ଫସଲ ହିସାବରେ ଆଳୁ ଓ ପିଆଜ ଚାଷର ପ୍ରସାର ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ନଦୀ ବାଲିରେ ଆଳୁଚାଷର ସଫଳତା ପରେ ଏହାର ପ୍ରସାର ପାଇଁ ମଧ୍ୟ ବ୍ୟବସ୍ଥା ହେଉଛି । ୧୯୯୪-୯୫ ରେ ରାଜ୍ୟରେ ୧୨୮୦୦ ହେକ୍ଟର ଜମିରେ ଆଳୁ ଓ ୪୫୮୩୦ ହେକ୍ଟର ଜମିରେ ପିଆଜ ଚାଷ ହୋଇଥିବା ସ୍ଥଳେ ୯୫-୯୬ ରେ ଆଳୁ ୧୩୨୦୦ ହେକ୍ଟର ଓ ୯୬-୯୭ ରେ ୧୪୯୦୦ ହେକ୍ଟର ରେ କରାଯାଇଛି ଓ ପିଆଜ ୯୫ -୯୬ ରେ ୪୭୨୦୦ ହେକ୍ଟର ଓ ୯୬-୯୭ ୪୭୫୦୦ ହେକ୍ଟର ଜମିରେ କରାଯାଉଛି । ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଘରୋଇ ସ୍ତରରେ ୧୬ ଜଣ ଉଦ୍ୟୋଗୀଙ୍କୁ ଚିହ୍ନଟ କରାଯାଇ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି ।

**ଉଦ୍ୟାନ ବିଭାଗ** - ରାଜ୍ୟରେ ୧୯୯୪-୯୫ ସୁଦ୍ଧା ୨,୦୫୦୨୯ ହେକ୍ଟର ଜମିରେ ଫଳଚାଷ ହେଉଥିଲା । ଗତ ଦୁଇବର୍ଷ ମଧ୍ୟରେ ଅଧିକ ୫୪୬୧୭ ହେକ୍ଟର ଜମିରେ ଅଧିକ ଫଳଚାଷ ବ୍ୟବସ୍ଥା ହୋଇଛି । ସବୁଠାରୁ ଅଧିକ ସାଫଲ୍ୟ ଆମ୍ବ, ବରକୋଳି ଓ କଦଳୀ ଫସଲରେ ସମ୍ଭବ ହୋଇଛି ।

| ଫଳର ନାମ | ୧୯୯୪-୯୫ ସୁଦ୍ଧା ଅଟକଳ (ହେକ୍ଟର) | ୯୫-୯୬ ୯୬-୯୭ ରେ ସୃଷ୍ଟି ହୋଇଥିବା ନୂତନ ଅଂଚଳ (ହେକ୍ଟର) |
|---|---|---|
| ଆମ୍ବ | ୬୪୧୦୬ | ୨୫୦୧୫ |
| ବରକୋଳି | ୨୧୫୪ | ୧୯୪୪ |
| ଲେମ୍ବୁ | ୧୪୯୦୩ | ୫୬୨୮ |
| କଦଳୀ | ୨୦୭୬୮ | ୨୪୬୬ |

କଲମୀ ଓ ଚାରା ଯୋଗାଣ କ୍ଷେତ୍ରରେ ଉଦ୍ୟାନ ବିଭାଗ ୧୯୯୪-୯୫ ରେ ୧୪.୯୯ ଲକ୍ଷ ଯୋଗାଣ କରିଥିବା ବେଳେ ୯୫-୯୬ ରେ ୧୫.୯୦ ଓ ୯୬-୯୭ ରେ ୧୮.୧୪ ଲକ୍ଷ ଚାରା କଲମୀ ଇତ୍ୟାଦି ଚାଷୀଙ୍କୁ ଯୋଗାଇ ଦେଇଛନ୍ତି । ପ୍ରଥମଥର ପାଇଁ ରାଜ୍ୟରେ ଫୁଲଚାଷର ପ୍ରଚେଷ୍ଟା ହୋଇ ଚଳିତ ବର୍ଷ ୩୬ ହେକ୍ଟର ଜମିରେ ଏହା ଲାଭଜନକ ଭାବେ କରାଯାଇଛି ।

ଚାଷୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଇଁରୁ ୧୯୯୪-୯୫ ରେ ୨୭୦ ଲକ୍ଷ ଟଙ୍କା ରିହାତି ଦିଆଯାଇଥିବା ସ୍ଥଳେ ୯୫-୯୬ ରେ ରାଜ୍ୟ ସରକାର ଚାଷୀଙ୍କୁ ୧୨୦୩ଲକ୍ଷ ଓ ୧୯୯୬-୯୭ରେ ୯୦୩ଲକ୍ଷ ମଂଜୁର କରିଛନ୍ତି ।

# ନଗର ଉନ୍ନୟନ ଯୋଜନା



## ମାଷ୍ଟର ପ୍ଲାନ :

୧୯୯୧ ଜନଗଣନା ଅନୁସାରେ ୧୨୪ ଟି ସହରକୁ ଚିହ୍ନଟ କରାଯାଇଛି । ଓଡ଼ିଶା ଟାଉନପ୍ଲାନିଂ ଏବଂ ଇମପ୍ରୁଭମେଣ୍ଟ ଟ୍ରଷ୍ଟ ଆକ୍ଟ ୧୯୫୬ ଅନୁଯାୟୀ ସହରର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି । ଅଷ୍ଟମ ଯୋଜନା କାଳରେ ୧୯ ଗୋଟି ସହରର ମାଷ୍ଟର ପ୍ଲାନ୍, ୬ ଗୋଟି ସହରର ଅନୁମୋଦିତ ହୋଇଥିବା ମାଷ୍ଟର ପ୍ଲାନର ପୁନରୀକ୍ଷଣ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଥିଲା । ତନ୍ମଧ୍ୟରୁ ୧୯୯୫-୯୬ ସୁଦ୍ଧା ୭ ଗୋଟି ସହରର ଡ୍ରାଫ୍ଟ ମାଷ୍ଟର ପ୍ଲାନ ପ୍ରସ୍ତୁତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଅଛି ଏବଂ ୧୯୯୬-୯୭ ବର୍ଷରେ ଅବଶିଷ୍ଟ ୬ ଗୋଟି ସହରର ମାଷ୍ଟର ପ୍ଲାନ ହୋଇଅଛି । ଏତଦ୍ ବ୍ୟତୀତ ଅନୁମୋଦିତ ହୋଇଥିବା ମାଷ୍ଟର ପ୍ଲାନ ମଧ୍ୟରୁ ୩ ଗୋଟି ସହରର ପୁନରୀକ୍ଷଣ କାର୍ଯ୍ୟ ଚାଲୁ ରହିଛି ଏବଂ ଅବଶିଷ୍ଟ ୩ ଗୋଟି ସହରର ମଧ୍ୟବର୍ତ୍ତୀ ଉନ୍ନୟନ ଯୋଜନା (ଇଣ୍ଟରିମ୍ ଡେଭଲପମେଣ୍ଟ ପ୍ଲାନ) ପ୍ରସ୍ତୁତ ପାଇଁ ସଂପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଯୋଜନା ଗୁଡିକର ସଫଳ କାର୍ଯ୍ୟାନୁଷ୍ଠାନ, ନିଷ୍ପାଦନ ତଥା ପର୍ଯ୍ୟାଲୋଚନା ନିମନ୍ତେ ରାଜ୍ୟରେ ୫ ଗୋଟି ଉନ୍ନୟନ କର୍ତ୍ତୃପକ୍ଷ, ୬ ଗୋଟି ଆଞ୍ଚଳିକ ଉନ୍ନୟନ ପରିଷଦ ଏବଂ ୩୩ ଗୋଟି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ କାର୍ଯ୍ୟ କରୁଛନ୍ତି । ଏହା ମଧ୍ୟରେ ପୁରୀ-କୋଣାର୍କ ଆଞ୍ଚଳିକ ସଂସ୍ଥାକୁ ତା ୧.୪.୯୭ ଠାରୁ ଉନ୍ନୟନ କର୍ତ୍ତୃପକ୍ଷ ରୂପେ ପରିବର୍ତ୍ତିତ କରାଯାଇଅଛି । ୧୯୯୫-୯୬ ରେ ୩ ଗୋଟି ଆଞ୍ଚଳିକ ଉନ୍ନୟନ ସଂସ୍ଥା ଏବଂ ୬ ଗୋଟି ସ୍ୱତନ୍ତ୍ର ଯୋଜନା ଅଧିକାରୀ ପ୍ରତିଷ୍ଠା କରାଯାଇଅଛି । ୧୯୯୬-୯୭ ରେ ଦୁଇ ଗୋଟି ଆଞ୍ଚଳିକ ଉନ୍ନୟନ ସଂସ୍ଥା ଓ ଗୋଟିଏ ସ୍ୱତନ୍ତ୍ର ଯୋଜନା ଅଧିକାରୀ ପ୍ରତିଷ୍ଠା ହୋଇଛି ।

## କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ ଯୋଜନା (ଆଇ. ଡି. ଏସ୍.ଏମ୍. ଟି):

କେନ୍ଦ୍ରୀୟ ପ୍ରବର୍ତ୍ତିତ କ୍ଷୁଦ୍ର ଓ ମଧ୍ୟମ ସହର ଉନ୍ନୟନ ଯୋଜନା (ଆଇ. ଡି. ଏସ.ଏମ. ଟି.) ଓଡ଼ିଶାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରୁ ପ୍ରଚଳନ ହୋଇ ଆସୁଅଛି । ଉକ୍ତ ଯୋଜନାରେ ୯୫-୯୬ ବର୍ଷ ସୁଦ୍ଧା ୩୮ ଗୋଟି ସହରକୁ ଅନ୍ତର୍ଭୁକ୍ତ କରାଯାଇଅଛି । ଉପରୋକ୍ତ ସହରର ଉନ୍ନତିକରଣ ପାଇଁ ୫୩୦୫.୪୫ ଲକ୍ଷ ଟଙ୍କାର ପରିଯୋଜନା ରିପୋର୍ଟ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇ ସାରିଛି ଓ କେନ୍ଦ୍ରୀୟ ଅଂଶ ଧନ ବାବଦକୁ ୧,୦୧୩,୫୨ ଲକ୍ଷ ଟଙ୍କା ଋଣ ଆକାରରେ ୧୯୯୪-୯୫ ବର୍ଷ ସୁଦ୍ଧା ମଞ୍ଜୁର ହୋଇଅଛି ଓ ରାଜ୍ୟ



ସରକାର ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବା ପାଇଁ ୧୯୯୫-୯୬ ବର୍ଷ ସୁଦ୍ଧା ୬୦୧.୩୧ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି । ୧୯୯୫-୯୬ ବର୍ଷରେ ୩ ଗୋଟି ସହରକୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି ଏବଂ ୧୯୯୬-୯୭ ବର୍ଷ ପାଇଁ ୬ ଗୋଟି ସହରକୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ପ୍ରସ୍ତାବ ଅଛି । ତନ୍ମଧ୍ୟରୁ ୫ ଗୋଟି ସହରର ପରିଯୋଜନା ରିପୋର୍ଟ କେନ୍ଦ୍ର ସରକାରଙ୍କ ସହର ବିକାଶ ମନ୍ତ୍ରଣାଳୟକୁ ଅନୁମୋଦନ ନିମନ୍ତେ ପଠାଯାଇଛି । ଅବଶିଷ୍ଟ ଏକ ଗୋଟି ସହରର ପରିଯୋଜନା ରିପୋର୍ଟ ୧୯୯୬-୯୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରେରଣ କରାଯିବ ।

## ନିର୍ମାଣ କେନ୍ଦ୍ର ବିକାଶ

ମାନବ ସମ୍ବଳର ବିକାଶ ଏବଂ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ ନିମନ୍ତେ ଭାରତ ସରକାର ସମଗ୍ର ଦେଶରେ ନିର୍ମାଣ କେନ୍ଦ୍ର ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଅଛନ୍ତି । ଏହି ଜାତୀୟ ଯୋଜନାର ଏକ ଅଂଶ ବିଶେଷ ଭାବେ ଓଡ଼ିଶା ସରକାର ପ୍ରଥମ ପର୍ଯ୍ୟାୟରେ ସ୍ୱୀକୃତିପ୍ରାପ୍ତ ୧୨୭ଟି ସ୍ଥାନ ମଧ୍ୟରୁ ୪୬ ଗୋଟି ସ୍ଥାନ ପାଇଁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ଅନୁଦାନ ନିମନ୍ତେ ହୁଡକୋକୁ ପ୍ରଦାନ କରାଯାଇଅଛି । ତନ୍ମଧ୍ୟରୁ ୩୬ ଗୋଟି ଭାରତ ସରକାରଙ୍କ ଅନୁଦାନ ଲାଭ ନିମନ୍ତେ ମଞ୍ଜୁରୀ ପାଇଛନ୍ତି । ବର୍ତ୍ତମାନ ୨୮ ଗୋଟି ନିର୍ମାଣ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛନ୍ତି ଏବଂ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ ପାଇଁ ସାମଗ୍ରୀ ପ୍ରସ୍ତୁତ ଆରମ୍ଭ କରିଛନ୍ତି । ଏହି ଗୃହ ନିର୍ମାଣ ସାମଗ୍ରୀଗୁଡିକ ବିଶେଷ ଭାବରେ ଗ୍ରାମୀଣ ଆବାସ ଯୋଜନାରେ ଆର୍ଥିକ ଦୁ . ଶ୍ରେଣୀର ହିତାଧିକାରୀଙ୍କ ପାଇଁ ବ୍ୟବହୃତ ହେଉଛି ।

## ପୌର ଜଳ ଯୋଗାଣ

ସମଗ୍ର ରାଜ୍ୟରେ ୧୦୨ ଗୋଟି ପୌର ସ୍ଥାନୀୟ ନିକାୟ (ULB) ମଧ୍ୟରୁ ୧୯୯୭ ମାର୍ଚ୍ଚ ସୁଦ୍ଧା ୯୭ ଗୋଟି ପୌରାଞ୍ଚଳରେ ପାଇପ୍ ଜଳ ଯୋଗାଣ ମାଧ୍ୟମରେ ସଂପୂର୍ଣ୍ଣ କିମ୍ବା ଆଂଶିକ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ପ୍ରାୟ ୪୯୨.୫୦ ନିୟୁତ ଲିଟର ଜଳ ଯୋଗାଣ ଦ୍ୱାରା ପ୍ରାୟ ୨୫.୭୮ ଲକ୍ଷ ପୌରବାସୀ ଉପକୃତ ହେଉଛନ୍ତି ।

ଜଳଯୋଗାଣର ଚାହିଦା ମେଣ୍ଟାଇବା ପାଇଁ ବିଭିନ୍ନ ପୌର ସଂସ୍ଥାରେ ୧୯୯୫-୯୬ ମସିହାରେ ଆଉ ୨୨୬ ଟି ନଳକୂପ ଖନନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

ପୁରୀ ବେଳାଭୂମି ଓ ସମୁଦ୍ର ଜଳ ପରିଷ୍କାର ରଖିବା ନିମନ୍ତେ ବାଙ୍କୀ ମୁହାଣଠାରେ ପ୍ରାକୃତିକ ଉପାୟରେ ମଇଳା ପାଣିକୁ ବିଶୋଧନ କରି ସମୁଦ୍ରକୁ ଛାଡ଼ିବା ନିମନ୍ତେ ୬.୨୫ କୋଟି ଟଙ୍କାର ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ଏହି ବର୍ଷ ବିଶ୍ୱପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଦେଶ ଓ ବିଦେଶରୁ ଆସିଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କର ପାନୀୟ ଜଳର ଅଭାବ ଦୂରୀକରଣ ନିମନ୍ତେ ୫୦୦ ଗୋଟି ଅସ୍ଥାୟୀ ଏବଂ ୫୦ ଗୋଟି ସ୍ଥାୟୀ ହସ୍ତଚାଳିତ ନଳକୂପ ସ୍ଥାପନ କରାଯାଇଛି । ଏତଦ୍ ବ୍ୟତୀତ ପୁରୀ ଜନସାଧାରଣଙ୍କର ପାନୀୟ ଜଳର ଉନ୍ନତିକରଣ କରାଯାଇ ଦୈନିକ ୨୦ ନିୟୁତ ଲିଟରରୁ ୨୯ ନିୟୁତ ଲିଟରକୁ ବୃଦ୍ଧି କରାଯାଇଛି ।

ଓଡ଼ିଶା ପାନୀୟ ଜଳ ଯୋଗାଣ ଏବଂ ଦୂଷିତ ଜଳ ନିଷ୍କାସନ ପରିଷଦ (OWSSB) ହୁଡକୋ(HUDCO) ଋଣ ସହାୟତାରେ ସମ୍ବଲପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର ରୋଡ଼, ରାଉରକେଲା ଓ ଜୟପୁର ସହରର ଜଳଯୋଗାଣ କାର୍ଯ୍ୟ ଚାଲୁ ରଖିଛି । ଏଯାବତ୍ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ରୋଡ଼ ସହରକୁ ୩୧.୬ ନିୟୁତ ଲିଟର ଦୈନିକ ଅଧିକ ଜଳ ଯୋଗାଇବା ପାଇଁ ସକ୍ଷମ ହୋଇ ପାରିଛି ।

ଉପରୋକ୍ତ ୬ଟି ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ହୁଡକୋ ଦ୍ୱାରା ମଞ୍ଜୁର ହୋଇଥିବା ୬୯୮୧.୩୯ ଲକ୍ଷ ଟଙ୍କା ଋଣ ମଧ୍ୟରୁ ପରିଷଦ ୨୫୪୨.୭୮ ଲକ୍ଷ ଟଙ୍କା ପାଇଥିବା ସ୍ଥଳେ ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକୀୟ ମୋଟ ଉପାନ୍ତ ରାଶି (Margin Money) ୩୧୩୩.୬୬ ଲକ୍ଷ ଟଙ୍କା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୨୦୭.୮୨ ଲକ୍ଷ ଟଙ୍କା ଗ୍ରହଣ କରି କାର୍ଯ୍ୟ ପଥରେ ଅଗ୍ରସର ହୋଇଅଛି ।

## ପୌର ସଡ଼କ (MUNICIPAL ROADS)

ପୌର ସୀମା ମଧ୍ୟରେ ଗମନାଗମନ ସୁବିଧାର ଉନ୍ନତି ସାଧନ କରିବା ଏହି ପରିକଳ୍ପନାର ଲକ୍ଷ୍ୟ । କାର୍ଯ୍ୟର ମୋଟ ବ୍ୟୟ ଅଟକଳର ଶତକଡ଼ା ୫୦ ଭାଗ ସରକାର ସହାୟତା ଅନୁଦାନ ରୂପେ ମଞ୍ଜୁର କରୁଛନ୍ତି ଓ ଅବଶିଷ୍ଟ ଶତକଡ଼ା ୫୦ ଭାଗ ସଂପୃକ୍ତ ସ୍ଥାନୀୟ ପୌରସଂସ୍ଥା ପାଣ୍ଠିରୁ ବହନ କରୁଛନ୍ତି ।

ଅଷ୍ଟମ ଯୋଜନା କାଳ ମଧ୍ୟରେ ୨୫୦ କି.ମି. ସମତଳ ସହିତ ଓ ୩୩୩ କି.ମି. ଅସମତଳ ସଡ଼କର ଉନ୍ନତି ପାଇଁ ଏହି ପରିକଳ୍ପନା ଅଧୀନରେ ୫୦୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା ।

୧୯୯୫-୯୬ ଆର୍ଥିକ ବର୍ଷରେ ୫୦ କି.ମି. ସମତଳ ସଡ଼କ ଓ ୫୬ କି.ମି. ଅସମତଳ ସଡ଼କର ଉନ୍ନତି ପାଇଁ ୯୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ସେହିପରି ୧୯୯୬-୯୭ ଆର୍ଥିକ ବର୍ଷରେ ୪୯ କି.ମି. ସମତଳ ସଡ଼କ ଓ ୫୩ କି.ମି. ଅସମତଳ ସଡ଼କର ଉନ୍ନତି ପାଇଁ ୮୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା ।

## ପୌରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

ସହରାଞ୍ଚଳରେ ବାସକରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକ ଯାହାଙ୍କର ସଂଖ୍ୟା ସମୁଦାୟ ସହରାଞ୍ଚଳ ଜନ ସଂଖ୍ୟାର ୨୯ ଭାଗ ସେମାନଙ୍କର ଅବସ୍ଥାକୁ ବିଚାରକୁ ନେଇ ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଏବଂ ରାଜ୍ୟ ଯୋଜନା ମାଧ୍ୟମରେ ଏକ ବିସ୍ତାରିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇ ଆସୁଅଛି ।

୧୯୯୫-୯୬ ଓ ୧୯୯୬-୯୭ ବର୍ଷରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ୧୦୧୫.୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ ବ୍ୟବସ୍ଥା କରାଯାଇଥିଲା । ଏହି ଯୋଜନାଗୁଡ଼ିକ ହେଲା ନେହେରୁ ରୋଜଗାର ଯୋଜନା, ପୌର ମୌଳିକ ସେବା କାର୍ଯ୍ୟକ୍ରମ, ସହରାଞ୍ଚଳ ଗରିବ ଲୋକଙ୍କ ପାଇଁ ମୌଳିକ ସେବା ଯୋଜନା, ପ୍ରଧାନମନ୍ତ୍ରୀଙ୍କ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନା, ପୌର ବସ୍ତିଗୁଡ଼ିକର ପାରିପାର୍ଶ୍ୱିକ ଅଭିବୃଦ୍ଧି ଏବଂ ବସ୍ତି ଉନ୍ନୟନ ଯୋଜନା ।

ଏହି ଯୋଜନାଗୁଡ଼ିକ ବସ୍ତି-ବାସିନ୍ଦାଙ୍କର ସାମାଜିକ ଏବଂ ଆର୍ଥିକ ଅବସ୍ଥାର ଅଭିବୃଦ୍ଧି ସହିତ ଅଣକୌଶଳୀ ଶ୍ରମିକମାନଙ୍କୁ ମଧ୍ୟ ସାହାଯ୍ୟ କରିଥାଏ । ଗତ ଦୁଇବର୍ଷ ମଧ୍ୟରେ ଏହି ଯୋଜନାମାନଙ୍କ ମାଧ୍ୟମରେ ୨୨୬୩୭ ବସ୍ତି ବାସିନ୍ଦାଙ୍କୁ ବ୍ୟାଙ୍କ ଋଣ ଏବଂ ଅନୁଦାନ ଯୋଗାଇ ଦିଆଯାଇଅଛି ।

ନରାଜଠାରୁ ଆସୁଥିବା ପାନୀୟ ଜଳପ୍ରକଳ୍ପ ପାଇଁ B.D.A.କୁ ଅନୁଦାନ ବାବଦରେ ୯୨୧.୦୦ ଲକ୍ଷ ଟଙ୍କା ଦିଆଯାଇଛି । ଆଶା କରାଯାଏ ଏ କାର୍ଯ୍ୟଟି ଆସନ୍ତା ଏପ୍ରିଲ ମାସ ସୁଦ୍ଧା ସଂପୂର୍ଣ୍ଣ ହୋଇ ଭୁବନେଶ୍ୱର ବାସିନ୍ଦାଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ମିଳି ପାରିବ ।

ନରାଜ ପାଣିର ସମୁଚିତ ଆବଣ୍ଟନ ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପାଇପ୍ ବିଛାଇବା, ଜଳଭଣ୍ଡାର ନିର୍ମାଣ କରିବା ଇତ୍ୟାଦି ପାଇଁ ୪୦୦.୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ଧାର୍ଯ୍ୟ କରାଯାଇଛି ।

## ଗୃହ ନିର୍ମାଣ ପରିକଳ୍ପନା

ଗୃହ ନିର୍ମାଣ ଏକ ରାଜ୍ୟସ୍ତରୀୟ ବିଷୟ । ଯୋଜନାର ଅନେକ ମୌଳିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ଏହା ଉଦ୍ଦିଷ୍ଟ ।

ଜାତୀୟ ଗୃହ ନିର୍ମାଣ ନୀତି ଅନୁସାରେ ୨୦୦୧ ମସିହା ସୁଦ୍ଧା ବାସହୀନ ପରିବାରଙ୍କୁ ବାସଗୃହ ଯୋଗାଇବା ପାଇଁ ଲକ୍ଷ୍ୟ ସ୍ଥିର

କରାଯାଉଛି । ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଗୃହ ନିର୍ମାଣ ସଂସ୍ଥା ଯଥା-ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ବିକାଶ ନିଗମ ଲିଃ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସମବାୟ ନିଗମ ଏବଂ ଉନ୍ନୟନ କର୍ତ୍ତୃପକ୍ଷ, ଆଞ୍ଚଳିକ ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀଗୁଡ଼ିକ ଜରିଆରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବହୁଳଭାବେ ଗୃହ ନିର୍ମାଣ ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ସ୍ଥିର କରିଛନ୍ତି ।

୧୯୯୫-୯୬ ଏବଂ ୧୯୯୬-୯୭ ଆର୍ଥିକ ବର୍ଷରେ ରାଜ୍ୟ ବଜେଟରେ ଯଥାକ୍ରମେ ୧୬୦୦.୦୦ ଲକ୍ଷ ଟଙ୍କା ଏବଂ ୧୨୯୨.୦୦ ଲକ୍ଷ ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା ରହିଥିଲା ।

ସମାଜର ଗରିବ ଶ୍ରେଣୀ ଏବଂ ଝୁମ୍ପୁଡ଼ି ବାସିନ୍ଦାମାନଙ୍କର ଗୃହାଭାବକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାମାନେ ସେମାନଙ୍କର କାର୍ଯ୍ୟ ନିର୍ବାହ କରିବାରେ ନିୟୋଜିତ ଅଛନ୍ତି ।

ଏହି କାର୍ଯ୍ୟ ସମ୍ପାଦନ ପାଇଁ ଗୋଷ୍ଠୀ ପରିକଳ୍ପନାବର୍ଗ (CMG) ଓ ବେସରକାରୀ ସଂଗଠନ (NGO) ମାନଙ୍କର ସକ୍ରିୟ ସହଯୋଗକୁ ଭିତ୍ତିକରି ରାଜ୍ୟ ସରକାର ସହଯୋଗୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ।

କଳିଙ୍ଗ କୁଟୀର ଯୋଜନା ମାଧ୍ୟମରେ ସମସ୍ତଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିବା ପାଇଁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ବ୍ୟତୀତ ଓଡ଼ିଶା ରାଜ୍ୟ ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମ ନାମରେ ଅନ୍ୟ ଏକ ସ୍ୱତନ୍ତ୍ର ସାଧାରଣ ସୀମିତ କମ୍ପାନୀ ପ୍ରତିଷ୍ଠା କରାଯାଇ ଗୋଷ୍ଠୀ ପରିଚାଳନା ସମୂହ ଜରିଆରେ ସହଜ ଉପାୟରେ ଅର୍ଥ ବ୍ୟବସ୍ଥା, ଜ୍ଞାନ କୌଶଳ ଏବଂ ପରିଚାଳନା ଦକ୍ଷତା ଇତ୍ୟାଦି ଯୋଗାଇ ଦେଇ ସହାୟକର ଭୂମିକା ନିର୍ବାହ କରାଯାଉଅଛି ।

ସମନ୍ୱିତ ଗୃହ ନିର୍ମାଣ ଯୋଜନା (IHS) ମାଧ୍ୟମରେ ବାସହୀନ ପରିବାରଙ୍କୁ ଏବଂ ଅଗ୍ନି ପ୍ରପୀଡ଼ିତ ପରିବାରଙ୍କୁ ୩୦୦୦ ଟଙ୍କା ହିସାବରେ ଗୃହ ନିର୍ମାଣ ସହାୟତା ଅନୁଦାନ ଯୋଗାଇ ଦିଆଯାଉଅଛି ।

ଏହି ଯୋଜନାରେ ୧୯୯୫-୯୬ ଓ ୧୯୯୬-୯୭ ବର୍ଷରେ ୩୦୦.୦୦ ଲକ୍ଷ ଟଙ୍କା ହିସାବରେ ବ୍ୟୟବରାଦ କରାଯାଇଥିଲା ।

## ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ପାଇଁ ୧୦ କୋଟି ଟଙ୍କାର ଯୋଜନା

ରାଜ୍ୟର ପ୍ରାଚୀନ ମନ୍ଦିରଗୁଡ଼ିକର ସୁରକ୍ଷା ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରିଛନ୍ତି । ଏହି ପୁନରୁଦ୍ଧାର କାର୍ଯ୍ୟକ୍ରମ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

ଜାଗମରାଠାରେ ବିଶ୍ୱପ୍ରସିଦ୍ଧ ମୁକ୍ତେଶ୍ୱର ମନ୍ଦିରର ପ୍ରତିକୃତି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ କହିଲେ ଯେ ଓଡ଼ିଶାର ବହୁ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏହାର ପୁନରୁଦ୍ଧାର କରାନଗଲେ ବହୁ ଗୌରବଗାଥା ସହ ଜଡ଼ିତ ଏହି ପ୍ରାଚୀନ କଳା ଭାସ୍କର୍ଯ୍ୟ ଲୋପ ପାଇଯିବ । ସେଥିପାଇଁ ସରକାର ଅର୍ଥକମିଶନଙ୍କଠାରୁ ୧୦ କୋଟି ଟଙ୍କାର ଅନୁଦାନ ମାଗିଥିଲେ, କମିଶନ ତାହା ମଞ୍ଜୁର କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅବକ୍ଷୟୀ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିରର ଏକ କ୍ଷୁଦ୍ର ପ୍ରତିରୂପର ଆବଶ୍ୟକତା ଦେଖାଦେଇଛି । ତାଛଡ଼ା କୋଣାର୍କର ମୂର୍ତ୍ତିଗୁଡ଼ିକର ଯେପରି ଆଉ ଅବକ୍ଷୟ ନଘଟେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ । ତେବେ ଅର୍କକ୍ଷେତ୍ର କୋଣାର୍କ ନିକଟରେ ତାର ଏକ କ୍ଷୁଦ୍ର ପ୍ରତିରୂପ ପ୍ରତିଷ୍ଠା କରାଗଲେ ପର୍ଯ୍ୟଟକମାନେ କୋଣାର୍କକୁ ଅନୁଭବ କରିପାରିବେ । ଏହି ପ୍ରତିରୂପ ସ୍ଥାପନ ସମ୍ପର୍କରେ ୟୁନେସ୍କୋ ଓ ଅନ୍ୟ ସଂସ୍ଥା ସହିତ ଆଲୋଚନା କରିବାକୁ ସରକାର ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଥିଲେ । ଘୋଷିତ ହେବାକୁଥିବା ପର୍ଯ୍ୟଟନ ନୀତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନିକଟରେ କଳାକାର ଗ୍ରାମ ଖୋଲିବା ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଗ୍ରାମରେ ଶିଳ୍ପୀମାନେ ରହିବେ ।

୮୬ ଖଣ୍ଡ ପଥରରେ ଗଢ଼ା ମୁକ୍ତେଶ୍ୱର ତୋରଣର ବିଶାଳକାୟ ପ୍ରତିମୂର୍ତ୍ତି ଦେଖିବା ପରେ ମୁଖ୍ୟମନ୍ତ୍ରୀ ତାହାକୁ ପ୍ରାଚୀନ ଭବ୍ୟ କଳିଙ୍ଗୀୟ ସ୍ଥାପତ୍ୟର ଜ୍ୱଳନ୍ତ ଉଦାହରଣ ବୋଲି ବର୍ଣ୍ଣନା କରିଥିଲେ । ଏହାକୁ ନିର୍ମାଣ କରିଥିବା ଯୁବ ଶିଳ୍ପୀମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ପର୍ଯ୍ୟଟନମନ୍ତ୍ରୀ ଭୂପିନ୍ଦର ସିଂହ କହିଲେ ଯେ କଳା, ସଂସ୍କୃତି ଓ ଓଡ଼ିଶାର ପ୍ରାଚୀନ କୀର୍ତ୍ତି ସମ୍ପର୍କରେ ନୂତନ ପୀଢ଼ି ଯେପରି ଜ୍ଞାନ ଆହରଣ କରିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ସ୍କୁଲରେ କୁଇଜ୍ ପ୍ରତିଯୋଗିତା କରାଯାଉଛି ।

ଅନ୍ୟତମ ଅତିଥି ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ ବିଶାଳକାୟ ମୁକ୍ତେଶ୍ୱର ତୋରଣର ପ୍ରତିକୃତି ୨୫ ବର୍ଷରୁ କମ୍ ବୟସର କାରିଗରମାନେ ଗଢ଼ି ସାବ୍ୟସ୍ତ କରିଦେଇଛନ୍ତି ଯେ ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠା ଥିଲେ ଇତିହାସକୁ ନିକଟକୁ ଆଣିହୁଏ ।

# ସମ୍ବାଦ ପରିକ୍ରମା

## ଖଳଖଳା ସେତୁ ଉଦ୍‌ଘାଟିତ

ନୟାଗଡ ଜିଲ୍ଲାର ଗଣିଆ ବଡମୂଳ-କୁଟୁରା ରାସ୍ତାରେ ୨ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖଳଖଳା ସେତୁର ଶୁଭ ଉଦ୍‌ଘାଟନ ହୋଇଛି । ଏହା ଫଳରେ ଖୋର୍ଦ୍ଧା ସହର ସିଧାସଳଖ ଭାବେ ଫୁଲବାଣୀ ସହ ସଂଯୋଗ ହେଲା । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଖଳଖଳା ସେତୁକୁ ଯାନବାହନ ଚଳାଚଳ ପାଇଁ ଉଦ୍‌ଘାଟନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ନୟାଗଡ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ରୁଦ୍ରମାଧବ ରାୟ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କୁ ଏହି ସେତୁ ନିର୍ମାଣ ପାଇଁ ନାବାର୍ଡ ୧ କୋଟି ୮ଲକ୍ଷ ଟଙ୍କା ଯୋଗାଇ ଦେଇଛି ।

ଏହି ସେତୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ, ଅତୀତରେ ଏହି ରାସ୍ତା ପୁରୀ ସହିତ ରାଜ୍ୟର ପଶ୍ଚିମାଞ୍ଚଳ ଜିଲ୍ଲା ଗୁଡିକୁ ସଂଯୋଗ କରୁଥିଲେ । ତେଣୁ ଏହି ରାସ୍ତାକୁ ସଂପୂର୍ଣ୍ଣ ରୂପେ ପିଚୁ କରାଯାଇ ଏବଂ ଆଉ ଗୋଟିଏ ସେତୁ ନିର୍ମାଣ କରାଯାଇ ସବୁଦିନିଆ ରାସ୍ତାରେ ପରିଣତ କରାଯିବ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, କୁଟାବୁଡିଆଣୀ, କୁଆଁରିଆ ଓ ବଡମୂଳ୍ ଯୋଜନା କାର୍ଯ୍ୟକାରୀ ହେଲେ ବ୍ୟାପକ ଅଞ୍ଚଳ ଜଳସେଚିତ ହୋଇପାରିବ । ବଡ ସିଲିଙ୍ଗା ପଞ୍ଚାୟତ ଏକ ଉପତ୍ୟକା ମଧ୍ୟରେ ରହିଛି । ସେହି ଉପତ୍ୟକାକୁ ପାଣି ଯୋଗାଇ ଦେବାପାଇଁ ଏକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ । ରାଜ୍ୟରେ ଜଳସେଚନର ପ୍ରସାର ପାଇଁ ବ୍ୟାପକ ଉଦ୍ୟମ ହେଉଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଲେ ଯେ, ନୟାଗଡ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଉଠାଜଳସେଚନ ସାହାଯ୍ୟରେ କିପରି ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବ ତାହାର ଏକ ଅନୁସନ୍ଧାନ କରାଯିବ । ଏଥିପାଇଁ ସେ ଏକ ବିଶେଷଜ୍ଞ ଦଳ ପଠାଇବେ ଏବଂ ତାହାର କାର୍ଯ୍ୟ ୧୫ ଦିନ ମଧ୍ୟରେ ଆରମ୍ଭ କରାଯିବ । ନୟାଗଡ ଜିଲ୍ଲାରେ ୧ ଲକ୍ଷ ୩୦ ହଜାର ଏକର ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଏକ ଜଳସେଚନ ଡିଭିଜନ ଖୋଲାଯାଇଥିଲା । ତାକୁ ଜନତା ସରକାର ବନ୍ଦ କରିଦେଇଥିଲେ । ବର୍ତ୍ତମାନର ସରକାର ପୁଣି ସେହି ଡିଭିଜନ ଖୋଲିବେ ଏବଂ ସେଥିପାଇଁ ଆର୍ଥିକ ବ୍ୟବସ୍ଥା କରାଯିବ । ୧୧ଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ ଘୋଷଣା କରିଥିଲେ ।

## ଜଳସମ୍ପଦ ଭବନର ଶିଳାନ୍ୟାସ

ଆଠ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଜଳସମ୍ପଦ ଭବନକୁ ଉପମୁଖ୍ୟମନ୍ତ୍ରୀ ତଥା ଜଳସମ୍ପଦ ବିଭାଗ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଶିଳାନ୍ୟାସ କରିଛନ୍ତି । ୫ ନମ୍ବର ୟୁନିଟସ୍ଥିତ ରାଜ୍ୟ ସଚିବାଳୟ ନିକଟରେ ନିର୍ମିତ ହେବାକୁ ଯାଉଥିବା ଏହି ଭବନ ଦୁଇ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଭବନ ନିର୍ମିତ ହେଲେ ଜଳସମ୍ପଦ ବିଭାଗର ସମସ୍ତ କର୍ମଚାରୀ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବେ । ଏହି ଭବନ ନ'ମହଲା ବିଶିଷ୍ଟ ହେବ ଏବଂ ଏଥିରେ ୮୦ ହଜାର ବର୍ଗଫୁଟ ସ୍ଥାନ ରହିବ ।

ଏହି ଭବନର ଶିଳାନ୍ୟାସ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଲେ ଯେ, ଓଡ଼ିଶାର ଆୟତନ ହେଉଛି ଭାରତର ଆୟତନର ଶତକଡ଼ା ଚାରିଭାଗ । ଦେଶର ମୋଟ ଜନସଂଖ୍ୟାର ଶତକଡ଼ା ଚାରିଭାଗ ଲୋକ ମଧ୍ୟ ଏଠାରେ ବାସ କରୁଛନ୍ତି । କିନ୍ତୁ ଏହି ରାଜ୍ୟରେ ଦେଶର ମୋଟ ଜଳସମ୍ପଦର ଶତକଡ଼ା ୧୦ ଭାଗ ରହିଛି । ଓଡ଼ିଶାର ଜନସାଧାରଣ ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି । ରାଜ୍ୟ ପୁଞ୍ଜିର ଶତକଡ଼ା ୫୩ ଭାଗ କୃଷିରୁ ହିଁ ମିଳିଥାଏ । ତେଣୁ କୃଷିର ଉନ୍ନତି ନହେଲେ ରାଜ୍ୟର ଉନ୍ନତି ସମ୍ଭବ ନୁହେଁ । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କୁ ଉପରକୁ ଉଠାଇବା ମଧ୍ୟ ସମ୍ଭବ ହେବ ନାହିଁ । ସେ ଦୃଷ୍ଟିରୁ ରାଜ୍ୟରେ ଜଳସେଚନର ପ୍ରସାର ପାଇଁ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟର ଶତକଡ଼ା ୫୦ ଭାଗ ଜମିରେ ଜଳସେଚନର ସୁବିଧା ସୃଷ୍ଟି ପାଇଁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ । ସେହି ପ୍ରତିଶ୍ରୁତି ପାଳନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି । ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ସାଧାରଣତଃ କୌଣସି ବହୁମୁଖୀ ଯୋଜନାରୁ ବିଦ୍ୟୁତ ଉତ୍ପାଦନ ନହେଲା ପର୍ଯ୍ୟନ୍ତ ଜଳସେଚନ ପାଇଁ ପାଣି ଯୋଗାଇ ଦିଆଯାଏ ନାହିଁ । କିନ୍ତୁ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରୁ ଚଳିତ ବର୍ଷ ପାଣି ଯୋଗାଇ ଦିଆଯାଇ କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୫୦ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ଦିଆଯାଇଛି । ଫଳରେ ଚାଷୀ ଚଳିତ ବର୍ଷ ଅଧିକ ଉତ୍ପାଦନ କରିପାରିଛି । ଆସନ୍ତା ବର୍ଷ ଖରିଫ ଓ ରବି ଋତୁରେ ପାଣି ଯୋଗାଇଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି ।

ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ବନ୍ୟା ନିୟନ୍ତ୍ରଣ ମଧ୍ୟ ଜଳସମ୍ପଦ ବିଭାଗର ଅନ୍ୟ ଏକ କାର୍ଯ୍ୟ । ଏଥିପାଇଁ କଟକ ସହର ଚାରିପଟେ ରିଙ୍ଗ୍ ବନ୍ଧ ନିର୍ମାଣ କରାଯାଉଛି । ଆସ୍କା ଆନନ୍ଦପୁରରେ ରିଙ୍ଗ୍ ବନ୍ଧ କରାଯାଉଛି ଏବଂ କେନ୍ଦ୍ରାପଡ଼ା ସହର ଚାରିପଟେ ମଧ୍ୟ ରିଙ୍ଗ୍ ବନ୍ଧ କରିବାକୁ ନିଷ୍ପତ୍ତି ନିଆଯାଉଛି । ଏହା ଫଳରେ ଏହି ସହରଗୁଡିକ ବନ୍ୟା ଦାଉରୁ ରକ୍ଷା ପାଇବ । ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ସହିତ ପର୍ଯ୍ୟଟନ ବିକାଶ ପାଇଁ ମଧ୍ୟ ପଦକ୍ଷେପ ନେବାକୁ ସ୍ଥିର ହୋଇଛି । ଜଳସମ୍ପଦ ବିଭାଗର ଜଳଭଣ୍ଡାର ଗୁଡିକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ନିଷ୍ପତ୍ତି ଏବଂ ହୀରାକୁଦ ବନ୍ଧ ତଳେ ବୃନ୍ଦାବନ ଗାର୍ଡେନ ଭଳି ଏକ ସୁନ୍ଦର ଉଦ୍ୟାନ ସ୍ଥାପନ କରିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଏହି ଶିଳାନ୍ୟାସ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୂଜବଳ ଅଧ୍ୟକ୍ଷତା କରିଥିଲେ । ଜଳସମ୍ପଦ ବିଭାଗର ଶାସନ ସଚିବ ଶ୍ରୀ ରବିନାରାୟଣ ସେନାପତି ସ୍ୱାଗତ ଭାଷଣ ଦେଇ କହିଲେ ଯେ, ଓଡ଼ିଶାରେ ପ୍ରଗତିର ନୂତନ ଯୁଗ ସୃଷ୍ଟି ହୋଇଛି । ଜଳସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ବିପୁଳ ଅର୍ଥ ବିନିଯୋଗ ହେବାକୁ ଯାଉଛି । ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଡଃ ବି.ପି. ଦାସ କହିଲେ ଯେ, ବିଶ୍ୱବ୍ୟାଙ୍କ, ନାବାର୍ଡ ଏବଂ ଜାପାନ ପକ୍ଷରୁ ରାଜ୍ୟରେ ଜଳସେଚନର ପ୍ରସାର ପାଇଁ ବିପୁଳ ଅର୍ଥ ଯୋଗାଇ ଦିଆଯାଉଛି ।

## ଗୋପାଳପୁର ବେଳାଭୂମିରେ ୪୯ ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀନିବାସ ହେବ

ଓଡ଼ିଶାରେ ରହିଥିବା ପର୍ଯ୍ୟଟନ କେନ୍ଦ୍ର ମଧ୍ୟରୁ ୨୦୦ଟି ପର୍ଯ୍ୟଟନ କେନ୍ଦ୍ରକୁ ସରକାରୀ ଭାବେ ପର୍ଯ୍ୟଟନ କେନ୍ଦ୍ର ବୋଲି ଘୋଷଣା କରି ମାନ୍ୟତା ଦିଆଯାଇଛି । ଆହୁରି ବହୁ ପର୍ଯ୍ୟଟନସ୍ଥଳୀକୁ ଅତିଶୀଘ୍ର ପର୍ଯ୍ୟଟନ କେନ୍ଦ୍ର ରୂପେ ଘୋଷଣା କରାଯିବ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଭୂପିନ୍ଦର ସିଂ କହିଛନ୍ତି । ସେ କହିଛନ୍ତି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ମହେନ୍ଦ୍ରଗିରି ଓ ରଷିକୁଲ୍ୟା ମୁହାଣ ଇର୍ଷଣୀୟମାନଙ୍କ ଅଞ୍ଚଳେବା ସ୍ଥଳୀ । ସମୁଦ୍ର ବେଳାଭୂମି ଅଞ୍ଚଳକୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରାଯିବାର ପ୍ରସ୍ତାବ ରହିଛି । ବୁଗୁଡାର ବିରଞ୍ଚି ନାରାୟଣ ମନ୍ଦିରର ଖୋଦିତ କାଠକାମ ବହୁ ମୂଲ୍ୟବାନ ଓ ତାହା ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାଇତି ରଖିବା ପାଇଁ ଏ.ଏସ୍.ଆଇ.କୁ ନିଯୋଜିତ କରି ସଂରକ୍ଷିତ ରଖାଯିବ । ୪୯ ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ୩ ଏକର ସ୍ଥାନରେ ଏକ ଯାତ୍ରୀନିବାସ ଗୋପାଳପୁରର ବେଳାଭୂମିଠାରେ ଅତିଶୀଘ୍ର କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯିବ । ଏହି ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଖର୍ଚ୍ଚ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ପ୍ରତ୍ୟେକ ଜିଲ୍ଲାରେ ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସାଂସ୍କୃତିକ ପରିଷଦ ଗଠନ କରାଯାଇ ବେସରକାରୀ ସଭ୍ୟଙ୍କୁ ସଭ୍ୟ ଭାବରେ ନିଆଯିବ । ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପର୍ଯ୍ୟଟନ ଉପରେ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଠାରୁ ଆରମ୍ଭ କରାଯିବ । ରାଜ୍ୟର କେଉଁ କେଉଁ ସ୍ଥାନରେ ପର୍ଯ୍ୟଟନ ସ୍ଥାନଗୁଡିକ ଅଛି, କେଉଁଗୁଡିକ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ଲୁଚି ରହିଯାଇଛି ସେଗୁଡିକ ଜାଣିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ତରଫରୁ ଏହି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ । ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆସନ୍ତା ସେପ୍ଟେମ୍ବର ୨୬ ରେ ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଆଲୁମିନା -ଆଲୁମିନିୟମ କାରଖାନା ସ୍ଥାପନ ପାଇଁ ବୁଝାମଣାପତ୍ର :

ଆଠହଜାର କୋଟି ଟଙ୍କା ବ୍ୟୟରେ ଏକ ଆଲୁମିନା-ଆଲୁମିନିୟମ କାରଖାନା ପ୍ରତିଷ୍ଠା ପାଇଁ ହିଣ୍ଡାଲକୋର ଆଦିତ୍ୟ ଆଲୁମିନିୟମ କମ୍ପାନୀ ସହ ଓଡ଼ିଶା ଖଣି ନିଗମର ଏକ ବୁଝାମଣା ପତ୍ର ଗତ ମାର୍ଚ୍ଚ ୨୯ ତାରିଖରେ ସ୍ୱାକ୍ଷରିତ ହୋଇଛି ।

ତିନିହଜାର କୋଟି ଟଙ୍କା ବ୍ୟୟରେ କୋରାପୁଟ ଜିଲ୍ଲାରେ ଏକ ଆଲୁମିନା ପ୍ଲାଣ୍ଟ ଏବଂ ପାଞ୍ଚ ହଜାର କୋଟି ଟଙ୍କା ବ୍ୟୟରେ ଝାରସୁଗୁଡାଠାରେ ସ୍ମେଲଟର ପ୍ଲାଣ୍ଟ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ଏହି କମ୍ପାନୀ ପ୍ରତିଷ୍ଠା କରିବ । ୨୦୦୧ ମସିହା ସୁଦ୍ଧା ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବାର ଲକ୍ଷ୍ୟ ରହିଛି ।

ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟନ୍ ଆଲୁମିନା ଓ ଅଢ଼େଇ ଲକ୍ଷ ଟନ୍ ଆଲୁମିନିୟମ ଧାତୁ ଉତ୍ପାଦିତ ହେବ । ଏହା ବ୍ୟତୀତ ବିଦ୍ୟୁତ କେନ୍ଦ୍ରର କ୍ଷମତା ୬ଶ ମେଗାୱାଟ ହେବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ ରହିଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତିରେ ଆଦିତ୍ୟ ଆଲୁମିନିୟମ ଅଧ୍ୟକ୍ଷ ଶ୍ରୀ ଏ.କେ. ଅଗ୍ରୱାଲ ଓ ରାଜ୍ୟ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭଗବାନ ପ୍ରସାଦ ଦାଶ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

## ହରିହର ଯୋଡ଼ ପ୍ରକଳ୍ପ ଉଦ୍‌ଘାଟିତ

୬୦ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହରିହର ଯୋଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଏକ ଆନୁଷ୍ଠାନିକ ଉତ୍ସବରେ ଉଦ୍‌ଘାଟନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୯୪୫୦ ହେକ୍ଟର ଜମି ଏବଂ ରବି ଋତୁରେ ୪୨୫୦ ହେକ୍ଟର ଜମି ଜଳସେଚିତ ହୋଇପାରିବ ।

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ଗ୍ରାମଠାରେ ଆୟୋଜିତ ଏକ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରି ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୦୧ ମସିହା ସୁଦ୍ଧା ରାଜ୍ୟର ଅର୍ଦ୍ଧେକ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ସେହି ଲକ୍ଷ୍ୟ ପୂରଣ ପାଇଁ ହରିହର ଯୋଡ଼ ସମେତ ଅନ୍ୟ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକର ନିର୍ମାଣକାର୍ଯ୍ୟ ଶେଷ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଉଅଛି । ଏହି ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ୨୩ କୋଟି ୫୫ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ବିଶ୍ୱବ୍ୟାଙ୍କ ସହାୟତାରେ ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ପ୍ରକଳ୍ପର କାର୍ଯ୍ୟ ଶେଷ କରାଯିବ ।

ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ଦୁଇଟି ପର୍ଯ୍ୟାୟରେ ଶେଷ ହେବାକୁ ଯାଉଥିବା ହରିହର ଯୋଡ଼ ପ୍ରକଳ୍ପ ଯୋଗୁ ବୀର ମହାରାଜପୁର ବ୍ଲକ ଓ ପୁରୁଣା ବ୍ଲକ ବିଶେଷଭାବେ ଉପକୃତ ହେବ । ଖରିଫ ଋତୁରେ ୯୪୫୦ ହେକ୍ଟର ଓ ରବି ଋତୁରେ ୪୨୫୦ ହେକ୍ଟର ଜମି ଜଳସେଚିତ ହୋଇପାରିବ । ଏହି ଅଞ୍ଚଳର ଦ୍ରୁତ ବିକାଶ ପାଇଁ ସିଂଧୋଳ ଜଳବିଦ୍ୟୁତ ପ୍ରକଳ୍ପ ଓ ସୁରୁବାଲି ଯୋଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଛି । ସିଂଧୋଳ ପ୍ରକଳ୍ପର ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୁରୁବାଲି ଯୋଡ଼ ପ୍ରକଳ୍ପର ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ ହୋଇଛି ।

## ଜଟଣୀରେ ଅତ୍ୟାଧୁନିକ ତୈଳ ଭଣ୍ଡାର

ଭାରତୀୟ ତୈଳ ନିଗମ ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଅତ୍ୟାଧୁନିକ ତୈଳ ଭଣ୍ଡାରକୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସଦୀୟ ବ୍ୟାପାରମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ଜେନା ଗତ ମାର୍ଚ୍ଚ ୨୯ ତାରିଖରେ ଉଦ୍‌ଘାଟନ କରିଛନ୍ତି ।

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଟି. ଆର. ବାଲୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଧ୍ୟକ୍ଷ ଶ୍ରୀ ଦେବୀ ଦୟାଲ, ତୈଳ ନିଗମ ଅଧ୍ୟକ୍ଷ ଶ୍ରୀ ଏମ୍.ଏ.ପଠାଣ, ରାଜ୍ୟ ଅବକାରୀ ମନ୍ତ୍ରୀ ଶ୍ରୀ ସୁରେଶକୁମାର ରାଉତରାୟ ଓ ସାଂସଦ ଶ୍ରୀ ପିନାକୀ ମିଶ୍ର ପ୍ରମୁଖ ଭାଷଣ ଦେଇଥିଲେ ।

ଖୋରଧା ରୋଡ ରେଳବାଇ ୟାର୍ଡ ନିକଟରେ ୪୦ ଏକର ଜମିରେ ଅତ୍ୟାଧୁନିକ କାରିଗରୀ କୌଶଳରେ ନିର୍ମିତ ଏହି ତୈଳ ଭଣ୍ଡାରରେ ୧୮ ହଜାର କିଲୋମିଟର ପେଟ୍ରୋଲଜାତ ଦ୍ରବ୍ୟ ମହଜୁଦ ରହିପାରିବ । ବିଶାଖାପାଟଣାସ୍ଥିତ ବିଶୋଧନାଗାରରୁ ଟ୍ୟାଙ୍କର ଓ୍ୱାଗନରେ ଜଟଣୀ ଡିପୋକୁ ତୈଳ ଅଣାଯାଇ ବିଭିନ୍ନ ଅଞ୍ଚଳକୁ ସେସବୁ ଲରୀ ଟ୍ୟାଙ୍କରରେ ପଠାଯିବ ।

କେନ୍ଦ୍ର ସଂସଦୀୟ ମନ୍ତ୍ରୀ ଶ୍ରୀ ଜେନା ଏହାକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରାୟତ୍ତ ପ୍ରକଳ୍ପଗୁଡିକ ପକ୍ଷରୁ ଆଖପାଖ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଉତରାୟ ତୈଳ ଭଣ୍ଡାର ନିକଟରେ ସ୍କୁଲ, ଡାକ୍ତରଖାନା ଓ ରାସ୍ତା ନିର୍ମାଣ, ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଦାବି କରିଥିଲେ । କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବାଲୁ କହିଲେ ଯେ, ଓଡ଼ିଶାରେ ନବମ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ବିଭିନ୍ନ ତୈଳ କମ୍ପାନୀ ପକ୍ଷରୁ ମୋଟ ୧୦ ହଜାର ୬୩୧ କୋଟି ଟଙ୍କା ବିନିଯୋଗ ହେବ ।

ପାରାଦ୍ୱୀପ ନିକଟରେ ସାଢ଼େ ଆଠ ହଜାର କୋଟି ଟଙ୍କାର ବାର୍ଷିକ ନବେଲକ୍ଷ ମେଟ୍ରିକ ଟନ୍ କ୍ଷମତାସଂପନ୍ନ ବିଶୋଧନାଗାର ପ୍ରତିଷ୍ଠା ପ୍ରସ୍ତାବ ଏଥିମଧ୍ୟରେ ଅନ୍ତର୍ଭୁକ୍ତ । କୁଏତ୍ ତୈଳ ନିଗମ ଏବଂ ଭାରତୀୟ ତୈଳ ନିଗମର ମିଳିତ ଉଦ୍ୟମରେ ପ୍ରସ୍ତାବିତ ଏହି ପ୍ରକଳ୍ପ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପ୍ରତୀକ୍ଷାରେ ରହିଛି । ଏଥି ସକାଶେ ଜମି ମିଳିବା ଦିନଠାରୁ ୪ ବର୍ଷ ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ ।

ପେଟ୍ରୋଲିୟମ ମନ୍ତ୍ରୀ କହିଥିଲେ ଯେ ପାରାଦ୍ୱୀପ ନିକଟରେ ବିଶୋଧନାଗାର ପ୍ରତିଷ୍ଠା ହେବାପରେ ସେଠାରୁ ରାଞ୍ଚି ଯାଏ ୩୯୦ କିଲୋମିଟର ଲମ୍ବର ଏକ ପାଇପ ଲାଇନ ୫୪୭ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ । ରାଉରକେଲା ଓ କଟଣୀ ଡିପୋ ସକାଶେ ଏହି ପାଇପଲାଇନରୁ ଦୁଇଟି ଶାଖା ଲାଇନ ଉଭୟ ସ୍ଥାନକୁ ସଂଯୋଗ କରାଯିବ ।

ଏହାବ୍ୟତୀତ ରାଉରକେଲା, ପାରାଦ୍ୱୀପ ଓ ମେରାମୁଣ୍ଡଳୀରେ ତୈଳ ଟାଙ୍କି ଆଦିର ସୁବିଧା ପାଇଁ ୧୨୮୯ କୋଟି ଟଙ୍କା ଏବଂ ପାରାଦ୍ୱୀପରେ ରନ୍ଧନ ଗ୍ୟାସ ଆମଦାନୀ ସୁବିଧା ସକାଶେ ୨୫୦ କୋଟି ଟଙ୍କା ବ୍ୟୟ କରାଯିବ । ରାଉରକେଲା ବା ଝାରସୁଗୁଡ଼ା ଏବଂ ଲକ୍ଷ୍ମୀଆଗୁଡ଼ାଠାରେ ୪୫ କୋଟି ଟଙ୍କା ବ୍ୟୟରେ ଦୁଇଟି ଗ୍ୟାସ ବଟଲିଂ ପ୍ଲାଣ୍ଟ ମଧ୍ୟ ପ୍ରତିଷ୍ଠା ହେବ ବୋଲି ଶ୍ରୀ ବାଲୁ ସୂଚନା ଦେଇଥିଲେ ।

ମହାନଦୀ ଉପତ୍ୟକାରେ ତୈଳକୂପ ଖନନ କାର୍ଯ୍ୟ ଅଧାରୁ ବନ୍ଦ କରି ଦିଆଯାଇଥିବା ସଂପର୍କରେ ସାମ୍ବାଦିକମାନେ ଦୃଷ୍ଟି ଆକର୍ଷଣ କରିବାରେ ସେ ଓଡ଼ିଶା ପ୍ରତି କୌଣସି ବୈଷମ୍ୟ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ । ମହାନଦୀ ଉପତ୍ୟକାରେ ଅତୀତରେ ୨୬୦ କୋଟି ଟଙ୍କା ବ୍ୟୟରେ ୧୧ଟି ତୈଳକୂପ ଖନନ ହୋଇଥିଲେ ହେଁ ଉତ୍ସାହଜନକ ରିପୋର୍ଟ ନମିଳିବାରୁ ତାହା ବନ୍ଦ ହୋଇଯାଇଛି ।

## ଭୁବନେଶ୍ୱରରେ ପୂର୍ବାଞ୍ଚଳର ବୃହତ୍ତମ ସଫ୍‌ଟଓ୍ୱାର ପାର୍କ ପ୍ରତିଷ୍ଠା ହେବ

ଦେଶରେ ପୂର୍ବାଞ୍ଚଳର ସର୍ବବୃହତ୍ତମ ସଫ୍‌ଟଓ୍ୱାର ପାର୍କ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯିବ । ଦେଶର ୫ ଗୋଟି ସର୍ବବୃହତ ସଫ୍ଟଓ୍ୱାର ଉତ୍ପାଦନକାରୀ ଜାତୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭୁବନେଶ୍ୱରକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିସକାଶେ ସ୍ଥାନ ନିରୂପଣ କରାଯାଇ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା ଦ୍ୱାରା ୨୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା 'ତୋଷାଳୀ ପ୍ଲାଜା' ଖରିଦ୍ କରାଯାଇ ସେଠାରେ ଏହି ବୃହତ ସଫ୍ଟଓ୍ୱାର ପାର୍କ ପ୍ରତିଷ୍ଠା କରାଯିବ ।

କମ୍ପ୍ୟୁଟର ସଫ୍ଟଓ୍ୱାର ଓ ହାର୍ଡଓ୍ୱାର ବିକାଶ କ୍ଷେତ୍ରରେ ଓଡ଼ିଶାରେ ବିଶେଷ ସୁଯୋଗ ରହିଛି ବୋଲି ଭାରତୀୟ ସଫ୍ଟଓ୍ୱାର ନିର୍ମାତା ସଂଘ ପକ୍ଷରୁ ମତ ପ୍ରକାଶ କରାଯାଇଛି ।

## ଶିଶୁ ଶ୍ରମିକ ଉଚ୍ଛେଦ ଓ ଥଇଥାନ ନିମନ୍ତେ ସମସ୍ତଙ୍କର ସହଯୋଗ ଆବଶ୍ୟକ : ଶ୍ରମ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ

ବାଲ୍ୟକାଳରୁ ବହୁ ବାଳକ, ବାଳିକା ପିତା ମାତାଙ୍କ ସ୍ନେହରୁ ବଂଚିତ ହୋଇ ପରିବାରର ଅର୍ଥନୈତିକ ସମସ୍ୟା ନିମନ୍ତେ ବାଳଶ୍ରମିକ ଭାବେ ବିପଦପୂର୍ଣ୍ଣ ଶିଳ୍ପ ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଛନ୍ତି । ଏହା ଆମ ପାଇଁ ତଥା ସାରା ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହାର ସଂପୂର୍ଣ୍ଣ ଉଚ୍ଛେଦ ଓ ଥଇଥାନ ନିମନ୍ତେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଭୁବନେଶ୍ୱର ଶ୍ରମ କମିଶନରଙ୍କ ସଭା ଗୃହରେ ରାଜ୍ୟ ଶ୍ରମ ଓ ନିଯୋଜନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ ଥଇଥାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଶ୍ରମ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯୋଗଦେଇ କହିଲେ ଯେ ଆନ୍ଧ୍ରରେ ୨୦ଟି ଶିଶୁ ଶ୍ରମିକ ବିଦ୍ୟାଳୟ ଥିବାବେଳେ ଓଡ଼ିଶାରେ ୧୬ଟି ବିଦ୍ୟାଳୟ ସ୍ଥାପନ କରାଯାଇଛି । ଅନ୍ୟ ରାଜ୍ୟମାନଙ୍କରେ ବହୁ କମ୍ ବିଦ୍ୟାଳୟ କାର୍ଯ୍ୟ କରୁଛି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ ଚାଲି ଥିବା ଶିଶୁ ଶ୍ରମିକ ଥଇଥାନ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରିବା କାର୍ଯ୍ୟ ବନ୍ଦ ରଖା ଯାଇଛି । ନିକଟରେ ଜାତୀୟ ଶ୍ରମ ମନ୍ତ୍ରୀଙ୍କ ସମ୍ମିଳନୀରେ ଜୁନ୍ ୧୦ ତାରିଖ ସୁଦ୍ଧା ସମସ୍ତ ଶିଶୁ ଶ୍ରମିକଙ୍କୁ ଠାବ କରି ତାଲିକା ପ୍ରସ୍ତୁତ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଶ୍ରମ ଓ ନିଯୋଜନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ କହିଲେ ଯେ ଶିଶୁ ଶ୍ରମିକମାନଙ୍କ ସମସ୍ୟା କାହାରିକୁ ଅଜଣା ନୁହେଁ । ସେମାନଙ୍କର ସମସ୍ୟାକୁ ଉପଲବ୍ଧି କରି ପ୍ରକୃତ ପକ୍ଷେ ଉପଯୁକ୍ତ ଶିକ୍ଷା ଦିଆଯାଇ ମଣିଷ ଭଳି ମଣିଷ ଗଢ଼ି ପାରିଲେ ଶ୍ରମ ସାର୍ଥକ ହେବ ।

କର୍ମଶାଳାର ଆୟୋଜକ ତଥା ଶ୍ରମ ଆୟୁକ୍ତ ଶ୍ରୀ ପ୍ରଶାନ୍ତ କୁମାର ନାୟକ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଜୁନ୍ ୧୦ ତାରିଖ ସୁଦ୍ଧା ସର୍ଭେ କାର୍ଯ୍ୟ ସମାପ୍ତ କରିବାକୁ ଏବଂ ଏକବର୍ଷ ମଧ୍ୟରେ ଶିଶୁ ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ କାମରୁ ଉଚ୍ଛେଦ ସଂପର୍କରେ ସୂଚାଇଥିଲେ । ଦରିଦ୍ରତା ହେଉଛି ମୁଖ୍ୟ ସମସ୍ୟା । ଏହାକୁ ଦୂର କରିପାରିଲେ ବାଳଶ୍ରମିକ ସମସ୍ୟା ସମାଧାନ ହୋଇପାରିବ ବୋଲି ଜନଶିକ୍ଷା ନିର୍ଦ୍ଦେଶକ ପ୍ରକାଶ କରିଥିଲେ । ୟୁନିସେଫ୍‌ର ମର୍ଗରେଟ୍ କିଶାନ ଗିରି ବାଳଶ୍ରମିକମାନଙ୍କର ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ଡଃ ପି.କେ. ସରକାର, ଡଃ ଏସ୍.ପି. ପଟ୍ଟନାୟକ, ଡଃ ହରେକୃଷ୍ଣ ସ୍ୱାଇଁ, ସ୍ୱାସ୍ଥ୍ୟସେବା ଯୁଗ୍ମ ନିର୍ଦ୍ଦେଶିକା ଶ୍ରମତୀ ଚାରୁବାଳା ମହାନ୍ତି ଓ ବେସରକାରୀ ସଂଗଠନର ବହୁ କର୍ମକର୍ତ୍ତା ଶିଶୁ ଶ୍ରମିକ ସମସ୍ୟା ଓ ତାହାର ନିରାକରଣ ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

## କଟଣୀ ଏନ୍.ଏ.ସି.କୁ ୪ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିବ

ପ୍ରଧାନମନ୍ତ୍ରୀଙ୍କ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କଟଣୀ ଏନ୍.ଏ.ସି.କୁ ୪ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିବ ବୋଲି ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ କୁମାର ମହାପାତ୍ର କହିଛନ୍ତି ।

କୁଦିଆଗାଠାରେ ଏକ ଗୋଷ୍ଠୀ ଗୃହକୁ ଉଦ୍‌ଘାଟନ କରି ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ରାଉତରାୟ କହିଲେ ଯେ କେନ୍ଦ୍ର ସରକାର ଓଡ଼ିଶାର ୧୦ଟି ସହରକୁ ପ୍ରଧାନମନ୍ତ୍ରୀଙ୍କ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି । ସେଥିମଧ୍ୟରେ କଟଣୀ ଏନ୍.ଏ.ସି. ଅନ୍ୟତମ । ଏହି ଯୋଜନା ଅନୁଯାୟୀ କଟଣୀ ଏନ୍.ଏ.ସି.ର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରାୟ ୩୨୦୦ ପରିବାର ଉପକୃତ ହୋଇପାରିବେ । ଶିଶୁମାନଙ୍କର ବିକାଶ ନିମନ୍ତେ କଟଣୀ ସହରର ବସ୍ତି ଅଞ୍ଚଳର ଗୋଟିଏ ଲେଖାଏଁ ଗୋଷ୍ଠୀ ଗୃହ ନିର୍ମାଣ କରାଯିବ ସହିତ ୩ ରୁ ୬ ବର୍ଷର ଶିଶୁମାନଙ୍କୁ ମାଗଣାରେ ପାଠ ପଢ଼ିବାର ସୁଯୋଗ ମିଳିପାରିବ । ବସ୍ତି ଅଞ୍ଚଳର ଉନ୍ନତି ନିମନ୍ତେ ପ୍ରତ୍ୟେକ କୁମୁଡ଼ି ଘରକୁ ପକ୍କାଗୃହରେ ପରିଣତ କରାଯିବ ଏବଂ

ରାସ୍ତା, ନାଳ ଓ ପିଇବା ପାଣିର ବ୍ୟବସ୍ଥା କରାଯିବ । ବସ୍ତି ଉନ୍ନୟନ କମିଟି ମାଧ୍ୟମରେ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ ମଧ୍ୟ ଋଣ ଯୋଗାଇ ଦିଆଯିବ । ଏହି ଯୋଜନା ମାଧ୍ୟମରେ ମିଳିଥିବା ଅର୍ଥକୁ ଆସନ୍ତା ୫ ବର୍ଷ ମଧ୍ୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ ।

କଟଣୀ ଅସ୍ଥାୟୀ ବସ୍ତିବାସିନ୍ଦା ମହାସଂଘର ସଭାପତି ଶ୍ରୀ ପଦ୍ମ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ତଥା କଟଣୀ ଏନ୍.ଏ.ସି. ର ପ୍ରଶାସକ ଶ୍ରୀ ନବ କୁମାର ନାୟକ ମୁଖ୍ୟବକ୍ତା ଭାବେ, କଟଣୀ ଏନ.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର ଓ ବ୍ଲକ କଂଗ୍ରେସ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ କଉନସିଲର ଶ୍ରୀ ନିର୍ମଳ କୁମାର ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୁଡିଆରୀ ଭୋଇସାହି ବସ୍ତି ଉନ୍ନୟନ କମିଟିର ସଂପାଦକ ବିବରଣୀ ପାଠ କରିଥିଲେ ଓ କମ୍ୟୁନିଟି ଅର୍ଗାନାଇଜର ଶ୍ରୀମତୀ ଲକ୍ଷ୍ମୀ କାପୁର ଧନ୍ୟବାଦ ଅର୍ପଣ କରିଥିଲେ ।

ମନ୍ତ୍ରୀ ଶ୍ରୀ ରାଉତରାୟ କଟଣୀ ଏନ.ଏ.ସି.ର ବିଭିନ୍ନ ଅଞ୍ଚଳରୁ ଆସିଥିବା ବସ୍ତି ଉନ୍ନୟନ କମିଟିର ସଭାପତିମାନଙ୍କୁ ଧୂମହୀନ ଚୂଲ୍ଲୀ ମାଗଣାରେ ପ୍ରଦାନ କରିଥିଲେ ।

## ଗ୍ରାମାଞ୍ଚଳର ବିକାଶ ନିମନ୍ତେ ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର, ଦାରିଦ୍ର୍ୟ ଦୂରୀକରଣ ଓ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଠିକ୍ ରୂପେ କାର୍ଯ୍ୟକାରୀ କରିବା ଦିଗରେ ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ମାର୍ଚ୍ଚ, ୧୬ ତାରିଖରେ ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁକୁଡା ଗ୍ରାମର କାର୍ତ୍ତିକେଶ୍ୱର ପୁସ୍ତକାଗାରର ଦଶମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ, ବର୍ତ୍ତମାନ ରାଜ୍ୟର ୨୯୦ଟି ବ୍ଲକକୁ ନିଯୁକ୍ତି ପ୍ରତିଶ୍ରୁତି ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ଏହି ବ୍ଲକଗୁଡିକର ରାସ୍ତାଘାଟ ମରାମତି, ପରିବେଶ ସୁରକ୍ଷା ଇତ୍ୟାଦି ବାବଦରେ ଏକ କୋଟି ଟଙ୍କା ଲେଖାଏଁ ଅନୁଦାନ ମିଳିବ । ଏତଦ୍‌ବ୍ୟତୀତ ଜବାହର ରୋଜଗାର ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ପ୍ରାୟ ଏକ କୋଟି ଟଙ୍କା ଯୋଗାଇ ଦିଆଯାଇଥାଏ । ଯେଉଁ ପଞ୍ଚାୟତରେ ପଞ୍ଚାୟତ ଘର ନାହିଁ ସେଠାରେ ଦେଢ଼ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ଘର ତିଆରି କରାଯିବ ବୋଲି ସେ କହିଥିଲେ । ସବୁ ଗାଁକୁ ରାସ୍ତା ସହିତ ପଞ୍ଚାୟତ ସମିତିକୁ ସବୁଦିନିଆ ରାସ୍ତା କରାଯିବ । ଗ୍ରାମାଞ୍ଚଳ ଲୋକମାନଙ୍କ ମୌଳିକ ସୁବିଧା, ପାନୀୟ ଜଳଯୋଗାଣ, ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ବିକାଶ ଭଳି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସେ ଯୁବସମାଜ ଓ ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ ।

ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ଶ୍ରୀ ସାଧାକାନ୍ତ ମହାପାତ୍ର କହିଲେ ଯେ ସ୍ୱାଧୀନ ହେବା ପରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି ଲାଭ କରିଛି । ଗ୍ରାମାଞ୍ଚଳ ଅର୍ଥନୀତିର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ଅନୁଯାୟୀ ଅନେକଗୁଡିଏ ଗ୍ରାମାଭିମୁଖୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହାର ସଫଳ ରୂପାୟନ ନିମନ୍ତେ ଜନସାଧାରଣ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ କଂଗ୍ରେସ ଦଳର ମୁଖପାତ୍ର ଶ୍ରୀ ବୈଷ୍ଣବ ଚରଣ ପରିଡା କାର୍ତ୍ତିକେଶ୍ୱର ପାଠାଗାରର କର୍ମକର୍ତ୍ତାମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରି ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ବିଂଝାରପୁର ବିଧାୟକ ଶ୍ରୀ ଅର୍ଜୁନ ଚରଣ ଦାସ ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଉକ୍ତ ଅଞ୍ଚଳର ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।

ଅନୁଷ୍ଠାନର ସଭାପତି ତଥା ସ୍ଥାନୀୟ ସରପଞ୍ଚ ଶ୍ରୀ ଅନିରୁଦ୍ଧ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ଦିଗମ୍ବର କର ଓ ସଭ୍ୟ ଶ୍ରୀ ଯୋଗେନ୍ଦ୍ର ନାଥ ନାୟକ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଦିଲୀପ ଚନ୍ଦ୍ର ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ସୂଚନା ମନ୍ତ୍ରୀଙ୍କ ଦ୍ୱାରା ଅଣରାଇ ପ୍ରାଥମିକ ବିଦ୍ୟାଳୟ ଗୃହର ଭିତ୍ତି ପ୍ରସ୍ତର ସ୍ଥାପିତ


ସ୍ଥାନୀୟ ଅଞ୍ଚଳର ଉନ୍ନୟନ ପାଇଁ ସମସ୍ତେ ପରସ୍ପର ଭିତରେ ଆଲୋଚନା କରି ସହଯୋଗ ଭିତ୍ତିରେ କାର୍ଯ୍ୟ କଲେ, ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି ।

ଗତ ମାର୍ଚ୍ଚ ୨୩ ତାରିଖ ଦିନ ବୋଡକ ପଞ୍ଚାୟତର ଅଣରାଇ ପ୍ରାଥମିକ ବିଦ୍ୟାଳୟ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଯେ ଏହି ପ୍ରାଥମିକ ବିଦ୍ୟାଳୟର ସ୍କୁଲ ଗୃହ ନିର୍ମାଣ ଦ୍ୱାରା ଏହି ଅଞ୍ଚଳର ଅଧିବାସୀମାନଙ୍କର ବହୁଦିନର ଆଶା ଓ ଆକାଂକ୍ଷା ପୂରଣ ହୋଇପାରିଛି । ଶିକ୍ଷା, କୃଷି, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ନିମନ୍ତେ ସରକାର ନେଇଥିବା ପଦକ୍ଷେପ ସଂପର୍କରେ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ । ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କୃଷିର ବିକାଶ ନିମନ୍ତେ ୨୦୦ ରୁ ଉର୍ଦ୍ଧ୍ୱ ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯିବ । ଉଠା ଜଳସେଚନ କ୍ଷେତ୍ରରେ ଖରିଦା ପାଟଣା ଓ ଅଣରାଇ ପଏଣ୍ଟର ବିଦ୍ୟୁତ୍‌କରଣ କରାଯାଉଛି । ଗମନାଗମନର ସୁବିଧା ନିମନ୍ତେ ମାଟସିଙ୍ଗପୁରଠାରେ ଏକ ପୋଲ ମଧ୍ୟ କରାଯିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଚାନ୍ଦବାଲି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶ୍ରୀ ମଲ୍ଲିକ ଉପସ୍ଥିତ ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ ।

ଶ୍ରୀ ପଦ୍ମଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପୀତାମ୍ବର ବେହେରା, ଶ୍ରୀ ଯତୀନ୍ଦ୍ର ମହାନ୍ତି ଓ ଚିହିଡି ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଶ୍ରୀ ବୈରାଗୀ ମଲ୍ଲିକ ଉଦ୍‌ବୋଧନ ଦେଇ ଏ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ତଥା ଉନ୍ନୟନ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ ୩୪ ଜଣଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ ।



ରାଜ୍ୟ ବିଧାନ ସଭାରେ ବଜେଟ୍ ଅଭିଭାଷଣ ପ୍ରଦାନ ନିମନ୍ତେ ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ବିଧାନସଭା ପ୍ରକୋଷ୍ଠକୁ ପ୍ରବେଶ କରୁଛନ୍ତି ।




ଭାରତରେ ଅବସ୍ଥାପିତ ନିଯୁଜିଲାଣ୍ଡର ହାଇକମିଶନ୍ର ଶ୍ରୀ ନିକିବ୍ରିଜ୍ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସରକାରୀ ବାସ ଭବନରେ ସାକ୍ଷାତ କରୁଛନ୍ତି ।



ଭୁବନେଶ୍ୱରଠାରେ ନବନିର୍ମିତ କଳିଙ୍ଗ ହସପିଟାଲଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ଉନ୍ନତ ଯନ୍ତ୍ରପାତି ବୁଲି ଦେଖୁଛନ୍ତି ।



ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ପକ୍ଷରୁ ୬ ନମ୍ବର ୟୁନିଟ୍ ଶିଶୁଉଦ୍ୟାନ ପରିସରରେ ଆୟୋଜିତ ପ୍ରଦର୍ଶନୀ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।




ଓଡ଼ିଶାର ଧାମରାଠାରେ ଏକ ବନ୍ଦର ନିର୍ମାଣ ପାଇଁ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତିରେ ଭାରତ ଆନ୍ତର୍ଜାତିକ ସାମୁଦ୍ରିକ ବନ୍ଦର ଏଲ.ଟି.ଡିର ଅଧ୍ୟକ୍ଷ ଶ୍ରୀ ଟି.ଭି. ଆନନ୍ଥାନର ରାଜ୍ୟ ସରକାରଙ୍କ ସହିତ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରୁଛନ୍ତି ।



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଶିଶୁନାଟକ ଉତ୍ସବ ଉଦ୍‌ଯାପନୀ ଦିବସରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ ଶିଶୁକଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।



ଭୁବନେଶ୍ୱର ଯାତ୍ରୀ ନିବାସଠାରେ ଅଖିଳ ଭାରତ ପ୍ରେସଟ୍ରଷ୍ଟ ଇଣ୍ଡିଆ ଏମ୍ପ୍ଲୟିଜ୍ ୟୁନିୟନର ବାର୍ଷିକୀ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।




କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ନୂତନ କୋବାଲ୍ଟ ମେସିନ ଉଦ୍‌ଘାଟନ କରୁଛନ୍ତି ।



କଟକ ହୋଟେଲ ଆକବରୀଠାରେ ହଜକମିଟି ଆନୁକୂଲ୍ୟରେ ଆୟୋଜିତ ଇଫ୍‌ତାର ବନ୍ଧୁ ମିଳନରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।




ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଚନ୍ଦନ ହଜୁରୀ ଚଖି ଖୁଣ୍ଟିଆ' ଜୟନ୍ତୀ ଉତ୍ସବରେ
ଶ୍ରୀ ହରିହର ବାହିନୀପତି, ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ
ଶ୍ରୀ ପ୍ରାଣକୃଷ୍ଣ ବେହେରା ଓ ଶ୍ରୀ ବି. କେ. ରଥ.




ରାଜ୍ୟ ପାଳ ନିବାସଠାରେ ଓଡ଼ିଶାର ତିନିଜଣ କୃତୀସନ୍ତାନ ବିଶ୍ୱନାଥ କବିରାଜ, ବଳଦେବ ବିଦ୍ୟାଭୂଷଣ ଓ
ସାମନ୍ତ ଚନ୍ଦ୍ର ଶେଖରଙ୍କ ଉପରେ ଆୟୋଜିତ ଜାତୀୟ ଏକାଦଶ ଆଲୋଚନା ଚକ୍ରକୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



ହୋଟେଲ୍ ସ୍ୱସ୍ତିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆର୍ଯ୍ୟ ପ୍ରକାଶନ କଟକ ଦ୍ୱାରା ପ୍ରକାଶିତ
ଓଡ଼ିଆ ଭାଷାକୋଷର ପ୍ରଥମ ଖଣ୍ଡ ଉନ୍ମୋଚନ କରୁଛନ୍ତି ।



ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିଖିଳଭାରତ ପନିପରିବା ପ୍ରଦର୍ଶନୀ (ପୂର୍ବାଞ୍ଚଳ) ଓ ରାଜ୍ୟପୁଷ୍ପ ପ୍ରଦର୍ଶନୀ ଓ କୃଷିମେଳା ଉଦ୍‌ଘାଟନ କରୁଛନ୍ତି ।




କଟକଠାରେ ଆୟୋଜିତ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ୪୫ତମ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ 'ପୋଲିସର ସାଥୀ' ନାମକ ପୁସ୍ତକ ଉନ୍ମୋଚନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ବିରଣା ଗ୍ରାମରେ ନଦୀ ବାଲିରେ ହୋଇଥିବା ଆଳୁକ୍ଷେତ ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି ।



ସାପ୍ତାହିକ 'ସମୟ' ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସଭବନରେ ଉନ୍ମୋଚନ କରୁଛନ୍ତି

# ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସଫଳତା



## ଗୋପାଳପୁର ବନ୍ଦର

ଓଡ଼ିଶାର ୪୮୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ସମୁଦ୍ର ଉପକୂଳରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ବନ୍ଦର ଉନ୍ନୟନ ନିମନ୍ତେ ଅନେକଗୁଡ଼ିଏ ଅନୁକୂଳ ସ୍ଥାନ ରହିଅଛି । ଏତଦ୍‌ବ୍ୟତୀତ ବହୁପରିମାଣର ରପ୍ତାନୀ ଉପଯୋଗୀ ଖଣିଜ ପଦାର୍ଥ ତଥା କୃଷିଜାତ, ସମୁଦ୍ରଜାତ ଓ ଜଙ୍ଗଲଜାତ ପଦାର୍ଥମାନ ମଧ୍ୟ ରାଜ୍ୟରେ ଗଚ୍ଛିତ ଅଛି । ଏହି ସବୁ ବିପୁଳ ସମ୍ପଦର ସଦୁପଯୋଗ ନିମନ୍ତେ ରାଜ୍ୟ ସରକାର ରାଜ୍ୟର ଅର୍ଥନୀତିକ ଉନ୍ନୟନ କଳ୍ପେ ବନ୍ଦର ଉନ୍ନୟନ ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି ।

ତଦନୁସାରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର (ଆର୍ଜିପଲ୍ଲୀ)ରେ ରାଜ୍ୟ ସରକାର ୩୫.୯୫ କୋଟି ଟଙ୍କା ବ୍ୟୟରେ ଏକ ଅନୁକୂଳ ପାଗଭିତ୍ତିକ ବନ୍ଦର ପ୍ରତିଷ୍ଠା କରିଛନ୍ତି । ଏହାକୁ ୨୬.୨.୧୯୮୭ ଠାରୁ ଚାଲୁ କରାଯାଇଛି ।

୧୯୯୬-୯୭ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଧୀନରେ ଗୋପାଳପୁର ବନ୍ଦର, ଧାମରା ମାଛଧରା ବନ୍ଦର, ଚୂଡ଼ାମଣି ଓ ବାହାବଳପୁର ବନ୍ଦର ଏବଂ ଚିଲିକାର କୃଷ୍ଣପ୍ରସାଦ ଓ ସାତପଡ଼ାଠାରେ ମାଛଧରା ଜେଟି ନିର୍ମାଣ ପାଇଁ ୪୭୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଗୋପାଳପୁର ଅନୁକୂଳ ପାଗଭିତ୍ତିକ ବନ୍ଦରକୁ ଏକ ସବୁଦିନିଆ ବନ୍ଦରରେ ପରିଣତ କରିବା ଲକ୍ଷ୍ୟରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ୯.୬୮ କୋଟି ଟଙ୍କାରେ ଆପ୍ରୋଚ ଟ୍ରେସଲ ନିର୍ମାଣ ହାତକୁ ନିଆଯାଇଛି ।

ବର୍ତ୍ତମାନ ଗୋପାଳପୁର ବନ୍ଦରକୁ ରାଜ୍ୟ ସରକାର ସମେତ ଇସ୍ପାତ କର୍ତ୍ତୃପକ୍ଷ, ଏମ୍.ଏମ୍.ଟି.ସି., ଆଇ.ଡ଼ି.ସି. ଏବଂ କେତେକ ଘରୋଇ ପୁଞ୍ଜି ଲଗାଣକାରୀଙ୍କୁ ନେଇ ଏକ ବନ୍ଦର କମ୍ପାନୀ ଗଠନ କରି ୨୫୦୦ କୋଟି ଟଙ୍କା ବ୍ୟୟରେ ଗୋଟିଏ ସବୁଦିନିଆ ବୃହତ ବନ୍ଦରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

୨୦୦୦ ମସିହା ସୁଦ୍ଧା ଟିସ୍କୋ ଓ ଏଲ୍. ଏଣ୍ଡ.ଟିର ଷ୍ଟିଲ୍ ପ୍ଲାଣ୍ଟମାନ ଆମଦାନୀ ଓ ରପ୍ତାନୀ କାର୍ଯ୍ୟ ଏହି ବନ୍ଦର ବାଟେ କରିବେ । ଏହି ବନ୍ଦରର ପଣ୍ୟ ସଂଚାଳନ କ୍ଷମତା ବାର୍ଷିକ ୩୬ ନିୟୁତ ଟନରୁ ଅଧିକ ହେବ ଏବଂ ଏହା ବୃଦ୍ଧି ପାଇ ୨୦୧୫ ମସିହାବେଳକୁ ୮୪ ନିୟୁତ ଟନରେ ପହଞ୍ଚିବ । ଅଷ୍ଟମ ଯୋଜନା ଅର୍ଥାତ୍ ୧୯୯୨-୯୭ ମଧ୍ୟରେ ଗୋପାଳପୁର ବନ୍ଦର ଓ ଅନ୍ୟାନ୍ୟ କ୍ଷୁଦ୍ର ବନ୍ଦର ପାଇଁ ସଂଶୋଧିତ ଯୋଜନା ବ୍ୟୟ ୩୦୯୩.୨୩ ଲକ୍ଷ ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା । ସେହି ସମୟ ମଧ୍ୟରେ ତାହା ଖର୍ଚ୍ଚ ହୋଇଯାଇଛି । (୧୯୯୬-୯୭ ବର୍ଷର ବ୍ୟୟ ୪୭୧.୦୦ ଲକ୍ଷ ଟଙ୍କା ବୋଲି ଧରିନିଆଯାଇଛି) ।

### ୧୯୯୬-୯୭ ପର୍ଯ୍ୟନ୍ତ ଗୋପାଳପୁର ବନ୍ଦରର ଭୌତିକ ସଫଳତା

(୧) ପଣ୍ୟ ସଂଚାଳନ କ୍ଷମତା ଦୈନିକ ୧,୦୦୦ ମେଟ୍ରିକ ଟନରୁ ୨,୨୦୦ ମେଟ୍ରିକ ଟନ ପର୍ଯ୍ୟନ୍ତ ବୃଦ୍ଧି ।

(୨) ଗଭୀର ଜଳ ବର୍ଥର ୯୦ ପ୍ରତିଶତ ନିର୍ମାଣ (୫୦ ମିଟର ବର୍ଥ)

(୩) ବର୍ଷସାରା ପ୍ରାୟ ୧୦୦୦ ଲୋକଙ୍କର ନିଯୋଜନ ସୁବିଧା ଏବଂ ବର୍ଷର ୮ ମାସ ପାଇଁ ୩୦୦୦ ଲୋକଙ୍କର ନିଯୋଜନ ସୁବିଧା ସୃଷ୍ଟି ।

(୪) ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ପାର୍ଶ୍ୱ ରେଳପଥ ମାଲ ମହଜୁଦ୍ ସୁବିଧା ସୃଷ୍ଟି ।

(୫) ୧୯୯୭ ଜାନୁଆରୀ ପର୍ଯ୍ୟନ୍ତ ଅଷ୍ଟମ ଯୋଜନା ସମୟରେ ୯.୯୪ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ।

### ୧୯୯୨-୯୩ ରୁ ୧୯୯୬-୯୭ ପର୍ଯ୍ୟନ୍ତ ଗୋପାଳପୁର ବନ୍ଦର ଦ୍ୱାରା ହୋଇଥିବା ପଣ୍ୟ ସଂଚାଳନ

| ବର୍ଷ | ପଣ୍ୟର ନାମ | ମେଟ୍ରିକ ଟନ ଓଜନ ଆମଦାନୀ | ରପ୍ତାନୀ | ମୋଟ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧୯୯୨-୯୩ | ସାର | ୬୮୭୯୬ | - | ୨୦୫୩୯୨ |
| | ଗହମ | ୮୩୮୬୯ | - | - |
| | ଇଲିମିନାଇଟ୍ | - | ୫୨୬୨୬ | - |
| ୧୯୯୩-୯୪ | ସାର | ୧୪୯୪୪୬ | - | - |
| | ଇଲିମିନାଇଟ୍ | - | ୬୨୨୪୭ | ୨୧୧୬୯୩ |
| ୧୯୯୪-୯୫ | ସାର | ୧୬୧୩୫୮ | - | - |
| | ଇଲିମିନାଇଟ୍ | - | ୩୯୨୭୫ | ୨୦୦୦୬୩ |
| ୧୯୯୫-୯୬ | ଲୁଣ | ୧୦୩୯୪୬ | - | - |
| | ଇଲିମିନାଇଟ୍ | - | ୭୦୨୬୮ | - |
| | ସାର | - | - | - |
| | ଚାଉଳ | - | - | ୧୭୪୨୧୪ |
| ୧୯୯୬-୯୭ | ଇଲିମିନାଇଟ୍ | - | ୭୦୭୫୪ | - |
| (୧/୯୭ | ୟୁରିଆ | ୧୩୪୧୦ | - | - |
| ପର୍ଯ୍ୟନ୍ତ) | ଏମ୍.ଓ.ପି. | ୧୪୨୦୨ | - | ୯୮୩୬୬ |

୧୯୯୫-୯୬ ଆର୍ଥିକ ବର୍ଷରେ ପଣ୍ୟ ସଂଚାଳନ ବାବଦରେ ୨୦୯.୧୦ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା । ଚଳିତ ୧୯୯୬-୯୭ ବର୍ଷ ପାଇଁ ୨୯୯ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି । ତନ୍ମଧ୍ୟରୁ ୧୯୯୭ ଜାନୁୟାରୀ ସୁଦ୍ଧା ୧୭୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ।

୧୯୯୭-୯୮ ଆର୍ଥିକ ବର୍ଷରେ ଗୋପାଳପୁର ବନ୍ଦରର ରକ୍ଷଣାବେକ୍ଷଣ ଓ ସବୁଦିନିଆ ବନ୍ଦର ଉନ୍ନୟନ ସକାଶେ ଯୋଜନା ସୀମା ହିସାବରେ ୪୩୨ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି ।

## ଅନ୍ୟାନ୍ୟ କ୍ଷୁଦ୍ର ବନ୍ଦର

ରାଜ୍ୟ ସରକାର ଗୋପାଳପୁର ବନ୍ଦର ବ୍ୟତୀତ ଆଉ ଗୋଟିଏ ବୃହତ ବନ୍ଦର ଏବଂ ତିନୋଟି କ୍ଷୁଦ୍ର ବନ୍ଦର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଆଇ.ଆଇ.ଟି., ମାଡ୍ରାସର ଓସେନ ଇଂଜିନିୟରିଂ ସଂସ୍ଥା ଏକ ଟେକ୍‌ନୋ-ଇକୋନୋମିକ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଏବଂ ରିପୋର୍ଟରେ ଦେଇଥିବା ସୁପାରିଶଗୁଡ଼ିକ ସରକାରଙ୍କ ବିଚାରାଧୀନ ଅଛି । ସୁପାରିଶ ଅନୁସାରେ ଚାନ୍ଦବାଲି ଓ ଚାରଡ଼ିହା ସମେତ ଧାମରା ସମନ୍ୱିତ ବନ୍ଦର ପ୍ରକଳ୍ପକୁ ଘରୋଇ ପୁଞ୍ଜି ଲଗାଣ ଦ୍ୱାରା BOOT ପଦ୍ଧତିରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ସେହିପରି ଚୂଡ଼ାମଣି ମାଛଧରା ବନ୍ଦରଠାରେ ବନ୍ଦର ଉନ୍ନୟନ ପାଇଁ ଯଥେଷ୍ଟ ସମ୍ଭାବନା ଥିବାରୁ ସେହି ବନ୍ଦରକୁ ଘରୋଇ ଉଦ୍ୟୋଗୀମାନଙ୍କର ସହାୟତାରେ ଯୌଥ ଉଦ୍ୟୋଗ ଭିତ୍ତିରେ ବିଭିନ୍ନ ସୁବିଧା ସୁଯୋଗଗୁଡ଼ିକୁ ପଟ୍ଟା ଆକାରରେ ଦେଇ ବୁଟ ପଦ୍ଧତି ନିର୍ମାଣ (ମାଲିକାନା, ପରିଚାଳନା ଓ ହସ୍ତାନ୍ତର) ଦ୍ୱାରା ଉନ୍ନୟନ କରିବାରେ ପ୍ରସ୍ତାବ ରଖାଯାଇଛି । ଧାମରା ବୃହତ ବନ୍ଦର ପାଇଁ ଏହି ବନ୍ଦର ଏକ ଉତ୍ପ୍ରେରକ ହିସାବରେ କାର୍ଯ୍ୟ କରିବ । ୧୯୯୭-୯୮ ବର୍ଷରେ କ୍ଷୁଦ୍ର ବନ୍ଦର ପାଇଁ ୭୫ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି ।

## ଅନ୍ତର୍ଦେଶୀୟ ଜଳ ପରିବହନ

ରେଳ କିମ୍ବା ସଡ଼କ ପଥ ଦ୍ୱାରା ସଂଯୋଗ ହୋଇ ନ ଥିବା ଅଗମ୍ୟ ଅଞ୍ଚଳଗୁଡ଼ିକ ପାଇଁ ଅନ୍ତର୍ଦେଶୀୟ ଜଳପଥ ହେଉଛି ଏକମାତ୍ର ପରିବହନ ଓ ଗମନାଗମନର ପନ୍ଥା । କନିକାଇ, କୃଷ୍ଣପ୍ରସାଦ, ସାତପଡ଼ା ପ୍ରଭୃତି ଚିଲିକା ହ୍ରଦ ଅଞ୍ଚଳର ଏହିପରି କେତେକ ସ୍ଥାନକୁ ଚିହ୍ନଟ କରାଯାଇଛି । ସେହିପରି ଚାନ୍ଦବାଲି ସେକ୍ଟରରେ ଓ ବାଲିମେଳା ଜଳଭଣ୍ଡାର ନିକଟରେ କେତେକ ଗ୍ରାମକୁ ମଧ୍ୟ ଚିହ୍ନଟ କରାଯାଇଛି ।

ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ ୧୯୭୩ ମସିହାରୁ କାର୍ଯ୍ୟକାରୀ ହୋଇଛି । ଏହି ନିର୍ଦ୍ଦେଶାଳୟର ମୁଖ୍ୟ କାର୍ଯ୍ୟ ହେଲା—(୧) ରାଜ୍ୟ ଭିତରେ ଅନ୍ତର୍ଦେଶୀୟ ଜଳଯାନ ଅଧିନିୟମର ପ୍ରଶାସନ, (୨) ଯାତ୍ରୀବାହୀ ଲଞ୍ଚ ସେବା ପ୍ରଚଳନ, (୩) ଅନ୍ତର୍ଦେଶୀୟ ଜଳଯାନ ଅଧିନିୟମ, ୧୯୧୭ ଅନୁଯାୟୀ ଅନ୍ତର୍ଦେଶୀୟ ଜଳଯାନଗୁଡ଼ିକର ସର୍ବେକ୍ଷଣ ଓ ପଞ୍ଜିକରଣ, (୪) ଅନ୍ତର୍ଦେଶୀୟ ଜଳପଥଗୁଡ଼ିକର ସର୍ବେକ୍ଷଣ ଓ ପ୍ରକଳ୍ପ ପ୍ରସ୍ତୁତିକରଣ, (୫) ଜଳଯାନଗୁଡ଼ିକର ମାଷ୍ଟର, ସାରଙ୍ଗ, ଚାଳକ ଓ ଇଞ୍ଜିନିୟରମାନଙ୍କ ପାଇଁ ପରୀକ୍ଷା ପରିଚାଳନା, (୬) ଅନ୍ତର୍ଦେଶୀୟ ଜଳଯାନଗୁଡ଼ିକ ଚଳାଇବା ପାଇଁ ତାଲିମ ପ୍ରଦାନ ।

୧୯୯୬-୯୭ ବର୍ଷରେ ଅନ୍ତର୍ଦେଶୀୟ ଜଳ ପରିବହନ ପାଇଁ ରାଜ୍ୟ ଯୋଜନା ଅଧୀନରେ ୫୦ ଲକ୍ଷ ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି । ଅଷ୍ଟମ ଯୋଜନା କାଳରେ ଏହି ନିର୍ଦ୍ଦେଶାଳୟ ଦ୍ୱାରା ନିମ୍ନଲିଖିତ ଭୌତିକ ସଫଳତାମାନ ଲାଭ କରାଯାଇଛି ।

(୧) ପାଞ୍ଚଟି ଯାତ୍ରୀବାହୀ ଲଞ୍ଚ ନିର୍ମାଣ

(୨) ଗୋଟିଏ ସେ ପ୍ରିଣ୍ଟିଂ, ଗୋଟିଏ ଡ୍ରିଲିଂ ମେସିନ, ଗୋଟିଏ ଏଙ୍ଗେଲ ଗ୍ରାଇଣ୍ଡର ଏବଂ ଗୋଟିଏ ବେଞ୍ଚ ଗ୍ରାଇଣ୍ଡର କ୍ରୟ ।

(୩) କଟକସ୍ଥିତ ବିଦ୍ୟାଧରପୁରଠାରେ ଗୋଟିଏ ପ୍ରଶାସନ ସୌଧ, ୧୨ଟି ଏକ କୋଠରୀ ବିଶିଷ୍ଟ ଏବଂ ୧୨ଟି ଦୁଇ କୋଠରୀ ବିଶିଷ୍ଟ କର୍ମଚାରୀ ଗୃହ (ନିର୍ମାଣ ସଂପୂର୍ଣ୍ଣ ହୋଇନାହିଁ) ।

ଅଷ୍ଟମ ଯୋଜନା କାଳରେ ୮୩.୦୩ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ।

ଆସନ୍ତା ୧୯୯୭-୯୮ ବର୍ଷ ପାଇଁ ୧୬ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ଡ଼ିସେମ୍ବର ୧୯୯୬ ସୁଦ୍ଧା ୧୩.୩୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ।

## ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ

ଏହି ନିର୍ଦ୍ଦେଶାଳୟଟି ଏକ ସେବା ସଂସ୍ଥା ଅଟେ । ଏଠାରେ ବିଭିନ୍ନ ପ୍ରକାରର ସରକାରୀ ଫାରମ ମୁଦ୍ରିତ ହୁଏ, ସରକାରୀ ପୁସ୍ତକ ପ୍ରକାଶିତ ହୁଏ ଏବଂ ଏଠାରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଲିଖନ ସାମଗ୍ରୀମାନ ଯୋଗାଇ ଦିଆଯାଏ । ଟାଇପ୍ ଯନ୍ତ୍ର, ପ୍ରତିଲିପି ଯନ୍ତ୍ର ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ମଧ୍ୟ ଏହି ନିର୍ଦ୍ଦେଶାଳୟ ଦ୍ୱାରା ହୋଇଥାଏ । ଏହାବ୍ୟତୀତ ଏଠାସ୍ଥିତ ମୁଦ୍ରଣ ତାଲିମ ବିଦ୍ୟାଳୟଦ୍ୱାରା ଶିକ୍ଷାନବିସମାନଙ୍କୁ ତାଲିମ ଦିଆଯାଏ । ୧୯୯୬-୯୭ ବର୍ଷପାଇଁ ରାଜ୍ୟ ଯୋଜନା ଅଧୀନରେ ୬୩.୨୫ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଅଷ୍ଟମ ଯୋଜନା କାଳରେ ଭୌତିକ ସଫଳତା ସ୍ୱରୂପ କେତେକ ଅତିରିକ୍ତ ପଦବୀ ସୃଷ୍ଟି ହୋଇଛି, କିଛି ଯନ୍ତ୍ରପାତି କ୍ରୟ କରାଯାଇଛି ଏବଂ କେତେକ ବାସଗୃହ ଓ ଅଣବାସଗୃହ ନିର୍ମିତ ହୋଇଛି । ସରକାରୀ କାର୍ଯ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ତଥା ସରକାରୀ କାର୍ଯ୍ୟକଳାପର ବ୍ୟାପକତା ହେତୁ ଏହି ନିର୍ଦ୍ଦେଶାଳୟ ଅଧିକ ଭାରାକ୍ରାନ୍ତ ହୋଇ ପଡ଼ିଛି । ତେଣୁ ଫଳପ୍ରଦ ଭାବରେ ଏବଂ ଆଶାନୁରୂପେ ଏହାର କାର୍ଯ୍ୟ ସମ୍ପାଦନ କରିବାରେ ଅସୁବିଧା ଅନୁଭବ କରାଯାଉଛି । ଏ ସମସ୍ତ ଅସୁବିଧାକୁ ଦୂର କରିବା ନିମନ୍ତେ ୧୯୯୭-୯୮ ବର୍ଷର ବାର୍ଷିକ ଯୋଜନାରେ ଓଡ଼ିଶା ବିଧାନସଭା ପରିସର ଭିତରେ ଏକ ସ୍ୱତନ୍ତ୍ର ମୁଦ୍ରଣାଳୟ ପ୍ରତିଷ୍ଠା କରିଯିବା ପାଇଁ ପ୍ରସ୍ତାବ ରଖାଯାଇଛି ।

# ରାଜସ୍ୱ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ

## ୧୯୯୬-୯୭



ପ୍ରଗତିଶୀଳ ପ୍ରଶାସନ ମଧ୍ୟରେ ସାଧାରଣତଃ ରାଜସ୍ୱ ପ୍ରଶାସନରେ ଏବଂ ବିଶେଷତଃ ପ୍ରଜାମାନଙ୍କର ସମସ୍ୟାଗୁଡ଼ିକର ସମାଧାନରେ ନୂତନ ଭାବନା, ଧାରଣା ଏବଂ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତାଠାରୁ ଦୂରେଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଧରାଯାଏ । ରାଜସ୍ୱ ପ୍ରଶାସନ ପାଇଁ ଗୋଟିଏ ଦୃଢ଼ ପୃଷ୍ଠଭୂମି ନ ହେବା ପର୍ଯ୍ୟନ୍ତ ପ୍ରଗତି ପଥରେ ଦ୍ରୁତ ଗତିରେ ଆଗେଇ ଯିବା ସମ୍ଭବପର ନୁହେଁ । ଏହାର ମୌଳିକ କାରଣ ହେଉଛି ଯେ ଭୂମି ଏକ ମୁଖ୍ୟ ଜାତୀୟ ସମ୍ପତ୍ତି ହୋଇ ରହିଥିଲା, ରହିଛି ଏବଂ ରହିଥିବ । ଏତଦ୍‌ଭିନ୍ନ ଭୂମି ଜାତୀୟ ସମ୍ପତ୍ତି ହୋଇଥିବାରୁ ଏହା ବ୍ୟକ୍ତିବିଶେଷଙ୍କର ମଧ୍ୟ ମୁଖ୍ୟ ସମ୍ପତ୍ତି ଅଟେ, ଯେ କି ସବୁବେଳେ ତାଙ୍କର ଜୀବିକା ଅର୍ଜନ ପାଇଁ ଏବଂ ବାସଗୃହ ପାଇଁ ଖଣ୍ଡେ ଭୂମି ଆବଶ୍ୟକ କରିଥାଏ । ଏଣୁ ରାଜସ୍ୱ ପ୍ରଶାସନ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ସହ ସମ୍ପର୍କ ରକ୍ଷା କରିଥାଏ ଏବଂ ସେମାନଙ୍କର ସମସ୍ୟା ସହ ଓତପ୍ରୋତଃ ଭାବେ ଜଡ଼ିତ ରହିଥାଏ । ଏହି ଦୃଷ୍ଟିରୁ ରାଜସ୍ୱ ପ୍ରଶାସନର ବହୁବିଧ କାର୍ଯ୍ୟକ୍ରମ ଯେ କେବଳ ଭୂମି ସମସ୍ୟା ସମାଧାନ କରିଥାଏ ତା' ନୁହେଁ, ବରଂ ଏହା ଭୂମି ଚାଷ କରୁଥିବା ବ୍ୟକ୍ତିଙ୍କୁ ଭୂମି ପ୍ରଦାନ କରିଥାଏ ଏବଂ ସରକାରୀ ଭୂମିକୁ ବିବେକଶୂନ୍ୟ ବ୍ୟକ୍ତିମାନଙ୍କର ଜବରଦଖଲରୁ ରକ୍ଷାକରିଥାଏ । କୃଷିକୁ ଅଧିକ ମିତବ୍ୟୟୀ ଏବଂ ଲାଭଦାୟକ କରିବା ପାଇଁ ଯାନ୍ତ୍ରିକ ଏବଂ ଲାଭଦାୟକ କୃଷି ନିମନ୍ତେ ଅଯୋଗ୍ୟ ହୋଇଥିବା ଏବଂ ବିଭିନ୍ନ ଭାବେ ରହିଥିବା ପ୍ଲଟଗୁଡ଼ିକୁ ଏକତ୍ରୀତକରିବା ଆବଶ୍ୟକତା ରହିଛି । ବନ୍ୟା, ମରୁଡ଼ି, ବାତ୍ୟା, ଭୂମିକମ୍ପ ଏବଂ ଅଗ୍ନିକାଣ୍ଡ ଇତ୍ୟାଦି ଯୋଗୁଁ ସମସ୍ତ ପ୍ରକାର ସାହାଯ୍ୟ ବ୍ୟବସ୍ଥା ପାଇଁ ଏହି ବିଭାଗର ମଧ୍ୟ ଦାୟିତ୍ୱ ରହିଛି । ଅପ୍ରତ୍ୟାଶିତ ମରୁଡ଼ି ଯୋଗୁଁ ରାଜ୍ୟ ସମ୍ମୁଖୀନ ହୋଇଥିବା ବହୁବିଧ ସମସ୍ୟା ଏହି ବିଭାଗ ପ୍ରତି ଏକ ଆହ୍ୱାନ ଅଟେ । ସେଥିପାଇଁ ବିପନ୍ନ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଦେବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି ।

ରାଜସ୍ୱ ପ୍ରଶାସନରେ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାରଙ୍କର ରାଜସ୍ୱ ବିଭାଗ ଏକ ୧୭ ଦଫା କାର୍ଯ୍ୟକ୍ରମ ପ୍ରସ୍ତୁତ କରିଅଛନ୍ତି ଯାହାକି ରାଜସ୍ୱ ପ୍ରଶାସନର ଗୁରୁତ୍ୱ ଏବଂ ପ୍ରାସଂଗିକତା ଉପରେ ଦୃଷ୍ଟି ଆକର୍ଷଣ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଛି । ରାଜସ୍ୱ ପ୍ରଶାସନକୁ ଲୋକମାନଙ୍କର ଅଧିକ ନିକଟବର୍ତ୍ତୀ କରାଇବା ପାଇଁ ବହିଷ୍ଣ ପଦକ୍ଷେପ ନିଆଯାଇଛି ଏବଂ ନିଆଯାଉଛି ।

୧୯୯୬-୯୭ ବର୍ଷରେ ହୋଇଥିବା ରାଜସ୍ୱ ବିଭାଗ କାର୍ଯ୍ୟର ଏକ ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା -

### ୧. ମଧ୍ୟ ସ୍ୱତ୍ୱାଧିକାରୀ ପ୍ରଥା ଉଚ୍ଛେଦ

ଓଡ଼ିଶା ଜମିଦାରୀ ଉଚ୍ଛେଦ ଅଧିନିୟମ ୧୯୫୧ ସରକାର ଏବଂ ରୟତଙ୍କ ମଧ୍ୟରେ ଥିବା ମଧ୍ୟ-ସ୍ୱତ୍ୱାଧିକାରକୁ ଲୋପ କରିଅଛି । ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଟ୍ରଷ୍ଟ ଜାଗିରିକୁ ଅନ୍ତର୍ଭୁକ୍ତ କରି ୪,୨୫,୭୨୦ ମାହାଲକୁ ଉଚ୍ଛେଦ କରାଯାଇଛି, ମଧ୍ୟ-ସ୍ୱତ୍ୱାଧିକାରୀଙ୍କ ଅଧୀନରେ ଭୂମି ଧାରଣ କରୁଥିବା ସେବାୟତ ଜାଗିରିଦାରଙ୍କ ସ୍ୱତ୍ୱ ମଧ୍ୟ ଲୋପ କରାଯାଇ ଅଛି ।

### ୨. ଭୂ-ସଂସ୍କାର

କୃଷି ଭିତ୍ତିକ ସଂସ୍ଥାନଗୁଡ଼ିକର ଶକ୍ତି ବୃଦ୍ଧି କରିବା ପାଇଁ ଏବଂ ସମଗ୍ର ରାଜ୍ୟ ପାଇଁ ସମାନ ବିଧି ପ୍ରଣୟନ ପାଇଁ ଦୁଇଗୋଟି ପ୍ରଗତିଶୀଳ ଆଇନ୍ ଅଧିନିୟମିତ ହୋଇଅଛି । ଯଥା - ଓଡ଼ିଶା ଭୂ-ସଂସ୍କାର ଅଧିନିୟମ, ୧୯୬୦ ଏବଂ ଓଡ଼ିଶା ମାହାଲ ଉଚ୍ଛେଦ ଅଧିନିୟମ, ୧୯୫୧ ଯାହାର କି ପ୍ରଜାସ୍ୱତ୍ୱ ଓ ରୟତିସ୍ୱତ୍ୱ ଉପରେ ଅତି ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ରହିଛି । ଓଡ଼ିଶା ଭୂ-ସଂସ୍କାର ଅଧିନିୟମର ଗୋଟିଏ ଭାଗରେ ରୟତିସ୍ୱତ୍ୱର ସଂସ୍କାର ରହିଛି ଏବଂ ଅନ୍ୟ ଭାଗରେ ଭୂମି ସିଲିଂ ରହିଅଛି । ପ୍ରଜାସ୍ୱତ୍ୱକୁ ନିୟମିତ/ବିଧିସମ୍ମତ କରିବା କିମ୍ବା ଭୂମିହୀନ/ବାସଗୃହହୀନ ବ୍ୟକ୍ତିମାନଙ୍କୁ ଭୂମି ଅଧିଭୋଗ ଅଧିକାରର ସୁଯୋଗ ଦେବା ଏହାର ଉଦ୍ଦେଶ୍ୟ ଅଟେ ।

ଓଡ଼ିଶା ଭୂ-ସଂସ୍କାର ଅଧିନିୟମର ବ୍ୟବସ୍ଥାନୁଯାୟୀ ୧,୯୯,୮୩୯ ଏକର ସିଲିଂ ଉଦ୍‌ବୃତ୍ତ ଭୂମି ସରକାରଙ୍କଠାରେ ନ୍ୟସ୍ତ ହୋଇଅଛି ଏବଂ ସେଥିରୁ ୧,୭୫,୫୯୦ ଏକର ଭୂମି ସରକାରଙ୍କ ଦଖଲକୁ ଆସିଅଛି । ଏକର ୧,୫୯,୭୯୨ ଭୂମିକୁ ୧,୪୦,୫୨୦ ଜଣ ଭୂମିହୀନ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଅଛି । ଏଥିରେ ୪୮,୯୮୦ ଜଣ ଅନୁସୂଚିତ ଜାତି, ୫୧,୨୭୬ ଜଣ ଅନୁସୂଚିତ ଜନଜାତି ଏବଂ ୪୦,୨୬୪ ଜଣ ଅନ୍ୟାନ୍ୟ ବର୍ଗର ଭୂମିହୀନ ବ୍ୟକ୍ତି ଅନ୍ତର୍ଭୁକ୍ତ ଅଛନ୍ତି ।

୧୯୯୬-୯୭ ଆର୍ଥିକ ବର୍ଷରେ ୮୭୦ ଏକର ସିଲିଂ ବଳକା ଭୂମି ବଣ୍ଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୮୯୮ ଏକର ଭୂମି, ୭୨୨ ଜଣ ଅନୁସୂଚିତ ଜାତି, ୩୪୫ ଜଣ ଅନୁସୂଚିତ ଜନଜାତି ଏବଂ ୬୨୩ ଜଣ ଅନ୍ୟାନ୍ୟ ବର୍ଗର ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ୧୯୯୭ ଜାନୁଆରୀ ଶେଷସୁଦ୍ଧା ବଣ୍ଟନ କରାଯାଇଅଛି । କୃଷି ଭୂମିକୁ ପରିବର୍ତ୍ତନ କରି ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ନିୟମ କରିବା ଲକ୍ଷ୍ୟ ନେଇ ଓଡ଼ିଶା ଭୂ-ସଂସ୍କାର ଅଧିନିୟମର ସୁସଙ୍ଗତ ବ୍ୟବସ୍ଥାକୁ ସଂଶୋଧନ କରାଯାଇଅଛି । ସେପରି ପରିବର୍ତ୍ତନକୁ ଯଥାର୍ଥ କ୍ଷେତ୍ରରେ କେତେକ ପରିମାଣରେ ପ୍ରିମିୟମ ପ୍ରଦାନ ପରେ ମଞ୍ଜୁର କରାଯାଇ ପାରିବ ।

## ୩. ସିଲିଂ ବଳକା ଭୂମି ପାଇଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ସାହାଯ୍ୟ

ସିଲିଂ ବଳକା ଭୂମି ପାଇଥିବା ବ୍ୟକ୍ତିମାନଙ୍କୁ ପ୍ରେରଣା ଦେବା ପାଇଁ ଏବଂ ସେମାନଙ୍କର କୃଷି ଉତ୍ପାଦନରେ ପ୍ରୋତ୍ସାହନ ଦେବା ପାଇଁ ସେମାନଙ୍କୁ ହେକ୍ଟର ପିଛା ୨,୫୦୦ ଟଙ୍କା ହାରରେ ଆର୍ଥିକ ସାହାଯ୍ୟ ଦିଆଯାଉଅଛି । ଏପର୍ଯ୍ୟନ୍ତ ଏହି ପରିକଳ୍ପନା ଅନୁଯାୟୀ ୭,୬୧,୫୦,୪୮୬ ଟଙ୍କା ଦିଆଯାଇଅଛି ।

## ୪. ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ଭୂମି ଅବୈଧ ଅପହରଣର ନିୟମିତକରଣ :-

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କର ଭୂମି ହସ୍ତାନ୍ତର ସମ୍ବନ୍ଧରେ ଏହି ସଂପ୍ରଦାୟର ବ୍ୟକ୍ତିମାନେ କିପରି ଭୂମି ଅପହରଣ କରି ହସ୍ତାନ୍ତର କରିପାରିବେ ଏବଂ କିପରି ଅବୈଧ ଭାବେ ଅପହୃତ ଭୂମିକୁ ସେମାନଙ୍କ ଦଖଲରେ ପୁନଃ ସ୍ଥାପନ କରାଯାଇ ପାରିବ, ସେ ସମ୍ପର୍କରେ ଦୁଇଗୋଟି ପୃଥକ ଆଇନ ରହିଅଛି । ଗୋଟିଏ ହେଉଛି ଓଡ଼ିଶା ଅନୁସୂଚିତ କ୍ଷେତ୍ର (ସ୍ଥାବର ସମ୍ପତ୍ତି ଅନ୍ତରଣ) ନିୟମ ୧୯୫୬ ଏବଂ ଏହା ଉପଯୋଜନା କ୍ଷେତ୍ର ଅଧୀନସ୍ଥ ୧୧୮ ଟି ବ୍ଲକ ମଧ୍ୟରେ ଥିବା ଆଦିବାସୀମାନଙ୍କର ଭୂମିପ୍ରତି ପ୍ରଯୁଜ୍ୟ ଅଟେ । ଅନ୍ୟଟି ଓଡ଼ିଶା ଭୂସଂସ୍କାର ଅଧିନିୟମ, ୧୯୬୦ ଯାହାକି ୧୯୬ ଟି ବ୍ଲକର ଅଣଉପଯୋଜନା କ୍ଷେତ୍ରଗୁଡ଼ିକ ପାଇଁ ପ୍ରଯୁଜ୍ୟ ଅଟେ । ଏଥିରେ ପ୍ରଚଳିତ ବ୍ୟବସ୍ଥାନୁଯାୟୀ ଯଦି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଜଣେ ରଇତ ସେହି ସଂପ୍ରଦାୟ ଅନ୍ତର୍ଭୁକ୍ତ ହୋଇ ନ ଥିବା କୌଣସି ବ୍ୟକ୍ତିଙ୍କୁ ଭୂମି ଅନ୍ତରଣ କରେ, ତେବେ ତାହା ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କର ଲିଖିତାକାରରେ ପୂର୍ବାନୁମତି ବିନା କରାଯାଇଥିଲେ, ଅବୈଧ ହେବ । ଭୂମି ବେଆଇନ ଭାବେ ଅନ୍ତରିତ ହୋଇଥିଲେ କିମ୍ବା ବଳପୂର୍ବକ ଅଧିକୃତ ହୋଇଥିଲେ ଉକ୍ତ ସଂପ୍ରଦାୟର ଭୂମି ମାଲିକଙ୍କୁ ଭୂମି ଫେରସ୍ତ ଦେବାପାଇଁ ଆଇନରେ ମଧ୍ୟ ବ୍ୟବସ୍ଥା ଅଛି । ଏପର୍ଯ୍ୟନ୍ତ ୨୫,୬୩୨ ଏକର ଭୂମି ୨୪,୦୯୨ ଜଣ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ବ୍ୟକ୍ତିଙ୍କୁ ଫେରସ୍ତ ଦେବା ପାଇଁ ଆଦେଶ ଦିଆଯାଇଅଛି । ନିୟମଟିକୁ ଅଧିକ ପ୍ରଭାବୀ କରାଇବା ପାଇଁ ଏବଂ ଏହାର କାର୍ଯ୍ୟକାରିତାରେ ରହିଥିବା ତ୍ରୁଟିକୁ ଅପସାରଣ କରିବା ପାଇଁ ସରକାର ଉକ୍ତ ନିୟମର ସଂଶୋଧନ କରିବା ନିମିତ୍ତ ସ୍ଥିର କରିଅଛନ୍ତି । ୧୯୫୬ର ନିୟମକୁ ଉଲ୍ଲଂଘନ କରି ଉପଯୋଜନା କ୍ଷେତ୍ରଗୁଡ଼ିକରେ ବେଆଇନ ଭାବେ କରାଯାଇଥିବା ଭୂମି ଅନ୍ତରଣକୁ ନିବାରଣ କରିବା ପାଇଁ ରାଜ୍ୟ ସରକାର ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଅଛନ୍ତି ଯେ ପ୍ରସ୍ତାବିତ ସଂଶୋଧନ ପ୍ରବୃତ୍ତ ହେବା ପୂର୍ବରୁ ପାଞ୍ଚ ବର୍ଷ ମଧ୍ୟରେ ଯଥାସ୍ଥିତ ଜିଲ୍ଲାପାଳ ଓ ରାଜସ୍ୱ ଡିଭିଜନ କମିଶନରମାନେ ଅନ୍ତରଣ ମାମଲାଗୁଡ଼ିକୁ ପୁନରୀକ୍ଷଣ କରିବା ନିମିତ୍ତ କ୍ଷମତାପନ୍ନ ହେବା ପାଇଁ ନିୟମଟିକୁ ଯଥୋଚିତ ଭାବେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ସଂଶୋଧନ କରାଯାଇପାରେ ।

## ୫. ବାସହୀନଙ୍କୁ ଘରଡ଼ିହ ବଣ୍ଟନ

ଭୂମିର ପରିଚାଳନା ଏବଂ ଯେଉଁ ବ୍ୟକ୍ତିମାନଙ୍କର ଘର ନାହିଁ । ତାଙ୍କୁ ଭୂମି ବଣ୍ଟନ କରିବା ରାଜସ୍ୱ ବିଭାଗର ସର୍ବ ପ୍ରଥମ ଦାୟିତ୍ୱ ଅଟେ । ସରକାରଙ୍କର ଏହି ବିଭାଗର ସର୍ବୋଚ୍ଚ ସ୍ତରଠାରୁ ଆରମ୍ଭ କରି ନିମ୍ନ ସ୍ତର ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ବିଶେଷ ପ୍ରଚେଷ୍ଟା କରାଯାଉଅଛି ।

ବାସଶୂନ୍ୟ ବ୍ୟକ୍ତିମାନଙ୍କୁ ଘରଡ଼ିହ ଯୋଗାଇ ଦେବାପାଇଁ ସରକାର ୧୭ ସୂତ୍ରୀ କାର୍ଯ୍ୟକ୍ରମ ଆରମ୍ଭ କରିଅଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାଗୁଡ଼ିକର ପ୍ରତ୍ୟେକ ଗ୍ରାମରେ ବାସକରୁଥିବା ବାସଗୃହ-ଶୂନ୍ୟ ପରିବାରକୁ ଚିହ୍ନଟ କରିବାପାଇଁ ଏବଂ ସମସ୍ତ ଗୁରୁତ୍ୱ ଏବଂ ତତ୍ପରତା ସହିତ ସେମାନଙ୍କ ନିମିତ୍ତ ଘରଡ଼ିହ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଅନୁଦେଶ ଦିଆଯାଇଛି । ସେହି ସମୂହଗତ କାର୍ଯ୍ୟକ୍ରମର ଫଳ ସ୍ୱରୂପ ୧୯୯୫-୯୬ ମସିହା ପର୍ଯ୍ୟନ୍ତ, ସର୍ବମୋଟ ୬,୧୩,୯୬୫ ଜଣ ବାସଶୂନ୍ୟ ବ୍ୟକ୍ତିଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଅଛି । ସେଥିମଧ୍ୟରୁ ୧,୬୭,୯୩୫ ଜଣ ଅନୁସୂଚିତ ଜାତି, ୨,୦୨,୭୧୯ ଜଣ ଅନୁସୂଚିତ ଜନଜାତି ଏବଂ ୨,୪୩,୩୧୧ ଜଣ ସାଧାରଣ ଜାତିର ହିତାଧିକାରୀ ଅଟନ୍ତି । ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ ୨୫,୦୦୦ ହିତାଧିକାରୀ ଥିବା ସ୍ଥଳେ, ୬,୦୫୫ ଜଣ ଅନୁସୂଚିତ ଜାତି, ୯,୯ ଜଣ ଅନୁସୂଚିତ ଜନଜାତି ଏବଂ ୬,୭୪୯ ଜଣ ସାଧାରଣ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରି ସର୍ବମୋଟ ୨୨,୬୮୦ ଜଣ ହିତାଧିକାରୀଙ୍କୁ ଘରଡ଼ିହ ଆବଣ୍ଟନ କରାଯାଇଅଛି । ତେଣୁ ୧୯୯୫-୯୬ ଏବଂ ୧୯୯୬-୯୭ ବର୍ଷ ପାଇଁ ମୋଟ ୬,୩୬,୬୪୫ ବାସଶୂନ୍ୟ ପରିବାରକୁ ଘରଡ଼ିହ ଆବଣ୍ଟନ କରାଯାଇଅଛି । ଅବଶିଷ୍ଟ ବାସଶୂନ୍ୟ ପରିବାରଙ୍କର ବାସ୍ତବିକ ସଂଖ୍ୟା ନିର୍ଦ୍ଧାରଣ କରିବା ପାଇଁ ସାରା ରାଜ୍ୟରେ ଏକ ସର୍ବେକ୍ଷଣ କରାଯାଇଥିଲା ଏବଂ ସେଥିରୁ ଜଣାଗଲା ଯେ ନିଜର ଘରଡ଼ିହ ନଥିବା ୩,୦୫,୮୫୬ ଟି ପରିବାର ରହିଛନ୍ତି ।

## ୬. କୃଷି ନିମିତ୍ତ ସରକାରୀ ପଡ଼ିଆ ଜମି ବଣ୍ଟନ

ଭୂମିହୀନ ଏବଂ କୃଷି ଶ୍ରମିକ ହୋଇଥିବା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ

ଏବଂ ରାଜ୍ୟରେ କୃଷି ଉତ୍ପାଦନକୁ ପ୍ରଚୁର ପରିମାଣରେ ବଢ଼ାଇବା ପାଇଁ ଏକ ଲକ୍ଷାର୍ଦ୍ଧ ଏକର ପର୍ଯ୍ୟନ୍ତ ସରକାରୀ ପତିତ ଜମି ୧୯୭୪-୭୫ ମସିହାଠାରୁ ଭୂମିହୀନ ବ୍ୟକ୍ତିମାନଙ୍କୁ ବିନା ସଲାମୀରେ ଆବଣ୍ଟନ କରାଯାଉଅଛି । ପ୍ରତ୍ୟେକ ଗ୍ରାମରେ ବାସ କରୁଥିବା ଭୂମିହୀନ ବ୍ୟକ୍ତିମାନଙ୍କୁ ଚିହ୍ନଟ କାର୍ଯ୍ୟ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାପାଳ କାର୍ଯ୍ୟରତ ଅଛନ୍ତି । ଚଳିତ ୧୯୯୬-୯୭ ମସିହା (୧୯୯୬ ଅପ୍ରେଲ ଠାରୁ ୧୯୯୭ ଜାନୁଆରୀ ପର୍ଯ୍ୟନ୍ତ)ରେ ୫୦୦୫.୮୨୨ ଏକର ସରକାରୀ ପତିତ ଭୂମି ୨,୨୨୯ ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଇଅଛି, ଯାହାକି ୧୧୬୪.୮୫୬ ଏକର ୮୫୦ ଅନୁସୂଚିତ ଜାତିର ପରିବାରଙ୍କୁ, ୨୪୦୦.୮୨୦ ଏକର ଅନୁସୂଚିତ ଜନଜାତିର ପରିବାରଙ୍କୁ ଏବଂ ୧୪୪୦.୧୪୬ ଏକର ୧,୨୦୧ ଅନ୍ୟାନ୍ୟ ଭୂମିହୀନ ପରିବାରଙ୍କୁ ଅନ୍ତର୍ଭୁକ୍ତ କରୁଅଛି ।

୧୯୭୪-୭୫ ଠାରୁ ଆରମ୍ଭ କରି ଜାନୁଆରୀ ୧୯୯୭ ଶେଷ ପର୍ଯ୍ୟନ୍ତ ୬୯୧୦୫୯.୬୦୬ ଏକର ସରକାରୀ ପତିତ ଭୂମି ୪,୨୯,୮୭୨ ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଇଅଛି, ଯାହାକି ୧୬୫୭୧୪.୪୩୧ ଏକର ୯୩,୩୬୫ ଅନୁସୂଚିତ ଜାତିଙ୍କୁ, ୩୬୧୬୮୪.୮୩୯ ଏକର ୨,୦୮,୫୨୩ ଅନୁସୂଚିତ ଜନଜାତି ପରିବାରଙ୍କୁ ଏବଂ ୧୬୩୬୬୦.୩୬୬ ଏକର ୧,୨୭,୯୮୪ ଅନ୍ୟାନ୍ୟ ବର୍ଗର ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଇଅଛି ।

## ୭. ଭୂଦାନ ଯଜ୍ଞ ସମିତି

ଓଡ଼ିଶା ଭୂଦାନ ଏବଂ ଗ୍ରାମଦାନ ଅଧିନିୟମ, ୧୯୭୦ର ବ୍ୟବସ୍ଥା ଅନୁସାରେ ସରକାର ଭୂଦାନ ଯଜ୍ଞ ସମିତି ଗଠନ କରିଅଛନ୍ତି । ସମିତିର ରିପୋର୍ଟ ମତେ ୬,୩୮,୭୦୬.୫୦ ଏକର ଭୂମି ସମିତିକୁ ଦାନ ଆକାରରେ ମିଳିଅଛି, ତନ୍ମଧ୍ୟରୁ ୫,୬୯,୯୮୪ ଏକର ଭୂମି ୧,୫୨,୮୫୨ ଜଣ ଭୂମିହୀନ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଅଛି । ଏଣୁ ୫୮,୭୨୨.୦୦ ଏକର ଭୂଦାନ ଭୂମି ବଣ୍ଟନ କରାଯିବା ପାଇଁ ରହିଅଛି । ବଣ୍ଟନ କରାଯାଇଥିବା ଅଧିକାଂଶ ଭୂମି ଆବଣ୍ଟନଗ୍ରହୀମାନଙ୍କ ନାମରେ ଦାଖଲ ଖାରଜ ହୋଇ ନ ଥିବାରୁ ଭୂଦାନ ଯଜ୍ଞ ସମିତିର ସହାୟତାରେ ଉକ୍ତ ଭୂମିଗୁଡ଼ିକର ଦାଖଲ ଖାରଜ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି ।

## ୮. ବନ୍ଦୋବସ୍ତ କାର୍ଯ୍ୟକ୍ରମ

ଓଡ଼ିଶା ଭଳି ରାଜ୍ୟର ଗ୍ରାମ୍ୟ ଅର୍ଥନୀତିରେ ଭୂମି ମୁଖ୍ୟ ସମ୍ପଦ ବୋଲି ବିବେଚିତ ହୁଏ । ଖତିୟାନ ପ୍ରସ୍ତୁତିକରଣ ଏବଂ ତାହାକୁ ଅଦ୍ୟତନ ଭାବେ ଅନୁରକ୍ଷଣ କରିବା ରାଜସ୍ୱ ବିଭାଗର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ରାଜସ୍ୱ ବିଭାଗ ଅଭିଲେଖ ପ୍ରସ୍ତୁତ କରିବା ଏବଂ ଅଦ୍ୟତନ କରିବାରେ ସଚେତନ ଥିବାରୁ ଏହା ପ୍ରାୟ ପ୍ରତି ୨୦ ବର୍ଷରେ ଥରେ ସଂଶୋଧନ ସର୍ବେକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରିଥାଆନ୍ତି ।

ରାଜ୍ୟରେ ଥିବା ୫୧,୫୩୬ ଗ୍ରାମ ମଧ୍ୟରୁ ୪୮,୭୦୪ ଗ୍ରାମରେ ପ୍ରଥମ କରି ସଂଶୋଧନ ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା, ଯେତେବେଳେ କି ଅବଶିଷ୍ଟ ୨,୮୩୨ ଗ୍ରାମ ଚକବନ୍ଦୀ ପାଇଁ ଚକବନ୍ଦୀ ସଂସ୍ଥା ଉପରେ ନ୍ୟସ୍ତ କରାଯାଇଥିଲା । ୧୯୯୭ ମସିହା ଜାନୁଆରୀ ଶେଷ ସୁଦ୍ଧା ପ୍ରଥମ ସଂଶୋଧନ ବନ୍ଦୋବସ୍ତ ସଂପର୍କରେ ୪୮,୭୦୪ ଗ୍ରାମ ମଧ୍ୟରୁ ୪୮,୧୯୭ ଟି ଗ୍ରାମରେ ଖତିୟାନ ପ୍ରସ୍ତୁତକରଣ ଏବଂ ପଟ୍ଟା ବଣ୍ଟନ କାର୍ଯ୍ୟ ଶେଷ ହୋଇଛି ଏବଂ ୩୧-୧-୧୯୯୭ ତାରିଖ ସୁଦ୍ଧା ଅବଶିଷ୍ଟ ୫୦୭ ଗ୍ରାମରେ କାର୍ଯ୍ୟ ବାକି ଅଛି । ଏହି ୫୦୭ ଟି ଗ୍ରାମରେ ଖତିୟାନ ପ୍ରକାଶନ ଏବଂ ପଟ୍ଟା ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି ।

୨୦ ବର୍ଷ ପୂର୍ବେ ଯେଉଁ ଗ୍ରାମଗୁଡ଼ିକର ଖତିୟାନ ଚୂଡ଼ାନ୍ତ ରୂପେ ପ୍ରକାଶିତ ହୋଇଥିଲା, ସେହି ଗ୍ରାମଗୁଡ଼ିକର ଦ୍ୱିତୀୟ ସଂଶୋଧନ ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ କାର୍ଯ୍ୟକ୍ରମ ଏକ ସମୟରେ ଆରମ୍ଭ କରାଯାଇଅଛି । ତଦନୁସାରେ ୯,୯୯୪ ଗ୍ରାମରେ ଦ୍ୱିତୀୟ କ୍ଷେପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି ଏବଂ ୧୯୯୭ ଜାନୁଆରୀ-୩୧ ତାରିଖ ସୁଦ୍ଧା ନୂତନ ଖତିୟାନ ୬,୮୮୯ ଟି ଗ୍ରାମରେ ବଣ୍ଟନ କରାଯାଇଛି ଏବଂ ଅବଶିଷ୍ଟ ୩,୧୦୫ ଟି ଗ୍ରାମରେ କାର୍ଯ୍ୟ ବାକି ଅଛି । ଅବଶିଷ୍ଟ ଗ୍ରାମଗୁଡ଼ିକର ଦ୍ୱିତୀୟ ସଂଶୋଧନ ବନ୍ଦୋବସ୍ତ ଯେ କେବଳ ତୁରନ୍ତ ସଂପୂର୍ଣ୍ଣ ହେବ ତାହା ନୁହେଁ ବରଂ ଯେଉଁ ଗ୍ରାମଗୁଡ଼ିକରେ ୨୦ ବର୍ଷ ପୂର୍ବେ ଖତିଆନ ଚୂଡ଼ାନ୍ତଭାବେ ପ୍ରକାଶିତ ହୋଇଥିଲା ସେହି ଗ୍ରାମଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯଥେଷ୍ଟ ପାଣ୍ଠି, ଆଧୁନିକ କୌଶଳ ଏବଂ ସରଞ୍ଜାମ ଏବଂ ଅଧିକାରୀମାନଙ୍କର ଅଭାବଯୋଗୁଁ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଉପସ୍ଥିତ ପରିମାଣର ଅଗ୍ରଗତି ହୋଇପାରିନାହିଁ । ଯାହାହେଉ, ଏ ପର୍ଯ୍ୟନ୍ତ ସର୍ବେକ୍ଷଣ କରାଯାଇ ନ ଥିବା ଗଜପତି ଓ ଗଞ୍ଜାମ ଜିଲ୍ଲାର ଅଳ୍ପ କେତେକ ଜଙ୍ଗଲ ବ୍ଲକ ବ୍ୟତୀତ ରାଜ୍ୟର ଅନେକ ଭାଗରେ ସର୍ବେକ୍ଷଣ କାର୍ଯ୍ୟ କରାଯାଇଅଛି । ସର୍ବେକ୍ଷଣ କରାଯାଇନଥିବା ଜଙ୍ଗଲ ବ୍ଲକଗୁଡ଼ିକର ସର୍ବେକ୍ଷଣ ଆରମ୍ଭ ପରେ ପରେ କରାଯାଉଛି ।

## ୯. ସର୍ବେକ୍ଷଣର ଆଧୁନିକୀକରଣ

ସର୍ବେକ୍ଷଣର ଆଧୁନିକୀକରଣ ପାଇଁ ପାରମ୍ପରିକ ଥିଓଡ଼ୋଲାଇଟ (Theodolite) ଏବଂ ସମତଳ ଟେବୁଲ ସର୍ବେକ୍ଷଣ ପଦ୍ଧତି (Planetable Survey methods) ବଦଳରେ ଏରିଏଲ୍ ଫଟୋଗ୍ରାଫି ଏବଂ ଫଟୋଗ୍ରାମେଟ୍ରିକ୍ ପଦ୍ଧତିର ଗ୍ରାହ୍ୟତା ଜାଣିବା ପାଇଁ ଅନୁଗୋଳ-ନାଲକୋ ପରିଯୋଜନା ନାମରେ ଗୋଟିଏ ପଥଦର୍ଶୀ ପରିଯୋଜନା ଗ୍ରହଣ କରାଯାଉଅଛି । ଏହି ପଥଦର୍ଶୀ ପରିଯୋଜନା ଗୋଟିଏ ଗବେଷଣାମୂଳକ ପରିଯୋଜନା ଏବଂ ଏହାକୁ ଭାରତୀୟ ସର୍ବେକ୍ଷଣ ବିଭାଗର ସହଯୋଗରେ ଗ୍ରହଣ କରାଯାଇଛି । ଏହି ପରିଯୋଜନା ୩୬୯ ଗ୍ରାମପାଇଁ ଭାରତ ସରକାର ଏବଂ ରାଜ୍ୟ

ସରକାରଙ୍କର ୧୧୦,୪୩ ଲକ୍ଷ ଟଙ୍କାର ପ୍ରାକ୍‌କଳିତ ମିଳିତ ପାଣ୍ଠିରେ ଆରମ୍ଭ କରାଯାଇଛି । ମନୁଷ୍ୟଦ୍ୱାରା କରାଯାଉଥିବା ସର୍ବେକ୍ଷଣ ଏବଂ ପ୍ରସ୍ତୁତ କରାଯାଉଥିବା ଭୂକର ସମ୍ବନ୍ଧୀ ମାନଚିତ୍ର ଅଧିକ ସମୟସାପେକ୍ଷ ହୋଇଥିବାରୁ ସେହି ସମସ୍ୟାକୁ ସମାଧାନ କରିବା ପାଇଁ ଏକ ଆଧୁନିକ ବୈଷୟିକ ଜ୍ଞାନ ବ୍ୟବସ୍ଥିତ କରିବା ପରିଯୋଜନାର ଲକ୍ଷ୍ୟ ଅଟେ । ଏହି ପରିଯୋଜନା ଅନୁଯାୟୀ ୩୬୯ ଟି ଗ୍ରାମର ଏରିଏଲ ଫଟୋଗ୍ରାଫି ସଂପୂର୍ଣ୍ଣ ହୋଇଛି ଏବଂ ଏରିଏଲ ଫଟୋଗ୍ରାଫି ମାଧ୍ୟମରେ ପ୍ରସ୍ତୁତ ମାନଚିତ୍ରଗୁଡ଼ିକ ଉପରେ କିସ୍ତିୱାର ଓ ଖାନାପୁରି କାର୍ଯ୍ୟ ଚାଲୁରହିଛି । ଭବିଷ୍ୟତ ସଂଶୋଧନ ଏବଂ ଅଦ୍ୟତନ ଭାବେ ଅନୁରକ୍ଷଣ ପାଇଁ ମାନଚିତ୍ରଗୁଡ଼ିକୁ କମ୍ପ୍ୟୁଟରଭୁକ୍ତ କରିବା ପାଇଁ ପରୀକ୍ଷାମାନ ଚାଲୁରହିଛି । ଯଦି ପରିଯୋଜନାଟି ସଫଳ ହୁଏ, ଏବଂ ଏହାର ବାସ୍ତବିକ ଖର୍ଚ୍ଚ ଗ୍ରାହ୍ୟ ହୁଏ, ପୁନରୀକ୍ଷଣ ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ପାଇଁ ଦରକାର ହେଉଥିବା ଅଧିକ ସମୟକୁ କମାଇ ଦେଇ ହେବ ଏବଂ ଅଭିଲେଖଗୁଡ଼ିକୁ ଅଧିକ ସହଜରେ ଅନୁରକ୍ଷଣ କରାଯାଇପାରିବ ।

### ୧୦. ଭୂମି ଅଭିଲେଖଗୁଡ଼ିକର କମ୍ପ୍ୟୁଟରକରଣ

ରାଜ୍ୟ ସରକାର ୩୦ ଗୋଟି ଜିଲ୍ଲା ସଂପର୍କରେ ଭୂମି ଅଭିଲେଖଗୁଡ଼ିକୁ କଂପ୍ୟୁଟରକରଣ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ କେବଳ ୧୨ ଗୋଟି ଜିଲ୍ଲା ସଂପର୍କରେ କଂପ୍ୟୁଟରକରଣ ହୋଇଥିବା ପରିଯୋଜନାଗୁଡ଼ିକୁ ଭାରତ ସରକାର ମଞ୍ଜୁର କରିଥିଲେ । ଚଳିତ ୧୯୯୬-୯୭ ବର୍ଷମଧ୍ୟ ଅବଶିଷ୍ଟ ୧୮ ଗୋଟି ଜିଲ୍ଲାପାଇଁ ମଞ୍ଜୁରୀ ମିଳିଅଛି ଏବଂ ସମୁଦାୟ ୩୦ ଗୋଟି ଜିଲ୍ଲା ପାଇଁ ଭୂମି ଅଭିଲେଖଗୁଡ଼ିକୁ କଂପ୍ୟୁଟରକରଣ କରିବା ନିମିତ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଭାଗୀୟଭାବେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାର ଖତିୟାନଗୁଡ଼ିକର କଂପ୍ୟୁଟରକରଣ କାର୍ଯ୍ୟ ଆରମ୍ଭ ହୋଇସାରିଛି । ଏହି କାର୍ଯ୍ୟ ନିର୍ଦ୍ଧାରିତ କାଳାବଧି ମଧ୍ୟରେ ସଂପୂର୍ଣ୍ଣ ହେବାକୁ ଅବଶିଷ୍ଟ ଜିଲ୍ଲାଗୁଡ଼ିକର କାର୍ଯ୍ୟ ଉଭୟ ବିଭାଗୀୟଭାବେ ଏବଂ ଘରୋଇ ଡାଟା ଏଣ୍ଟ୍ରି ଫାର୍ମ ଜରିଆରେ କରାଯିବ ।

### ୧୧. ଭୂମି ପାସ୍ ବୁକ୍

ଭୂମି ଜୋତଗୁଡ଼ିକର ଅବସ୍ଥା ଏବଂ ଭୂମିର କିଣାବିକା, ଉତ୍ତରାଧିକାର, ଋଣର ସବିସ୍ତାର ବିବରଣୀ ଏବଂ ପ୍ଲଟ ଏବଂ କ୍ଷେତ୍ର ଇତ୍ୟାଦିର ସବିସ୍ତାର ବିବରଣୀ ଥାଇ ପ୍ରତ୍ୟେକ ଭୂମି ମାଲିକକୁ କମ୍ପ୍ୟୁଟରକୃତ ଭୂମି ପାସବୁକ୍ ଯୋଗାଇଦେବା ପାଇଁ ସରକାର ନିଷ୍ପତ୍ତି କରିଅଛନ୍ତି । ବଣ୍ଟନ ପାଇଁ ୧.୦୩ କୋଟି କମ୍ପ୍ୟୁଟରକୃତ ଭୂମି ପାସବୁକ୍ ଆବଶ୍ୟକ ହେବ ଏବଂ ଏହି ଉଦ୍ଦେଶ୍ୟରେ ୧୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ପ୍ରାକ୍‌କଳନ କରାଯାଇଅଛି । ୧୯୯୭-୯୮ ମସିହା ମଧ୍ୟରେ ଏ ସମ୍ପର୍କରେ କାର୍ଯ୍ୟ ଆରମ୍ଭ କରାଯିବ ।

### ୧୨. ଦାଖଲ ଖାରଜ କାର୍ଯ୍ୟବିଧି

ଭୂମି ଅଭିଲେଖଗୁଡ଼ିକର କମ୍ପ୍ୟୁଟରକରଣ କାର୍ଯ୍ୟର ଅବିଚ୍ଛିନ୍ନ ଥାଇ ଭୂମି ଅଭିଲେଖଗୁଡ଼ିକୁ ଅଦ୍ୟତନ ରଖିବାପାଇଁ ନିୟମିତ କାର୍ଯ୍ୟପଦ୍ଧତି ଏବଂ ପ୍ରକ୍ରିୟା ଚାଲୁ ରହିଅଛି । ରାଜ୍ୟର ତହସିଲଦାରମାନଙ୍କ ନିକଟରେ ତା ୧.୪.୧୯୯୬ ରିଖ ସୁଦ୍ଧା ସର୍ବମୋଟ ୧,୬୧,୫୦୩ ଟି ଦାଖଲ ଖାରଜ ମାମଲା ବିଚାରାଧୀନ ରହିଛି । ଅପ୍ରେଲ ୧୯୯୬ ଠାରୁ ଡ଼ିସେମ୍ବର ୧୯୯୬ ମଧ୍ୟରେ ୨,୧୩,୫୬୧ ଟି ନୂତନ ଦାଖଲ ଖାରଜ୍ ମାମଲା ଦାଏର କରାଯାଇ ମୋଟ ମାମଲା ସଂଖ୍ୟା ୩,୭୫,୦୬୪ ହୋଇଛି । ଅପ୍ରେଲ ୧୯୯୬ ରୁ ଡ଼ିସେମ୍ବର ୧୯୯୬ କାଳାବଧି ମୋଟ ୨,୧୧,୭୫୩ ଟି ମାମଲାର ଫଇସଲା କରାଯାଇଛି ଏବଂ ୧.୧.୧୯୯୭ ତାରିଖ ସୁଦ୍ଧା ଅବଶିଷ୍ଟ ୧,୬୩,୩୧୧ ଟି ମାମଲା ଫଇସଲା ପାଇଁ ବିଚାରାଧୀନ ରହିଛି । ସେପରି ମାମଲାଗୁଡ଼ିକର ତୁରନ୍ତ ଫଇସଲା ପାଇଁ ନିୟମିତ ପୁନରୀକ୍ଷଣ କରାଯାଉଅଛି ।

### ୧୩. ଚକବନ୍ଦୀ କାର୍ଯ୍ୟକ୍ରମ

କୃଷି ଉପଯୋଗୀ ଜୋତଗୁଡ଼ିକୁ ଏକୀକୃତ କରିବା ଲକ୍ଷ୍ୟ ନେଇ ଓଡ଼ିଶା ରାଜ୍ୟରେ ଚକବନ୍ଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନା ସାହାଯ୍ୟ ଅଧୀନରେ ୧୮ ଗୋଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ୧୩ ଟି ରେଞ୍ଜରରେ ଏବଂ ଗୋଟିଏ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ରାଜ୍ୟ ସରକାରଙ୍କୁ ଅଣଯୋଜନା ସାହାଯ୍ୟ ଅଧୀନରେ ଗୋଟିଏ ରେଞ୍ଜରରେ କାର୍ଯ୍ୟକାରୀ ହେଉଛି । ୩୦ ଗୋଟି ଜିଲ୍ଲା ମଧ୍ୟରୁ ଅବଶିଷ୍ଟ ୧୧ ଗୋଟି ଜିଲ୍ଲାକୁ ଚକବନ୍ଦୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ । ୯,୨୧୦ ଟି ଗ୍ରାମରେ ଚକବନ୍ଦୀ କାର୍ଯ୍ୟ ହାତକୁ ନିଆଯାଇ ୮,୪୨,୯୦୨ ହେକ୍‌ଟର୍ ବିଶିଷ୍ଟ କ୍ଷେତ୍ର ଅନ୍ତର୍ଭୁକ୍ତ କରୁଥିବା ୬,୦୬୪ ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି ଏବଂ ଚକ ପଟ୍ଟା ବଣ୍ଟନ କରାଯାଇଅଛି । ୫,୭୨,୪୭୩ ହେକ୍‌ଟର୍ ବିଶିଷ୍ଟ ୨,୮୨୧ ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଆଗେଇ ଚାଲିଛି ।

ସେଚିତ କ୍ଷେତ୍ରଗୁଡ଼ିକରେ ପ୍ରତିକ୍ରିୟା ଉତ୍ସାହଜନକ । ସେପରି ପ୍ରଭାବ କ୍ଷେତ୍ରରେ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ଲୋକମାନଙ୍କର ସମ୍ମତି ମୁଖ୍ୟ ମାନଦଣ୍ଡ ଅଟେ । ଚକବନ୍ଦୀର ଉପକାରିତା ଦୃଷ୍ଟି ପଥାରୂଢ଼ ହେବା ପରେ ସେଚିତ କ୍ଷେତ୍ରଗୁଡ଼ିକରେ ଲୋକମାନଙ୍କର ସମ୍ମତିର ଅଭାବରେ ଛାଡ଼ିଯାଇଥିବା ଗ୍ରାମଗୁଡ଼ିକ କ୍ରମଶଃ ଚକବନ୍ଦୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ଆଗୁସାର ହୋଇଛନ୍ତି । ସେପରି ଗ୍ରାମ/ କ୍ଷେତ୍ରଗୁଡ଼ିକ ପାଇଁ ଚକବନ୍ଦୀ କାର୍ଯ୍ୟକ୍ରମକୁ ସମ୍ପ୍ରସାରଣ କରିବା ନିମିତ୍ତ ଲକ୍ଷ୍ୟ ରଖାଯାଇଛି । ଅଣସେଚିତ କ୍ଷେତ୍ରଗୁଡ଼ିକ ସମ୍ପର୍କରେ ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ବଢ଼ିବାରେ ଲାଗିଛି ।

ଯେଉଁ ଗ୍ରାମଗୁଡ଼ିକରେ ବିଗତ ୫ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିଛି, ସେହି ଗ୍ରାମଗୁଡ଼ିକର ଚକବନ୍ଦୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ ସରକାର ବ୍ୟଗ୍ର ଅଛନ୍ତି । ଚଳିତ ଆର୍ଥିକ ବର୍ଷରେ ୨୪୪ ଟି ଗ୍ରାମରେ ସେପରି କାର୍ଯ୍ୟକ୍ରମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଅଳ୍ପ ଖର୍ଚ୍ଚରେ ଘର ନିକଟରେ ନ୍ୟାୟ ପ୍ରଦାନ କରିବା ପାଇଁ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ଠାରେ କମିଶନରମାନଙ୍କର ସାତ ଗୋଟି ନ୍ୟାୟାଳୟ ପ୍ରତିଷ୍ଠିତ ହୋଇଛି ।

ଉଭୟ ବନ୍ଦୋବସ୍ତ ଏବଂ ଚକବନ୍ଦୀ ସଂସ୍ଥାର ଖତିୟାନ ଓ ମାନଚିତ୍ର ପ୍ରସ୍ତୁତିକରଣ ପ୍ରକ୍ରିୟା ଏକା ପରି ହୋଇଥିବାରୁ ବନ୍ଦୋବସ୍ତ ସହିତ ଚକବନ୍ଦୀ ସଂସ୍ଥାକୁ ମିଶ୍ରଣ କରିବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

**୧୪ . ତହସିଲ ପୁନର୍ଗଠନ**

ସରକାର ତହସିଲଗୁଡ଼ିକର ପୁନର୍ଗଠନ ପାଇଁ ଆପ୍ତ କମିଟିର ସୁପାରିଶକୁ ଗ୍ରହଣ କରିଛନ୍ତି । ଏହାର ସୁପାରିଶକୁ ଦୃଷ୍ଟିରେ ରଖି ସରକାର ତହସିଲଗୁଡ଼ିକୁ ବ୍ଲକ ସହିତ ଏବଂ ରାଜସ୍ୱ ନିରୀକ୍ଷକ କେନ୍ଦ୍ରଗୁଡ଼ିକୁ ଗ୍ରାମ ପଞ୍ଚାୟତ ସହିତ ସାମିଲ ରଖିବା ପାଇଁ ସ୍ଥିର କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ୧୪୭ ଗୋଟି ତହସିଲ ଏବଂ ୩୧୪ ଗୋଟି ବ୍ଲକ ରହିଛି । ୧୯୯୬-୯୭ ମସିହାରେ ୨୩ ଗୋଟି ନୂଆ ତହସିଲ ଖୋଲାଯାଇଛି । ତେଣୁ ବର୍ତ୍ତମାନ ୧୭୦ ଗୋଟି ତହସିଲ ରାଜ୍ୟରେ କାର୍ଯ୍ୟ କରୁଅଛି । ଅବଶିଷ୍ଟ ୧୪୪ ଗୋଟି ତହସିଲ ପର୍ଯ୍ୟାୟକ୍ରମେ ଖୋଲାଯିବ । ପ୍ରତ୍ୟେକ ତହସିଲ ପାଇଁ ବାର୍ଷିକ ବ୍ୟୟ ନିମ୍ନମତେ ପ୍ରାକ୍‌କଳନ କରାଯାଇଅଛି ।

(ଲକ୍ଷ ଟଙ୍କା ହିସାବରେ)

| | | |
|---|---|---|
| ୧. ଦରମା ଏବଂ ଭତ୍ତା | - | ୧.୨୨ |
| ୨. ପୌନଃପୁନିକ ବ୍ୟୟ | - | ୧.୧୪ |
| ୩. ଅଣପୌନଃପୁନିକ ବ୍ୟୟ | - | ୪.୫୦ |
| ପ୍ରତ୍ୟେକ ତହସିଲ ପାଇଁ ମୋଟ ବ୍ୟୟ | - | ୬.୮୬ |

ସେହିପରି ବର୍ତ୍ତମାନ ରାଜ୍ୟରେ ୧,୮୪୩ ଗୋଟି ରାଜସ୍ୱ ନିରୀକ୍ଷକ କେନ୍ଦ୍ର ଏବଂ ୫,୨୬୩ଟି ଗ୍ରାମ ପଞ୍ଚାୟତ ରହିଛି । ରାଜସ୍ୱ ନିରୀକ୍ଷକ କେନ୍ଦ୍ରଗୁଡ଼ିକୁ ଗ୍ରାମ ପଞ୍ଚାୟତ ସହ ସମାନ କରିବା ପାଇଁ ୩,୪୨୦ ନୂତନ ରାଜସ୍ୱ ନିରୀକ୍ଷକ କେନ୍ଦ୍ର ସୃଷ୍ଟି କରିବାକୁ ପଡ଼ିବ । ପାଣ୍ଠିର ଅଭାବ ହେତୁ ଏହା ଯଥାଶୀଘ୍ର କରାଯିବା ସମ୍ଭବପର ହେଉନାହିଁ । ଯାହାହେଉ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କେନ୍ଦ୍ର ପର୍ଯ୍ୟାୟକ୍ରମେ ଖୋଲାଯିବ ।

**୧୫. ନିବନ୍ଧନ ସଂସ୍ଥା**

ନୂତନଭାବେ ସୃଷ୍ଟି ହୋଇଥିବା ଜିଲ୍ଲାଗୁଡ଼ିକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ପଦମାନ ସୃଷ୍ଟି କରାଯାଇଛି ।

| ସୃଷ୍ଟି ହୋଇଥିବା ପଦର ନାମ | | ସୃଷ୍ଟି ହୋଇଥିବା ପଦ ସଂଖ୍ୟା |
|---|---|---|
| (୧) | | (୨) |
| ୧. ଜିଲ୍ଲା ନିବନ୍ଧକ | - | ୧୬ |
| ୨. ମୁଖ୍ୟ କିରାଣୀ | - | ୪ |
| ୩. ବରିଷ୍ଠ କିରାଣୀ | - | ୫ |

ନିମ୍ନ ମୂଲ୍ୟାୟନ ମାମଲାଗୁଡ଼ିକୁ ଯାଞ୍ଚ କରିବା ପାଇଁ ପୂର୍ବାବଧାନ ସ୍ୱରୂପ ସମସ୍ତ ଜିଲ୍ଲା ନିବନ୍ଧକ/ଜିଲ୍ଲାପାଳମାନଙ୍କ ନିକଟକୁ ନିବନ୍ଧକ ମହାନିରୀକ୍ଷକ ଅନୁଦେଶ ନିର୍ଗମନ କରିଅଛନ୍ତି ଯେ, ଯଦି କୌଣସି ନିବନ୍ଧନ ଅଧିକାରୀ କୌଣସି ଦସ୍ତାବିଜ୍‌ର ନିମ୍ନମୂଲ୍ୟାୟନ ହୋଇଥିବା କଥା ପ୍ରଥମରୁ ଜାଣିପାରନ୍ତି ତେବେ ସେ ଦସ୍ତାବିଜ୍ ଉପସ୍ଥାପନ ସମୟରେ ସେପରି ନିମ୍ନ ମୂଲ୍ୟାୟନ ହୋଇଥିବା ବିଷୟରେ /ପକ୍ଷମାନଙ୍କୁ ଜଣାଇଦେବେ ଏବଂ ତାଙ୍କର/ସେମାନଙ୍କର ସ୍ୱାକ୍ଷର ଦସ୍ତାବିଜ୍ ଉପରେ ନେବେ ଯାହାପଳରେ କି ଏହାର ପ୍ରମାଣୀକୃତ ନକଲ ଭିତିରେ ଉକ୍ତ ଦସ୍ତାବିଜ୍‌ଗୁଡ଼ିକରେ ରହିଥିବା ସେପରି ସମ୍ପତ୍ତିଗୁଡ଼ିକର ଦାଖଲ ଖାରଜ ପାଇଁ ଯେତେବେଳେ ତହସିଲଦାରଙ୍କୁ ଅନୁରୋଧ କରାଯିବ, ସେତେବେଳେ ତହସିଲଦାର ନିମ୍ନମୂଲ୍ୟାୟନ କାର୍ଯ୍ୟବିଧିର ଚୂଡ଼ାନ୍ତ ଫଇସଲା ନ ହେବା ପର୍ଯ୍ୟନ୍ତ ସେପରି ସମ୍ପତ୍ତିର ଦାଖଲ ଖାରଜକୁ ସ୍ଥଗିତ ରଖିଦେଇପାରିବେ । ନିମ୍ନ ମୂଲ୍ୟାୟନ ମାମଲାଗୁଡ଼ିକୁ ଫଇସଲା କରିବାର କ୍ଷମତା ବ୍ୟତୀତ ଜିଲ୍ଲା ଉପ ନିବନ୍ଧକ, ନିବନ୍ଧନ ଉପ ମହାନିର୍ଦ୍ଦେଶକଙ୍କୁ ରାଜସ୍ୱ ବିଭାଗର ଚିଠି ସଂଖ୍ୟା ୫୨୫୫୪, ତା ୨୩-୧୧-୧୯୯୫ ରିଖରେ କ୍ଷମତା ପ୍ରତିନିହିତ କରାଯାଇଅଛି ।

ନିବନ୍ଧନ ଫିସ୍ ଏବଂ ଷ୍ଟାମ୍ପ ଶୁଳ୍କରୁ ରାଜସ୍ୱ ଆୟ ଧୀରେ ଧୀରେ ବୃଦ୍ଧି ହେଉଅଛି । ବିଗତ ୭ ବର୍ଷର ଚଳିତ ବର୍ଷ ରାଜସ୍ୱ ପ୍ରାପ୍ତି ନିମ୍ନମତେ ପ୍ରଦତ୍ତ ହେଲା ।

(ଲକ୍ଷ ଟଙ୍କା ହିସାବରେ)

| ବର୍ଷ | ନିବନ୍ଧନ ଫିସ୍ ପ୍ରାପ୍ତି | ଷ୍ଟାମ୍ପ ଶୁଳ୍କ ପ୍ରାପ୍ତି | ମୋଟ |
|---|---|---|---|
| (୧) | (୨) | (୩) | (୪) |
| ୧୯୯୦-୯୧ | ୫,୪୯.୭୩ | ୨୫,୪୪.୩୦ | ୩୦,୯୪.୦୩ |
| ୧୯୯୧-୯୨ | ୫,୮୭.୪୬ | ୨୯,୫୫.୫୩ | ୩୫,୪୨.୯୯ |
| ୧୯୯୨-୯୩ | ୬,୪୬.୩୦ | ୩୪,୧୮.୦୬ | ୪୦,୬୪.୩୬ |
| ୧୯୯୩-୯୪ | ୭,୪୪.୦୨ | ୩୮,୩୧.୦୯ | ୪୫,୭୫.୧୧ |
| ୧୯୯୪-୯୫ | ୮,୫୮.୨୨ | ୪୪,୭୪.୧୨ | ୫୩,୩୨.୩୪ |
| ୧୯୯୫-୯୬ | ୯,୫୩.୪୬ | ୫୧,୬୬.୨୧ | ୬,୧୧୯.୬୭ |
| ୧୯୯୬-୯୭ | ୭,୯୨.୧୮ | ୪,୭୯୩.୫୮ | ୫,୫୮୫.୭୬ |

(ଜାନୁଆରୀ ୯୭ ପର୍ଯ୍ୟନ୍ତ)

**୧୬ ପ୍ରାକୃତିକ ଦୁର୍ବିପାକ**

ଗତ ମୌସୁମୀ ବର୍ଷା ସମୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଓଡ଼ିଶା ରାଜ୍ୟ ସାଙ୍ଘାତିକ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଛି । ଏଣୁ ରାଜ୍ୟରେ ବ୍ୟାପକ ଫସଲ କ୍ଷତି ହୋଇଛି । ସେପରି ଅପ୍ରତ୍ୟାଶିତ ମରୁଡ଼ି ଅବସ୍ଥାର ମୁକାବିଲା କରିବାପାଇଁ ରାଜ୍ୟ ସରକାର ୫୭୭.୭୦ କୋଟି ଟଙ୍କା

ଆବଶ୍ୟକ କରିବା ପାଇଁ ଭାରତ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଅଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ଭାରତ ସରକାର ମାତ୍ର ୫୦ କୋଟି ଟଙ୍କା ଦେଇଛନ୍ତି । ସରକାର ୨୮ ଟି ଜିଲ୍ଲାରେ ୨୬୩ଟି ବ୍ଲକରେ ୩,୮୧୨ ଗ୍ରାମପଞ୍ଚାୟତ/ନଗରପାଳିକାରେ ରହିଥିବା ୨୮,୮୩୭ ଗୋଟି ଗ୍ରାମକୁ ମରୁଡ଼ି ବିପନ୍ନ ବୋଲି ଘୋଷଣା କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟ ସାହାଯ୍ୟ ପାଣ୍ଠିରୁ ୩୦.୪୭ କୋଟି ଟଙ୍କା ଏବଂ ପ୍ରାକୃତିକ ଦୁର୍ବିପାକ ପାଣ୍ଠିରୁ ୭.୫୫ କୋଟି ଟଙ୍କା, ରଲିଫ, ପାନୀୟ ଜଳ ଯୋଗାଣ, ଶ୍ରମଭିତ୍ତିକ କାର୍ଯ୍ୟ ଏବଂ ରୋଗୀ ଓ ଗୋ-ମହିଷାଦି ପଶୁଙ୍କ ପାଇଁ ଔଷଧ ଯୋଗାଣ ନିମିତ୍ତ ଦିଆଯାଇଅଛି । ଅନାହାର ନିବାରଣ କରିବା ପାଇଁ ୨୯,୦୦୦ ଟି ସାହାଯ୍ୟ କାର୍ଡ଼ ଅଭାବଗ୍ରସ୍ତ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି ।

### ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

ଜର୍ମାନୀର KREDITANSTALT FUR WLDERAUFBAU (KFW) ଓଡ଼ିଶା ଉପକୂଳ ଅଞ୍ଚଳରେ ୧୯ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ୫ ନିୟୁତ DN ସାହାଯ୍ୟ ଦେବାପାଇଁ ରାଜି ହୋଇଛନ୍ତି, ଯାହାକି ଭାରତୀୟ ରେଡ୍‌କ୍ରସ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ନିଷ୍ପାଦିତ ହେବ । ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାରେ ସେପରି ଛଅଗୋଟି କୋଠାଘରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ୧୯୯୬-୯୭ ପାଇଁ ୧.୫ କୋଟି ଟଙ୍କାର କରାଯାଇଥିବା ବଜେଟ୍ ଅବ୍ୟୟରୁ ୬୭.୮୯ ଲକ୍ଷ ଟଙ୍କାର ସାହାଯ୍ୟ ଭାରତୀୟ ରେଡ୍‌କ୍ରସ୍ ସୋସାଇଟ୍ (ଓଡ଼ିଶା ରାଜ୍ୟ ଶାଖା)କୁ ଦିଆଯାଇଅଛି ଏବଂ ୨୯.୪୭ ଲକ୍ଷ ଟଙ୍କାର ସହାୟତା ତୁରନ୍ତ ଯୋଗାଇ ଦିଆଯିବ ।

### ଅଗ୍ନିକାଣ୍ଡ ସାହାଯ୍ୟ

୧୯୯୬-୯୭ ବର୍ଷରେ ଜାନୁଆରୀ ୧୯୯୭ ଶେଷ ସୁଦ୍ଧା ୫୮.୬୩ ଲକ୍ଷ ଟଙ୍କା ଗୃହ ନିର୍ମାଣ ଅନୁଦାନ ଆକାରରେ ଅଗ୍ନିକାଣ୍ଡରେ ବିପନ୍ନ ପରିବାରମାନଙ୍କୁ ଯୋଗାଇ ଦିଆଯାଇଅଛି । ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କର ପରିବାରବର୍ଗଙ୍କୁ ୭.୮୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଅଛି ।

### ୧୭. ବଜେଟ ୧୯୯୬-୯୭

(କ) ରାଜ୍ୟ ଯୋଜନା

ଭୂ-ସଂସ୍କାର

(ହଜାର ଟଙ୍କା ହିସାବରେ)

| | | |
|---|---|---|
| (୧) ଚକବନ୍ଦୀ | - | ୧୯,୮୨.୭୦ |
| (୨) ସର୍ବେକ୍ଷଣ ଓ ବନ୍ଦୋବସ୍ତ କାର୍ଯ୍ୟ | - - | ୫,୧୩.୭୦ |
| (୩) ସିଲିଂ ଆଇନର କାର୍ଯ୍ୟକାରୀକରଣ | - | ୧,୨୭,୦୦ |
| (୪) କାର୍ଡେକ୍ସ୍ ପ୍ରକଳ୍ପ | - | ୧,୦୦ |
| (୫) କୃଷି ଗଣନା | - | ୧୦,୦୦ |
| (୬) ରାଜ୍ୟ ଅଭ୍ୟୁତ୍ଥାନ ପରିଯୋଜନା | - - | ୧୯,୫୦ |
| (୭) ଜନଗଣନା ପୁସ୍ତକ ମୁଦ୍ରଣ | - | ୧୪,୦୦ |
| (୮) ପାରାଦ୍ୱୀପ ବନ୍ଦର ଅଞ୍ଚଳ ଉନ୍ନୟନ | - | ୮.୩୮ |
| ମୋଟ | - | ୨୬,୭୬,୨୮ |
| (ଖ) ନିର୍ମାଣ କାର୍ଯ୍ୟକ୍ରମ | - | ୩,୪୦,୦୦ |
| (ଗ) ପରିକଳ୍ପନା (ରେଡ୍‌କ୍ରସକୁ ଅନୁଦାନ) | - | ୧,୫୦,୦୦ |
| (ଘ) T.F.C. ଅନୁଦାନ | - | ୨,୩୦,୦୦ |
| ମୋଟ ରାଜ୍ୟ ଯୋଜନା | - | ୩୩,୯୬,୨୮ |
| ଭୂମି ଅଭିଲେଖଗୁଡ଼ିକର ଅଦ୍ୟତନ ନିମିତ୍ତ (କେନ୍ଦ୍ରୀୟ ପରିକଳ୍ପନା) । | - | ୩୪,୦୦ |

କେନ୍ଦ୍ରୀୟ ଯୋଜନା

| | | |
|---|---|---|
| (୧) ପଶୁପାଳନ (କୃଷି ଗଣନା) | - | ୧୧.୧୮ |
| (୨) ଭୂମି ଅଭିଲେଖକୁ କମ୍ପ୍ୟୁଟରୀକରଣ | - | ୧,୬୫,୦୦ |
| ମୋଟ | - - | ୧,୭୬,୧୮ |

### ୧୮. ୧୯୯୬-୯୭ ରେ ସମୀକ୍ଷା

୧୯୯୬-୯୭ ବର୍ଷରେ ରାଜସ୍ୱ ପ୍ରଶାସନିକ ନିୟନ୍ତ୍ରଣାଧୀନ ୪୬ଟି କାର୍ଯ୍ୟାଳୟର ହିସାବ ସମୀକ୍ଷା ଏହି ବିଭାଗର ଆଭ୍ୟନ୍ତରୀଣ ହିସାବ ସମୀକ୍ଷା ସଂସ୍ଥା ଦ୍ୱାରା କରାଯାଇଥିଲା । ଟ ୮୯୧.୦୦ ର ସରକାରୀ ଅର୍ଥ ତୋଷରପାତ ଏବଂ ୩,୦୮,୫୮,୩୯୮.୪୮ ଟଙ୍କା ରାଜସ୍ୱ କ୍ଷତି ଲୋକଲୋଚନକୁ ଅଣାଯାଇଛି ।

—୦—

# ସମବାୟର ପ୍ରଗତି



ରାଜ୍ୟ ସରକାର ବିଗତ ୨ ବର୍ଷ ମଧ୍ୟରେ ସମବାୟ ସମିତି ମାନଙ୍କର ଉନ୍ନତି କଳ୍ପେ ନୂତନ ନୀତି ଏବଂ ପ୍ରଗତିଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କର ଅକୁଣ୍ଠ ସହଯୋଗ ଏବଂ ବଳିଷ୍ଠ ନେତୃତ୍ୱରେ ରାଜ୍ୟର ଅସଂଖ୍ୟ ଚାଷୀ, ମୂଲିଆ, ବୁଣାକାର ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଅଭ୍ୟୁତ୍‌ଥାନ ପାଇଁ ଉଦ୍ଦିଷ୍ଟ ସମବାୟ ସମିତିମାନଙ୍କରେ ଦ୍ରୁତ ଉନ୍ନତି ସଂଘଟିତ ହୋଇ ପାରିଛି । ସମବାୟ ବିଭାଗ ଜରିଆରେ ଗ୍ରହଣ କରାଯାଇଥିବା ଗତିଶୀଳ ତଥା ଲୋକହିତକର କାର୍ଯ୍ୟାବଳୀର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

୧) ଋଣ ଭାରରେ ହନ୍ତସନ୍ତ ହେଉଥିବା କୃଷକ ପରିବାରମାନଙ୍କୁ ରାଜ୍ୟ ସରକାରଙ୍କର ସୁଧ ପ୍ରୋତ୍ସାହନ ଯୋଜନା ୧୯୯୫ ହିଁ ବାସ୍ତବରେ ଆଶାର ଆଲୋକବର୍ତ୍ତିକା ଦେଖାଇଲା । ଏହି ଜନପ୍ରିୟ କାର୍ଯ୍ୟକ୍ରମର ସଫଳ ରୂପାୟନ ଫଳରେ ୩.୯୪ ଲକ୍ଷ କୃଷକ ପରିବାରଙ୍କୁ ୩୧.୬୨ କୋଟି ଟଙ୍କା ସୁଧ ସାହାଯ୍ୟ ଦିଆଯିବାରୁ ସେମାନେ ଋଣମୁକ୍ତ ହୋଇ ନୂତନ କୃଷି ଋଣ ପାଇ ପାରିଛନ୍ତି ।

୨) ସରକାରଙ୍କର ବଳିଷ୍ଠ ପଦକ୍ଷେପ ଫଳସ୍ୱରୂପ କୃଷିଋଣ ଲଗାଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । ୧୯୯୫-୯୬ ବର୍ଷରେ ସମବାୟ ସମିତିମାନଙ୍କ ଜରିଆରେ ୧୫୬.୧୮ କୋଟି ଟଙ୍କା କୃଷି ଋଣ ଲଗାଣ କରାଯାଇଛି । ଚଳିତ ବର୍ଷ ୧୧୭ କୋଟି ଟଙ୍କା ଖରିଫ ଋତୁରେ ଲଗାଣ କରାଯାଇଛି ଏବଂ ରବି ଋତୁରେ ୬୩.୭୦ କୋଟି ଟଙ୍କା ଋଣ ଲଗାଣ କାର୍ଯ୍ୟକ୍ରମ ଚାଲୁରହିଛି ।

୩) ଫସଲ ବୀମା ଯୋଜନା ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆଶୀର୍ବାଦ ପରି । ୧୯୯୫-୯୬ ବର୍ଷରେ ୧,୦୯,୧୩୬ ଜଣ କ୍ଷତିଗ୍ରସ୍ତ ଚାଷୀଙ୍କୁ ୭.୫୯ କୋଟି ଟଙ୍କା ବୀମା ଅର୍ଥ ବାବଦରେ ଦିଆଯାଇଅଛି । ଏହି ସାହାଯ୍ୟ ଫଳରେ ଚାଷୀମାନେ ଋଣ ପରିଶୋଧ କରି ନୂତନ ଋଣ ଗ୍ରହଣ କରି ପାରିଛନ୍ତି ଏବଂ ଚାଷ କାର୍ଯ୍ୟ ଅବ୍ୟାହତ ରଖି ପାରୁଛନ୍ତି । ୧୯୯୬ ଖରିଫ ଋତୁରେ ଫସଲ ଋଣ ବୀମାଭୁକ୍ତ କରାଯାଇଛି । ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫସଲ ବୀମା ମିଳିବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି ।

୪) ଦୀର୍ଘକାଳୀନ ଋଣ ପ୍ରଦାନ କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସମବାୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଏବଂ ଏହାର ସହଯୋଗୀ ୫୭ ଟି ସଭ୍ୟ ବ୍ୟାଙ୍କ କାର୍ଯ୍ୟରତ ଅଛନ୍ତି । ଜଳସେଚନ, ମତ୍ସ୍ୟଚାଷ, ଫଳଚାଷ, ଗୋପାଳନ ଏବଂ କୃଷି ଯନ୍ତ୍ରପାତି ଇତ୍ୟାଦି କ୍ଷେତ୍ରରେ ଏକ ଗତିଶୀଳ ଯୋଜନା ମାଧ୍ୟମରେ ଋଣ ପ୍ରଦାନ କରୁଛନ୍ତି । ୧୯୯୫-୯୬ ବର୍ଷରେ ଦୀର୍ଘକାଳୀନ ଋଣ କ୍ଷେତ୍ରରେ ୫.୩୭ କୋଟି ଟଙ୍କା ଲଗାଣ କରାଯାଇଛି । ରାଜ୍ୟ ସରକାରଙ୍କର ସାହାଯ୍ୟ ଫଳରେ ଏହି କ୍ଷେତ୍ରରେ ଅସୁବିଧା ଦୂରୀଭୂତ ହୋଇଛି ଏବଂ ନାବାର୍ଡ଼ର ଆର୍ଥିକ ସହାୟତା ମିଳି ପାରିଛି ।

୫୦ ଖାଉଟି ସମବାୟମାନଙ୍କ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଉଲ୍ଲେଖଯୋଗ୍ୟ । ରାଜ୍ୟ ଖାଉଟି ମହାସଂଘ ୧୯୯୫-୯୬ ରେ ବ୍ୟବସାୟ ପ୍ରାୟ ଦ୍ୱିଗୁଣିତ କରିଛି ଏବଂ ୪୨.୦୧ କୋଟି ଟଙ୍କା କାରବାର କରିଛି । ପାଇକାରୀ ସରକାରୀ ଭଣ୍ଡାରମାନେ ମଧ୍ୟ ୧୯.୦୫ କୋଟି ଟଙ୍କାର ଖାଉଟି ଦ୍ରବ୍ୟ କାରବାର କରିଛନ୍ତି । ପ୍ରାଥମିକ ସ୍ତରରେ କାର୍ଯ୍ୟରତ ଖାଉଟି ସମବାୟମାନେ ୧୦.୯୮ କୋଟି ଟଙ୍କାର ଖାଉଟି ଦ୍ରବ୍ୟ ଲୋକମାନଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି ।

୬) ରାଜ୍ୟ ସମବାୟ ଗୃହନିର୍ମାଣ ନିଗମ ଓ ଏହାର ସହଯୋଗୀ ୭୨ ଟି ପ୍ରାଥମିକ ଗୃହ ନିର୍ମାଣ ସମବାୟ ସମିତି ୧୯୯୫-୯୬ ବର୍ଷରେ ୫.୯୭ କୋଟି ଟଙ୍କା ଋଣ ଲଗାଣ କରିଛନ୍ତି । ୧୯୯୬-୯୭ ଡ଼ିସେମ୍ବର ସୁଦ୍ଧା ୩.୫୫ କୋଟି ଟଙ୍କା ଋଣ ଲଗାଣ କରିଛନ୍ତି । ସମାଜର ଦୁର୍ବଳ ଶ୍ରେଣୀ ତଥା ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

୭) ସାର ଯୋଗାଣ କ୍ଷେତ୍ରରେ ସମବାୟ ସମିତିମାନେ ୧୯୯୫-୯୬ରେ ୧.୫୫ ଲକ୍ଷ ଟନ୍ ସାର ଯୋଗାଣ କରିଛନ୍ତି । ୧୯୯୬-୯୭ରେ ଖରିଫ ଋତୁରେ ୧.୦୮ ଲକ୍ଷ ଟନ ସାର କାରବାର କରାଯାଇଛି । ଚଳିତ ରବି ଋତୁରେ ସାର ଯୋଗାଣ କାର୍ଯ୍ୟ ଜୋର ସୋରରେ ଚାଲିଛି ।

ରାଜ୍ୟରେ କାର୍ଯ୍ୟରତ ୫୬ ଗୋଟି ଆଞ୍ଚଳିକ ବାଣିଜ୍ୟ ସମିତି ଏବଂ ୩୨ ଗୋଟି ଅନ୍ୟାନ୍ୟ ବାଣିଜ୍ୟ ସମିତି ୧୯୯୫-୯୬ ବର୍ଷରେ ପ୍ରାୟ ୧୬.୨୦ କୋଟି ଟଙ୍କାର ବ୍ୟବସାୟ କରିଛନ୍ତି ।

୮) କୃଷିଜାତ ସାମଗ୍ରୀର ବିପଣନ, ସଠିକ ମୂଲ୍ୟ ନିର୍ଦ୍ଧାରଣ ଏବଂ କାର୍ଯ୍ୟରତ ୫୭ଟି ଆଞ୍ଚଳିକ ବଜାର କମିଟିମାନଙ୍କୁ ଉଚିତ ଦିଗଦର୍ଶନ

ଦେବା ନିମନ୍ତେ ରାଜ୍ୟ ସରକାର ଏକ କୃଷି ବିପଣନ ନିର୍ଦ୍ଦେଶାଳୟ ସ୍ଥାପନ କରିଛନ୍ତି । ରାଜ୍ୟରେ କାର୍ଯ୍ୟରତ ୩୨୦ ଗୋଟି ଗ୍ରାମ୍ୟ ହାଟର ଉନ୍ନତି କଳ୍ପେ ଅନ୍ୟୁନ ୧.୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ।

୯) ସମବାୟ ଆଇନର ସଂଶୋଧନ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଫଳରେ ସମିତିମାନଙ୍କର ପରିଚାଳନା କ୍ଷେତ୍ରରେ ହରିଜନ, ଆଦିବାସୀ, ମହିଳା ଇତ୍ୟାଦି ସବୁ ବର୍ଗର ସଭ୍ୟମାନଙ୍କର ପ୍ରତିନିଧିତ୍ୱ ଗଣତାନ୍ତ୍ରିକ ଭାବଧାରା ତଥା ଯୁଗୋପଯୋଗି ଚିନ୍ତାଧାରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାରା ଭାରତ-ବର୍ଷରେ ଓଡ଼ିଶା ଏହି କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇପାରିଛି ।

୧୦) ଆଧୁନିକ ପ୍ରଶାସନର ସୁପରିଚାଳନା ନିମନ୍ତେ ଶାସନ-ତନ୍ତ୍ରଠାରୁ ସମୀକ୍ଷା ବ୍ୟବସ୍ଥାକୁ ସାଙ୍ଗଠନିକ କ୍ଷେତ୍ରରେ ପୃଥକ ରଖିବା ଏକ ଉତ୍ତମ ନୀତି ଭାବରେ ଗ୍ରହଣ କରାଯାଇଛି । ସମବାୟ ଅନୁଷ୍ଠାନ-ମାନଙ୍କରେ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଓ ଜାତୀୟ ସମବାୟ ବିକାଶ ନିଗମ ପ୍ରଭୃତି ବିଭିନ୍ନ ଅର୍ଥ ଯୋଗାଣକାରୀ ସଂସ୍ଥାମାନେ ବିପୁଳ ପରିମାଣରେ ଅର୍ଥ ବିଭିନ୍ନ ଯୋଜନା ମାଧ୍ୟମରେ ବିନିଯୋଗ କରୁଥିବାରୁ ଏହି ଅନୁଷ୍ଠାନମାନଙ୍କର ପରିଚାଳନାଗତ ଆର୍ଥିକ ଅନିୟମତାର ଅବକାଶ ବୃଦ୍ଧି ପାଉଛି । ଏହି ଅନିୟମତାଗୁଡ଼ିକ ଠିକ ସମୟରେ ସନ୍ଧାନ କରି ସେଗୁଡ଼ିକର ଦୃଢ଼ ନିରାକରଣ ଦ୍ୱାରା ସମିତିମାନଙ୍କର ଆର୍ଥିକ ଓ ପରିଚାଳନା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ନିମନ୍ତେ ଶାସକ ସଂସ୍ଥାଠାରୁ ସ୍ୱତନ୍ତ୍ର ଏକ ସ୍ୱାଧୀନ ଓ ଦୃଢ଼ ସମୀକ୍ଷା ସଂସ୍ଥା ଦ୍ୱାରା ରାଜ୍ୟର ସମବାୟ ଅନୁଷ୍ଠାନମାନଙ୍କର ବୈଧାନିକ ସମୀକ୍ଷା କରାଇବା ଓ ସମୀକ୍ଷା ରିପୋର୍ଟମାନଙ୍କରେ ଦର୍ଶାଯାଇଥିବା ତ୍ରୁଟି ବିଚ୍ୟୁତ ଗୁଡ଼ିକ ନିରାକରଣ ପାଇଁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ଦେଖାଦେଇଛି । ଏହି ସ୍ୱତନ୍ତ୍ର ସମୀକ୍ଷା ବ୍ୟବସ୍ଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହାସମୀକ୍ଷକ, ସମବାୟ ସମିତି ସମୂହଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟ ଗଠନ ନିମନ୍ତେ ୧୯୯୧ ମସିହାଠାରୁ ଓଡ଼ିଶା ସମବାୟ ସମିତି ସମୂହ ଆଇନରେ ଆବଶ୍ୟକୀୟ ସଂଶୋଧନ କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନଥିଲା । ଏହି ନିର୍ଦ୍ଦେଶାଳୟ ନିମନ୍ତେ ବର୍ତ୍ତମାନର ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବାର ବ୍ୟବସ୍ଥା ହେଉଛି ।

## ଦୁବୁରି ନିକଟରେ ଇସ୍ପାତ କାରଖାନା ସ୍ଥାପନ କରାଯିବ

ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ୧୫୧୦ କୋଟି ଟଙ୍କା ବ୍ୟୟରେ ଦୁବୁରି ନିକଟରେ ଏକ ୧୦ ଲକ୍ଷ ଟନ୍ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରାଯିବ ।

ନୀଳାଚଳ ଇସ୍ପାତ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁବ୍ରତ ରାୟ କହିଛନ୍ତି ଯେ, ରାଜ୍ୟ ସରକାର ଏହି ଇସ୍ପାତ କାରଖାନା ସ୍ଥାପନ ପାଇଁ ୨୫୦୦ ଏକର ଜମି ଯୋଗାଇ ଦେଇଛନ୍ତି । ଏହି ଜମି ରାଜ୍ୟ ସରକାରଙ୍କ ଅଂଶଧନ ରୂପେ କାରଖାନାରେ ବ୍ୟବହୃତ ହେବ । କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇଛନ୍ତି । ୮୪୪ ଏକର ଜଙ୍ଗଲ ଜମି ଏହି ପ୍ରକଳ୍ପ ପାଇଁ ନିଆଯାଇଛି । ଇଡ଼କୋ ପକ୍ଷରୁ ଏହା ମଧ୍ୟରେ ଏହି ପ୍ରକଳ୍ପ ପାଇଁ ୨୦୫୨ ଏକର ଜମି ନିଗମକୁ ହସ୍ତାନ୍ତର କରାଯାଇ ସାରିଲାଣି । ଆଇ.ଡି.ବି.ଆଇ. ନେତୃତ୍ୱରେ ଦେଶର ଅର୍ଥ ଲଗାଣକାରୀ ସଂସ୍ଥା ଏବଂ ବ୍ୟବସାୟିକ ବ୍ୟାଙ୍କମାନେ ଏହି ପ୍ରକଳ୍ପ ପାଇଁ ଅର୍ଥ ଯୋଗାଇ ଦେବାକୁ ସମ୍ମତ ହୋଇଥିଲେ । ୯୦୭ କୋଟି ଟଙ୍କାର ଋଣ ଅଂଶ ମଧ୍ୟରୁ ୬୧୧ କୋଟି ଟଙ୍କାର ଋଣ ବ୍ୟବସ୍ଥା କରାଯାଇ ସାରିଲାଣି । ଏହି ପ୍ରକଳ୍ପରେ ଅର୍ଥ ବିନିଯୋଗ କରିବା ପାଇଁ ବିଦେଶୀ ଅର୍ଥ ଲଗାଣକାରୀମାନେ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ଏହି ପ୍ରକଳ୍ପ ପାଇଁ ଲୁହାପଥର ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ଦୈତାରି ଲୁହାପଥର ଖଣିରୁ ଏହି କଞ୍ଚାମାଲ ଯୋଗାଇ ଦିଆଯିବ । ଅନ୍ୟାନ୍ୟ କଞ୍ଚାମାଲଗୁଡ଼ିକର ବ୍ୟବସ୍ଥା କରାଯାଇ ସାରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଖୁବ୍ ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ବିଭିନ୍ନ ସମୟରେ ବାରମ୍ବାର କାର୍ଯ୍ୟର ଅଗ୍ରଗତିକୁ ସମୀକ୍ଷା କରୁଛନ୍ତି ।

## ଆସନ୍ତା ତିନିବର୍ଷ ମଧ୍ୟରେ ରାଜ୍ୟର ୧୨ ହଜାର ଗ୍ରାମକୁ ବିଦ୍ୟୁତ୍‌କରଣ କରାଯିବ

ଆସନ୍ତା ତିନିବର୍ଷ ମଧ୍ୟରେ ରାଜ୍ୟର ୧୨ ହଜାର ଗ୍ରାମକୁ ବିଦ୍ୟୁତ୍‌କରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଧାନସଭାରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭ ବେଳକୁ ରାଜ୍ୟର ୧୪୨୩୪ ଟି ଗ୍ରାମକୁ ବିଦ୍ୟୁତକରଣ କରିବାକୁ ବାକି ରହିଥିଲା । ସେଥିମଧ୍ୟରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୨୦୦୦ ହଜାର ଗ୍ରାମକୁ ବିଦ୍ୟୁତକରଣ କରିବାକୁ ନିଷ୍ପତ୍ତି କରାଯାଇଛି । ଅବଶିଷ୍ଟ ୧୨ ହଜାର ଗ୍ରାମକୁ ଆସନ୍ତା ତିନି ବର୍ଷରେ ବିଦ୍ୟୁତକରଣ କରାଯାଇ ସବୁ ଗ୍ରାମରେ ବିଦ୍ୟୁତକରଣ କାର୍ଯ୍ୟ ଶେଷ କରାଯିବ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ପୂର୍ବତନ ସରକାରଙ୍କ ସମୟରେ କେତେକ କାରଣ ଯୋଗୁଁ ଗ୍ରାମାଞ୍ଚଳ ବିଦ୍ୟୁତକରଣ ନିଗମ ରାଜ୍ୟକୁ ଗ୍ରାମ ବିଦ୍ୟୁତକରଣ ପାଇଁ ଅର୍ଥ ଦେବାକୁ ମନା କରିଦେଇଥିଲା । କିନ୍ତୁ ଏହା ମଧ୍ୟରେ ନିଗମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି ଏବଂ ନିଗମ ପୁଣି ରାଜ୍ୟକୁ ଅର୍ଥ ସହାୟତା ଯୋଗାଇ ଦେବାକୁ ରାଜି ହୋଇଛି । ରାଜ୍ୟର ମୋଟ ଗ୍ରାମଗୁଡ଼ିକ ମଧ୍ୟରୁ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭ ସୁଦ୍ଧା ୩୨୫୦୦ ଗ୍ରାମକୁ ବିଦ୍ୟୁତକରଣ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୨୦୦୦ ଗ୍ରାମକୁ ବିଦ୍ୟୁତକରଣ କରାଯିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ କରାଯିବ ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଦରିଦ୍ର ଖଟିଖିଆଙ୍କଠାରୁ ଆରମ୍ଭ କରି ଉଚ୍ଚ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସମେତ ସମସ୍ତେ ନିଜର ଅତ୍ୟାବଶ୍ୟକୀୟ ସାମଗ୍ରୀ ଚାହିଦା ନିମନ୍ତେ ଏହି ବିଭାଗ ଉପରେ ନିର୍ଭର କରିଥାଆନ୍ତି । ଏହି ବିଭାଗର କାର୍ଯ୍ୟ ପରିସର ଅତ୍ୟନ୍ତ ବ୍ୟାପକ । ଆମର ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଂଗ୍ରେସ(ଇ) ଦଳ କ୍ଷମତାକୁ ଆସିବା ପରଠାରୁ ଏହି ବିଭାଗ ଯେଉଁ କେତେକ ଉଲ୍ଲେଖନୀୟ ପ୍ରଗତି ଓ ସଫଳତା ହାସଲ କରିଛି, ତାହା ନିମ୍ନରେ ପ୍ରଦତ୍ତ ହେଲା ।

''କ୍ଷୁଧାରୁ ମୁକ୍ତି'' ଯୋଜନାରେ ୧୪୩ ଗୋଟି ଆଦିବାସୀ ଅଧ୍ୟୁଷିତ ଓ ମରୁଡ଼ି ପ୍ରବଣ ବ୍ଲକରେ (ଆର୍.ପି.ଡ଼ି.ଏସ୍ ବ୍ଲକ) ପ୍ରତ୍ୟେକ ପରିବାରକୁ କିଲୋ ପ୍ରତି ଦୁଇଟଙ୍କା ଦରରେ ଚାଉଳ ଯୋଗାଇ ଦେବାକୁ ଶାସକ କଂଗ୍ରେସ (ଇ) ଦଳର ୧୯୯୫ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା । ତଦନୁସାରେ ଦଳ କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ରାଜ୍ୟର ୧୪୩ ଗୋଟି ଆର.ପି.ଡ଼ି.ଏସ୍ ବ୍ଲକରେ (ସହରାଞ୍ଚଳକୁ ବାଦ ଦେଇ) ପ୍ରତ୍ୟେକ ପରିବାର ପିଛା ମାସିକ ୧୦ କି.ଗ୍ରା ଚାଉଳ, କି.ଗ୍ରା ପ୍ରତି ଦୁଇଟଙ୍କା ଦରରେ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଏକ ଯୋଜନା ପ୍ରସ୍ତୁତ କରି ତା ୨୧.୪.୧୯୯୫ ରିଖ ଠାରୁ ଏହି ଯୋଜନାରେ ଦୁଇ ଟଙ୍କିଆ ଚାଉଳ ବିକ୍ରିର ଶୁଭାରମ୍ଭ କରିଛନ୍ତି । ଗତ ୧୯୯୫-୯୬ ଏହି ଯୋଜନାରେ ୨୭୨୯୨ ମେ. ଟନ ଚାଉଳ ଯୋଗାଇ ଦିଆଯାଇଥିଲା । ଆର୍ଥିକ ବର୍ଷ (୧୯୯୬-୯୭)ରେ ଜାନୁଆରୀ ମାସ ସୁଦ୍ଧା ଏହି ଯୋଜନାରେ ୨୩,୭୮୦ ମେଟ୍ରିକ୍.ଟନ୍ ଚାଉଳ ଯୋଗାଇ ଦିଆଯାଇଛି । ଦୁଇଟଙ୍କିଆ ଚାଉଳ ବିକ୍ରି ବାବଦ ସବ୍‌ସିଡ଼ି ସଂପୂର୍ଣ୍ଣ ରୂପେ ରାଜ୍ୟ ସରକାର ବହନ କରୁଛନ୍ତି । ଗତ ଆର୍ଥିକ ବର୍ଷ ୧୯୯୫-୯୬ରେ ଏ ବାବଦରେ ରାଜ୍ୟ ସରକାର ୮୦,୨୩ ୨୩୪୬୨ ଟଙ୍କା ସବ୍‌ସିଡ଼ି ନେଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ଏ ବାବଦରେ ୧୦୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆଇ.ପି.ଡ଼ି.ଏସ୍ ବ୍ଲକରେ ପ୍ରତ୍ୟେକ ପରିବାରକୁ ମାସକୁ ଦୁଇଟଙ୍କିଆ ଚାଉଳ ୧୦ କି.ଗ୍ରା ସହିତ ଆଉ ୧୦ କି.ଗ୍ରା ଚାଉଳ କି.ଗ୍ରା ପ୍ରତି ୫ ଟଙ୍କା ୧୨ ପଇସା ଦରରେ ଓ ୫ କି.ଗ୍ରା ଗହମ କି.ଗ୍ରା ପ୍ରତି ୩ ଟଙ୍କା ୭୭ ପଇସା ଦରରେ ଯୋଗାଇ ଦିଆଯାଇଛି ।

୨. ରାଜ୍ୟର ସମସ୍ତ ତଫସିଲ ଜାତି/ଉପଜାତି ଛାତ୍ରଛାତ୍ରୀମାନଙ୍କୁ ଯଥେଷ୍ଟ ପରିମାଣରେ ସୁଷମ ଖାଦ୍ୟ ରିହାତି ମୂଲ୍ୟରେ ଯୋଗାଇବା ପାଇଁ ରାଜ୍ୟର ସମସ୍ତ ତଫସିଲଭୁକ୍ତ ଜାତି/ଉପଜାତି ଛାତ୍ରାବାସ/ ଛାତ୍ରୀନିବାସ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆବାସିକ ବିଦ୍ୟାଳୟ (ଉଭୟ ସରକାରୀ ଓ ସରକାରୀ ଗ୍ରାଣ୍ଟ ପାଉଥିବା ବେସରକାରୀ)ରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ରିହାତି ମୂଲ୍ୟରେ ୧୫ କି.ଗ୍ରା ଶସ୍ୟ (କି.ଗ୍ରା ପ୍ରତି ୫ ଟଙ୍କା ୧୨ ପଇସା ଦରରେ ଚାଉଳ ଓ କି.ଗ୍ରା ପ୍ରତି ୩ ଟଙ୍କା ୭୭ ପଇସା ଦରରେ ଗହମ) ଯୋଗାଇ ଦେବାପାଇଁ ଏକ ଯୋଜନା ପ୍ରବର୍ତ୍ତନ କରାଯାଇଛି । ଏହି ଯୋଜନା ୧.୭.୧୯୯୫ ରିଖଠାରୁ କାର୍ଯ୍ୟକାରୀ କରାଯାଇଛି । ଏଥିପାଇଁ ୨୮୪୧ ଗୋଟି ହଷ୍ଟେଲ/ବିଦ୍ୟାଳୟ ଚିହ୍ନଟ କରାଯାଇଛି ଓ ୧,୪୭,୨୪୧ ଜଣ ଛାତ୍ରଛାତ୍ରୀ ଏହି ଯୋଜନାରେ ଉପକୃତ ହେଉଛନ୍ତି ।

୩. ରାଜ୍ୟର ସବୁ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବା ପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ତଦନୁସାରେ ତା ୧.୭.୯୫ ରିଖ ଠାରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ରାଜ୍ୟର ୪୧,୬୦୪ ଗୋଟି ପ୍ରାଥମିକ ବିଦ୍ୟାଳୟରେ ୩୮,୧୫,୦୦୦ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଯଦିଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରମୁଖ ଭୂମିକା ନେଉଛନ୍ତି, ଏଥିପାଇଁ ଆବଶ୍ୟକ ହେଉଥିବା ଚାଉଳ ଓ ଖାଇବାତେଲ ଯୋଗାଇବା ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନେଇଛନ୍ତି । ଏହାଛଡ଼ା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ନ୍ୟାସନାଲ ପ୍ରୋଗ୍ରାମ ଅଫ ନିଉଟ୍ରିସନାଲ ସପୋର୍ଟ ଟୁ ପ୍ରାଇମେରୀ ଏଜୁକେସନ ଯୋଜନାରେ ୨୩୫ ଗୋଟି ଇ.ଏ.ଏସ୍.ବ୍ଲକ/ ଏଲ୍.ଏଫ.ଏଲ. ବ୍ଲକରେ ଅଧ୍ୟୟନରତ ୨୨,୨୦,୭୦୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ହେଉଥିବା ଚାଉଳ ଯୋଗାଣ ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନେଇଛନ୍ତି ।

୪. ସଂପ୍ରତି ରାଜ୍ୟରେ ଦେଖା ଦେଇଥିବା ମରୁଡ଼ି ପରିସ୍ଥିତି ଯୋଗୁଁ ଖୋଲାବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ପ୍ରତିହତ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ନିଆଯାଇଛି ।

(କ) ରାଜ୍ୟ ବାହାରକୁ ଧାନ, ଚାଉଳ, ଗହମ ଓ ଚୁଡ଼ା ରପ୍ତାନି ନିଷିଦ୍ଧ କରାଯାଇଛି ।

(ଖ) ମିଲରମାନଙ୍କ କ୍ଷମତାପ୍ରାପ୍ତ ଏଜେଣ୍ଟ ଓ ଚୁକ୍ତା ମିଲରମାନେ ଏକକାଳୀନ ୨୦୦ କୁଇଣ୍ଟାଲରୁ ଅଧିକ ଚାଉଳ ମହଜୁଦ ରଖିବା ନିଷିଦ୍ଧ କରାଯାଇଅଛି ।

(ଗ) ଖୋଲା ବଜାରରେ ଚାଉଳ ଓ ଅଟାର ଦରବୃଦ୍ଧିକୁ ରୋକିବା ପାଇଁ ମରୁଡ଼ି ପ୍ରପୀଡ଼ିତ ଅଂଚଳରେ ବିଭିନ୍ନ ହାଟରେ ଭ୍ରାମ୍ୟମାଣ ଗାଡ଼ି ଜରିଆରେ ଚାଉଳ ଓ ଅଟା ବିକ୍ରୟ ବ୍ୟବସ୍ଥା କରାଯାଇଅଛି ।

(ଘ) ରାଜ୍ୟର ସାଧାରଣ ବଣ୍ଟନ ପ୍ରଣାଳୀରେ ଚାଉଳ ଓ ଗହମର ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଚାଉଳର ପରିମାଣ ୭୫,୦୦୦ ମେଟ୍ରିକ୍ ଟନରୁ ୧ ଲକ୍ଷ ମେଟ୍ରିକ୍ ଟନକୁ ଓ ଗହମର ପରିମାଣ ୩୫,୦୦୦ ମେଟ୍ରିକ୍ ଟନ୍‌ରୁ ୫୦,୦୦୦ ମେଟ୍ରିକ୍ ଟନକୁ ବୃଦ୍ଧି କରିଛନ୍ତି ।

(ଙ) ରାଜ୍ୟରେ ଚାଉଳ ସଂଗ୍ରହ ପରିମାଣ ବୃଦ୍ଧି ପାଇଁ ଲେଭି ହାର ଶତକଡ଼ା ୫୦ ରୁ ୭୫ କୁ ବୃଦ୍ଧି କରାଯାଇଛି ।

(ଚ) ମୁନାଫାଖୋର ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆବଶ୍ୟକ ଆଇନଗତ କଠୋର ପଦକ୍ଷେପ ନେବାପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି ।

୫. ସାଧାରଣ ବଣ୍ଟନ ପ୍ରଣାଳୀରେ ଡିଲରର ନିଯୁକ୍ତି କ୍ଷେତ୍ରରେ ମୂକ, ବଧିର ଓ ଅନ୍ଧମାନଙ୍କ ପାଇଁ ଶତକଡ଼ା ୧୦ ଆରକ୍ଷଣ ବ୍ୟବସ୍ଥା କରାଯାଇଅଛି ।

୬. ସାଧାରଣ ବଣ୍ଟନ ପ୍ରଣାଳୀରେ ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଓ ଖାଉଟି ଦ୍ରବ୍ୟର ସୁସମ ବଣ୍ଟନ ପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ (ଡି.ସି.ପି.ସି.) ପୁନର୍ଗଠନ କରାଯାଇଅଛି ।

## ବୈଧ ମାପ ବିଜ୍ଞାନ

୭. ଏହା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଏକ ଅଂଶ ମାତ୍ର । ଖାଉଟିମାନଙ୍କୁ ସଠିକ୍ ଓଜନ ଓ ମାପରେ ଖାଉଟି ପଦାର୍ଥ ଯୋଗାଇ ଦେବା ଏହି ବିଭାଗର ଲକ୍ଷ୍ୟ । ଏହି ବିଭାଗରେ ୭୨ ଟି କ୍ଷେତ୍ର ପରୀକ୍ଷାଗାର ଅଛି । ପ୍ରତି ପରୀକ୍ଷାଗାର ଜଣେ ନିରୀକ୍ଷକ ଯେ କି ବୈଷୟିକ ଯୋଗ୍ୟତାସଂପନ୍ନ ଅଟନ୍ତି, ତାଙ୍କ ଅଧୀନରେ ଅଛି । ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଓଜନ, ମାପ ଓ ତତ୍ ସଂକ୍ରାନ୍ତୀୟ ଯନ୍ତ୍ରପାତି ଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରାଯାଇ ସଠିକତା ନିର୍ଣ୍ଣୟ କରାଗଲା ପରେ ଏହାର ପ୍ରମାଣ ସ୍ୱରୂପ ମୋହର କରାଯାଏ । ଏହି ତନଖି ବାବଦକୁ ଫିସ ଆଦାୟ ହୋଇ ରାଜକୋଷରେ ଜମା କରାଯାଏ । ଏତଦ୍ ବ୍ୟତୀତ ଓଜନ ମାପ ଆଇନର ଖିଲାପ କରୁଥିବା ଅସାଧୁ ବ୍ୟବସାୟୀମାନଙ୍କ ବିରୁଦ୍ଧରେ ବିଭାଗୀୟ ଅଧିକାରୀମାନେ ମକଦ୍ଦମା ରୁଜୁକରି ସେଇ ବାବଦକୁ ପ୍ରତ୍ୟକ୍ଷଭାବେ ଓ ପରୋକ୍ଷଭାବେ (ଆଇନ ଅଦାଲତର ଆଶ୍ରୟ ନେଇ) ଜୋରିମାନା ଆଦାୟ କରାଯାଏ ଓ ଏହା ମଧ୍ୟ ରାଜକୋଷରେ ଜମା କରାଯାଏ ।

ଗତ ୧୯୯୪-୯୫ ଆର୍ଥିକ ବର୍ଷରେ ଏ ବାବଦକୁ ମୋଟ ଟ. ୧,୦୦,୮୪,୭୯୭ ଙ୍କା ଆଦାୟ ହୋଇ ରାଜକୋଷରେ ଜମା କରାଯାଇଥିଲା । ସେହିପରି ୧୯୯୫-୯୬ ଆର୍ଥିକ ବର୍ଷରେ ଏ ବାବଦ ଜମାର ପରିମାଣ ଥିଲା ଟ. ୧,୦୫,୩୬,୩୯୯ଙ୍କା ।

ଓଜନ ଓ ମାପରେ ଠକେଇ ଅଭିଯୋଗରେ ନିରୀକ୍ଷକମାନେ ୧୯୯୪-୯୫ ଆର୍ଥିକ ବର୍ଷରେ ମୋଟ ୮,୧୧୦ଟି ମକଦ୍ଦମା ରୁଜୁ କରିଥିଲେ । ୧୯୯୫-୯୬ ଆର୍ଥିକ ବର୍ଷରେ ଏହି ମକଦ୍ଦମା ସଂଖ୍ୟା ୮,୧୫୦ ଥିଲା । ୧୯୯୬-୯୭ ଆର୍ଥିକ ବର୍ଷର ଡ଼ିସେମ୍ବର ମାସ ଶେଷସୁଦ୍ଧା ଏ ବାବଦରେ ୩୦୮୬ ଟି ମକଦ୍ଦମା ରୁଜୁ ହୋଇଛି ଏବଂ ମୋଟ ଟ. ୬୩,୯୦,୬୮୨ଙ୍କା ଆଦାୟ ହୋଇ ରାଜକୋଷରେ ଜମା କରାଯାଇଅଛି ।

## ଖାଉଟି ସୁରକ୍ଷା କାର୍ଯ୍ୟକ୍ରମ

୮. ସ୍ୱାଧୀନୋତ୍ତର କାଳରେ ସରକାର ଜନସାଧାରଣଙ୍କ ଅଧିକାରର ସୁରକ୍ଷା ଓ ସେମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଅନେକ ନିୟମ ପ୍ରଣୟନ କରି କାର୍ଯ୍ୟକାରୀ କରିଥିଲେ ମଧ୍ୟ ନ୍ୟାୟ ମିଳିବା ଦିଗରେ ଅନେକ ବିଳମ୍ବ ହେବା ସହିତ ଅଧିକାରକୁ ସୁରକ୍ଷା ଦେବା ସହଜ ହେଉନଥିବା ଅନୁଭୂତି ହେଉଥିଲା । ଏହାକୁ ବିଚାର କରି ସର୍ବଭାରତୀୟ ସ୍ତରରେ ଖାଉଟିମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଓ ବିବାଦର ଆଶୁ ସମାଧାନ ପାଇଁ ''ଖାଉଟି ସୁରକ୍ଷା ଅଧିନିୟମ ୧୯୮୬'' କାର୍ଯ୍ୟକାରୀ ହେଉଅଛି । ଓଡ଼ିଶା ସରକାର ମଧ୍ୟ ଏହି ଅଧିନିୟମ ପ୍ରକାରେ ଜନସ୍ୱାର୍ଥ ପାଇଁ ''ଓଡ଼ିଶା ଖାଉଟୀ ସୁରକ୍ଷା ନିୟମାବଳୀ ୧୯୮୭'' ପ୍ରଣୟନ କରି କାର୍ଯ୍ୟକାରୀ କରି ଆସୁଛନ୍ତି ।

ଏ ଯୁଗାନ୍ତକାରୀ ଅଭିନବ ଆଇନ ଅନୁଯାୟୀ ଖାଉଟିମାନଙ୍କ ଅଧିକାର ଓ ତାର ସୁରକ୍ଷା ତଥା ଖାଉଟି କ୍ଷତିଗ୍ରସ୍ତ ବା ସୁବିଧାରୁ ବଂଚିତ ହେଲେ, ତାର ପ୍ରତିକାର ଓ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ରହିଛି । ଏହି ବିବାଦର ସମାଧାନ ନିମନ୍ତେ ସର୍ବଭାରତୀୟ ସ୍ତରରେ ''ଜାତୀୟ କମିଶନ'', ରାଜସ୍ତରରେ ''ରାଜ୍ୟ କମିଶନ'' ଓ ଜିଲ୍ଲା ସ୍ତରରେ ''ଜିଲ୍ଲା ଫୋରମ'' ମାନ ଗଠନ କରାଯାଇ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଖାଉଟି ବିବାଦଗୁଡ଼ିକର ଫଏସଲା କରିବାପାଇଁ ଆଇନ ଲିପିବଦ୍ଧ ହୋଇଅଛି । ତଦନୁଯାୟୀ ଓଡ଼ିଶାରେ ''ରାଜ୍ୟ କମିଶନ'' କଟକଠାରେ ଏବଂ ପ୍ରତି ଜିଲ୍ଲା ସଦର ମହକୁମା ସହିତ ରାଉରକେଲା ଠାରେ ମୋଟ ୩୧ ଗୋଟି ''ଜିଲ୍ଲା ଫୋରମ'' କାର୍ଯ୍ୟକାରୀ ହେଉଅଛି ଓ ଆମ ରାଜ୍ୟରେ ଖାଉଟିମାନେ ଏହାର ସୁଫଳ ଅନୁଭବ କରୁଛନ୍ତି ।

ଏହି ଜନକଲ୍ୟାଣମୂଳକ ପଦକ୍ଷେପ ଓ ଆଇନର କାର୍ଯ୍ୟକାରିତା ଦ୍ୱାରା ୧୯୯୭ ମସିହା ଜାନୁଆରୀ ସୁଦ୍ଧା ଫୋରମମାନଙ୍କରେ ନିମ୍ନମତେ ବିବାଦମାନ ପଞ୍ଜିକୃତ ହୋଇ ଫଏସଲା ହୋଇପାରିଛି ଓ ବିଭିନ୍ନ କ୍ଷେତ୍ରରେ ଅଧିକାର ସୁରକ୍ଷା ହେବା ସହିତ କ୍ଷତିପୂରଣ ମଧ୍ୟ ଖାଉଟିଙ୍କୁ ପ୍ରଦାନ କରାହୋଇପାରିଛି ।

| ବିବାଦ ପଂଜିକୃତ ପରିମାଣ | | ଫଇସଲା ପରିମାଣ |
|---|---|---|
| ଜିଲ୍ଲା ଫୋରମ | ୨୧,୧୦୫ | ୧୭,୫୩୨ |
| ରାଜ୍ୟ କମିଶନ | ୪,୬୨୦ | ୨,୨୮୭ |

ଏ ସମସ୍ତ ସତ୍ତ୍ୱେ ଆମ ସରକାର ଜନସାଧାରଣଙ୍କୁ ଅଧିକ ସଚେତନ କରାଇ ନିଜର ଅଧିକାର ସୁରକ୍ଷା ପାଇଁ ଏ ଆଇନର ବ୍ୟାପକ ସୁଯୋଗ ଦେବାକୁ ଉଦ୍ୟମ ଚାଲୁ ରଖିଛନ୍ତି । ଖାଉଟିର ଅଧିକାର, ଖାଉଟି କିଏ ବା କ'ଣ ଆଇନର ପରିସର, କିଏ କିପରି କେଉଁଠାରେ ଅଭିଯୋଗ ଦାଏର କରିବ, ସେ ସଂପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବାକୁ ପ୍ରତିବର୍ଷ ରାଜ୍ୟ ଓ ଜିଲ୍ଲା ସ୍ତରରେ ଖାଉଟି ସୁରକ୍ଷା ପକ୍ଷ ମାର୍ଚ୍ଚ ୧୫ ରୁ ୩୧ ତାରିଖ ଓ ମାର୍ଚ୍ଚ ୩୧ ତାରିଖଟି ମଧ୍ୟ ଖାଉଟି ସୁରକ୍ଷା ଦିବସ ଭାବେ ପାଳନ ହୋଇଆସୁଛି ।

ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦେଇ ଏ ଦିଗରେ ଜନସାଧାରଣଙ୍କୁ ଉତ୍ସାହ ଓ ସଚେତନ କରାଯାଉଛି ଏବଂ ଗତ ୧୯୯୪-୯୫ ଓ ୧୯୯୫-୯୬ ବର୍ଷରେ ଯଥାକ୍ରମେ ଟ ୨,୦୦,୦୦୦ଙ୍କା ଓ ଟ. ୨,୦୦,୦୦୦ଙ୍କା ଅନୁଦାନ ସ୍ୱେଚ୍ଛାସେବୀ ସଂସ୍ଥାକୁ ସରକାର ପ୍ରଦାନ କରିଛନ୍ତି ।

ରାଜ୍ୟ ସ୍ତରରେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିନିଧିମାନଙ୍କୁ ବିଭିନ୍ନ କର୍ମଶାଳା, ତାଲିମ ଶିବିରମାନ କରାଯାଇ ଜନସାଧାରଣଙ୍କୁ ଏ ଦିଗରେ ଆଗ୍ରହୀ କରାଇବାକୁ ଉଦ୍ୟମ ଚାଲୁ ରହିଛି । ବିଜ୍ଞାପନ, ପତ୍ରପତ୍ରିକା ପ୍ରକାଶନ କରି ଖାଉଟି ସୁରକ୍ଷା ଦିଗରେ ଜନ ସଚେତନ ସୃଷ୍ଟି କରାଯାଇପାରିଛି ।

## ରାଜ୍ୟର ୫୦ ଭାଗ ଜମିକୁ ସେଚ ସୁବିଧା

ଆସନ୍ତା ୨୦୦୦ ମସିହା ସୁଦ୍ଧା ରାଜ୍ୟର ଶତକଡ଼ା ୫୦ ଭାଗ ଚାଷ ଉପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ନିଷ୍ପତ୍ତି କରାଯାଇଛି । ସେଥିପାଇଁ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା, ବୈଦେଶିକ ସାହାଯ୍ୟ ଓ କେନ୍ଦ୍ର ସରକାରଙ୍କ ସୂତ୍ରରୁ ବିପୁଳ ଅର୍ଥ ବିନିଯୋଗ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଜଳସଂପଦ ବିଭାଗ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ବିଭିନ୍ନ ଜଳସେଚନ ଯୋଜନା ପାଇଁ ବିଶ୍ୱବ୍ୟାଙ୍କ ସମେତ ବୈଦେଶିକ ପୁଞ୍ଜି ଲଗାଣକାରୀ ସଂସ୍ଥା, ନାବାର୍ଡ ଓ ଭାରତ ସରକାରଙ୍କଠାରୁ ୩୪୫.୯ କୋଟି ଟଙ୍କା ବିନିଯୋଗ କରାଯିବ ।

ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ୧୯୯୬-୯୭ ଆର୍ଥିକ ବର୍ଷରେ ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ଜରିଆରେ ଅତିରିକ୍ତ ୬୭ ଦଶମିକ ୩୦୦ ହେକ୍ଟର ଜମିକୁ ଜଳସେଚନଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ସେଥିମଧ୍ୟରୁ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ୩୯ ଦଶମିକ ୯୫୫ ହେକ୍ଟର ଜମିପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିଛି । ସେଥିପାଇଁ ରାଜ୍ୟ ସରକାର ୨୩୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି ।

ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ଜଳସେଚନ ସାମର୍ଥ୍ୟ ଶତକଡ଼ା ୩୦ ଭାଗରୁ ଶତକଡ଼ା ୩୮ ଦଶମିକ ୯୮ ଭାଗକୁ ବୃଦ୍ଧିପାଇଛି । ଗତ ୧୯୯୫ ମସିହା ମାର୍ଚ୍ଚ ମାସଠାରୁ ୧୯୯୭ ମସିହା ଜାନୁଆରୀ ମାସ ମଧ୍ୟରେ ବିଶ୍ୱବ୍ୟାଙ୍କ ଓ ଅନ୍ୟାନ୍ୟ ବୈଦେଶିକ ଅର୍ଥଲଗାଣକାରୀ ସଂସ୍ଥା ତଥା ଭାରତ ସରକାରଙ୍କ ଅନୁଦାନରୁ ଜଳସେଚନ ସାମର୍ଥ୍ୟ ବୃଦ୍ଧି ପାଇଁ ଋଣ ଆକାରରେ ୨୧୫ କୋଟି ୧୫ ଲକ୍ଷ ଟଙ୍କା ଓ ଅନୁଦାନ ଆକାରରେ ୪୨ କୋଟି ୧୪ ଲକ୍ଷ ଟଙ୍କା ମିଳିଛି ।

ବିଶ୍ୱ ବ୍ୟାଙ୍କ ଜଳସେଚନ ଯୋଜନା ପାଇଁ ୧୪୦୯ କୋଟି ଟଙ୍କା, ଜାପାନ ପକ୍ଷରୁ ୬୫୦ କୋଟି ଟଙ୍କା, ସୁବର୍ଣ୍ଣରେଖା ଜଳସେଚନ ଯୋଜନା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୨୦୦ କୋଟି ଟଙ୍କା, ନାବାର୍ଡ ପକ୍ଷରୁ ୩୦୦ କୋଟି ଟଙ୍କା, ଜର୍ମାନୀର କେ.ଏଫ୍.ଡବ୍ଲ୍ୟୁ ସଂସ୍ଥାଠାରୁ ୩୦୦ କୋଟି ଟଙ୍କା ଜଳସେଚନ ସାମର୍ଥ୍ୟ ବୃଦ୍ଧି ପାଇଁ ମିଳିବ । ଏହାଛଡ଼ା ଭାରତ ସରକାର ଏ.ଆଇ.ବି.ପି. କାର୍ଯ୍ୟକ୍ରମରେ ଓଡ଼ିଶାକୁ ୪୦୦ କୋଟି ଟଙ୍କା ଯୋଗାଇ ଦେବେ ବୋଲି ଆଶା କରାଯାଉଛି ।

ସେଥିମଧ୍ୟରୁ ଆସନ୍ତା ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମ ପାଇଁ ୧୧୦ କୋଟି ଟଙ୍କା ମିଶି ୨୨୦ କୋଟି ଟଙ୍କା ଏହି ଯୋଜନାରେ ବ୍ୟୟ କରାଯିବ । ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ତେଣୁ ଆସନ୍ତା ଆର୍ଥିକ ବର୍ଷର ବଜେଟ୍‌ରେ ଜଳସେଚନ ପାଇଁ ୬୧୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଉଛି ।

ରାଜ୍ୟ ସରକାର ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଶେଷକରିବା ପାଇଁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେହିଭଳି ଗୁରୁତ୍ୱ ପୂର୍ବରୁ ନିର୍ମିତ ଜଳସେଚନ ଯୋଜନାଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ଉପରେ ଦିଆଯାଉଛି । ରେଙ୍ଗାଲି ଓ ଅପରକୋଲାବ ଭଳି ବହୁମୁଖୀ ଯୋଜନାଗୁଡ଼ିକର ଜଳକୁ ଜଳସେଚନ ପାଇଁ ବିନିଯୋଗ କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ।

ଇନ୍ଦ୍ରାବତୀ ପ୍ରକଳ୍ପର ଜଳକୁ ବିନିଯୋଗ କରିବା ପାଇଁ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଉଛି । ରେଙ୍ଗାଲି ପ୍ରକଳ୍ପ ଦ୍ୱାରା ଏକଲକ୍ଷ ୨୦ ହଜାର ହେକ୍ଟର ଜମିରେ ଜଳସେଚନ ହୋଇପାରିବା ବେଳେ ସୁବର୍ଣ୍ଣରେଖା ପ୍ରକଳ୍ପ ଦ୍ୱାରା ୪୦ ହଜାର ହେକ୍ଟର ଜମିରେ ଜଳସେଚନ ହୋଇପାରିବ । ବଲାଙ୍ଗୀର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମାତ୍ର ଶତକଡ଼ା ୫ ଭାଗ ଜମି ଜଳସେଚିତ ହୋଇଥିବାରୁ ଏହି ଜିଲ୍ଲାରେ ଜଳସେଚନ ସାମର୍ଥ୍ୟ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି । ରାଜ୍ୟର ଜଳସେଚନ ଯୋଜନାଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ୫୦୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି । ଏହି ଅର୍ଥ ବିଭିନ୍ନ ସୂତ୍ରରୁ ପାଇବା ପାଇଁ ଉଦ୍ୟମ କରାଯାଉଛି ।

# ଦୁଇ ବର୍ଷର କଲ୍ୟାଣ କାର୍ଯ୍ୟକ୍ରମ



ରାଜ୍ୟର ଦରିଦ୍ର ଓ ଅନୁନ୍ନତ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଓଡ଼ିଶାର ମୋଟ ଜନସଂଖ୍ୟାର ଶତକଡ଼ା ୨୨.୨୧ ଭାଗ ଲୋକ ଆଦିବାସୀ ଓ ୧୬.୨୦ ଭାଗ ତଫସିଲଭୁକ୍ତ ଜାତି । ସେମାନଙ୍କ ସୁରକ୍ଷା ଓ ଅବସ୍ଥାର ଉନ୍ନତି ପାଇଁ ବହୁପଦକ୍ଷେପ ଗ୍ରହଣ କରାଯାଇଛି । ତଫସିଲଭୁକ୍ତ ଉପଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ଲୋକଙ୍କ କଲ୍ୟାଣ ପାଇଁ ଏହି ବିଭାଗ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ।

ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ୨୧ ଟି ଆଇ.ଟି.ଡି.ଏ., ୧୭ ଟି ମାଇକ୍ରୋ ପ୍ରକଳ୍ପ, ୪୬ଟି ମାଡ଼ା ପକେଟ, ୧୪ ଟି କ୍ଲଷ୍ଟର ପକେଟ, ଉପରୋକ୍ତ ପ୍ରକଳ୍ପ ବାହାରେ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଡି.ଟି.ଡି.ପି. ଯୋଜନା ଏବଂ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକରେ ଓଡ଼ିଶା ଆଦିବାସୀ ଉନ୍ନୟନ ପ୍ରକଳ୍ପ ସହାୟତାପ୍ରାପ୍ତ ଆଇ. ଏଫ.ଏ.ଡି. ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି ।

ଷଷ୍ଠ ଯୋଜନା ଆରମ୍ଭରୁ ତଫସିଲଭୁକ୍ତ ଜାତିର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି । ଚାକିରୀ କ୍ଷେତ୍ରରେ ତଫସିଲଭୁକ୍ତ ଜାତିର ପ୍ରାର୍ଥୀଙ୍କ ପାଇଁ ଶତକଡ଼ା ୧୬.୨୫ ଏବଂ ତଫସିଲଭୁକ୍ତ ଉପଜାତି ପାଇଁ ୨୨.୫୦ ଭାଗ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଅନୁନ୍ନତ ଶ୍ରେଣୀର ଲୋକଙ୍କ ପାଇଁ ସରକାର ଶତକଡ଼ା ୨୭ ଭାଗ ଚାକିରୀ ସଂରକ୍ଷିତ ରଖିଛନ୍ତି ।

୧୯୯୫-୯୬ ଓ ୧୯୯୬-୯୭ ଏହି ଦୁଇବର୍ଷ ଭିତରେ ଗତ ଫେବୃୟାରୀ ମାସ ସୁଦ୍ଧା ୧,୪୮,୦୭୫ ଜଣ ତଫସିଲଭୁକ୍ତ ଉପଜାତି ଓ ୯୦,୫୫୪ ଜଣ ତଫସିଲଭୁକ୍ତ ଜାତିର ଲୋକଙ୍କୁ ବିଭିନ୍ନ ଆୟକାରୀ ଯୋଜନାରେ ସହାୟତା କରାଯାଇଛି । ତଫସିଲଭୁକ୍ତ ଓ ଅନ୍ୟାନ୍ୟ ପଛୁଆ ବର୍ଗର ୨୩୬ ପରିବାରକୁ ବିଭିନ୍ନ ଆୟକାରୀ ଯୋଜନାରେ ଋଣ ଯୋଗାଇ ଦିଆଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ୭୨୦ ଜଣ ଆଦିବାସୀ ବାଳିକା, ୫୧୦ ଜଣ ଆଦିବାସୀ ବାଳକ, ୨୭୦ ଜଣ ତଫସିଲଭୁକ୍ତ ଜାତିର ବାଳିକା ଓ ୯୦ ଜଣ ତଫସିଲଭୁକ୍ତ ଜାତିର ବାଳକ ରହିବା ପାଇଁ ୧୯୯୫-୯୬ ଓ ୧୯୯୬-୯୭ ରେ ୩୦ ସ୍ଥାନ ବିଶିଷ୍ଟ ୫୩ଟି ଛାତ୍ରାବାସ ନିର୍ମାଣ ପାଇଁ ମଞ୍ଜୁର ହୋଇଛି । ଏହି ସମୟ ଭିତରେ ଟି.ଏସ.ପି. ଅଞ୍ଚଳମାନଙ୍କରେ ୧୧ଟି ହାଇସ୍କୁଲ, ୪ଟି ଆଶ୍ରମ/କନ୍ୟାଶ୍ରମ ଖୋଲାଯାଇଛି । ୭ଟି ସ୍କୁଲକୁ ହାଇସ୍କୁଲ ଏବଂ ୨୬ଟି ସ୍କୁଲକୁ ଆଶ୍ରମ ସ୍କୁଲ/କନ୍ୟାଶ୍ରମକୁ ଉନ୍ନୀତ କରାଯାଇଛି । ୨୧ଟି ଅଣ ଆବାସିକ ସେବାଶ୍ରମକୁ ଆବାସିକ ସେବାଶ୍ରମରେ ପରିଣତ କରାଯାଇଛି । ୧୯୯୬-୯୭ ସୁଦ୍ଧା କଲ୍ୟାଣ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ୨୦୭ଟି ହାଇସ୍କୁଲ, ୧୧୦ ଟି ଆଶ୍ରମ ସ୍କୁଲ, ୩୫ଟି କନ୍ୟାଶ୍ରମ, ୧୨୯ଟି ଆବାସିକ ସେବାଶ୍ରମ, ୯୪୦ଟି ସେବାଶ୍ରମ, ୧୫୪୮ଟି ପ୍ରାଥମିକ ସ୍କୁଲ ଛାତ୍ରାବାସ ଓ ୭ଟି ସ୍ୱତନ୍ତ୍ର ଆଦିବାସୀ ଛାତ୍ରାବାସ କାର୍ଯ୍ୟ କରୁଛି ।

ଏହି ଦୁଇବର୍ଷ ଭିତରେ ୫,୫୩,୫୨୩ ଜଣ ଆଦିବାସୀ ଓ ୫,୧୬,୭୬୫ ଜଣ ତଫସିଲଭୁକ୍ତ ଜାତିର ଛାତ୍ରଙ୍କୁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ୩୬,୧୦୧ ଜଣ ଆଦିବାସୀ ଓ ୫୮,୭୭୬ ଜଣ ତଫସିଲଭୁକ୍ତ ଜାତିର ଛାତ୍ରଙ୍କୁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

—o—

# ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ



୧୯୯୨ ମସିହାରେ ଶିକ୍ଷା ଓ ଯୁବସେବା ବିଭାଗର ବିଭାଜନ ପରେ ଉଚ୍ଚଶିକ୍ଷା ବିଭାଗ ଗଠିତ ହୋଇଛି ।

ଶିକ୍ଷା ନିର୍ଦ୍ଦେଶାଳୟଗୁଡ଼ିକର ଦକ୍ଷତା ବିକେନ୍ଦ୍ରୀତ କାର୍ଯ୍ୟକଳାପ ଦୃଷ୍ଟିରୁ ରାଜ୍ୟ ସରକାର ଉଚ୍ଚଶିକ୍ଷା, ସ୍କୁଲ ଓ ଗଣଶିକ୍ଷା ପାଇଁ ତିନୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ସ୍ଥିର କରିଛନ୍ତି । ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ବହୁ କ୍ଷମତା ଓ କାର୍ଯ୍ୟ ଆଞ୍ଚଳିକ ନିର୍ଦ୍ଦେଶାଳୟକୁ ନ୍ୟସ୍ତ କରାଯାଇଛି । ଏହି ତିନୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ପ୍ରତିଷ୍ଠିତ ହୋଇଛି ଏବଂ ଏଗୁଡ଼ିକ ଉତ୍କଳ, ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କାର୍ଯ୍ୟ ପରିସରଭୁକ୍ତ ହୋଇ ରହିବ । ସମ୍ବଲପୁର ଓ ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶାଳୟ ଖୋଲା ଯାଇ ସାରିଲାଣି । ଭୁବନେଶ୍ୱରରେ ଖୁବ୍ ଶୀଘ୍ର ଏହା ଆରମ୍ଭ ହେବ ।

ଉତ୍କଳ ବିଶ୍ୱବିଦ୍ୟାଳୟର ବୋଝ କମାଇବା ପାଇଁ ଏବଂ ଏହାର କାର୍ଯ୍ୟଦକ୍ଷତା ବୃଦ୍ଧିପାଇଁ ସରକାର ନୀତିଗତ ଭାବରେ ଉତ୍ତର ଓଡ଼ିଶାରେ ଏକ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି କରିଛନ୍ତି ।

ସରକାର ତିନୋଟି ସରକାରୀ କଲେଜ ଯଥା କେ.କେ.ଏସ୍. ମହିଳା କଲେଜ, ବାଲେଶ୍ୱର, ବିନାୟକ ଆଚାର୍ଯ୍ୟ କଲେଜ, ବ୍ରହ୍ମପୁର ଓ ଏନ୍.ଏସ୍.ସି.ବି. କଲେଜ ସମ୍ବଲପୁରରେ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ସ୍ଥିର କରିଛନ୍ତି । ବାଲେଶ୍ୱର କେ.କେ.ଏସ ମହିଳା କଲେଜରେ ବିଜ୍ଞାନ ଶ୍ରେଣୀ ୧୯୯୬-୯୭ ରେ ଖୋଲାଯାଇଛି । ଜାତୀୟ ଓ ରାଜ୍ୟସ୍ତରରେ ବୈଷୟିକ ଓ ପରିଚାଳନା ପ୍ରତିଷ୍ଠାନର ମନୋନୀତ ବୃତ୍ତିରେ ନାମ ଲେଖାଇଥିବା ମେଧାବୀ ଛାତ୍ରଙ୍କୁ ବୃତ୍ତି ପ୍ରଦାନ ପାଇଁ ଏକ ନୂତନ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ତାଙ୍କୁ ମାସିକ ୧୦୦୦ ଟଙ୍କା ବୃତ୍ତି ଦିଆଯିବ । ଯେଉଁ ମେଧାବୀ ଛାତ୍ରର ପରିବାରର ଆୟ ୨୪ ହଜାର ଟଙ୍କା ବା ତାଠାରୁ କମ୍, ତାଙ୍କୁ ବୃତ୍ତି ଦେବାକୁ ସରକାର ଆଉ ଏକ ଯୋଜନା କରିଛନ୍ତି । ଏହି ଯୋଜନା ଫଳରେ ଉଚ୍ଚମାଧ୍ୟମିକ ସ୍ତରରେ ୧୦୫୦ ଜଣ ଛାତ୍ର, ଅଣ୍ଡର ଗ୍ରାଜୁଏଟ ସ୍ତରରେ ୨୫୦ ଓ ପୋଷ୍ଟ ଗ୍ରାଜୁଏଟ ସ୍ତରରେ ୧୨୫ ଜଣ ଛାତ୍ର ଉପକୃତ ହୋଇ ପାରିବେ ।

ସରକାର ମାଲକାନଗିରି, ନୂଆପଡ଼ା ଓ କେନ୍ଦ୍ରାପଡ଼ାରେ +୨ ବିଜ୍ଞାନ କଲେଜ ଖୋଲିବାକୁ ସ୍ଥିର କରିଛନ୍ତି । ଯେଉଁ ଜିଲ୍ଲାରେ ସରକାରୀ ବିଜ୍ଞାନ କଲେଜ ନଥିବ ସେଠାରେ ପର୍ଯ୍ୟାୟକ୍ରମେ ବିଜ୍ଞାନ କଲେଜ ଖୋଲିବାକୁ ସରକାର ନୀତିଗତ ଭାବରେ ସ୍ଥିର କରିଛନ୍ତି ।

ଆସିକାର ନିରଂଜନ ମହିଳା କଲେଜ ଓ ବଲାଙ୍ଗିର ସାନ୍ଧ୍ୟ କଲେଜ ପରିଚାଳନା ଦାୟିତ୍ୱ ସରକାର ଗ୍ରହଣ କରିଛନ୍ତି ।

୫୮ ଟି ସରକାରୀ କଲେଜ ଛଡ଼ା ବର୍ତ୍ତମାନ ରାଜ୍ୟରେ ୪୧୮ ଟି ସ୍ୱୀକୃତି ପ୍ରାପ୍ତ ବେସରକାରୀ ଡିଗ୍ରୀ କଲେଜ ଓ ୯୧୦ ଟି ସ୍ୱୀକୃତି ପ୍ରାପ୍ତ ବେସରକାରୀ ଉଚ୍ଚମାଧ୍ୟମିକ ଶିକ୍ଷାନୁଷ୍ଠାନ ରହିଛି । ଜାତୀୟ ଶିକ୍ଷାନୀତି ଅନୁସାରେ ନୂଆ ସରକାରୀ କଲେଜ ସ୍ଥାପନକୁ ନିୟନ୍ତ୍ରିତ କରାଯାଇଛି ।

୧୯୯୫-୯୬ ଓ ୧୯୯୬-୯୭ ଦୁଇବର୍ଷ ମଧ୍ୟରେ ଯଥାକ୍ରମେ ୬୬ ଓ ୩୩ ଟି ନୂଆ ଜୁନିଅର କଲେଜ / ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ, ୩୩ ଓ ୩ଟି ନୂଆ ଡିଗ୍ରୀ କଲେଜ ଖୋଲିବା ପାଇଁ ଅନୁମତି ଦିଆଯାଇଛି । ୨୬ ଟି ବେସରକାରୀ ଡିଗ୍ରୀ କଲେଜକୁ ୧୯୯୫-୯୬ ମସିହାରେ, ୮ ଟି ବେସରକାରୀ ଓ ୬ ଟି +୨ କଲେଜକୁ ୧୯୯୬-୯୭ ମସିହାରେ ସେମାନଙ୍କର ଛାତ୍ର ସଂଖ୍ୟା ବୃଦ୍ଧି ପାଇଁ ଅନୁମତି ଦିଆଯାଇଛି । ୧୯୯୫-୯୬ ମସିହାରେ ୪୧ ଟି ବେସରକାରୀ ଡିଗ୍ରୀ କଲେଜରେ ଅନର୍ସ ଶ୍ରେଣୀ ଖୋଲିବାକୁ ଅନୁମତି ଦିଆଯାଇଛି ।

୧୯୯୫-୯୬ ରେ ୧୦୪ ଟି ଏବଂ ୧୯୯୬-୯୭ ମସିହାରେ ୫୨ ଟି ଅଣସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ସାହାଯ୍ୟ ପ୍ରାପ୍ତ ଅନୁଷ୍ଠାନ ରୂପେ ଘୋଷଣା କରାଯାଇଛି । ୧୯୯୪ ପୂର୍ବରୁ ରାଜ୍ୟରେ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନ ସଂଖ୍ୟା ଥିଲା ୨୫୪ ।

୧୯୯୫-୯୬ ବର୍ଷ ମଧ୍ୟରେ ସରକାର ୫୦ ଟି ନୂଆ ଉଚ୍ଚ ମାଧ୍ୟମିକ ଭୋକେସନାଲ ସ୍କୁଲ ଖୋଲିବାକୁ ମଂଜୁର କରିଛନ୍ତି ।

ଉଚ୍ଚ ଶିକ୍ଷା ବିଭାଗ ଓ ରେଡ଼କ୍ରସ ସୋସାଇଟିର ମିଳିତ ଉଦ୍ୟମରେ ରାଜ୍ୟରେ ବିଭିନ୍ନ କଲେଜ ଓ +୨ ଶିକ୍ଷାନୁଷ୍ଠାନରେ ଯୁବ ରେଡ଼କ୍ରସ ଯୋଜନା କାର୍ଯ୍ୟକାରୀ କରାଯାଇଛି । ସବୁ ସରକାରୀ କଲେଜରେ ସିନିଅର ସ୍କାଉଟ (ରୋଭର) ଓ ସିନିଅର ଗାଇଡ଼ (ରେଞ୍ଜର) ପ୍ରବର୍ତ୍ତନ ପାଇଁ ସରକାର ସ୍ଥିର କରିଛନ୍ତି ।

ଓଡ଼ିଶା ଟେକ୍ସଟ ବୁକ୍ ବ୍ୟୁରୋ ୧୯୯୬-୯୭ ମଧ୍ୟରେ ଅଣ ଆନୁଷ୍ଠାନିକ ଶିକ୍ଷା, +୨ ଶିକ୍ଷା ଓ +୨ ଭୋକେସନାଲ ଶିକ୍ଷା ପୁସ୍ତକର ୭.୭୦ ଲକ୍ଷ କପି ପ୍ରକାଶ କରିଛନ୍ତି ।

# ଓଡ଼ିଶାରେ ଇସ୍ପାତ କାରଖାନା ନିର୍ମାଣରେ ଅଗ୍ରଗତି

ବିପୁଳ ଖଣିଜ ସମ୍ପଦର ସଦୁପଯୋଗ କରି ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସଂଗେ ସଂଗେ ରାଜ୍ୟବାସୀଙ୍କ ପାଇଁ ବ୍ୟାପକ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ସରକାର ବଢ଼ିଶ୍ଚ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଏଥିପାଇଁ ବିଭିନ୍ନ ସ୍ଥାନରେ ଇସ୍ପାତ କାରଖାନା ସ୍ଥାପନ ପାଇଁ ପ୍ରଚେଷ୍ଟା ଚାଲିଛି ।

ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ଏ ପର୍ଯ୍ୟନ୍ତ ୧୫ ଟି ପ୍ରସ୍ତାବ ଆସିଛି । ତନ୍ମଧ୍ୟରୁ ୧୧ ଟି ସମନ୍ୱିତ ଇସ୍ପାତ କାରଖାନା ଓ ଅନ୍ୟ ଚାରୋଟି ପିଗ୍ ଆଇରନ, ସଞ୍ଜ ଆଇରନ୍, କୋଲଡ୍ ରୋଲିଙ୍ଗ ମିଲ ଓ ଷ୍ଟେନଲେସ ଷ୍ଟିଲ୍ କାରଖାନା । ଏସବୁ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ବିଭିନ୍ନ ଅଞ୍ଚଳରେ ସ୍ଥାନ ନିରୂପଣ କରାଯାଇଛି । ବିଶେଷତଃ ଯାଜପୁର ଜିଲ୍ଲାର ଦୁବୁରି ଠାରେ ଏବଂ ଗଞ୍ଜାମ ଜିଲାର ଗୋପାଳପୁରଠାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେବାକୁ ଯାଉଛି । ଦୁବୁରି ଶିଳ୍ପାଞ୍ଚଳରେ ୮ ଟି ଇସ୍ପାତ କାରଖାନା, ଗୋଟିଏ ବିଦ୍ୟୁତ କାରଖାନା ପ୍ରତିଷ୍ଠା ହେବାର ପ୍ରସ୍ତାବ ରହିଛି । ଗୋପାଳପୁରଠାରେ ଦୁଇଟି ଇସ୍ପାତ କାରଖାନା ସ୍ଥାପିତ ହେବ । ଅନ୍ୟାନ୍ୟ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ କେନ୍ଦୁଝର, ଅନୁଗୁଳ ଓ ସମ୍ବଲପୁରରେ ସ୍ଥାନ ନିରୂପିତ ହୋଇସାରିଲାଣି ।

ଦୁବୁରିଠାରେ ଜମି ଅଧିଗ୍ରହଣ କରାଯାଇଛି ଏବଂ ସରକାରଙ୍କ ଖର୍ଚ୍ଚରେ ଭିତ୍ତିଭୂମି-ସୁବିଧା ଯୋଗାଇ ଦିଆଯାଇଛି । ସେଠାରେ ପ୍ରତିଷ୍ଠିତ ପ୍ରକଳ୍ପଗୁଡ଼ିକୁ ଆବଶ୍ୟକ ଜମିବଣ୍ଟନ କରାଯାଇଛି । ସେମାନଙ୍କୁ ଜମିର ମୂଲ୍ୟ, ପୁନର୍ବସତି ଖର୍ଚ୍ଚ ଏବଂ ଏକର ପ୍ରତି ଜମିର କ୍ଷତି ପୂରଣ ବାବଦରେ ଏକଲକ୍ଷ ଟଙ୍କା ଦଶବର୍ଷମଧ୍ୟରେ ୨୦ ଟି ଅର୍ଦ୍ଧ ବାର୍ଷିକ କିସ୍ତିରେ ପରିଶୋଧ ପାଇଁ କୁହାଯାଇଛି । ଅନ୍ୟ ଅଞ୍ଚଳରେ ଇସ୍ପାତ କାରଖାନାଗୁଡ଼ିକୁ ଜମିର ମୂଲ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ସରକାରଙ୍କ ନିକଟରେ ଜମା ଦେବାକୁ ଜଣାଇ ଦିଆଯାଇଛି ।

ଇସ୍ପାତ ଶିଳ୍ପର ବିକାଶରେ ଇପିକଲ ମୁଖ୍ୟ ଏଜେନସି ଭାବରେ କାର୍ଯ୍ୟ କରିବ । ଇଡ଼କୋ ଭୂ ଅର୍ଜନ ଓ ଭିତ୍ତିଭୂମି ବିକାଶରେ ସହାୟତା କରିବ । ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ଓ ଏଜେନସିକୁ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ରାସ୍ତା, ରେଳ ପରିବହନ ଓ କ୍ଷତି ପୂରଣ ପାଇଁ ଇସ୍ପାତ ଓ ଖଣି ବିଭାଗ ଆର୍ଥିକ ସହାୟତା ଯୋଗାଇ ଦେବ ।

ଦୁବୁରି ସମନ୍ୱିତ ଇସ୍ପାତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶା ସରକାର (ଇସ୍ପାତ ଓ ଖଣିବିଭାଗ) ଏପର୍ଯ୍ୟନ୍ତ ୩୮.୮୪ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଏଥିମଧ୍ୟରେ ଜମି ଅଧିଗ୍ରହଣ ଓ ପୁନର୍ବସତି ପାଇଁ ଇଡ଼କୋକୁ ୩୧.୪୭ କୋଟି ଟଙ୍କା, ବିଦ୍ୟୁତ୍ ଯୋଗାଣ ପାଇଁ ଦୁବୁରି ସବଷ୍ଟେସନର ଉନ୍ନତି ଦିଗରେ ୪.୩୧ କୋଟି ଟଙ୍କା, କ୍ଷତିପୂରଣ ବାବଦରେ ୧.୪୧ କୋଟି ଟଙ୍କା, ଦୁବୁରି ଠାରୁ ଯାଜପୁରରୋଡ଼ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ପାଇଁ ୧.୩୨ କୋଟି ଟଙ୍କା, ଭିତ୍ତିଭୂମି ଯୋଜନା ପାଇଁ ୩୩ ଲକ୍ଷ ଟଙ୍କା ଦିଆଯାଇଛି ।

ଭୂଅର୍ଜନ କାର୍ଯ୍ୟ ତ୍ୱରାନ୍ୱିତ କରିବାପାଇଁ ସରକାର ଦୁବୁରୀ ଓ ଗୋପାଳପୁରଠାରେ ଦୁଇଟି ସ୍ୱତନ୍ତ୍ର ଭୂ ଅର୍ଜନ ପ୍ରତିଷ୍ଠାନ ଖୋଲିଛନ୍ତି । ଯଖପୁରା-ବାଂଶପାଣି ରେଳପଥ ନିର୍ମାଣ ଓ ଗୋପାଳପୁର ବନ୍ଦରର ବିକାଶ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଛି । ଗୋପାଳପୁର, ଦୁବୁରି ଓ ନିରୂପିତ ଅନ୍ୟାନ୍ୟ ସ୍ଥାନରେ ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ସରକାର ମେକନ ଓ ମେସର୍ସ ଏମ୍.ଏନ୍. ଦସ୍ତୁର ଭଳି ବିଶେଷଜ୍ଞ ସଂସ୍ଥାକୁ ନିଯୁକ୍ତ କରିଛନ୍ତି ।

**ରାଜ୍ୟର ବିଭିନ୍ନ ସ୍ଥାନରେ ଇସ୍ପାତ କାରଖାନା ସ୍ଥାପନ କାର୍ଯ୍ୟରେ ଅଗ୍ରଗତି**

ଯାଜପୁର ଜିଲ୍ଲାର ଦୁବୁରିଠାରେ ନୂଆଦିଲ୍ଲୀର ନିଡ଼ଗଷ୍ଟ ଇଣ୍ଟିଗ୍ରେଟେଡ଼ ଷ୍ଟିଲ ଲିମିଟେଡ଼ କୁ ପିଗ୍ ଆଇରନ କାରଖାନା ପାଇଁ ୫୩୦.୬୮ ଏକର ଜମି ଯୋଗାଇ ଦିଆଯାଇଛି । ଏହି ପ୍ରକଳ୍ପରେ ୫୩୦ କୋଟି ଟଙ୍କା ବିନିଯୋଗ ହେବ । ଏହି କାରଖାନାର ପ୍ରଥମ ପର୍ଯ୍ୟାୟରେ ୫୫୦ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦୦ ଜଣ ନିଯୁକ୍ତି ପାଇବେ ।

ନୂଆଦିଲ୍ଲୀର ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରାଇପସ୍ ଲିମିଟେଡ଼କୁ ୧୯୨୫ ଏକର ଜମି ଯୋଗାଇ ଦିଆଯାଇଛି । ଏହି ପ୍ରକଳ୍ପରେ ୩୭୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ୧୨୦୦ ଲୋକ ନିଯୁକ୍ତି ପାଇବେ । ୧୯୯୯ ସେପ୍ଟେମ୍ବର ମାସରେ ଏହି କାରଖାନା ଚାଲୁ ହେବାର ଆଶା କରାଯାଉଛି ।

ନୂଆଦିଲ୍ଲୀର ବ୍ରାହ୍ମଣୀ ଆଇରନ୍ ଆଣ୍ଡ ଷ୍ଟିଲ କମ୍ପାନୀକୁ ଷ୍ଟିଲ ପ୍ଲାଣ୍ଟ କାରଖାନା ପାଇଁ ୫୪୦ ଏକର ଜମି ଯୋଗାଇ ଦିଆଯିବ । ଏହି କାରଖାନାରେ ୭୦୦ ଲୋକ ନିଯୁକ୍ତି ପାଇବେ । ୧୯୯୯ ନଭେମ୍ବର ମାସରେ ଏହା ଚାଲୁ ହେବ ।

ରାଉରକେଲାର ଓଡ଼ିଶା ଷ୍ଟିଲ ଲିମିଟେଡ଼କୁ ୩୦୦ ଏକର ଜମି ଯୋଗାଇ ଦିଆଯାଇଛି । ୭୨୫ କୋଟି ଟଙ୍କାର ଏହି କୋଲଡ୍ ରୋଲିଂ କାରଖାନାରେ ୫୦୦ ଲୋକ ନିଯୁକ୍ତି ପାଇବେ ।

ନୂଆଦିଲ୍ଲୀର ମେଷ୍ଟ୍ରୋ -କଳିଙ୍ଗ ଷ୍ଟିଲ ଲିମିଟେଡ୍‌କୁ ୩୧୦୦ ଏକର ଜମି ଯୋଗାଇ ଦିଆଯାଇଛି । ଏଥିରେ ୪୨୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ୨୦୦୦ ମସିହା ବେଳକୁ ଏଥିରୁ ଉତ୍ପାଦନ ଆରମ୍ଭ ହେବ । ଏଥିରେ ୨୩୩୫ ଜଣ ନିଯୁକ୍ତି ପାଇବେ ।

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌କୁ ୨୫୦୦ ଏକର ଜମି ଯୋଗାଇ ଦିଆଯାଇଛି । ୨୫୦୦ ଲୋକ ଏଥିରେ ନିଯୁକ୍ତ ପାଇବେ । ୧୫୧୦ କୋଟି ଟଙ୍କାର ଏହି କାରଖାନା ୨୦୦୦ ମସିହାରେ କାର୍ଯ୍ୟକ୍ଷମ ହେବ ।

ନୂଆଦିଲ୍ଲୀର ଗଣପତି ଏକ୍ସପୋର୍ଟ ଲିମିଟେଡ୍‌କୁ ୩୦୦୦ ଏକର ଜମି ଯୋଗାଇ ଦିଆଯାଉଛି । ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୬୦୦୦ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୭୫୪୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ୩୦୦୦ ଲୋକ ଏଥିରେ ନିଯୁକ୍ତି ପାଇପାରିବେ । ପୁନେର ଇଣ୍ଡିଆନ ଷ୍ଟେନଲେସ ଷ୍ଟିଲସ୍ ଆଣ୍ଡ ଆଲୟଜ ଲିମିଟେଡ୍‌କୁ ୨୫୦୦ ଏକର ଜମି ଯୋଗାଇ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୧୩୭୭ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ୨୦୦୦ ମସିହା ବେଳକୁ ଏହା ଚାଲୁ ହେବ । ଏଥିରେ ୩୯୯୭ ଜଣ ଲୋକ ନିଯୁକ୍ତି ପାଇପାରିବେ ।

ଗୋପାଳପୁର (ଗଂଜାମ ଜିଲ୍ଲା) ଶିଳ୍ପାଞ୍ଚଳରେ ଜାମସେଦପୁରର ଟାଟା ଆଇରନ ଷ୍ଟିଲ କମ୍ପାନୀ ଲିମିଟେଡ୍‌କୁ ୭୨୯୦୦୦୯ ଏକର ଜମି ଯୋଗାଇ ଦିଆଯାଇଛି । ଏହିପ୍ରକଳ୍ପପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୮୦ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟର ୭୦୦୦ କୋଟି ଟଙ୍କା ଖର୍ଚ୍ଚ ହେବା । ୧୯୯୯ ମସିହାରେ କାରଖାନାର ପ୍ରଥମ ପର୍ଯ୍ୟାୟର ଓ ୨୦୦୨ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ସଂପୂର୍ଣ୍ଣ ହେବ ।

କଲିକତାର ଲାରସନ ଓ ଟ୍ୟୁବ୍ରୋ ଲିମିଟେଡ୍‌କୁ ୫୭୫୬ ଏବଂ ୧୬୭ ଏକର ଜମି ଯୋଗାଇ ଦିଆଯାଇଛି । ଏଥିରେ ୮୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ୨୦୦୦ ମସିହା ବେଳକୁ କାରଖାନା କାର୍ଯ୍ୟକ୍ଷମ ହେବ ।

କୟାଗଡ଼ (କେନ୍ଦୁଝର ଜିଲ୍ଲା) ରେ ଇନ୍ଦୋରର ନ୍ୟାସନାଲ ଷ୍ଟିଲ ଇଣ୍ଡିଷ୍ଟ୍ରିଜ ଲିମିଟେଡ୍‌କୁ ୯୪୬ ଏକର ଜମି ଯୋଗାଇ ଦିଆଯିବ । ଏଥିରେ ପ୍ରଥମ ପର୍ଯ୍ୟାୟରେ ୧୮୦୦ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୩୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ୨୦୦୦ ମସିହାରେ ଏହି କାରଖାନା କାର୍ଯ୍ୟକ୍ଷମ ହେବ । ଏଥିରେ ୧୨୦୦ ଲୋକ କାମ ପାଇ ପାରିବେ ।

ବିଲେଇପଡ଼ା (କେନ୍ଦୁଝର ଜିଲ୍ଲା) ରେ ନୂଆଦିଲ୍ଲୀର ଏସିଆନ ଆଲୟଜ ଲିମିଟେଡ୍‌କୁ ୭୧୦ ଏକର ଜମି ଯୋଗାଇ ଦିଆଯିବ । ଏଥିରେ ୩୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ୧୯୯୯ ମସିହାର ଏହି କାରଖାନା ଚାଲୁ ହେବ । ଏଥିରେ ୧୦୦୦ ଲୋକ ନିଯୁକ୍ତି ପାଇ ପାରିବେ ।

ମିଡ୍‌ଇଷ୍ଟ ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀକୁ ୮୦୦ ଏକର ଜମି ଯୋଗାଇ ଦିଆଯିବ । ଏଥିରେ ପ୍ରଥମ ପର୍ଯ୍ୟାୟରେ ୯୫ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ୧୯୯୯ ମସିହାରେ ଏହା କାର୍ଯ୍ୟକ୍ଷମ ହେବ ।

ବୁଢ଼ାପଙ୍କ (ଅନୁଗୁଳ ଜିଲ୍ଲା) ରେ ନୂଆଦିଲ୍ଲୀର ଜିନ୍ଦଲ ଷ୍ଟ୍ରିପସ୍ ଲିମିଟେଡ୍‌କୁ ୮୫୦ ଏକର ଜମି ଷ୍ଟେନଲେସ ଷ୍ଟିଲ କାରଖାନା କରିବାକୁ ଯୋଗାଇ ଦିଆଯାଇଛି । ଏଥିରେ ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ୧୯୯୮ ମସିହାରେ ଏହା କାର୍ଯ୍ୟକ୍ଷମ ହେବ ।

ବାମରା (ସମ୍ବଲପୁର ଜିଲ୍ଲା)ରେ ବାମରା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ଲିମିଟେଡ୍, ଓଡ଼ିଶା ସ୍ପଞ୍ଜ ଆଇରନ ଲିମିଟେଡ୍‌କୁ ୭୧୦ ଏକର ଜମି ସ୍ପଞ୍ଜ ଲୁହା କାରଖାନା ସ୍ଥାପନ ପାଇଁ ଯୋଗାଇ ଦିଆଯାଇଛି । ଏଥିରେ ୩୬୦ କୋଟି ଟଙ୍କା ଖର୍ଚ୍ଚ ହେବ । ୧୯୯୮ ମସିହାରେ ଏହା କାର୍ଯ୍ୟକ୍ଷମ ହେବ ।

## ଗୋପାଳପୁରରେ ଦୁଇଟି ଇସ୍ପାତ କାରଖାନା

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତ ମାର୍ଚ୍ଚ ୯ ତାରିଖରେ ବିଧାନସଭାରେ ପ୍ରକାଶ କରିଥିଲେ ଯେ, ଟାଟା କମ୍ପାନୀ ପକ୍ଷରୁ ଗୋପାଳପୁରରେ ଯେଉଁ ଇସ୍ପାତ କାରଖାନା ସ୍ଥାପନ କରାଯାଉଛି ସେଥିରୁ ବାର୍ଷିକ ଏକକୋଟି ଟନ୍ ଇସ୍ପାତ ଉତ୍ପାଦନ ହେବ । ଏହି ପ୍ରକଳ୍ପରେ ପ୍ରାଥମିକ ଭାବେ ୨୫୦୦ ବ୍ୟକ୍ତି ପ୍ରତ୍ୟକ୍ଷ ନିଯୁକ୍ତି ପାଇବେ । ପ୍ରାୟ ୧୦ ହଜାର ଲୋକ ଆନୁଷଙ୍ଗିକ ଓ ପରୋକ୍ଷ ଭାବରେ କାମଧନ୍ଦା ପାଇପାରିବେ । ଇସ୍ପାତ ପ୍ରକଳ୍ପକୁ ଭିତ୍ତିକରି ସେଠାରେ ଯେଉଁ ସହାୟକ ଶିଳ୍ପମାନ ସ୍ଥାପନ କରାଯିବ, ସେଥିରେ ପ୍ରାୟ ୧୦ ହଜାର ଲୋକ ନିଯୁକ୍ତି ପାଇବେ ।

ଏହି ପ୍ରକଳ୍ପ ସ୍ଥାପନ ଯୋଗୁଁ ୭ଟି ଗ୍ରାମରୁ ଲୋକେ ବାସଚ୍ୟୁତ ହେବେ । ଏହି ଲୋକମାନଙ୍କ ପାଇଁ ଟାଟା କମ୍ପାନୀ ୧୫୦ କୋଟି ଟଙ୍କା ବ୍ୟୟରେ ପୁନର୍ବସତି କଲୋନୀ ସ୍ଥାପନ କରୁଛନ୍ତି । ଏହି କଲୋନୀରେ ବାସଗୃହ ବ୍ୟତୀତ ଚିକିତ୍ସା ବ୍ୟବସ୍ଥା, ରାସ୍ତାଘାଟ, ପାଣି, ବିଦ୍ୟୁତ୍ ଓ ବିଦ୍ୟାଳୟ ପ୍ରଭୃତିର ସୁବିଧା ରହିବ । ଏହା ମଧ୍ୟରେ ଲୁହାଙ୍କର ଓ ଶୀତଳାପଲ୍ଲୀ ଗ୍ରାମରେ ଏହି ପୁନର୍ବସତି କଲୋନୀ ସ୍ଥାପନ ପାଇଁ ୫୬୬ ଦଶମିକ ୬୬୫ ଏକର ଜମି ଅଧିଗ୍ରହଣ କରାଯାଇଛି । ରାଜ୍ୟ ସରକାର ଓ ଟିସ୍କୋ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଥଇଥାନ କାର୍ଯ୍ୟକ୍ରମ କରାଯାଉଛି । ବାସଚ୍ୟୁତ ପରିବାରଗୁଡ଼ିକରୁ ଅଗ୍ରାଧିକାର ଭିତ୍ତିରେ ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପମାନଙ୍କରେ ନିଯୁକ୍ତି ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଇସ୍ପାତ କାରଖାନାକୁ ଭିତ୍ତିକରି ଯେଉଁସବୁ ସହାୟକ ଶିଳ୍ପ ସ୍ଥାପନ କରାଯିବ ସେଥିରେ ଓଡ଼ିଆ ଯୁବକମାନଙ୍କୁ ଅଗ୍ରାଧିକାର ଦିଆଯିବ । ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ୫ଟି ଗ୍ରାମର ଜମି ଅଧିଗ୍ରହଣ କରାଯାଇ ଲୋକମାନଙ୍କୁ ୧୧ କୋଟି ୧୨ ଲକ୍ଷ ୧୪ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା ଏବଂ ୧୫୫୨ ଏକର ସରକାରୀ ଓ ରୟତି ଜମି ଟାଟା କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା ।

ଗୋପାଳପୁର ଅଞ୍ଚଳରେ ଏଲ୍ ଏଣ୍ଡ୍ ଟି ପକ୍ଷରୁ ଆଉ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଉଛି । ଏହି ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ୬୦ରୁ ୭୦ ଲକ୍ଷ ଟନ୍ ହେବ । ଏଥିପାଇଁ ୧୭ଟି ଗ୍ରାମର ୪୫୩୬ ଏକର ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି । ଉଭୟ କାରଖାନାରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରତ୍ୟକ୍ଷ ଭାବେ ୧୬ ହଜାର ଲୋକ ଏବଂ ପ୍ରଥମ ପର୍ଯ୍ୟାୟରେ ୫ ହଜାର ଲୋକ ସିଧାସଳଖ ନିଯୁକ୍ତି ପାଇବେ ।

# ପରିବହନ କ୍ଷେତ୍ରରେ ପ୍ରଗତି

ଗତ ୧୯୯୭ ଜାନୁୟାରୀ ୧୩ ତାରିଖ ମନ୍ତ୍ରିମଣ୍ଡଳ ବୈଠକରେ ରାଜ୍ୟରେ ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ସ୍ଥିର ହୋଇଛି ଯେ ୧୦୦ଟି ବସ୍ ମରାମତି କରାଯାଇ ଚଳାଚଳ ଉପଯୋଗୀ କରାଯିବ । ଯାତ୍ରୀମାନଙ୍କ ସୁବିଧା ଓ କର୍ପୋରେସନର ଆୟବୃଦ୍ଧି ଦୃଷ୍ଟିରୁ ୧୦୦ଟି ନୂଆ ବସ କିଣାଯିବ । ପୂର୍ବରୁ ଜାତୀୟକରଣ ହୋଇଥିବା ରାସ୍ତାଗୁଡ଼ିକରେ ଘରୋଇ ବସ୍ ଚଳାଚଳ ବ୍ୟବସ୍ଥା କରାଯିବ । ଏହି ବ୍ୟବସ୍ଥା ଫଳରେ ୪୦୦୦ ବସ୍ ଉଭୟ ଘରୋଇ ଓ କର୍ପୋରେସନ ଅପରେଟରଙ୍କୁ ଚଳାଚଳର ସୁବିଧା ପ୍ରଦାନ କରାଯିବ । ଏହାଦ୍ୱାରା ଯାତ୍ରୀଙ୍କୁ ଅଧିକ ସେବା ପ୍ରଦାନ ସଙ୍ଗେ ସଙ୍ଗେ କର୍ପୋରେସନର ଆୟବୃଦ୍ଧି ହୋଇପାରିବ । ଏହି ବ୍ୟବସ୍ଥା ସଫଳତାର ସହିତ କାର୍ଯ୍ୟକାରୀ କରିବାପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି ।

ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରଚେଷ୍ଟା ଫଳରେ ଦକ୍ଷିଣପୂର୍ବ ରେଳବାଇର ଇଷ୍ଟକୋଷ୍ଟ ଜୋନ ନାମରେ ଏକ ନୂତନ ରେଳବାଇ ଜୋନ ପ୍ରତିଷ୍ଠା ହୋଇଛି । ଗତ ୧୯୯୬ ଅଗଷ୍ଟ ୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥ ଚନ୍ଦ୍ରଶେଖରପୁରଠାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି ।

୧୬୪ କିଲୋମିଟର ଦୈର୍ଘ୍ୟ କୋରାପୁଟ-ରାୟଗଡ଼ା ନୂତନ ରେଳପଥ ଗତ ୧୯୯୫ ଡିସେମ୍ବର ୧୨ ତାରିଖରେ ଉଭୟ ଯାତ୍ରୀ ଓ ମାଲ ଚଳାଚଳ ପାଇଁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି ।

ଗତ ୧୯୯୬ ଜାନୁଆରୀ ୨୫ ତାରିଖରୁ ଭୁବନେଶ୍ୱର-ପଳାସା ମଧ୍ୟରେ ଡି.ଏମ୍.ୟୁ (ଡିଜେଲ ମଲଟିପ୍ଲ ୟୁନିଟ୍) ଟ୍ରେନ ସେବା ପ୍ରବର୍ତ୍ତିତ ହୋଇଛି ।

୧୯୯୫ ଜୁଲାଇ ୧ ତାରିଖରୁ ପୁରୁଷୋତ୍ତମ ଏକ୍ସପ୍ରେସ୍ (ପୁରୀ-ନୂଆଦିଲ୍ଲୀ) କୁ ଦୈନିକ ଟ୍ରେନରେ ପରିଣତ କରାଯାଇଛି ।

୧୯୯୫ ଡିସେମ୍ବର ୧ ତାରିଖଠାରୁ ଭୁବନେଶ୍ୱର-ସିକନ୍ଦରାବାଦ ମଧ୍ୟରେ ସିଧାସଳଖ କମ୍ପ୍ୟୁଟରକରଣ ରିଜରଭେସନ ଯୋଗାଯୋଗ ସ୍ଥାପିତ ହୋଇଛି ।

୧୯୯୫-୯୬ ରେ ତାଳଚେର-କଟକ-ପାରାଦୀପ ସମେତ ନିମାପଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଦ୍ୟୁତିକରଣ ପ୍ରସ୍ତାବ ମଞ୍ଜୁର ହୋଇଛି ।

୧୯୯୫ ନଭେମ୍ବର ୨୨ ତାରିଖରୁ ପୁରୀରୁ ଅହମଦାବାଦ ପର୍ଯ୍ୟନ୍ତ ନୂତନ ସାପ୍ତାହିକ ଟ୍ରେନ ଚଳାଚଳ ବ୍ୟବସ୍ଥା ହୋଇଛି ।

୧୯୯୬ ମସିହାରେ କଟକ-ପାରାଦୀପ ରେଳପଥ ଦୋହରା କରିବାକୁ ମଞ୍ଜୁର ହୋଇସାରିଛି ।

ରୂପସା-ବାଙ୍ଗିରିପୋଷି ଅଣ ଓସାରିଆ ରେଳପଥକୁ ଓସାରିଆ କରାଯାଉଛି । ନୂଆପଡ଼ା-ଗୁଣପୁର ରେଳପଥକୁ ମଧ୍ୟ ଓସାରିଆ କରିବା ପାଇଁ ନିଷ୍ପତ୍ତି ହୋଇଛି ।

ପ୍ରସ୍ତାବିତ ନୂତନ ଖୋର୍ଦ୍ଧାରୋଡ଼-ବଲାଙ୍ଗିର ବି.ଜି. ରେଳପଥର ନିର୍ମାଣ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ଏହି ରେଳପଥ କେତେକ ଆଦିବାସୀ ଓ ଅନୁନ୍ନତ ଜିଲ୍ଲା ଯଥା - ବଲାଙ୍ଗିର, ସୋନପୁର, ଫୁଲବାଣୀ (କନ୍ଧମାଳ) ଓ ନୟାଗଡ଼ ଦେଇ ଯିବ ।

ତାଳଚେର-ସମ୍ବଲପୁର, ଦଇତାରୀ-ବାଂଶପାଣି ଓ ଲାଂଜିଗଡ଼- ରୋଡ଼- ଜୁନାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ।

ସଂପ୍ରତି ଓଡ଼ିଶା ବିଧାନସଭାର ଗୃହ କମିଟି ନୂଆଦିଲ୍ଲୀ ଯାଇ ଓଡ଼ିଶାରେ ରେଳପଥ ସଂପ୍ରସାରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ପ୍ରଧାନମନ୍ତ୍ରୀ ଓ ରେଳବାଇ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସେମାନେ ରେଳବାଇ ବଜେଟରେ ଓଡ଼ିଶା ପାଇଁ ଅଧିକ ବ୍ୟୟ ବରାଦ କରିବାକୁ ରେଳ ମନ୍ତ୍ରାଳୟ ନିକଟରେ ଦାବୀ ଉପସ୍ଥାପିତ କରିଥିଲେ ।


୧୯୯୫ ଅଗଷ୍ଟ ୨ ତାରିଖ ଠାରୁ ଭୁବନେଶ୍ୱର ସିଭିଲ ଏରୋଡ୍ରମଠାରେ ପଣ୍ୟ ଦ୍ରବ୍ୟ ରପ୍ତାନି -ଆମଦାନୀ ଉଦ୍ଦେଶ୍ୟରେ ଗୋଟିଏ କଷ୍ଟମସ୍ ଓ କାର୍ଗୋ ଅଫିସ୍ ଖୋଲାଯାଇଛି ।

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ସହରରେ ଅଧିକ ଟାଉନବସ୍ ସେବାର ବ୍ୟବସ୍ଥା କରିବା ପାଇଁ ସରକାର ପାଞ୍ଚ ବର୍ଷରୁ ଅଧିକ କାଳ ଟାଉନବସ୍ ଭାବରେ ଚଳାଚଳ କରିଥିବା ଗାଡ଼ି ଗୁଡ଼ିକ ଉପରୁ ୨୫ ଭାଗ ଏମ୍.ଭି. ଟିକସ ଓ ଅତିରିକ୍ତ ଏମ.ଭି. ଟିକସ୍ ଛାଡ଼ କରିଦେଇଛନ୍ତି ।

ପୂର୍ବରୁ କେବଳ କର୍ପୋରେସନ ବସ୍ ଚଳାଚଳ କରୁଥିବା ଜାତୀୟକାରଣ ପଥରେ ଘରୋଇ ବସ ଚଳାଚଳ ପାଇଁ ଅନୁମତି ଦିଆଯାଇଛି ।

ରାଜଆଠଗଡ଼ ଓ ତାଳଚେର ସେକସନ୍ ମଧ୍ୟରେ ସିଭିଲ ଲାଇନ ଡବଲିଂ କରାଯାଇ ୧୯୯୬ ଫେବୃଆରୀ ୨୯ ତାରିଖଠାରୁ ଟ୍ରାଫିକ୍ ଚଳାଚଳପାଇଁ ଖୋଲାଯାଇଛି ।

# ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟାବଳୀ



ସୂଚନା ଓ ଲୋକସମ୍ପର୍କ ବିଭାଗ ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହି ବିଭାଗଟି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ଦିଗରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ବିଭାଗ ଯେ କେବଳ ସରକାରଙ୍କ ନୀତି, ନିୟମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବହିତ କରିଥାଏ ତାହା ନୁହେଁ ପରନ୍ତୁ, ଜନ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଲୋକହିତକର ପରିକଳ୍ପନା ଗୁଡ଼ିକର ସଫଳ ରୂପାୟନ ଦିଗରେ ଜନସହଯୋଗ ଆଣିବାରେ ସରକାରଙ୍କୁ ବିଶେଷ ସାହାଯ୍ୟ କରିଥାଏ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ସଠିକ ସୂଚନା ପାଇବା ନିମନ୍ତେ ଜନସାଧାରଣଙ୍କର ପୂର୍ଣ୍ଣ ଅଧିକାର ରହିଛି । ଲୋକମାନଙ୍କର ଏହି ଅଧିକାରକୁ ସାକାର କରିବା ଉଦ୍ଦେଶ୍ୟ ନେଇ ଏହି ବିଭାଗ ତରଫରୁ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଲୋକମାନଙ୍କ ନିକଟରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କୀୟ ସୂଚନା ପହଞ୍ଚାଇବା ଉଦ୍ୟମ ଅବ୍ୟାହତ ରହିଛି । ଏହି ବିଭାଗର କାର୍ଯ୍ୟକ୍ରମ ଗୁଡ଼ିକୁ ଗ୍ରାମାଭିମୁଖୀ କରିବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ସାଙ୍ଗଠନିକ ବ୍ୟବସ୍ଥା

ଏହି ବିଭାଗଟି ରାଜ୍ୟ ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗର ଏକ ଅଙ୍ଗ ହିସାବରେ ପ୍ରଥମେ ପ୍ରଚାର ବିଭାଗ ପରେ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ନାମରେ କାର୍ଯ୍ୟ କରିଆସୁଥିଲା । ୧୯୭୮ ମସିହା ଜୁଲାଇ ୮ ତାରିଖଠାରୁ ଏହା ସ୍ୱରାଷ୍ଟ୍ର ବିଭାଗରୁ ଅଲଗା ହୋଇ ସୂଚନା ଓ ଲୋକସମ୍ପର୍କ ବିଭାଗ ନାମରେ ନାମିତ ହୋଇ ଆସୁଛି । ସଂପ୍ରତି ଏହି ବିଭାଗ ଅଧୀନରେ ୩୨ ଟି ପ୍ରଚାର ଜିଲ୍ଲା (ଭୁବନେଶ୍ୱର ଏବଂ ରାଉରକେଲାକୁ ମିଶାଇ) କାର୍ଯ୍ୟ କରୁଅଛି । ପ୍ରତ୍ୟେକ ପ୍ରଚାର ଜିଲ୍ଲା ଜଣେ ଲେଖାଏଁ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଏତଦ୍‌ବ୍ୟତୀତ ଏହି ବିଭାଗର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ନିମନ୍ତେ ଯଥାକ୍ରମେ କଟକ, ସମ୍ବଲପୁର ଓ ବ୍ରହ୍ମପୁରଠାରେ ୩ ଟି ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲାଯାଇ ୩ ଜଣ ଉପନିର୍ଦ୍ଦେଶକ ଅବସ୍ଥାପିତ କରାଯାଇଛି । ଏହି ବିଭାଗର କାର୍ଯ୍ୟକ୍ରମ ପରିଚାଳନା ପାଇଁ ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧୀୟ ବିବରଣୀ ପରିଶିଷ୍ଟରେ ପ୍ରଦତ୍ତ କରାଯାଇଛି ।

## ନିର୍ଦ୍ଦେଶାବଳୀ ଓ ପ୍ରଶାସନ

ଏହି ପରିକଳ୍ପନା ଅନୁଯାୟୀ ବିଭାଗୀୟ ରାଜସ୍ୱ ମଣ୍ଡଳୀୟ ଅଫିସ୍ ଗୁଡ଼ିକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦାଧିକାରୀମାନଙ୍କ ନିମନ୍ତେ କେତେକ ପଦବୀ ସୃଷ୍ଟି ହୋଇପାରିଛି । କଲିକତାଠାରେ ଗୋଟିଏ ସୂଚନା କେନ୍ଦ୍ର ଖୋଲାଯିବା ସହିତ ବିଭାଗୀୟ ସଦର ମହକୁମା କାର୍ଯ୍ୟାଳୟରେ କେତେକ ପଦବୀ ସୃଷ୍ଟି କରାଯାଇଛି । ଏତଦ୍‌ବ୍ୟତୀତ ବିଭାଗୀୟ ନୂତନ ଜିଲ୍ଲାସ୍ତରୀୟ ତଥା ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ଗୁଡ଼ିକ ଏହି ପରିକଳ୍ପନା ଅନୁଯାୟୀ ପରିଚାଳିତ ହେଉଛି ।

ବିଭାଗୀୟ ସଦର ମହକୁମାର ସଂପ୍ରସାରିତ ନୂତନ ଗୃହର ସାଜସଜ୍ଜା ତଥା ବିଭିନ୍ନ ପ୍ରକୋଷ୍ଠ ନିର୍ମାଣ ନିମନ୍ତେ ଗତ ପରିକଳ୍ପନା ଅନୁଯାୟୀ ୨.୪୦ ଲକ୍ଷ ଟଙ୍କା ଓଡ଼ିଶା ଇନ୍‌ଷ୍ଟ୍ରୁମେଣ୍ଟ କମ୍ପାନୀକୁ ତା'ର ବକେୟା ପ୍ରାପ୍ୟ ବାବଦ ଦେବା ପାଇଁ ଏକ ପ୍ରସ୍ତାବ ରହିଛି ।

କର୍ମଚାରୀମାନଙ୍କର ବେତନ ତଥା ଅଫିସ ପରିଚାଳନା ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୪୩.୪୫ ଲକ୍ଷ ଟଙ୍କା ଅଟକଳ କରାଯାଇଛି ।

## ଶ୍ରାବ୍ୟ ଦୃଶ୍ୟ ପ୍ରଚାର

ସରକାର ତଥା ଜନସାଧାରଣଙ୍କ ମଧ୍ୟରେ ଲୋକ ସଂପର୍କ ରକ୍ଷା କରିବା ଦିଗରେ ଶ୍ରାବ୍ୟ ଦୃଶ୍ୟ ପ୍ରଚାର ୟୁନିଟ୍ ମୁଖ୍ୟ ଭୂମିକା କରିଥାଏ । ଏହି ପରିକଳ୍ପନାର ମୁଖ୍ୟ ଲକ୍ଷ୍ୟ ହେଲା ସରକାରଙ୍କର ବିଭିନ୍ନ କଲ୍ୟାଣକର କାର୍ଯ୍ୟକ୍ରମଗୁଡ଼ିକରେ ଜନସାଧାରଣଙ୍କର ସହଯୋଗ ରକ୍ଷା କରିବା । ବିଭିନ୍ନ ସ୍ଥାନରେ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟତୀତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ପାଇଁ ସଂପୃକ୍ତ ବିଭାଗ ସାଧାରଣ ସଭାର ଆୟୋଜନ କରିବା ନିମନ୍ତେ ସକଳ ଦାୟିତ୍ୱ ବହନ କରିଥାଏ । ୧୯୯୭-୯୮ ଆର୍ଥିକ ବର୍ଷରେ ୧୬.୮୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

## ସମ୍ବାଦ ସୂଚନା ଶାଖା

ଏହି ବିଭାଗରେ ଗୋଟିଏ ସମ୍ବାଦ ସୂଚନା ଶାଖା ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ ଜଣ ସୂଚନା ଅଧିକାରୀ (ରାଜ୍ୟସଦରମହକୁମା ସୂଚନା ଅଧିକାରୀଙ୍କୁ ମିଶାଇ) ଓ ୮ ଜଣ

ସହକାରୀ ସୂଚନା ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ସରକାରଙ୍କ ସମସ୍ତ ବିଭାଗଗୁଡ଼ିକୁ ୭ ଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରତ୍ୟେକ ଗ୍ରୁପରେ ଜଣେ ସୂଚନା ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ସୂଚନା ଅଧିକାରୀମାନେ ସଂପୃକ୍ତ ବିଭାଗର ପ୍ରେସ ବିଜ୍ଞପ୍ତି, ପ୍ରେସହ୍ୟାଣ୍ଡ ଆଉଟ୍, ବ୍ୟାଗ୍ରାଉଣ୍ଡର ଫିଚର ଆର୍ଟିକିଲ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସଂପର୍କୀୟ ସମ୍ବାଦ ସଂଗ୍ରହ କରି ବିଭିନ୍ନ ସମ୍ବାଦ ପତ୍ର, ସମ୍ବାଦ ସଂସ୍ଥା, ଏହାର ପ୍ରତିନିଧି ତଥା ଆକାଶବାଣୀ ଓ ଦୂରଦର୍ଶନର ସମ୍ବାଦ ଶାଖାକୁ ପ୍ରକାଶନ ଏବଂ ପ୍ରସାରଣ ପାଇଁ ଦେଇଥାନ୍ତି । ତତ୍ ସଙ୍ଗେ ସଙ୍ଗେ ବିଭିନ୍ନ ବିଭାଗ ସଂପର୍କରେ ପ୍ରକାଶିତ ଗୁରୁତ୍ୱ ପୂର୍ଣ୍ଣ ସମ୍ବାଦ ଏବଂ ଜନ ପ୍ରତିକ୍ରିୟା ସମ୍ବଳିତ ସମ୍ବାଦ ପତ୍ରାଂଶ ସଂପୃକ୍ତ ବିଭାଗର ମନ୍ତ୍ରୀ ଓ ଶାସନ ସଚିବଙ୍କୁ ଅବଗତ ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯୋଗାଇ ଦେଉଥାନ୍ତି । ଏହି ବିଭାଗ ପକ୍ଷରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ ଲେଖାଏଁ ଲୋକସଂପର୍କ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି ।

ଏହା ବ୍ୟତୀତ ଉକ୍ତ ବିଭାଗ ତରଫରୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନଠାରେ, ଭୁବନେଶ୍ୱରର ରାଜ୍ୟ ସୂଚନା ଭବନଠାରେ ଏବଂ ରାଜ୍ୟପାଳ ଭବନ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟେଲିପ୍ରିଣ୍ଟର ସ୍ଥାପନ କରାଯାଇଛି । ଏହା ଛଡ଼ା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ମଧ୍ୟ ନିୟୁଜ୍ ସ୍ଲାଜ ସେବା ଯୋଗାଇ ଦିଆଯାଇଛି ।

ରାଜ୍ୟ, ଜିଲ୍ଲା, ସବ୍‌ଡିଭିଜନ ତଥା ବ୍ଲକ ସ୍ତରୀୟ ସମ୍ବାଦପତ୍ର/ସମ୍ବାଦ ସରବରାହ ସଂସ୍ଥାରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ମଧ୍ୟ ଉକ୍ତ ବିଭାଗ ତରଫରୁ ଯୋଗାଇ ଦିଆଯାଇଛି । ଦୁଃସ୍ଥ ସାମ୍ବାଦିକମାନଙ୍କର ଓ ମୃତ ସାମ୍ବାଦିକମାନଙ୍କର ନିର୍ଭରଶୀଳ ପରିବାରଙ୍କ କଲ୍ୟାଣାର୍ଥେ ଏହି ବିଭାଗ ତରଫରୁ ୧୯୮୮-୮୯ ଆର୍ଥିକ ବର୍ଷରୁ ୫ ଲକ୍ଷ ଟଙ୍କା ମୂଳଧନ ସହ ଏକ ପାଣ୍ଠି ଆରମ୍ଭ କରାଯାଇଛି । ୧୯୯୬-୯୭ ଆର୍ଥିକ ବର୍ଷରେ ଜଣେ ସାମ୍ବାଦିକଙ୍କୁ ଉକ୍ତ କଲ୍ୟାଣ ପାଣ୍ଠିର ସୁଧ ବାବଦ ୫୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

ଉକ୍ତ ବିଭାଗ ତରଫରୁ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ବସରେ ମାଗଣା ଯାତାୟତ କରିବାର ସୁଯୋଗ ଦିଆଯାଇଛି । ଯାହା ଫଳରେ ରାଜ୍ୟ ସ୍ତରୀୟ ସାମ୍ବାଦିକମାନେ ୧୫୦୦ କି.ମି. ପର୍ଯ୍ୟନ୍ତ, ଜିଲ୍ଲାସ୍ତରୀୟ ସାମ୍ବାଦିକମାନେ ୭୫୦ କି.ମି ପର୍ଯ୍ୟନ୍ତ, ଉପଖଣ୍ଡ ସ୍ତରୀୟ ସାମ୍ବାଦିକମାନେ ୩୭୫ କି.ମି. ପର୍ଯ୍ୟନ୍ତ ତଥା ବ୍ଲକ ସ୍ତରୀୟ ସାମ୍ବାଦିକମାନେ ୨୫୦ କି.ମି. ପର୍ଯ୍ୟନ୍ତ ୧ ମାସ ମଧ୍ୟରେ ଯାତ୍ରା କରିପାରିବେ ।

ଏତଦ୍‌ବ୍ୟତୀତ ବିଭିନ୍ନ ସଭା ସମିତିରେ ଯୋଗ ଦେବା ଲାଗି କିମ୍ବା କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମର ପରିଦର୍ଶନ ନିମନ୍ତେ ସାମ୍ବାଦିକମାନଙ୍କୁ ଯାତାୟତର ସୁବିଧା ସୁଯୋଗ ମଧ୍ୟ ଉକ୍ତ ବିଭାଗ ତରଫରୁ ଯୋଗାଇ ଦିଆଯାଇଥାଏ । ବିଭିନ୍ନ ଛୁଟିଦିନ ତଥା ଅସମୟରେ ବିଭିନ୍ନ ସାମ୍ବାଦିକମାନଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ଉକ୍ତ ବିଭାଗର ରାଜ୍ୟ ସଦର ମହକୁମାଠାରେ ଗୋଟିଏ ସମ୍ବାଦ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି ।

ଉକ୍ତ ସମ୍ବାଦ ସୂଚନା ଶାଖାର କାର୍ଯ୍ୟ ତୁଲାଇବା ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୫.୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପ୍ରକାଶନ

ଉକ୍ତ ବିଭାଗ ତରଫରୁ ୨ଟି ମାସିକ ପତ୍ରିକା ଯଥା ଉତ୍କଳ ପ୍ରସଙ୍ଗ ଓଡ଼ିଆ ଭାଷାରେ ଏବଂ ଓଡ଼ିଶା ରିଭ୍ୟୁ ଇଂରାଜୀ ଭାଷାରେ ପ୍ରକାଶିତ ହେଉଛି । ଏଥିରେ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସଂପର୍କରେ ଲେଖା ବିଭିନ୍ନ ଖ୍ୟାତି ସଂପନ୍ନ ଲେଖକମାନଙ୍କ ଦ୍ୱାରା ଓଡ଼ିଶାର ସାମାଜିକ, ଅର୍ଥନୈତିକ, କଳା ଓ ସଂସ୍କୃତି ସଂପର୍କିତ ତଥ୍ୟାବଳୀ ପରିବେଷଣ କରାଯାଉଥାଏ । ଏତଦ୍ ବ୍ୟତୀତ ଫୋଲଡ଼ର, ପ୍ରଚାର ପତ୍ର, କ୍ଷୁଦ୍ର ପୁସ୍ତିକା ଏବଂ ଫିଚରଗୁଡ଼ିକର ଅନୁବାଦ ଓ ସଂକଳନର ଦାୟିତ୍ୱ ଏହି ବିଭାଗର ରଚନା ଶାଖା ଉପରେ ନ୍ୟସ୍ତ କରାଯାଇଛି । ୧୯୯୬-୯୭ ବର୍ଷରେ ଏହି ବିଭାଗ ତରଫରୁ ନିମ୍ନଲିଖିତ ପୁସ୍ତିକାମାନ ପ୍ରକାଶ କରାଯାଇଛି ।

୧. ବି.ଆର. ଆମ୍ବେଦକର ଫୋଲଡ଼ର (ଓଡ଼ିଆ)
୨. ଶ୍ରୀ ଜୟଦେବ ଫୋଲଡ଼ର (ଓଡ଼ିଆ)
୩. ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଫୋଲଡ଼ର (ଓଡ଼ିଆ)
୪. ଉତ୍କଳ ଗୌରବ ମଧୁସୂଦନ ଫୋଲଡ଼ର (ଓଡ଼ିଆ)
୫. ୧୯୯୬ ନବକଳେବର ରଥଯାତ୍ରା ଉପଲକ୍ଷେ ପ୍ରକାଶିତ ସୂଚନା ପୁସ୍ତିକା ଉଭୟ ଇଂରାଜୀ ଓ ଓଡ଼ିଆ (କ୍ଷୁଦ୍ର ପୁସ୍ତିକା)
୬. ନବକଳେବର ରଥଯାତ୍ରା - ୧୯୯୬, କ୍ଷୁଦ୍ର ପୁସ୍ତିକା, ଓଡ଼ିଆ ଏବଂ ଇଂରାଜୀ ।
୭. ଶ୍ରୀ ଜଗନ୍ନାଥ, ପୁରୀ ସଂପର୍କରେ କେତେକ ଜ୍ଞାତବ୍ୟ ତଥ୍ୟ (ଓଡ଼ିଆ)
୮. ବଳଦେବ ଜୀଉ ରଥଯାତ୍ରା, କେନ୍ଦ୍ରାପଡ଼ା ଫୋଲଡ଼ର (ଓଡ଼ିଆ)
୯. ଦାରିଦ୍ର୍ୟ ଦୂରୀକରଣ ଓ ଆର୍ଥିକ ବିକାଶ ପାଇଁ ଉତ୍ସାତ ଶିଳ୍ପ, ଫୋଲଡ଼ର (ଓଡ଼ିଆ)
୧୦. ଶହୀଦ ବାଜିରାଉତ, ଫୋଲଡ଼ର (ଓଡ଼ିଆ)
୧୧. ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଫୋଲଡ଼ର (ଓଡ଼ିଆ)
୧୨. ଶହୀଦ ଲକ୍ଷ୍ମୀ ରାଜଗୁରୁ, ଫୋଲଡ଼ର (ଓଡ଼ିଆ)
୧୩. ଶହୀଦ ବିର୍ସାମୁଣ୍ଡା, ଫୋଲଡ଼ର (ଓଡ଼ିଆ)
୧୪. ଶହୀଦ ଲକ୍ଷ୍ମଣ ନାଏକ, ଫୋଲଡ଼ର (ଓଡ଼ିଆ)
୧୫. ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ଫୋଲଡ଼ର (ଓଡ଼ିଆ)
୧୬. ବିପ୍ଳବୀ ଚାଖିଖୁଣ୍ଟିଆ, ଫୋଲଡ଼ର (ଓଡ଼ିଆ)
୧୭. ବୀର ସୁରେନ୍ଦ୍ର ସାଏ, ଫୋଲଡ଼ର (ଓଡ଼ିଆ)
୧୮. ବକ୍ସି ଜଗବନ୍ଧୁ, ଫୋଲଡ଼ର (ଓଡ଼ିଆ)
୧୯. ନେତାଜୀ ସୁଭାଷଚନ୍ଦ୍ର ବୋଷ, ଫୋଲଡ଼ର (ଓଡ଼ିଆ)
୨୦. ନେତାଜୀ ସୁଭାଷଚନ୍ଦ୍ର ବୋଷ, ପୁସ୍ତକ (ରଚନା-ବଳରାମ ମହାନ୍ତି)- ଓଡ଼ିଆ

୨୧. ରାଜ୍ୟ କୃଷି ନୀତି (କ୍ଷୁଦ୍ର ପୁସ୍ତିକା)
୨୨. ଆଇ.ଆଇ.ଟି. ଏଫ ନୂଆଦିଲ୍ଲୀ ଫୋଲଡ଼ର (ଇଂରାଜୀ)

୧୯୯୭-୯୮ ଆର୍ଥିକ ବର୍ଷରେ ପ୍ରକାଶନ ୟୁନିଟ ପାଇଁ ୧୬.୨୫ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

## ଦୂରଦର୍ଶନ ସମ୍ବାଦ ପ୍ରସାରଣ ୟୁନିଟ୍

ଦୂରଦର୍ଶନ ଜରିଆରେ ଜାତୀୟ କାର୍ଯ୍ୟକ୍ରମ, ଆଞ୍ଚଳିକ ସମ୍ବାଦ ବୁଲେଟିନ ଓ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସମ୍ବାଦ ପ୍ରସାରଣ ନିମନ୍ତେ ଏହି ବିଭାଗର ଦୂରଦର୍ଶନ ୟୁନିଟ କାର୍ଯ୍ୟ କରିଥାଏ । ୧୯୯୬-୯୭ ବର୍ଷ ମଧ୍ୟରେ ଏହି ୟୁନିଟ ପକ୍ଷରୁ ୯୦୯ ଟି କାର୍ଯ୍ୟକ୍ରମର ଦୂରଦର୍ଶନ ଚିତ୍ର ଉତ୍ତୋଳନ କରାଯାଇଛି । ସେଗୁଡ଼ିକ ହେଲା, ନବକଳେବର, କୋଣାର୍କ ନୃତ୍ୟ ଉତ୍ସବ ଏବଂ ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ବାଣିଜ୍ୟ ମେଳା ସଂପର୍କିତ ଏକ ପ୍ରାମାଣିକ ଚିତ୍ର ।

ଏହି ୟୁନିଟ୍ ପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ୩୯.୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଫଟୋ ୟୁନିଟ୍

ଚଳିତ ଆର୍ଥିକ ବର୍ଷରେ ଏହି ୟୁନିଟ୍ ତରଫରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ୧୮୦୦ ରୁ ଉର୍ଦ୍ଧ୍ୱ ଫଟୋଚିତ୍ର ଉତ୍ତୋଳନ କରାଯାଇଥିଲା । ତନ୍ମଧ୍ୟରୁ ୧୪,୧୦୦ ଟି ଫଟୋଚିତ୍ର ପ୍ରସ୍ତୁତ କରାଯାଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ନିମନ୍ତେ ତଥା ରାଜ୍ୟ ସୂଚନା ଭବନକୁ ଯୋଗାଇ ଦିଆଯାଇଛି ।

ଚଳିତବର୍ଷ ଏହିୟୁନିଟ ତରଫରୁ ବିଭିନ୍ନ ରାଜ୍ୟ ସ୍ତରୀୟ ଉତ୍ସବ ଏବଂ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ବିଶ୍ୱ ବାଣିଜ୍ୟ ମେଳାରେ ବିଭିନ୍ନ ଦିବସର କାର୍ଯ୍ୟକ୍ରମ ସଂପର୍କିତ ଫଟୋଚିତ୍ର ଉତ୍ତୋଳନ କରାଯାଇ ବିଭିନ୍ନ ଜାତୀୟ ସ୍ତରର ସମ୍ବାଦପତ୍ରରେ ପ୍ରକାଶ ପାଇଁ ଦିଆଯାଇଥିଲା ।

ଏହି ୟୁନିଟ୍ ତରଫରୁ ଚଳିତବର୍ଷ ବିଶିଷ୍ଟ ବ୍ୟକ୍ତି ତଥା ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀଙ୍କର ଗସ୍ତ ସମୟରେ ଫଟୋ ଉତ୍ତୋଳନ କରାଯାଇଥିଲା । ବିଭାଗୀୟ ମୁଖପତ୍ର ଉତ୍କଳପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁରେ ପ୍ରକାଶ ପାଇଁ ସରକାରୀ କାର୍ଯ୍ୟକ୍ରମ ଓ ତା'ର ସଫଳତା ଭିତ୍ତିକ ବିଭିନ୍ନ ଫଟୋଚିତ୍ର ଦିଆଯାଇଥାଏ । ରାଜ୍ୟର ଅନ୍ୟାନ୍ୟ ପତ୍ର ପତ୍ରିକା ଗୁଡ଼ିକୁ ସେମାନଙ୍କର ଚାହିଦା ମୁତାବକ ଫଟୋ ମଧ୍ୟ ଉକ୍ତ ୟୁନିଟ୍ ତରଫରୁ ଯୋଗାଇ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ଚଳିତ ବର୍ଷଠାରୁ ଏହି ୟୁନିଟ୍‌ର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୩ଟି ଜୋନରେ ଆଉ ଅଧିକ ୩ଜଣ ଫଟୋଗ୍ରାଫରଙ୍କୁ ନିଯୁକ୍ତି ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏହି ଫଟୋ ୟୁନିଟ୍ ପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ମୋଟ ୬.୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଚଳଚ୍ଚିତ୍ର ପ୍ରଯୋଜନା ଓ କ୍ରୟ

ଚଳଚ୍ଚିତ୍ର ହେଉଛି ଗଣ ମାଧ୍ୟମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ସରକାରଙ୍କର ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡ଼ିକ ଗାଁ ଗଣ୍ଡା ତଥା ହରିଜନ, ଆଦିବାସୀ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଏହି ବିଭାଗ ଦ୍ୱାରା କାର୍ଯ୍ୟ କରୁଥିବା ଚଳଚ୍ଚିତ୍ର ୟୁନିଟ୍‌ଟି କେବଳ ଯେ ସମ୍ବାଦ ପରିକ୍ରମା ତଥା ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜନା କରେ ତା' ନୁହେଁ ଏତଦ୍‌ବ୍ୟତୀତ ସିନେମାହଲ ଗୁଡ଼ିକରେ ଚାଲୁଥିବା ୩୫ ମି.ମି.ର ଚଳଚ୍ଚିତ୍ର ମଧ୍ୟ ଏହି ବିଭାଗ ଦ୍ୱାରା କରାଯାଇଥାଏ ।

ବିଭିନ୍ନ ଅଫିସ ଏବଂ ଅନୁଷ୍ଠାନଗୁଡ଼ିକ ସେମାନଙ୍କର କାର୍ଯ୍ୟାବଳୀ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ପାଇଁ ଏହି ବିଭାଗକୁ ଅର୍ଥ ଯୋଗାଇ ଦେଇଥାନ୍ତି । କେବଳ ଯେ ଏହି ବିଭାଗ ନିଜର କୁଶଳୀ କର୍ମଚାରୀମାନଙ୍କ ଦ୍ୱାରା ପ୍ରାମାଣିକ ଚଳଚ୍ଚିତ୍ରଗୁଡ଼ିକ ପ୍ରସ୍ତୁତ କରିଥାଏ ତା' ନୁହେଁ ଆବଶ୍ୟକ ସ୍ଥଳେ ବାହାରର ସ୍ୱୀକୃତି ପ୍ରାପ୍ତ ଘରୋଇ ଚଳଚ୍ଚିତ୍ର ପ୍ରସ୍ତୁତକାରୀମାନଙ୍କୁ ମଧ୍ୟ ଏଥିରେ ସଂଶ୍ଳିଷ୍ଟ କରିଥାଏ ।

ଚଳିତ ବର୍ଷ ଯୋଜନା ଅନ୍ତର୍ଗତ ଚଳଚ୍ଚିତ୍ର ପ୍ରଯୋଜନା ଏବଂ କ୍ରୟ ନିମନ୍ତେ ୧୮.୮୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ୩ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି ଏବଂ ୯ ଟି ପ୍ରାମାଣିକ ଚଳଚ୍ଚିତ୍ରର ପ୍ରସ୍ତୁତି ଚାଲିଛି । ଏତଦ୍ ବ୍ୟତୀତ ୧୪ ଟି ପ୍ରାମାଣିକ ଚଳଚ୍ଚିତ୍ରର ନକଲ ପୁନଃ ପ୍ରସ୍ତୁତି କରାଯାଇଛି । ଉକ୍ତ ବିଭାଗର ଭ୍ରାମ୍ୟମାଣ ପ୍ରଚାର ୟୁନିଟ୍ ତରଫରୁ ପ୍ରଦର୍ଶନ କରାଯିବା ନିମନ୍ତେ ୨ଟି ଓଡ଼ିଆ ଚଳଚ୍ଚିତ୍ର କରାଯାଇଛି ଏବଂ ଆଉ ୪ ଟି ଓଡ଼ିଆ ଚଳଚ୍ଚିତ୍ର କ୍ରୟ କରାଯିବାର ପ୍ରସ୍ତାବ ରହିଛି । ଏହି ବିଭାଗର ଏକ ନିଜସ୍ୱ ଚଳଚ୍ଚିତ୍ର ଲାଇବ୍ରେରୀ ଅଛି । ଉକ୍ତ ବିଭାଗ ତରଫରୁ ଚଳଚ୍ଚିତ୍ର ୟୁନିଟ୍ ପାଇଁ ୧୯୯୬-୯୭ ଆର୍ଥିକ ବର୍ଷରେ ଚଳଚ୍ଚିତ୍ର ପ୍ରଯୋଜନା ଓ କ୍ରୟ ନିମନ୍ତେ ୨୧.୪୬ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୧୬.୨୮ ଲକ୍ଷ ଟଙ୍କା ଅଟକଳ କରାଯାଇଛି ।

## ରେଡ଼ିଓ ଟେଲିଭିଜନ ସଂପ୍ରସାରଣ

ସଂପ୍ରତି ରାଜ୍ୟର ସୁନାବେଡ଼ାଠାରେ ଗୋଟିଏ ଟ୍ରାନ୍ସପୋଣ୍ଡରକୁ ମିଶାଇ ୩ଟି ଉଚ୍ଚ ଶକ୍ତି ସମ୍ପନ୍ନ ଓ ୬୪ ଟି ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟି.ଭି. ଟ୍ରାନ୍ସମିଟର କାର୍ଯ୍ୟ କରୁଛି । ଏହା ଫଳରେ ରାଜ୍ୟରେ ଶତକଡ଼ା ୮୩ ଭାଗ ଜନସାଧାରଣ ଉପକୃତ ହୋଇପାରିଛନ୍ତି । ରାଜ୍ୟ ସରକାର ଅଷ୍ଟମ ଯୋଜନାକାଳ ମଧ୍ୟରେ ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲାଠାରେ ଥିବା ଟି.ଭି. ଟ୍ରାନ୍ସମିଟରକୁ ଅଧିକ ଶକ୍ତି ସମ୍ପନ୍ନ କରିବା ସଙ୍ଗେ ସଙ୍ଗେ ଆଉ ୨୫ ଗୋଟି ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟି.ଭି. ଟ୍ରାନ୍ସମିଟର ପ୍ରତିଷ୍ଠା କରିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହା ଦ୍ୱାରା ରାଜ୍ୟର ଶତକଡ଼ା ୧୦୦ ଭାଗ ଜନସାଧାରଣ ଉପକୃତ ହେବାର ସୁଯୋଗ ଲାଭ କରିବେ ।

ସମ୍ପ୍ରତି ଆମ ରାଜ୍ୟରେ ୧୨ ଗୋଟି ବେତାର କେନ୍ଦ୍ର କାର୍ଯ୍ୟ କରୁଅଛି ଏବଂ ସମ୍ବଲପୁର ବେତାର କେନ୍ଦ୍ରକୁ ଅଧିକ ଶକ୍ତି ସମ୍ପନ୍ନ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଗୋଷ୍ଠୀଶ୍ରବଣ ଯୋଜନା

ମାଧ୍ୟମରେ ବିଭିନ୍ନ ସଂସ୍ଥାକୁ ୧୧,୬୬୪ ଟି ରେଡ଼ିଓ ସେଟ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୩୭୭୧ ଟି ରେଡ଼ିଓ ସେଟ କାର୍ଯ୍ୟକ୍ଷମ ଅଛି ଏବଂ ଅବଶିଷ୍ଟ ରେଡ଼ିଓ ସେଟ ଗୁଡ଼ିକର ଯନ୍ତ୍ରାଂଶ ଏବଂ ବ୍ୟାଟେରୀ ବଜାରରେ ମିଳୁନଥିବା ହେତୁ ଅଚଳ ହୋଇ ରହିଛି । ଉକ୍ତ ଯୋଜନା ଅନୁଯାୟୀ ଏଫ.ଏମ୍ ରେଡ଼ିଓ ସେଟ୍ ବିଭିନ୍ନ ସଂସ୍ଥାକୁ ଯୋଗାଇ ଦିଆଯାଇଛି ।

ସମ୍ପ୍ରତି ଗୋଷ୍ଠୀ ମଣ୍ଡଳ ଅଧୀନସ୍ଥ ଢେଙ୍କାନାଳ, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ଫୁଲବାଣୀର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୯୬୫ ଟି ଡ଼ି.ଆର. ଏସ./ଭି. ଏଚ. ଏଫ. ଗୋଷ୍ଠୀ ଦର୍ଶନ ଟି.ଭି ସେଟ ସ୍ଥାପନ ଏବଂ ଏଗୁଡ଼ିକ ରକ୍ଷଣାବେକ୍ଷଣ ଦାୟିତ୍ୱ ଏହି ବିଭାଗ ଦ୍ୱାରା ସମ୍ପନ୍ନ କରାଯାଉଛି । ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ପାଠାଗାରରେ ଥିବା ୭୬ ଟି ରଙ୍ଗୀନ ଟି.ଭି. ସେଟର ରକ୍ଷଣା ବେକ୍ଷଣ ଦାୟିତ୍ୱ ଏହି ବିଭାଗ ବହନ କରୁଛି । ରାଜ୍ୟରେ ଥିବା ୫୨୬୩ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୭୫୩ ଟି ଗ୍ରାମ ପଞ୍ଚାୟତକୁ ରଙ୍ଗୀନ ଟି.ଭି. ସେଟ ଯୋଗାଇ ଦିଆଯାଇଛି । ସେଥିପାଇଁ ରାଜ୍ୟ ସରକାର ଟି.ଭି. ମୂଲ୍ୟର ଶତକଡ଼ା ୭୫ ଭାଗ ବହନ କରନ୍ତି ଏବଂ ଅବଶିଷ୍ଟ ୨୫ ଭାଗ ସଂପୃକ୍ତ ଗ୍ରାମ ପଞ୍ଚାୟତ ବହନ କରିଥାଏ ।

ଉକ୍ତ ପରିକଳ୍ପନା ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୧୪.୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ବିଜ୍ଞାପନ

ସମ୍ବାଦପତ୍ର ଓ ପତ୍ରିକା ମାଧ୍ୟମରେ ପ୍ରକାଶନ ହେଉଛି ଏକ ଫଳପ୍ରଦ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଚାର ମାଧ୍ୟମ । ବିଭିନ୍ନ ପ୍ରଜ୍ଞାପନ ମୂଳକ ବିଜ୍ଞାପନ ବ୍ୟତୀତ ଟେଣ୍ଡର ନୋଟିସ୍, କୋଟେସନ୍ ନୋଟିସ, ନିଯୁକ୍ତି ବିଜ୍ଞାପନ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖାଇବା ଲାଗି ପ୍ରବେଶିକା ନୋଟିସ୍ ତଥା ଶ୍ରେଣୀଭୁକ୍ତ ବିଜ୍ଞାପନ ପ୍ରଭୃତି ଏହି ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଗୋଚରାର୍ଥେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ କରାଯାଏ । ଏହି ବିଭାଗ ଜରିଆରେ ବିଭିନ୍ନ ନିଗମ ଓ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକର ଟେଣ୍ଡର ନୋଟିସ୍ ପ୍ରଭୃତି ମଧ୍ୟ ଜାତୀୟ ତଥା ସ୍ଥାନୀୟ ଦୈନିକ ସମ୍ବାଦପତ୍ର ଗୁଡ଼ିକରେ ପ୍ରକାଶିତ ହୋଇଥାଏ ।

ବିଭିନ୍ନ ସମ୍ବାଦପତ୍ର ଗୁଡ଼ିକୁ ଯେପରି ଆନୁପାତିକ ଭିତ୍ତିରେ ବିଜ୍ଞାପନ ମିଳିପାରିବ, ସେଥି ନିମନ୍ତେ ସମ୍ବାଦପତ୍ରର ପ୍ରସାରଣ ସଂଖ୍ୟାକୁ ବିଚାରକୁ ନେଇ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ଦିଆଯିବା ଲାଗି ସ୍ଥିର କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଏହି ବିଭାଗ ପକ୍ଷରୁ ୨୧୪ କୋଟି ପ୍ରଜ୍ଞାପନ ଓ ବିଜ୍ଞାପନ ପ୍ରକାଶ କରାଯାଇଛି । ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା/ଅଣଯୋଜନା ମାଧ୍ୟମରେ ବିଜ୍ଞାପନ ପ୍ରକାଶନ ନିମନ୍ତେ ୫୨ ଲକ୍ଷ ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଥିଲା, ଏତଦ୍‌ବ୍ୟତୀତ ଭୂମିକମ୍ପ ବିଜ୍ଞାପନ ପ୍ରକାଶନ ନିମନ୍ତେ ୨୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ବିଜ୍ଞାପନଗୁଡ଼ିକୁ ଉପଯୁକ୍ତ ଆକାରରେ ପ୍ରକାଶନ ନିମନ୍ତେ ଏହି ବିଭାଗରେ ଗୋଟିଏ ଡ଼ି.ଟି.ପି. ମେସିନ ସ୍ଥାପନ କରାଯାଇଛି ।

୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ବିଜ୍ଞାପନ ପ୍ରକାଶନ ନିମନ୍ତେ ୭୭.୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଗବେଷଣା ଓ ତଥ୍ୟ ସୂଚନା ଓ ପ୍ରଶିକ୍ଷଣ

ଗବେଷଣା, ତଥ୍ୟ ସୂଚନା ଓ ପ୍ରଶିକ୍ଷଣ ଉପବିଭାଗ ଆବଶ୍ୟକତା ଦୃଷ୍ଟିରୁ ଓ ଗବେଷକ ମାନଙ୍କର ବ୍ୟବହାର ପାଇଁ ବିଭିନ୍ନ ବିଷୟରେ ତଥ୍ୟ ସଂଗ୍ରହ କରି ଯୋଗାଇ ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଏଭଳି ତଥ୍ୟ ଉପଯୋଗ ପାଇଁ ସଂରକ୍ଷିତ କରି ରଖିଥାଏ । ଏହି ଉପବିଭାଗରେ ଏକ ପାଠାଗାର ମଧ୍ୟ ରହିଛି । ଏହି ପାଠାଗାରରେ ବିଭିନ୍ନ ଫଟୋ ତଥ୍ୟ ସମ୍ବଳିତ ପୁସ୍ତକ, ମାନଚିତ୍ର, କ୍ଷୁଦ୍ର ପ୍ରଚାର ପୁସ୍ତିକା ତଥା ପ୍ରାଚୀର ପତ୍ରମାନ ରଖାଯାଇଛି । ପ୍ରଶିକ୍ଷଣ ଶିବିର, କର୍ମଶାଳା, ଆଲୋଚନା ସଭା ମାଧ୍ୟମରେ ଏହି ଉପବିଭାଗ ଦ୍ୱାରା ବିଭାଗୀୟ ଅଧିକାରୀମାନଙ୍କୁ ଗଣ ମାଧ୍ୟମ ସଂପର୍କୀୟ ପ୍ରଶିକ୍ଷଣ ଦେବା ପାଇଁ ପଦକ୍ଷେପ ମାନ ଗ୍ରହଣ କରାଯାଉଛି । ଏ ବାବଦରେ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୬-୯୭ ମସିହା ଯୋଜନା ଅଟକଳ ଅନୁଯାୟୀ ଏହି ଉପବିଭାଗ ପାଇଁ ୧.୨୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

## ଓଡ଼ିଆ ଅନୁବାଦକଙ୍କ କାର୍ଯ୍ୟାଳୟ

ସରକାରଙ୍କ ଓଡ଼ିଆ ଅନୁବାଦକଙ୍କ କାର୍ଯ୍ୟାଳୟ ଏହି ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନରେ କାର୍ଯ୍ୟ କରୁଅଛି । ଏହି କାର୍ଯ୍ୟାଳୟର ମୁଖ୍ୟ ଦାୟିତ୍ୱ ହେଉଛି ଦୈନିକ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଉଥିବା ରାଜ୍ୟର ପରିସ୍ଥିତି ଓ ସରକାରଙ୍କର ଯୋଜନା ସମ୍ପର୍କରେ ଲୋକମାନଙ୍କର ପ୍ରତିକ୍ରିୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା । ଏହି କାର୍ଯ୍ୟାଳୟ ପକ୍ଷରୁ ଦୈନିକ ସମ୍ବାଦ ପରିକ୍ରମା ପ୍ରସ୍ତୁତ କରାଯାଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ପଠାଯାଇଥାଏ । ୧୯୯୬-୯୭ ବର୍ଷରେ ଏହି କାର୍ଯ୍ୟାଳୟ ପକ୍ଷରୁ ୩୧୩୭ ଟି ସମ୍ବାଦ ପରିକ୍ରମା ପଠାଯାଇଛି ।

ଏହି ଶାଖା ପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ମୋଟ ୩.୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ସ୍ୱତନ୍ତ୍ର ଉତ୍ସବ ପାଳନ

ଏହି ବିଭାଗ ତରଫରୁ ସ୍ୱାଧୀନତା ଦିବସ, ଗାନ୍ଧୀଜୟନ୍ତୀ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ଶହୀଦ ଦିବସ ଏବଂ ବିଭିନ୍ନ ମହାପୁରୁଷ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କର ଜୟନ୍ତୀ/ଶ୍ରାଦ୍ଧ ଦିବସ ପ୍ରଭୃତି ସ୍ୱତନ୍ତ୍ର ଉତ୍ସବ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟ, ଜିଲ୍ଲା ତଥା ଉପଖଣ୍ଡ ସଦର ମହକୁମା ମାନଙ୍କରେ ପାଳନ କରାଯାଇଥାଏ । ଏହିସବୁ ଉତ୍ସବ ପାଳନ ନିମନ୍ତେ ୪.୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏତଦ୍‌ବ୍ୟତୀତ ଏହି ବିଭାଗ ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଡକ୍ଟର ରାଧାନାଥ ରଥଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା ।

ଏଥିନିମନ୍ତେ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା । ନବକଳେବର ରଥଯାତ୍ରା ସମୟରେ ନୂଆଦିଲ୍ଲୀ, କଲିକତା, ପୁରୀ ଏବଂ ଅନ୍ୟାନ୍ୟ ସ୍ଥାନକୁ ସୂଚନା ଯୋଗାଇ ଦିଆଯାଉ ଥିଲା । ଏଥିନିମନ୍ତେ ୧୨.୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

ଏହିସବୁ ସ୍ୱତନ୍ତ୍ର ଉତ୍ସବମାନ ପାଳନ ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷରେ ୧୪.୩୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ସଙ୍ଗୀତ ଓ ନାଟକ ସେବା

ସହରାଞ୍ଚଳ ଓ ଗ୍ରାମାଞ୍ଚଳଗୁଡ଼ିକରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ଯଥା ଯଥ ଭାବେ ପ୍ରଚାର କରିବା ଲାଗି ଏହି ବିଭାଗ ତରଫରୁ ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ୧୯୯୬-୯୭ ମସିହା ମଧ୍ୟରେ ୩୬୦ ଟି କାର୍ଯ୍ୟକ୍ରମର ଆୟୋଜନ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିଲା ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ଟଙ୍କା ବ୍ୟୟ ନିମନ୍ତେ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ସୂଚନା କେନ୍ଦ୍ର

ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଗୁଡ଼ିକରେ ସୂଚନା କେନ୍ଦ୍ର ତଥା ପାଠାଗାର ଗୁଡ଼ିକ ଖୋଲାଯାଇଛି । ଏହି କେନ୍ଦ୍ରମାନଙ୍କରେ ଜନସାଧାରଣଙ୍କୁ ପୁସ୍ତିକା, ପତ୍ରିକା, ସମ୍ବାଦପତ୍ର ଏବଂ ପ୍ରଚାର ପୁସ୍ତିକାମାନ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ସବିଶେଷ ବିବରଣୀ ଯୋଗାଇ ଦିଆଯାଇଥାଏ ଓ ଉଭୟ ଟି.ଭି. ଓ ରେଡ଼ିଓ ମାଧ୍ୟମରେ ମଧ୍ୟ ପ୍ରଚାର କାରାଯାଇଥାଏ । ସଂପ୍ରତି ରାଜ୍ୟର ୭୯ ଗୋଟି ସୂଚନା କେନ୍ଦ୍ର ଓ ପାଠାଗାର ଖୋଲାଯାଇଛି ଏବଂ ଭବିଷ୍ୟତରେ ଆଉ କେତୋଟି ସୂଚନା କେନ୍ଦ୍ର ତଥା ପାଠାଗାର ଖୋଲାଯିବାର ପ୍ରସ୍ତାବ ରହିଛି । ଏତଦ୍ ବ୍ୟତୀତ ରାଜ୍ୟର ସଦର ମହକୁମାଠାରେ ଏହି ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରାଜ୍ୟ ସୂଚନା କେନ୍ଦ୍ର କାର୍ଯ୍ୟ କରୁଅଛି, ଯାହାକି ''ସୂଚନା ଭବନ'' ରୂପେ ସାଧାରଣରେ ପରିଚିତ । ରାଜ୍ୟ ସୂଚନା କେନ୍ଦ୍ରର ପାଠାଗାରରେ ରାଜଧାନୀର ବୁଦ୍ଧିଜୀବି, ଗବେଷକ, ଛାତ୍ରଛାତ୍ରୀ ତଥା ସାଧାରଣ ପାଠକମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ୨୨,୧୯୪ ଟି ପୁସ୍ତକ ରଖାଯାଇଛି । ଏତଦ୍ ବ୍ୟତୀତ ୨୪ ଗୋଟି ଦୈନିକ ଖବର କାଗଜ (ଜାତୀୟ ଓ ଆଞ୍ଚଳିକ ସ୍ତରର), ୩୭ ଗୋଟି ସାପ୍ତାହିକ, ପାକ୍ଷିକ ଓ ମାସିକ ପତ୍ରିକା ସାଧାରଣ ପାଠକମାନଙ୍କୁ ଯୋଗାଇ ଦିଆଯାଉଛି । ରାଜ୍ୟ ସୂଚନା କେନ୍ଦ୍ରର ଗବେଷଣା ଓ ତଥ୍ୟ ସୂଚନା ଶାଖାରେ ପୁରୁଣା ସମ୍ବାଦପତ୍ର ଓ ପତ୍ରିକା, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବାର୍ଷିକ ରିପୋର୍ଟ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ସଂପର୍କିତ ସୂଚନା ସଂରକ୍ଷିତ କରି ରଖାଯାଇଛି, ଯାହାକି ବିଭିନ୍ନ ସମୟରେ ସରକାରୀ ଆବଶ୍ୟକତାକୁ ପୂରଣ କରିବା ସଙ୍ଗେ ସଙ୍ଗେ ବହୁ ଗବେଷକ, ଅନୁସନ୍ଧିତ୍ସୁ ଓ ଛାତ୍ରଛାତ୍ରୀମାନଙ୍କୁ ଉପକୃତ କରିଆସୁଛି । ସଂପ୍ରତି ଏହି ଶାଖାରେ ୧୯୯୦ ମସିହାରୁ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରିକାଗୁଡ଼ିକୁ ଭବିଷ୍ୟତ ବ୍ୟବହାର ପାଇଁ ସଂରକ୍ଷିତକ କରି ରଖାଯାଇଛି । ଚଳିତ ବର୍ଷ ରାଜ୍ୟ ସୂଚନା କେନ୍ଦ୍ରକୁ ୧୫୦୦ ଜଣ ପାଠକ ଓ ୪୦୦ ଜଣ ଗବେଷକ ପରିଦର୍ଶନ କରିଛନ୍ତି । ଏତଦ୍ ବ୍ୟତୀତ ଦିଲ୍ଲୀ, କଲିକତା, ପୁରୀ (ସିଂହଦ୍ୱାର) ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରଠାରେ ସୂଚନା କେନ୍ଦ୍ର ଖୋଲାଯାଇଛି । ଏହି ବିଭାଗର ସୂଚନାକେନ୍ଦ୍ର ତଥା ପାଠାଗାର ମାନଙ୍କର ରକ୍ଷଣାବେକ୍ଷଣ ତଥା ପରିଚାଳନା ନିମନ୍ତେ ୩୪.୪୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା ।

ରାଜ୍ୟର ସୂଚନା କେନ୍ଦ୍ର ଓ ପାଠାଗାରଗୁଡ଼ିକୁ ଆହୁରି ବ୍ୟାପକ କରିବାକୁ ଏବଂ ସରକାର ସମସ୍ତ ବ୍ଲକ ସ୍ତରରେ ସୂଚନା କେନ୍ଦ୍ର ଓ ପାଠାଗାର ଖୋଲିବା ପାଇଁ ବ୍ୟବସ୍ଥା କରୁଛନ୍ତି । ଏଥିନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୩୩.୯୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପ୍ରଦର୍ଶନୀ

ସରକାରଙ୍କ ନୀତି ତଥା କାର୍ଯ୍ୟକ୍ରମ ଗୁଡ଼ିକୁ ଜନସାଧାରଣରେ ପ୍ରଦର୍ଶନ କରିବା ଲାଗି ଏହି ବିଭାଗ ପକ୍ଷରୁ ପ୍ରଦର୍ଶନୀ ମାନ ଅନୁଷ୍ଠିତ କରାଯାଇଥାଏ ।

ଚଳିତ ଆର୍ଥିକ ବର୍ଷରେ ଏହି ବିଭାଗ ତରଫରୁ ୯୭ ଟି ପ୍ରଦର୍ଶନୀ ଆୟୋଜନ କରାଯାଇଅଛି । ତନ୍ମଧ୍ୟରୁ ୩ଟି ରାଜ୍ୟସ୍ତରୀୟ, ୩୧ଟି ଜିଲ୍ଲାସ୍ତରୀୟ ତଥା ୩୪ଟି ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବିଭାଗ ଦ୍ୱାରା ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ପ୍ରତିବର୍ଷ ପରି ୧୯୯୬ ମସିହା ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଥିଲା । ପ୍ରଦର୍ଶନୀ ଆୟୋଜନ ନିମନ୍ତେ ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ୭୭.୩୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ତନ୍ମଧ୍ୟରୁ ୪୯.୪ ଲକ୍ଷ ଟଙ୍କା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ପୂର୍ବବର୍ଷରୁ ଥିବା ଅଗ୍ରୀମ ବାବଦରେ ଭରଣା କରାଯାଇଥିଲା ।

ଏହି ପ୍ରଦର୍ଶନୀ ଆୟୋଜନ ନିମନ୍ତେ ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ୩୨.୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପଲ୍ଲୀଶ୍ରୋତା ମଣ୍ଡଳୀ

ଏହି ବିଭାଗ ଅଧିନରେ ଗୋଟିଏ ପଲ୍ଲୀଶ୍ରୋତା ମଣ୍ଡଳୀ ଶାଖା କାର୍ଯ୍ୟ କରୁଅଛି । ଏହି ବିଭାଗ ତରଫରୁ ଅଧିକାଂଶ ପଲ୍ଲୀଶ୍ରୋତା ମଣ୍ଡଳୀକୁ ଏକ ରେଡ଼ିଓ ସେଟ୍ ଯୋଗାଇ ଦିଆଯାଉଛି । ଏହି ପଲ୍ଲୀଶ୍ରୋତା ମଣ୍ଡଳୀ ତରଫରୁ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୋଇଥାଏ । ଉକ୍ତ ଆଲୋଚନା ଚକ୍ର ଗୁଡ଼ିକରେ କୃଷି, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପ୍ରୌଢ଼ଶିକ୍ଷା ତଥା ଜନସାଧାରଣଙ୍କ କଲ୍ୟାଣ ନିହିତ ବିଷୟ ଗୁଡ଼ିକରେ ଜନସାଧାରଣଙ୍କୁ ପରାମର୍ଶ ଦେବା ପାଇଁ ସଂପୃକ୍ତ ବିଶେଷଜ୍ଞ ମାନଙ୍କୁ ନିମନ୍ତ୍ରିତ କରାଯାଇଥାଏ ।

## STATEMENT OF OWNERSHIP AND OTHER PARTICULARS ABOUT UTKAL PRASANGA

### FORM - IV

(See Rule - 8 )

| | | | |
|---|---|---|---|
| 1. | Place of publication | : | Bhubaneswar |
| 2. | Periodicity of its publication | : | Monthly |
| 3. | Printer's Name | : | Shri Ramesh Chandra Mohanty, IPS for and on behalf of Government of Orissa. |
| | Nationality | : | Indian |
| | Address | : | Director, Printing, Stationery and Publication, Orissa, Madhupatana, Cuttack - 753 010. |
| 4. | Publisher's Name | : | Shri Sashadhar Panigrahi, IAS, Director of Information and Public Relations & Ex-officio Joint Secretary to Government, Information and Public Relations Department, Bhubaneswar - 751 001. |
| 5. | Editor's Name | : | Shri Maheswar Mulia |
| | Nationality | : | Indian |
| | Address | : | Utkal Prasanga<br>Information and Public Relations Department, Government of Orissa, Bhubaneswar |
| | Name & Address of Individua own newspaper and partners or, shareholders holding more than percent of the total capital. | : | Government of Orissa, Bhubaneswar |

I, Shri Sashadhar Panigrahi, Director of Joint Secretary to Government, Informa hereby declare that the particulars given belief.

Sashadhar Panigrahi
*Signature of Publisher*
Dt. 21.3.97

OGP--MP--PTS(I. & P.R.)5--5,000--10-9-97



ଭୁବନେଶ୍ୱଠାରେ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ତ୍ରୟୋଦଶ ପୁସ୍ତକମେଳା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ତା ୨୬.୨.୯୭.



ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ ଓ ରାଜ୍ୟ ଲଳିତ କଳା କେନ୍ଦ୍ରର ମିଳିତ ଉଦ୍ୟମରେ ଆୟୋଜିତ କଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।